ମାଟିକାଦୁଅର ମଣିଷ

ଅଚ୍ୟୁତ ଦାସ

ଶିକ୍ଷାସନ୍ଧାନ
ଭୁବନେଶ୍ୱର

Digitized by srujanika@gmail.com

'ମାଟି ଜାଦୁଘର ମଣିଷ' ପୁସ୍ତକରେ ଅଚ୍ୟୁତ ବାବୁ ଭାରତବର୍ଷର ଆଠ କୋଟି ଆଦିବାସୀମାନଙ୍କ ଜୀବନ ସଂକଟ ଓ ଜ୍ୱଳନ୍ତ ସମସ୍ୟାର ଚିତ୍ର ଅପୂର୍ବ ଦକ୍ଷତାର ସହ ଅଙ୍କନ କରିଛନ୍ତି । ଓଡ଼ିଶାରେ ଆଦିବାସୀମାନଙ୍କ ସଂଖ୍ୟା ସମୁଦାୟ ଲୋକ ସଂଖ୍ୟାର ପ୍ରାୟ ତେଇଶି ଶତାଂଶ । କଳିଙ୍ଗ ନଗରରୁ କାଶୀପୁର ପର୍ଯ୍ୟନ୍ତ- ସର୍ବତ୍ର ଏମାନେ ନିଜର ଭୂମି ରକ୍ଷା ଲଢେଇରେ ଲିପ୍ତ ଅଛନ୍ତି । ସେମାନଙ୍କ ଅଧିକାରର ସୁରକ୍ଷା ଲାଗି ସେମାନଙ୍କୁ ସଂଗଠିତ କରିବା ପାଇଁ ସେମାନଙ୍କ ଭିତରେ ବିର୍ଶା ମୁଣ୍ଡା, ରେଣ୍ଡୋ ମାଝୀ, ଚକରା ବିଶୋୟୀ କିମ୍ବା ଧରଣୀ ଧର ଜୀବିତ ନାହାନ୍ତି କିନ୍ତୁ ଭାରତବର୍ଷର ଏହି ଆଦିମ ଅଧିବାସୀମାନଙ୍କର ବଞ୍ଚି ରହିବାର ଅଧିକାରର ସୁରକ୍ଷା ପାଇଁ ଜନମତ ଜାଗ୍ରତ କରିବା ଲାଗି ସେମାନଙ୍କ ପାଖେ ପାଖେ ଅଛନ୍ତି ମେଧା ପାଟେକରଙ୍କ ଠାରୁ ଆରମ୍ଭ କରି ଏ ଗ୍ରନ୍ଥର ରଚୟିତା ଅଚ୍ୟୁତ ଦାସଙ୍କ ପର୍ଯ୍ୟନ୍ତ ବହୁ ସଂଗ୍ରାମୀ ବ୍ୟକ୍ତିତ୍ୱ । କାରଣ ସେମାନେ ଜାଣନ୍ତି ଆମ ଦେଶର ଏହି ଆଦିମ ଅଧିବାସୀମାନେ ବଞ୍ଚି ଜୀଇଁ ରହିଲେ ହିଁ ଭାରତବର୍ଷ ବଞ୍ଚିବ । ଆଦିବାସୀ ସମାଜର ବଞ୍ଚିବାର ଲଢ଼େଇରେ ଏ ବହି ଏକ ଶାଣିତ ତରବାରୀ ଭଳି ବ୍ୟବହୃତ ହେବ ବୋଲି ମୁଁ ଆଶା କରୁଛି ।

ଡଃ ବିଭୂତି ପଟ୍ଟନାୟକ

ଆଇ.ଏସ୍.ବି.ଏନ୍ - ୮୧:୭୭-୫୧୫୭୮-୪୦-୧
ମୂଲ୍ୟ - ଟ.୧୧୦/-

Digitized by srujanika@gmail.com

ମାଟିକାଦୁଅର ମଣିଷ

ଅଚ୍ୟୁତ ଦାସ

ଶିକ୍ଷା ସନ୍ଧାନ
ଭୁବନେଶ୍ୱର

Digitized by srujanika@gmail.com

ମାଟିକାଦୁଆର ମଣିଷ

ଅଚ୍ୟୁତ ଦାସ

ପ୍ରଥମ ପ୍ରକାଶନ : ଭୁବନେଶ୍ୱର ପୁସ୍ତକ ମେଳା
୧୨ ଫେବୃଆରୀ, ୨୦୦୮

ପ୍ରକାଶକ: **ଶିକ୍ଷାସନ୍ଧାନ**
ଏ-୧୨, ହାଉସିଂ ବୋର୍ଡ କଲୋନୀ
ବରମୁଣ୍ଡା, ଭୁବନେଶ୍ୱର - ୭୫୧୦୦୩
ଦୂରଭାଷ : ୦୬୭୪- ୨୫୫୬୧୦୯

ମୁଦ୍ରଣ : **ଶିକ୍ଷା ପ୍ରକାଶନୀ**
ବରମୁଣ୍ଡା, ଭୁବନେଶ୍ୱର - ୭୫୧୦୦୩

ଆଇ.ଏସ୍.ବି.ଏନ୍ : ୧୩ : ୯୭୮-୮୧-୮୭୯୮୨-୪୦-୧

ମୂଲ୍ୟ: ଟ.୧୧୦/-

Matikaduara Manisa
Achyut Das

First Published: Bhubaneswar Book Fair
12 February 2008

Published By :
SikshaSandhan
A-12, H.B. Colony, Baramunda
Bhubaneswar - 751003
Phone - 0674-2556109
Fax- 0674 - 2550656

Priented at: **Siksha Prakashani**
Baramunda, Bhubaneswar-751003

ISBN : 13 : 978-81-87982-40-1

Price : 110/-

Digitized by srujanika@gmail.com

ମାଟିକାଦୁଅର ମହାକାବ୍ୟ

ଇଂରେଜି ସାହିତ୍ୟର ପ୍ରସିଦ୍ଧ ଔପନ୍ୟାସିକ ଚାର୍ଲସ୍ ଡିକେନ୍ସ(୧୮୧୨-୧୮୭୦) ତାଙ୍କ "Hard Times" ଉପନ୍ୟାସରେ ଶିଳ୍ପ ବିପ୍ଲବ ଫଳରେ ଇଂଲଣ୍ଡର ଗ୍ରାମ୍ୟ ଜୀବନରେ ଯେଉଁ ସବୁ ଅର୍ଥନୈତିକ ଓ ସାମାଜିକ ପରିବର୍ତ୍ତନ ଘଟିଥିଲା, ତାର ନିଖୁଣଚିତ୍ର ଅଙ୍କନ କରି ଥିଲେ । ସେତେବେଳେ ଇଂଲଣ୍ଡରେ ଶିଳ୍ପ ପ୍ରତିଷ୍ଠା ପାଇଁ ଚାଷ ଜମିକୁ ଦଖଲ କରି ଗ୍ରାମକୁ ସହରାଭିମୁଖୀ କରିବାକୁ ସମୃଦ୍ଧିର ଲକ୍ଷଣ ବୋଲି କୁହାଯାଉଥିଲା । କଳକାରଖାନାର ମାଲିକମାନେ ରାତାରାତି ଲକ୍ଷ ଲକ୍ଷ ପାଉଣ୍ଡ ଅର୍ଜ୍ଜନ କରୁଥିଲେ । ଶିଳ୍ପାଞ୍ଚଳରେ ହଜାର ହଜାର ଶ୍ରମିକ କାମ କରୁଥିଲେ ।

ଦରିଦ୍ର କିରାଣୀର ପୁଅ, ଯାହାଙ୍କ ବାପା ଋଣ ସୁଝିନପାରି କିଛି ଦିନ ଜେଲ ଯାଇଥିଲେ, ସେହି ଚାର୍ଲସ୍ ଡିକନ୍ସ ଶିଳ୍ପପତିମାନଙ୍କର ଚଢ଼୍ଚଢ଼ ଲକ୍ଷପତି ହେବାର କାରଣ ଖୋଜି ବାହାର କରିଥିଲେ । ଯେଉଁ ଗ୍ରାମାଞ୍ଚଳର ଚାଷୀମାନଙ୍କ ଜମି ଉପରେ କଳ କାରଖାନା ଗଢ଼ି ଉଠୁଥିଲା ସେ ଚାଷୀମାନେ ଜୀବିକା ହରାଇ ବେକାର ହେଉଥିଲେ । ସେଇ କର୍ମହୀନ, ଭୂମିହୀନ, ବିସ୍ଥାପିତ, ଚାଷୀମାନେ ହିଁ ଅଳ୍ପ ମଜୁରିରେ କଳକାରଖାନାରେ ଶ୍ରମିକ ଭାବରେ କାମ କରି ପେଟ ପୋଷୁଥିଲେ । ସେମାନଙ୍କ ସୁଲଭ ଶ୍ରମ ହିଁ ଥିଲା ଶିଳ୍ପପତିମାନଙ୍କର ଅର୍ଥନୈତିକ ସମୃଦ୍ଧିର ପ୍ରଧାନ ପୁଞ୍ଜି । ପୁଞ୍ଜିବାଦର ବିକାଶ ଦ୍ୱାରା ଇଂଲଣ୍ଡର ସମୃଦ୍ଧି ଆଣିବା ପଛରେ ଥିଲା ନିଜ ଚାଷ ଜମି, ବାସଭୂମିରୁ ବିସ୍ଥାପିତ ଚାଷୀମାନଙ୍କର ଅଳ୍ପ ମଜୁରିରେ ଅଧିକ ଖଟିବାର ଫଳ ।

ଚାର୍ଲ୍ସ ଡିକେନ୍ସଙ୍କ ମୃତ୍ୟୁର ପ୍ରାୟ ଶହେ ପଚିଶ-ସତିରିଶ ବର୍ଷ ଅତୀତ ହୋଇଯାଇଥିଲେ ମଧ୍ୟ ଚାଷ ଜମିରୁ ଚାଷୀକୁ ବିସ୍ଥାପିତ କରି ଅର୍ଥନୈତିକ ସଂସ୍କାର ନାମରେ ଦେଶୀ ବିଦେଶୀ ପୁଞ୍ଜିପତିମାନଙ୍କୁ ଶିଳ୍ପସ୍ଥାପନ ଲାଗି ଜମି, ଜଙ୍ଗଲ ଓ ଜଳ ଶାଗ ମାଛ ମୂଲ୍ୟରେ ଯୋଗାଇ ଦେବା ପାଇଁ ଆମ ସରକାର କମ୍ପାନୀମାନଙ୍କ ସହିତ ଚୁକ୍ତି ପରେ ଚୁକ୍ତି କରି ଚାଲିଛନ୍ତି । ବିଶ୍ୱ ବାଣିଜ୍ୟ ସଂଗଠନ (WTO) ଓ ବିଶ୍ୱବ୍ୟାଙ୍କ ପାଖରେ ଆମର କୋଟି

Digitized by srujanika@gmail.com

କୋଟି ଗରିବ ଛୋଟ ଚାଷୀମାନଙ୍କ ଭାଗ୍ୟ ଓ ଆମର ଆତ୍ମନିର୍ଭରଶୀଳ ଅର୍ଥନୀତିର ଭବିଷ୍ୟତ ବନ୍ଧା ପଡିଛି ।

ଦେଶୀ-ବିଦେଶୀ କମ୍ପାନୀମାନଙ୍କୁ ଶିଳ୍ପ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ ପ୍ରତିଷ୍ଠା ପାଇଁ ସରକାର ଯେଉଁମାନଙ୍କ ଜମି ଓ ଘରବାଡି ଦଖଲ କରୁଛନ୍ତି, ସେମାନଙ୍କ ଭିତରୁ ଅଧିକାଂଶ ହେଉଛନ୍ତି ଆଦିବାସୀ । ତାର କାରଣ ଆମ ଦେଶର ଖଣିଜ ଓ ବନଜ ସଂପଦ ଏହି ଆଦିବାସୀମାନେ ବସବାସ କରୁଥିବା ବଣ ପାହାଡ ଅଞ୍ଚଳରେ ଅବସ୍ଥିତ । ବ୍ରିଟିଶ ଶାସନ କାଳରୁ ଏମାନଙ୍କ ବାସଭୂମି ଅରଣ୍ୟ ଉପରୁ ଅଧିକାର କାଢି ନିଆଯାଇଥିଲା । ଅରଣ୍ୟଜାତ ଓ ପଦାର୍ଥ ଉପରେ ନିର୍ଭର କରି ଏମାନେ ଜୀବନ ନିର୍ବାହ କରୁଥିଲେ । ସେଥିରୁ ବଞ୍ଚିତ ହେବା ଫଳରେ ଜୀବିକା ଅର୍ଜନ ପାଇଁ ସେମାନେ ଗୋଟିଏ ଜାଗାରୁ ଅନ୍ୟ ଏକ ଜାଗାକୁ ଘୂରି ବୁଲୁଥିଲେ । କେଉଁଠି ସାହୁକାରର ଗୋତି ଶ୍ରମିକ ଆଉ କେଉଁଠି ଅନାବାଦୀ ସରକାରୀ ଜମି ଉପରେ କୁଡିଆ ତିଆରି କରି ଦିନ ମଜୁରିଆ ଭାବରେ କାମ କରି ପେଟ ପୋଷିଲେ । କିନ୍ତୁ ବର୍ଷ ବର୍ଷ ଧରି କୁଡିଆ କରି ଯେଉଁଠାରେ ବସବାସ କଲେ କି ଅନାବାଦୀ ଜମିକୁ ଚାଷ କରି ଫସଲ ଫଳାଇଲେ, ସେ ଘରଡିହ କି ଚାଷଜମି ଉପରେ ସେମାନଙ୍କୁ ସରକାର ପଟ୍ଟା ଦେଲେ ନାହିଁ । ଫଳରେ ସେମାନଙ୍କୁ ଘରଡିହ ଓ ଚାଷଜମିରୁ ଉଚ୍ଛେଦ କରି ଦେଶୀ ବିଦେଶୀ କମ୍ପାନୀକୁ ସରକାର ସେମାନଙ୍କ ଜମି ଯୋଗାଇ ଦେଲାବେଳେ ଉପଯୁକ୍ତ କ୍ଷତି ପୂରଣ ମଧ୍ୟ ମିଳିଲା ନାହିଁ । କଥା ସାହିତ୍ୟିକ ସ୍ୱର୍ଗତଃ ଭୁବନେଶ୍ୱର ବେହେରା ତାଙ୍କ ବହୁ ଚର୍ଚ୍ଚିତ "ନାଚେ ବେନୁଆ ନାଚେ" ଗଳ୍ପରେ ହୀରାକୁଦ ବନ୍ଧ ନିର୍ମାଣ ବେଳେ ନିଜର ଘରବାଡି ହରାଇଥିବା ଆଦିବାସୀ ସୋମବାରୁ କିପରି ବୁଢା ବୟସରେ ମାଙ୍କଡ ନଚେଇ ପେଟ ପୋଷୁଛି, ତାର ଏକ କରୁଣ ଚିତ୍ର ଆଙ୍କି ଯାଇଛନ୍ତି । ହୀରାକୁଦ ବନ୍ଧ ନିର୍ମାଣ ବେଳେ ଯେଉଁ ଆଦିବାସୀମାନଙ୍କର ଘର ପାଣିରେ ବୁଡି ଯାଇଥିଲା, ସେଇମାନଙ୍କ ଭିତରେ ଥିଲା କୁଳି ସର୍ଦ୍ଦାର ସମବାରୁ । ଭୁବନେଶ୍ୱର ବେହେରା ଥିଲେ ବନ୍ଧ ନିର୍ମାଣର ଅନ୍ୟତମ ଇଞ୍ଜିନିୟର । ବନ୍ଧନିର୍ମାଣ ପରେ ବରଗଡ-ବରପାଲି ଜଳସେଚିତ ଅଞ୍ଚଳର ଧନକୁବେର ଶସ୍ୟଶ୍ୟାମଳ ସମୃଦ୍ଧ ଧରଣୀ ହସି ଉଠିଲା, ଭୁବନେଶ୍ୱରରେ ଗଢ଼ି ଉଠିଲା ଇଞ୍ଜିନିୟର, ସରକାରୀ ଅଫିସର ଓ ଠିକାଦାରମାନଙ୍କର ବିଦ୍ୟୁତ୍ ଆଲୋକରେ ଝଲସିତ ଅଗଣିତ ଅଟ୍ଟାଳିକା । କିନ୍ତୁ ଯେଉଁ ଆଦିବାସୀ ସୋମାବାରୁମାନେ ହୀରାକୁଦ ବୁଡି ପାଣିରେ ନିଜର ଘରଦ୍ୱାର, ଚାଷଜମି ହରାଇଥିଲେ ସରକାର ସେମାନଙ୍କ ଥଇଥାନ ନ କରିବା ଫଳରେ ସେମାନେ ମାଙ୍କଡ ନଚାଇ ବାରଦ୍ୱାର ଶୁଣ୍ଢିପିଣ୍ଡା ହେଉଛନ୍ତି ।

ଓଡ଼ିଶାର ଆଦିବାସୀନଙ୍କୁ ନିଜ ବାସଭୂମି, ଚାଷଜମିରୁ ଉଚ୍ଛେଦ କରିବା କାର୍ଯ୍ୟ ବ୍ରିଟିଶ ଶାସନକାଳରୁ ହିଁ ଆରମ୍ଭ ହୋଇଥିଲା । ଆଜି ଯେଉଁ କଳାହାଣ୍ଡିକୁ ଓଡ଼ିଶାରେ ଦାରିଦ୍ର୍ୟର

Digitized by srujanika@gmail.com

ରାଜଧାନୀ ଭାବରେ ଚିହ୍ନିତ କରାଯାଉଛି, ସେହି କଳାହାଣ୍ଡିରେ ୧୮୫୦ ମସିହା ଜନଗଣନା ଅନୁସାରେ ସମମୁଦାୟ ଲୋକସଂଖ୍ୟା ଥିଲା ଏକଲକ୍ଷ ପାଞ୍ଚ ହଜାର । ସେମାନଙ୍କ ଭିତରୁ ଆଦିବାସୀ କନ୍ଧମାନଙ୍କ ସଂଖ୍ୟା ଥିଲା ଅଶି ହଜାର । କନ୍ଧ ଆଦିବାସୀ ବହୁଳ ଏହି ରାଜ୍ୟକୁ ସେତେବେଳେ କୁହାଯାଇଥିଲା 'କନ୍ଧାନ ଦେଶ୍' । ଏମାନେ କଳାହାଣ୍ଡିର ନାଗବଂଶୀ ରାଜାଙ୍କୁ ସମ୍ମାନସୂଚକ ନଜରାନା ବା ଭେଟି ଦେଉଥିଲେ । କିନ୍ତୁ ଚାଷଜମି ଉପରେ ଖଜଣା ଦେଉନଥିଲେ । ସେମାନେ ଭାବୁଥିଲେ ସେମାନେ ଧରତୀ ମାତାର ସନ୍ତାନ । ଜମି ଉପରେ ସେମାନଙ୍କର ପୂର୍ଣ୍ଣ ଅଧିକାର । ଏଥି ପାଇଁ ରାଜାଙ୍କୁ କର ଟିକସ୍ ଦେବା ଦରକାର ନାହିଁ । କିନ୍ତୁ ବ୍ରିଟିଶ ସରକାର ଯେତେବେଳେ ମରହଟ୍ଟା ରଘୁଜୀ ଭୋଂସଲାଙ୍କୁ ତୃତୀୟ ମରାଠା ଯୁଦ୍ଧରେ ହରାଇ ୧୮୫୩ ମସିହାରେ ନାଗପୁର ଅଧିକାର କଲେ, ତାର ଏକ ଅଂଶ ଭାବରେ କଳାହାଣ୍ଡି ସେମାନଙ୍କ ଶାସନାଧୀନ ହେଲା । ବ୍ରିଟିଶ ସରକାର ଭୂରାଜସ୍ୱ ଆଦାୟ ଉପରେ ଜୋର ଦେବା ଫଳରେ ତତ୍କାଳୀନ କଳାହାଣ୍ଡି ମହାରାଜା ରାଜସ୍ୱ ଦେବାକୁ ଅନିଚ୍ଛୁକ କନ୍ଧ ଆଦିବାସୀମାନଙ୍କ ଠାରୁ ଚାଷଜମି ଛଡାଇ ନେଇ ସମ୍ବଲପୁରର କୁଲତା ଚାଷୀମାନଙ୍କୁ ହସ୍ତାନ୍ତରିତ କରିଦେଲେ । ଫଳରେ କଳାହାଣ୍ଡିର କନ୍ଧମାନଙ୍କ ଚାଷ ଜମି ସମ୍ବଲପୁରର ଅଣଆଦିବାସୀମାନଙ୍କ ହାତକୁ ଚାଲିଗଲା । କଳାହାଣ୍ଡି ମହାରାଜା ବ୍ରିଟିଶ ସରକାରଙ୍କ ନିର୍ଦ୍ଦେଶରେ ଖଜଣା ଦେବାକୁ ଅନିଚ୍ଛୁକ କନ୍ଧମାନଙ୍କ ଠାରୁ ଛଡାଇ ଦେବାକୁ ବାଧ୍ୟ ହୋଇଛନ୍ତି ବୋଲି ଆଦିବାସୀ ପ୍ରଜାମାନଙ୍କୁ ବୁଝାଇ ଦେବା ଫଳରେ କନ୍ଧମାନେ ରାଜାଙ୍କ ବଦଳରେ ବ୍ରିଟିଶ ସରକାର ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରି ଦେଇଥିଲେ । ଉର୍ଲାଜାନୀ ତାଲୁକର ମୁଖିଆ ଏବଂ କନ୍ଧ ପାଟ ମାଝୀ, ରେଣ୍ଡୋ ମାଝି ଏ ବିଦ୍ରୋହର ନେତୃତ୍ୱ ନେଇଥିଲେ । ମେଜର କେମ୍ପବେଲଙ୍କ ଅଧିନାୟକତ୍ୱରେ ବ୍ରିଟିଶ ସୈନ୍ୟବାହିନୀ ମେଳିଆ କନ୍ଧମାନଙ୍କ ମୁଖିଆ ରେଣ୍ଡୋ ମାଝୀଙ୍କୁ ଗିରଫ କରି ପରେ ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ । ଫଳରେ ହଜାର ହଜାର କନ୍ଧ ପ୍ରଜା କଳାହାଣ୍ଡି ଛାଡି ପଳାଇଥିଲେ । କନ୍ଧାନ୍‌ଦେଶ କଳାହାଣ୍ଡିରୁ ଆଦିବାସୀ ସଂଖ୍ୟା ହ୍ରାସ ପାଇଲା । ସେମାନଙ୍କ ଜମିବାଡି ଅଣ-ଆଦିବାସୀ ଗୌନ୍ତିଆମାନେ ଦଖଲ କରି ନେଇଥିଲେ ।

ବ୍ରିଟିଶ ସରକାରଙ୍କ ଔପନିବେଶିକବାଦୀ ଶାସନର ଅବସାନ ହେଲାପରେ ଆମର ସ୍ୱାଧୀନ ଜାତୀୟ ସରକାର ଆଦିବାସୀମାନଙ୍କୁ ସେମାନଙ୍କର ଅରଣ୍ୟ ଉପରେ ଅଧିକାର ଫେରାଇ ଦେବା ସହିତ ସେମାନଙ୍କ ଅପହୃତ ବାସଭୂମି ଓ ଚାଷଜମି ଫେରି ପାଇବାରେ ସହାୟତା କରିବେ ବୋଲି ଆଶା କରାଯାଇଥିଲା । ଆଦିବାସୀମାନଙ୍କର ଅପହୃତ ଜମି ଚିହ୍ନଟ କରି ସେମାନଙ୍କୁ ସେ ଜମି ଫେରାଇ ଦେବା ଲାଗି ଆଇନ୍ ପାସ୍ ହେବ ବୋଲି

Digitized by srujanika@gmail.com

ସେମାନେ ଆଶାବାନ୍ଧି ବସିଥିଲେ । କିନ୍ତୁ ହରାଇ ଥିବା ଜମି ଫେରି ପାଇବା ବଦଳରେ ବର୍ତ୍ତମାନ ସେମାନେ ଯେଉଁଠି ବସବାସ କରି ରହିଛନ୍ତି, ଶିଳ୍ପାୟନ ନାମରେ ଆମ ସରକାର ସେହି ସବୁ ଜମି ପୁଞ୍ଜିପତି, ଶିଳ୍ପପତି ମାନଙ୍କୁ ହସ୍ତାନ୍ତରୀତ କରିବାକୁ ଉଠି ପଡି ଲାଗିଛନ୍ତି ।

'ମାଟିକାନ୍ଦୁଅର ମଣିଷ' ପୁସ୍ତକରେ ଅଚ୍ୟୁତ ବାବୁ ଭାରତ ବର୍ଷର ଆଠ କୋଟି ଆଦିବାସୀମାନଙ୍କ ଜୀବନ ସଂକଟ ଓ ଜ୍ୱଳନ୍ତ ସମସ୍ୟାର ଚିତ୍ର ଅପୂର୍ବ ଦକ୍ଷତାର ସହ ଅଙ୍କନ କରିଛନ୍ତି । ଓଡ଼ିଶାରେ ଆଦିବାସୀମାନଙ୍କ ସଂଖ୍ୟା ସମୁଦାୟ ଲୋକ ସଂଖ୍ୟାର ପ୍ରାୟ ତେଇଶି ଶତାଂଶ । କଳିଙ୍ଗ ନଗରରୁ କାଶୀପୁର ପର୍ଯ୍ୟନ୍ତ- ସର୍ବତ୍ର ଏମାନେ ନିଜର ଭୂମିରକ୍ଷା ଲଢେଇରେ ଲିପ୍ତ ଅଛନ୍ତି । ସେମାନଙ୍କ ଅଧିକାରର ସୁରକ୍ଷା ଲାଗି ସେମାନଙ୍କୁ ସଂଗଠିତ କରିବା ପାଇଁ ସେମାନଙ୍କ ଭିତରେ ବିର୍ଶା ମୁଣ୍ଡା, ରେଣ୍ଡୋ ମାଝୀ, ଚକରା ବିଶୋୟୀ କିମ୍ୱା ଧରଣୀ ଧର ଜୀବିତ ନାହାନ୍ତି କିନ୍ତୁ ଭାରତ ବର୍ଷର ଏହି ଆଦିମ ଅଧିବାସୀମାନଙ୍କର ବଞ୍ଚି ରହିବାର ଅଧିକାରର ସୁରକ୍ଷା ପାଇଁ ଜନମତ ଜାଗ୍ରତ କରିବା ଲାଗି ସେମାନଙ୍କ ପାଖେ ପାଖେ ଅଛନ୍ତି ମେଧା ପାଟେକରଙ୍କ ଠାରୁ ଆରମ୍ଭ କରି ଏ ଗ୍ରନ୍ଥର ରଚୟିତା ଅଚ୍ୟୁତ ଦାସଙ୍କ ପର୍ଯ୍ୟନ୍ତ ବହୁ ସଂଗ୍ରାମୀ ବ୍ୟକ୍ତିତ୍ୱ । କାରଣ ସେମାନେ ଜାଣନ୍ତି ଆମ ଦେଶର ଏହି ଆଦିମ ଅଧିବାସୀମାନେ ବଞ୍ଚି ଜୀଇଁ ରହିଲେ ହିଁ ଭାରତବର୍ଷ ବଞ୍ଚିବ । ଆଦିବାସୀ ସମାଜର ବଞ୍ଚିବାର ଲଢ଼େଇରେ ଏ ବହି ଏକ ଶାଣିତ ତରବାରୀ ଭଳି ବ୍ୟବହୃତ ହେବ ବୋଲି ମୁଁ ଆଶା କରୁଛି ।

ଡା:୦୭-୦୨-୨୦୦୮ — ଡଃ ବିଭୂତି ପଟ୍ଟନାୟକ

ଭୁବନେଶ୍ୱର-୧୪

Digitized by srujanika@gmail.com

ଉପକ୍ରମଣିକା

ଜଗତୀକରଣର ପ୍ରତିକୂଳ ପ୍ରକ୍ରିୟା ଓ ପ୍ରଭାବରେ ଏ ପୃଥିବୀର ଅନେକ ଗରିବ, ଅବହେଳିତ ଓ ଶୋଷିତ ମଣିଷ ଆହୁରି ବେଶି ନିର୍ଯାତିତ ଓ ନିଷ୍ପେଷିତ ହେବେ ଏଥିରେ ତିଳେହେଲେ ସନ୍ଦେହ ନାହିଁ ବୋଲି ମୁଁ ଦୃଢ଼ଭାବେ କହିପାରେ । ଏଇଥିପାଇଁ ଏଇ ମଣିଷମାନଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ରାଜନୈତିକ ଓ ସର୍ବୋପରି ମାନବିକ ଅବସ୍ଥାକୁ ବିଶ୍ଳେଷଣ କରିବା ଓ ସେମାନଙ୍କର ଦୁଃଖ ଦୁର୍ଦ୍ଦଶାକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନା କରିବା ପାଇଁ ମୋଭଳି ଅନେକ ସଚେତନବ୍ୟକ୍ତି ପ୍ରୟାସ କରୁଛନ୍ତି । ଗରିବ ମଣିଷଙ୍କ ପେଟରେ ଭୋକ ମୁହଁରେ ଯନ୍ତ୍ରଣାର ସ୍ପଷ୍ଟ ଛାପ ତୀବ୍ର ଅନୁଭବ କରିହେଉଛି । ସେମାନେ ଆପଣାର ମନର କଥା ପ୍ରକାଶ କରିବାକୁ ଚାହୁଁଛନ୍ତି କିନ୍ତୁ ଅବସ୍ଥାଚକ୍ରରେ ନୀରବ ରହୁଛନ୍ତି । ସେମାନେ ସବୁ ବିପରୀତ ପରିସ୍ଥିତି ସହ ଯୁଝିବାକୁ ଅଣ୍ଟା ଭିଡୁଛନ୍ତି । ଏ ପୃଥିବୀର ଅସଲ ଲୋକ ଏମାନେ-ମାଟି କାଦୁଅର ମଣିଷ । ଏମାନେ ବଞ୍ଚିଲେ ଏ ପୃଥିବୀ ତିଷ୍ଠି ରହିବ । ନିଶ୍ଚିତ ଭାବେ ଆମର ସ୍ୱପ୍ନର ପୃଥିବୀ ବାସ୍ତବତାରେ ପରିଣତ ହେବ ।

ମୋର ଗୋଟିଏ କଥା ସବୁବେଳେ ମନେ ପଡିଥାଏ । ତାହା ହେଉଛି ମାହାତ୍ମା ଗାନ୍ଧୀଙ୍କ ପ୍ରସ୍ତୁତ ତାରକମନ୍ତ୍ର । ମୋର ଆଦିବାସୀଙ୍କ ଗହଣରେ ରହିବା ଓ ତାଙ୍କର ବିକାଶ ପାଇଁ ଉତ୍ସର୍ଗୀକୃତ ଭାବେ କାମ କରିବାର ପଛରେ ଅସଲ ପ୍ରେରଣା ହେଉଛି ଏହି ତାରକମନ୍ତ୍ର । ଗାନ୍ଧୀଜୀ ସବୁବେଳେ କହୁଥିଲେ:

> 'ଆପଣ ଯେତେବେଳେ ସନ୍ଦେହରେ ପଡିଛନ୍ତି ବା ନିଜ କଥା ଆପଣଙ୍କୁ ବେଶୀ ଘାରୁଛି, ସେତିକିବେଳେ ନିମ୍ନ କଥାଟିକୁ ପ୍ରୟୋଗ କରନ୍ତୁ । ଆପଣ ଯେଉଁ ଦରିଦ୍ରତମ ଓ ଦୁର୍ବଳତମ ଲୋକଟିକୁ କେବେ ଦେଖିଥିବେ ତାହାରି ଚେହେରାକୁ ମନେ ପକାନ୍ତୁ ଓ ନିଜକୁ ପଚାରନ୍ତୁ, ଆପଣ ଯାହା କରିବାକୁ ଯାଉଛନ୍ତି ତାହା ସେହି ଲୋକଟିର କିଛି ଉପକାର କରିବ କି ? ଆପଣଙ୍କ କାର୍ଯ୍ୟଦ୍ୱାରା ତାହାର କିଛି ଲାଭ ହେବ କି ? ତାହା ନିଜର ଜୀବନ ଓ ଭାଗ୍ୟକୁ ନିୟନ୍ତ୍ରଣ କରିବା ପାଇଁ ଆପଣଙ୍କ କାମ ତାକୁ କିଛି ବଳ ଦେଇ ପାରିବକି ? ଅର୍ଥାତ

Digitized by srujanika@gmail.com

ଆପଣଙ୍କ କାମ (ଦେଶର) ଅଗଣିତ ଭୋକିଲା ଓ
ଆଧ୍ୟାତ୍ମିକତା ଦୃଷ୍ଟିରୁ ଅଧଃପତିତ ଲୋକଙ୍କ ପାଇଁ ସ୍ୱରାଜ ପ୍ରତିଷ୍ଠା
ଦିଗରେ ସାହାଯ୍ୟ କରିବ କି ?
ସେତେବେଳେ ଆପଣ ଦେଖିବେ, ଆପଣଙ୍କ ସନ୍ଦେହ ଓ ସ୍ୱାର୍ଥଭାବନା କୁଆଡେ
ଉଭେଇ ଗଲାଣି ।"

ଆଦିବାସୀ ଅଞ୍ଚଳରେ ମୁଁ କେବେହେଲେ ରହିଁ ନାହିଁ ଭେରିଅର ଏଲଭିନ୍(Verrier Elwin)ଙ୍କ ଭଳି ଫିଲାନ୍ଥ୍ରୋପୋଲୋଜିଷ୍ଟ (Philanthropologist) ହେବା ପାଇଁ । ମୁଁ କେବେ ହେଲେ ରହିଁ ନାହିଁ ଔପନାସିକ ଶ୍ରୀ ଗୋପୀ ମହାନ୍ତିଙ୍କ ଭଳି ଉପନ୍ୟାସ ପରେ ଉପନ୍ୟାସ ଲେଖିବା ପାଇଁ । ମୁଁ ମଧ୍ୟ ରହିଁ ନାହିଁ ଯେ ଆଦିବାସୀ ଅଞ୍ଚଳରେ ଜଣେ ପରିବ୍ରାଜକ ବା ପର୍ଯ୍ୟଟକ ଭଳି ଘୂରି ବୁଲିବା ପାଇଁ । ମୁଁ ରହିଁଛି ସେମାନଙ୍କ ସହ ମିଶି ସଂଗଠନ ଗଢିବା ପାଇଁ । ସେମାନଙ୍କର ଜୀବନ ଜୀବିକା ଓ ମାନବାଧିକାର ସୁରକ୍ଷା ପାଇଁ ଯେଉଁ ଲଢାଇ ଚାଲିଛି ସେଥିରେ ସାମିଲ୍ ହେବା ପାଇଁ । ମୁଁ ସଚେତନ ଯେ ନିଜକୁ ଗୋଟାପଣେ ଗାନ୍ଧୀ, ମାଓ, ହୋଚିମିନ୍ ଅଥବା ସେଗୁଏଭେରା ରୂପେ ଗଢି ତୋଳିବା ଏ ଜୀବନରେ ସମ୍ଭବ ନୁହେଁ । ମୁଁ ଆହୁରି ମଧ୍ୟ ଜାଣେ ଯେ ମୁଁ ମାକ୍ସିମ୍ ଗର୍କି ବା ଗୋଦାବରୀଶ ମହାପାତ୍ରଙ୍କ ବା ମହାଶ୍ୱେତା ଦେବୀଙ୍କ ଭଳି ଲେଖକ ହୋଇ ପାରିବି ନାହିଁ । କିନ୍ତୁ ମୋ ମନକୁ ଆସୁଥିବା ଅନେକ କଳ୍ପନା ଓ ପରିକଳ୍ପନା, ଚିନ୍ତା ଓ ଚେତନା, ଆଲୋଚନା ଓ ପର୍ଯ୍ୟାଲୋଚନାକୁ ଲିପିବଦ୍ଧ କରି ଉପସ୍ଥାପନା କରିବା ଏକ ଦାୟିତ୍ୱବୋଧ ବୋଲି ମୁଁ ଅନେକବାର ଅନୁଭବ କରିଛି । ସେଇଥିପାଇଁ ଏ ଲେଖାଗୁଡିକୁ ସମସ୍ତ କାର୍ଯ୍ୟ ବ୍ୟସ୍ତତା ସତ୍ତ୍ୱେ ଲେଖି ପାରିଛି ।

ସର୍ବପ୍ରଥମେ ମୁଁ ଓଡ଼ିଶା ଭାସ୍କର ସମ୍ବାଦପତ୍ରର ସମ୍ପାଦକ ଶ୍ରୀ ଭାସ୍କର ପରିଛାଙ୍କୁ ଧନ୍ୟବାଦ ଦେବି । ସେ ବିନା ପ୍ରଶ୍ନରେ ଏ ଲେଖାଗୁଡିକ ପ୍ରକାଶ କରିଛନ୍ତି । ଲେଖାଗୁଡିକ ଉପାଦେୟ ହେଉଛି କି ନାହିଁ ବା ପାଠକମାନଙ୍କ ଦ୍ୱାରା ଆଦୃତ ହେଉଛି କି ନାହିଁ ସେ ମୋତେ କୌଣସି ମତାମତ ଜଣାଇନାହାଁନ୍ତି । ତାଙ୍କର ଏ ଅକୁଣ୍ଠିତ ସମର୍ଥନ ମୁଁ କେବେହେଲେ ଭୁଲିପାରିବି ନାହିଁ । ସାପ୍ତାହିକ ସ୍ତମ୍ଭରେ ଯଦି ଏ ଲେଖା ପ୍ରକାଶ ପାଇନଥାନ୍ତା, ତେବେ କେବେହେଲେ ମୋର ଲେଖିବାକୁ ଆଗ୍ରହ ବଢିନଥାନ୍ତା । ମୁଁ ଲେଖିଦେଲେ କଥା ସରିଯାଏ ନାହିଁ । ବିଭିନ୍ନ ସମୟରେ ମୋର ସାଥୀ ବନ୍ଧୁମାନେ ସବୁ ପଢି ସଂଶୋଧନ କରିଦିଅନ୍ତି ଓ କେଉଁଠି ଅସଂଜତ ଭାଷା ଥିଲେ ତାକୁ ସଜାଡି ଦିଅନ୍ତି । ସେମାନେ ଭିତରେ ଅଛନ୍ତି ଶ୍ରୀ ପ୍ରଫୁଲ୍ଲ ବେହେରା, ଡକ୍ଟର ଉଦ୍ଧବ ଚରଣ ନାୟକ, ଶ୍ରୀ ବିପିନ୍ ବାରିକ, ଶ୍ରୀ ପ୍ରମୋଦ ପ୍ରଧାନ, ଶ୍ରୀ ନାରାୟଣ ଜେନା ଆଦି ଅନେକ । ସେମାନଙ୍କୁ ବହୁତ ଧନ୍ୟବାଦ ଏଥି ପାଇଁ । ଅଗ୍ରଗାମୀର ସୁନୀତା ସାଁହୁ ସବୁଲେଖାକୁ ଟାଇପ୍ କରିଦିଅନ୍ତି । ତାଙ୍କୁ ମଧ୍ୟ ଧନ୍ୟବାଦ । ବେଳେବେଳେ ଲେଖାକୁ

Digitized by srujanika@gmail.com

ଫାକ୍ସ କରିଆରେ କାଶୀପୁରରୁ ପଠାଯାଏ । ଏଥିପାଇଁ ସଞ୍ଜୟ, ବୁଦ୍ଧଦେବ, ମହେଶ୍ୱରଙ୍କୁ ମଧ୍ୟ ଧନ୍ୟବାଦ ।

ଓଡ଼ିଶା ଭାସ୍କରରେ ଏ ଲେଖାଗୁଡ଼ିକ ପ୍ରକାଶିତ ହେଲାପରେ ବେଳେବେଳେ ପାଠକମାନଙ୍କଠାରୁ ବିଭିନ୍ନ ମତାମତ ଆସିଥାଏ । ବନ୍ଧୁ ଶ୍ରୀ ଅରବିନ୍ଦ ବେହେରା, ଶ୍ରୀ ସଂଗ୍ରାମ ଜେନା, ଯାଜପୁରରେ ଅବିନାଶ ଓ ଅନିରୁଦ୍ଧ, ସ୍ୱେଚ୍ଛାସେବୀ ସଂଗଠନର ବନ୍ଧୁମାନେ, ସମଦୃଷ୍ଟିର ଶ୍ରୀ ସୁଧୀର ପଟ୍ଟନାୟକ ଆଦି ଅନେକ ସମୟରେ ବିଭିନ୍ନ ଉପାଦେୟ ମନ୍ତବ୍ୟ ଦେଇଥାଆନ୍ତି । ସେସବୁ ମୋର ଲେଖାଗୁଡ଼ିକୁ ଆହୁରି ମୂଲ୍ୟବୋଧଭିତ୍ତିକ କରିବାରେ ସାହାଯ୍ୟ କରିଥାଏ । ଚିତ୍ତଭାଇ ମଧ୍ୟ ସମୟ ପାଇଲେ ଲେଖାଗୁଡ଼ିକର ସମୀକ୍ଷା କରିଥାଆନ୍ତି । ତାଙ୍କୁ ଧନ୍ୟବାଦ ଏଥିପାଇଁ । "ମାଟି କାନ୍ଦୁଅର ମଣିଷ ଓ ପେଟର ଭୋକ"କୁ କେନ୍ଦ୍ରକରି ଅନେକ କିଛି ଲେଖାଯାଇପାରେ । ଯଦି ପାଠକ ଓ ଶୁଭେଚ୍ଛୁମାନେ କ୍ଲାନ୍ତ ହୋଇ ନାହାନ୍ତି, ତେବେ ଓଡ଼ିଶା ଭାସ୍କରର ସ୍ତମ୍ଭରେ ଏହା ଆଉ କିଛିଦିନ ପ୍ରକାଶିତ ହେବ । ମୋର ଆଶା ଅଛି ଯେ ଏ ଲେଖା ମାଟି କାନ୍ଦୁଅର ମଣିଷମାନଙ୍କ ମନ ଛୁଇଁବ ।

ବନ୍ଧୁ ଶ୍ରୀ ପ୍ରଫୁଲ୍ଲ ବେହେରା, ଡକ୍ଟର ଉଦ୍ଧବ ଚରଣ ନାୟକ ଓ ଶିକ୍ଷାସନ୍ଧାନର ଶ୍ରୀ ଅନୀଲ ପ୍ରଧାନ ଏ ବହିଟି ପ୍ରକାଶିତ ହେବାକୁ ନିଷ୍ପତ୍ତି ନେଇଛନ୍ତି । ସେମାନଙ୍କର ଉଦ୍ୟମକୁ ମୁଁ ପ୍ରଶଂସା କରି ଅନେକ ଧନ୍ୟବାଦ ଦେବି । 'ଶିକ୍ଷାସନ୍ଧାନ' ଏ ବହିଟିର ପ୍ରକାଶନ ଦାୟିତ୍ୱ ନେଇ ମୋର ଓଜନ ହାଲୁକା କରିଦେଇଛି । ଶିକ୍ଷାସନ୍ଧାନର କର୍ମୀମାନଙ୍କୁ ଧନ୍ୟବାଦ । ଓଡ଼ିଶାର ଖ୍ୟାତନାମା ଲେଖକ ଡକ୍ଟର ବିଭୂତି ପଟ୍ଟନାୟକ ଏ ବହି ପାଇଁ ମୁଖବନ୍ଧ ଟିଏ ଲେଖି ମୋତେ ତାଙ୍କର ପ୍ରତ୍ୟକ୍ଷ ସମର୍ଥନ ଜଣାଇଛନ୍ତି । ବିଭିନ୍ନ ପତ୍ରପତ୍ରିକା ଓ ଖବରକାଗଜର ସ୍ତମ୍ଭମାନଙ୍କରେ ସେ ଗରିବମାନଙ୍କର ଦୁଃଖ ଓ ଜୀବନଯନ୍ତ୍ରଣା ଲେଖି ଆସୁଛନ୍ତି । ତାଙ୍କର ମୁଖବନ୍ଧ ଏ ବହିଟିର ମାନ ବହୁ ଗୁଣ ବଢ଼ାଇଛି । ଏଣୁ ମୁଁ ତାଙ୍କ ପାଖରେ କୃତଜ୍ଞ ।

ମୋର ସ୍ତ୍ରୀ ଶ୍ରୀମତୀ ବିଦ୍ୟା ଦାସ ସବୁ ଲେଖାକୁ ଆଗ୍ରହର ସହ ପଢି ସମାଲୋଚନାମୂଳକ ମତାମତ ଦେଇଛନ୍ତି । ମାଟି କାନ୍ଦୁଅର ମଣିଷମାନଙ୍କ ଭିତରେ ମହିଳା ଓ ବସ୍ତି ବାସିନ୍ଦାମାନେ ନିଶ୍ଚିତ ଅଛନ୍ତି ବୋଲି ଓ ସେମାନଙ୍କ ବିଷୟରେ ଲେଖିବା ନିତାନ୍ତ ଆବଶ୍ୟକ ବୋଲି ସେ ମନେ ପକାଇ ଦିଅନ୍ତି ।

ବହିଟି ଓଡ଼ିଶାରେ ଅଗଣିତ ଶୋଷିତ ଓ ଅତ୍ୟାଚରିତ ମଣିଷଙ୍କୁ ଉତ୍ସର୍ଗ କରୁଛି । ଆଶା କରୁଛି ଯେ ସେମାନଙ୍କର ଦାରିଦ୍ର୍ୟ ଓ ଅନାହାର ବିରୁଦ୍ଧରେ ସଂଗ୍ରାମ ଆହୁରି ଶକ୍ତିଶାଳୀ ହେବ ।

କାଶୀପୁର **ଅଚ୍ୟୁତ ଦାସ**

୦୬ ।୦୨ ।୦୮

Digitized by srujanika@gmail.com

ବିଷୟ ସୂଚୀ

କ୍ର.ନଂ	ବିଷୟ	ପୃଷ୍ଠା
୧)	ଆଦିବାସୀ ଅଞ୍ଚଳରେ ଜଳନୀତି	୧
୨)	ପୁନଶ୍ଚ ଭୂ-ସତ୍ୟାଗ୍ରହର ଆବଶ୍ୟକତା ଅଛି କି ?	୬
୩)	ଆଦିବାସୀଙ୍କ ଦୁରବସ୍ଥା ଓ ରାଜ୍ୟପାଳଙ୍କ ଭୂମିକା	୧୧
୪)	ସାମ୍ପ୍ରତିକ ଭୂସଂସ୍କାରର କେତୋଟି ଦିଗ	୧୬
୫)	କ୍ଷୁଧାର ଅସରନ୍ତି କାହାଣୀ ଓ କ୍ଷୁଧାର୍ତ୍ତଙ୍କ ଇତିହାସ	୨୧
୬)	ଅନାହାର ମୃତ୍ୟୁର ଅକୁହା କଥା	୨୬
୭)	ଆଦିବାସୀ ଅଞ୍ଚଳରେ ଅନାହାର ମୃତ୍ୟୁ କାହିଁକି ?	୩୧
୮)	ଆମ ଜନପ୍ରତିନିଧିଙ୍କ ଦାୟିତ୍ୱବୋଧ	୩୬
୯)	ଶିଳ୍ପାୟନ ଓ ସ୍ୱତନ୍ତ୍ର ଆର୍ଥିକ ଜୋନ୍‌ର ପ୍ରତିକୂଳ ପ୍ରଭାବ ଓ ବିକଳ୍ପ	୪୧
୧୦)	ନଙ୍ଗଲଘାଟ: ଓଡ଼ିଶାର ଦାରିଦ୍ର୍ୟ ଓ ଅନାହାରର ଏକ ନିର୍ଲଜ୍ଜ ଉଦାହରଣ	୪୬
୧୧)	ବିଶ୍ୱର ଗଣଦାରିଦ୍ର୍ୟ ଦୂରୀକରଣ କ'ଣ ସମ୍ଭବ ?	୫୧
୧୨)	ସିମିଳିପାଳର ଶିଶୁମୃତ୍ୟୁ: କାରଣ ଓ ପ୍ରତିକାର	୫୬
୧୩)	ଦାରିଦ୍ର୍ୟର ସମାପ୍ତି ଆଉ କେତେ ଦିନ ?	୬୨
୧୪)	ବିଶ୍ୱକ୍ଷୁଧା ସମ୍ପର୍କରେ କେତୋଟି ଭ୍ରମଧାରଣା	୬୭
୧୫)	ଜମି ଓ ମହିଳାବର୍ଗଙ୍କ ଅଧିକାର	୭୨
୧୬)	ସାବଧାନ ବିଟି ବିନ୍‌ଜାଲ ଆସୁଛି !	୭୭
୧୭)	କ୍ୟୁବାର କୃଷି ବିପ୍ଳବରୁ ଆମେ ଶିଖିବା କ'ଣ ?	୮୨
୧୮)	ଷାଠିଏ ବର୍ଷର ସ୍ୱାଧୀନତା ଅଥଚ କ୍ଷୁଧାର୍ତ୍ତଙ୍କ ପଟୁଆର	୮୭
୧୯)	ଭାରତ କ୍ଷୁଧାର ଗଣତନ୍ତ୍ର	୯୨
୨୦)	କାଶୀପୁରର ଅକାଳ ମୃତ୍ୟୁ	୯୭

Digitized by srujanika@gmail.com

୨୧) ପୁନଶ୍ଚ କାଶୀପୁର: ମୃତ୍ୟୁ ରୋକିବାକୁ ହେବ ୧୦୨
୨୨) କାମ୍ୟୁଙ୍କ 'ପ୍ଲେଗ' ଓ ମାର୍କ୍ୱିଜ୍‌ଙ୍କ କଲେରା ୧୦୮
୨୩) ଆମ କୃଷକ ଆମ କୃଷି ୧୧୩
୨୪) ସ୍ୱପ୍ନ ଦେଖୁଥିବା ଜଣେ ସରପଞ୍ଚ ୧୧୯
୨୫) ଭୋକିଲା ମଣିଷଙ୍କ ପାଇଁ ଖାଦ୍ୟ ହିଁ ଭଗବାନ ୧୨୪
୨୬) ବଳିଭିଆ : ଏକ ଅଭୂତପୂର୍ବ ଉଦାହରଣ ୧୨୯
୨୭) ବିଶ୍ୱ ଖାଦ୍ୟ ଦିବସର ଅନୁଚିନ୍ତା ୧୩୪
୨୮) ନାଗରିକ ସମାଜର ଦାୟିତ୍ୱ ଓ ଆତ୍ମ ସମୀକ୍ଷା ୧୩୯
୨୯) ବିସ୍ଥାପିତ ଓ ବାସଚ୍ୟୁତଙ୍କ କଥା ୧୪୪
୩୦) ଜାତୀୟ ଆଦିବାସୀ ନୀତି ଏକ ସମୀକ୍ଷା ୧୫୦
୩୧) ଭାରତର ଆଦିବାସୀ : ଦାରିଦ୍ର୍ୟ ଓ ବିକାଶ ୧୫୫
୩୨) ଜଳସମ୍ପଦ ଓ କୃଷକଙ୍କ ଅଧିକାର ୧୬୦
୩୩) ଜଳସମ୍ପଦ ଓ କୃଷକଙ୍କ ଦାୟିତ୍ୱ ୧୬୫
୩୪) ଆଦିବାସୀଙ୍କ ଅଧିକାର ଓ ଜାତିସଂଘ ଘୋଷଣା ନାମା ୧୭୦
୩୫) ଗ୍ରାମର ନାମ ହାଟସିଲ ୧୭୫
୩୬) ଦେଶାନ୍ତରୀକରଣ ଓ ପଳାୟନ ୧୮୦
୩୭) ଜାତୀୟ କୃଷିନୀତି ୨୦୦୭ : ଏକ ସମୀକ୍ଷା ୧୮୫
୩୮) ନଦୀରନାମ ବଂଶଧାରା : ଗ୍ରାମର ନାମ ଡିମିରିଗୁଡା ୧୯୦
୩୯) ସାମାଜିକ ଆନ୍ଦୋଳନ ଓ ସମତାର ପ୍ରଶ୍ନ ୧୯୫
୪୦) ସାମାଜିକ ଆନ୍ଦୋଳନ : ସଂଘର୍ଷ ଓ ନିର୍ମାଣ ୨୦୦
୪୧) ସାମାଜିକ ଆନ୍ଦୋଳନ ଓ ବନ୍ଧୁକ ମୁନରେ ବିକାଶ ୨୦୫
୪୨) ଏବେ ବି ବଞ୍ଚିଛି ସେବେ ବି ବଞ୍ଚିବ ୨୧୧

* * *

Digitized by srujanika@gmail.com

ଆଦିବାସୀ ଅଞ୍ଚଳରେ ଜମିନୀତି

ସାରାପୃଥିବୀର ଆଦିବାସୀ ଅଞ୍ଚଳରେ ଜଳ, ଜମି ଓ ଜଙ୍ଗଲ ଭରପୁର ରହିଛି ବୋଲି ସମସ୍ତଙ୍କର ନଜର ସେ ଅଞ୍ଚଳକୁ ପଡିଛି । ଜଳ, ଜମି, ଜଙ୍ଗଲ, ଖଣିଜ ପଦାର୍ଥ ଓ ଜୈବ ବିବିଧତା ଆଦି ପ୍ରାକୃତିକ ସମ୍ବଳ ବର୍ତ୍ତମାନର ବିକାଶଧାରାର ମୂଳକେନ୍ଦ୍ର ଓ ସବୁ ପ୍ରଗତି ଏବଂ ଅଭିବୃଦ୍ଧିର ମେରୁଦଣ୍ଡ । ପୃଥିବୀର ଗୋଟାଏ ଶକ୍ତିଶାଳୀ ଦଳ ବର୍ତ୍ତମାନ ଏ ପ୍ରାକୃତିକ ସମ୍ବଳକୁ ହଡପ୍ କରି ଆଧିପତ୍ୟ ବିସ୍ତାର କରିବାକୁ ଲାଗି ପଡିଛନ୍ତି । ଆଦିବାସୀମାନଙ୍କୁ କେଉଁଠି ପ୍ରଲୋଭିତ କରୁଛନ୍ତି ତ ଆଉ କେଉଁଠି ବଳ ପ୍ରୟୋଗ କରୁଛନ୍ତି । ଏହା ଫଳରେ ଆଦିବାସୀମାନେ ଶହ ଶହ ବର୍ଷ ଧରି ସେମାନଙ୍କର ପ୍ରାକୃତିକ ସମ୍ପଦ ଉପରେ ଯେଉଁ ପାରମ୍ପରିକ ଅଧିକାର ରହି ଆସିଥିଲା ତାହା ହରାଇ ବସିଛନ୍ତି । ଚାଷଜମି ଓ ଘରଡିହ ହରାଇ ସେମାନେ ବାସଚ୍ୟୁତ ହୋଇ ସାରିଛନ୍ତି । ଜୀବନଜୀବିକା ବିପନ୍ନ ହୋଇସାରିଛି । ଆଦିବାସୀମାନଙ୍କର ଜନସଂଖ୍ୟା ସାରା ପୃଥିବୀରେ କ୍ରମାଗତ ଭାବେ ହ୍ରାସ ପାଇଛି ଓ ଭାରତରେ ତଥା ଓଡ଼ିଶାରେ ଏହା ସ୍ପଷ୍ଟ ଭାବେ ଜନଗଣନାର ପରିସଂଖ୍ୟାନରୁ ଜଣାପଡିଛି । ଜମିହରାଇ ବସିଥିବା ଆଦିବାସୀଙ୍କ ସ୍ଥିତି ଏଇ ସ୍ତରରେ ପହଞ୍ଚିଛି ।

ଏବେ ଗତ ସପ୍ତାହରେ ଆଦିବାସୀ ଉପଦେଷ୍ଟା ପରିଷଦ (Tribes Advisory Council) ର ବୈଠକରେ ସର୍ବସମ୍ମତି କ୍ରମେ ଏକ ପ୍ରସ୍ତାବ ଗୃହିତ ହୋଇଛି ଯେ ଏଣିକି ଆଦିବାସୀମାନଙ୍କ ଜମି ବନ୍ଧକ ପଡିପାରିବ ଓ ଜମି ବିକାକିଣା ପାଇଁ ଯେଉଁ କଟକଣା ରହିଛି ତାହା ଆଇନ୍ ସଂଶୋଧନ ଦ୍ୱାରା ପରିବର୍ତ୍ତନ କରାଯିବ । ଅର୍ଥାତ ଆଦିବାସୀ ଅଞ୍ଚଳରେ ସ୍ଥାବର ସମ୍ପତି ହସ୍ତାନ୍ତରୀକରଣ ପାଇଁ ଯେଉଁ ଆଇନ୍ ଅଛି ତାହାକୁ ବାତିଲ କରାଯିବ ଓ ନୂଆ ଆଇନ୍ ପ୍ରଣୟନ କରାଯିବ। ୧୯୫୬ ମସିହାରେ ପ୍ରଣୟନ କରାଯାଇଥିବା ଓଡ଼ିଶା ରେଗୁଲେସନ୍ ନମ୍ବର ୨ରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି ଯେ ତଫସିଲ୍ ଅଞ୍ଚଳରେ ଆଦିବାସୀଙ୍କ ଦ୍ୱାରା ସ୍ଥାବର ସମ୍ପତିର ହସ୍ତାନ୍ତରୀକରଣର ନିୟନ୍ତ୍ରଣ ଓ ହ୍ରାସ ପାଇଁ ଏ ଆଇନ୍ ଉଦ୍ଦିଷ୍ଟ । ଏଥିରେ ସ୍ପଷ୍ଟ କରାଯାଇଛି ଯେ ଆଦିବାସୀମାନେ କେବଳ କୃଷି ପାଇଁ ବ୍ୟାଙ୍କରେ ଜମି ବନ୍ଧକ ଦେବାଛଡା ଅନ୍ୟ କୌଣସି ପାଇଁ ଜମିର ମାଲିକାନାକୁ ବଦଳେଇ ପାରିବେ ନାହିଁ ।

Digitized by srujanika@gmail.com

ଜଣେ ଆଦିବାସୀ କେବଳ ଆଉ ଜଣେ ଆଦିବାସୀକୁ ଜମି ବନ୍ଧକ ଦେଇପାରିବ ବା ବିକି ପାରିବ । ଯଦି ବିକ୍ରୟ ବା ବନ୍ଧକ ଦ୍ୱାରା କୌଣସି ଆଦିବାସୀର ଜଳସେଚିତ ଜମି ଦୁଇଏକରରୁ କମ୍ ବା ଅଣଜଳସେଚିତ ଜମି ୫ଏକରରୁ କମ୍ ହୋଇଥାଏ ତେବେ ଏ ହସ୍ତାନ୍ତରୀକରଣକୁ ଅନୁମତି ଦିଆଯିବ ନାହିଁ । ଏସବୁ କଟକଣାର ଉଦ୍ଦେଶ୍ୟ ହେଉଛି ଯେ, ଆଦିବାସୀ ଯେମିତି ଜମିହୀନ ନହେଉ ଓ ଆଦିବାସୀ ଅଞ୍ଚଳରେ କ୍ରମାଗତ ଭାବେ ଜମି ଯେମିତି ଅଣଆଦିବାସୀମାନଙ୍କ ହାତକୁ ଚାଲି ଯାଉଛି ତାହା ରୋକାଯାଉ । ସ୍ୱାଧୀନତା ପରେ ଆଦିବାସୀ ଅଞ୍ଚଳର ଜମି ମାଲିକାନା ଉପରେ ଅନେକ ଅଧ୍ୟୟନରୁ ଜଣାପଡିଛି ଯେ ଅତି ସହଜରେ ଅଣଆଦିବାସୀମାନେ ଆଦିବାସୀମାନଙ୍କଠାରୁ ବହୁ ପରିମାଣର ଜମିର ମାଲିକାନା ନେଇ ଯାଇଛନ୍ତି । ଏଇଥିପାଇଁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଆଦିବାସୀ ଜମି ବିକାକିଣା ଉପରେ କଟକଣା ଲାଗୁ କରାଯାଇ ବିଭିନ୍ନ ପ୍ରକାରର ଆଇନ୍ ପ୍ରଣୟନ କରାଯାଇଛି । ବର୍ତ୍ତମାନ ଓଡ଼ିଶାରେ ଏ ଆଇନ୍ ସଂଶୋଧନ କରିବା ପଛରେ କେଉଁ ପ୍ରକାରର ଉଦ୍ଦେଶ୍ୟ ରହିଛି ତାହାର ସମୀକ୍ଷା ଏକାନ୍ତ ଜରୁରୀ ହୋଇ ପଡିଛି ।

ଆଦିବାସୀ ଉପଦେଷ୍ଟା ପରିଷଦରେ ସଭାପତିତ୍ୱ କରନ୍ତି ଖୋଦ୍ ମୁଖ୍ୟମନ୍ତ୍ରୀ । ରାଜ୍ୟର ସମସ୍ତ ଆଦିବାସୀ ବିଧାୟକ ଓ ସଂସାଦ ଏହାର ସଦସ୍ୟ । ଏଥିରେ ଭାଗ ନିଅନ୍ତି ମୁଖ୍ୟ ସଚିବଙ୍କ ସମେତ ବରିଷ୍ଠ ଅଫିସରମାନେ । ଜଣେ ଦୁଇଜଣ ନେତୃସ୍ଥାନୀୟ ଆଦିବାସୀ ମଧ୍ୟ ଏଥିରେ ସଦସ୍ୟ ଥାଆନ୍ତି । (ଗତ କେତେବର୍ଷ ଧରି କାଶୀପୁରରେ ଆଦିବାସୀ ନେତ୍ରୀ ଶ୍ରୀମତୀ ସୁମନୀ ଝୋଡିଆ ଏଥିରେ ସଦସ୍ୟା ଥିଲେ । ଏବେ ପଦ୍ମଶ୍ରୀ ଶ୍ରୀମତୀ ତୁଳସୀ ମୁଣ୍ଡାଙ୍କୁ ନୂତନ ସଦସ୍ୟା ଭାବେ ନିଆଯାଇଛି ।) ଆଦିବାସୀ ଉପଦେଷ୍ଟା ପରିଷଦର ପ୍ରସ୍ତାବ ଗୁଡିକୁ ମାନ୍ୟବର ରାଜ୍ୟପାଳଙ୍କ ପାଖକୁ ପଠାଯାଏ ଓ ତାଙ୍କର ଅନୁମୋଦନ ଲାଭ କରିଥିଲେ ପ୍ରସ୍ତାବ ଗୁଡିକ କାର୍ଯ୍ୟକାରୀ କରାଯାଏ । ଏବେ ଜମିଜମା ହସ୍ତାନ୍ତରୀକରଣ ପାଇଁ ଯେଉଁ ପ୍ରସ୍ତାବ ଗୃହୀତ ହୋଇଛି ତାହା ରାଜ୍ୟପାଳ ସ୍ୱୀକାର କରିବେ କି ନାହିଁ ଦେଖିବାର ଅଛି ।

ଆମେ ଯେଉଁମାନେ ଆଦିବାସୀ ଅଞ୍ଚଳରେ ଗତ ପଚାଶବର୍ଷ ଧରି କାର୍ଯ୍ୟରତ ଅଛୁ ଓ ଆଦିବାସୀଙ୍କ ସଂସ୍ପର୍ଶରେ ଆସିଛୁ ଗୋଟିଏ କଥା ଲକ୍ଷ୍ୟ କରିଛୁ ପ୍ରତ୍ୟେକ ଆଦିବାସୀ ତାହାର ଜୀବନଜୀବିକା ଓ ସ୍ଥିତି ଜମି ଖଣ୍ଡିକକୁ ନେଇ ନିର୍ଦ୍ଧାରଣ କରିଥାଏ । ତାହା ହାତରୁ ଜମି ଚାଲିଗଲେ ସେ ସପରିବାରେ ନିଶ୍ଚିହ୍ନ ହୋଇଯିବ ବୋଲି ଭୟକରେ । ଜମି ପାଇଁ ଲଢ଼େଇ କରେ ଓ ଜୀବନ ଦେବାକୁ କୁଣ୍ଠା ପ୍ରକାଶ କରେ ନାହିଁ । ଜମିର ସତ୍ତ୍ୱ କଥା କହି ଆଜି ଆଦିବାସୀ ଅଞ୍ଚଳରେ ମାଓବାଦୀମାନେ ସେମାନଙ୍କର ପ୍ରଭାବ ବିସ୍ତାର କରି ପାରିଛନ୍ତି ।

Digitized by srujanika@gmail.com

କାଶୀପୁର ହେଉ ବା କଳିଙ୍ଗନଗର ହେଉ ଜମି ଓ ଭିଟାମାଟି ପାଇଁ ଆଦିବାସୀ ଆନ୍ଦୋଳନ କରୁଛି ଓ ପୁଲିସ୍ ଗୁଳିର ମୁକାବିଲା କରୁଛି । ଆଜି ଯେଉଁଠି ଜମି ଅଧିଗ୍ରହଣ କଥା ଉଠୁଛି, ସେଇଠି ଆଦିବାସୀ ବିରୋଧ କରୁଛି । ମୁଁ ଭାବୁନାହିଁ ଯେ ଆଦିବାସୀଜାତି ଜମି ବିକାକିଣା କରିବାକୁ ସ୍ୱତଃପ୍ରବୃତ୍ତ ହୋଇ ଆଗେଇ ଆସୁଛି । ସବୁଆଡେ ଚର୍ଚ୍ଚା ଚାଲିଛି ଯେ ଏବେ ସରକାର ଆଦିବାସୀଙ୍କ ପ୍ରତି ଉତ୍ସର୍ଗୀକୃତ କି ନାହିଁ ଆମର ଶାସନ ଗାଦିରେ ବସିଥିବା ମୁଖିଆମାନେ ବିଶେଷ କରି ଆଦିବାସୀ ଜନ ପ୍ରତିନିଧିମାନେ କାହିଁକି ଆଦିବାସୀ ଜମି ବିକାକିଣା ପ୍ରସ୍ତାବରେ ସହମତି ଦେଲେ ଆମର ସେକଥା ବୁଝିବାର ଅଛି । ଆମର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟସଚିବ ଆଦିବାସୀମାନଙ୍କୁ ବହୁତ ସ୍ନେହ କରନ୍ତି ବୋଲି ସମ୍ବାଦ ପତ୍ରରେ ଅନେକଥର ପ୍ରକାଶ ପାଇଛି । ଏଥରର ସରକାରଙ୍କ ନୀତି କୁଆଡେ ଆଦିବାସୀମାନଙ୍କୁ ଭଲ ଲାଗୁଛି ବୋଲି ପଞ୍ଚାୟତ ନିର୍ବାଚନରେ ଶାସକ ଦଳକୁ ବେଶୀ ସଂଖ୍ୟାର ଭୋଟ୍ ଦେଇଛନ୍ତି ବୋଲି ଏକ ବିଶ୍ଳେଷଣରୁ ଜଣାପଡିଛି । ସମ୍ଭବତଃ ଆଦିବାସୀମାନଙ୍କ ହିତ ପାଇଁ ଯେମିତି ଏ ସରକାର ଅଙ୍ଗୀକାରବଦ୍ଧ ତାହା ଜଣାପଡୁଛି । ଏଇଥିପାଇଁ କାଶୀପୁର ଓ କଳିଙ୍ଗନଗରର ଗୁଳିକାଣ୍ଡର ସମ୍ଭବତଃ କୌଣସି ପ୍ରଭାବ ଆଦିବାସୀମାନଙ୍କ ଉପରେ ପଡି ନାହିଁ ବୋଲି ଏକ ଧାରଣା ସୃଷ୍ଟି କରାଯାଉଛି । ଆଦିବାସୀଙ୍କ ଭିତରେ କେଉଁ ପ୍ରକାର ମାନସିକତା ସୃଷ୍ଟି ହୋଇଛି ତାହା ସେମାନେ ଖୋଦ୍ ଜାଣିଥିବେ ।

ଆଦିବାସୀ ଅଞ୍ଚଳପାଇଁ ପ୍ରସ୍ତାବିତ ଜମିଜମା ହସ୍ତାନ୍ତରୀକରଣ ଆଇନ ସଂଶୋଧନ ପ୍ରତ୍ୟେକ ଆଦିବାସୀ ବିରୋଧ କରିବାର ଅଛି । ଏହା ସ୍ପଷ୍ଟଭାବେ କୁହାଯାଇପାରେ ଯେ ସରକାରଙ୍କ ଏହା ଆଦିବାସୀମାରଣ ନୀତି । ଏବେ ଶିଳ୍ପ କାରଖାନା ଓ ଖଣିଖାଦାନ ପାଇଁ ଆଦିବାସୀଙ୍କ ଜମି ଆବଶ୍ୟକତା ରହିଛି । ଜମି ଅଧିଗ୍ରହଣରେ ଯେଉଁ ବାଧାବିଘ୍ନ ସୃଷ୍ଟି ହୋଇଛି ଓ ଦେଶସାରା ଯେଉଁ ଅଶାନ୍ତିର ଏକ ବାତାବରଣ ସୃଷ୍ଟି ହୋଇଛି, ସେଥିରୁ ଶିକ୍ଷାଲାଭ କରି ସରକାର ଆଇନ୍‌ଗତ ଦୃଷ୍ଟିରେ ଆଉ ଜମିଅଧିଗ୍ରହଣ କରିବାକୁ ଆଗ୍ରହ ଦେଖାଇ ନାହାଁନ୍ତି । ଶିଳ୍ପପତି ଓ କର୍ପୋରେଟ୍‌ମାନଙ୍କ ଏବେ କୁହାଯାଇଛି ଯେ ଜମି ମାଲିକଙ୍କସହ ବୁଝାମଣାକରି ସେମାନେ ଜମି କିଣନ୍ତୁ । ଅର୍ଥାତ୍ ଆଦିବାସୀମାନଙ୍କ ଜମି କିଣିବାକୁ ହେଲେ ସେମାନଙ୍କ ସହ ମୂଲଚାଲ କରନ୍ତୁ । ଏଇଭଳି ଜମି ବିକାକିଣାରେ ଓଡ଼ିଶା ରେଗୁଲେସନ୍ ଏ ବାଧା ନିଶ୍ଚୟ ସୃଷ୍ଟି କରିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ତାହାକୁ ଦୂର କରିବା ପାଇଁ ଆଇନ୍ ସଂଶୋଧନର ଆବଶ୍ୟକତା ଅଛି । ଏହା ପଛରେ ସରକାରଙ୍କ ଯେଉଁ ଅସଲ ଉଦ୍ଦେଶ୍ୟ ଅଛି ତାହା ଆଦିବାସୀମାନେ ବୁଝିବେକି ନାହିଁ ସ୍ପଷ୍ଟ ଜାଣି ହେଉନାହିଁ । ଆଦିବାସୀମାନଙ୍କ ହାତରେ ଯେଉଁ ଅଳ୍ପ କିଛି ଜମି ଅଛି ତାହା ଯଦି ସେମାନେ ହରାଇ ବସିବେ, ତେବେ ଜୀବନଜୀବିକା ପାଇଁ କୁଆଡେ ଯିବେ ବିଚାର କରିବାର ଅଛି ।

Digitized by srujanika@gmail.com

ଏବେ ଓଡ଼ିଶା ପାର୍ଶ୍ୱବର୍ତ୍ତୀ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ଝାରଖଣ୍ଡ ପ୍ରଦେଶରେ ଆଦିବାସୀ ଅଞ୍ଚଳରେ ଜମି ହସ୍ତାନ୍ତରୀକରଣ ପ୍ରକ୍ରିୟା ଜୋରସୋରରେ ଚାଲିଛି । ଝାରଖଣ୍ଡରେ ଐତିହାସିକ ଛୋଟାନାଗପୁର ଟେନାନ୍‌ସି ଆକ୍‌ଟ ଥାଇ ମଧ୍ୟ ଏବେ ଅଣଆଦିବାସୀମାନେ ଏତେ ସଂଖ୍ୟାରେ ଜମିର ମାଲିକାନା ନିଜ ଅକ୍ତିଆରକୁ ନେଇଛନ୍ତି ଯେ ରାଞ୍ଚି ଭଳି ଜିଲ୍ଲାରେ ଆଦିବାସୀ ଆଜି ସଂଖ୍ୟାନ୍ୟୁନରେ ପରିଣତ ହୋଇଛି । କେରଳରେ ଥିବା ଆଦିବାସୀ ଅଧ୍ୟୁଷିତ ୱାଇନାଡ୍ ଜିଲ୍ଲାରେ କଫିଚାଷକୁ ପ୍ରୋତ୍ସାହନ ଦେଇଥିବାରୁ ଅଣଆଦିବାସୀମାନେ ଶତକଡ଼ା ୭୫ଭାଗ ଆଦିବାସୀ ଜମିକୁ ଚାଷ ପାଇଁ ଅଧିକାର କରିସାରିଛନ୍ତି । ଯେଉଁଠି ଶିଳ୍ପ କାରଖାନା ଓ ଖଣି ଖାଦାନ ଗଢ଼ି ଉଠୁଛି, ସେଠାରେ ଆଦିବାସୀମାନଙ୍କ ଜମି ଅଣଆଦିବାସୀମାନଙ୍କ ହାତକୁ ଚାଲି ଯାଉଛି । ଆଦିବାସୀମାନଙ୍କୁ କୁଡ଼ିଆଟିଏ କରି ରହିବାକୁ ମଧ୍ୟ ଯାଗା ମିଳୁ ନାହିଁ ।

ମୁଁ ଆଶା କରିବି ଯେ ଆଜି ସାରା ଆଦିବାସୀ ସମାଜ ତାହାର ଆଖିଖୋଲିବ ଓ ସରକାରଙ୍କ ଆଦିବାସୀ ଜମି ହସ୍ତାନ୍ତରୀକରଣ ଆଇନ୍ ସଂଶୋଧନକୁ ବିରୋଧ କରିବ । ମୁଁ ମାନ୍ୟବର ରାଜ୍ୟପାଳଙ୍କୁ ଅନୁରୋଧ କରିବି ଯେ, ସେ ଏଇ ସରକାରୀ ପ୍ରସ୍ତାବ ସହ ଏକମତ ହେବେ ନାହିଁ । ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ କରାଯାଉଛି ଯେ ରାଜ୍ୟପାଳ ଆଦିବାସୀମାନଙ୍କ ସୁରକ୍ଷା ପାଇଁ ଯେ କୌଣସି ଆଇନ୍ ରଦ୍ଦ କରିପାରିବେ ବା ନୂଆ ଆଇନ୍ ପ୍ରଣୟନ କରିପାରିବେ । ଏହା ତଫସିଲ୍‌ଏରିଆ ପାଇଁ ବିଶେଷ ପ୍ରଯୁଜ୍ୟ । ମୁଁ ଆଶା କରିବି ଯେ ମାନ୍ୟବର ରାଜ୍ୟପାଳ ବିଭିନ୍ନ ଆଦିବାସୀସମୂହରୁ ସେମାନଙ୍କର ପାରମ୍ପରିକ ନେତୃତ୍ୱକୁ ଆମନ୍ତ୍ରଣ କରିବେ ଆଲୋଚନା ପାଇଁ । ପ୍ରଭାବିତ ଆଇନ ସଂଶୋଧନ ପ୍ରତି ସେମାନଙ୍କର ସମ୍ମତି ଅଛି କି ନାହିଁ ସ୍ପଷ୍ଟ ଜାଣିବେ ।

ଆଦିବାସୀମାନଙ୍କ ଅସଲ ଶତ୍ରୁ ହେଉଛନ୍ତି କିଏ ? ଏକ ଅଧ୍ୟୟନରୁ ଜଣା ପଡିଛି ଯେ ଯେତେ ଆଦିବାସୀ ମାରଣ ନୀତି ପ୍ରଣୟନ କରାଯାଇ ତାହାକୁ ପ୍ରଥମେ ସମର୍ଥନ ଦେଇଛନ୍ତି ଆଦିବାସୀମାନଙ୍କ ଜନ ପ୍ରତିନିଧିମାନେ । ଶହ ଶହ ବର୍ଷର ଐତିହାସିକ ଅନ୍ୟାୟର ଶେଷ ପାଇଁ ଆଇନ୍ ପ୍ରସ୍ତୁତି ହୋଇଥିଲା ବେଳେ, ଆଗ ଏକ ଅନ୍ୟାୟ ମିଶ୍ରିତ ଆଇନ୍ ପ୍ରଣୟନ କେତେ ଯୁକ୍ତିଯୁକ୍ତ ତାହା ସମସ୍ତ ସଚେତନ ନାଗରିକ ଆଲୋଚନା କରିବା ଏକାନ୍ତ ଜରୁରୀ ହୋଇପଡିଛି ।

ସାରାପୃଥିବୀରେ ବିଶ୍ୱବ୍ୟାଙ୍କ ଓ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଚାଷ ଫଳର ଜମିନୀତି ଓ ଆଇନ୍‌କାନୁନ୍ ବଦଳିବାରେ ଲାଗିଛି ଓ ଛୋଟଛୋଟ ଚାଷୀ ବିଶେଷ କରି ଆଦିବାସୀମାନଙ୍କ ହାତରୁ ଜମିର ମାଲିକାନା ନେଇ କେଉଁଠି ଶିଳ୍ପ କାରଖାନା ଗଢ଼ି ଉଠୁଛିତ କେଉଁଠି ଠିକା ଚାଷ କରାଯାଉଛି । ଜମିକୁ ଏକ ଲାଭଦାୟକ ବ୍ୟବସାୟରେ

Digitized by srujanika@gmail.com

ପରିଣତ କରାଯାଉଛି । ଶାସକ ବର୍ଗ ଏବେ ଜମିକୁ ନେଇ ବ୍ୟବସାୟ କରୁଛନ୍ତି ଏବଂ ରାଷ୍ଟ୍ରମୁଖ୍ୟମାନେ ଜମିଦଲାଲ୍ ବା ପ୍ରୋପର୍ଟିଡିଲରର ଭୂମିକା ଗ୍ରହଣ କରୁଛନ୍ତି । ଉଦାରୀକରଣ ଓ ଜଗତୀକରଣ ପ୍ରକ୍ରିୟାର ଏହା ଏକ ଭୟାନକ ଫଳାଫଳ ବୋଲି ସ୍ୱୀକାର କରାଯାଉଛି ।

ଆଦିବାସୀମାନଙ୍କ ଭବିଷ୍ୟତ କ'ଣ ସେମାନେ ନିଶ୍ଚୟ ଆଲୋଚନା କରୁଥିବେ । ଓଡ଼ିଶାର ବିଖ୍ୟାତ ପରିବେଶବିତ୍ ସ୍ୱର୍ଗତ ବାଙ୍କବିହାରୀ ଦାସ ଆଦିବାସୀ ଅଞ୍ଚଳରେ ଜମି ଅଧିଗ୍ରହଣ ପାଇଁ ବିଶେଷ ଚିନ୍ତିତ ଥିଲେ । ଆମ ସହ ସଂପୃକ୍ତ ହୋଇଥିବା ଜଣେ ନବନିର୍ବାଚିତ ବିଧାୟକଙ୍କୁ ତାଙ୍କ ସହ ବାର୍ତ୍ତାଳାପ କରିବାକୁ ମୁଁ ଏକ ଅବସର ସୃଷ୍ଟି କରିଥିଲି । କଥା ଛଳରେ ବାଙ୍କବାବୁ ଏ ବିଧାୟକଙ୍କୁ ପଚାରିଥିଲେ ଯେ, ନନ୍ଦନକାନନ ଓ ମ୍ୟୁଜିୟମ ଦେଖିଛନ୍ତି କି ? ପ୍ରାଣୀ ଜଗତରେ ବିଭିନ୍ନ ପ୍ରାଣୀମାନେ ଯେତେବେଳେ ଲୁପ୍ତପ୍ରାୟ ହୁଅନ୍ତି ଚିଡିଆଖାନାକୁ ଆସନ୍ତି ଓ ଶେଷରେ ମ୍ୟୁଜିୟମ୍‌ରେ ଶୋଭା ପାଆନ୍ତି । ଆଦିବାସୀମାନେ ଏବେ ଚିଡିଆଖାନାର ଜୀବଭଳି ରହିବାକୁ ଅଣଆଦିବାସୀମାନେ ଚକ୍ରାନ୍ତ କରୁଛନ୍ତି । ଏହାପରେ ସେମାନଙ୍କୁ ମ୍ୟୁଜିୟମକୁ ପଠାଇବାକୁ ନିଶ୍ଚୟ ଯୋଜନା କରାଯିବ ଏଥିରେ ସନ୍ଦେହ ନାହିଁ ।

ଆଦିବାସୀ ଓ ଜନଜାତିମାନେ ଏହି ଆଶଙ୍କା ପ୍ରତି ସଚେତନ ଅଛନ୍ତି କି ନାହିଁ ସେମାନଙ୍କୁ ପଚାରିବାର ଯଥାର୍ଥତା ରହିଛି ।

□□□

Digitized by srujanika@gmail.com

ପୁନଶ୍ଚ ଭୂ-ସତ୍ୟାଗ୍ରହର ଆବଶ୍ୟକତା ଅଛିକି ?

ଆଦିବାସୀ ଉପଦେଷ୍ଟା ପରିଷଦରେ ଆଦିବାସୀ ଅଞ୍ଚଳ ପାଇଁ ଜମିନୀତି ଉପରେ ଯେଉଁ ନିଷ୍ପତ୍ତି ନିଆଯାଇଛି ତାହାର ସୁଦୂରପ୍ରସାରୀ ପ୍ରଭାବ ପ୍ରତ୍ୟେକ ଆଦିବାସୀ ଓ ସେମାନଙ୍କର ହିତ ମନାସୁଥିବା ନାଗରିକମାନେ ଜାଣିବା ଏକାନ୍ତ ଆବଶ୍ୟକ । ଖବରକାଗଜରୁ ଏକଥା ପଢ଼ିବା ପରେ ମୁଁ କାଶୀପୁରର ଆଦିବାସୀ ନେତ୍ରୀ ସୁମନୀ ଝୋଡ଼ିଆଙ୍କୁ ଜଣାଇଥିଲି ଓ ସେ ଯେ ଆଉ ଆଦିବାସୀ ଉପଦେଷ୍ଟା ପରିଷଦରେ ସଦସ୍ୟା ନାହାନ୍ତି ସେ କଥା ସୂଚନା ଦେଇଥିଲେ । ତାଙ୍କର ସ୍ୱତଃସ୍ଫୂର୍ତ୍ତ ମତାମତ ଥିଲା ଯେ, ଆଦିବାସୀ ଜମି ହସ୍ତାନ୍ତରୀକରଣ ଏବଂ ବିକାକିଣା ଆଇନ୍ କୋହଳ ବର୍ତ୍ତମାନ ସରକାରଙ୍କ ଆଦିବାସୀ ମାରଣ ନୀତି । ସେ ଆଦିବାସୀ ଉପଦେଷ୍ଟା ପରିଷଦର ମିଟିଂରେ ବାରମ୍ବାର ଆଦିବାସୀ ଜମି ବିକାକିଣା ଉପରେ କଟକଣା ରହିଥାଉ ବୋଲି ଦାବି କରିଛନ୍ତି । ପରିଷଦର ବିଭିନ୍ନ ମିଟିଂରେ ଆଦିବାସୀ ବିଧାୟକମାନେ କିପରି ଚୁପ୍ ରହନ୍ତି ଓ ମୁଖ୍ୟମନ୍ତ୍ରୀଙ୍କ କଥାରେ ହଁ ଭରୁଥାଆନ୍ତି, ସେ କଥା ସେ ବର୍ଣ୍ଣନା କରିଥିଲେ । ଏପରିକି ଆଦିବାସୀ ବିଧାୟକ ଓ ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀ ବୁଝିବା ପାଇଁ ଖଣ୍ଡିଆ ଇଂରାଜୀରେ କହିବାର ଅପଚେଷ୍ଟାକୁ ସୁମନୀ ଝୋଡ଼ିଆ ନାପସନ୍ଦ କରିଛନ୍ତି । ସେ ଆହୁରି କହୁଥିଲେ ଯେ ସେ ଆଦିବାସୀ ଜମି ବିକାକିଣା ସପକ୍ଷରେ ଅଛନ୍ତି ବୋଲି ଗଣମାଧ୍ୟମରେ ଅପପ୍ରଚାର କରାଯାଇଛି ଏବଂ ପ୍ରତିବାଦ ପତ୍ର ପଠାଇଲେ ମଧ୍ୟ ତାହା ପ୍ରକାଶ କରାଯାଇ ନାହିଁ । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସମୟରେ ଉପଦେଷ୍ଟାର ଦାୟିତ୍ୱ ନେଇ ସୁନାମ ଅର୍ଜନ କରିଥିବା ଓ ସ୍ପଷ୍ଟବାଦିତା ପାଇଁ ନାମ କମାଇଥିବା ସୁମନୀ ଆଜି ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି । ଯେକୌଣସି ଆଦିବାସୀ ଜମି ହସ୍ତାନ୍ତରୀକରଣ ପାଇଁ ଯେଉଁ ଷଡ଼ଯନ୍ତ୍ର ଚାଲିଛି ତାହା ବୁଝିପାରିଲେ ଯେକେହି ନିଶ୍ଚୟ ପ୍ରତିକ୍ରିୟାଶୀଳ ହୋଇପଡ଼ିବ ଏଥିରେ ସନ୍ଦେହ ନାହିଁ । ଯେଉଁ ଆଦିବାସୀମାନେ ନିଜ ଜମି ବିକିବାକୁ ବା ବନ୍ଧକ ଦେବାକୁ ଚାହୁଁଛନ୍ତି, ସେମାନେ 'ଡ଼ିକୁ' ଛଡ଼ା ଅନ୍ୟ କିଛି ନୁହେଁ ବୋଲି ସ୍ପଷ୍ଟ ଧାରଣା ସୃଷ୍ଟି ହୋଇଛି । ଆଦିବାସୀ ଅଞ୍ଚଳରେ 'ଡ଼ିକୁ' ଏବେ ନୂତନ ଗୋଷ୍ଠୀଭାବେ ପୁନଃପ୍ରତିଷ୍ଠା କରୁଛି ।

Digitized by srujanika@gmail.com

ଖାଲି ଓଡ଼ିଶାରେ ନୁହେଁ, ଭାରତରେ ଏବଂ ପୃଥିବୀରେ ଆଦିବାସୀ ସମୂହ ଭୋକ ଉପାସରେ ରହୁଛି ଓ ଅନାହାରରେ ମରୁଛି । ବେଳେ ବେଳେ ଜଙ୍ଗଲର କନ୍ଦା ଓ ଫୁଲଫଳ ମଧ ଖାଇବାକୁ ମିଳୁନାହିଁ । ଓଡ଼ିଶାରେ କେ.ବି.କେ. ଜିଲ୍ଲାଗୁଡ଼ିକ ନୁହଁ, ଖୋଦ୍ ମୁମ୍ବାଇ ସହରର ପାଖରେ ଥିବା ଆଦିବାସୀ ଅଧ୍ୟୁଷିତ ନାସିକ ଜିଲ୍ଲାରେ ମଧ ଅନାହାର ମୃତ୍ୟୁ ଲାଗିରହିଛି । ଏସବୁ ମୃତ୍ୟୁର ଅସଲ କାରଣ ଜାଣିବା ପାଇଁ ବିଖ୍ୟାତ ବୁଦ୍ଧିଜୀବୀ ଜଁ ଡ୍ରେଜ୍ ବା ବବ୍ କ୍ୟୁରୀଙ୍କ ବହି ପଢ଼ିବାର ଆବଶ୍ୟକତା ନାହିଁ । ସାଧାରଣ ଜ୍ଞାନରୁ ଜଣେ ଅକ୍ଲେଶରେ କହିପାରେ ଯେ ଓଡ଼ିଶା ବା ଭାରତରେ ଯେଉଁଠି ଅନାହାର ମୃତ୍ୟୁ ହେଉଛି, ସେଠାରେ ଆଦିବାସୀମାନେ ଜମିହୀନ ହୋଇ ରହିଛନ୍ତି । ଜମି ହେଉଛି ଖାଦ୍ୟ ଓ ପୌଷ୍ଟିକ ନିରାପତ୍ତାର ଯେ ଅସଲ କାରଣ, ଏହା ବିଭିନ୍ନ ସ୍ଥାନରେ ଓ ପରିସରରେ ପ୍ରମାଣିତ ହୋଇ ସାରିଛି । ଆଦିବାସୀ ମଧ ନିଜେ ଜାଣିଛି ଯେ ଜମି ଆଉ ଜୀବିକା କିଭଳି ଓତଃପ୍ରୋତ ଭାବେ ସଂଶ୍ଳିଷ୍ଟ । ତାହାର ସଂଘର୍ଷ ଜମି ପାଇଁ ଓ ବଞ୍ଚିବା ପାଇଁ । ତାହାର ପରିଚୟ ଜମିକୁ ନେଇ । ତାହାର ବିକାଶ ମଧ ଜମି ସମ୍ବଳକୁ ଆଧାର କରି ।

ସତରେ ବର୍ତ୍ତମାନର ସରକାର ଆଦିବାସୀଙ୍କ ମଙ୍ଗଳ ଚାହୁଁଛନ୍ତିକି ? ମୁଁ ଦୃଢ଼ ସ୍ୱରରେ କହିବି ଯେ ଆଦିବାସୀ ଅଞ୍ଚଳରେ ଜମି ହସ୍ତାନ୍ତରୀକରଣ ଆଇନକୁ କୋହଳ କରିବାକୁ ପ୍ରୟାସ କରିବା ସରକାରଙ୍କ ଆଦିବାସୀ ବିରୋଧୀ ବିଚାରଧାରାର ପ୍ରତିଫଳନ ଛଡ଼ା ଅନ୍ୟକିଛି ନୁହେଁ । ସ୍ୱାଧୀନତାର ପ୍ରାରମ୍ଭରେ ଯେତେବେଳେ ମୁକ୍ତି ଓ ନାଗରିକତ୍ୱ, ସମତା ଓ ସମ୍ଭବତାର ଆଲୋକରେ ଆଦିବାସୀମାନେ ଆଲୋକିତ ହେଉଥିଲେ, ସେ ସମୟରେ ବିଭିନ୍ନ ପ୍ରଦେଶରେ ଭୂ-ସଂସ୍କାରକୁ ତ୍ୱରାନ୍ୱିତ କରାଯିବାକୁ ପଦକ୍ଷେପ ନିଆଯାଇଥିଲା ଓ ଆଇନଗତ ଏବଂ ସାମ୍ବିଧାନିକ ବ୍ୟବସ୍ଥା ମଧ ଲାଗୁ କରାଯାଇଥିଲା । ଭୂ-ସଂସ୍କାରର ଏଇସବୁ ଇତିହାସକୁ ନେଇ କ'ଣ ସବୁ ଦଲିଲ୍ ଅଛି ଓ ସେ ଦଲିଲ୍‌ଗୁଡ଼ିକର ମହତ୍ତ୍ୱ ଓ ସତ୍ୟତାକୁ ନେଇ ଓଡ଼ିଶାରେ ଗବେଷଣା ଯଥେଷ୍ଟ ହୋଇ ନାହିଁ । ଯେଉଁ ଜଣେ ଅଧେ ଲେଖିଛନ୍ତି ସେଥିରେ ଅଛନ୍ତି କେବଳ ଅମଲାମାନେ ଯଥା; ସୁଲେଖକ ଓ ଔପନ୍ୟାସିକ ସ୍ୱର୍ଗତଃ ଗୋପୀନାଥ ମହାନ୍ତି ଓ ପ୍ରଶାସକ ସ୍ୱର୍ଗତଃ ଏନ୍.ସି. ବେଉରିଆ । ଆଦିବାସୀମାନଙ୍କ ପାଖରେ ସେସବୁ ଲେଖାର ଅର୍ଥ କିଛି ନାହିଁ, କାରଣ ଏ ଅଞ୍ଚଳରେ ଆଦିବାସୀ ଜମି ଅଣଆଦିବାସୀମାନଙ୍କ ପାଖକୁ କ୍ରମାଗତ ଭାବେ ହସ୍ତାନ୍ତରୀକରଣ ହୋଇଛି । କିଛି ଆଇନ୍ ବଳରେ ତ କିଛି ବେନାମୀ ବିକାକିଣା କାରବାରରେ । ଯେଉଁ କିଛି ପ୍ରତିରୋଧ ହୋଇଛି ତାହାର ଦୁଇ-ତିନୋଟି ଉଦାହରଣ ରହିଛି ।

ପଚାଶ ଦଶକରେ ଭୂ-ସତ୍ୟାଗ୍ରହ ଓ ତା'ର ପରବର୍ତ୍ତୀ ଭୂ-ଦାନ, ସତୁରୀ ଦଶକରେ ନକ୍ସଲବାଦୀ ଆନ୍ଦୋଳନ, ଏ ଶତାବ୍ଦୀରେ ଆଦିବାସୀଙ୍କ ଉପରେ ହୋଇଥିବା ବିଭିନ୍ନ ଗୁଳିକାଣ୍ଡ ଆଦି ପ୍ରତିରୋଧର ଇତିହାସ ବୋଲି ମାନିବାକୁ ହେବ । ଏହାକୁ ଛାଡ଼ି ଗୋଟିଏ ରାଜନୈତିକ

Digitized by srujanika@gmail.com

ସଦିଚ୍ଛାରେ କିପରି ଆଦିବାସୀଙ୍କୁ ଜମି ମିଳିବା ସମ୍ଭବ ତାହାର ମଧ୍ୟ ଏକ ଜ୍ୱଳନ୍ତ ଉଦାହରଣ ଅଛି । ବିନା ବିପ୍ଳବ ଓ ହିଂସାରେ ମଧ୍ୟ ଆଦିବାସୀ ତା'ର ନ୍ୟାଯ୍ୟ ଜମି ଫେରି ପାଇବାର ଉଦାହରଣ, ଆଜିର ବଢ଼ନ୍ତି ମାଓବାଦୀ ହିଂସାକୁ ନିୟନ୍ତ୍ରଣ କରିବାର ରାସ୍ତା ଦେଖାଉଛି । ପାଠକମାନଙ୍କ ଅବଗତି ପାଇଁ ମୁଁ ଏହାର ଏକ ସଂକ୍ଷିପ୍ତ ବିଶ୍ଳେଷଣ କରୁଛି । ଭୂ-ସତ୍ୟାଗ୍ରହ ଓଡ଼ିଶାରେ ସ୍ୱାଧୀନୋତ୍ତର ସମୟରେ ହୋଇଥିଲା ଅବିଭକ୍ତ କୋରାପୁଟ ଜିଲ୍ଲାର ଗୁଣପୁର ତହସିଲରେ । ସ୍ୱାଧୀନତା ପ୍ରାପ୍ତିମାନେ ଆଦିବାସୀମାନେ ଆଶା କରିଥିଲେ ଯେ ଶହ ଶହ ବର୍ଷ ଧରି ତାଙ୍କର ଜମି ଯେଉଁଭଳି ଅଣଆଦିବାସୀମାନେ ଦଖଲ କରିଛନ୍ତି, ସରକାର ସେ ସବୁଜମି ଫେରାଇ ଦେବେ । ସରକାର ନିରବ ରହିଥିବା ଦେଖି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିବା ଆଦିବାସୀମାନେ ୧୯୫୧ ମସିହାରେ ଭୂ-ସତ୍ୟାଗ୍ରହ ଆରମ୍ଭ କରିଥିଲେ । ଏହାର ସମର୍ଥକ ଓ ସଚେତକ ଥିଲେ ବିଶିଷ୍ଟ ସର୍ବୋଦୟ କର୍ମୀ ଶ୍ରୀ ବିଶ୍ୱନାଥ ପଟ୍ଟନାୟକ ଓ ସହାୟତା ଦେଇଥିଲେ ଶ୍ରୀ ରତନ ଦାସ ଓ ଶ୍ରୀମତୀ ଶାନ୍ତି ଦେବୀ । ଭୂ-ସତ୍ୟାଗ୍ରହ ଏକ ନବ ଉନ୍ମେଷ ଥିଲା ନିଶ୍ଚିତ । ଏହା ଅଙ୍କୁରିତ ହେବାର କିଛି ଦିନ ଭିତରେ ଏହାର ଅକାଳ ମୃତ୍ୟୁ ହେଲା କାରଣ ସେ ସମୟର ଶାସନଗାଦୀରେ ବସିଥିବା ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓ ତାଙ୍କର ପରିବାରର ଅସ୍ପଷ୍ଟ ଆଭିମୁଖ୍ୟ ଏ ଆଦିବାସୀ ଆନ୍ଦୋଳନକୁ ସମର୍ଥନ ଦେଇନଥିଲା । ଯେହେତୁ ନେତୃତ୍ୱ ଚୌଧୁରୀ ପରିବାରରୁ ଆସିନଥିଲା, ସେଇଥିପାଇଁ ଭୂସତ୍ୟାଗ୍ରହକୁ କିଛି ନା କିଛି ଆଳ ଦେଖାଇ ଭଣ୍ଡୁର କରାଯିବାକୁ ଚକ୍ରାନ୍ତ କରାଯାଇଥିଲା ବୋଲି କେତେକ ସର୍ବୋଦୟ କର୍ମୀ ଓ ବୁଦ୍ଧିଜୀବୀ ଏବେ ମଧ୍ୟ କହୁଛନ୍ତି । ଭୂ-ସତ୍ୟାଗ୍ରହ ଓଡ଼ିଶାର ଆଦିବାସୀ ଇତିହାସରେ ମାଇଲଖୁଣ୍ଟ ହୋଇ ରହିଥାଆନ୍ତା ନିଶ୍ଚିତ । କିନ୍ତୁ ଭୂ-ସତ୍ୟାଗ୍ରହ ଅସଲରେ କ'ଣ ? ସମ୍ମାନୀୟ ଶ୍ରୀ ବିଶ୍ୱନାଥ ପଟ୍ଟନାୟକଙ୍କ ଏ ଅଭିନବ ପରୀକ୍ଷାକୁ ଚମତ୍କାର ଭାବେ ଉଲ୍ଲେଖ କରାଯାଇଛି ତାଙ୍କର ଜୀବନୀ 'ଆଜ୍ଞା'ବହିରେ । ଶ୍ରୀ ସୁବାସ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଲିଖିତ ଏ ବହି ପ୍ରତ୍ୟେକ ଆଦିବାସୀ ପଢ଼ିବା କଥା ଓ 'ଆଜ୍ଞା'ଙ୍କ ଆଗରେ ନତମସ୍ତକ ହେବାର କଥା । ଭୂ-ସତ୍ୟାଗ୍ରହକୁ ନେଇ କି ପ୍ରକାର ରାଜନୀତି ହୋଉଛି ତାହାର ବିଶ୍ଳେଷଣ କରୁଛନ୍ତି ବିଶିଷ୍ଟ ଲେଖକ ଓ ସମାଲୋଚକ ଚିତ୍ତଭାଇ ସ୍ୱର୍ଗତଃ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ଲେଖିବା ମାଧ୍ୟମରେ । ସମସ୍ତଙ୍କ ଅବଗତି ନିମନ୍ତେ ଶ୍ରୀଯୁକ୍ତ ବିଶ୍ୱନାଥ ପଟ୍ଟନାୟକଙ୍କ କେତୋଟି ବକ୍ତବ୍ୟ ମୁଁ ଏଠାରେ ଉଦ୍ଧାର କରୁଛି ।

"ଶ୍ରୀ ଚରଣେଷୁ, କୁଜେନ୍ଦ୍ରୀ, ୨୪।୧୧।୫୧

ବାପା - ସୌରା ଓ କନ୍ଧ ଲୋକେ ତାହାଙ୍କର ଯେଉଁ ସବୁ ଜମି ଅନ୍ୟାୟ ଭାବେ ଅଣ-ଆଦିବାସୀମାନେ ହସ୍ତାନ୍ତର କରି ନେଇଛନ୍ତି ବୋଲି ଅନୁଭବ କରୁଛନ୍ତି ସେସବୁ ଜମିରେ ଏବର୍ଷ ପ୍ରବେଶ କରି ଜେଲ୍, ଜୋରିମାନା ଓ ମାଡର ନିର୍ଯ୍ୟାତନା ଭୋଗୁଛନ୍ତି । ଗରିବ

Digitized by srujanika@gmail.com

ହେତୁ ଅଦାଲତର ନ୍ୟାୟ ମଧ୍ୟ ପାଉନାହାନ୍ତି । ତେଣୁ ଏକ ତରଫିଆ ହୋଇ ଏକ ଛାତିକୁ ସନ୍ତୋଷ କରିବାକୁ ବସି ନରହି ଏ ଅନ୍ୟାୟର ବିରୋଧ କରିବା ପାଇଁ ମନରେ ଉଠୁଛି । ତେଣୁ ଏକ ସତ୍ୟାଗ୍ରହ ଆବଶ୍ୟକତା ଅନୁଭବ ହେଉଛି । ଏଥିପାଇଁ ପ୍ରାଥମିକ କାମ ସତ୍ୟାଗ୍ରହୀ ସଂଗ୍ରହ ଆରମ୍ଭ ହେବାକୁ ଯାଇଛି । କିଏ ନ ଜାଣେ ଯେ ଏ ଜିଲ୍ଲାର ସମସ୍ତ ଜମି ଦିନେ ଆଦିବାସୀଙ୍କର ଥିଲା । ବାହାରୁ ଲୋକେ ଆସି ଆଦିବାସୀଙ୍କର ସରଳତାରୁ ଫାଇଦା ଉଠାଇଲେ ଏବଂ ଅନ୍ୟାୟ ଭାବେ ସେମାନଙ୍କର ଜମି ସବୁ ନିଜର କରିନେଲେ । ବର୍ତ୍ତମାନ ଆଦିବାସୀଙ୍କର ମନରେ ଚେତନା ଆସିଛି । ଅଣଆଦିବାସୀମାନେ ଜମି ଅପହରଣ କରି ନେଇଥିବା ସେମାନେ ବୁଝି ତା'ର ପ୍ରତିକାରର ଆଶ୍ରୟ ଲୋଡୁଛନ୍ତି । ଏ ପରିସ୍ଥିତିରେ ଯେଉଁମାନେ ଅନ୍ୟାୟ ବିରୋଧକାରୀ ବୋଲି ଅନୁଭବ କରୁଛନ୍ତି, ବସି ନରହି ଏ ଅନ୍ୟାୟର ବିରୋଧ ପାଇଁ ଆଦିବାସୀଙ୍କ ସହ ଲାଗି ପଡ଼ିବା ଉଚିତ ମନେ ହେଉଛି । ମୋର ବିଶ୍ୱାସ ଆପଣଙ୍କର ସହଯୋଗରେ ବହୁ କଠିନ ପରିସ୍ଥିତିରେ ହେଲେ ମଧ୍ୟ ଏଥିରେ ନିଶ୍ଚିତ କୃତକାର୍ଯ୍ୟ ହେବୁ । ଶହ ଶହ ବର୍ଷର ବ୍ରିଟିଶ ଓ ଗଡ଼ଜାତ ଅନ୍ୟାୟ ଶାସନ ଲୋପ ହୋଇପାରିଲା । ଏ ଅନ୍ୟାୟ ମଧ୍ୟ କାହିଁକି ଲୋପ ନହେବ । ଏହା ଦ୍ୱାରା ଦେଶପ୍ରେମୀଙ୍କୁ ହିମ୍ମତ୍ ମଧ୍ୟ ମିଳିବ ଯେ ଗରିବ ଓ ନିରୀହ ସାଧାରଣ ଲୋକଙ୍କ ମଧ୍ୟରେ ଦେଶାତ୍ମଭାବ ଆସିଲାଣି । ଏ ସତ୍ୟାଗ୍ରହର କ୍ରମବିକାଶର କଳ୍ପନା ଏହି ଭାବେ ମନରେ ଆସୁଛି । ଯାହାସବୁ ମନରେ ଉଠୁଛି ସେ ସବୁ ରତନ ଭାଇ ଓ ବ୍ୟାସଜୀଙ୍କ ସହ ପରାମର୍ଶ କରିଛି ।

ପ୍ରଥମେ ହେବ ସତ୍ୟାଗ୍ରହୀ ସଂଗ୍ରହ, ସଙ୍ଗେ ସଙ୍ଗେ ଅପହୃତ ଜମିର ତାଲିକା ଓ ଅପହୃତ କରିନେଇଥିବା ବ୍ୟକ୍ତିଙ୍କର ଇତିହାସ ସଂଗ୍ରହ । ଆଶାଜନକ ଭାବେ ସତ୍ୟାଗ୍ରହୀ ସଂଗ୍ରହ ପରେ, ସତ୍ୟାଗ୍ରହୀମାନେ ଦଳ ଦଳ ହୋଇ ଅପହୃତ କରି ନେଇଥିବା ବ୍ୟକ୍ତିଙ୍କୁ ଜମି ଫେରାଇ ଦେବାକୁ କହିବେ । ସେ ତ ବୋଧେ କେବେ ଫେରାଇବେ ନାହିଁ । ତା'ପରେ ସରକାରଙ୍କୁ ଜମି କିପରି ଅପହୃତ ହେଲା ଜଣାଇ ନ୍ୟାୟଦୃଷ୍ଟିରୁ ଫେରାଇବାକୁ କୁହାଯିବ । ସରକାର ଅଦାଲତ ନିୟମ ଅନୁଯାୟୀ ତ ତାରିଖ ପକାଇବେ । ତାରିଖରେ ଅଦାଲତକୁ ନିଜେ ଜମି ମାଲିକ ନଯାଇ ଏକ ପ୍ରତିନିଧି ଦଳ ଯାଇ ଯୋଗଦେବେ । ସେଠାରେ ଏକ ଷ୍ଟେଟ୍‌ମେଣ୍ଟ ଦେଇ ଆସିବେ । ପୁଣି ଦ୍ୱିତୀୟ ବାଇଦାକୁ ଯାଇ, ତା'ପରେ କୋର୍ଟକୁ ଆଉ ନଆସିବା କଥା ହାକିମକୁ ଶୁଣାଇଦେଇ ଆସିବେ । ତା'ପରେ ଅପହୃତ ଜମି ବ୍ୟକ୍ତିଙ୍କୁ ଓ ସରକାରଙ୍କୁ ଜଣାଇ ଅପହୃତ ଜମିରେ ସତ୍ୟାଗ୍ରହୀମାନେ ପ୍ରବେଶ କରିବେ । ସେଥିପାଇଁ ଯାହା ନିର୍ଯାତନା ଭୋଗିବେ । ଆସ୍ତେ ଆସ୍ତେ ଗଣ ସତ୍ୟାଗ୍ରହ ଆଡକୁ ଗତିକରିପାରେ । ଶେଷରେ କୃତକାର୍ଯ୍ୟରେ ଜମି ଯାହା ଆସିବ ପ୍ରକୃତ ଜମି ମାଲିକମାନେ ନିଜ ନିଜ ଜମି ସବୁ ଫେରିପାଇବେ । ଏ କଳ୍ପନାକୁ ଆଗରେ ରଖି ସତ୍ୟାଗ୍ରହ ଆରମ୍ଭ ହେବ । ତେଣୁ ଏ

Digitized by srujanika@gmail.com

ଆନ୍ଦୋଳନକୁ 'ଭୂ-ସତ୍ୟାଗ୍ରହୀ ସମାଜ' ନାମ ଦିଆଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ଯେଉଁ ଜମିଗୁଡ଼ିକ ଅନ୍ୟାୟ ଭାବରେ ଅପହରଣ କରାହୋଇଛି ସେ ସବୁକୁ ସତ୍ୟ, ଅହିଂସା ଓ ସତ୍ ଉପାୟରେ ଫେରସ୍ତ ଆଣି ଜମିର ପ୍ରକୃତ ଅଧିକାରୀଙ୍କୁ ଫେରସ୍ତ କରିଦେବା...... । (ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀଙ୍କୁ ଶ୍ରୀ ବିଶ୍ୱନାଥ ପଟ୍ଟନାୟକ ଲେଖିଥିବା ଚିଠିର ଏକ ଉଦ୍ଧୃତି । ତାରିଖ ୨୪ ।୧୧ ।୧୯୫୧)

ଆଦିବାସୀମାନଙ୍କୁ ଭୂମି ଅଧିକାର ଆଇନ୍ ଗତ ସହାୟତାରେ କିପରି ମିଳିପାରିବ ସେ କଥା ମୁଁ ନିଜେ ଅଙ୍ଗେ ନିଭାଉଛି । ୧୯୯୦ରୁ ୧୯୯୫ ମସିହା ପର୍ଯ୍ୟନ୍ତ ମୁଁ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଥିଲି । ସେତେବେଳେ ମୁଖ୍ୟମନ୍ତ୍ରୀ ଥିଲେ ସ୍ୱର୍ଗତ ବିଜୁ ପଟ୍ଟନାୟକ । ଦିନେ ଅଚାନକ ମୋତେ ଡକାଇଲେ ଓ କହିଲେ ସେ କିଛି ଆଦିବାସୀଙ୍କ ପାଇଁ କରିବାକୁ ଚାହୁଁଛନ୍ତି । ମୋର କ'ଣ ପ୍ରସ୍ତାବ ଅଛି ? ମୁଁ ଅତି ସହଜ ଭାବରେ କହିଥିଲି ଯେ ଆଦିବାସୀଙ୍କୁ ଜମିଦେବା ପାଇଁ । ସେ ପଚାରିଥିଲେ ଜମି କେଉଁଠି ଅଛି । ମୁଁ କହିଥିଲି ଜମି ଡଙ୍ଗର ପାହାଡରେ ଅଛି । ସେ କହିଥିଲେ ଯେ, ଆଦିବାସୀ ଅଞ୍ଚଳରେ ଯେଉଁଠି ସରକାରୀ ଜମି ଏବଂ ସର୍ଭେ ହୋଇନଥିବା ଜମି ଅଛି ତାହାକୁ ଦିଆଯିବ । ଜମି ନଦେବାକୁ ସେ ସମୟର ରାଜସ୍ୱ ଓ ଜଙ୍ଗଲ ବିଭାଗର କର୍ମ କର୍ତ୍ତାମାନେ କେତେ ଯୁକ୍ତି ବାଢ଼ିଥିଲେ । ସେ ସବୁକୁ ନାକଚ କରି ସେ ଯେଉଁ ନିର୍ଦ୍ଦେଶନାମା ବାହାର କରିଛନ୍ତି ତାହାର ପ୍ରକୃତ ପ୍ରୟୋଗ କରିଲେ ସବୁ ଆଦିବାସୀ ଜମି ଓ ତାହାର ସତ୍ତ୍ୱ ପାଇପାରିବେ । ଯେଉଁମାନେ ବିସ୍ଥାପନ ଦ୍ୱାରା ଜମିହୀନ ହେଉଛନ୍ତି, ସେମାନଙ୍କ ପାଇଁ ସରକାର ଜମି କିଣି ଦେବାକୁ ସେ ଅଚାନକ ପ୍ରସ୍ତାବ ଦେଇଥିଲେ ଓ ମୁଁ ସହମତ ପ୍ରକାଶ କରିଥିଲି । ଏହାକୁ ତାଙ୍କର ଅନୁଗତ ରାଜନୈତିକ ନେତାମାନେ ଏହି ପ୍ରସ୍ତାବର ଘୋର ବିରୋଧକରିଥିବାରୁ କାର୍ଯ୍ୟକାରୀ ହୋଇ ପାରିନଥିଲା । ବିଜୁ ପଟ୍ଟନାୟକ ଶିଳ୍ପ ଅନୁରାଗୀ ହୋଇ ପାରିଥାଆନ୍ତି କିନ୍ତୁ ବିନାଦ୍ୱିଧାରେ ଆଦିବାସୀଙ୍କୁ ଜମି ଦେବାରେ ତାଙ୍କର ବିଚାରବୋଧ ଆଜିର ଶାସନରେ ଥିବା ତାଙ୍କର ଦାୟାଦମାନେ ହରାଇବସିଛନ୍ତି ବୋଲି ସନ୍ଦେହ ସୃଷ୍ଟି କରିଛି ।

ଯେହେତୁ ମୁଁ ହିଂସକ ପଦ୍ଧତିର ଘୋର ବିରୋଧୀ ମୋର ଏକ ପ୍ରସ୍ତାବ ରହିଛି । ଆଜି ଭୂ-ସତ୍ୟାଗ୍ରହକୁ ନୂଆବାଟରେ ଆରମ୍ଭ କରିବାର ଆବଶ୍ୟକତା ଯଦି ଆଦିବାସୀମାନେ ଅନୁଭବ କରୁଛନ୍ତି, ସେମାନେ ଏହାକୁ ଅସଲ କାର୍ଯ୍ୟକ୍ଷେତ୍ରରେ ଦେଖାନ୍ତୁ ବୋଲି ମୁଁ ଅନୁରୋଧ କରିବି ।

□□□

Digitized by srujanika@gmail.com

ଆଦିବାସୀଙ୍କ ଦୁରାବସ୍ଥା ଓ ରାଜ୍ୟପାଳଙ୍କ ଭୂମିକା

ପଶ୍ଚିମବଙ୍ଗର ରାଜ୍ୟପାଳ ଶ୍ରୀଯୁକ୍ତ ଗୋପାଳ ଗାନ୍ଧୀଙ୍କୁ ଧନ୍ୟବାଦ ଦେବାକୁ ହେବ । ନନ୍ଦିଗ୍ରାମର ଭୟାବହ ଗୁଳିକାଣ୍ଡ ଓ ତାହାର ପୂର୍ବରୁ ସେଠାରେ ଆତଙ୍କ ଦ୍ୱାରା ସୃଷ୍ଟ ପରିସ୍ଥିତିକୁ ସେ ଯେମିତି ଦୂରଦ୍ରଷ୍ଟା ହିସାବରେ ଦେଖି ପାରିଥିଲେ । ସାମ୍ବିଧାନିକ ଦାୟିତ୍ୱକୁ ସମ୍ମାନ ଦେଇ ଶ୍ରୀଯୁକ୍ତ ଗୋପାଳ ଗାନ୍ଧୀ ପଶ୍ଚିମବଙ୍ଗ ସରକାରଙ୍କୁ ସତର୍କବାଣୀ ଶୁଣାଇଥିଲେ ଓ ପୁଲିସ୍ ଦ୍ୱାରା ବଳପ୍ରୟୋଗ କରି ଜମିଅଧିଗ୍ରହଣ ନକରିବାକୁ ପରାମର୍ଶ ଦେଇଥିଲେ । ଜାନୁୟାରୀ ୧୪ ତାରିଖରେ ନନ୍ଦିଗ୍ରାମରେ ଗୁଳିକାଣ୍ଡ ଘଟିଲା । ଜାନୁୟାରୀ ୧୩ ତାରିଖରେ ଶ୍ରୀଯୁକ୍ତ ଗାନ୍ଧୀ ଯଦିଓ କଲିକତାରେ ନଥିଲେ, ପଶ୍ଚିମବଙ୍ଗ ସରକାରଙ୍କୁ ସେ ତାଙ୍କର ସଚିବଙ୍କ ଜରିଆରେ ସମସ୍ତ ଆଶଙ୍କା ଜଣାଇଥିଲେ । ସେସବୁ ସତ୍ତ୍ୱେ ଜାନୁୟାରୀ ୧୪ ତାରିଖରେ ଚେନାଇରୁ ବାହାରି ସେ କଲିକତା ପହଞ୍ଚିଲା ବେଳକୁ ସବୁ ସରିଯାଇଥିଲା - ଅର୍ଥାତ୍ ଗୁଳିକାଣ୍ଡ ହୋଇଥିଲା ଓ ପୁଲିସ୍ ଗୁଳିରେ ୧୪ ଜଣ ମରିଥିଲେ ଓ ଅନ୍ୟ କେତେଯେ ମୃତାହତ ହୋଇଥିଲେ ତାହାର ହିସାବ ନାହିଁ । ଜଣେ ବନ୍ଧୁ ଲେଖିଛନ୍ତି ଯେ ରକ୍ତଛିଟା କେତେ କିଲୋମିଟର ପର୍ଯ୍ୟନ୍ତ ଲାଗିଥିଲା । ଅର୍ଥାତ୍ ମୃତାହତଙ୍କୁ ଘୋଷାରି ଘୋଷାରି ଅନେକ ବାଟ ପର୍ଯ୍ୟନ୍ତ ନିଆଯାଇଥିଲା । ଶ୍ରୀଯୁକ୍ତ ଗୋପାଳଗାନ୍ଧୀ ମହାତ୍ମାଗାନ୍ଧୀଙ୍କ ନାତି ଓ ଜଣେ ଅଣରାଜନୈତିକ ବ୍ୟକ୍ତି । ଜୀବନସାରା ଅମଲାତନ୍ତ୍ରରେ ବ୍ୟସ୍ତ ରହିଛନ୍ତି ବା ରାଷ୍ଟ୍ରଦୂତ ହୋଇଛନ୍ତି । କିନ୍ତୁ ବିବେକବାନ୍ ବ୍ୟକ୍ତି ହିସାବରେ ସେ ରାଜ୍ୟପାଳଙ୍କ ଦାୟିତ୍ୱ ସମ୍ପାଦନ କରିଛନ୍ତି ପଶ୍ଚିମବଙ୍ଗରେ । ଦୁଃଖୀ ଓ ଗରିବ ନାଗରିକଙ୍କ ସ୍ୱାର୍ଥ ପାଇଁ ଯାହା କିଛି କରିବା କଥା, ସେ ଅସଲରେ କରି ଦେଖାଇଛନ୍ତି ।

ଓଡ଼ିଶାରେ ଆଦିବାସୀ ଅଞ୍ଚଳରେ ଲାଗୁ ହୋଇଥିବା ଜମିନୀତି ବର୍ତ୍ତମାନର ସରକାର ବଦଳେଇବାର ଷଡ଼ଯନ୍ତ୍ର କରୁଛନ୍ତି ଯାହା ଫଳରେ ଆଦିବାସୀ ସହଜରେ ଜମି କିଣାବିକା କରିପାରିବ । ୧୯୫୬ ମସିହାର ଆଇନ୍ ଦ୍ୱାରା ଯେଉଁ କଟକଣା ରହିଛି ତାହା ଉଠିଯିବ । ଆଦିବାସୀ ଉପଦେଷ୍ଟା ପରିଷଦରେ ଏ ପ୍ରସ୍ତାବ ଗୃହିତ ହୋଇଛି ଓ ତାହାର ବିରୋଧାଭାସ ଆଦିବାସୀ ବିଧାୟକମାନେ ମଧ୍ୟ କରିନାହାନ୍ତି । ଏହାର ଏକ ସୁଦୂରପ୍ରସାରୀ ପ୍ରଭାବ

Digitized by srujanika@gmail.com

ନିଷ୍ଟିତ ପଡ଼ିବ ବୋଲି ମୁଁ ଆଗରୁ ସତର୍କବାଣୀ ଶୁଣାଇଛି । ମୁଁ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କୁ ଅନୁରୋଧ କରିଛି ଯେ ସେ ଏଥିରେ ପ୍ରତ୍ୟକ୍ଷଭାବେ ହସ୍ତକ୍ଷେପ କରନ୍ତୁ । ଏଇ ପରିପ୍ରେକ୍ଷୀରେ ଆଦିବାସୀ ଉପଦେଷ୍ଟା ପରିଷଦ ଓ ରାଜ୍ୟପାଳଙ୍କ ଭୂମିକା ଉପରେ ସମୀକ୍ଷା କରିବା ଜରୁରୀ ହୋଇପଡ଼ିଛି । ଭାରତୀୟ ସମ୍ବିଧାନର ୫ମ ସୂଚୀ ବା ଫିଫ୍ଥ୍ ସେଡ୍ୟୁଲ୍ (Fifth Schedule)ରେ ନିମ୍ନଲିଖିତ ବିଷୟବସ୍ତୁ ଉଲ୍ଲେଖ ରହିଛି :

— ଅନୁସୂଚୀତ ଅଞ୍ଚଳରେ ପ୍ରଶାସନ ସଂବନ୍ଧରେ ରାଜ୍ୟପାଳଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କୁ ବିବରଣୀ ପ୍ରଦାନ: ପ୍ରତ୍ୟେକ ରାଜ୍ୟର ରାଜ୍ୟପାଳ, ଯେଉଁଥିରେ ଏପରି ଅନୁସୂଚୀତ ଅଞ୍ଚଳ ଅବସ୍ଥିତ, ପ୍ରତ୍ୟେକ ବର୍ଷ କିମ୍ବା ଯେତେବେଳେ ରାଷ୍ଟ୍ରପତିଙ୍କ ଦ୍ୱାରା ସେପରି ଆବଶ୍ୟକ କରାଯାଏ, ରାଜ୍ୟର ଅନୁସୂଚୀତ ଅଞ୍ଚଳର ପ୍ରଶାସନିକ ବ୍ୟବସ୍ଥା ସଂବନ୍ଧରେ, ରାଷ୍ଟ୍ରପତିଙ୍କୁ ଏକ ବିବରଣୀ ପ୍ରଦାନ କରିବେ, ଏବଂ ଉକ୍ତ ଅଂଚଳର ପ୍ରଶାସନ ନିମନ୍ତେ ରାଜ୍ୟକୁ ନିର୍ଦ୍ଦେଶ ପ୍ରଦାନ କରିବା ନିମନ୍ତେ, କେନ୍ଦ୍ରର ପ୍ରଶାସନିକ କ୍ଷମତା, ଏପରି କୌଣସି ନିର୍ଦ୍ଦେଶ ପ୍ରଦାନ କରିବା ନିମନ୍ତେ, ପରିବର୍ଦ୍ଧିତ ହେବ ।

— ଆଦିବାସୀ ଉପଦେଷ୍ଟା ପରିଷଦ : (୧) ଅନୁସୂଚୀତ ଅଞ୍ଚଳ ଥିବା ପ୍ରତ୍ୟେକ ରାଜ୍ୟରେ, ଏବଂ ଯଦି ରାଷ୍ଟ୍ରପତି ସେପରି ନିର୍ଦ୍ଦେଶ ପ୍ରଦାନ କରନ୍ତି, ତାହେଲେ ତଫସିଲ୍‌ଭୁକ୍ତ ଉପ-ଜାତି ଥିବା କୌଣସି ରାଜ୍ୟରେ, ଏକ ଉପଜାତୀୟ ଉପଦେଷ୍ଟା ପରିଷଦ ଗଠନ କରାଯିବ, ଯେଉଥିରେ କୋଡ଼ିଏ ଜଣରୁ ଅଧିକ ସଦସ୍ୟ ରହିବେ ନାହିଁ, ଯେଉଁମାନଙ୍କ ମଧ୍ୟରୁ, ତିନି-ଚତୁର୍ଥାଂଶ ସଦସ୍ୟ, ରାଜ୍ୟ ବିଧାନସଭାର ତଫସିଲ୍‌ଭୁକ୍ତ ଉପ-ଜାତିଙ୍କର ପ୍ରତିନିଧି ହୋଇଥିବେ;

ଉଲ୍ଲେଖଥାଉ ଯେ, ଯଦି ରାଜ୍ୟ ବିଧାନସଭାରେ ତଫସିଲ୍‌ଭୁକ୍ତ ଉପ-ଜାତିର ପ୍ରତିନିଧିଙ୍କ ସଂଖ୍ୟା, ଉପଜାତୀୟ ଉପଦେଷ୍ଟା ପରିଷଦର ଆସନ ସଂଖ୍ୟାଠାରୁ କମ୍ ହୋଇଥାଏ, ତାହେଲେ ଅବଶିଷ୍ଟ ଆସନକୁ ଉକ୍ତ ଉପ-ଜାତିର ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା ପୂରଣ କରାଯିବ ।

(୨) ରାଜ୍ୟପାଳଙ୍କ ଦ୍ୱାରା ଯେପରି ଭାବେ ଉଲ୍ଲେଖ କରାଯିବ, ସେହିପରି ଭାବେ ରାଜ୍ୟର ତଫସିଲ୍‌ଭୁକ୍ତ ଉପ-ଜାତିର ମଙ୍ଗଳ ଏବଂ ଅଗ୍ରଗତି ସଂବନ୍ଧରେ ସଂପୃକ୍ତ ବିଷୟ ଉପରେ ପରାମର୍ଶ ଦେବା ହେଉଛି ଉପଜାତୀୟ ଉପଦେଷ୍ଟା ପରିଷଦର କର୍ତ୍ତବ୍ୟ ।

(୩) ରାଜ୍ୟପାଳ, ଧାର୍ଯ୍ୟ କରିବା ନିମନ୍ତେ କିମ୍ବା ନିୟମିତକରଣ କରିବା ନିମନ୍ତେ, ଆଇନ ପ୍ରଣୟନ କରିପାରନ୍ତି -

(କ) ପରିଷଦର ସଦସ୍ୟଙ୍କ ସଂଖ୍ୟା, ସେମାନଙ୍କର ନିଯୁକ୍ତି ପଦ୍ଧତି ଏବଂ ପରିଷଦର ସଭାପତି ଏବଂ ଉଚ୍ଚକର୍ମଚାରୀ ଏବଂ କର୍ମଚାରୀଙ୍କର ନିଯୁକ୍ତି ନିମନ୍ତେ;

(ଖ) ଏହାର ବୈଠକ ପରିଚାଳନା କରିବା ଏବଂ ସାଧାରଣ ଭାବେ ଏହାର ପଦ୍ଧତି, ଏବଂ

Digitized by srujanika@gmail.com

(ଗ) ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ବିଷୟ ।

— ଅନୁସୂଚୀତ ଅଞ୍ଚଳ ପ୍ରତି ପ୍ରଯୋଗନୀୟ ଆଇନ୍ :(୧) ଏହି ସଂବିଧାନରେ ଯାହାକିଛି ବ୍ୟବସ୍ଥା ଥାଉ ନା କାହିଁକି, ରାଜ୍ୟପାଳ, କୌଣସି ସର୍ବସାଧାରଣ ବିଜ୍ଞପ୍ତି ଦ୍ୱାରା ନିର୍ଦ୍ଦେଶ ଦେଇ ପାରନ୍ତି ଯେ, ପାର୍ଲ୍ୟାମେଣ୍ଟର କୌଣସି ନିର୍ଦ୍ଦିଷ୍ଟ ଆଇନ, କିମ୍ବା ରାଜ୍ୟ ବ୍ୟବସ୍ଥାପିକତାର କୌଣସି ଆଇନ୍, ରାଜ୍ୟର କୌଣସି ଅନୁସୂଚୀତ ଅଞ୍ଚଳ ପ୍ରତି କିମ୍ବା ଏହାର କୌଣସି ଅଂଶ ପ୍ରତି, ପ୍ରଯୋଗ ହେବ ନାହିଁ, କିମ୍ବା ଉକ୍ତ ରାଜ୍ୟର ଅନୁସୂଚୀତ ଅଞ୍ଚଳ ପ୍ରତି କିମ୍ବା ଏହାର ଅଂଶାବଶେଷ ପ୍ରତି, ଏପରି ବ୍ୟତିକ୍ରମ ଏବଂ ସଂଶୋଧନ, ଯାହାକି ଉକ୍ତ ବିଜ୍ଞପ୍ତିରେ ଧାର୍ଯ୍ୟ କରାଯାଇଥିବ, ସେହି ଅନୁଯାୟୀ ପ୍ରଯୋଗ ହେବ, ଏବଂ ଏହି ଉପ-ପାରାଗ୍ରାଫ୍ ଅନୁଯାୟୀ ପ୍ରଦାନ କରାଯାଇଥିବା କୌଣସି ନିର୍ଦ୍ଦେଶକୁ ପଛୁଆଭାବେ କାର୍ଯ୍ୟକାରୀ କରାଯିବ ।

(୨) କୌଣସି ରାଜ୍ୟର କୌଣସି ଅଞ୍ଚଳର ଶାନ୍ତି ଏବଂ ଉତ୍ତମ ଶାସନ ନିମନ୍ତେ ରାଜ୍ୟପାଳ, ନିୟମିତକରଣ ପ୍ରସ୍ତୁତି କରିପାରନ୍ତି, ଯାହାକି, ସେହି ସମୟରେ ଏକ ଅନୁସୂଚୀତ ଅଞ୍ଚଳ ହୋଇଥାଏ ।

ନିର୍ଦ୍ଦିଷ୍ଟଭାବେ, ଉପରୋକ୍ତ କ୍ଷମତାର ସାଧାରଣ କାର୍ଯ୍ୟକାରୀତାରେ କୌଣସି ଆଞ୍ଚ ନଆଣି, ଏପରି ନିୟମିତକରଣ-

(କ) ଏପରି ଅଞ୍ଚଳରେ ଥିବା ତଫସିଲଭୁକ୍ତ ଉପଜାତିର ସଦସ୍ୟମାନଙ୍କ ମଧ୍ୟରେ ବା ଦ୍ୱାରା ଜମିର ହସ୍ତାନ୍ତରଣକୁ ନିଷେଧ କରିବେ କିମ୍ବା କଟକଣା ଜାରି କରିବେ;

(ଖ) ଏପରି ଅଞ୍ଚଳରେ ଥିବା ତଫସିଲଭୁକ୍ତ ଉପଜାତିର ସଦସ୍ୟମାନଙ୍କ ମଧ୍ୟରେ ଜମିର ଆବଣ୍ଟନକୁ ନିୟମିତ କରିବେ;

(ଗ) ଯେଉଁ ବ୍ୟକ୍ତିମାନେ, ଏପରି ଅଞ୍ଚଳରେ ଥିବା ତଫସିଲଭୁକ୍ତ ଉପଜାତିର ସଦସ୍ୟମାନଙ୍କୁ ଟଙ୍କା ଉଧାର ଦିଅନ୍ତି, ସେପରି ଟଙ୍କା ଉଧାର-ବ୍ୟବସାୟ ଚଳାଇବାକୁ ନିୟନ୍ତ୍ରଣ କରିବା ।

(୩) ଏହି ପାରା-ଗ୍ରାଫ୍‌ର, ଉପ-ପାରାଗ୍ରାଫ୍(୨)ରେ ଉଲ୍ଲେଖ କରାଯାଇଥିବା ଏପରି ନିୟମିତକରଣ ପ୍ରସ୍ତୁତି କରିବା ସମୟରେ, ରାଜ୍ୟପାଳ, ପାର୍ଲ୍ୟାମେଣ୍ଟର କିମ୍ବା ରାଜ୍ୟ ବିଧାନ ମଣ୍ଡଳର କୌଣସି ଆଇନ୍, କିମ୍ବା କୌଣସି ବିଦ୍ୟମାନ ଆଇନ, ଯାହାକି ଆଲୋଚିତ ଅଞ୍ଚଳରେ ସେତେବେଳେ ବଳବତ୍ତର ଥାଏ, ତାହାକୁ ରଦ୍ଦ କରିପାରନ୍ତି, କିମ୍ବା ସଂଶୋଧନ କରିପାରନ୍ତି ।

(୪) ଏହି ପାରାଗ୍ରାଫ୍ ଅନୁଯାୟୀ ପ୍ରଣୀତ ସମସ୍ତ ନିୟମିତକରଣକୁ ଯଥାଶୀଘ୍ର ରାଷ୍ଟ୍ରପତିଙ୍କ ସ୍ୱୀକୃତି ନିମନ୍ତେ ଉପସ୍ଥାପନ କରାଯିବ ଏବଂ ଯେ ପର୍ଯ୍ୟନ୍ତ ତାଙ୍କ ଦ୍ୱାରା ସ୍ୱୀକୃତି ପ୍ରଦାନ କରାଯାଇନାହିଁ, ତାହା କାର୍ଯ୍ୟକାରୀ ହେବନାହିଁ ।

Digitized by srujanika@gmail.com

(୫) ଏହି ପାରାଗ୍ରାଫ୍ ଅନୁଯାୟୀ କୌଣସି ନିୟମିତକରଣ ପ୍ରଣୀତ ହେବନାହିଁ, ଯଦି ଏପରି ନିୟମିତକରଣ ପ୍ରସ୍ତୁତ କରୁଥିବା ରାଜ୍ୟପାଳ, ଯେଉଁ କ୍ଷେତ୍ରରେ ରାଜ୍ୟ ନିମନ୍ତେ କୌଣସି ଉପ-ଜାତୀୟ ଉପଦେଷ୍ଟା ପରିଷଦ ଥାଏ; ତାଙ୍କ ସହିତ ପରାମର୍ଶ କରାଯାଇ ନଥାଏ ।

ଅନୁସୂଚୀତ ଅଞ୍ଚଳରେ ସୁଶାସନ, ଶାନ୍ତି ଓ ସ୍ଥିରତା ବଜାୟ ରକ୍ଷା କରିବା ପାଇଁ ରାଜ୍ୟପାଳ ପଦକ୍ଷେପ ନେବେ ବୋଲି ଆଶା କରାଯାଇଛି । ଆଦିବାସୀ ଉପଦେଷ୍ଟା ପରିଷଦ କେବଳ ସକ୍ରୀୟ ହେବ ତାହା ମଧ୍ୟ ରାଜ୍ୟପାଳଙ୍କ ନଜରରେ ରହିବାର ଅଛି । ଯେତେବେଳେ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ପାଖକୁ ତାଙ୍କର ରିପୋର୍ଟ ପଠାଇବେ ସେଥିରେ କେବଳ ରାଜ୍ୟ ସରକାରଙ୍କୁ ସୁହାଇଥିବା ଭଳି ବିଷୟ ଉଲ୍ଲେଖ ନକରି ଅସଲ ସମସ୍ୟା ଉତ୍ଥାପନ କରିବେ ବୋଲି ଆଶା କରାଯାଇଛି । ଏବେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଆଦିବାସୀ ନୀତିରେ ରାଜ୍ୟପାଳଙ୍କ ଭୂମିକା ଓ ଆଦିବାସୀ ଉପଦେଷ୍ଟା ପରିଷଦର ସାମର୍ଥ୍ୟ ଓ ସକ୍ରିୟତା ଉପରେ କଟୁ ମନ୍ତବ୍ୟ ଦିଆଯାଇଛି । ଦୁଃଖର ସହ ଏତିକି କୁହାଯାଇପାରେ ଯେ ସ୍ୱାଧୀନୋତ୍ତର ଇତିହାସରେ ଆଜିପର୍ଯ୍ୟନ୍ତ କେହି ଜଣେହେଲେ ରାଜ୍ୟପାଳ ଆଦିବାସୀଙ୍କ ସ୍ୱାର୍ଥରକ୍ଷା ଓ ସୁରକ୍ଷା ପାଇଁ ତାଙ୍କର ବିଶେଷ କ୍ଷମତା ପ୍ରୟୋଗ କରି କୌଣସି ଆଦିବାସୀ ବିରୋଧୀ ଆଇନ୍ ବା ନୀତିର ପ୍ରୟୋଗକୁ ଅଟକାଇ ନାହାନ୍ତି କି ବାତିଲ୍ କରିନାହାନ୍ତି ।

ଓଡ଼ିଶା କଥା ଦେଖାଯାଉ । ଆଦିବାସୀ ଅଞ୍ଚଳ ବିଶେଷ କରି ତଫସିଲ୍‌ଅଞ୍ଚଳ ଆଜି ଅଶାନ୍ତ ଓ ବିଶୃଙ୍ଖଳିତ । ଗୋଟାଏ ପାର୍ଶ୍ୱରେ ମାଓବାଦୀଙ୍କ ହିଂସା ଓ ଅନ୍ୟ ପକ୍ଷରେ ସରକାରଙ୍କ ଦମନଲୀଳା ଆଜି ଆଦିବାସୀଙ୍କୁ ଭୟଭୀତ କରିରଖିଛି । ୧୯୯୯ (ମାଣ୍ଡ୍ରାବାଜୁ ଗୁଳିକାଣ୍ଡ), ୨୦୦୦ (ମାଇକଞ୍ଚ ଗୁଳିକାଣ୍ଡ), ୨୦୦୧ (ରାଇଘର ଗୁଳିକାଣ୍ଡ), ୨୦୦୬ (କଳିଙ୍ଗନଗର ଗୁଳିକାଣ୍ଡ), ଆଦିକୁ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରିଲେ ଜଣାପଡ଼ିବ ଯେ ଆଦିବାସୀଙ୍କର ସ୍ୱରକୁ ଚାପିଦେବା ପାଇଁ ସରକାର ଓ ପ୍ରଶାସନ ଅମାନୁଷିକ ବଳ ପ୍ରୟୋଗ କରିଛନ୍ତି । ଆଦିବାସୀଙ୍କର ସମ୍ବଳ ଜଳ, ଜମି, ଜଙ୍ଗଲକୁ ଜବରଦସ୍ତ ଲୁଟି ଦେବାକୁ ସରକାରୀ କଳ ଆଜି ବହୁରାଷ୍ଟ୍ରୀୟ କର୍ପୋରେସନ୍ ଏବଂ ପୁଞ୍ଜିପତି ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରୁଛି । ଜମି ଅଧିଗ୍ରହଣ ବେଆଇନ୍ ପ୍ରକ୍ରିୟାରେ କରାଯାଉଛି । "ପେସା" ଆଇନ୍ ଅନୁସାରେ ଯେଉଁ ଭଳି ଗ୍ରାମସଭାର ପରାମର୍ଶ ଦେବାକଥା ସେମିତି ଦେଖାଯାଉ ନାହିଁ । ପରିବେଶ ବିଷୟରେ ଲୋକଙ୍କ ସହ ଜନଶୁଣାଣୀ ମାଧ୍ୟମରେ ଯେଉଁଭଳି ପରାମର୍ଶ ନିଆଯିବା କଥା ତାହା କରାଯାଉ ନାହିଁ । କେଉଁଠି ଗ୍ରାମସଭା ବା ଜନଶୁଣାଣୀ ପୁଲିସ୍ ଘେରରେ ହେଉଚି ତ କେଉଁଠି ଗୁଣ୍ଡା ବଦ୍‌ମାସମାନଙ୍କୁ ସରକାରୀ କଳ ଓ ଶିଳ୍ପପତିମାନେ ସ୍ପଷ୍ଟ ଦିବାଲୋକରେ ନିୟୋଜିତ କରୁଛନ୍ତି । ଆଦିବାସୀ ଅଞ୍ଚଳରେ ଆଜି ସାଧାରଣ ମଣିଷଟିଏ ମୁକ୍ତ ଓ ଅବାଧରେ ନିଜର ମତାମତ ଦେବ ତାହା ସମ୍ଭବ ହେଉନାହିଁ । ଯଦି କେହି ନିଜର ମତାମତ ଦେବ, ତାହାହେଲେ

Digitized by srujanika@gmail.com

ସେ ମାଓବାଦୀ ବୋଲି ଆଖ୍ୟାୟିତ ହେବ ଓ ବିଭିନ୍ନ ପ୍ରକାରର ଡ଼ରଭୟର ସାମ୍ନା କରିବାକୁ ହେବ । ଆଜି ଆଦିବାସୀ ଅଞ୍ଚଳ ଅଶାନ୍ତ ଯଦି ନହୋଇଥାଆନ୍ତା, ସରକାର ଅଧିକ ପୁଲିସ୍‌ବାହିନୀ, ଅଧିକ ଆଧୁନିକ ଅସ୍ତ୍ରଶସ୍ତ୍ର, ଅଧିକ ଗୁପ୍ତଚର ନିୟୋଜିତ କରୁନଥାନ୍ତେ । ଆଜି ଆଦିବାସୀ ଅଞ୍ଚଳରେ ପ୍ରଶାସନିକ ଅଧିକାରୀମାନେ ଲୋକଙ୍କଠାରୁ ଦୂରେଇ ଯାଉଛନ୍ତି । ତେଣୁ ଏହି ପରିପ୍ରେକ୍ଷୀରେ ଏ ଲେଖକ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କୁ ବିଚାର କରିବାକୁ କେତୋଟି ପ୍ରସ୍ତାବ ନିମ୍ନରେ ଉପସ୍ଥାପନା କରୁଛି ।

୧) ପ୍ରଥମେ ରାଜ୍ୟପାଳ ଆଦିବାସୀ ଅଞ୍ଚଳରେ ପ୍ରଶାସନ, ଶାନ୍ତି ଓ ସ୍ଥିରତା ଅଛି କି ନାହିଁ ନିଜେ ସ୍ୱଚକ୍ଷୁରେ ଦେଖିଆସନ୍ତୁ । ଆଗରେ ଓ ପଛରେ ପୁଲିସ୍ ବାହିନୀ ନରଖି ନିଜେ ଆଦିବାସୀଙ୍କ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ସ୍ଥିତି ଅନୁମାନ କରନ୍ତୁ ଓ ବର୍ଷରେ ଥରେ ଗୋଟିଏ ଆଦିବାସୀ ଗାଁରେ ରାତ୍ରିଯାପନ କରନ୍ତୁ । ଆଦିବାସୀଙ୍କ ଦୁଃଖସୁଖରେ ସହଭାଗୀ ହୁଅନ୍ତୁ ।

୨) ଯେଉଁ ଯେଉଁ ସ୍ଥାନରେ ପୁଲିସ ଗୁଳିରେ ଆଦିବାସୀମାନେ ମରିଛନ୍ତି, ସେଠାକୁ ଯାଇ ଲୋକଙ୍କୁ ଆଶ୍ୱାସନା ଦିଅନ୍ତୁ ଯେ ସେମାନଙ୍କର କେହି "ମାଆବାପା'' ଅଛନ୍ତି ଓ ଦୁଃଖମୋଚନ କରିବା ପାଇଁ ପଦକ୍ଷେପ ନେଉଛନ୍ତି ।

୩) ଆଦିବାସୀ ଅଞ୍ଚଳରେ ଜମି ଅଧିଗ୍ରହଣ, ଶିଳ୍ପୀକରଣ ଉପରେ ଲଗାମ ଲଗାନ୍ତୁ । ଜମି କିଣାବିକା ଉପରେ ଯେଉଁ କଟକଣା ଅଛି ତାହାକୁ ବଜାୟ ରଖନ୍ତୁ ।

୪) ଆଦିବାସୀ ଅଞ୍ଚଳରେ ଯେତେପ୍ରକାର ସରକାରୀ କାର୍ଯ୍ୟକ୍ରମ ଚାଲିଛି ତାହାର ଉପାଦେୟତାକୁ ହୃଦୟଙ୍ଗମ କରିବା ପାଇଁ ନାଗରିକ ସମାଜ ଓ ସ୍ୱେଚ୍ଛାସେବୀ ସଂଗଠନ କର୍ମୀଙ୍କ ସହ ଔପଚାରିକ ଭାବେ ପରାମର୍ଶ କରନ୍ତୁ ।

୫) ଆଦିବାସୀ ଉପଦେଷ୍ଟା ପରିଷଦର ଭୂମିକାକୁ ମଧ୍ୟ ସମୀକ୍ଷା କରନ୍ତୁ ।

୬) ଆଦିବାସୀ ଅଞ୍ଚଳରେ ଯାହାକିଛି ପରିସ୍ଥିତି ଅଛି ତାହା ସତ୍ୟତାର ସହ ରାଷ୍ଟ୍ରପତିଙ୍କୁ ନିୟମିତ ରିପୋର୍ଟ ପଠାନ୍ତୁ ।

୭) ଆଦିବାସୀମାନଙ୍କୁ ଭେଟିବାକୁ ସୁଯୋଗ ସୃଷ୍ଟି କରନ୍ତୁ ଓ ରାଜଭବନର ଦ୍ୱାର ସବୁବେଳେ ସେମାନଙ୍କର ଦୁଃଖଦୁର୍ଦ୍ଦଶା ବୁଝିବା ପାଇଁ ଉନ୍ମୁକ୍ତ ରଖନ୍ତୁ । ଆଦିବାସୀଙ୍କ ସମସ୍ୟା ଜାଣିବା ପାଇଁ ଏକ ଅଭିଯୋଗ ବାକ୍ସ ରାଜଭବନରେ ରଖନ୍ତୁ ।

ମୋର ଆଶା ଏ ପ୍ରସ୍ତାବଗୁଡ଼ିକ ତାଙ୍କର ନଜରକୁ ଆସିବ ।

□□□

Digitized by srujanika@gmail.com

ସାମ୍ପ୍ରତିକ ଭୂସଂସ୍କାରର କେତୋଟି ଦିଗ

ପୃଥିବୀସାରା ଏକଦା କୁହାଯାଉଥିଲା ଯେ ଭୂସଂସ୍କାରର ଭବିଷ୍ୟତ କିଛି ନାହିଁ। ଉଦାରୀକରଣ ଓ ଜଗତୀକରଣ ପ୍ରକ୍ରିୟା ଯେତେବେଳେ ସକ୍ରିୟ ଓ ବ୍ୟାପକ, ସେତେବେଳେ ଜମି ଭଳି ପ୍ରାକୃତିକ ସଂପଦର ଅର୍ଥ ଓ ବ୍ୟବହାର ବଦଳି ଯାଇଛି। ତୃତୀୟ ବିଶ୍ୱରେ ଅଥବା ବିକାଶଶୀଳ ଦେଶମାନଙ୍କରେ ଭୂସଂସ୍କାର ଦ୍ୱାରା ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ କରାଯାଇ ପାରିବ ସେ କଥା ଆଉ କେହି ବିଶ୍ୱାସ କରୁନାହାନ୍ତି। ଜମି ଉପରେ ଅଧିକାରକୁ ନେଇ ପୁନଶ୍ଚ ଏକ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ତାହା କଳ୍ପନାର ସୀମାରେଖା ଡ଼େଇଁସାରିଛି। ନବ ଉଦାରୀକରଣ ଚିନ୍ତାଧାରା ଆଜି ଜମି ଓ ମାଟିର ସଂଜ୍ଞା ବଦଳେଇ ଦେଇଛି ଓ ବଦଳେଇ ଦେଇଛି ଭୂମିପୁତ୍ରର ପରିଚୟକୁ ମଧ୍ୟ। କିନ୍ତୁ ଅତି ନିବିଡ଼ତାର ସହ ବିଶ୍ଳେଷଣ କଲେ ଜଣାପଡ଼ିବ ଯେ ଇତିହାସର ପୁନଃରାବୃତ୍ତି ହେବାକୁ ଲାଗିଛି ଓ ଅତି ଅଲକ୍ଷ୍ୟ ଏବଂ ସନ୍ତର୍ପଣରେ ଏକ ଐତିହାସିକ ଅଧ୍ୟାୟ ପୁଣି ସୃଷ୍ଟି ହେବାକୁ ଆରମ୍ଭ କରିଛି। ଏ ପୃଥିବୀରେ ଯଦି ଦାରିଦ୍ର୍ୟ ଦୂରୀକରଣ କରିବାର ସମ୍ଭବତାକୁ ଅନୁଭବ କରାଯାଏ, ତେବେ ଭୂସଂସ୍କାର ଯେ ଏକମାତ୍ର ଅସ୍ତ୍ର, ତାହା ସହଜରେ ପ୍ରମାଣିତ ହୋଇପାରୁଛି। ଏ ପୃଥିବୀରେ ପ୍ରତ୍ୟେକ ମଣିଷ ଚାହେଁ ଏକ ସୁସ୍ଥ ଓ ସମ୍ମାନଜନକ ଜୀବନ ଓ ଆହୁରି ମଧ୍ୟ ଚାହେଁ ତା'ର ପ୍ରାକୃତିକ ସମ୍ବଳର ନିରନ୍ତର ବିନିଯୋଗ। ଆହୁରି ମଧ୍ୟ ଏ ପୃଥିବୀର ମଣିଷ ଆଶା କରେ ଯେ ତା'ର ସର୍ବନିମ୍ନ ଆବଶ୍ୟକତା ଖାଦ୍ୟ, ଜଳ, ବସ୍ତ୍ର, ବାସଗୃହ -- ଯେମିତି ତାହାର ହାତ ମୁଠାରେ। ଏଥିରେ ଅଛି ତାହାର ମୁକ୍ତି, ସ୍ୱାଧୀନତା ଓ ସାର୍ବଭୌମତ୍ୱ। ଏଥିରେ ବିଶ୍ୱାସ ରଖିଥିବା ହେତୁ ସେ ଆଜି ସ୍ଥାନୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଏକତା ଓ ସଂଗଠନ ପାଇଁ ଉଦ୍ୟମରତ। ଆଜି ମଣିଷ ଏକ ନୂତନ ଆସ୍ଥା ଓ ବିଶ୍ୱାସରେ ଆଲୋକିତ।

ଭୂସଂସ୍କାରର ଇତିହାସ କ'ଣ? ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସାରା ପୃଥିବୀର ବିଭିନ୍ନ ଦେଶରେ ଆରମ୍ଭ ହୋଇଥିଲା ଭୂସଂସ୍କାରର ଏକ ଅଧ୍ୟାୟ। ଭାରତ, ଚୀନ ସମେତ ଅନେକ ଦେଶରେ ଏହା ଆଣିଦେଇଥିଲା ଅନେକ ଚେତନା ଓ ଉନ୍ମାଦନା। ଆନ୍ଦୋଳନ ହୋଇଥିଲା ଜମି ମାଲିକଙ୍କ ବିରୋଧରେ ଓ ସରକାରଙ୍କ ନୀତି ବିପକ୍ଷରେ। କେତେକ ଦେଶରେ ସଫଳ

Digitized by srujanika@gmail.com

ହେଲା ଓ କେତେକ ଦେଶରେ ତାହା ଆଶାଜନକ ଭାବେ ଅଗ୍ରଗତି କରିପାରିଲା ନାହିଁ । କିନ୍ତୁ ସମୟକ୍ରମେ ୭୦ ଓ ୮୦ ଦଶକରେ ଭୂସଂସ୍କାର ବିକାଶ ଇତିହାସର ଏକ ଅଧ୍ୟାୟ ରୂପେ କେବଳ ଶୋଭା ପାଇଲା । କୃଷକ ଆନ୍ଦୋଳନ ଓ ଭୂସଂସ୍କାର କମ୍ୟୁନିଷ୍ଟମାନଙ୍କ ସ୍ଲୋଗାନ ବୋଲି ଆଖ୍ୟାୟିତ ହେଲା । ଯିଏ ଭୂସଂସ୍କାର ସପକ୍ଷରେ ମତାମତ ଦେଲା ସେ ଜଣେ ବାମପନ୍ଥୀ ଆଦର୍ଶବାଦୀ ଭାବରେ ପରିଗଣିତ ହେଲା । ଭାରତରେ ଭୂସଂସ୍କାର ଆଧାରିତ ତେଲେଙ୍ଗାନା ଆନ୍ଦୋଳନ, ଅପରେସନ୍ ବର୍ଗା ଓ ତେଭାଗା ଆନ୍ଦୋଳନ ଭାରତୀୟ ମାନଚିତ୍ରରୁ ଧୀରେ ଧୀରେ ଲିଭିବାକୁ ବସିଲା ।

କିନ୍ତୁ ନବେ ଦଶକରେ ପୃଥିବୀସାରା ଜମି ଓ ଜୀବନ ଜୀବିକାର ଅଧିକାରକୁ ନେଇ ଏକ ଆନ୍ଦୋଳନ ପୁନର୍ଜନ୍ମ ନେଲା । ଏଥିରେ ଭାଗ ନେଲେ ଜମିହୀନ ଓ ଛୋଟ ଚାଷୀମାନେ । ସମର୍ଥନ ଦେଲେ କୃଷି ଶ୍ରମିକମାନେ । ପାଠକମାନେ ଅବାକ୍ ହେବେ ଯେ ଏହି ଆନ୍ଦୋଳନ ଦେଶ-କାଳ-ପାତ୍ରରେ ସୀମିତ ନଥିଲା । ବ୍ରାଜିଲ, ଇଣ୍ଡୋନେସିଆ, ପାରାଗୁଏ, ଜିମ୍ବାୱେ, ହଣ୍ଡୁରାସ, ଥାଇଲାଣ୍ଡ, ଦକ୍ଷିଣ ଆଫ୍ରିକା, ନିକାରାଗୁଆ ଆଦି ଅନେକ ଦେଶରେ ଭୂସଂସ୍କାର ଆନ୍ଦୋଳନ ନୂତନ ଉତ୍ସାହ ଓ ଉଦ୍ଦୀପନା ସହ ଦୃଢ଼ୀଭୂତ ହେଲା । ଏହି ସ୍ଥାନୀୟ ଆନ୍ଦୋଳନଗୁଡ଼ିକର ଏକମାତ୍ର ଉଦ୍ଦେଶ୍ୟ ଥିଲା ଯେ କୃଷକ ଓ ଜମିହୀନଙ୍କ ସଶକ୍ତିକରଣ । ଜଗତୀକରଣ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଏକ ଆନ୍ତର୍ଜାତିକ ସଂଗଠନର ଆବଶ୍ୟକତା ଥିବାରୁ ତାହା ମଧ୍ୟ ଗଠନ କରାଗଲା । ଏହାକୁ "ଲା ଭିଆ କାମ୍ପେଚିନା" ନାମରେ ନାମିତ ମଧ୍ୟ କରାଗଲା । ବିଶ୍ୱବ୍ୟାପୀ ଭୂସଂସ୍କାର ଓ ଆନ୍ଦୋଳନ ଏ ସଂଗଠନର ମୂଳ ଲକ୍ଷ୍ୟ ଥିଲା । ଯେଉଁସବୁ ଦେଶରେ ନବ ଭୂସଂସ୍କାର ଓ ତଦ୍‌ଜନିତ ଆନ୍ଦୋଳନ ଏବେ ଦାନା ବାନ୍ଧିଛି ଓ ସଫଳତା ହାସଲ କରିଛି ତାହାକୁ ପାଠକଙ୍କ ପାଖରେ ପର୍ଯ୍ୟାୟ କ୍ରମେ ଉପସ୍ଥାପିତ କରିବାର ପରିଯୋଜନା ଏ ଲେଖକ କରିସାରିଛି ।

ଜାତୀୟ ବିକାଶ ନୀତିରେ ଭୂସଂସ୍କାର ଓ ଭୂଅଧିକାରର ପୁନଃପ୍ରତିଷ୍ଠା ଏକ ସହଜ କଥା ନୁହେଁ । ଏଥିପାଇଁ ଅନେକଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିଛି । ଅନେକ ସଂଗ୍ରାମୀ ମଣିଷ ନିଜର ଜୀବନକୁ ବଳି ଦେଇଛନ୍ତି । ବିଶ୍ୱବ୍ୟାଙ୍କ ଭଳି ଆନ୍ତର୍ଜାତିକ ଅନୁଦାନକାରୀ ସଂସ୍ଥାମାନେ ବାରମ୍ବାର ଚାହିଁଛନ୍ତି ଯେ ଜମି ଉପରେ ସ୍ଥାନୀୟ କୃଷିଜୀବୀଙ୍କ ଅଧିକାର ସଂକୁଚିତ ହେଉ ଏବଂ ପ୍ରତ୍ୟେକ ରାଷ୍ଟ୍ରର ନୀତିରେ ଉଦାରୀକରଣର ଛାପ ସ୍ପଷ୍ଟ କରାଯାଉ । ଅର୍ଥାତ୍ ଜମିକୁ ଛୋଟ ଓ ନାମମାତ୍ରଚାଷୀ ଏବଂ କୃଷିଜୀବୀମାନେ ଠିକ୍‌ଭାବେ ବିନିଯୋଗ କରିପାରୁ ନାହାଁନ୍ତି । ତେଣୁ ସେମାନଙ୍କଠାରୁ ଜମି ହସ୍ତାନ୍ତରୀକରଣ କରାଯାଇ ବଡ଼ଚାଷୀ ଓ ପୁଞ୍ଜିବାଦୀ ଜମି ମାଲିକଙ୍କୁ ଦିଆଯାଉ । ବଜାର ଓ ବେପାରକୁ ମୂଳ ଲକ୍ଷ୍ୟ ରୂପେ ସ୍ୱୀକାର କରି "ଠିକା ଚାଷ"କୁ ପ୍ରୋତ୍ସାହନ ଦିଆଯାଉ । କୃଷିର ବ୍ୟବସାୟୀକରଣ କରାଯାଇ ଆଗ୍ରୋ-ବିଜିନେସ୍ ବା

Digitized by srujanika@gmail.com

ବ୍ୟବସାୟଭିତ୍ତିକ କୃଷିର ବ୍ୟାପକ ପ୍ରଚଳନ କରାଯାଉ । ବିଶ୍ୱବ୍ୟାଙ୍କ୍‌ର ଅର୍ଥନୀତିଜ୍ଞଙ୍କ ନିର୍ଦ୍ଦିଷ୍ଟ ମତାମତ ହେଲା ଯେ ଜମିର ମାଲିକାନା ବହୁରାଷ୍ଟ୍ରୀୟ କର୍ପୋରେସନ୍‌ମାନଙ୍କ ହାତରେ ରହୁ । କିନ୍ତୁ ବିଶ୍ୱବ୍ୟାପୀ ଯେଉଁ କୃଷକ ଆନ୍ଦୋଳନ ଦାନା ବାନ୍ଧିଛି ତାହାକୁ ସର୍ବଶେଷରେ ବିଶ୍ୱବ୍ୟାଙ୍କ୍ ଭଳି ଆନ୍ତର୍ଜାତିକ ଅନୁଦାନକାରୀ ସଂସ୍ଥାମାନେ ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି । ସେମାନେ ବିଭିନ୍ନ ପରିସଂଖ୍ୟାନ ଓ ଅନୁସନ୍ଧାନରୁ ଜାଣିପାରିଛନ୍ତି ଯେ ବିକାଶ କ୍ଷେତ୍ରରେ ଯେତେ ପୁଞ୍ଜି ବିନିଯୋଗ କରିଲେ ମଧ୍ୟ, ଯେପର୍ଯ୍ୟନ୍ତ ଜମି ଭଳି ସମ୍ବଳର ଅନ୍ୟାୟ ଓ ଅସମତୁଲ ଅଧିକାର ରହିଥିବ, ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବନାହିଁ କି ଦାରିଦ୍ର୍ୟ ଦୂରୀକରଣ ହେବ ନାହିଁ । ଏଥିପାଇଁ ଏବେ ବିଶ୍ୱବ୍ୟାଙ୍କ୍ ଓ ଅନ୍ୟ ଆନ୍ତର୍ଜାତିକ ଅନୁଦାନକାରୀ ସଂସ୍ଥାମାନେ ନିଜର ଆଭିମୁଖ୍ୟ ବଦଳେଇଛନ୍ତି ଓ ଭୂସଂସ୍କାର କାର୍ଯ୍ୟକ୍ରମ ଆନ୍ତର୍ଜାତିକ ସହାୟତାର ଅଂଶବିଶେଷ ବୋଲି ନୀତିଗତ ଭାବେ ସ୍ପଷ୍ଟ କରିଛନ୍ତି । ଏକଦା ଭୂସଂସ୍କାରକୁ ବାମପନ୍ଥୀ ଓ ଉଗ୍ରପନ୍ଥୀ ଚିନ୍ତାଧାରା ବୋଲି ଯେଉଁ ଭଳି ଚିତ୍ରଣ କରାଯାଉଥିଲା, ଏବେ ତାହା ସଂପୂର୍ଣ୍ଣ ବଦଳି ଯାଇଛି ।

କିନ୍ତୁ ବିଶ୍ୱବ୍ୟାଙ୍କ୍‌ର ଚିନ୍ତାଧାରା କ'ଣ ? ଭୂସଂସ୍କାର ଆନ୍ଦୋଳନକୁ ସମର୍ଥନ ଦେବା ପଛରେ ଏହାର ଅସଲ ଉଦ୍ଦେଶ୍ୟ କ'ଣ ? ଜମି ମାଲିକାନାର ଘରୋଇକରଣ ଓ ବଜାର ଦ୍ୱାରା ନିୟନ୍ତ୍ରିତ କୃଷି -- ଏ ଦୁଇଟି ହେଉଛି ବିଶ୍ୱବ୍ୟାଙ୍କ୍‌ର ଭିତିରିଆ ଉଦ୍ଦେଶ୍ୟ । ବାହାରେ ଭୂସଂସ୍କାରର ସ୍ଲୋଗାନ ଓ ଭିତରେ ଘରୋଇକରଣ ନୀତି ଉପରେ ଅତ୍ୟଧିକ ଗୁରୁତ୍ୱ । ଅନ୍ୟ ପକ୍ଷରେ କୃଷକଙ୍କ ଆନ୍ତର୍ଜାତିକ ଆନ୍ଦୋଳନ ତଥା ତୃଣମୂଳ ଆନ୍ଦୋଳନ ବିଶ୍ୱବ୍ୟାଙ୍କ୍‌ର ଏ ଦୋମୁହାଁ ନୀତି ପ୍ରତି ସଚେତନ । ସେମାନେ ଦାବି କରୁଛନ୍ତି ଯେ ଭୂସଂସ୍କାର ଓ ଏଥିପାଇଁ ଚାଲିଥିବା ବିଶ୍ୱବ୍ୟାପୀ ସଂଘର୍ଷ ମନଗଢ଼ା କାହାଣୀ ନୁହେଁ ବା ରୋମାଞ୍ଚକର ସ୍ୱପ୍ନ ନୁହେଁ । ଏହା ବାସ୍ତବତା ଓ ବିଶ୍ୱବ୍ୟାଙ୍କ୍ ଏହାକୁ ମାନ୍ୟତା ଦେବା ନିତାନ୍ତ ବାଂଛନୀୟ । ଗୋଟାଏ ପାର୍ଶ୍ୱରେ ବଜାର ଓ ବେପାର ନିୟନ୍ତ୍ରିତ କୃଷି ଓ ଅନ୍ୟ ପକ୍ଷରେ ଜୀବନ ଜୀବିକା ସହ ସଂଘର୍ଷକୁ ଆଧାର କରି ଜମିର ଯୁକ୍ତିଯୁକ୍ତ ସମବଣ୍ଟନ ଆଦି ପୃଥିବୀର ରଙ୍ଗ ମଞ୍ଚରେ ଦ୍ୱନ୍ଦ୍ୱଯୁଦ୍ଧରେ ପରିଣତ ଓ ଅଭିନୀତ । ଜୀବନ ଓ ଜୀବିକା ପାଇଁ ଆଜି ପୁରୁଷ ଓ ମହିଳା ସଂଘର୍ଷରତ । ଭୂସଂସ୍କାର ଆନ୍ଦୋଳନରେ ଆଜି ପୃଥିବୀବ୍ୟାପୀ ମହିଳାମାନେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଆଜିର ଆନ୍ଦୋଳନରେ ପୁରୁଷ ଓ ସ୍ତ୍ରୀ ଉଭୟ ସହଭାଗୀ ଓ ସମଭାବାପନ୍ନ ।

ସବୁ ସହରୀକରଣ ଓ ସାଧାରଣ ଗରିବଙ୍କ ସହରାଭିମୁଖେ ପଳାୟନ ସତ୍ତ୍ୱେ ଏବେ ମଧ୍ୟ କୋଟି କୋଟି ଲୋକ ଗାଆଁ ଗହଳରେ ରହୁଛନ୍ତି ଓ ଜୀବନ ଜୀବିକା ପାଇଁ ସଂଘର୍ଷରତ ଅଛନ୍ତି । ଭାରତ ଓ ଚୀନ୍ ଭଳି ଜନବହୁଳ ଦେଶମାନଙ୍କରେ ସହରୀକରଣ ଗୋଟାପଣେ ସମ୍ଭବ ତାହା କେହି ବିଶ୍ୱାସ କରୁନାହାଁନ୍ତି, କାରଣ ସହରରେ ସମସ୍ତଙ୍କ ପାଇଁ ସ୍ଥାନ ନାହିଁ କି

Digitized by srujanika@gmail.com

ସବୁ ସହର ଲୋକଙ୍କ ପେଟକୁ ଖାଦ୍ୟ ଓ ବଞ୍ଚିବା ପାଇଁ ଜୀବିକା ଯୋଗାଇ ପାରିବ ନାହିଁ । ଅନ୍ୟ ପକ୍ଷରେ ବିଶାଳ ଜମିର ମାଲିକ ହୋଇଥିବା ଜମିଦାରମାନେ ଜମିକୁ ଅସ୍ତ୍ରକରି ସର୍ବଶକ୍ତିମାନ ପାଲଟିଛନ୍ତି । ସେମାନଙ୍କ ହାତରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷମତା କେନ୍ଦ୍ରୀଭୂତ ହୋଇସାରିଛି । ଏ କ୍ଷମତାକୁ ବିନିଯୋଗ କରି ସେମାନେ ଅଧିକ ଜମି ନିଜ ଅକ୍ତିଆରକୁ ନେଇଛନ୍ତି । ଏହାର ଭୟାଭୟ ପରିଣତି ହେଲା ଯେ ଗରିବ ଓ କୃଷକମାନେ ନିଜର ଜମି ହରାଇ ବସିଛନ୍ତି । ଆମର ମା'- ଭଉଣୀମାନେ ଏ ପ୍ରକ୍ରିୟାରେ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି । ସେମାନେ ସାରା ପୃଥିବୀର ଜନସଂଖ୍ୟା ପାଇଁ ସବୁଠୁ ବେଶି ଖାଦ୍ୟ ଉତ୍ପାଦନ କରୁଛନ୍ତି ସତ କିନ୍ତୁ ସବୁଠାରୁ ବେଶି ଜମିହୀନ ହିସାବରେ ସେମାନେ ନିଜର ଜୀବନ ଅତିବାହିତ କରୁଛନ୍ତି । ତୃତୀୟ ବିଶ୍ୱରେ ମହିଳାମାନେ ଶହେରୁ ଏକ ଭାଗ ଜମିର ମାଲିକାନା ପାଇଛନ୍ତି । ଏହା ବହୁଭାବେ ଅନ୍ୟାୟ ଓ ଅସମତାର ମାପକାଠି ନୁହେଁ ତ ଆଉ କ'ଣ ? ବେଶିଭାଗ ଜମି ଯଦି ଅଳ୍ପଭାଗ ଲୋକଙ୍କ ପାଖରେ ରହିବ, ତେବେ ଜମିଜମା ସଂପର୍କିତ ଆଇନ୍ କାନୁନ୍ ମଧ୍ୟ ସେହି ମୁତାବକ ବଦଳିବ । ଜମି ମାଲିକର ଜମି ସହ ସଂପର୍କ ମଧ୍ୟ ବଦଳିଯିବ କାରଣ ସେ ଜମିକୁ ଜମି, ମାଟିକୁ ମାଟି ହିସାବରେ ନଦେଖି ପୁଞ୍ଜି ଓ ବଜାରର ସାମଗ୍ରୀ ଭାବରେ ବିଚାର କରିବ । ମଣିଷର ନ୍ୟାୟୋଚିତ ଅଧିକାର ଓ ସ୍ୱାଭିମାନ ପ୍ରତି ସମ୍ମାନ କମିଯିବ । ଗଣତାନ୍ତ୍ରିକ ମୂଲ୍ୟବୋଧର ମଧ୍ୟ ଅବକ୍ଷୟ ହେବ । ଏହାର ଏକ ସୁଦୂର ପ୍ରସାରୀ ପ୍ରଭାବ ପଡ଼ିବ ଏ ପୃଥିବୀର ଅଗଣିତ ଗରିବ ଓ ଅସହାୟଙ୍କ ଉପରେ ।

ଆମର ବିଶାରଦ ଓ ଅର୍ଥନୀତିଜ୍ଞମାନେ ମଧ୍ୟ ବଡ଼ ଜମିମାଲିକ ଓ ଜମିଦାରମାନଙ୍କ ପ୍ରତି ସଂପୂର୍ଣ୍ଣ ଭାବେ ନିୟୋଜିତ । ସେମାନେ କହୁଛନ୍ତି ଯେ ଛୋଟ ଚାଷୀ ଓ ସେମାନଙ୍କର ସ୍ୱଳ୍ପ ପରିମାଣର ଜମି ଏ ପୃଥିବୀର ଖାଦ୍ୟ ଉତ୍ପାଦନରେ ବାଧା ସୃଷ୍ଟି କରୁଛି । ଯେତିକି ପରିମାଣରେ ବୈଷୟିକ ଜ୍ଞାନ- କୌଶଳର ଆବଶ୍ୟକତା ହେଉଛି, ତାହା ଛୋଟ ଚାଷୀମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ । ଛୋଟ ଚାଷୀ ବଜାର ଓ ବାଣିଜ୍ୟଭିତ୍ତିକ କୃଷିରେ ସହଭାଗୀ ହୋଇ ପାରିବ ନାହିଁ । ବିଶାରଦମାନେ ବାରମ୍ବାର ଯୁକ୍ତି ବାଢ଼ିଛନ୍ତି ଯେ ଭୂସଂପଦର ଅବକ୍ଷୟ ପାଇଁ ଛୋଟ ଚାଷୀମାନେ ଦାୟୀ । କିନ୍ତୁ ବର୍ତ୍ତମାନର ଭୂ -ଆନ୍ଦୋଳନ ଓ ନୂତନ ଭୂ-ସଂସ୍କାର ଏ ଯୁକ୍ତିକୁ ବାସ୍ତବ କ୍ଷେତ୍ରରେ ପ୍ରତିହତ କରିପାରିଛି । ଏବେ ଅନୁସନ୍ଧାନରୁ ଦେଖାଯାଇଛି ଯେ ଛୋଟ, ନାମମାତ୍ରଚାଷୀ ଓ ଭାଗଚାଷୀମାନେ ସର୍ବାଧିକ ଖାଦ୍ୟ ଉତ୍ପାଦନ କରୁଛନ୍ତି । ଜମି ଓ ମାଟିର ସଂରକ୍ଷଣରେ ଛୋଟ ଚାଷୀମାନେ ଆଗରେ ଅଛନ୍ତି । ସ୍ଥାନୀୟ ଜ୍ଞାନ- କୌଶଳ, ବିହନ ଓ ଖତ ବିନିଯୋଗ କରି ସେମାନେ ନିଜର ଖାଦ୍ୟ ନିରାପତ୍ତା ବଜାୟ ରଖିପାରୁଛନ୍ତି ଓ ବଜାରକୁ ଯଥେଷ୍ଟ ଖାଦ୍ୟ ଶସ୍ୟ ପଠାଇ ପାରୁଛନ୍ତି । ନିରନ୍ତର ଜୀବନ ଜୀବିକା ଓ ଆର୍ଥିକ ପ୍ରଗତିରେ ଛୋଟ ଚାଷୀ ଯଥେଷ୍ଟ ଆଗରେ ଅଛି । ଶାସନ ଓ

Digitized by srujanika@gmail.com

ପ୍ରଶାସନରେ ପୃଥିବୀସାରା ଛୋଟଚାଷୀ ଓ କୃଷିଜୀବୀମାନେ ଅଂଶଗ୍ରହଣ କରୁଛନ୍ତି ଓ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ଼ କରିବାରେ ବଳିଷ୍ଠ ଭୂମିକା ଗ୍ରହଣ କରୁଛନ୍ତି ।

ତେଣୁ ଭୂସଂସ୍କାରକୁ ନୂଆ ଢ଼ଙ୍ଗରେ କାର୍ଯ୍ୟକାରୀ କରାଯାଇ ଏ ପୃଥିବୀର ଦାରିଦ୍ର୍ୟ, ଅନାହାର, ଶୋଷଣ, ଆର୍ଥିକ ବୈଷମ୍ୟ ଦୂର କରିବା ସମ୍ଭବ ବୋଲି ସବୁଆଡ଼େ ଚେଷ୍ଟା ଚାଲିଛି ।

ଛୋଟ ଚାଷୀଟିଏ ହେଉ ବା କୃଷିଜୀବୀ ହେଉ, ସେ କ'ଣ ଚାହେଁ? ଏ ବିଷୟରେ ପୃଥିବୀ ସାରା ଅଧ୍ୟୟନ ଚାଲିଛି । ଚାଷୀଟିଏ ତା'ର ସ୍ୱଳ୍ପ ଜମିରୁ ଖାଦ୍ୟ ଓ ଆବଶ୍ୟକୀୟ ରୋଜଗାର ଯେମିତି ଯୋଗାଡ଼ କରି ସ୍ୱାବଲମ୍ବୀ ହୁଏ ତାହା ତା'ର ପ୍ରଥମ ଲକ୍ଷ୍ୟ । ତା'ର ଜମି ଉପରେ ମାଲିକାନା ରହୁ, ଉତ୍ପାଦିତ ପଦାର୍ଥର ବଜାର ଉପରେ ନିୟନ୍ତ୍ରଣ ରହୁ ଓ କୃଷି ପ୍ରଣାଳୀରେ ସ୍ୱୟଂସିଦ୍ଧ ହେଉ ବୋଲି ସେ ସବୁବେଳେ ଚାହିଁଛି । ଏକଥା ଆଜି ସାରା ପୃଥିବୀରେ ବିଭିନ୍ନ ଦେଶରେ ଓ ବିଭିନ୍ନ ପନ୍ଥା ଅବଲମ୍ବନ କରି ପ୍ରମାଣିତ କରି ସାରିଛି । ଜଗତୀକରଣ ଓ ଉଦାରୀକରଣ ପ୍ରକ୍ରିୟା ସତ୍ତ୍ୱେ ଚାଷୀ ତା'ର ଜମି ଉପରେ ଅଧିକାର ଆଜି ସାବ୍ୟସ୍ତ କରିସାରିଛି ।

ଏ ଲେଖକ ବ୍ରାଜିଲରେ ଏକ ଆନ୍ତର୍ଜାତିକ କୃଷକ ସମ୍ମିଳନୀରେ ଯୋଗ ଦେଇଥିଲା । ଯେଉଁଥିରେ ସବୁ ଦେଶର କୃଷକମାନେ ନିଜ ନିଜର ମତ ସାବ୍ୟସ୍ତ କରିଥିଲେ । ସେଥିରେ ସମସ୍ତେ ସହମତ ହୋଇଥିଲେ ଯେ କ୍ଷୁଦ୍ରଚାଷୀମାନେ କୃଷି ଓ ଖାଦ୍ୟ ଉତ୍ପାଦନର ମୁଖ୍ୟ କର୍ମକର୍ତ୍ତା । ଏହା ଯଦି କୌଣସି ଦେଶ ସ୍ୱୀକାର କରୁନାହିଁ, ତେବେ ଆଜି ନହେଲେ ବି ଆଗାମୀ ଦିନମାନଙ୍କରେ ସେ ଦେଶରେ ଅନେକ ଅଭାବ ଅନଟନ ଦେଖା ଦେବ । ଅନେକ ଯୁକ୍ତି କରୁଛନ୍ତି ଯେ ଯୁକ୍ତରାଷ୍ଟ୍ର ଆମେରିକା ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶରେ କୃଷକମାନେ କ୍ଷୁଦ୍ରଚାଷୀ ନୁହଁନ୍ତି । ଶହ ଶହ ଏକର ଜମି ଓ ବିଭିନ୍ନ ପ୍ରକାରର ଅନୁଦାନ ନେଇ ସେମାନେ ଉତ୍ପାଦନ ପ୍ରକ୍ରିୟାକୁ ବଳଶାଳୀ କରୁଛନ୍ତି । ଏମାନେ ମଧ୍ୟ ବିଶ୍ୱବଜାରକୁ ନିୟନ୍ତ୍ରଣ କରୁଛନ୍ତି । କିନ୍ତୁ ଏସବୁ ବେଶିଦିନ ତିଷ୍ଠିବା ସମ୍ଭବ ହେବନାହିଁ । ଆଗ୍ରୋ ବିଜିନେସ୍ ବା ବ୍ୟବସାୟିକ କୃଷିର ବିପରୀତ ପ୍ରଭାବ ଆଜି ପୃଥିବୀ ସାରା ଅନୁଭବ କରିହେଉଛି । ସେଇଥି ପାଇଁ ବିକଳ୍ପ ବିଚାରକୁ ସମସ୍ତେ ମାନ୍ୟତା ଦେଉଛନ୍ତି ।

□□□

Digitized by srujanika@gmail.com

କ୍ଷୁଧାର ଅସରନ୍ତି କାହାଣୀ ଓ କ୍ଷୁଧାର୍ତ୍ତଙ୍କ ଇତିହାସ

ପୃଥିବୀର ଇତିହାସ କ୍ଷୁଧାର୍ତ୍ତଙ୍କ ଇତିହାସ ଓ ପୃଥିବୀର ରାଜନୀତି କ୍ଷୁଧାଜନିତ ରାଜନୀତି କହିଲେ ଅତ୍ୟୁକ୍ତି ହେବନାହିଁ । ଏକଥା ହୃଦୟଙ୍ଗମ କରିବାକୁ ମୋତେ ଅନେକ ଦିନ ଲାଗି ଯାଇଥିଲା । ସତୁରୀ ଦଶକରେ ଦାରିଦ୍ର୍ୟ, କ୍ଷୁଧା ଓ ଅନାହାର ଜନିତ ମୃତ୍ୟୁ ଘଟଣା ସମ୍ବାଦପତ୍ରରେ ବାହାରିଲା ମାତ୍ରକେ ମୋତେ ଏକ ଅଭୁତପୂର୍ବ ଦୁଃଖ, ଲଜ୍ଜା, ଅପମାନ ଆକ୍ରାନ୍ତ କରୁଥିଲା । ଏ ଲେଖକ କାହ୍ନୁ ମହାନ୍ତିଙ୍କ "ହା ଅନ୍ନ" ଉପନ୍ୟାସ ପଢ଼ିଥିଲା ଓ ନ'ଅଙ୍କ ଦୁର୍ଭିକ୍ଷ ଜନିତ ମୃତ୍ୟୁର ବିଭୀଷିକା ଜାଣିଲାପରେ ଅନେକ ଦିନ ଧରି ଭୟଭୀତ ହୋଇଥିଲା । ଜଗନ୍ନାଥଙ୍କ ଦେଶରେ ଜଣେ ଭୋକିଲା ରହିବ ଓ ଭୋକ ଉପାସରେ ପୁଣି ମରିଯିବ ଏକଥା ବିଶ୍ୱାସ କରି ହେଉ ନଥିଲା । ନ'ଅଙ୍କ ଦୁର୍ଭିକ୍ଷ ସମୟରେ ଜଗନ୍ନାଥ ମନ୍ଦିରରେ ଛପନ ଭୋଗ ହେଉଥିଲାକି ନାହିଁ ଓ ମାଦଳା ପାଞ୍ଜିରେ ଏ ବିଷୟରେ କ'ଣ ଲେଖାଯାଇଛି ସେ କଥା ବାରମ୍ବାର ମନକୁ ପ୍ରଶ୍ନ ଆସୁଥିଲା । ଆହୁରି ମଧ୍ୟ ପ୍ରଶ୍ନ ଆସୁଥିଲା ଯେ ସେ ସମୟର ରାଜା ମହାରାଜା ମାନେ, ପଣ୍ଡା ପୁରୋହିତମାନେ କ୍ଷୀରି, ପୁରି. ଓ ରସାବଳୀରେ ଭାସୁଥିଲେ କି ନାହିଁ ଓ ମନ୍ଦିର ଗୁଡିକ ପୂଜା ନୈବେଦ୍ୟରେ ମହକୁ ଥିଲା କି ନାହିଁ । ବିଶିଷ୍ଟ କବି ଓ ଲେଖକ ଶ୍ରୀ ଜଗନ୍ନାଥ ପ୍ରସାଦ ଦାସ ଏସବୁ ପ୍ରଶ୍ନକୁ ତାଙ୍କର ପ୍ରସିଦ୍ଧ ବହି 'ଦେଶ, କାଳ, ପାତ୍ର'ରେ ଅତି ସନ୍ତର୍ପଣରେ ଏଡାଇ ଯାଇଥିବା ଭଳି ମନେ ହୁଏ । ପାଠକମାନେ ଏହା ବିଚାର କରିବେ ।

ଏ ଲେଖକ ଆମ୍ବ ଟାକୁଆ ଓ ତେନ୍ତୁଳି ମଞ୍ଜି ଖାଉଥିବା ମଣିଷଙ୍କ ସହ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରିବା ପୂର୍ବରୁ କେଜାଣି କେମିତି ବିଶ୍ୱବ୍ୟାପ୍ତ କ୍ଷୁଧାର ମୂଳ କାରଣ ଜାଣିବାକୁ ଚାହିଁଥିଲା । ଏହା ଏକ ବୌଦ୍ଧିକ ବିଳାସ ନଥିଲା । ଏହା ମଧ୍ୟ ନଥିଲା ଏକ ଅସ୍ୱାଭାବିକ ସମ୍ବେଦନଶୀଳତା । ସୁଜନ୍ ଜର୍ଜ(Susan George)ଙ୍କ ଲିଖିତ ଓ ପେଙ୍ଗୁଇନ୍ ଦ୍ୱାରା ପ୍ରକାଶିତ 'ହାଓ ଦି ଅଦର୍ ହାଫ୍ ଡାଇଜ୍' (How the other Half Dies) ବହିଟି କେଉଁ ଏକ ପ୍ରବନ୍ଧରେ ଉଲ୍ଲେଖ ହେବା ଦୃଷ୍ଟି ଆକର୍ଷଣ କରିଥିଲା । ଏ ବହିଟି ଖୋଜା ଚାଲିଥିଲା ଅନେକ ମାସଧରି । ପେଙ୍ଗୁଇନ୍ ପ୍ରକାଶନର ମୁଖ୍ୟ ବିତରକଙ୍କୁ ମଧ୍ୟ ଚିଠି ଲେଖାଯାଇଥିଲା । ବହିଟି

Digitized by srujanika@gmail.com

ଅବଶେଷରେ ମିଳିଥିଲା ମୋତେ ଓ ଏକା ନିଶ୍ୱାସରେ ପଢ଼ିବାକୁ ଅବସର ମିଳିଥିଲା । ଆଜି ମୁଁ ଦୃଢ଼ସ୍ୱରରେ କହିବାକୁ ଚାହିଁବି ଯେ ମୋତେ ଯଦି ଦଶଟି ଶ୍ରେଷ୍ଠ ପୁସ୍ତକ (ଯାହା କଳ୍ପନା ପ୍ରସୁତ କାହାଣୀ ଓ କବିତା ନୁହେଁ)ର ନାମ ଉଲ୍ଲେଖ କରିବାକୁ କୁହାଯାଏ, ଏ ବହିଟି ସେଥିରେ ସ୍ଥାନ ପାଇବ । 'ହାଓ ଦି ଅଦର୍ ହାଫ୍ ଡାଇଜ୍' ବହିଟି ଆଜି ବିଶ୍ୱରେ ଏକ କ୍ଲାସିକ୍ ହୋଇଯାଇଛି । କିନ୍ତୁ ସୁଜନ୍ ଜର୍ଜ ଲେଖିଛନ୍ତି କ'ଣ ? ତାଙ୍କ ମୁଖବନ୍ଧରେ ସେ ପାଠକମାନଙ୍କୁ ସୂଚନା ଦେଇଛନ୍ତି ଯେ ତାଙ୍କ ବହି ପଢ଼ି ଶେଷ କରିବାକୁ ଯେତିକି ସମୟ ନେବ, ସେ ଭିତରେ ଏ ପୃଥିବୀରେ ଆଉ କେତେ ହଜାର ଲୋକ କ୍ଷୁଧା ଜନିତ କାରଣ ହେତୁ ମରିଥିବେ । ୧୯୭୬ ମସିହାରେ ଏ ବହି ସୁଜନ୍ ଜର୍ଜ ଲେଖିଥିଲେ । ଆଧାର କରଥିଲେ ବିଭିନ୍ନ ଗବେଷଣା ଓ ଜାତିସଂଘ ରିପୋର୍ଟମାନଙ୍କୁ, ବର୍ଣ୍ଣନା କରିଥିଲେ ଅନେକ ସତ୍ୟ ଘଟଣା । ସବୁ ମୂଳରେ ସେ ଗୋଟିଏ କଥା ବାରମ୍ବାର କହିଥିଲେ, **ଯେ ପୁଞ୍ଜିବାଦ** ଓ ପୁଞ୍ଜିପତି ଏ ପୃଥିବୀର ଗରିବଙ୍କ ମୃତ୍ୟୁ ପାଇଁ ଦାୟୀ । ବିଶ୍ୱକ୍ଷୁଧା ଭୟାନକ ନୁହେଁ ଅଥବା ଏହାର ଦୂରୀକରଣ ଅସମ୍ଭବ ନୁହେଁ । ସେ କହିଛନ୍ତି ଯେ ଉକ୍ଟ ବିଶ୍ୱକ୍ଷୁଧା ପାଇଁ ଆମର ସାମ୍ପ୍ରତିକ ନୀତି ଓ ବ୍ୟବସ୍ଥା ଏକାନ୍ତ ଭାବେ ଦାୟୀ । ଜାଣିଶୁଣି ବିଶ୍ୱର ପୁଞ୍ଜିପତି କର୍ପୋରେଟ୍‌ମାନେ ଖାଦ୍ୟଦ୍ରବ୍ୟ ଓ ବଜାରକୁ ଏକତରଫା ଭାବେ ନିୟନ୍ତ୍ରଣ କରୁଛନ୍ତି । ଗରିବମାନଙ୍କୁ ଧ୍ୱଂସ କରିବା ପାଇଁ ତୃତୀୟ ବିଶ୍ୱର ଏବଂ ଗରିବ ଦେଶମାନଙ୍କର ସ୍ୱଚ୍ଛଳବର୍ଗ ବା 'ଏଲିଟ୍'ମାନଙ୍କୁ ମୋହଗ୍ରସ୍ତ କରୁଛନ୍ତି । ଏଥିରେ ରାଜନୀତି ଓ ଅର୍ଥନୀତି ମଧ୍ୟ ସଂଶ୍ଲିଷ୍ଟ ହୋଇଛି । ବୈଷୟିକ ଜ୍ଞାନ କୌଶଳର ମଧ୍ୟ ଭୂମିକା ରହିଛି ଏଥିରେ । ଗରିବ ଦେଶର ଅର୍ଥନୀତି, ସଂସ୍କୃତି ଓ ପରମ୍ପରାକୁ ପଦାଘାତ କରି ବାହାରର ଜ୍ଞାନ, କୌଶଳ ଓ ବଜାରକୁ କର୍ପୋରେଟମାନେ ଲଦି ଦେଇଛନ୍ତି ଏମାନଙ୍କ ଉପରେ । ଆଗ୍ରିବିଜିନେସ୍(Agri-busines)କୁ ପ୍ରାଥମିକତା ଦିଆଯାଇଛି ଓ ଖାଦ୍ୟ ଅନୁଦାନକୁ ଏକ ରାଜନୈତିକ ଅସ୍ତ୍ରଭାବରେ ବ୍ୟବହାର କରାଯାଉଛି । ବିଶ୍ୱ ବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରାକୋଷ ସେମାନଙ୍କର କୃଷି ଓ ଖାଦ୍ୟନୀତି କର୍ପୋରେଟ୍‌ମାନଙ୍କର ସ୍ୱାର୍ଥଲାଭ ପାଇଁ ପ୍ରଣୟନ କରୁଛନ୍ତି ଓ ଗରିବ ଦେଶଙ୍କ ଉପରେ ଲଦି ଦେଇଛନ୍ତି । ବିଭିନ୍ନ ପରିସଂଖ୍ୟାନର ସାହାଯ୍ୟ ନେଇ ସେ ପ୍ରମାଣ କରିବାକୁ ଚାହିଁଛନ୍ତି ଯେ ପୃଥିବୀରେ ଅନେକ ଗରିବ ଦେଶରେ ଅର୍ଦ୍ଧାଧିକ ଶିଶୁ ପଞ୍ଚମ ବର୍ଷ ଅତିକ୍ରମ କରିବା ପୂର୍ବରୁ ମୃତ୍ୟୁମୁଖରେ ପଡୁଛନ୍ତି । ଏ ପୃଥିବୀର ଏକ ପଞ୍ଚମାଂଶ ଶିଶୁ ପୌଷ୍ଟିକ ଖାଦ୍ୟ ପାଉ ନାହାନ୍ତି । ବିଶ୍ୱରେ ଆଠଭାଗ ଲୋକ ଅନାହାରରେ ଦିନ କାଟୁଛନ୍ତି । ଦୁଃଖର କଥା ଯେ ଏବେ ପୃଥିବୀର ଜନସଂଖ୍ୟାର ଅର୍ଦ୍ଧେକଙ୍କୁ ପୁଷ୍ଟିହୀନତାରେ ଆକ୍ରାନ୍ତ ହେବାକୁ ପଡୁଛି । ଶିଶୁ ମୃତ୍ୟୁହାର ତୃତୀୟ ବିଶ୍ୱରେ ଅତି ବିପଦଜନକ ସ୍ତରରେ ରହିଛି । ଗରିବଙ୍କ ରୋଗ ବେମାରୀ ବଢ଼ିବାରେ ଲାଗିଛି । ମ୍ୟାଲେରିଆ, ଯକ୍ଷ୍ମା, କଲେରା, ଡେଙ୍ଗୁ ସହ ବେରିବେରି ଓ ଅନ୍ଧାରକଣା ରୋଗ ସବୁଆଡେ

Digitized by srujanika@gmail.com

ବ୍ୟାପିବାରେ ଲାଗିଛି । (ଅବଶ୍ୟ ଏଡ଼୍ସ ବେମାରୀ ଏବେ ବ୍ୟାପକ ହୋଇଛି) । ସୁଜନ୍ ଜର୍ଜ ଅନାହାର ମୃତ୍ୟୁ ଓ ରୋଗବେମାରୀର ଅସଲ କାରଣ ଜାଣିବାକୁ ଚାହିଁଛନ୍ତି । ସେ ପ୍ରମାଣିତ କରିଛନ୍ତି ଯେ ଏହା ପଛରେ କୌଣସି ପ୍ରାକୃତିକ ଦୁର୍ବିପାକର ଭୂମିକା ନାହିଁ । ଏହା ପଛରେ ମଧ୍ୟ ଜନସଂଖ୍ୟା ବିସ୍ଫୋରଣର ହାତ ନାହିଁ କି କ୍ରମାଗତ ମରୁଡ଼ିର କୁପ୍ରଭାବ ଅଛି ବୋଲି କହିହେବ ନାହିଁ । ଯୁକ୍ତରାଷ୍ଟ୍ର ଆମେରିକାର ଦକ୍ଷିଣ ପଶ୍ଚିମ ଭାଗରେ ମରୁଡ଼ି ଲାଗି ରହିଛି ଅଥଚ ସେଠାରେ ଅନାହାର ନାହିଁ । ଯଦି ଜନସଂଖ୍ୟାର ହାର ଦେଖାଯିବ ଏକ ବର୍ଗ କିଲୋମିଟରରେ ବଲିଭିଆରେ ଅଛନ୍ତି ୫ଜଣ, ଭାରତରେ ଅଛନ୍ତି ୧୭୨ ଜଣ ଓ ହଲାଣ୍ଡରେ ଅଛନ୍ତି ୩୨୬ ଜଣ । କିନ୍ତୁ ବଲିଭିଆ ଓ ଭାରତରେ ମରୁଡ଼ି ଓ ଅନାହାର ଲାଗି ରହିଥିଲା ବେଳେ ହଲାଣ୍ଡ ଇତିହାସରେ ମରୁଡ଼ି ଓ ଖାଦ୍ୟାଭାବ କେବେହେଲେ ଦେଖାଯାଇନାହିଁ ।

ସୁଜନ୍ ଜର୍ଜ ସବୁଜ ବିପ୍ଳବ ବା ଗ୍ରୀନ୍ ରିଭୋଲ୍ୟୁସନ୍ ଉପରେ ସମାଲୋଚନାତ୍ମକ ମନ୍ତବ୍ୟ ଦେଇଛନ୍ତି । ଏଥିରେ ଉତ୍ପାଦନ ବଢ଼ାଉଥିବା ଓ ଅନ୍ୟଗୁଣ ଥିବା ତାଙ୍କର ବିହନର ବ୍ୟାପକ ବ୍ୟବହାର ତୃତୀୟ ବିଶ୍ୱରେ କୃଷିକୁ ଧ୍ୱଂସ ମୁଖକୁ ଟାଣି ଦେଇଛି । ପରୀକ୍ଷାଗାରରୁ ବିଭିନ୍ନ କିସମର ବିହନକୁ ପ୍ରସ୍ତୁତକରି ଉତ୍ପାଦନ ବୃଦ୍ଧି ନାଁରେ ବିଭିନ୍ନ ଦେଶରେ ବଣ୍ଟା ଯାଇଛି ଓ ଏହା ନୂତନ ଜଳବାୟୁ ଓ ପରିବେଶରେ କିପରି ପ୍ରଯୁଜ୍ୟ ହେବ ତାହା ବିଚାରକୁ ନିଆଯାଇ ନାହିଁ । ଫଳତଃ ତୃତୀୟ ବିଶ୍ୱରେ କୃଷି ଓ କୃଷି ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ପାଇଯାଇଛି । ଭାରତରେ ସବୁଜ ବିପ୍ଳବର ସଫଳତା ସତ୍ତ୍ୱେ ବହୁଭାଗ ଲୋକ ଏବେ ମଧ୍ୟ ଅନାହାରରେ ରହୁଛନ୍ତି ଓ ଏବେ ମଧ୍ୟ ଏ ଦେଶ ବାହାର ଦେଶମାନଙ୍କରୁ ଖାଦ୍ୟଶସ୍ୟ ଆମଦାନୀ କରୁଛି । ସଙ୍କର ବିହନ ବା ଅଧିକ ଅମଳକ୍ଷମ ବିହନ ଆବଶ୍ୟକ କରେ ରାସାୟନିକ ସାର ଓ କୀଟନାଶକ ଔଷଧ । ଏସବୁ ସାମଗ୍ରୀର ବଜାର ବିଶ୍ୱର କର୍ପୋରେଟ୍ ଓ ପୁଞ୍ଜିପତିଙ୍କ ହାତରେ । ଚଡ଼ା ଦରରେ ବିକ୍ରି କରିବାର ଚକ୍ରାନ୍ତ ସବୁଜାଗାରେ ରହିଛି । କୃଷିକୁ ନିୟନ୍ତ୍ରଣ କରିବାର ଅନ୍ୟ ଏକ ଷଡ଼ଯନ୍ତ୍ର କରାଯାଇଛି ବୋଲି ସୁଜନ୍ ଜର୍ଜ ବିଶ୍ଳେଷଣ କରିଛନ୍ତି । ସେ କହିଛନ୍ତି ସେ ନୂତନ ଜ୍ଞାନକୌଶଳ ଓ ସବୁଜବିପ୍ଳବର ପ୍ରଭାବ ଦ୍ୱାରା ତୃତୀୟବିଶ୍ୱର ଦେଶମାନଙ୍କରେ ଯେଉଁ ଖାଦ୍ୟଶସ୍ୟ ଉତ୍ପାଦିତ ହେଉଛି ତାହା ସେ ଦେଶର ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ତାହା କେବଳ ପାଶ୍ଚାତ୍ୟ ଦେଶର ଓ ବିଶ୍ୱ ବଜାରର ଚାହିଦା ମେଣ୍ଟାଇବା ପାଇଁ । ଅର୍ଥାତ୍ ତୃତୀୟ ବିଶ୍ୱର କୃଷକ ଯାହା ଉତ୍ପାଦନ କରିବ, ତାହା ସେ ଖାଇ ପାରିବ ନାହିଁ । ତାହା କେବଳ ରପ୍ତାନୀ କରିବ । ନିଜ ଦେଶର କ୍ଷୁଧା ଓ ଅନାହାର ମେଣ୍ଟାଇବା ପାଇଁ ସେ ଚାଷ କରିପାରିବ ନାହିଁ । ବିଶ୍ୱବଜାର ଓ ରପ୍ତାନୀ ଅର୍ଥନୀତି ଦ୍ୱାରା ସେ ଗୋଟାପଣେ ନିୟନ୍ତ୍ରିତ ହେବ । ଭାରତରେ ଧାନ ଓ ଗହମ ଉତ୍ପାଦନ ବଢ଼ିବ, କିନ୍ତୁ ଲୋକେ ଚାଉଳ ଗହମ ପାଇବେ ନାହିଁ ଖାଇବାକୁ । ତୃତୀୟ ବିଶ୍ୱର ପ୍ରତ୍ୟେକ ଦେଶର ଅବସ୍ଥା ଏହାଛଡ଼ା ଅନ୍ୟ

Digitized by srujanika@gmail.com

କିଛି ନୁହେଁ । ଏବେ ସବୁଜ ବିପ୍ଳବ ସତ୍ତ୍ୱେ ଏ ଦେଶ ଚାଉଳ ଗହମ ଆମଦାନୀ କରୁଛି । ତାହା ଆଉ ଏକ ରାଜନୀତି ଯାହାର ପୁଙ୍ଖାନୁପୁଙ୍ଖ ଆଲୋଚନା ଏ ସ୍ତମ୍ଭରେ କରିବାକୁ ମୁଁ ଯୋଜନା କରିଛି ।

ସୁଜନ୍ ଜର୍ଜଙ୍କ ଭାଷାରେ ଖାଦ୍ୟ ଦ୍ରବ୍ୟକୁ ଏକ ରାଜନୈତିକ ଅସ୍ତ୍ର ରୂପେ ପାଶ୍ଚାତ୍ୟର ଶକ୍ତିଶାଳୀ ଦେଶମାନେ ବ୍ୟବହାର କରି ଆସୁଛନ୍ତି । ଚିଲିରେ ବାମପନ୍ଥୀ ସରକାର ଶାସନରେ ଅଧିଷ୍ଠିତ ଥିଲାବେଳେ, କାମ୍ବୋଡିଆ, ଲାଓସ ଓ ଭିଏତ୍‌ନାମ୍‌ରେ ଯୁକ୍ତରାଷ୍ଟ୍ରର ପରାଜୟ ପରେ ସେ ଦେଶଗୁଡିକୁ ଖାଦ୍ୟ ସାହାଯ୍ୟ ଓ ଅନୁଦାନ ନଦେବାକୁ ଚକ୍ରାନ୍ତ କରାଯାଇଥିଲା । ଏପରିକି ଭାରତକୁ ଖାଦ୍ୟ ସାହାଯ୍ୟ ଦେବାକୁ ପି.ଏଲ.୪୮୦ ଭଳି ଅସମ୍ମାନଜନକ ଚୁକ୍ତିକୁ ମାନିବାକୁ ବାଧ କରାଯାଇଥିଲା । ସହେଲ୍, ଇଥିଓପିଆ, ସୁଦାନ୍ ଓ ସୋମାଲିଆ ଆଦି ଦେଶଗୁଡିକ ଯେଉଁଠି ଖାଦ୍ୟାଭାବ ଓ ଦୁର୍ଭିକ୍ଷ ମରୁଡ଼ି ଲାଗି ରହିଛି, ସେଠାରେ ଖାଦ୍ୟ ଅନୁଦାନକୁ ରାଜନୈତିକ ଅସ୍ତ୍ର ରୂପେ ଅତୀତରେ ବ୍ୟବହାର କରାଯାଇଛି ଓ ଏବେ ମଧ୍ୟ କରାଯାଉଛି । କେଉଁ ଦେଶର ସରକାରକୁ ପତନାଭିମୁଖୀ କରାଯିବ, ଆମେରିକାର ଗୋଇନ୍ଦା ସଂସ୍ଥା ସି.ଆଇ.ଏ(CIA) ଖାଦ୍ୟ ଅନୁଦାନକୁ ଅସ୍ତ୍ର ରୂପେ ବ୍ୟବହାର କରିବାକୁ ପରାମର୍ଶ ଦେଇଛି । ବିଶ୍ୱର ଗରିବଙ୍କ ଉପରେ ହାକିମାତି କରିବାକୁ, ଖାଦ୍ୟ ନିରାପତ୍ତାକୁ ବିପନ୍ନ କରିବାକୁ, ଖାଦ୍ୟକୁ ଲାଭଜନକ ବ୍ୟବସାୟରେ ପରିଣତ କରିବାକୁ ଏବଂ ରାଜନୈତିକ ତଥା ଅର୍ଥନୈତିକ ଅସ୍ତ୍ର ରୂପେ ବ୍ୟବହାର କରିବାକୁ କେତୋଟି ଦେଶ କିପରି ଅହର୍ନିଶ ଚେଷ୍ଟିତ ଅଛନ୍ତି ତାହା ସୁଜନ୍ ଜର୍ଜ ତାଙ୍କର ବିଶ୍ଳେଷଣ ଦ୍ୱାରା ପ୍ରମାଣିତ କରିଛନ୍ତି । ଋଣଗ୍ରସ୍ତ ଦେଶମାନେ ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରାକୋଷ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରିତ ଓ ପରିଚାଳିତ ହେଉଛନ୍ତି । କେଉଁଠି ଅସ୍ତ୍ରଶସ୍ତ୍ର ପାଇଁ, କେଉଁଠି ଜାତୀୟ ନିରାପତ୍ତା ପାଇଁ, କେଉଁଠି ଶକ୍ତି ଉତ୍ପାଦନ ପାଇଁ ଯେଉଁ ପୁଞ୍ଜି ଦରକାର ତାହା ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରାକୋଷ ବିଭିନ୍ନ ବାଟରେ ବ୍ୟବସ୍ଥା କରିଥାଆନ୍ତି । ଏ ଋଣ ଯନ୍ତାରେ ଯେଉଁ ଦେଶ ପଡିଯାଏ, ସେ ଦେଶର କୃଷି ବ୍ୟବସ୍ଥାକୁ ଶାଗୁଣାପଲ ଭଳି ବିଶ୍ୱର ପୁଞ୍ଜିପତି ଓ କର୍ପୋରେଟ୍‌ମାନେ ଘେରି ଯାଆନ୍ତି ।

ସୁଜନ୍ ଜର୍ଜ ଜଣେ ସୁସ୍ଥ ମଣିଷ ପାଇଁ ୨୩୦୦ କାଲୋରୀ ଶକ୍ତି ଦୈନିକ ଆବଶ୍ୟକ ବୋଲି ଦର୍ଶାଇଛନ୍ତି । ସାରା ପୃଥିବୀରେ ଦାରିଦ୍ର୍ୟକୁ ଏହି କାଲୋରୀ ଦୃଷ୍ଟିକୋଣରୁ ବିଚାର ମଧ୍ୟ କରାଯାଇଛି । ଅନେକ ଦେଶରେ ମୁଣ୍ଡପିଛା ଆୟ ଏତେ କମିଯାଉଛି ଯେ ପୌଷ୍ଟିକ ଖାଦ୍ୟଦ୍ରବ୍ୟ କିଣିବା ପାଇଁ ନାଗରିକମାନଙ୍କ ପାଖରେ ଅର୍ଥ ନାହିଁ । ସାଧାରଣ ଖାଦ୍ୟ ଦ୍ରବ୍ୟ- ଭାତ, ଡାଲି, ପନିପରିବା, ପ୍ରୋଟିନ୍, ଚର୍ବି ଜାତୀୟ ଦ୍ରବ୍ୟ, ଭିଟାମିନ୍ ଯୁକ୍ତ ଖାଦ୍ୟ- ର ଦରଦାମ ବେଳେବେଳେ ଆକାଶ ଛୁଆଁ ହୋଇଯାଉଛି ବା ଦୁଷ୍ପ୍ରାପ୍ୟ ହୋଇପଡୁଛି । ଏଥିପାଇଁ ଶୈଶବ ଅବସ୍ଥାରୁ ପିଲାଟିର ଶାରୀରିକ ଓ ମାନସିକ ଅଭିବୃଦ୍ଧି ହେଉନାହିଁ । ଦେହରେ ଶକ୍ତି

Digitized by srujanika@gmail.com

ନାହିଁ କାର୍ଯ୍ୟକ୍ଷମ ହେବାକୁ । ମାନସିକ ସ୍ତରରେ ଏହାର ପ୍ରତିକୂଳ ପ୍ରଭାବ ମଧ୍ୟ ପ୍ରବଳରୁ ପ୍ରବଳତର ହେବାକୁ ଲାଗିଛି । ପେଟ ବିକଳରେ ଆଜିର ଗରିବ ମଣିଷ ନିଜକୁ ପୁଣିଥରେ କ୍ରୀତଦାସ କରିବାକୁ ପଛଘୁଞ୍ଚା ଦେଉ ନାହିଁ ।

ମହାତ୍ମାଗାନ୍ଧୀ କହୁଥିଲେ ଖାଦ୍ୟ ମଣିଷର ଭଗବାନ । ଏକଦା ମୁଁ ଯୁକ୍ତି କରୁଥିଲି ଏହା ବିରୁଦ୍ଧରେ । ମଣିଷ କେବଳ ପେଟପାଟଣା ପାଇଁ ବଞ୍ଚେ ନାହିଁ, ତାହାର ଅନେକ କିଛି ଆବଶ୍ୟକତା ଅଛି । ଆଜି ମୁଁ ଅନୁଭବ କରୁଛି ଯେ ସବୁରି ମୂଳରେ ଖାଦ୍ୟ ଅଛି ବଞ୍ଚିବା ପାଇଁ, ସ୍ୱାଭିମାନ ପାଇଁ, ସମ୍ମାନର ସହ ମୁଣ୍ଡ ଟେକି ଛିଡା ହେବା ପାଇଁ । ଯେଉଁ ମଣିଷ, ଜାତି ଓ ଦେଶ ଭିକ୍ଷାଥାଳ ଧରି ଖାଦ୍ୟ ପାଇଁ ଦ୍ୱାରସ୍ଥ ହେଉଛି ସେ କେଉଁଥି ପାଇଁ ପଦବାଚ୍ୟ ନୁହେଁ, ତାହା ସ୍ପଷ୍ଟ ଅନୁମାନ କରି ହେଉଛି ।

ସୁଜନ୍ ଜର୍ଜଙ୍କ ଭାଷାରେ ପୃଥିବୀରୁ ଅର୍ଦ୍ଧାଧିକ ଲୋକଙ୍କୁ ଅନାହାର ଜନିତ ମୃତ୍ୟୁ ମୁଖକୁ ଠେଲି ଦେଉଛନ୍ତି କିଛି ଭାଗ ଲୋକ । ଅନାହାର ଲୋକଙ୍କ ସଂଖ୍ୟା ବଢ଼ିଚାଲିଛି ଯଦିଓ ଖାଦ୍ୟ ଉତ୍ପାଦନ କେଉଁ ଗୁଣରେ କମି ନାହିଁ । ସେ ସବୁପଛରେ ଏକ ନିର୍ଦ୍ଦିଷ୍ଟ ରାଜନୀତି ଏବଂ ଏକ ଅର୍ଥନୀତି କର୍ମରତ ଅଛି । ଆଜି ସହସ୍ରାବ୍ଦ ବିକାଶ ଲକ୍ଷ୍ୟ ବା ମିଲିୟନ ଡେଭେଲପମେଣ୍ଟ ଗୋଲ୍ (Million Development Goal)ରେ ଉଲ୍ଲେଖ କରାଯାଇଛି ଯେ ୨୦୧୫ମସିହା ସୁଦ୍ଧା କ୍ଷୁଧା ଓ ଦାରିଦ୍ର୍ୟ ଦୂର କରାଯିବ ଏବଂ ଏଥିପାଇଁ ପ୍ରତ୍ୟେକ ଦେଶ ଅଙ୍ଗୀକାରବଦ୍ଧ ବୋଲି ଘୋଷଣା କରାଯାଇଛି । କିନ୍ତୁ ଆଜି ଦିନରେ ସବୁକଥା ଲକ୍ଷ୍ୟ କଲେ ଓ ସୁଜନ୍ ଜର୍ଜଙ୍କ ବହି ପଢ଼ିଲେ ଜଣାପଡିବ ଯେ କଳ୍ପିତ ଲକ୍ଷ୍ୟ ଯେମିତି ଦୂରକୁ ଦୂରକୁ ଘୁଞ୍ଚିବାରେ ଲାଗିଛି । କିଏ ଜାଣିଛି କେବେ ଏ ପୃଥିବୀରେ ଏକ ସମତା ସଂଶ୍ଳିଷ୍ଟ ଖାଦ୍ୟ ନୀତି ଓ କୃଷକ ସମର୍ଥିତ କୃଷିନୀତି ମୁଣ୍ଡ ଟେକିବ ଯାହା ଦ୍ୱାରା ଏ ପୃଥିବୀରୁ ଖାଦ୍ୟାଭାବ ଓ ଅନାହାର ଦୂର ହେବ । ଆଉ ଦୂର ହେବ ଦାରିଦ୍ର୍ୟ ଓ ଅସମାନତା ।

□□□

Digitized by srujanika@gmail.com

ଅନାହାର ମୃତ୍ୟୁର ଅକୁହା କଥା

କାଶୀପୁରରେ ଗତ ପଚିଶବର୍ଷଧରି ଯଦି କୌଣସି ଗୋଟିଏ ପ୍ରଶ୍ନ ମୋତେ ଅଥୟ ଓ ଅତିକ୍ରାନ୍ତ କରିଛି ତାହା ହେଉଛି ଅନାହାର ମୃତ୍ୟୁ । ପ୍ରତିବର୍ଷ ସେଠାରେ ଏ ମୃତ୍ୟୁ ଲାଗି ରହିଛି ଓ ବେଳେବେଳେ ତାହା ରାଜନୈତିକ କର୍ମକର୍ତ୍ତା ଓ ଗଣମାଧ୍ୟମଙ୍କ ଇଚ୍ଛାମୁତାବକ ଲୋକଲୋଚନକୁ ଆସୁଛି । ୨୦୦୧ ମସିହାରେ କାଶୀପୁରରେ ଯେଉଁ ଅନାହାର ମୃତ୍ୟୁ ହୋଇଥିଲା ତାହା ସାରାଦେଶରେ ଚହଳ ପକାଇ ଥିଲା ଓ ଚର୍ଚ୍ଚିତ ହୋଇଥିଲା । କାରଣ ମୃତ୍ୟୁବେଳକୁ ଦେଶର ଭଣ୍ଡାରରେ ଲକ୍ଷଲକ୍ଷ ଟନ୍ ଖାଦ୍ୟଶସ୍ୟ ଗଚ୍ଛିତ ଥିଲା । ଅନାହାର ମୃତ୍ୟୁ ପାଇଁ କିଏ ଦାୟୀ ? ସରକାର ଓ ତାଙ୍କର ଖାଦ୍ୟନୀତି ? ଅଥବା ସାମାଜିକ ଓ ଆର୍ଥିକ ଢ଼ାଞ୍ଚା ? ଅଥବା ଖାଦ୍ୟାଭାବରେ ରହୁଥିବା ବ୍ୟକ୍ତି ନିଜେ ? କିଏ ଅସଲରେ ଦାୟୀ ? ସମ୍ଭବତଃ ଆମେ ସମସ୍ତେ ଦାୟୀ । କିନ୍ତୁ ମାନିବାକୁ କେହି ପ୍ରସ୍ତୁତ ନୁହନ୍ତି । 'ଅନାହାର ମୃତ୍ୟୁ' ସମ୍ବାଦକୁ ସମସ୍ତେ ଅପେକ୍ଷା ଯେମିତି କରିଥାଆନ୍ତି । ଆସନ୍ତି ସମ୍ବାଦପତ୍ର ଓ ଗଣମାଧ୍ୟମର ପ୍ରତିନିଧିମାନେ । ଭିଡିଓ କ୍ୟାମେରାରେ ଫୋଟଚିତ୍ର ଉଠାଇବାରେ ବ୍ୟସ୍ତ ରହନ୍ତି ଓ ବିଭିନ୍ନ ବକ୍ତବ୍ୟ ନେବାକୁ ଭୁଲନ୍ତି ନାହିଁ । ଗୋଟାଏ ତୀବ୍ର ଉତ୍ତେଜନା ସୃଷ୍ଟି କରୁଥିବା କାହାଣୀଟିଏ ପ୍ରକାଶିତ ହେଲେ ଲୋକେ ଉଲ୍ଲସିତ ହେବେ ଓ ଗଣମାଧ୍ୟମର ଚାହିଦା ବଢ଼ିବ । ତେଣୁ ଏ କାହାଣୀରେ 'ମସଲା' ରହିବାର ଆବଶ୍ୟକତା ରହିଛି ଓ ଶିହରଣ ସୃଷ୍ଟି କରିବାର ଉପାଦାନ ରହିବା ଅପରିହାର୍ଯ୍ୟ ହୋଇପଡିଛି । ଆଉ ଆସନ୍ତି ରାଜନୈତିକଦଳର କର୍ମକର୍ତ୍ତାମାନେ । ଯେଉଁମାନେ ଶାସନରେ ଅଛନ୍ତି ଓ ଯେଉଁମାନେ ବିରୋଧିଦଳ ହିସାବରେ କାମ କରୁଛନ୍ତି, ମିଡିଆ ଆଗରେ ବକ୍ତବ୍ୟ ଦେବାକୁ ଅତିଶୟ ଆଗ୍ରହ ଦେଖାନ୍ତି । ଶାସକଦଳ କୁହେ ଯେ ଅନାହାର ମୃତ୍ୟୁ ହୋଇନାହିଁ ଓ ବିରୋଧିଦଳ ତାହାର ବିରୋଧାତ୍ମକ ଅଭିବ୍ୟକ୍ତି ଉପସ୍ଥାପନା କରିଥାଏ । କଥା କଟାକଟି, ଯୁକ୍ତି ଓ ତର୍କ, ବିଧାନସଭା ଓ ସାଂସଦରେ ହଟ୍ଟଗୋଳ ସବୁ ଏକ ତାମ୍‌ସା ଭଳି ଆରମ୍ଭ ହୁଏ ଓ ଶେଷ ହୁଏ । ସ୍ଥାନୀୟ ପ୍ରଶାସନ ଅନାହାର ମୃତ୍ୟୁ ହୋଇନାହିଁ ବୋଲି ସବୁପ୍ରକାର ପ୍ରମାଣ ଯୋଗ୍ୟ ତଥ୍ୟକୁ ନଷ୍ଟ କରିବାକୁ ଯୋଜନା କରୁଥାଏ । ଅନାହାର ମୃତ୍ୟୁଟି ଜ୍ୱରବେମାରୀ, ପିଇବା ପାଣିର ଅଭାବ, ଖାଦ୍ୟଦ୍ରବ୍ୟ ନପହଞ୍ଚୁଥିବା ବା

Digitized by srujanika@gmail.com

କର୍ମ ସଂସ୍ଥାନର ସୁଯୋଗ ଲୋକମାନେ ନେଇନାହାନ୍ତି ଆଦି ସଫେଇ ଦେବା ସେମାନଙ୍କର ଅଭ୍ୟାସଗତ ହୋଇଗଲାଣି । ଅନାହାର ମୃତ୍ୟୁ ସମୟରେ ସ୍ୱେଚ୍ଛାସେବୀ ସଂଗଠନ ଓ ଅନ୍ୟ ବେସରକାରୀ ସଂସ୍ଥାମାନେ ନୀରବ ରହିଥାଆନ୍ତି କାରଣ ପାଟି ଖୋଲିଲେ ସେମାନେ କୌଣସି ଏକ ରାଜନୈତିକ ଦଳ ସହ ସମ୍ପୃକ୍ତ ହେବାର ଆଶଙ୍କା ରହିଛି ଅଥବା ସରକାରଙ୍କ ବିଷଦୃଷ୍ଟି ପଡିବାର ଭୟ ରହିଛି । ଅନାହାର ମୃତ୍ୟୁ ପଛରେ ବିଷାକ୍ତ ଓ ପଚାସଢ଼ା ଖାଦ୍ୟ ଖାଇବା ମୁଖ୍ୟକାରଣ ବୋଲି ସାଧାରଣତଃ ସ୍ଥାନୀୟ ପ୍ରଶାସନ ଯୁକ୍ତି ବାଢ଼ିଥାଏ ଓ ଖାଦ୍ୟନମୁନା ବିଭିନ୍ନ ପରୀକ୍ଷାଗାରକୁ ପଠାଯାଏ । ମେଡିକାଲ୍ କଲେଜରୁ ଆସନ୍ତି ବିଶେଷଜ୍ଞ ଦଳ । ଅନାହାର ମୃତ୍ୟୁର ମାସେ ଦୁଇମାସ ଭିତରେ ସବୁକଥା ଭୁଲିଯାଆନ୍ତି ସମସ୍ତେ । ସରକାରୀ ଦଳ ଖାଦ୍ୟ ଓ କର୍ମଯୋଗାଣ ଏବଂ ନିଃଶୁଳ୍କ ଔଷଧ ଆଦି ବାଣ୍ଟି ଏକ ଅନୁକୂଳ ମତାମତ ସୃଷ୍ଟି କରେ । ଜନମାନସର ପୋଛି ହୋଇଯାଏ ଅନାହାର ମୃତ୍ୟୁର ଦୁଃଖଦ ସତ୍ୟତା । ଏ ଘଟଣା କହିବା ବାହୁଲ୍ୟ ଯେ ଅନାହାର ମୃତ୍ୟୁକୁ ନେଇ ଅନେକଙ୍କୁ ହାସ୍ୟାସ୍ପଦ ହେବାକୁ ପଡିଛି । ଜଣେ ପୂର୍ବତନ ମୁଖ୍ୟ ସଚିବ ଆଦିବାସୀମାନେ ଖାଉଥିବା ଆମ୍ବ ଟାକୁଆ ଖୁବ୍ ପୁଷ୍ଟିକାରକ ଓ ସୁସ୍ୱାଦୁକର ବୋଲି ବକ୍ତବ୍ୟ ନେଇ ତୀବ୍ର ସମାଲୋଚନାର ଶିକାର ହୋଇଥିଲେ । କ୍ରମାଗତ ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀମାନେ ଅନାହାର ମୃତ୍ୟୁକୁ ଅସ୍ୱୀକାର କରି ହରଡଘଣାରେ ପଡିଆସିଛନ୍ତି । ଅନାହାର ମୃତ୍ୟୁ ସତବୋଲି ରିପୋର୍ଟ ଦେଇ ଜଣେ ଯୁବ ଅଫିସର ନିଜର ଚାକିରୀ ହରାଇବାର ଧମକ ପାଇଥିଲେ ଓ ତାଙ୍କର ଚରିତ୍ର ପଞ୍ଜିକା ଏପର୍ଯ୍ୟନ୍ତ ସୁଦ୍ଧା ସୁଧୁରି ନାହିଁ । ଜଣେ ଦୁଇଜଣ ଜିଲ୍ଲାପାଳ ଅନାହାର ମୃତ୍ୟୁ ଜନିତ ପରିସ୍ଥିତିରେ ନିଜର ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିନାହାନ୍ତି ବୋଲି ବିଭିନ୍ନ ତଦନ୍ତ କମିଶନ୍ ଆଗରେ ଛିଡା ହୋଇଛନ୍ତି । ବିଶିଷ୍ଟ ଅର୍ଥନୀତିଜ୍ଞ ଜନ୍ ଡ୍ରେଜ୍ ଭଳି ଆଙ୍ଗୁଠି ଗଣା କେତେଜଣଙ୍କୁ ଛାଡି ଦେଲେ ବୁଦ୍ଧିଜୀବୀ ମହଲରେ ଅନାହାର ମୃତ୍ୟୁ ବିଶେଷ କିଛି ପ୍ରତିକ୍ରିୟା ସୃଷ୍ଟି କରିନାହିଁ । ଏକ ଲଜ୍ଜ୍ୟାଜନକ, ଏକ ଦୁଃଖଦାୟକ, ଏକ ସଭ୍ୟ ସମାଜର ପରାଜୟର ସୂଚକ ହିସାବରେ ଅନାହାର ମୃତ୍ୟୁ ପ୍ରତିବର୍ଷ ଏଦେଶରେ ଘଟୁଛି । ବାହାର ଜଗତରେ ଆମ ଦେଶ ଅଭିବୃଦ୍ଧି ଓ ଆର୍ଥିକ ପ୍ରଗତିର ଯେଉଁ ବିଜ୍ଞାପନ ଲାଗି ରହିଛି ତାହା ଉପରେ ଅନେକଙ୍କ ସନ୍ଦେହ ସୃଷ୍ଟି ହୋଇଛି । ଯେଉଁ ଦେଶ ପରମାଣୁ ଅସ୍ତ୍ରଶସ୍ତ୍ର ତିଆରି କରୁଛି ଓ ମହାକାଶ ଯିବାକୁ ପ୍ରସ୍ତୁତ ହେଉଛି, ସେ ଦେଶରେ ଲୋକେ ଅନାହାରରେ ମରିବେ, ଏହାଠାରୁ ବଳି କ୍ଷୋଭ ଓ ନିନ୍ଦାର ବିଷୟ ଆଉ କ'ଣ ଅଛି ?

ପଶ୍ଚିମ ଏବଂ ଦକ୍ଷିଣ ଓଡିଶାରେ ଅନାହାର ମୃତ୍ୟୁ ଲାଗିରହିଛି ବୋଲି କେନ୍ଦ୍ରସରକାର ଓ ତାଙ୍କର ସମ୍ବେଦନଶୀଳ ଅଫିସରମାନେ ଖୁବ୍ ଚିନ୍ତିତଥିଲେ । ୨୦୦୧ ମସିହାରେ କାଶୀପୁରର ଅନାହାର ମୃତ୍ୟୁ ଯେତେବେଳେ ସବୁ ଆଲୋଚନା ଓ ସମାଲୋଚନା, ତର୍କବିତର୍କ, ବିଶ୍ଳେଷଣ ଓ ବିଶେଷକଥନରେ ପରିଣତ ହୋଇଥିଲା ଓ ସମ୍ବାଦପତ୍ର ଏବଂ

Digitized by srujanika@gmail.com

ଟିଭି ଚ୍ୟାନେଲ୍‌ମାନଙ୍କର ମୁଖ୍ୟପ୍ରସଙ୍ଗ ହୋଇଥିଲା, ସେତେବେଳେ ଖୋଦ୍ ପ୍ରଧାନମନ୍ତ୍ରୀ ଓ ତାଙ୍କର ଉପଦେଷ୍ଟାମାନେ ମୋ ସହ ସମ୍ପର୍କ ସ୍ଥାପନ କରିଥିଲେ ଓ କାଶୀପୁରର ଆଦିବାସୀ ମାଆମାନଙ୍କଠାରୁ ପ୍ରତ୍ୟକ୍ଷଭାବେ ସବୁକଥା ଶୁଣିବାକୁ ଖୁବ୍ ଆଗ୍ରହ ପ୍ରକାଶ କରିଥିଲେ । ଭିଡିଓ କନ୍‌ଫରେନ୍‌ସିଙ୍ଗ୍ ଜରିଆରେ ବାର୍ତ୍ତାଳାପ ହୋଇଥିଲା । କାଳେ କାଶୀପୁରର ଆଦିବାସୀ ମହିଳାମାନେ ସତକଥା କହିଦେବେ, ଏଥିପାଇଁ ସ୍ଥାନୀୟ ନେତା ଅଫିସରମାନେ ପ୍ରବଳ ଚାପ ପକାଇଥିଲେ । ପୋଲିସ୍ ଘେରରେ ଓ କଡା ନିରାପତ୍ତା ଭିତରେ ଏବଂ ସ୍ୱଳ୍ପ ସମୟ ଭିତରେ ପ୍ରଧାନମନ୍ତ୍ରୀଙ୍କୁ କିଛି କଥା କହିହେଲା ଓ ଅନେକ ଜିନିଷ ଅକୁହା ରହିଗଲା । ୨୦୦୦ ମସିହାରେ ଦାରିଦ୍ର୍ୟ ଓ ଅନାହାର ଉପରେ ଏକ ଗବେଷଣା କରିବା ପାଇଁ ଯୋଜନା କମିଶନ ଏକ ଅନୁଦାନ ଦେଇଥିଲା । ଏ ଗବେଷଣାର ଉଦ୍ଦେଶ୍ୟ ଥିଲା ଯେ କେ.ବି.କେ(KBK) ଜିଲ୍ଲାମାନଙ୍କରେ ଅନାହାର, ଦାରିଦ୍ର୍ୟ ଓ ଅନଗ୍ରସରତା କାହିଁକି ଲାଗି ରହିଛି ଓ ଯେଉଁ କେତୋଟି ଗାଁରେ ବିକାଶ ସମ୍ଭବ ହୋଇଛି ତାହା କିପରି ସମ୍ଭବ ହୋଇଛି । ଅର୍ଥାତ ବିକାଶ ବ୍ୟବସ୍ଥାର ବିଶ୍ଳେଷଣ କରାଯାଇ କେତୋଟି ନିର୍ଦ୍ଦିଷ୍ଟ ପଦକ୍ଷେପ ନିର୍ଦ୍ଧାରଣ କରିବା ଏହି ଗବେଷଣାର ଆଭିମୁଖ୍ୟ ଥିଲା । ଯୋଜନା କମିଶନ୍ ମଧ୍ୟ ନିଜ ପକ୍ଷରୁ ବିଶେଷ ଆଗ୍ରହ ଦେଖାଇ ଏ ଗବେଷଣା କିପରି ସଫଳ ହେବ ଓଡ଼ିଶା ସରକାରଙ୍କ ମୁଖ୍ୟସଚିବ ଓ ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ । ଅନେକ ଜିଲ୍ଲାପାଳ ମଧ୍ୟ ବ୍ୟକ୍ତିଗତ ଭାବେ ଏ ଗବେଷଣାରେ ଭାଗ ନେବାକୁ ଇଚ୍ଛା ପ୍ରକାଶ କରିଥିଲେ । କିନ୍ତୁ ସେ ସମୟର ଓଡ଼ିଶାର ଅର୍ଥ ଓ ଯୋଜନାମନ୍ତ୍ରୀଙ୍କୁ ଏ ଗବେଷଣା ପ୍ରସ୍ତାବ ଭଲ ଲାଗିନଥିଲା । ସେ ମୁଖ୍ୟସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଭାବିତ କରି ଯୋଜନା କମିଶନଙ୍କୁ ଚିଠି ଲେଖିଥିଲେ ଯେ "ଅଗ୍ରଗାମୀ" ଗୋଟାଏ କଳା ତାଲିକା ଭୁକ୍ତ ସଂସ୍ଥା ଓ ସେ କିପରି ରାଜ୍ୟ ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ସମୀକ୍ଷା କରିବ ଓ ମତାମତ ଦେବ । ସମ୍ବାଦପତ୍ରରେ ମଧ୍ୟ ଏ ମନ୍ତ୍ରୀଙ୍କ ପ୍ରରୋଚନାରେ ଏହି ବିଷୟରେ ବଡ ବଡ ଅକ୍ଷରରେ ପ୍ରକାଶ କରାଯାଇଥିଲା । ଯୋଜନା କମିଶନ ଏହିଭଳି ଚିଠିରେ କ୍ଷୁବ୍ଧ ହୋଇ କହିଥିଲେ ଯେ ପ୍ରତ୍ୟେକବର୍ଷ ଏଇଭଳି ଗବେଷଣା ଶହଶହ ସଂସ୍ଥାକୁ ଦିଆଯାଉଛି ଓ ଏଥିରେ ରାଜ୍ୟସରକାରଙ୍କ ମତାମତ ବା ସୁପାରିଶ୍‌ର ଆବଶ୍ୟକତା ନାହିଁ । କୁଆଡେ ଶୁଣାଯାଏ ଯେ ଯୋଜନା କମିଶନ ଓ ରାଜ୍ୟ ସରକାରଙ୍କ ଭିତରେ ପତ୍ରବିନିମୟ ଅପ୍ରିୟତାର ଚରମସୀମାକୁ ପହଞ୍ଚିଥିଲା । ତତ୍‌କାଳୀନ ଅର୍ଥମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଜରିଆରେ 'ଅଗ୍ରଗାମୀ'କୁ ଦିଆ ଯାଇଥିବା ଗବେଷଣା ଅନୁଦାନକୁ ବାତିଲ କରିବା ପାଇଁ ଯୋଜନା କମିଶନଙ୍କ ଉପାଧ୍ୟକ୍ଷଙ୍କ ଉପରେ ଚାପ ପକାଇଥିଲେ । ଯୋଜନା କମିଶନ ଅଧ୍ୟକ୍ଷଙ୍କ ମତଥିଲା ଯେ 'ଅଗ୍ରଗାମୀ' ଏ ଗବେଷଣା ଛତିଶଗଡ଼ ବା ଝାଡଖଣ୍ଡ ରାଜ୍ୟରେ କରୁ । ଏ ସମୟରେ ୨୦୦୦ ମସିହା ଡିସେମ୍ବର ମାସ ୧୬ତାରିଖରେ ମାଇକଞ୍ଚ ଗୁଳିକାଣ୍ଡ ହେଲା ଓ ସେଦିନ ବିଧାନସଭାରେ 'ଅଗ୍ରଗାମୀ' କିପରି

Digitized by srujanika@gmail.com

ଯୋଜନା କମିଶନର ସାହାଯ୍ୟ ନେଇ ଓଡ଼ିଶା ସରକାରଙ୍କୁ ବଦ୍‌ନାମ କରିବାକୁ ଷଡଯନ୍ତ୍ର କରୁଛି ତାହା ଗରମାଗରମ ଆଲୋଚନା ହୋଇଥିଲା ଓ ଏ ଗବେଷଣାମୂଳକ ଅଧ୍ୟୟନ ବାତିଲ କରିବାକୁ ଯୋଜନା କମିଶନକୁ ବାଧ୍ୟ କରାଯାଉ ବୋଲି ପ୍ରସ୍ତାବ ଆସିଥିଲା । ଘଟଣାର ମୋଡ ଏପରି ବଦଳିଲା ଯେ ଶେଷରେ ଅଗ୍ରଗାମୀକୁ ଏ ଗବେଷଣା ପ୍ରକଳ୍ପଟିକୁ ବନ୍ଦ କରିବାକୁ ପଡିଲା ଓ ଅନୁଦାନ ରାଶିକୁ ଫେରସ୍ତ ଦିଆଗଲା । ଏଥିରୁ ପାଠକମାନେ ଜାଣିବେ ଯେ ଅନାହାର ମୃତ୍ୟୁର ଅସଲ କାରଣର ପର୍ଦ୍ଦାଫାଶ ହେଲେ ସରକାର ଅସହଜ ମନେ କରିବେ ଓ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବେ, ତାହା ସମସ୍ତଙ୍କର ରାୟଥିଲା । ଏକଥା ସତଯେ କେ.ବି.କେ ଅଞ୍ଚଳର ସମସ୍ତ ଗାଁମାନଙ୍କରେ ଅନାହାର ମୃତ୍ୟୁ ହେଉନାହିଁ । ଅନେକ ଗାଁ ଏପରି ଅଛି ଯାହା ବିକାଶ ପଥରେ ଦ୍ରୁତ ଅଗ୍ରସର ହେଉଛି ଓ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସଫଳ ଉଦାହରଣ ଉପସ୍ଥାପନା କରୁଛି । ସରକାରୀ ଦଳର ଉଦାସୀନତା, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ସ୍ଥାନୀୟ ସ୍ୱାୟତ୍ତ ଶାସନର ଅପାରଗତା ସତ୍ତ୍ୱେ, କେତେକ ଗାଁ ବିକାଶ ଓ ପରିବର୍ତ୍ତନର ଜ୍ୱଳନ୍ତ ଉଦାହରଣ ହୋଇ ପାରିଛନ୍ତି, କେତେକ କ୍ଷେତ୍ରରେ ଏ ସବୁ ସଂଗଠନ ଓ ବ୍ୟବସ୍ଥାମାନେ ଏକତ୍ର ହୋଇ ଅନାହାର ଓ ଅନଗ୍ରସରତାକୁ ମୁକାବିଲା କରିଛନ୍ତି । ଏଗୁଡିକ ଅଗ୍ରଗାମୀର ଗବେଷଣାମୂଳକ ଅଧ୍ୟୟନର ମୁଖ୍ୟ ବିଷୟବସ୍ତୁ ଥିଲା । ସରକାରଙ୍କୁ ସାର୍ଟିଫିକେଟ୍ ଦେବା ବା କଳାତାଲିକା କରିବା କେବେହେଲେ ଉଦ୍ଦେଶ୍ୟ ନଥିଲା ।

୨୦୦୧ ମସିହାରେ ଖାଲି ରାୟଗଡାର କାଶୀପୁର ନୁହେଁ, କଳାହାଣ୍ଡି, କୋରାପୁଟ, ମାଲ୍‌କାନଗିରି ଓ ଗଜପତି ଜିଲ୍ଲାମାନଙ୍କରେ ଅନାହାର ମୃତ୍ୟୁ ହୋଇଛି ବୋଲି ଅଭିଯୋଗ ଆସିଥିଲା । ଏହାକୁ ସବିଶେଷ ଅଧ୍ୟୟନ କରିବା ପାଇଁ 'ଅଗ୍ରଗାମୀ' ଅକ୍ସଫାମ୍ ଭଳି ଏକ ଆନ୍ତର୍ଜାତିକ ସଂସ୍ଥାର ସାହାଯ୍ୟ ନେଇଥିଲା । ଏହି ଅଧ୍ୟୟନ ଦ୍ୱାରା ଯେଉଁ ତଥ୍ୟ ଓ ଅଭିଜ୍ଞତା ମିଳିଥିଲା ତାହା ପାଠକଙ୍କ ସମ୍ମୁଖରେ ଆଗାମୀ ସପ୍ତାହରେ ଏସ୍ତମ୍ଭରେ ମୁଁ ଉପସ୍ଥାପନା କରିବି । କିନ୍ତୁ ଅନାହାର ମୃତ୍ୟୁ ପଛରେ ଯେଉଁ ରାଜନୈତିକ-ଅର୍ଥନୀତି ଅଛି ତାହା ଆମେ ସମସ୍ତେ ସର୍ବଶେଷ ଜାଣିବା ଆବଶ୍ୟକ ।

ଆମେ କାହାକୁ ଅନାହାର ମୃତ୍ୟୁ କହିବା ? ଏଥିପାଇଁ ଶାସ୍ତ୍ର ଓ ଆଇନ୍ ସମ୍ମତ କିଛି ମାର୍ଗଦର୍ଶକ ବ୍ୟାଖ୍ୟା ରହିଛି କି ? ଜଣେ କ୍ରମାଗତ ଭାବେ କିଛି ଦିନଧରି ନଖାଇ ନପିଇ ମରିଗଲେ ତାହା ଆକ୍ଷରିକ ଅର୍ଥରେ ଅନାହାର ମୃତ୍ୟୁ । କିନ୍ତୁ ଅନ୍ୟପକ୍ଷରେ ଜଣେ ଯଦି ସର୍ବନିମ୍ନ ପରିମାଣର ପୁଷ୍ଟିସାର ଖାଦ୍ୟପାଏ ନାହିଁ, ରୋଗବେମାରୀରେ ଆକ୍ରାନ୍ତ ହୋଇଥାଏ ଓ ଜୀବନ ଜୀବିକାର ଭିତ୍ତିଭୂମି ହରାଇ ବସିଥାଏ ଏବଂ ଦୀର୍ଘଦିନ ଭୋକ ଉପାସରେ ରହି ପ୍ରାଣ ହରାଏ ତାହା ହେଉଛି ଅସଲରେ ଅନାହାର ମୃତ୍ୟୁ । ଏଇଭଳି କଥା ସମ୍ଭବତଃ ସାହିତ୍ୟିକ ଭାଷାରେ ଆଲ୍‌ଡସ୍ ହକ୍‌ସଲି(Aldous Huxly) ତାଙ୍କର ଉପନ୍ୟାସ 'ଆଫ୍‌ଟର ମେନି ଏ

Digitized by srujanika@gmail.com

ସମର୍ ଡାଇଜ୍ ଦି ସ୍ୱାନ୍'(After many a summer dies the swan) ଅତି ଅର୍ଥପୂର୍ଣ୍ଣ ଭାବରେ କହିଛନ୍ତି । ଅନାହାର ମୃତ୍ୟୁ କେତେଦିନର ଘଟଣାଚକ୍ର ନୁହେଁ ବରଂ ଏହା କେତେମାସର ଓ କେତେବର୍ଷର । ପାଠକମାନେ ତର୍ଜମା କରିବେ ।

ଖାଦ୍ୟ ଅଧିକାର ହୋଇଛି ବଞ୍ଚିବାର ଅଧିକାରର ଏକ ଅଙ୍ଗ । ଏ ପୃଥିବୀରେ ଓ ଏ ସଭ୍ୟସମାଜରେ ଜଣେ ନାଗରିକକୁ ସର୍ବନିମ୍ନ ଖାଦ୍ୟ ଓ ପୁଷ୍ଟିସାର ମିଳିବାର ଅଧିକାର ଅଛି ଓ ତାହା ବିଶ୍ୱ ମାନବାଧିକାରର ଘୋଷଣାନାମା ଭିତରେ ଅନ୍ତର୍ଭୁକ୍ତ । ସାରାପୃଥିବୀରେ ବହୁଭାଗ ଲୋକଙ୍କୁ ଖାଦ୍ୟ ଅଧିକାରରୁ ବଞ୍ଚିତ କରାଯାଇଛି । ଯେଉଁଦେଶମାନଙ୍କରେ ଅଧିକ ଖାଦ୍ୟଶସ୍ୟ ଓ ସାମଗ୍ରୀ ଉତ୍ପାଦନ ହେଉଛି, ସେଦେଶ ଗୁଡିକ ବଳକା ଖାଦ୍ୟ ଦ୍ରବ୍ୟଗୁଡିକୁ ଅନାହାରରେ ଚିର ପ୍ରପୀଡିତ ଲୋକଙ୍କୁ ନଦେଇ ସମୁଦ୍ର ଗର୍ଭରେ ନିକ୍ଷେପ କରୁଛନ୍ତି ଅଥବା ନିଆଁରେ ପକାଇ ପାଉଁଶ କରୁଛନ୍ତି । ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଲା ଖାଦ୍ୟ ବ୍ୟବସାୟୀମାନେ ଆନ୍ତର୍ଜାତିକ ବଜାରରେ ଖାଦ୍ୟଶସ୍ୟର ଦାମ କେମିତି ନ କମିବ । ଆନ୍ତର୍ଜାତିକ କଳାବଜାରୀକୁ ବୁଝିବା କାଠିକର ବ୍ୟାପର । ବିକଶିତ ଦେଶମାନେ କିପରି ଅଧିକ ପ୍ରୋଟିନ୍ ପାଇପାରିବେ ସେଥିପାଇଁ ସେମାନେ ଉତ୍ପାଦିତ ଖାଦ୍ୟ ଶସ୍ୟର ବହୁଭାଗ କୁକୁଡା ଚାଷ ଓ ପଶୁପାଳନରେ ବିନିଯୋଗ କରୁଛନ୍ତି ଅଥଚ ଭୋକିଲା ମଣିଷଙ୍କ ପଟୁଆର ସେମାନଙ୍କୁ ବିଚଳିତ କରୁନାହିଁ । ମୁଁ ଭାବୁଛି ଅନାହାର ମୃତ୍ୟୁ କେବଳ ଏକ ଜୈବିକ ବା ଭେଷଜ ତଥ୍ୟକୁ ନେଇ ବୁଝିହେବ ନାହିଁ । ଏହାକୁ ସାମଗ୍ରିକ ଭାବେ ବୁଝିବାକୁ ଆମକୁ ପଡିବ । ପ୍ରତ୍ୟେକ ଅନାହାର ମୃତ୍ୟୁପଛରେ ବ୍ୟବସ୍ଥାଗତ ବିଫଳତା, ମଣିଷସହ ମଣିଷର ଦୁର୍ବଳମାନବୀୟ ସମ୍ପର୍କ ଓ ସମ୍ବେଦନଶୀଳତା ରହିଛି । ଅସହାୟ ମଣିଷର ମାନସିକ ପରାଜୟ ଓ କୁଟିଳ ବିଶ୍ୱ ରାଜନୀତି ଜଡିତ ବୋଲି ମୁଁ ଦୃଢ଼ଭାବେ କହିବି । ଆପଣ ଯଦି ଏକଥା ସବୁ ଠିକ୍ ବୁଝିଯିବେ, ଆପଣ ମୋ ସହ ଗୋଟାପଣେ ଏକମତ ହେବେ ।

□□□

Digitized by srujanika@gmail.com

ଆଦିବାସୀ ଅଞ୍ଚଳରେ ଅନାହାର ମୃତ୍ୟୁ କାହିଁକି ?

୨୦୦୧ ମସିହାରେ କାଶୀପୁରରେ ଯେଉଁ ଅନାହାର ମୃତ୍ୟୁ ହୋଇଥିଲା ଓ ଦେଶସାରା ଆଲୋଡନ ସୃଷ୍ଟି କରିଥିଲା ତାହା ଏକ ନୂତନ ଓ ପୃଥକ ଘଟଣା ନଥିଲା । ଦେଶସାରା ବିଭିନ୍ନ ପ୍ରାନ୍ତ ଓ ପ୍ରଦେଶରେ ଏଇଭଳି ଅନାହାର ମୃତ୍ୟୁର ଘଟଣା ପ୍ରକାଶିତ ହୋଇଥିଲା । ବିଶେଷକରି ଆଦିବାସୀ ଅଞ୍ଚଳରେ ଅନାହାର ମୃତ୍ୟୁର ଘଟଣାଚକ୍ର ଗଣମାଧ୍ୟମରେ ମୁଖ୍ୟ ସମ୍ବାଦ ହୋଇଥିଲା । ଏହାକୁ ଆଧାର କରି ପି:ୟୁ:ସି:ଏଲ୍(PUCL) ବା ପିପୁଲ୍ସ୍ ୟୁନିଅନ୍ ଫର୍ ସିଭିଲ୍ ଲିବର୍ଟିଜ୍ ସୁପ୍ରୀମ କୋର୍ଟରେ ଏକ କେଶ ଦାଖଲ୍ କରିଥିଲେ ଓ କୋର୍ଟ ଅନାହାର ମୃତ୍ୟୁ ନହେବାକୁ ପଦକ୍ଷେପ ନେଉ ବୋଲି ପ୍ରାର୍ଥନା କରିଥିଲେ । ସୁପ୍ରୀମ୍ କୋର୍ଟ କେଶ୍‌ର ଶୁଣାଣୀ କରି ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ମଣିଷମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବି.ପି.ଏଲ୍ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡା ପ୍ରଭାବିତ ଅଞ୍ଚଳରେ ସାଧାରଣ ବଣ୍ଟନ ପ୍ରକ୍ରିୟାକୁ ମଜଭୂତ କରିବାକୁ ଆଦେଶନାମା ଜାରି କରିଥିଲେ । ବିଭିନ୍ନ ପ୍ରଦେଶକୁ ସେମାନେ ଅନାହାର ମୃତ୍ୟୁ ରୋକିବା ପାଇଁ କି ପଦକ୍ଷେପ ନେଉଛନ୍ତି ତାହା ଜଣାଇବାକୁ ଏ କୋର୍ଟରୁ ମଧ୍ୟ ନିର୍ଦ୍ଦେଶ ଆସିଥିଲା । ଓଡ଼ିଶାର କାଶୀପୁରରେ ଯେଉଁ ଅନାହାର ମୃତ୍ୟୁ ହୋଇଥିଲା ତାହା ଦେଶର ସର୍ବୋଚ୍ଚ ରାଜନୈତିକ ନେତୃବର୍ଗଙ୍କ ଧ୍ୟାନ ଆକର୍ଷଣ କରିଥିଲା । କେନ୍ଦ୍ରର ଖାଦ୍ୟମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ, ବିଭିନ୍ନ ରାଜନୈତିକ ଦଳର ପଦାଧିକାରୀ ବୃନ୍ଦ, ସମ୍ବାଦପତ୍ରର ପ୍ରତିନିଧିମାନେ କାଶୀପୁର ବୁଲିଥିଲେ ଓ ପ୍ରଭାବିତ କେତୋଟି ଗ୍ରାମକୁ ପରିଦର୍ଶନରେ ଯାଇଥିଲେ । କାଳେ ଅନାହାର ଜନିତ ମୃତ୍ୟୁ ସଂଖ୍ୟା ବଢ଼ିବ, ସେଥିପାଇଁ ମାଗଣା ଖାଦ୍ୟ ରନ୍ଧନ କରାଯାଇ ଅନେକ ଗାଁରେ ବଣ୍ଟନ କରାଯାଇଥିଲା । ଯେଉଁଠାରେ ମାଗଣା ଖାଦ୍ୟ ରନ୍ଧନ କରାଯାଇ ପାରିବ ନାହିଁ, ସେଠାରେ ଡାଲି ଚାଉଳ ଆଦି ଖାଦ୍ୟ ସାମଗ୍ରୀ ବଣ୍ଟା ଯାଇଥିଲା । ରାତାରାତି 'ଖାଦ୍ୟ ବଦଳରେ କାମ' କାର୍ଯ୍ୟକମ ଆରମ୍ଭ କରାଯାଇ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା । ଏହା ସହିତ ଅନାହାର ମୃତ୍ୟୁ ହୋଇନାହିଁ ବୋଲି ବିଭିନ୍ନ ସଫେଇ ଦିଆଯାଇଥିଲା । କୁହାଯାଇଥିଲା ଯେ ଯେଉଁ ପରିବାରରେ ଅନାହାର ମୃତ୍ୟୁ ହୋଇଛି, ସେ ପରିବାରରେ ଖାଦ୍ୟଦ୍ରବ୍ୟ ଯଥେଷ୍ଟ ପରିମାଣରେ ଗଚ୍ଛିତ ଥିଲା ।

Digitized by srujanika@gmail.com

ସେମାନଙ୍କର ବ୍ୟାଙ୍କ ଜମା ଖାତାରେ ସଞ୍ଚୟ ମଧ୍ୟ ଥିଲା । ଅର୍ଥାତ୍ ମୃତ୍ୟୁ ଖାଦ୍ୟାଭାବ ଓ ଅନାହାର ଯୋଗୁଁ ହୋଇନାହିଁ । କାରଣ ଅନ୍ୟ କିଛି । ଆମ୍ବ ଟାକୁଆ ଭକ୍ଷଣ ଯୋଗ୍ୟ କି ନାହିଁ ତା' ଉପରେ ଅନେକ ତର୍କବିତର୍କ ବି ହୋଇଥିଲା ଓ କୁହାଯାଇଥିଲା ଯେ ଆଦିବାସୀମାନଙ୍କର ଆମ୍ବଟାକୁଆ ଓ ତେନ୍ତୁଳିମଞ୍ଜି ଖାଇବା ଏକ ଅଭ୍ୟାସ । ବର୍ଷେ ପରେ କେଉଁଝର ଜିଲ୍ଲାରେ ଯେଉଁ ଅନାହାର ମୃତ୍ୟୁ ହୋଇଥିଲା, ତାହାକୁ ସର୍ପ ଦଂଶନ ଜନିତ ମୃତ୍ୟୁ ବୋଲି ଚିତ୍ରଣ କରାଯାଇଥିଲା । ଯେଉଁ ପରିବାରରୁ ମୃତ୍ୟୁ ହୋଇଥିଲା, ସେ ପରିବାରକୁ ମିଥ୍ୟା କହିବାକୁ ବାଧ୍ୟ କରାଯାଇଥିଲା ।

ଅନାହାର ମୃତ୍ୟୁ ଯେଉଁ କାରଣ ଯୋଗୁଁ ହେଉ ପଛକେ ଅଗ୍ରଗାମୀ ପାଇଁ ତାହା ଭୀଷଣ ବ୍ୟଥା ଦାୟକ ଥିଲା । ଆଦିବାସୀ ଅଞ୍ଚଳରେ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ଆମେ ଅଙ୍ଗୀକାରବଦ୍ଧ । ପୂର୍ବବର୍ଷମାନଙ୍କରେ କେଉଁଠି ଯଦି ହଇଜା ଓ ଆନ୍ଥ୍ରାକ୍ସ (Anthrax) ଭଳି ମହାମାରୀ ବ୍ୟାପୁଥିଲା ଆମେ ସ୍ଥାନୀୟ ଡାକ୍ତରଙ୍କ ସହାୟତାରେ ସେଠାରେ ଔଷଧ ଓ ଖାଦ୍ୟଦ୍ରବ୍ୟ ପଠାଉଥିଲୁ । ସରକାରୀ ପ୍ରଶାସନକୁ ସୂଚନା ମଧ୍ୟ ଦେଇଥିଲୁ । ଅପହଞ୍ଚ ଗାଁମାନଙ୍କରେ ପ୍ରଶାସନ କିପରି ସକ୍ରିୟ ହେବ ତାହାର ବ୍ୟବସ୍ଥା ମଧ୍ୟ କରୁଥିଲୁ । ସୂଚନା ଆଦାନ ପ୍ରଦାନର ଏକ ବିନ୍ୟାସ ମଧ୍ୟ ପ୍ରତିଷ୍ଠା କରାଯାଇଥିଲା । କେଉଁଠି କିଛି ଅଘଟଣ ଘଟିଲା ମାତ୍ରକେ ଆମେ ସମସ୍ତେ ସଜାଗ ହେଉଥିଲୁ ଓ ଅନ୍ୟମାନଙ୍କୁ ମଧ୍ୟ ସଜାଗ କରିଥିଲୁ । ଏ ବ୍ୟବସ୍ଥା ମଧ୍ୟ ଉଚ୍ଚ ସ୍ତରରେ ପ୍ରଶଂସା ପାଇଥିଲା ଓ ଅନ୍ୟ ଜିଲ୍ଲାମାନଙ୍କରେ ସମ୍ଭାବ୍ୟ ବିପଦରୁ ରକ୍ଷା ପାଇବା ପାଇଁ ଏ ସୂଚନାର ନେଟୱାର୍କ ମଧ୍ୟ ପ୍ରତିଷ୍ଠା କରାଯାଇଥିଲା । ଫଳସ୍ୱରୂପ ଅନେକ ମୃତ୍ୟୁକୁ ଏଡାଇ ଦିଆଯାଇଥିଲା । ଗାଁମାନଙ୍କରେ କୁଟୁମ୍ବପାଣ୍ଠି ବା ଗ୍ରେନ୍ ବ୍ୟାଙ୍କ ମଧ୍ୟ କାମରେ ଆସୁଥିଲା । ଏହାସତ୍ତ୍ୱେ ମଧ୍ୟ ଅନାହାର ମୃତ୍ୟୁ ଓଡିଶାର ବିଭିନ୍ନ ସ୍ଥାନରେ ଓ ବିଭିନ୍ନ ସମୟରେ ଘଟୁଥିଲା । ଏସବୁ ମୃତ୍ୟୁ କାହିଁକି ହେଲା ନିର୍ଦ୍ଦିଷ୍ଟ ଭାବେ ଜାଣିହେଉ ନଥିଲେ ମଧ୍ୟ, ଏକ ସ୍ଥୁଳ ଧାରଣା ସୃଷ୍ଟି ହେଉଥିଲା । ଅନାହାର ମୃତ୍ୟୁର କାରଣ କେବଳ ଖାଦ୍ୟାଭାବ ନଥିଲା । ଏହା ସହିତ ବିଶୁଦ୍ଧ ପାନୀୟ ଜଳର ଅଭାବ ଗାଁରେ ପରିମଳ ନଥିବାର ସମସ୍ୟା ଓ ଅଖାଦ୍ୟ ଖାଇବା ଆଦି ମଧ୍ୟ ଅନ୍ୟ ମୁଖ୍ୟକାରଣ ବୋଲି ଅନୁମାନ କରିହେଉଥିଲା । ପେଟରେ ଭୋକ ଥିଲେ ଯାହା ମିଳିବ ତାହାକୁ ଖାଦ୍ୟବୋଲି ଆଦିବାସୀ ଧରି ନେଇଥାଏ । ଏଥିପାଇଁ ଆମ୍ବଟାକୁଆ, ତେନ୍ତୁଳିମଞ୍ଜି, ପଚାସଢା ମାଂସ କ୍ଷୁଧା ନିବାରଣ ପାଇଁ ସେ ଖାଉଥାଏ । ଏହାଯଦି ଦୂଷିତ ଓ ଜୀବାଣୁମୟ ଥାଏ, ତେବେ ମରିବା ନିଶ୍ଚିତ ହୋଇଯାଏ । ମହାମାରୀ ଅନାହାର ମୃତ୍ୟୁର ଅନ୍ୟଏକ ଅବତାର ରୂପେ ଜନ୍ମନିଏ । ଦେଖାଯାଇଛି ଯେ ଗାଁରେ ଯଦି ଅନାହାର ମୃତ୍ୟୁ ହୁଏ, ସେଥିରେ ଜଣେ ବ୍ୟକ୍ତି ବା ଗୋଟିଏ ପରିବାର ଆକ୍ରାନ୍ତ ହୁଏ ନାହିଁ । ବେଳେବେଳେ ତାହା କୋଡିଏରୁ ଅଧିକ ହୁଏ ।

Digitized by srujanika@gmail.com

ଏହା ସୀମା ଟପିଲେ ଗାଁ ମଧ୍ୟ ସ୍ଥାନାନ୍ତରିତ ହୋଇଯାଇଥାଏ । ଆଦିବାସୀ ଅଞ୍ଚଳରେ ଏଇଭଳି ଉଦାହରଣ ଅନେକ ମିଳିଥାଏ ।

ଓଡ଼ିଶାରେ ଅନାହାର ମୃତ୍ୟୁକୁ ନେଇ ଅନୁସନ୍ଧାନ କରିବା ସହଜ କଥା ନୁହେଁ । ଗାଁ ଗୁଡିକ ନିହାତି ଅପନ୍ତରା ଭିତରେ । ସ୍ଥାନୀୟ ଆଦିବାସୀ ସମୂହ, ସ୍ୱେଚ୍ଛାସେବୀ ସଂଗଠନ, ପଞ୍ଚାୟତର କର୍ମକର୍ତ୍ତା, ସରକାରୀ କର୍ମଚାରୀଙ୍କୁ ସଂଶ୍ଳିଷ୍ଟ କରି ଅଧ୍ୟୟନ ଆରମ୍ଭ କରିବା ମଧ୍ୟ କାଠିକର କଥା । ଅନାହାର ମୃତ୍ୟୁ କଥା ଉଠିଲେ ସମସ୍ତେ ଯେମିତି ଭୀତତ୍ରସ୍ତ ଓ ସତ୍ୟତା ଏବଂ ସୂଚନା ଦେବାକୁ ଅମଙ୍ଗ । ତଥାପି ୨୦୦୨ ମସିହାରେ ଅଗ୍ରଗାମୀ ଅନାହାର ମୃତ୍ୟୁର ସମୀକ୍ଷା ପାଇଁ ଯେଉଁ କେତୋଟି ଗାଁକୁ ସାମିଲ କରିଥିଲା, ସେ ଗୁଡିକ ହେଲା:

କ୍ର.ନଂ.	ଜିଲ୍ଲା	ବ୍ଲକ୍	କ୍ରମରେ	ପଞ୍ଚାୟତ / ଗ୍ରାମ
୧	ଗଜପତି	ରାୟଗଡା	୧	ଏସ.କୋରଡାସିଂ / ଆୟଦା କରଣାସି, ଲାଇଲାଇ/ଟିଳି
୨	ଗଜପତି	ଗୁମା	୨	ତରମ୍ଭଡା / ତମୋସିଂ, ନମନଗଡା / ବାରବା
୩	କଳାହାଣ୍ଡି	ଥୁଆମୁଳରାମପୁର	୩	ଯୁବରାଜପୁର / କନରପସ୍, ମହୁଲପାଟଣା / ଟିକିଲିପଦର
୪ /	ଗଜପତି	ମୋହନା	୪	ଡୋମାଦୁଆ / କୋଲାବା, ଝିରାଙ୍ଗୋ ରଙ୍କୁଡ
୫	ମାଲକାନ୍‌ଗିରୀ	କୁଡୁମୁଲଗୁମା	୫	ସୋମନାଥପୁର / ରଙ୍ଗିଣିଗୁଡ, ବଡପଦରା / ମେଟାଗୁଡ
୬	ରାୟଗଡ଼ା	କାଶୀପୁର	୬	ଗୋଡିବାଲି / ପୁସଘଟି, ମନୁଷ୍ ଗାଁ / କୁକୁଡାଗଡ

ଅଧ୍ୟୟନ ପଦ୍ଧତି ଭିତରେ ଥିଲା ଏକ ଅଭିନବ ସହଭାଗିତା । ଗାଁ ଗୁଡିକର ଅଣ୍ଡସ୍ତରୀୟ ବିଚାର ଆଲୋଚନା, ସମ୍ପଦର ନକ୍ସା ତିଆରି, ସୂଚନା ଓ ପରିସଂଖ୍ୟାନ ସଂଗ୍ରହ ଆଦି ପଦ୍ଧତିର ସ୍ତମ୍ଭ ଥିଲା । ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଗୁଡିକର ସାହାଯ୍ୟ ନିଆଯାଇଥିଲା । ସେମାନଙ୍କର ସହାୟତାରେ ଏକ ସହଜ ବାତାବରଣ ସୃଷ୍ଟି କରାଯାଇ ଆଦିବାସୀମାନଙ୍କ ସହ ସୂଚନା ଓ ବିଚାରର ଆଦାନ ପ୍ରଦାନ କରାଯାଇଥିଲା । ଏହି ଗବେଷଣାତ୍ମକ ଅଧ୍ୟୟନରୁ ଯାହା ନିର୍ଯ୍ୟାସ ମିଳିଥିଲା ତାହା ଆମ ସମସ୍ତଙ୍କୁ ଆଣି ଦେଇଥିଲା ଅନେକ ସ୍ପଷ୍ଟତା । ଅନାହାର

Digitized by srujanika@gmail.com

ମୃତ୍ୟୁ କାହିଁକି ହୁଏ ଓ ତାହା କିପରି ରୋକାଯାଇ ପାରିବ ତାହାର ଉପାୟମାନ ସ୍ଥାନୀୟ ଆଦିବାସୀଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିଲା ।

ଯେଉଁ ଗ୍ରାମାଗୁଡିକ ଅଧ୍ୟୟନ ଭିତରେ ଅନ୍ତର୍ଭୁକ୍ତ ହୋଇଥିଲା ତାହା ଯଦି ଓ ବିଭିନ୍ନ ଜିଲ୍ଲାରେ ଅବସ୍ଥିତ ଥିଲା, କିନ୍ତୁ ଆଦିବାସୀ ଥିଲେ ଭିନ୍ନ ସମ୍ପ୍ରଦାୟର । ଗାଁ ଗୁଡିକ ଦୁଇ ଧାଡି ଘରର ସମଷ୍ଟି- କେଉଁଠି ମାଟି ଖପରର ଛାତ ଆଉ କେଉଁଠି ଛଣ ତିଆରି ଛପର । ଦୁର୍ବଳ କାନ୍ଥ ଓ ଜରାଜିର୍ଣ୍ଣ ପ୍ରତିଛବି । ପାହାଡତଳେ ଗାଁର ଅବସ୍ଥିତି । ଜୀବନ ଓ ଜୀବିକାର ସ୍ତର ହୃଦୟସ୍ପର୍ଶୀ ଓ ଜୀବନଧାରଣ ଯେମିତି ଉପାୟହୀନ । ଗାଁରେ ସାହୁକାରର ରାଜୁତି । କେଉଁଠି ହେଲେ ସରକାରୀ କର୍ମଚାରୀଙ୍କ ଦେଖା ଦର୍ଶନ ନାହିଁ । (ଯଦି ସମୟ ଓ ସୁଯୋଗ ଥାଆନ୍ତା, ତାହାହେଲେ ପ୍ରତ୍ୟେକଟି ଅନାହାର ମୃତ୍ୟୁକୁ ବିଶିଷ୍ଟ ଆଦିବାସୀ ଶାସ୍ତ୍ରୀ ଓ ନେତୃତ୍ୱବିତ୍ ଭେରିଅର୍ ଏଲ୍ୱିନଙ୍କ ଲିଖିତ ବହି ମାରିଆ ମର୍ଡର ଆଣ୍ଡ ସୁଇସାଇଡ୍ (Maria Murder and Suicide)ର ଢ଼ାଞ୍ଚାରେ ବହିଟିଏ ଲେଖି ହୁଅନ୍ତା ।)

ଆମେ ତିନୋଟି ମୁଖ୍ୟ ବିଷୟ ଆମର ଅଧ୍ୟୟନର ପରିସରରେ ଗୁରୁତ୍ୱ ଦେଇଥିଲୁ । ପ୍ରଥମଟି ହେଲା ଆଦିବାସୀଙ୍କ ଜୀବନ ଜୀବିକାରେ ସ୍ୱେଚ୍ଛାକୃତ ଗତିଶୀଳତା । ଦ୍ୱିତୀୟଟି ହେଲା ଆଦିବାସୀଙ୍କ ମାନବ ଓ ପ୍ରାକୃତିକ ସମ୍ପଦ ଓ ତୃତୀୟଟି ହେଲା ସରକାରଙ୍କ ଆଦିବାସୀ ବିକାଶ ପାଇଁ କାର୍ଯ୍ୟକ୍ରମ । ଆମେ ଯଦି ଆଦିବାସୀ ହୋଇଥାଆନ୍ତୁ ତେବେ ଆମର ପରିଚୟ ଦେବାକୁ ହେଲେ କୌଣସି ଏକ ସାହୁକାର ବା ଠିକାଦାରର ସାହାଯ୍ୟ ନେବାକୁ ପଡିଥାଆନ୍ତା । ବଞ୍ଚିବାର ସାହାରା ଆଉ କ'ଣ ଅଛି ଆଦିବାସୀଙ୍କ ପାଇଁ ? ଆଦିବାସୀ ସମୁଦାୟ ଯେ ଏ ପର୍ଯ୍ୟନ୍ତ ମରି ନାହାନ୍ତି ଏହା ସେମାନଙ୍କର ବଞ୍ଚିବା ପାଇଁ ସଂଘର୍ଷର ଜ୍ୱଳନ୍ତ ଉଦାହରଣ । ଅନାହାର ମୃତ୍ୟୁର କାରଣ ହେଉଛି ଆଦିବାସୀ ଅଞ୍ଚଳରେ ଢ଼ାଞ୍ଚାଗତ ବ୍ୟବସ୍ଥା । ଆଦିବାସୀ ଅଞ୍ଚଳ ହେଉଛି ସାହୁକାର, ଠିକାଦାର ଓ ଦଲାଲ୍‌ଙ୍କ ରାଜ୍ୟ । ସ୍ୱାଧୀନତାର ଷାଠିଏ ବର୍ଷପରେ ମଧ୍ୟ ସେଠାରେ ପ୍ରଶାସନର ସ୍ଥିତି ଓ ସ୍ଥାୟିତ୍ୱ କିଛି ନାହିଁ । ଏ ଅଞ୍ଚଳକୁ ଯଦି କିଏ ଆସି ନୂତନ ଭାବେ ନିଜକୁ ସ୍ୱୟଂ ପ୍ରତିଷ୍ଠା କରିପାରୁଛି, ସିଏ ହେଉଛି ସାହୁକାର ଗୋଷ୍ଠୀ । ସେମାନେ ଯେ ପର୍ଯ୍ୟନ୍ତ ଆଦିବାସୀ ଅଞ୍ଚଳରେ ରହିଛନ୍ତି, ସେ ପର୍ଯ୍ୟନ୍ତ ଅନାହାର ମୃତ୍ୟୁ ଲାଗି ରହିଥିବ ।

ଆଦିବାସୀ ଅଞ୍ଚଳରେ ବର୍ଷା ସମୟ ହେଉଛି ସବୁଠାରୁ କଷ୍ଟ ଓ ଯନ୍ତ୍ରଣାର ଅଭିବ୍ୟକ୍ତି । କିନ୍ତୁ ସେ ସମୟରେ ସେମାନଙ୍କୁ କାମଧନ୍ଦା ମିଳେ ନାହିଁ । ନା ସରକାରୀ କାମ ନା କ୍ଷେତବାଡିର କାମ । ଜୁନ୍ ମାସରୁ ସେପ୍ଟେମ୍ବର ପର୍ଯ୍ୟନ୍ତ କୁଲିକାମ ନମିଳୁଥିବା ହେତୁ ଆଦିବାସୀଙ୍କ ଆବଶ୍ୟକୀୟ ଖାଦ୍ୟଦ୍ରବ୍ୟ ମିଳେନାହିଁ କିଣିବାକୁ । ଘରେ ଚାଉଳ ମାଣ୍ଡିଆ ବି ନଥାଏ । ଦିନରାତି ଉପାସରେ ରହିବାକୁ ପଡେ ଅଥବା ସାହୁକାରର ଦ୍ୱାରସ୍ଥ ହେବାକୁ ପଡେ । ସେତେବେଳେ ସର୍ବନିମ୍ନ ମଜୁରୀ ଆଇନ୍ କଥା କେହି ବିଚାରକୁ ନିଅନ୍ତି ନାହିଁ ।

Digitized by srujanika@gmail.com

ଜମିମାଲିକ ହେଉ ବା ସାହୁକାର ହେଉ, ଆଦିବାସୀଙ୍କୁ ସର୍ବନିମ୍ନ ମଜୁରୀର ଶତକଡ଼ା ୨୫ ଭାଗ ମିଳିଲେ ସେ ଖୁସିରେ ନାଚିଥାଏ । ଗଜପତି ଜିଲ୍ଲାରେ ତାଦ୍ଦତୀୟ ଶରଣାର୍ଥୀମାନେ ବର୍ଷା ସମୟରେ ମକା ସମେତ ଅନେକଫସଲ କରିଥାଆନ୍ତି ଓ ଆଦିବାସୀମାନଙ୍କୁ ଅଳ୍ପ ମଜୁରିରେ କୁଲିକାମରେ ଲଗାଇ ଥାଆନ୍ତି । ସେମାନେ ଚାଷ କରୁଥିବା ଜମି ଏକଦା ଆଦିବାସୀଙ୍କ ଥିଲା କିନ୍ତୁ ସରକାର ଛଡାଇ ନେଇ ଶରଣାର୍ଥୀ ଶିବିର ସ୍ଥାପନ କରିଛନ୍ତି । ଗଜପତିର ମୋହନା ଓ ରାମଗିରି ଅଞ୍ଚଳରେ ଏଇ ଜମି ହସ୍ତାନ୍ତରୀକରଣ ଅନାହାର ମୃତ୍ୟୁ ପାଇଁ ପରୋକ୍ଷରେ ଦାୟୀ ବୋଲି ଆମ ଅଧ୍ୟୟନରୁ ଜଣାପଡିଛି ।

ଏବେ ବଜାର ବେପାର କଥା ବିଚାରକୁ ନିଆଯାଉ । ଯଦି ଆଦିବାସୀ ଶୋଷଣର ମୂଳକେନ୍ଦ୍ର କେଉଁଠି ଅଛି ବୋଲି ପଚରାଯାଏ ତାହା ହେଉଛି ସେଠାକାର ବଜାର । ସବୁଗାଁରେ ଆଦିବାସୀମାନେ ବଜାରର ଜଟିଳତା ବୁଝିପାରନ୍ତି ନାହିଁ କିମ୍ବା ଦରଦାମ କ'ଣ ଜାଣିପାରନ୍ତି ନାହିଁ । ଜଙ୍ଗଲ ଓ କୃଷିଜାତ ଦ୍ରବ୍ୟ ହାଟ ବଜାରରେ ମାଗଣାରେ ବିକ୍ରି ହେଲା ପରି ହୋଇଥାଏ । ଏପରିକି କାଜୁ ବାଦାମ ପ୍ରକୃତ ଦରଠାରୁ ଅନେକ କମ୍‌ରେ ଆଦିବାସୀ ବିକ୍ରି କରିବାକୁ ବାଧ ହୋଇଥାଏ । ତୈଳବୀଜର ଅବସ୍ଥା ମଧ୍ୟ ସେଇଭଳି । କାନ୍ଦୁଲ ଡାଲିର ଉଚିତ୍ ମୂଲ୍ୟ ଆଦିବାସୀଙ୍କୁ କେବେହେଲେ ମିଳେ ନାହିଁ । ମାଣ୍ଡିଆ, ମକା କୁ ଆଦରରେ ଖାଉଥିବା ଆଦିବାସୀ ଡାଲି ଦିନେ ଅଧେ ଖାଉଥିବ କି ନାହିଁ । ତୈଳ ଜାତୀୟ ଖାଦ୍ୟ ତ ସ୍ୱପ୍ନ ହୋଇଯାଏ । ଅଣଆଦିବାସୀଙ୍କର ମାନସିକତା ଯେ ଆଦିବାସୀ ବିକୁଥିବା ସାମଗ୍ରୀଗୁଡ଼ିକ ମାହାଲିଆରେ ପ୍ରାପ୍ତ ହେବା ଆବଶ୍ୟକ । ଏଥିପାଇଁ, ସବୁ ଜିନିଷର ଦର ହ୍ରାସ କରି ଦିଆଯାଏ ଓ ସରକାରୀ କଳ ନିରବ ରହେ । ସରକାର ଆଦିବାସୀମାନଙ୍କ ପାଇଁ ଅଛନ୍ତି କି ସାହୁକାରମାନଙ୍କ ପାଇଁ ଅଛନ୍ତି ବେଶ୍ ଅନୁଭବ କରିହୁଏ ।

ସରକାର ଆଦିବାସୀମାନଙ୍କର ବିକାଶ ପାଇଁ ଅନେକ କିଛି ଯୋଜନା ପ୍ରଣୟନ କରିଛନ୍ତି । କିନ୍ତୁ ସେ ସବୁର ବାଟମାରଣା ହୁଏ । ଆଦିବାସୀଙ୍କୁ ପାଖରେ ବହୁତ କମ୍ ପହଞ୍ଚିଥାଏ । ଯଦିଓ ଅଧିକାଂଶ ଆଦିବାସୀମାନଙ୍କୁ ମିଳିବାକୁ ଯୋଗ୍ୟ, ବି.ପି.ଏଲ କାର୍ଡ ମିଳିନାହିଁ । ଏ କାର୍ଡ ନଥିଲେ ଅନେକ ଆଦିବାସୀ ପରିବାର ସରକାରୀ କାର୍ଯ୍ୟକ୍ରମରେ ଆଦିବାସୀ ସାମିଲ୍ ହୋଇପାରେ ନାହିଁ । ପ୍ରତ୍ୟେକ ଗାଁରେ ଏହା ବିଶ୍ଳେଷଣ କରିଲେ ସ୍ପଷ୍ଟ ଜାଣିହୁଏ । ସରକାରୀ କାର୍ଯ୍ୟକ୍ରମ କାଗଜ କଲମରେ ଯେମିତି ସ୍ୱାଧୀନତା ପରଠାରୁ ଚାଲି ଆସିଛି ଓ ଅନାହାର ମୃତ୍ୟୁ ପାଇଁ ଆଦିବାସୀଙ୍କୁ ବାଧ କରିଛି ।

□□□

Digitized by srujanika@gmail.com

ଆମ ଜନ ପ୍ରତିନିଧିଙ୍କ ଦାୟିତ୍ୱବୋଧ

ସାରା ପୃଥିବୀରେ ଯେତେବେଳେ ଖାଦ୍ୟ ନିରାପତ୍ତାପ୍ରଶ୍ନ ଉଠିଛି ସେତେବେଳେ ପର୍ଯ୍ୟାବରଣ ଜନିତ ନିରାପତ୍ତା କଥା ମ୍ନ ଉଠିଛି । ଯେଉଁ ଅଞ୍ଚଳରେ ବା ଦେଶରେ ପରିବେଶର ଅବକ୍ଷୟ ହୋଇଛି ସେଠାରେ ଲୋକମାନେ ବେଶୀ ଭୋକ ଉପାସରେ ରହିଥିବାର ଦୃଷ୍ଟାନ୍ତ ରହିଛି । ଏସିଆ ହେଉ କିମ୍ବା ଆଫ୍ରିକା ଏସବୁ ମହାଦେଶରେ ଖାଦ୍ୟାଭାବ ସହ ପରିବେଶର ବିନାଶ କେମିତି ଓତଃପ୍ରୋତ ଭାବେ ସଂଶ୍ଳିଷ୍ଟ ତାହା ପ୍ରମାଣିତ ହୋଇଛି । ପାଣି ପବନ, ଜମି ଜଙ୍ଗଲ, ମାଟି କାଦୁଅ, ଜଳବାୟୁ ଆଦି ପରିବେଶର ଗୋଟିଏ ଗୋଟିଏ ଅଭିନ୍ନ ଅଙ୍ଗ । ଏହାର ବିନାଶ ହେଲେ ଯେଉଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୁଏ ତାହାର ଅଙ୍ଗେଲିଭା କଥା ଲିପିବଦ୍ଧ ହୋଇଛି । ଏହାକୁ ଆଧାର କରି ଅନେକ ପୁସ୍ତକରେ ଅନେକ ଯୁଗାନ୍ତକାରୀ ଚଳଚ୍ଚିତ୍ର ନିର୍ମାଣ ମଧ୍ୟ ହୋଇଛି । ସାରା ପୃଥିବୀରେ କେବଳ ମଣିଷ ସମାଜ ନୁହେଁ, ଜୀବଜନ୍ତୁ, ଗୁଳ୍ମଲତା, ବୃକ୍ଷ ଓ କୀଟପତଙ୍ଗ କିପରି ନିଜର ସତ୍ତା ହରାଇବାକୁ ବସିଛନ୍ତି ତାହା ଆଜି ଚର୍ଚ୍ଚାର ବିଷୟ ହୋଇଛି । ହଜାର ହଜାର ପ୍ରଜାତିର ବୃକ୍ଷଲତା, କୀଟପତଙ୍ଗ, ପ୍ରାଣୀ ଜଗତର ଅନେକ ମୂଲ୍ୟବାନ ଉପାଦାନ ସବୁ ନିଶ୍ଚିହ୍ନ ହୋଇଗଲେଣି ଏ ପୃଥିବୀରୁ । ଜୈବ ବିବିଧତା ବିପନ୍ନ ହୋଇସାରିଛି । ଆମର ନଦୀନାଳ ଓ ସମୁଦ୍ର ଆଦି ଜଳସ୍ରୋତ ପ୍ରଦୂଷିତ ହୋଇ ସାରିଛି । ଜଙ୍ଗଲ ଧ୍ୱଂସ ତଥା ଦ୍ରୁତ ଶିଳ୍ପାୟନ ଦ୍ୱାରା ପୃଥିବୀର ତାପମାତ୍ରା ବୃଦ୍ଧି ଘଟିବା ସହ ଜଳବାୟୁର ଦ୍ରୁତ ପରିବର୍ତ୍ତନ ଘଟୁଥିବାର ପରିଲକ୍ଷିତ ହୋଇଛି । ଦାରିଦ୍ର୍ୟ ଓ ପରିବେଶର ବିନାଶକୁ ନେଇ ଗାଁଠାରୁ ଆରମ୍ଭ କରି ଆନ୍ତର୍ଜାତିକ ସ୍ତରରେ ଆଲୋଚନା ଆରମ୍ଭ ହୋଇଛି । ପରିବେଶର ସୁରକ୍ଷା ଓ ନିରନ୍ତର ବିକାଶ ପାଇଁ ସବୁଦେଶ ଅଙ୍ଗୀକାରବଦ୍ଧ ବୋଲି ଘୋଷଣାନାମାରେ ଦସ୍ତଖତ ଦେଉଛନ୍ତି । ପରିବେଶର ଗୁରୁତ୍ୱ ଓ ଜୀବନଜୀବିକା ପାଇଁ ଏହାର ଆବଶ୍ୟକତାକୁ ମନେ ପକାଇ ଆଜି ଦିନ (ଜୁନ ୫ ତାରିଖ)କୁ ବିଶ୍ୱ ପରିବେଶ ଦିବସ ବୋଲି ନାମିତ କରାଯାଇଛି । ଆଜି ଦିନରେ ଏ ପୃଥିବୀର, ଏ ମଣିଷର, ଏ ଜୀବଜଗତର ଭବିଷ୍ୟତ କ'ଣ ମନେ ପକାଇବାର ଅବସର ମିଳିଛି । ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସରେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଚର୍ଚ୍ଚା କରାଯାଏ ପୃଥିବୀ ସାରା । ଗତବର୍ଷ

Digitized by srujanika@gmail.com

(୨୦୦୬)ରେ ଏହାଥିଲା ମରୁଭୂମି ସମ୍ପ୍ରସାରିତ ନହେବା ବିଷୟରେ । ଏ ବର୍ଷ (୨୦୦୭)ରେ ଆଲୋଚ୍ୟର ବିଷୟ ହେଉଛି ଜଳବାୟୁ ପରିବର୍ତ୍ତନ ଓ ମେରୁଅଞ୍ଚଳରେ ବରଫ ତରଳିବାର ପ୍ରକ୍ରିୟାଦ୍ୱାରା ସୁଦୂରପ୍ରସାରିତ ପ୍ରଭାବ । ପୃଥିବୀର ସବୁ ମଣିଷ, ପରିବେଶ ସଚେତନ ବ୍ୟକ୍ତି ଓ ଅନୁଷ୍ଠାନ ପ୍ରସାଶନ ଓ ପରିବେଶବିଦ୍ ପ୍ରଦୂଷଣ ବଢ଼ାଉଥିବା ଶିଳ୍ପ ଓ ନୀତି ନିର୍ଦ୍ଧାରକମାନେ ସମସ୍ତେ ଆଜି ମୂହୁର୍ତ୍ତଙ୍କ ପାଇଁ ନିଜକୁ ପ୍ରଶ୍ନ ପଚାରିବାର ଆହ୍ୱାନ ଆସିଛି । 'ମୁଁ ପରିବେଶର ସୁରକ୍ଷା ପାଇଁ କ'ଣ କରି ପାରିବି ? ଏ ପୃଥିବୀର ସ୍ଥିତି ଓ ସତ୍ତା ସୁଦୃଢ଼ କରିବା ପାଇଁ ମୋର ଦାୟିତ୍ୱବୋଧ କ'ଣ ?'

କିନ୍ତୁ ପରିବେଶ ଜନିତ ନିରାପତ୍ତା ଯଦି କ୍ଷୁର୍ଣ୍ଣ ହୁଏ ଅଥବା ବିପନ୍ନ ହୁଏ ବିଭିନ୍ନ ଦେଶ ଉପରେ ତାହାର ପ୍ରଭାବ କ'ଣ ହୋଇଥାଏ ? ବିଭିନ୍ନ ପ୍ରକଳ୍ପ ଯଥା, ଖଣି ଖାଦାନ, ବୃହତ୍ ଶିଳ୍ପ, ବୃହତ୍ ଜଳ ବିଦ୍ୟୁତ ପ୍ରକଳ୍ପ ଏବଂ ଡ୍ୟାମ୍, ତାପଜ ବିଦ୍ୟୁତ ପ୍ରକଳ୍ପ, ଆକ୍ୱାକଲ୍‌ଚର ବା ବ୍ୟବସାୟିକ ମତ୍ସ୍ୟ ଚାଷ, ବ୍ୟବସାୟିକ ଜଙ୍ଗଲ ସୃଷ୍ଟି କରିବା ପ୍ରକଳ୍ପ ଆଦି ପ୍ରତିଷ୍ଠା ଦ୍ୱାରା ଜଳ, ଜମି ଏବଂ ଜଙ୍ଗଲର ଦ୍ରୁତ ଅବକ୍ଷୟ ହୋଇ ସାରିଛି । ଜମିରୁ ଉତ୍ପାଦନ ଶକ୍ତି ହ୍ରାସ ପାଇଛି । ଜଳ ଦୂଷିତ ହେବାରୁ ମତ୍ସ୍ୟ ଉତ୍ପାଦନ ମଧ କମିଛି ଓ ଜଳସ୍ରୋତ ଗୁଡ଼ିକ ଜୀବନଜୀବିକା ପାଇଁ ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ । ଜଙ୍ଗଲ ନଷ୍ଟ ହେବା ହେତୁ ଆଗରୁ ଯେଉଁ ଖାଦ୍ୟ ଦ୍ରବ୍ୟ ମିଳୁଥିଲା ଓ ବିଶେଷ କରି ଆଦିବାସୀ ଅଞ୍ଚଳରେ ଯେଉଁ ଖାଦ୍ୟ ନିରାପତ୍ତା ନିଶ୍ଚିତ ଥିଲା ତାହା ଆଜି ଦୁର୍ବଳ ସ୍ଥିତିରେ ପହଞ୍ଚିଛି । ଆଦିବାସୀ ଅଞ୍ଚଳରେ ଜଙ୍ଗଲରୁ ପ୍ରାୟ ଶତକଡ଼ା ଅଶୀଭାଗ (୮୦%) ଖାଦ୍ୟ ବନବାସୀମାନେ ସଂଗ୍ରହ କରୁଥିଲେ । ପୋଡୁଚାଷର ଏଥିରେ ଗୋଟାଏ ସୁନିର୍ଦ୍ଦିଷ୍ଟ ଭୂମିକା ଥିଲା । ଆଦିବାସୀ ପୋଡୁଚାଷର ମହତ୍ୱ ଜାଣିଥିଲା । ଶରୀରପାଇଁ ଆବଶ୍ୟକ ପ୍ରୋଟିନ୍ ଆଦିବାସୀ ଆଦିବାସୀ ସହଜରେ ଫଳ୍, ଫଳ, କନ୍ଦା, ବାଉଁଶକଡି, ଛତୁ, ମହୁଲ ଆଦିରୁ ପାଇ ପାରୁଥିଲା । ଜଙ୍ଗଲରେ ଶିକାର କରି ସହଜରେ ମାଂସ ପାଇ ପାରୁଥିଲା । ଜଙ୍ଗଲରୁ ସଂଗୃହୀତ ଔଷଧୀୟ ଦ୍ରବ୍ୟକୁ ବ୍ୟବହାର କରି ରୋଗ ବ୍ୟାଧିରୁ ନିଜକୁ ରକ୍ଷା କରିଥିଲା । ଜିନିଷ ରୋଗବେମାରୀ ପାଇଁ ଅଶେଷ ଦରକାରୀ ଥିଲା ।

ବିସ୍ଥାପନ ସମସ୍ୟା ଓ ବୃହତ୍ ପ୍ରକଳ୍ପ ସ୍ଥାପନ ହେତୁ ଆଦିବାସୀମାନଙ୍କ ଜୀବନଜୀବିକା ବିପନ୍ନ ହୋଇଛି କହିଲେ ଅତ୍ୟୁକ୍ତ ହେବ ନାହିଁ । ଯେଉଁମାନେ ବିସ୍ଥାପିତ ହେଉଛନ୍ତି ସେମାନଙ୍କର ସାମାଜିକ, ଆର୍ଥିକ, ରାଜନୈତିକ ଓ ସାଂସ୍କୃତିକ ନିରାପତ୍ତା ଗୁରୁତର ଭାବେ ବିପନ୍ନ ହୋଇଛି । ଏହା ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ଖାଦ୍ୟ ନିରାପତ୍ତାକୁ ଆକ୍ରାନ୍ତ କରିଛି । ଅତି ନୈରାଶ୍ୟଜନକ ଥଇଥାନ ନୀତି ହେତୁ ବିସ୍ଥାପିତ ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇପଡିଛି । ନାଗରିକ ହିସାବରେ ସେମାନଙ୍କର ଯାହାକିଛି ଅଧିକାର ଓ ନ୍ୟାଯ୍ୟ ପ୍ରାପ୍ୟ ରହିଛି ତାହା ସେମାନଙ୍କୁ ଏପର୍ଯ୍ୟନ୍ତ ମିଳିନାହିଁ । ଏ ଲେଖକ ବିସ୍ଥାପିତଙ୍କ ସହ ଆଲୋଚନା

Digitized by srujanika@gmail.com

କରିଲାବେଳେ ସେମାନଙ୍କୁ କିପରି ସାଧାରଣ ବଣ୍ଟନ ବ୍ୟବସ୍ଥାର କାର୍ଡ଼ ମଧ୍ୟ ମିଳିନାହିଁ ତାହା ଜାଣିପାରି ବ୍ୟଥିତ ହୋଇଛି । ଖାଦ୍ୟ ସୁରକ୍ଷାର ଅନ୍ୟ ଏକ ଦିଗହେଲା ଗରିବଙ୍କ ପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥା, ସ୍କୁଲ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଓ ଛୋଟ ପିଲାଙ୍କ ପାଇଁ ଅଙ୍ଗନବାଡି । ବିସ୍ଥାପିତ ପରିବାରଙ୍କୁ ଏ ସର୍ବନିମ୍ନ ସୁରକ୍ଷା ମିଳିବା ସମ୍ଭବପର ହେଉନାହିଁ । ନୂତନ ପରିବେଶରେ ଜମି, ଜଳ, ଜଙ୍ଗଲର ଅଭାବ ସଙ୍ଗେ ସଙ୍ଗେ ଏ ବ୍ୟବସ୍ଥା ଜନିତ ସମସ୍ୟା ବିସ୍ଥାପିତଙ୍କୁ ଆଜି ଦେଶରେ ସବୁଠାରୁ ଗରିବ ଓ ଅବହେଳିତ ବର୍ଗ ବୋଲି ବିବେଚନା କରାଯାଉଛି ।

ଆଜି ବିଶ୍ୱ ପରିବେଶ ଦିବସରେ ଆମେ ପରିବେଶ ସହ ସଂଶ୍ଳିଷ୍ଟ ନ୍ୟାୟ ଓ ନୀତିଗୁଡିକୁ ସମୀକ୍ଷା ମଧ୍ୟ କରିବା । ପାରିବେଶିକ ନ୍ୟାୟ ଗରିବ ଓ ନିଷ୍ପେଷିତ ବ୍ୟକ୍ତିଙ୍କୁ ମିଳୁଛି କି ? ପରିବେଶର ସୁରକ୍ଷା ପାଇଁ ଜମି, ଜଳ ଓ ଜଙ୍ଗଲର ସଂରକ୍ଷଣ ପାଇଁ ଅନେକ ଆଇନ୍ ପ୍ରଣୟନ ହୋଇଛି । ସାଧାରଣ ନାଗରିକଙ୍କର ଜମି, ଜଳ, ଜଙ୍ଗଲ ଓ ପରିବେଶ ଉପରେ ସ୍ୱତନ୍ତ୍ର ଅଧିକାର ରହିଛି ବୋଲି ଖାଲି ଭାରତରେ ନୁହେଁ ସାରା ପୃଥିବୀରେ ଘୋଷଣା କରାଯାଇଛି । କାରଣ ଜୀବନ ଓ ଜୀବିକା ଉପରେ ଏହାର ନିବିଡ ସମ୍ପର୍କ ରହିଛି । ଏହି ଅଧିକାରକୁ ଅସ୍ତ୍ର କରି ଗରିବ ପରିବାରଟିଏ ତାର ଗୁଜୁରାଣ ମେଣ୍ଟାଇବ ବୋଲି ଆଶା ପୋଷିଛି । ଏହି ଅଧିକାରକୁ ପାଥେୟ କରି ଏ ପୃଥିବୀରେ ଯେଉଁ ଚଲାବାଟ ରହିଛି ସେଥିରେ ସେ ଅନେକ ଦୂର ଚାଲିବାକୁ ମନସ୍ତ କରିଛି । କିନ୍ତୁ ଅଧିକାର ଓ ନ୍ୟାୟ ତା'କୁ ସତରେ ମିଳୁଛି କି ? ତାହା ଆଲୋଚନା କରିବାର ଘୋର ଆବଶ୍ୟକତା ରହିଛି । ପରିବେଶିକ ବୋଝ କିଏ ବୋହୁଛି ଆଜି ? ବିକଶିତ ଦେଶର ଏ ବୋଝ ଆଜି ବିକାଶଶୀଳ ଓ ଅବିକଶିତ ଦେଶ ବୋହୁଛନ୍ତି କାରଣ ସବୁ ପ୍ରଦୂଷଣ ସୃଷ୍ଟିକାରୀ ଶିଳ୍ପକୁ ବିକଶିତ ଦେଶ ନିଜ ଦେଶରେ ପ୍ରତିଷ୍ଠା କରିବାକୁ ଚାହୁଁ ନାହାନ୍ତି । ଶିଳ୍ପାଞ୍ଚଳର ପ୍ରଦୂଷଣ ତା'ର ଆଖପାଖ ଅଞ୍ଚଳକୁ ପ୍ରସାରିତ ହୋଇଛି । ସହରର ପାରିବେଶିକ ବୋଝ ଗ୍ରାମାଞ୍ଚଳର ମୁଣ୍ଡ ଉପରେ ଲଦି ଦିଆଯାଉଛି । ପାଣି, ପବନ, ଜମିବାଡି, ବସତି ଆଦିକୁ ଲକ୍ଷ୍ୟ କଲେ ଏହା ସହଜରେ ଅନୁଭବ କରିହୁଏ । ସହରର ବର୍ଜ୍ୟବସ୍ତୁ ଉପରେ ବସ୍ତିବାସିନ୍ଦାଙ୍କ ବସତି ସ୍ଥାପିତ ହେଉଛି । ବର୍ଜ୍ୟବସ୍ତୁ ନିଷ୍କାସିତ ହୋଇ ଗ୍ରାମାଞ୍ଚଳକୁ ବିଷାକ୍ତ କରୁଛି । ଜଳବିଦ୍ୟୁତ ପ୍ରକଳ୍ପରୁ ଯେଉଁ ଶକ୍ତି ଉତ୍ପାଦିତ ହେଉଛି ତାହା ସ୍ଥାନୀୟ ଲୋକଙ୍କୁ ନ ଦିଆଯାଇ ଅନ୍ୟ ସହର ଓ ଶିଳ୍ପରେ ବିନିଯୋଗ କରାଯାଉଛି । ଶିଳ୍ପ ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକଙ୍କୁ ଚାକିରି ମିଳୁନାହିଁ । ରାସ୍ତାଘାଟ ନିର୍ମାଣ ପର୍ଯ୍ୟଟନ ଶିଳ୍ପ ଆଦିର ପରିସ୍ଥିତି ମଧ୍ୟ ଭିନ୍ନ ନୁହେଁ । ଆଜି ଲକ୍ଷ ଲକ୍ଷ ଆଦିବାସୀଙ୍କୁ ତାଙ୍କର ପ୍ରିୟ ଜଙ୍ଗଲରୁ ହଟିବାକୁ ପଡୁଛି କାରଣ ଅଭିଯୋଗ ଆସିଛି ଯେ ବନ୍ୟସମ୍ପଦର ପରିଚାଳନାରେ ଗରିବ ଲୋକ ହସ୍ତକ୍ଷେପ କରୁଛନ୍ତି । ସରକାର ଓ ଅନ୍ୟ ନ୍ୟସ୍ତ ସ୍ୱାର୍ଥଗୋଷ୍ଠୀ ସବୁବେଳେ ଭାବି ଆସିଛନ୍ତି ଯେ ଆଦିବାସୀ

Digitized by srujanika@gmail.com

ଓ ବନବାସୀମାନେ ଜଙ୍ଗଲ ନଷ୍ଟ କରୁଛନ୍ତି ଓ ବନ୍ୟପ୍ରାଣୀଙ୍କୁ ନିପାତ କରୁଛନ୍ତି । ଏଇଥିପାଇଁ ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟରୁ ବନବାସୀଙ୍କୁ ବିତାଡିତ କରିବାକୁ ସରକାର ନିଷ୍ପତି ନେଇଥିଲେ ଓ ସୁପ୍ରୀମ୍‌କୋର୍ଟ ମଧ୍ୟ ଏହା ସପକ୍ଷରେ ରାୟ ଦେଇଥିଲେ । ବର୍ତ୍ତମାନ ଆଇନ୍ କରାଯାଇଛି ଯେ ବନବାସୀମାନଙ୍କୁ ଓ ସେମାନେ ବସବାସ କରୁଥିବା ଜଙ୍ଗଲ ଭିତରେ ନ୍ୟାୟସଙ୍ଗତଭାବେ ଜମି ଦିଆଯିବ । ପୁରୁଷ ପୁରୁଷ ଧରି ଚାଲିଆସିଥିବା ଅନ୍ୟାୟ ଏବେ ଶେଷ ହେବାକୁ ଯାଉଛି । ଗରିବଙ୍କ ପାଇଁ ପାରିବେଶିକ ନ୍ୟାୟ ଓ ଖାଦ୍ୟ ସୁରକ୍ଷା ଯଥାବିଧି ମିଳୁଛି କି ନାହିଁ ଆମକୁ ସଦାସର୍ବଦା ସଜାଗ ରହିବାକୁ ହେବ । ଏହା କେବଳ ଆଇନ୍ ଅଦାଲତର ଦାୟିତ୍ୱ ନୁହେଁ, ଆମର ଜନ ପ୍ରତିନିଧିମାନଙ୍କର ସର୍ବପ୍ରଥମ ଦାୟିତ୍ୱ । ଗାଁର ସରପଞ୍ଚ ଠାରୁ ଆରମ୍ଭ କରି, ବିଧାନସଭା, ଲୋକସଭା ଓ ଜାତିସଂଘ, ସବୁଠାରେ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡିକ ଆଲୋଚନା କରିବା ଜରୁରୀ ହୋଇପଡିଛି ଓ ଆବଶ୍ୟକୀୟ ଆଇନ୍ ଓ ପରମ୍ପରା ସୃଷ୍ଟି କରିବା ମଧ୍ୟ ଅପରିହାର୍ଯ୍ୟ ହୋଇପଡିଛି ।

୨୦୦୪ ମସିହାରେ ମୋତେ ଜାତିସଂଘର ମାନବାଧିକାର ସଂଗଠନର ଏକ ତର୍କରେ ଭାଗନେବାର ସୁଯୋଗ ମିଳିଥିଲା । ସାରା ପୃଥିବୀରେ ସାମାଜିକ ଓ ସାଂସ୍କୃତିକ ଅଧିକାର ସବୁ ନାଗରିକଙ୍କର ରହିଛି । ପ୍ରତ୍ୟେକ ଦେଶ ସ୍ୱତନ୍ତ୍ର ଭାବେ ଏ ଅଧିକାର ସୁରକ୍ଷା କରୁଛନ୍ତି କି ନାହିଁ ତାହା ଉପରେ ଏକ ଦଲିଲ ପ୍ରସ୍ତୁତ କରି ଜାତିସଂଘରେ ଉପସ୍ଥାପନା କରିବାର ଏକ ପରମ୍ପରା ଅଛି । ଜାତିସଂଘ ମଧ୍ୟ ଜଣେ ସ୍ୱତନ୍ତ୍ର ରିପୋର୍ଟିୟର ନିଯୁକ୍ତି କରିଥାଏ, ଯିଏ କି ଦେଶ ମହାଦେଶ ଗ୍ରସ୍ତ କରି ଜାତିସଂଘ ପାଇଁ ରିପୋର୍ଟ ପ୍ରସ୍ତୁତ କରନ୍ତି । ଏହି ରିପୋର୍ଟ ଏକ ସ୍ୱତନ୍ତ୍ର ଅଧିବେଶନରେ ଜେନେଭା ଠାରେ ଉପସ୍ଥାପନ କରାଯାଏ । ୨୦୦୫ ମସିହାରେ ଡକ୍ଟର ଜିଓନ ସିଗ୍‌ଲର୍ (Jeon Sigalar) ବୋଲି ଜଣେ ସ୍ୱତନ୍ତ୍ର ରାପୋର୍ଟିୟର ଭାରତ ଆସିଥିଲେ । ଶ୍ରୀଯୁକ୍ତ ସିଗ୍‌ଲ୍‌ର ସୁଇଜରଲ୍ୟାଣ୍ଡ ପାର୍ଲିଆମେଣ୍ଟରେ ଜଣେ ସିନେଟର୍ । ସେ ଭୁବନେଶ୍ୱର ଆସି ମଧ୍ୟ ନାଗରିକ ସମାଜ ଓ ସରକାରୀ ଅଫିସରଙ୍କ ସହ ଓଡ଼ିଶାରେ ଗରିବଙ୍କ ଖାଦ୍ୟ ନିରାପତ୍ତା କିପରି ବିପନ୍ନ ହୋଇଛି ସେ ବିଷୟରେ ଆଲୋଚନା କରିଥିଲେ । ଫିଆନ୍(fian) ନାମକ ଏକ ଆନ୍ତର୍ଜାତିକ ନାଗରିକ ସଂଗଠନ ଓଡ଼ିଶାରେ କାଶୀପୁର ଓ ଲାଞ୍ଜିଗଡରେ ଶିଳ୍ପ ଏବଂ ଖଣିଖାଦାନ ଯୋଗୁଁ ଜଳ, ଜମି, ଜଙ୍ଗଲ ଓ ଖାଦ୍ୟନିରାପତ୍ତା ଉପରେ କି ପ୍ରଭାବ ପଡୁଛି, ଜାତିସଂଘର ମାନବାଧିକାର ଆୟୁକ୍ତଙ୍କ ପାଖରେ ଅଭିଯୋଗ ଆଣିଥିଲେ । ଡକ୍ଟର ସିଗ୍‌ଲର୍ ତାଙ୍କର ଓଡ଼ିଶାଗସ୍ତ ସମୟରେ ଏହି ସମସ୍ୟା ଉପରେ ମଧ୍ୟ ଆଲୋକ ପାତ କରିଥିଲେ ।

ଭାରତର ସଂବିଧାନରେ ଖାଦ୍ୟ ନିରାପତ୍ତା ଓ ପରିବେଶକୁ ନେଇ ଯେତେ ପ୍ରକାର ବ୍ୟବସ୍ଥା ଓ ଆଇନ୍ ସବୁ ରହିଛି ତାହା ଭାରତର ସଂସଦରେ ଆଲୋଚନା ହୋଇଥାଏ ।

Digitized by srujanika@gmail.com

ସାଂସଦମାନେ କେଉଁଠି ଅନାହାର ମୃତ୍ୟୁ ହେଲେ ତା'ଉପରେ ଆଲୋଚନା କରି ସରକାରଙ୍କୁ ବିଭିନ୍ନ ପରାମର୍ଶ ଦେବା ସହିତ ଲୋକଙ୍କୁ ସୁହାଇଲା ଭଳି ଆଇନ୍ ମଧ୍ୟ ପ୍ରଣୟନ କରିଥାନ୍ତି । 'ରେଷ୍ଟ କଂଜରଭେସନ୍ ଆକ୍ଟ(୧୯୮୮) ଏବଂ ପରିବେଶ ସୁରକ୍ଷା ଆଇନ୍ (୧୯୮୬) ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ଏହାଛଡା ଜଳ ପ୍ରଦୂଷଣ ନିରୋଧ ଆଇନ (୧୯୭୪) , ଜାତୀୟ ପରିବେଶ ଟ୍ରାଇବୁନାଲ୍ ଆକ୍ଟ (୧୯୯୫), ଜାତୀୟ ପରିବେଶ ଅପିଲେଟ୍ ଅଥରିଟି ଆକ୍ଟ (୧୯୯୭) ଆଇନ୍ ଗୁଡିକ ପାରିବେଶିକ ନ୍ୟାୟ ଦେବାପାଇଁ ପ୍ରଣୟନ କରାଯାଇଛି ।

ଏବେ ଓଡ଼ିଶା ବିଧାନସଭା କଥା ଦେଖାଯାଉ । ଓଡ଼ିଶା ବିଧାନସଭାରେ ପରିବେଶ ଓ ଖାଦ୍ୟ ନିରାପତ୍ତାକୁ ନେଇ ବିଭିନ୍ନ ସମୟରେ ଆଲୋଚନା ହୋଇଛି । ଆଇନ୍ ମଧ୍ୟ ତିଆରି କରାଯାଇ ସରକାରୀ କଳକୁ ଯଥେଷ୍ଟ ଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଇଛି । ବିଭିନ୍ନ ସମୟରେ ବିଧାନସଭାର ଗୃହକମିଟିମାନ ପ୍ରଭାବିତ ଅଞ୍ଚଳକୁ ଯାଇ ରିପୋର୍ଟ ଦେଉଛନ୍ତି । ମୁଁ ବର୍ତ୍ତମାନର ସମ୍ମାନୀୟ ବାଚସ୍ପତି ଓ ଉପବାଚସ୍ପତିଙ୍କୁ ନିଶ୍ଚିତ ଧନ୍ୟବାଦ ଦେବି । ସମ୍ମାନୀୟ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଗୃହକମିଟି କାଶୀପୁର ଓ ଇବ୍‌ଭ୍ୟାଲି ଅଞ୍ଚଳ ପରିଦର୍ଶନ କରି ପରିବେଶ କିପରି ବିନାଶ ହୋଇଛି ତାହା ଉପରେ ଏକ କରି ତାହା ଉପରେ ଏକ ଚମକପ୍ରଦ ରିପୋର୍ଟ ଉପସ୍ଥାପନ କରିଥିଲେ ।

ଉତ୍କଳ ଆଲୁମିନା ଭଳି ଶିଳ୍ପପ୍ରତିଷ୍ଠାନ ବିନା ଅନୁମତିରେ କିପରି କାମ କରିଚାଲିଛି ତାହା ବିଧାନସଭାର ଆଲୋଚନାର ପରିସର ଭୁକ୍ତ କରିଥିଲେ । ଇବ୍‌ଭ୍ୟାଲିରେ ବିଭିନ୍ନ ଶିଳ୍ପ କାରଖାନା ଓ ଖଣି ଖାଦାନ କିପରି ପରିବେଶକୁ ନଷ୍ଟ କରିଛନ୍ତି ତାହାର ଉଦାହରଣ ମଧ୍ୟ ସେମାନେ ଦେଇଥିଲେ । ସମ୍ମାନୀୟ ଉପବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ଗୃହକମିଟି ବିସ୍ଥାପିତ ପରିବାର ଓ ତାଙ୍କର ଥଇଥାନ ହୋଇଛି କି ନାହିଁ ତାହାର ଅନୁସନ୍ଧାନ କରିଥିଲା । ଏଥିରେ ମଧ୍ୟ ଅନେକ ଚମକପ୍ରଦ ତଥ୍ୟ ବିଧାନସଭାରେ ଦିଆଯାଇଥିଲା । ଏ ରିପୋର୍ଟ ସବୁ କାର୍ଯ୍ୟକାରୀ ହୋଇଥିଲେ ଓଡ଼ିଶାର ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଥାନ୍ତା । ବିଧାନସଭା ହେଉକି ଲୋକସଭା ହେଉ, ଗ୍ରାମ ପଞ୍ଚାୟତ ହେଉକି ଜାତିସଂଘ ହେଉ, ଜନପ୍ରତିନିଧିଙ୍କର ପାରିବେଶିକ ଓ ଖାଦ୍ୟ ନିରାପତ୍ତା ଉପରେ ଆଲୋଚନା କରିବା ଏକ ଦାୟିତ୍ୱବୋଧ । ମୁଁ ଆଶା କରିବି ଯେ, ପ୍ରଶାସନ ଯେତେବେଳେ ସବୁକଥା ପ୍ରତି ବିମୁଖ ଓ ନୈରାଶ୍ୟରେ ଆକ୍ରାନ୍ତ, ସେତେବେଳେ ଜନପ୍ରତିନିଧିମାନେ ପରିବେଶ ଓ ଖାଦ୍ୟନିରାପତ୍ତା ପ୍ରତି ସମ୍ବେଦନଶୀଳ ହେବେ ଓ ଅଗଣିତ ମଣିଷଙ୍କୁ ପେଟର ଭୋକରୁ ରକ୍ଷା କରିବେ । ଆଜିର ବିଶ୍ୱ ପରିବେଶ ଦିବସରେ ଏହା ମୁଁ ନିଶ୍ଚିତ ଭାବେ କାମନା କରୁଛି ।

□□□

Digitized by srujanika@gmail.com

ଶିଳ୍ପାୟନ ଓ ସ୍ୱତନ୍ତ୍ର ଆର୍ଥିକ ଜୋନ୍‌ର ପ୍ରତିକୂଳ ପ୍ରଭାବ ଓ ବିକଳ୍ପ

ଶିଳ୍ପାୟନ ପ୍ରକ୍ରିୟା ସହ ସ୍ୱତନ୍ତ୍ର ଆର୍ଥିକ ଜୋନ୍ ବା 'ସେଜ୍' ସଂଶ୍ଳିଷ୍ଟ ହୋଇ ଥିବା ହେତୁ ଉଭୟ ବିଷୟଟି ଏ ଦେଶର ସାଧାରଣ ମଣିଷ ଓ ସେମାନଙ୍କର ବିକାଶ ଦିଗ୍‌ବଳୟରେ ଏକ କଳାବାଦଲ ଦେଖା ଦେଇଛି । ଆମ ସାର୍ବଭୌମତ୍ୱ ଓ ଆମର ସମ୍ବିଧାନ ଅଭିନବ ତଥା ସ୍ୱତନ୍ତ୍ର । ଆମେ ଏଥି ପାଇଁ ମଧ୍ୟ ଗର୍ବିତ । କିନ୍ତୁ 'ସେଜ୍' ଦ୍ୱାରା ଆଜି ପ୍ରତ୍ୟେକ ନାଗରିକଙ୍କ ପାଇଁ ଯେଉଁ ମୌଳିକ ଅଧିକାର ରହିଛି ତାହା ଉଲ୍ଲଙ୍ଘନ ହେବାର ଗୁରୁତର ଆଶଙ୍କା ଦେଖା ଦେଇଛି । ଏବେ ସାରା ଭାରତରେ ୧୮୫୭ ମସିହାର ଯେଉଁ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧୀ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଥିଲା, ତାହାର ଏକଶହ ପଚାଶ ବର୍ଷ ପୂର୍ତ୍ତି ପାଳନ କରାଯାଉଛି । ସେ ସମୟର ସାହସ, ତ୍ୟାଗ, ମୂଲ୍ୟବୋଧ, ମୁକ୍ତି ବା ସ୍ୱାଧୀନତା ପାଇଁ ବଳିଦାନ ଆଜି ଏ ଦେଶର ସମସ୍ତ ଆବାଳ ବୃଦ୍ଧ ବନିତା ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିଛି । ଏ ଦେଶର ନାଗରିକ ଆଜି କେତେ ସ୍ୱାଧୀନଚେତା ତାହା ସେ କାୟ ମନ ଓ ବାକ୍ୟରେ ପ୍ରମାଣିତ କରିବାକୁ ଚାହୁଁଛି । ବ୍ରିଟିଶ ଶାସନରୁ ମୁକ୍ତ ହେବାର ଗୌରବ ସେ ଭୁଲିବାକୁ ଚାହୁଁ ନାହିଁ । କିନ୍ତୁ ଦ୍ରୁତ ଶିଳ୍ପାୟନ ଓ ସ୍ୱତନ୍ତ୍ର ଆର୍ଥିକ ଜୋନ୍ ଏହି ମୁକ୍ତି ଓ ସ୍ୱାଧୀନତାର ଏକ ବିପରୀତଧର୍ମୀ ପ୍ରବାହ । ଏହାକୁ ବିରୋଧ କରିବା ଏକ ଜାତୀୟ କର୍ତ୍ତବ୍ୟ ବୋଲି ମୁଁ ମନେ କରୁଛି । ମୁଁ ଜାଣେ ମୋର ଏହି ବକ୍ତବ୍ୟ କେତେଜଣଙ୍କୁ ଭଲ ଲାଗିବ ନାହିଁ । କେତେଜଣ ମୋ ସହିତ ଏକମତ ହେବାକୁ ଚାହିଁବେ ନାହିଁ । କାରଣ ଆର୍ଥିକ ପ୍ରଗତି, ଅଭିବୃଦ୍ଧିର ହାର ଓ ଆନ୍ତର୍ଜାତିକ ବଜାର ଦ୍ୱାରା କବଳିତ ହୋଇଥିବା ଏବର ନେତୃତ୍ୱ ଆଜି ଦିଗଭ୍ରଷ୍ଟ ହୋଇଛି । ଅଳ୍ପ କେତେ ଜଣଙ୍କ ସ୍ୱାର୍ଥ ଲାଭ ପାଇଁ ଦେଶକୁ ପରାଧୀନତାର ଶୃଙ୍ଖଳ ପିନ୍ଧାଇବା ପାଇଁ ଚକ୍ରାନ୍ତ ଚାଲିଛି ।

ଗତ କେତେଦିନ ଧରି ଶିଳ୍ପାୟନ ଓ 'ସେଜ' ଉପରେ ସବୁ ସ୍ତରରେ ବିଚାର ଆଲୋଚନା ଚାଲିଛି । ଲୋକସଭା ହେଉ ଅବା ବିଧାନସଭା ହେଉ, ଖବରକାଗଜ ହେଉ ଅବା ଟିଭି ଚ୍ୟାନେଲ୍ ହେଉ, ରାଜନୈତିକ ଦଳ ହୁଅନ୍ତୁ ବା ନାଗରିକସମାଜ ହେଉ, ସବୁ

Digitized by srujanika@gmail.com

ତର୍କବିତର୍କର ବଳୟ ଭିତରେ ପଶି ଯାଇଛନ୍ତି । ଦ୍ରୁତ ଶିଳ୍ପାୟନ ଓ 'ସେଜ୍' ଦେଶ ଓ ଦେଶବାସୀଙ୍କ ପାଇଁ ହିତ ଦାୟକ କି ? ଏ ଲେଖକକୁ ଏବେ ଏକ ଟିଭି ଚ୍ୟାନେଲ୍ ଦ୍ୱାରା ଆୟୋଜିତ ଆଲୋଚନାଚକ୍ରରେ ଭାଗନେବାକୁ ସୁଯୋଗ ମିଳିଥିଲା । ଅନ୍ୟ ଆଲୋଚନାକାରୀ ଥିଲେ ବିଜେଡି, କଂଗ୍ରେସ ଓ ସି.ପି.ଏମ ଭଳି ରାଜନୈତିକ ଦଳର ପ୍ରତିନିଧିମାନେ । ପ୍ରସ୍ତୁତ ହୋଇ ଆସିଥିଲେ ସେମାନେ ବିଭିନ୍ନ ଯୁକ୍ତି ବାଢ଼ିବା ପାଇଁ । ଆରମ୍ଭରୁ ସେମାନେ କହୁଥିଲେ ଯେ ସେମାନଙ୍କର ରାଜନୈତିକ ଦଳର 'ସେଜ୍' ଉପରେ ଯାହା ଦୃଷ୍ଟିକୋଣ ଥାଉନା କାହିଁକି ବ୍ୟକ୍ତିଗତ ସ୍ତରରେ ସେମାନେ ଏହାର ଘୋର ବିରୋଧୀ । ଯେକୌଣସି ଦୃଷ୍ଟିରୁ ଦେଖିଲେ ସ୍ୱତନ୍ତ୍ର ଆର୍ଥିକ ଜୋନ୍ ଆମ ପାଇଁ, ରାଜ୍ୟ ପାଇଁ ଓ ଦେଶ ପାଇଁ ଗ୍ରହଣ ଯୋଗ୍ୟ ନୁହେଁ ଏହା ବଳିଷ୍ଠ ସ୍ୱରରେ ପ୍ରକାଶ ପାଇଥିଲା ସେ ଦିନ । ମୁଁ ଅବାକ୍ ହେଲି ଯେ ମୁଖ୍ୟ ରାଜନୈତିକ ଦଳର ଯେକୌଣସି ମତବାଦ ଓ ଆଭିମୁଖ୍ୟ ଥାଉ ପଛକେ ସେମାନଙ୍କର ଚିନ୍ତାଧାରାରେ କିଛି ସାମଞ୍ଜସ୍ୟ ରହିଛି ।

ପଶ୍ଚିମବଙ୍ଗର ସିଙ୍ଗୁର ଓ ନନ୍ଦିଗ୍ରାମ ଏବଂ ଏହା ପୂର୍ବରୁ ଓଡ଼ିଶାର କଳିଙ୍ଗନଗରର ଘଟଣା ପ୍ରବାହ ସମ୍ଭବତଃ ରାଜନୈତିକ ଦଳର ମାନସିକତାକୁ ବଦଳେଇ ଦେଇଛି । ପ୍ରତ୍ୟେକ ରାଜନୈତିକ ଦଳରେ ଆଦର୍ଶବାଦର ପ୍ରଶ୍ନ ଉଠାଇ ଫାଟ ସୃଷ୍ଟି କରିଛି । ଶିଳ୍ପାୟନ ଓ 'ସେଜ୍'କୁ ସାମଗ୍ରିକ ଭାବେ ରାଜନୈତିକ ଦଳମାନେ ସ୍ୱୀକାର କରୁନାହାନ୍ତି । ବର୍ତ୍ତମାନ ଏହି ଉଦାରୀକରଣ ନୀତିକୁ ସମର୍ଥନ କରୁଥିବା ଜାତୀୟ ସରକାର ବିଗତ ମାସମାନଙ୍କର ହୋଇଥିବା ନିର୍ବାଚନରେ ଦେଶର ବିଭିନ୍ନ ସ୍ଥାନରେ ହାରିଛନ୍ତି । ଏହାଛଡା ସ୍ୱତନ୍ତ୍ର ଆର୍ଥିକ ଜୋନ୍ ପାଇଁ ଯେଉଁ ମାତ୍ରାରେ ଓ ଯେଉଁ ଢ଼ଙ୍ଗରେ ଜମି ଅଧିଗ୍ରହଣ କରାଯାଇଛି ତାହା ବିରୁଦ୍ଧରେ ସଶକ୍ତ ଜନଆନ୍ଦୋଳନ ମୁଣ୍ଡ ଟେକିଛି ଦେଶସାରା । ଅସନ୍ତୋଷର ଯେଉଁ ନିଆଁ ଜଳୁଛି ତାହାର ପ୍ରଭାବରେ ଉପା(UPA) ସରକାରଙ୍କୁ ନିର୍ବାଚନରେ ପରାଜୟର ସମ୍ମୁଖୀନ ହେବାକୁ ପଡିଛି । ନନ୍ଦିଗ୍ରାମ ଗୁଳିକାଣ୍ଡ ପରେ ପଶ୍ଚିମ ବଙ୍ଗରେ ବାମପନ୍ଥୀ ସରକାର ଅହେତୁକ ଭାବେ ଲୋକପ୍ରିୟତା ହରାଇ ବସିଛନ୍ତି । ସାଧାରଣ ଲୋକେ ବୁଝି ସାରିଛନ୍ତି ଯେ ବାମପନ୍ଥୀ ହୁଅନ୍ତୁ ବା ଦକ୍ଷିଣପନ୍ଥୀ ହୁଅନ୍ତୁ ଶିଳ୍ପାୟନ ଓ 'ସେଜ୍' ପ୍ରତି ଆଭିମୁଖ୍ୟ ଅଭିନ୍ନ । ତେଣୁ ନିର୍ବାଚନ କ୍ଷେତ୍ରରେ ପ୍ରତ୍ୟେକ ରାଜନୈତିକ ଦଳ ଆଜି ଆଶଙ୍କାଗ୍ରସ୍ତ ଯେ ସେମାନେ କ୍ଷମତାକୁ ଆସିବେ କି ନାହିଁ । ଏବେ କେତେ ଦଳ ନିଜର ସ୍ୱର ବଦଳେଇ ସାରିଲେଣି । 'ଆମ ଆଦ୍‌ମୀ' କଥା ପ୍ରଧାନମନ୍ତ୍ରୀ ଏବଂ ଉପା(UPA) ସରକାର ଏବେ କହିବାକୁ ପଛାଉନାହାଁନ୍ତି । ସମତା ଓ ସମାନତା କଥା ମଧ୍ୟ ରାଜନୈତିକ ଭାଷାକୋଷରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିସାରିଲାଣି । ଗରିବ ଓ ଚାଷୀମାନଙ୍କୁ ଶତ୍ରୁ କରି ଅପ୍ରିୟ ହେବା ଓ କ୍ଷମତାଚ୍ୟୁତ ହେବାକୁ କେହି ସମ୍ଭବତଃ ଚାହୁଁ ନାହାଁନ୍ତି । ଜନଶକ୍ତିକୁ ରାଜନୈତିକ ଦଳ ଭୟ କରିବେ ନାହିଁକି ?

Digitized by srujanika@gmail.com

କିନ୍ତୁ ସ୍ୱତନ୍ତ୍ର ଆର୍ଥିକ ଜୋନ୍ କହିଲେ ଆମେ କ'ଣ ବୁଝୁ ? 'ସେଜ୍' ହେଉଛି ଘରୋଇ କମ୍ପାନୀ ଦ୍ୱାରା ଅଧିକୃତ ଏକ ଅଞ୍ଚଳ ଯାହା ଦେଶ ଭିତରେ ରହି ମଧ୍ୟ ବିଦେଶୀ ଇଲାକାର ମାନ୍ୟତା ପାଇବ । ଏ ଅଞ୍ଚଳର ଚାରିପାଖେ ଦୁର୍ଗ ବା କିଲ୍ଲା ଭଳି ସୁଉଚ୍ଚ ପାଚେରୀ ଗଢ଼ାଯିବ । ଏ ଅଞ୍ଚଳ ଭିତରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ଗୁଡିକୁ ସବୁପ୍ରକାର ଟିକସ ରିହାତି ମିଳିବ । ଅର୍ଥାତ ବିକ୍ରିକର, ଆୟକର, ସେବାକର ଆଦି ଦେବାକୁ ପଡିବ ନାହିଁ । ଏ ଅଞ୍ଚଳରେ ଏ ଦେଶର ଯାହାକିଛି ଆଇନ୍ ଅଛି ତାହା ସହଜରେ ଲାଗୁ ହେବ ନାହିଁ । ବିଶେଷ ଭାବେ ଶ୍ରମ ଆଇନ୍ 'ସେଜ୍'ରେ ପ୍ରଯୁଜ୍ୟ ହେବ ନାହିଁ । ଏଇଭଳି ଅନେକ ଶାସନସମ୍ପର୍କିତ ଆଇନ୍ କାନୁନ୍ 'ସେଜ୍'ର ସରହଦ ମାଡିବ ନାହିଁ ବା ଆଇନ୍ ଭଙ୍ଗ ହେଲେ ତାହାର ନ୍ୟାୟିକ ବିଚାର ହେବ ନାହିଁ । ଏଥିପାଇଁ ଭାରତ ସରକାର 'ସେଜ୍'କୁ କ୍ରିୟାନ୍ୱିତ କରିବା ପାଇଁ ଆଇନ୍ କରିଛନ୍ତି ଓ ନୀତି ନିୟମ ତିଆରି କରିଛନ୍ତି । ଓଡ଼ିଶା ସମେତ ପ୍ରତ୍ୟେକ ରାଜ୍ୟ ମଧ୍ୟ ଆନୁଷଙ୍ଗିକ ଭାବେ ବିଭିନ୍ନ ନୀତି ନିୟମ ତିଆରି କରିଛନ୍ତି ? ଭାରତ ଲକ୍ଷ୍ୟ ରଖିଛି ୫୦୦ ସେଜ୍‌କୁ ସ୍ୱୀକୃତି ଦେବା ପାଇଁ । ବର୍ତ୍ତମାନ ୧୯ଟି ରାଜ୍ୟରେ ୨୩୭ଟି ସେଜ୍ ପ୍ରତିଷ୍ଠା କରିବାକୁ ସ୍ଥିର କରାଯାଇଛି ।

ଏ ଭିତରୁ ୬୩ଟି ବିଧିବଦ୍ଧ ଭାବେ ସ୍ୱୀକୃତି ଲାଭ କରି ଘୋଷଣାପତ୍ରମାନ ଜାରି କରାଗଲାଣି । ଓଡ଼ିଶାରେ ୧୨ଟି ସେଜ୍ ସ୍ୱୀକୃତି ପାଇଛି । ଆହୁରି ଅନେକ ସ୍ୱୀକୃତି ପାଇବାର ଅପେକ୍ଷାରେ ଅଛନ୍ତି । ସବୁ କମ୍ପାନୀ ଓ କର୍ପୋରେଟ୍ 'ସେଜ୍'ର ମାନ୍ୟତା ପାଇବା ପାଇଁ ପ୍ରତିଯୋଗିତା କରୁଛନ୍ତି । ଏ ଭିତରେ ସାରାଦେଶରେ ୨୩ଟି ସେଜ୍ ସେମାନଙ୍କର କାର୍ଯ୍ୟଦକ୍ଷତା ହାସଲ କରି ସାରିଲେଣି । ଏଥିପାଇଁ ପ୍ରାୟ ୧୫୦,୦୦୦ ହେକ୍ଟର ଉର୍ବର ଓ ଋଷୋପଯୋଗୀ ଜମି ଅଧିଗ୍ରହଣ କରିବା ପ୍ରକ୍ରିୟା ଆରମ୍ଭ ହୋଇଗଲାଣି । ଗୁଡଗାଁର ପାଖରେ ଓ ବମ୍ବେ ସହରର ଉପକଣ୍ଠରେ ରିଲାୟାନ୍ସ ଭଳି କମ୍ପାନୀ ହଜାର ହଜାର ଏକର ଜମି ସରକାରଙ୍କ ଠାରୁ ଏବଂ ଚାଷୀମାନଙ୍କଠାରୁ କିଣିବାକୁ ଅହର୍ନିଶ ଉଦ୍ୟମ କରୁଛନ୍ତି । ଏ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବାକୁ ପ୍ରଧାନମନ୍ତ୍ରୀ ଖୋଦ୍ ଯଥେଷ୍ଟ ଆଗ୍ରହ ଦେଖାଉଛନ୍ତି । ସବୁଠାରୁ ଦୁଃଖର ବିଷୟ ଯେ ଚୀନ୍‌ରେ 'ସେଜ୍'କୁ ବିଶ୍ୱରେ ପ୍ରଥମେ ମାନ୍ୟତା ଦିଆଯାଇଥିଲେ ମଧ୍ୟ ଏବେସୁଦ୍ଧା ୭ଟି ମାତ୍ର 'ସେଜ୍' ପ୍ରତିଷ୍ଠା କରାଯାଇଛି । ସେଗୁଡିକୁ ରାଷ୍ଟ୍ରନିୟନ୍ତ୍ରଣ କରୁଛି । ଭାରତରେ 'ସେଜ୍' ଗୁଡିକରେ କର୍ମ ସଂସ୍ଥାନର ସୁବିଧା ନଥିବା ବେଳେ ଚୀନ୍‌ର 'ସେଜ୍' ବ୍ୟାପକ କର୍ମ ନିଯୁକ୍ତି ପାଇଁ ଯେମିତି ସୃଷ୍ଟି ହୋଇଛନ୍ତି । 'ସେଜ୍' ଗୁଡିକ ଭାରତରେ କାର୍ଯ୍ୟକାରୀ ହେଲେ ଦଶଲକ୍ଷ କୃଷକ ଓ କୃଷିଜୀବୀ ପ୍ରଭାବିତ ହେବା ଅଟକଳ କରାଯାଇଛି । 'ସେଜ୍'ରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳର ବିନିଯୋଗ ହେଉଥିବାରୁ, କର୍ମ ସୃଷ୍ଟି ହେବାର ସୁଯୋଗ ପ୍ରାୟ ନାହିଁ କହିଲେ ଚଳେ । ତେବେ 'ସେଜ୍' କାହା ପାଇଁ ?

Digitized by srujanika@gmail.com

ସବୁଠାରୁ ଭୟାନକ ବିଷୟ ହେଉଛି ଯେ ସେଜ୍ ଗୁଡିକ ଗ୍ରୀକ୍ ଓ ରୋମାନ ସଭ୍ୟତା ସମୟର ନଗର ସାମ୍ରାଜ୍ୟ (City - State) ଭଳି ମୁଣ୍ଡ ଟେକିବେ । ଏଥିରେ ସବୁ ଆଇନ୍‌କୁ କୋହଳ କରାଯାଇ ବ୍ୟବସାୟକୁ ଲାଭଜନକ କରାଯିବ । ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ରାସ୍ତା, ବିଜୁଳି, ପାଣି ଏବଂ ଆଭ୍ୟନ୍ତରୀଣ ନିରାପତ୍ତାର ବ୍ୟବସ୍ଥା ପାଇଁ ଯଥେଷ୍ଟ ପଦକ୍ଷେପ ନିଆଯିବ । ଅନ୍ୟ ଶବ୍ଦରେ କହିଲେ ବୁଝାଯିବ ଯେ 'ସେଜ୍' ଭିତରେ ରହୁଥିବା ବ୍ୟକ୍ତିମାନେ 'ସେଜ୍' ବାହାରେ ରହୁଥିବା ମଣିଷଙ୍କଠାରୁ ଉପରଶ୍ରେଣୀର ନାଗରିକ ବୋଲି ଗଣାଯିବେ । ଏଥିରେ ଦେଶ କୋଟି କୋଟି ଟଙ୍କାର ଆୟ ହରାଇବ । 'ସେଜ୍' ଜମି ଦଲାଲମାନଙ୍କ ହାତରେ ରହିବ । ଅନ୍ୟ ଅର୍ଥରେ କହିଲେ ଆମର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଜମି ଦଲାଲ୍ ବା ଇଷ୍ଟେଟ୍ ଏଜେଣ୍ଟ ବା ପ୍ରପର୍ଟି ଡିଲର୍ (Property Dealer) ହିସାବରେ ଆଖ୍ୟାୟିତ ହେବେ ।

ଆଜି ସବୁଠାରୁ ଦୁଃଖର ବିଷୟ ହେଉଛି ଯେ 'ସେଜ୍' ଦ୍ୱାରା ଏ ଦେଶର ଆଇନ୍ ଓ ସାମ୍ବିଧାନିକ ବ୍ୟବସ୍ଥା ଗୁରୁତର ବ୍ୟାହତ ହେବ । ପ୍ରଥମେ ଆମର ସମ୍ବିଧାନ ଓ ସାମ୍ବିଧାନିକ ଅଧିକାର ପ୍ରତି ବିପଦ ଘନେଇ ଆସିବ । ଆମ ସମ୍ବିଧାନର ତୃତୀୟ ଭାଗ (Part- III) ରେ ଯେଉଁ ମୌଳିକ ଅଧିକାର ଗୁଡିକୁ ନାଗରିକମାନଙ୍କୁ ଦିଆଯାଇଛି ତାହା କ୍ଷୁର୍ଣ୍ଣ ହେବ । ଆଇନ୍ ସମ୍ମୁଖରେ ସମସ୍ତେ ଯେ ସମାନ, ତାହା କେତେକଙ୍କ ପ୍ରତି ଲାଗୁ ହେବ ନାହିଁ । ଭାରତୀୟ ନାଗରିକଙ୍କ ସ୍ୱାଧୀନତା ଅଧିକାର(Right to Freedom), ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା, ଶୋଷଣ ବିରୋଧରେ ଅଧିକାର, ସ୍ୱାଧୀନ ମତାମତ ଦେବାର ଅଧିକାର ଆଦି ବ୍ୟବସ୍ଥାଗୁଡିକ ଆଉ ସୁରକ୍ଷିତ ରହିବେ ନାହିଁ । ଶ୍ରମ ଆଇନ୍, ଶିଳ୍ପ ସଂକ୍ରାନ୍ତୀୟ ଆଇନ୍, ଫ୍ୟାକ୍ଟ୍ରୀ ଆଇନ୍, ସର୍ବନିମ୍ନ ମଜୁରି ଆଇନ୍, ଶ୍ରମିକ ସଂଘ ଆଇନ୍ ଆଦି କେତେକ ମୂଳ ଆଇନ୍ ସେଜରେ ଲାଗୁ ହେବ ନାହିଁ । ଆହୁରି ମଧ୍ୟ ପରିବେଶ ସୁରକ୍ଷା ଆଇନ୍, ପଞ୍ଚାୟତ ଆଇନ୍, ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ଆଇନ୍ ଓ ବିଭିନ୍ନ ମାନବାଧିକାର ସମ୍ବନ୍ଧୀୟ ଆଇନ୍ ମଧ୍ୟ 'ସେଜ୍'ର ସୀମା ଭିତରେ ଲାଗୁ ହେବ ନାହିଁ । ବାହାରୁ ଆସୁଥିବା ଶ୍ରମିକ ବା ନାଗରିକମାନେ 'ସେଜ୍' ଭିତରକୁ ଆସିବାକୁ ଚାହିଁଲେ ପରମିଟ୍ କାଟିବାକୁ ହେବ । 'ସେଜ୍' ଭିତରର ଲୋକଙ୍କ ସୁଖ ସ୍ୱାଛନ୍ଦ୍ୟ ଓ ନିରାପତ୍ତା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯିବ । କ୍ଲବ୍, ସୁଇମିଂପୁଲ, ସପିଙ୍ଗ୍‌ମଲ୍, ରାସ୍ତା, ବିଜୁଳି, ପାଣି ଆଦିର ବ୍ୟାପକ ଓ ଅପରିମିତ ବ୍ୟବସ୍ଥା କରାଯିବ । ଅର୍ଥାତ୍ ଦେଶର ସାଧାରଣ ନାରିକଙ୍କ ପାଇଁ ଯାହା ପ୍ରଯୁଜ୍ୟ ତାହା 'ସେଜ୍' ବାସିନ୍ଦାଙ୍କ ପ୍ରତି ଲାଗୁ ହେବ ନାହିଁ ।

ଆଗରୁ ଉଲ୍ଲେଖ କରିଛି ଯେ, ଭାରତସାରା 'ସେଜ୍' ଓ ଶିଳ୍ପାୟନ ବିରୋଧରେ ଜନ ଆନ୍ଦୋଳନ ପ୍ରବଳରୁ ପ୍ରବଳତର ହେବାକୁ ଲାଗିଛି । ଦକ୍ଷିଣ ଭାରତରେ କୋକାକୋଲା ବିରୁଦ୍ଧରେ, ପଶ୍ଚିମ ଭାରତରେ ରାଇଗଡ ଠାରେ ଏବଂ ଗ୍ରେଟର୍ ମୁମ୍ବାଇରେ ରିଲାୟାନ୍‌ସ ବିରୁଦ୍ଧରେ, ପୂର୍ବ ଭାରତରେ କଳିଙ୍ଗନଗର, ନନ୍ଦିଗ୍ରାମ, ଯାଦୁଗୁଡା ୟୁରାନିୟମ ଖଣି ବିରୋଧରେ,

Digitized by srujanika@gmail.com

ଉତ୍ତର ଭାରତରେ ହରିୟାନାର ଗୁଡଗାଁ, ପଞ୍ଜାବର ବର୍ଣ୍ଣଲାଠାରେ ଏବଂ ଉତ୍ତର ପୂର୍ବ ଭାରତରେ ମଣିପୁର ଓ ମେଘାଳୟରେ ବିଭିନ୍ନ ଜନ ଆନ୍ଦୋଳନ ମୁଣ୍ଡ ଟେକିଛି 'ସେଜ୍' ପ୍ରସ୍ତାବକୁ ନେଇ । ହିଂସକ ଘଟଣାମାନ ଘଟି ସାରିଛି । ସଂଘର୍ଷ ଜାରି ରହିଛି ।

ଏଇଥିପାଇଁ 'ସେଜ୍' ଓ ଶିଳ୍ପାୟନକୁ ଜନବିରୋଧୀ କୁହାଯାଇ ପାରେ ଓ ଏହାର ବିକଳ୍ପ ଚିନ୍ତା କରାଯାଇପାରେ । ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର ଅମିତ୍ ଭାଦୁଡି ଓ ଶ୍ରୀଯୁକ୍ତ ନୀତିନ୍ ଦେଶାଇ ଆଦି ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି । ବିଭିନ୍ନ ନାଗରିକ ସମାଜ ଆଜି 'ସେଜ୍' ବିରୁଦ୍ଧରେ ବିକଳ୍ପର ସନ୍ଧାନରେ ଅଛନ୍ତି । ସେ ବିକଳ୍ପମାନଙ୍କର ସାରାଂଶ ଗୁଡିକ ନିମ୍ନରେ ଉଲ୍ଲେଖ କରାଗଲା ।

ପ୍ରଥମ ଯୁକ୍ତି ହେଲା ଯେ, ଯଦି 'ସେଜ୍' ପାଇଁ ନିୟମକାନୁନ୍ ସବୁ ଯୁକ୍ତିଯୁକ୍ତ, ତାହାହେଲେ ତାହା ସାରା ଦେଶପ୍ରତି ତାହା ଲାଗୁ ହେବା ଦରକାର । କେବଳ କେତେ ଲକ୍ଷ ଏକର ଜମି ପାଇଁ ନୁହେଁ ।

ଦ୍ୱିତୀୟ ଯୁକ୍ତି ହେଲା 'ସେଜ୍'ରୁ ଉତ୍ପାଦିତ ସାମଗ୍ରୀ ଆନ୍ତର୍ଜାତିକ ବଜାର ପାଇଁ ଉଦ୍ଦିଷ୍ଟ । ଏହାକୁ ଭାଙ୍ଗିବାକୁ ହେଲେ ଆମେ ଆମର ଆଭ୍ୟନ୍ତରୀଣ ବଜାରକୁ ବ୍ୟାପକ ଓ ସମୃଦ୍ଧ କରିବାକୁ ହେବ ।

ତୃତୀୟ ଯୁକ୍ତି ହେଲା 'ସେଜ୍' ଅତି ଅଳ୍ପ ମାତ୍ରାରେ କର୍ମଯୋଗାଣ କରିବ । ଆମ ପାଇଁ ଜାତୀୟ ନିଶ୍ଚିତ କର୍ମଯୋଗାଣ ଆଇନ୍‌କୁ କାର୍ଯ୍ୟାନ୍ୱିତ କରିବା ନିତାନ୍ତ ଆବଶ୍ୟକ । ଜୀବନଜୀବିକା ଓ ସମ୍ମାନର ସହ ନିଯୁକ୍ତି ଦ୍ୱାରା 'ସେଜ୍' ପ୍ରତି ଯେଉଁ ଆକର୍ଷଣ ଅଛି ତାହା ଭାଙ୍ଗିବାରେ ସାହାଯ୍ୟ କରିବ ।

ଚତୁର୍ଥ ଯୁକ୍ତି ହେଲା ଯେ 'ସେଜ୍' ଯେଉଁ ବୈଦେଶିକ ପୁଞ୍ଜି ଆକର୍ଷଣ କରୁଛି ତାହା ଆଭ୍ୟନ୍ତରୀଣ ସମ୍ବଳ ଯୋଗାଡ ଏବଂ ବିଭିନ୍ନ ଅନୁପଯୁକ୍ତ ଅର୍ଥନୀତିକୁ ବାତିଲ୍ କରିବା ଦ୍ୱାରା ମୁକାବିଲା କରାଯାଇ ପାରିବ ।

ତର୍ଜମା କରିଲେ ଓ ଇତିହାସର ପୃଷ୍ଠଭୂମିକୁ ଦେଖିଲେ 'ସେଜ୍' ଭଳି ବହିର୍ଦେଶୀୟ ମଡେଲକୁ ବହିଷ୍କାର କରିବା ଆମର କର୍ତ୍ତବ୍ୟ ହୋଇଯିବ । ଗାନ୍ଧୀଜିଙ୍କ 'ସ୍ୱଦେଶୀ ଆନ୍ଦୋଳନ'ର ଲକ୍ଷ୍ୟ ଏହାହିଁ ଥିଲା । ତିଲକଙ୍କ 'ସ୍ୱରାଜ୍ ମୋର ଜନ୍ମଗତ ଅଧିକାର'ର ଅର୍ଥ ଏହାହିଁ ଥିଲା ।

ମୁଁ ଆଶା କରିବି ଯେ ଭୋକ ଉପାସରେ ରହୁଥିବା ଏ ଦେଶର ଅଗଣିତ ନରନାରୀ କେବେହେଲେ 'ସେଜ୍'ଭଳି ବିଦେଶୀ କଥାରେ ମୋହଗ୍ରସ୍ତ ହେବେ ନାହିଁ ଓ ନିଜର ସ୍ୱାଭିମାନ ପାଇଁ ଲଢ଼େଇ କରିବେ ।

□□□

Digitized by srujanika@gmail.com

ନଙ୍ଗଲଘାଟ: ଓଡ଼ିଶାରେ ଦାରିଦ୍ର୍ୟ ଓ ଅନାହାରର ଏକ ନିର୍ଲଜ୍ଜ ଉଦାହରଣ

ଶ୍ରୀ ଖୁଟୁରାମ ସୁନାନୀ ଆଜି ସରକାରଙ୍କ ସବୁ ଆକ୍ରମଣର ଶରବ୍ୟ । ଖୁଟୁରାମ ସହ ବ୍ୟକ୍ତିଗତ ବନ୍ଧୁତା ମୋର ନଥିଲେ ମଧ୍ୟ ମୁଁ ତାଙ୍କୁ କେତେ ବର୍ଷ ହେବ ଜାଣିଛି । ସେ ଜଣେ ସାମାଜିକ କର୍ମୀ ଓ ପଶ୍ଚିମ ଓଡ଼ିଶାର ଜଣେ ଗ୍ରାମ୍ୟ ସାମ୍ବାଦିକ । ନୂଆପଡା ଓ କଳାହାଣ୍ଡି ଅଞ୍ଚଳର ବାସ୍ତବ ସମସ୍ୟା ଉପସ୍ଥାପନା କରି ସେ ସୁନାମ ଅର୍ଜନ କରିଛନ୍ତି । ଆମର ସମ୍ବାଦପତ୍ର ଓ ପତ୍ରପତ୍ରିକାମାନେ ସର୍ବଦା ଲୋକପ୍ରିୟତା ବଢାଇବା ପାଇଁ ବିଭିନ୍ନ ଶସ୍ତା ଓ ମୂଲ୍ୟହୀନ ସମ୍ବାଦ ଓ ପ୍ରତିଲେଖା ପ୍ରକାଶ କରିଥାଆନ୍ତି । ଅଥଚ ଖୁଟୁରାମ ସୁନାନୀ ଦାରିଦ୍ର୍ୟ ଓ ଅନାହାରର କରୁଣଚିତ୍ର ବର୍ଣ୍ଣନା କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ । ଆଜି ତାଙ୍କ ଉପରେ ପ୍ରଶାସନ ଭୀଷଣ ଅସନ୍ତୁଷ୍ଟ ଓ ପ୍ରତିଶୋଧ ପରାୟଣ । ତାଙ୍କର ଦୋଷ ହେଲା ଯେ ନୂଆପଡ଼ା ଜିଲ୍ଲାର ସିନାପାଲି ବ୍ଲକ୍ ଅନ୍ତର୍ଗତ ନଙ୍ଗଲଘାଟ ଗାଁରେ ଲୋକ ଅନାହାର ପ୍ରପୀଡିତ ହୋଇ ପଥର ଖାଉଛନ୍ତି ବୋଲି ସେ ଟିଭି ଚ୍ୟାନେଲ୍ ଜରିଆରେ ପ୍ରଚାର କରିଛନ୍ତି । ପ୍ରଶାସନ ଦୃଷ୍ଟିରେ ଏଇଭଳି ଏକ ଅତିରଞ୍ଜିତ ଓ ଉଦ୍‌ଭଟ ସମ୍ବାଦ ପ୍ରକାଶ କରିବା ଭୀଷଣ ଦୋଷାବହ ଓ ଗର୍ହିତ ପଦକ୍ଷେପ । ସେଇଥିପାଇଁ ଖୁଟୁରାମ ସୁନାନୀଙ୍କ ବିରୋଧରେ ଦେଶଦ୍ରୋହ ଭଳି ଅଭିଯୋଗ ଆସିଛି ଓ ସରକାରଙ୍କ ପକ୍ଷରୁ ବିଭିନ୍ନ ମକଦ୍ଦମା ଦାୟର କରାଯାଇଛି । ସେ ଆତ୍ମଗୋପନ କରିଛନ୍ତି ଅଥବା ହାଇକୋର୍ଟରୁ ଆଗୁଆ ଜାମିନ୍ ଆଣିବା ପାଇଁ ଉଦ୍ୟମ କରୁଛନ୍ତି । ଖୁଟୁରାମ ସୁନାନୀ ମଣିଷ ପଥର ଖାଇବାଭଳି ଅବିଶ୍ୱସନୀୟ ସମ୍ବାଦ ପ୍ରକାଶ କରିବା ପଛରେ କି ରହସ୍ୟ ଅଛି ? ସରକାରୀକଳ ଖୁଟୁରାମ ସୁନାନୀଙ୍କ ପଛରେ ପଡିବା ଉଦ୍ଦେଶ୍ୟ କ'ଣ ? ଏହା ଆଲୋଚନା ଯୋଗ୍ୟ ବୋଲି ମୁଁ ଏ ସ୍ତମ୍ଭରେ ଉପସ୍ଥାପନା କରୁଛି ।

ଏ ଲେଖକ ନଙ୍ଗଲଘାଟ ଗାଁରେ ଅଚାନକ ପହଞ୍ଚିଥିଲା ସେହି ସମୟରେ । ଓଡ଼ିଶା ଓ ଛତିଶଗଡ଼ ସୀମାରେ ଏ ଗାଁ ଅବସ୍ଥିତ । ନଙ୍ଗଲଘାଟ ଗାଁ ନୁହେଁ, ଏହା ଗୋଟିଏ ପଡା । ମୂଳଗାଁର ନାମ ହେଉଛି ଜାମବାହାଲି । ପଞ୍ଚାୟତର ନାମ ହେଉଛି ଘାଟମାଲ୍ । ସିନାପାଲି

Digitized by srujanika@gmail.com

ବ୍ଲକ୍ ସଦରକାର୍ଯ୍ୟାଳୟ ଠାରୁ ୨୫କି.ମି. । ଉଦନ୍ତୀ ନଦୀ ବର୍ଷର ଅନେକ ଦିନ ଗାଁଟିକୁ ବାହାର ଜଗତରୁ ବିଛିନ୍ନ କରି ରଖେ । ୧୨୫କି.ମି. ଦୂରରେ ଥିବା ନୂଆପଡା ସଦର ମହକୁମାରୁ ଆସି ସେଠାରେ ପହଞ୍ଚିବାକୁ ସାହସ ଲୋଡା ହୁଏ । ଭୁବନେଶ୍ୱରରୁ ଜଣେ ଆସି ନଙ୍ଗଲଘାଟ ଗାଁରେ ପହଞ୍ଚିବା ଚନ୍ଦ୍ରମଣ୍ଡଳରେ ପହଞ୍ଚିବା ସହ ତୁଳନା କରାଯାଇପାରେ । ଗାଁଟି ଘଞ୍ଚ ଓ ରିଜର୍ଭ ଜଙ୍ଗଲ ଦ୍ୱାରା ପରିବେଷ୍ଟିତ । ମାତ୍ର ୧୪ଟି ପହରିଆ ସମ୍ପ୍ରଦାୟର ପରିବାରଙ୍କ ବସତି । ମୋଟ ଜନସଂଖ୍ୟା ୩୭ । ପହରିଆମାନେ ଛତିଶଗଡ଼ର ଆଦିମ ଆଦିବାସୀ(Primitive Tribe) ବୋଲି ଗଣା ଯାଉଥିଲେ ମଧ୍ୟ ଓଡ଼ିଶାରେ ସେମାନେ ଉଚ୍ଚବର୍ଗରେ ଅନ୍ତର୍ଭୁକ୍ତ । କାରଣ ସେମାନେ ତଫସିଲଭୁକ୍ତ ଜନଜାତି, ଆଦିବାସୀ ବା ପଛୁଆବର୍ଗଙ୍କ ତାଲିକାରେ ଅନ୍ତର୍ଭୁକ୍ତ ନୁହଁନ୍ତି । ଏଇଥିପାଇଁ କୌଣସି ପ୍ରକାର ସରକାରୀ ସୁବିଧା ପାଇବାରୁ ସେମାନେ ବଞ୍ଚିତ ହୋଇଛନ୍ତି । ଯେତେ ପ୍ରକାର ଆବେଦନ କରିଲେ ମଧ୍ୟ ପହରିଆମାନଙ୍କୁ ଆଦିବାସୀ ବୋଲି ସ୍ୱୀକାର କରାଯାଇ ନାହିଁ ଓଡ଼ିଶାରେ । ଜଙ୍ଗଲ ଭିତରେ ଚାଷ କରିବା ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ସେମାନଙ୍କର ମୁଖ୍ୟ ଜୀବିକା । କିନ୍ତୁ ରିଜର୍ଭ ଜଙ୍ଗଲ ଭିତରେ ଜୀବିକା ନିର୍ବାହ କରିବା ଅର୍ଥ ଜଙ୍ଗଲ ବିଭାଗର ଆଇନ୍ ଓ ପ୍ରଶାସନ ପାଖରେ ଆତ୍ମସମର୍ପଣ କରିବା । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଅଙ୍ଗନବାଡି, ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦିରୁ ନିଶ୍ଚିତ ଭାବେ ବଞ୍ଚିତ ସେମାନେ ବର୍ଷ ବର୍ଷ ଧରି । ବ୍ରିଟିଶ୍ ସରକାରଙ୍କ ଡି.ଏଫ.ଆଇ.ଡି.(DFID)ର ଅନୁଦାନରେ ଚାଲିଥିବା ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ସମୃଦ୍ଧି କାର୍ଯ୍ୟକ୍ରମ (ୱ୍ରଲେପ୍)ରେ ଏ ବସ୍ତିକୁ ଅନ୍ତର୍ଗତ କରାଯାଇଛି ବୋଲି ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର ବିଭିନ୍ନ ପ୍ରଦର୍ଶନ ବୋର୍ଡରୁ ଜଣାପଡୁଛି । କିନ୍ତୁ ସତରେ ସରକାରୀ ଓ ବେସରକାରୀ ସଂସ୍ଥାମାନେ ଏ ଗାଁର ଦାରିଦ୍ର୍ୟ ଓ ଅନାହାର ପ୍ରତି କେତେଟା ସମ୍ବେଦନଶୀଳ ତାହା ଖୁଟୁରାମ ସୁନାନୀଙ୍କ ଟିଭି ଚ୍ୟାନେଲରେ ପ୍ରକାଶିତ ସମ୍ବାଦରୁ ସ୍ପଷ୍ଟ ଜଣାପଡୁଛି । କିନ୍ତୁ ଲୋକେ ପଥର ସତରେ ଖାଉଛନ୍ତି କି ?

ନଙ୍ଗଲଘାଟ ଗାଁର ଶ୍ରୀମତୀ ଦଶମତୀ ପହରିଆ ଅତି ସତର୍କତାର ସହ ମୋ ସାଙ୍ଗରେ ଆଲୋଚନା କରିବାକୁ ଆସିଥିଲେ । ମୋସହ କଥାବାର୍ତ୍ତା କରିବା ପୂର୍ବରୁ ତାଙ୍କ ଘରେ ବି.ଡି.ଓ ମହାଶୟ କୁଆଡେ ବସିଥିଲେ । ଦଶମତୀ କହିଥିଲେ ଯେ, ସେମାନେ ଜୀବନରେ କେବେ ପଥର ଖାଇ ନାହାନ୍ତି । ଖୁଟୁରାମ ସୁନାନୀ ଆସି ଫୁସୁଲେଇ ସେମାନଙ୍କୁ ଟିଭି କ୍ୟାମେରା ଆଗରେ ପଥର ଖାଇବା କଥା କହିବାକୁ ପ୍ରବର୍ତ୍ତେଇ ଥିଲା ଓ ସୁଟିଂ କରିବାରେ ସଫଳ ହୋଇଥିଲା । ଦଶମତୀ ଆହୁରି କହିଥିଲେ ଯେ ତାଙ୍କ ଗାଁରେ କିଛି ଅସୁବିଧା ନାହିଁ । ସବୁପ୍ରକାର ସରକାରୀ ସୁବିଧା ମିଳୁଛି । ପଞ୍ଚାୟତରୁ ଚାଉଳ ମିଳୁଛି । ଡାକ୍ତର, ଏ.ଏନ୍.ଏମ୍. ଦିଦିମାନେ ସବୁବେଳେ ଆସୁଛନ୍ତି । ଅଙ୍ଗନବାଡି ଖାଦ୍ୟ ନିୟମିତ ମିଳୁଛି । ପିଇବା ପାଣିର

Digitized by srujanika@gmail.com

ଅସୁବିଧା ନାହିଁ । ବେସରକାରୀ ସଂଗଠନ ଜଳବିଭାଜିକା କାର୍ଯ୍ୟକ୍ରମରେ ସେମାନଙ୍କୁ ହିତାଧିକାରୀ ହିସାବରେ ଅନ୍ତର୍ଭୁକ୍ତ କରିଚି । ସ୍ୱୟଂ ସହାୟକ ଦଳ ହିସାବରେ ତାଙ୍କଗାଁରେ ମହିଳାମାନେ ପ୍ରତ୍ୟେକ ପାଞ୍ଚହଜାର ଟଙ୍କାର ଅନୁଦାନ ପାଇଛନ୍ତି । ତହସିଲଦାର ଦୁଇଏକର ଜମି ଦେବାକୁ ବ୍ୟବସ୍ଥା କରୁଛନ୍ତି । ବି.ଡି.ଓ ସମସ୍ତଙ୍କୁ ଇନ୍ଦିରାଆବାସ ଦେବାପାଇଁ ପଦକ୍ଷେପ ନେଇଛନ୍ତି । ସବୁକଥା ଠିକ୍ ଠାକ୍ ଚାଲିଛି । ଖୁଟୁରାମ୍ ସୁନାନୀ ଯାହା କହୁଛି ମିଛ କହୁଛି ଓ ସେମାନେ ପଥର ଖାଉଛନ୍ତି ବୋଲି ମିଥ୍ୟା ଅପପ୍ରଚାର କରୁଛି । ଖୁଟୁରାମ ସୁନାନୀଙ୍କୁ ସରକାର ଉଚିତ ଶାସ୍ତି ଦେବା ଦରକାର । ଜଣେ ଗରିବ ଓ ବୟସ୍କା ମହିଳା ଏଭଳି ଦୃଢ଼ ଭାବେ କହିବା ଦେଖି ଅବାକ୍ ହେଲି । ନଙ୍ଗଳଘାଟ ଗାଁରେ ପହରିଆମାନେ ପଥର ଖାଉଛନ୍ତି ବୋଲି ଗଣମାଧମରେ ଖବର ପ୍ରକାଶିତ ହେବାପରେ ଓ ବିଧାନସଭାରେ ଶାସକଦଳ ଓ ବିରୋଧୀଦଳ ଲଢେଇ, କସ୍ରତ୍ କରିବା ପରେ ନଙ୍ଗଳଘାଟ ଗାଁ ଆଜି କର୍ମମୁଖର ହୋଇପଡିଛି । ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଚାଲୁଛି ସେଇଠି । ସଦ୍ୟ ଦୁଇଟି ନଳକୂପ ବସାଯାଇଛି । ଅଙ୍ଗନବାଡି ଘର ଝାଟିମାଟିରେ ତିଆରି କରାଯାଇଛି । ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ବ୍ଲକ୍ କର୍ମଚାରୀ ଓ ଜିଲ୍ଲା ପରିଷଦର ପଦାଧିକାରୀମାନେ ଦିନରାତି ସେଠାରେ ଜଗି ବସିଛନ୍ତି । ପୋଲିସ୍ ବି କେତେଦିନ ସେଠାରେ ଜଗିଥିଲେ । ସମ୍ଭବତଃ ବାହାରର ଲୋକଙ୍କ ଆଗରେ ଗ୍ରାମବାସୀମାନେ ସରକାରଙ୍କ ସମର୍ଥନରେ ଯେମିତି କହିବେ ପ୍ରକାରାନ୍ତେ ବାଧ କରାଯାଉଛି । ଘର ଘର ଭିତରେ ଚାଉଳ ଡାଲି ଭରି ଦିଆଯାଇଛି । ଅଙ୍ଗନବାଡି ଦିଦି ଗାଁରେ ବସାବାନ୍ଧିଛି । ସାଧାରଣ ବଣ୍ଟନ କାର୍ଡରେ ଚାଉଳ ନିୟମିତ ମିଳୁଛି ବୋଲି ଦର୍ଶାଯାଇଛି । ସିଧାସିଧା କହିଲେ ଲୋକଙ୍କୁ କିଣା ଯାଇଛି ଓ ପ୍ରଶ୍ନ ପଚାରିଲେ କି ବକ୍ତବ୍ୟ ଦେବେ ତାହା ସେମାନଙ୍କୁ ଶୁଆ ଘୋଷିଲା ପରି ଶିଖା ଯାଇଛି । ଏ ନାଟକରେ ଶ୍ରୀମତି ଦଶମତୀ ପହରିଆଙ୍କ ଭଳି ବୃଦ୍ଧାଙ୍କୁ ମୁଖ୍ୟ ନାୟିକା ହିସାବରେ ଉଚିତ୍ ଟ୍ରେନିଂ ଦିଆଯାଇଛି । ବିଭିନ୍ନ କମିଟିମାନେ ଏ ଭିତରେ ପରିଦର୍ଶନରେ ଆସିବାରେ ଯୋଜନା ଅଛି । ଭାରତ ସରକାର ମଧ ଏଭଳି ସମ୍ବାଦ ପ୍ରକାଶନରେ କୁଆଡେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବୋଲି ଶୁଣାଯାଉଛି । ଓଡ଼ିଶାରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା କେ.ବି.କେ. ଯୋଜନା, ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ସମୃଦ୍ଧି ଯୋଜନା, ଜାତୀୟ ନିଶ୍ଚିତ କର୍ମ ନିୟୋଜନ ଯୋଜନା ଓ ଅନ୍ୟ ଅର୍ଥ ବହୁଳ ଯୋଜନାମାନଙ୍କର କାର୍ଯ୍ୟକାରିତା ଓ ତଥାକଥିତ ସାଫଲ୍ୟ ଆଜି ପ୍ରଶ୍ନବାଚକ ଚିହ୍ନରେ ପରିଣତ ହୋଇଯାଇଛି । ସେ ଅଞ୍ଚଳର ବିଧାୟକ ହେଉଛନ୍ତି ଦକ୍ଷ ଓ ଦଳିତବର୍ଗର । ମୋ ମତରେ ସେ ଅଞ୍ଚଳର ସମସ୍ୟାକୁ ବୁଝିବା ଓ ସମାଧାନ କରିବାରେ ତାଙ୍କ ଛଡା ଅନ୍ୟ ବିଜ୍ଞ ଓ ଅଭିଜ୍ଞବ୍ୟକ୍ତି କେହି ନାହାନ୍ତି । ତଥାପି ଏ ଦୁଃଖଦ ଅବ୍ୟବସ୍ଥା କାହିଁକି ? ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର ଶକ୍ତି ସାମର୍ଥ୍ୟ ଅଛି ବୋଲି ବିଭିନ୍ନ ସାର୍ଟିଫିକେଟ୍ ପାଇଛି ଅତୀତରେ । କିନ୍ତୁ ଏ

Digitized by srujanika@gmail.com

ପ୍ରକାର ଅବହେଳା କାହିଁକି ? ନୂଆପଡାର ଜିଲ୍ଲାପାଳ ଜଣେ ନବାଗତା ଏବଂ ଯୁବା ପୀଢିର । ତାଙ୍କର ଦକ୍ଷତା ଓ ଗରିବଙ୍କ ପତ୍ରି ସମ୍ବେଦନଶୀଳତା ପାଇଁ ସେ ଖ୍ୟାତି ଅର୍ଜନ କରିଛନ୍ତି । ସମ୍ଭବତଃ ନଙ୍ଗଲଘାଟ ଭଳି ଦୁର୍ଗମ ଇଲାକାରେ କି କି କାମ ଚାଲିଛି ତାହା ଜାଣିବାକୁ ତାଙ୍କୁ ଅବସର ମିଳି ନାହିଁ । ଏ ଚରମ ଅବହେଳା ପାଇଁ କାହାକୁ ଦୋଷ ଦିଆଯିବ ?

ଖୁଟୁରାମ ସୁନାନୀଙ୍କ ସମର୍ଥନରେ ବାହାରିଥିବା ବିଭିନ୍ନ ଶ୍ରେଣୀ ଓ ବର୍ଗର ବ୍ୟକ୍ତିମାନେ ଦୃଢ ଭାବେ କହୁନ୍ତି ଯେ, ଲୋକମାନେ ପଥର ଖାଇବା ତଥ୍ୟରେ ଆଂଶିକ ସତ୍ୟତା ଅଛି । ପହରିଆମାନେ ବହୁ ସମୟରେ ଅଖାଦ୍ୟ ଖାଆନ୍ତି ଓ ଦୂଷିତ ଜଳପାନ କରନ୍ତି । ଏଇଥିପାଇଁ ସଦାସର୍ବଦା ପେଟ ଗୋଳମାଳ ଲାଗି ରହିଥାଏ । ଭୋକର ଜ୍ୱାଳା ବେଳେବେଳେ ଅସହ୍ୟ ହୋଇଥାଏ । ସେଠାରେ ଚକ୍ ଜାତୀୟ ଏକ କଅଁଳିଆ ଓ ଧଳା ପଥର ମିଳିଥାଏ ଯାହାକୁ ଗୁଣ୍ଡକରି ସ୍ଥାନୀୟ ବାସିନ୍ଦା ପାଣିରେ ମିଶାଇ ପିଇଥାଆନ୍ତି । ପିଲାମାନେ ଏହାକୁ କୁଆଡେ ବେଶୀ ଶ୍ରଦ୍ଧାରେ ପିଇଥାଆନ୍ତି । ଏହା ଯଦି ସତ୍ୟ ହୋଇଥାଏ, ତେବେ ସରକାର ଏହାକୁ ଘଣ୍ଟ ନ ଘୋଡାଇ ଯଥାବିଧି ଅନୁସନ୍ଧାନ କରିବାର ଘୋର ଆବଶ୍ୟକତା ଅଛି । ଓଡ଼ିଶାବାସୀ ଓ ନାଗରିକ ସମାଜଙ୍କ ଅସଲ ସତ୍ୟ ଜାଣିବାର ଅଧିକାର ଅଛି । ଖୁଟୁରାମ ସୁନାନୀଙ୍କ ସମ୍ବାଦ ପ୍ରକାଶନ ପଛରେ କିଛି ରାଜନୀତି ଅଛି କି ? ଖୁଟୁରାମ ସେ ଅଞ୍ଚଳରେ କର୍ମରତ ଆଉ ଗୋଟିଏ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସହ ସଂପୃକ୍ତ ଯାହାକି ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ପ୍ରତି ବିରୋଧାଭାସ ଅତୀତରେ ପ୍ରକଟ କରିଛି । ପରସ୍ପର ଭିତରେ ଅସହିଷ୍ଣୁ ଭାବନା ଓ ସେ ଅଞ୍ଚଳକୁ ନିଜନିଜର ପ୍ରଭାବ ବିସ୍ତାର କରିବା ପାଇଁ ଅସୁସ୍ଥ ପ୍ରତିଯୋଗିତା । ଖୁଟୁରାମ ଖୁବ୍ ଭଲଭାବେ ଏକଥା ଜାଣିଛନ୍ତି । ସମ୍ଭବତଃ ସବୁ କିଛିର ପର୍ଦ୍ଦାଫାସ ପାଇଁ ଏହା ଏକ ଅଭିନବ ଉଦ୍ୟମ ।

ମୁଁ କିନ୍ତୁ ଖୁଟୁରାମ ସୁନାନୀଙ୍କ ଧନ୍ୟବାଦ ଦେବି ନଙ୍ଗଲଘାଟ ଗ୍ରାମର ବାସ୍ତବ ପରିସ୍ଥିତି ଲୋକ ଲୋଚନକୁ ଆଣିଥିବା ଯୋଗୁଁ । ବର୍ତ୍ତମାନ ସେଠାରେ ପ୍ରଶାସନ ଓ ରାଜନୀତି ଉଭୟ ସକ୍ରିୟ । ଦେଖିବାର ଅଛି ଯେ ସ୍ଥାନୀୟ ପହରିଆମାନଙ୍କ ଦୁରାବସ୍ଥା ସବୁଦିନ ପାଇଁ ଘୁଞ୍ଚିବକି ନାହିଁ ଓ ଅସଲ ବିକାଶର ପରିବେଶ ସୃଷ୍ଟି ହେବ କି ନାହିଁ । ଓଡ଼ିଶା ଓ ଛତିଶଗଡ଼ର ଉପାନ୍ତ ଅଞ୍ଚଳରେ ନଙ୍ଗଲଘାଟ ଭଳି ଅନେକ ଗାଁ ଅଛି ଯାହା ପାଖକୁ ବିଭିନ୍ନ ଯୋଜନା ଏପର୍ଯ୍ୟନ୍ତ ସ୍ପର୍ଶ କରିନାହିଁ ଓ ସ୍ଥାନୀୟ ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକମାନେ କୌଣସି ପ୍ରକାରରେ ଲାଭାନ୍ୱିତ ହୋଇ ନାହାଁନ୍ତି । ନଙ୍ଗଲଘାଟ ଏକ ସାଙ୍କେତିକ ଅବସ୍ଥିତି । ପହରିଆମାନେ ଏଦେଶର କୋଟି କୋଟି ଅସହାୟ, ଶୋଷିତ ଓ ଅବହେଳିତ ମଣିଷଙ୍କ ଅଂଶବିଶେଷ । ପଥର ଖାଇବା ସମ୍ବାଦ ବିଶ୍ୱାସଯୋଗ୍ୟ ନହେଲେ ମଧ୍ୟ ଭୋକଦାଉରେ ଲୋକେ ଅଖାଦ୍ୟ ଖାଇବାରେ ଏକ ଜ୍ୱଳନ୍ତ ଉଦାହରଣ । ଆଉ ଆମେ ସମସ୍ତେ ଏଥିପାଇଁ ଦାୟୀ ନୁହେଁ କି ?

Digitized by srujanika@gmail.com

ଆଜିର ସରକାର, ରାଜନୈତିକ ଦଳ, ନାଗରିକ ସମାଜ ଓ ସ୍ୱେଚ୍ଛାସେବୀ ସଂଗଠନ, ଗଣମାଧ୍ୟମ ଓ ବୁଦ୍ଧିଜୀବିମାନେ ଏ ପରିସ୍ଥିତିରେ ଲଜ୍ଜା ଅନୁଭବ କରୁନାହାନ୍ତି କି ?

ନଙ୍ଗଲଘାଟରୁ ଫେରିବା ବାଟରେ ମୁଁ କଣ୍ଟାବାଞ୍ଜି ଷ୍ଟେସନରେ କିଛି ସମୟ ଅଟିକି ଥିଲି । ଟ୍ରେନ୍ ବିଳମ୍ବ ଥିଲା । ରାୟପୁର ଆଡୁ ଆସୁଥିବା ଦୁଇଟି ଟ୍ରେନ୍ ଷ୍ଟେସନ୍‌ରେ ପହଞ୍ଚିଲାକ୍ଷଣି ଶହ ଶହ ଦୁଃସ୍ଥ ଓ ଅସହାୟ ଲୋକ ଓହ୍ଲାଇବାର ଅବର୍ଣ୍ଣନୀୟ ଦୃଶ୍ୟ ଦେଖିଲି । ମୁଣ୍ଡରେ ଛିଣ୍ଡା ବସ୍ତାର ବୁଜୁଳି । ମୁହଁରେ କ୍ଳାନ୍ତି ଓ ବିଷର୍ଣ୍ଣତା । ଜଣେ ଦୁଇଜଣ ଅସୁସ୍ଥ ହୋଇ ଷ୍ଟ୍ରେଚରରେ ବୋହାଗଲେ । ପିଲା ଛୁଆ, ବୁଢ଼ାବୁଢ଼ୀ, ମାଆର କୋଳରେ ଛୋଟ ପିଲା । ଯୁବକ ଯୁବତୀଙ୍କ ଦେହରେ ମଇଳା ଶସ୍ତା ପୋଷାକ । ଏମାନେ ସବୁ ଗତ ଛଅମାସରୁ ଊର୍ଦ୍ଧ୍ୱ ଦେଶାନ୍ତରୀ ଥିଲେ । କର୍ମ ଅନୁସନ୍ଧାନରେ କାହିଁ ଆନ୍ଧ୍ରପ୍ରଦେଶ, ଗୁଜୁରାଟ, ମହାରାଷ୍ଟ୍ରକୁ ପଳାୟନ କରିଥିଲେ । ଏଥିରୁ କି ସନ୍ଦେଶ ମିଳୁଛି ଆମକୁ ? ସରକାରଙ୍କ ଅସଂଖ୍ୟ ବିକାଶମୂଳକ ଯୋଜନା । ବେସରକାରୀ ସଂଗଠନ ଛତୁ ଫୁଟିଲା ଭଳି ଖୋଲାଯାଉଛି । ଅନୁଦାନ ରାଶି ସୀମାତୀତ । କିନ୍ତୁ ସମସ୍ୟା ବଢୁଛି ଓ ଆହୁରି ବଢୁଛି ।

କଳାହାଣ୍ଡି, ବଲାଙ୍ଗିର ଓ କୋରାପୁଟ (କେ.ବି.କେ) ଅଞ୍ଚଳର ଦାରିଦ୍ର୍ୟ ଓ ଅନଗ୍ରସରତା ଆଦିର ଯେଉଁ ଇତିହାସ ଅଛି ତାହାର ପୁନରାବୃତ୍ତି ହେବାରେ ଲାଗିଛି । ଜମି, ଜଳ, ଜଙ୍ଗଲ ବିନିଯୋଗରେ ଖାଦ୍ୟ ନିରାପତ୍ତା ସମ୍ଭବ ହେବ ବୋଲି ଦୃଢ଼ ଭାବେ କୁହାଯାଉଛି । ଅଥଚ ନଙ୍ଗଲଘାଟ ଗାଁରେ ସବୁଥାଇ ଏ ଅନାହାର କାହିଁକି ? ସମୟ ଆସିଛି ଯେ ଦାରିଦ୍ର୍ୟ, ଶୋଷଣ ଓ ଅନାହାର ଲଢ଼ିବା କୌଣସି ଗୋଟିଏ ବ୍ୟକ୍ତି ବା ସଂଗଠନର ଜମିଦାରୀ ହେବା ଯୁକ୍ତିଯୁକ୍ତ ନୁହେଁ । ଏଥିପାଇଁ ଆବଶ୍ୟକତା ଅଛି ସମସ୍ତଙ୍କର ସହଯୋଗ ଓ ସହଭାଗୀତା । ନଙ୍ଗଲଘାଟ ଗାଁରେ ସରକାର ଆପଣାକୁ ବଞ୍ଚାଇବା ପାଇଁ ସବୁକିଛି ସାହାଯ୍ୟ ଢାଳିଲେ ମଧ୍ୟ ଏକାକୀ ବେଶୀ ବାଟ ଆଗେଇ ପାରିବେ ନାହିଁ । ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ପ୍ରତି ଏହା ମଧ୍ୟ ପ୍ରଯୁଜ୍ୟ । ଆହୁରି ମଧ୍ୟ ଦଶମତୀ ଭଳି କୁହାଳିଆ ସଚେତନ ମାଆମାନେ ସ୍ପଷ୍ଟବାଦୀ ହେବାର ଅଛି । ବସ୍ତାଏ ଚାଉଳ ବା କେଇ ହଜାର ଟଙ୍କାରେ କିଣି ହୋଇଯିବା ଘୋର ଲଜ୍ୟା ଜନକ ବ୍ୟାପାର । ଯଦି ସେଠାରେ ଲୋକମାନେ ଜମିହୀନ ଓ ସେମାନଙ୍କର ଜମି ଉପରେ ଅଧିକାର ଅଛି । ଜଙ୍ଗଲ ମଧ୍ୟ ସେମାନଙ୍କର, ଜଙ୍ଗଲ ବିଭାଗର ନୁହେଁ । ନଙ୍ଗଲଘାଟର ପହରିଆମାନଙ୍କୁ ମିଳୁ ନ୍ୟାଯ୍ୟ ଅଧିକାର ଓ ସ୍ୱତନ୍ତ୍ର ପରିଚୟ । ନଙ୍ଗଲଘାଟର ପରିସ୍ଥିତି ଆଉ ଯେମିତି ସୃଷ୍ଟି ନହେଉ କଦାପି ।

□□□

Digitized by srujanika@gmail.com

ବିଶ୍ୱର ଗଣଦାରିଦ୍ର୍ୟ ଦୂରୀକରଣ କ'ଣ ସମ୍ଭବ ?

ପ୍ରଫେସର ଜେଫରୀ ସାକ୍‌ସ (Jeffery Sachs) ସାମ୍ପ୍ରତିକ ବୁଦ୍ଧିଜୀବୀ ମହଲରେ ବିଶ୍ୱ ପ୍ରସିଦ୍ଧ ଜଣେ ଚିନ୍ତାଶୀଳ ଓ ସମ୍ବେଦନଶୀଳ ଅର୍ଥନୀତିଜ୍ଞ ବୋଲି ପରିଚିତ । ଭୀଷଣ ସ୍ୱପ୍ନବାଦୀ । ୨୦୨୫ ମସିହା ସୁଦ୍ଧା ଏ ପୃଥିବୀରୁ ଦାରିଦ୍ର୍ୟ ହଟାଇବା ଏବଂ ବିଶ୍ୱର ବିକାଶ ମାନଚିତ୍ର ବଦଳେଇବା ପାଇଁ ଅଣ୍ଟା ଭିଡିଥିବା ଜଣେ ଦୃଢପ୍ରତ୍ୟଜ୍ଞ ବ୍ୟକ୍ତି । ଜାତିସଂଘର ଭୂତପୂର୍ବ ସେକ୍ରେଟାରୀ-ଜେନେରାଲ୍ କୋଫି ଆନନ୍‌ଙ୍କର ପରାମର୍ଶଦାତା ହିସାବରେ ସେ ମିଲେନିୟମ୍ ଡେଭେଲପମେଣ୍ଟ (Millenium Development Goal) ବା 'ସହସ୍ରାବ୍ଦ ବିକାଶ ଲକ୍ଷ୍ୟ' ପ୍ରଣୟନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏ ପୃଥିବୀରୁ ଅନାହାର ଦୂରେଇବା ପାଇଁ ଜାତିସଂଘରେ ଯେଉଁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇଥିଲା ତାହାର ସେ ଥିଲେ ଅଧ୍ୟକ୍ଷ । କୋଟି କୋଟି ଅନାହାର ପ୍ରପୀଡିତ ଲୋକଙ୍କ ପେଟକୁ କେମିତି ଦାନା ଆସିବ ଓ ମୁହଁରେ ହସ ଫୁଟିବ, ସେ ଶହେଟି ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ବାଟ ବତାଇଥିଲେ ଓ ଏକ ଅନୁକୂଳମତ ସୃଷ୍ଟି କରିଥିଲେ । ବିକଶିତ ଧନୀରାଷ୍ଟ୍ର ଏବଂ ଅବିକଶିତ ବା ବିକାଶଶୀଳ ରାଷ୍ଟ୍ରମାନଙ୍କ ମିଳିତ ଉଦ୍ୟମରେ ସହଜରେ ଓ ସ୍ୱଳ୍ପଖର୍ଚ୍ଚରେ ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ବୋଲି ସେ ଆଶାବାଦୀ । ମୋ ଭଳି ଅନେକ ସମାଲୋଚକ ତାଙ୍କ ସହ ଏକମତ ନହୋଇ ପାରନ୍ତି, କିନ୍ତୁ ଏ ପୃଥିବୀର ଦରିଦ୍ରତମ ଏକ ପଞ୍ଚମାଂଶ ମଣିଷଙ୍କୁ ସର୍ବନିମ୍ନ ଖାଦ୍ୟ, ବସ୍ତ୍ର, ବାସଗୃହ, ପାନୀୟଜଳ, ସ୍ୱାସ୍ଥ୍ୟ ଓ ପରିମଳ, ଜୀବିକା ଓ କର୍ମନିୟୋଜନ ପାଇଁ ତାଙ୍କର ପ୍ରସ୍ତାବକୁ ସହଜରେ ପ୍ରତ୍ୟାଖାନ କରିପାରିବେ ନାହିଁ ।

ଏ ବିଶ୍ୱର ଗଣ ଦାରିଦ୍ର୍ୟ ବିଷୟରେ ଅତୀତରେ ଯେଉଁ ଅର୍ଥନୀତିଜ୍ଞମାନେ ଆଲୋକପାତ କରିଛନ୍ତି ସେମାନଙ୍କ ଭିତରେ ଅଛନ୍ତି ଗୁନ୍ନାର ମିଡାଲ୍ (Gunnar Myrdal) ଓ ଜନ୍ କେନେଥ୍ ଗଲ୍‌ବ୍ରେଥ (John Kenneth Galbraith) । ଗୁନ୍ନାର ମିଡାଲ ୧୯୭୪ ମସିହାରେ 'ଏସିଆନ୍ ଡ୍ରାମା' ବହିଲେଖି ଅର୍ଥଶାସ୍ତ୍ର ପାଇଁ ନୋବେଲ୍ ପୁରସ୍କାର ପାଇଥିଲେ । ତାଙ୍କର ଅନ୍ୟତମ ବହିଥିଲା 'ଦି ଚାଲେଞ୍ଜ ଅଫ ୱାର୍ଲ୍ଡ ପୋଭର୍ଟି' ଏବଂ ଏଥିରେ ସେ ପୃଥିବୀରେ ଯେଉଁ ଆର୍ଥିକ ଅସମତା ଲାଗି ରହିଛି ତାହା କିପରି ଦୂର ହୋଇପାରିବ ତାହାର ପ୍ରସ୍ତାବମାନ

Digitized by srujanika@gmail.com

ଦେଇଥିଲେ । ପ୍ରସିଦ୍ଧ ଅର୍ଥନୀତିଜ୍ଞ ଗଲ୍‌ବ୍ରେଥ ଲେଖିଛନ୍ତି 'ଦି ନେଚର ଅଫ ମାସ୍ ପୋଭର୍ଟି' (The Nature of Mass Poverty) । ବହିଟିରେ ଗରିବଙ୍କ ଦେଶାନ୍ତରୀ ହେବା ଉଚିତ ବୋଲି ଦର୍ଶାଇଛନ୍ତି । କାରଣ ବିଶ୍ୱ ଅର୍ଥନୀତିରେ ଧନୀ ରାଷ୍ଟ୍ରମାନେ ଯେଉଁ ନୀତି ଗ୍ରହଣ କରିଛନ୍ତି ତାହା ଦ୍ୱାରା ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ନୁହେଁ । ଦାରିଦ୍ର୍ୟ ସମ୍ପର୍କରେ ଆଡାମ୍‌ସ୍ମିଥ (Adam Smith) ତାଙ୍କ ବହି (The Wealth of Nations) 'ଦି ୱେଲ୍‌ଥ ଅଫ ନେସନସ୍' ଜରିଆରେ ପ୍ରମାଣ କରିଛନ୍ତି ଯେ ଦାରିଦ୍ର୍ୟ ଏ ପୃଥିବୀରେ ରହିବ । ଏହାର ଦୂରୀକରଣ ପାଇଁ ମୁକ୍ତ ବାଣିଜ୍ୟ, ଆର୍ଥିକ ପ୍ରତିଯୋଗିତା, ବେପାର ନିର୍ଣ୍ଣୟ କରିବାର ସ୍ୱାଧୀନତା ଆଦିର ଆବଶ୍ୟକତା ରହିଛି । ଏହା ଫଳରେ ଆର୍ଥିକ ବିକାଶ ତ୍ୱରାନ୍ୱିତ ହେବ ଓ ଦାରିଦ୍ର୍ୟ କମା ଯାଇ ପାରିବ । ଆହୁରି ମଧ୍ୟ ମଣିଷ ସମାଜର ଆର୍ଥିକ ଓ ନୈତିକ ଅଭିବୃଦ୍ଧି ସୁଦୃଢ ହୋଇପାରିବ । ଏ ମତାମତ ଥିଲା ୧୭୭୬ ମସିହାରେ ।

ବିଂଶଶତାବ୍ଦୀ ପ୍ରଥମ ଭାଗରେ ଯଦି ଅର୍ଥନୀତିଜ୍ଞ ହିସାବରେ କିଏ ମାନ୍ୟତା ପାଇଥିଲେ ସେ ହେଉଛନ୍ତି ଜନ୍ ମେନାର୍ଡ କେନ୍‌ସ(John Mynard Keynes) ଓ ତାଙ୍କ ମତରେ ରାଷ୍ଟ୍ର ଏବଂ ଘରୋଇ ଅର୍ଥ ବ୍ୟବସ୍ଥା ଉଭୟଙ୍କ ମିଳିତ ଉଦ୍ୟମରେ ଆର୍ଥିକ ଅଭିବୃଦ୍ଧି ସମ୍ଭବ । ଅବାଧ ବଜାର ଓ ବେପାର ବା ଲେସେ ଫେୟାର (Laissez - faire) ଗ୍ରହଣ ଯୋଗ୍ୟ ନୁହେଁ । ରାଷ୍ଟ୍ରର ସବୁକ୍ଷେତ୍ରରେ ହସ୍ତକ୍ଷେପ ଆବଶ୍ୟକ ଓ ଯଥାର୍ଥ । ମୁଁ ଅର୍ଥନୀତିର ଛାତ୍ର ନୁହେଁ । ବୃହତ୍ତର ସମଷ୍ଟି ଅର୍ଥନୀତି ବା ମାକ୍ରୋ-ଇକୋନୋମିକ୍‌ସ (Macro-economics) ଅଥବା ଅଣୁ ଅର୍ଥନୀତି ବା ମାଇକ୍ରୋ-ଇକୋନୋମିକ୍‌ସ (Micro-economics)ର ବିଭିନ୍ନ ଦିଗକୁ ସରଳ କରି ପାଠକଙ୍କ ସମ୍ମୁଖରେ ଉପସ୍ଥାପନା କରିବାରର ଆତ୍ମବିଶ୍ୱାସ ମୋର ନାହିଁ । କିନ୍ତୁ ଜେଫରୀ ସାକ୍‌ସଙ୍କ ମତାମତକୁ ବୁଝିବାକୁ ହେଲେ ଉପରୋକ୍ତ ଅର୍ଥଶାସ୍ତ୍ର ବିଶାରଦମାନଙ୍କୁ ଏବଂ ସେମାନଙ୍କର ମତବାଦକୁ କିଛି ମାତ୍ରାରେ ବିଶ୍ଳେଷଣ କରିବାକୁ ହେବ । ଅର୍ଥଶାସ୍ତ୍ର ଓ ଏ ବିଷୟର ପଣ୍ଡିତମାନେ ପୃଥିବୀର ବିକାଶ ପଥକୁ ଆଲୋକିତ କରିଛନ୍ତି କି ଅମାଅନ୍ଧକାର ଭିତରକୁ ଟାଣି ନେଇଛନ୍ତି କିଛିଟା ଆଭାସ ମିଳିବ ।

ଏବେ ଗତମାସରେ ମୁଁ ବିବିସି ରେଡିଓ ଶୁଣିଲା ବେଳେ ଏ ବର୍ଷର ରେଥ୍ ବକ୍ତୃତାମାଳା ଆନୁକୂଲ୍ୟରେ ଜେଫ୍‌ରୀ ସାକ୍‌ସଙ୍କ ବକ୍ତୃତା ଶୁଣିବାକୁ ସୁଯୋଗ ପାଇଥିଲି । ସେ ପାଞ୍ଚୋଟି ବକ୍ତୃତା ଦେଇଛନ୍ତି । ପ୍ରଥମଟି ଲଣ୍ଡନ୍‌ର ରୟାଲ ସୋସାଇଟିରେ, ଦ୍ୱିତୀୟଟି ଚୀନ୍‌ର ବେଜିଂରେ ଅବସ୍ଥିତ ଥିବା ପେକିଂ ବିଶ୍ୱ ବିଦ୍ୟାଳୟରେ, ତୃତୀୟଟି ହେଲା ଆମେରିକାର କଲମ୍ବିଆ ବିଶ୍ୱବିଦ୍ୟାଳୟରେ । ଚତୁର୍ଥଟି ଥିଲା ଲଣ୍ଡନର ବିଖ୍ୟାତ ସ୍କୁଲ ଅଫ୍ ଓରିଏଣ୍ଟାଲ୍ ଏବଂ ଆଫ୍ରିକାନ୍ ଷ୍ଟଡିଜ୍ (The school of Oriental and African studies) ଏବଂ ପଞ୍ଚମଟି ଥିଲା ବିଟ୍ରେନ୍‌ର ଏଡିନ୍‌ବରା ସହରର ଆସେମ୍ବ୍ଲି ହଲ୍ (Assembly Hall)ରେ । ପ୍ରତ୍ୟେକ ବକ୍ତୃତାରେ ଅଛି ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ - ୨୦୨୫ ମସିହା ସୁଦ୍ଧା ଏ ପୃଥିବୀରୁ ଦାରିଦ୍ର୍ୟ

Digitized by srujanika@gmail.com

ବିଲୋପ ହେବା ସମ୍ଭବ । ତାଙ୍କର ମତାମତର ବିସ୍ତୃତ ବ୍ୟାଖ୍ୟା କରିବାର ଆବଶ୍ୟକତା ରହିଛି । ତାଙ୍କୁ, ଏ ବକ୍ତୃତା ଶୁଣି ଅନେକ ବିଜ୍ଞ ବ୍ୟକ୍ତି ଅତି ତୀକ୍ଷ୍ଣ ପ୍ରଶ୍ନ ପଚାରିଛନ୍ତି ଓ ତାହାର ଉତ୍ତର ମଧ୍ୟ ସେ ସରଳ ଓ ସ୍ପଷ୍ଟ ଭାବେ ଦେଇଛନ୍ତି । ସେ କହିଛନ୍ତି ଯେ, ସାମ୍ପ୍ରତିକ ପୃଥିବୀରେ ଫାସୀବାଦ, ଆଣବିକ ଯୁଦ୍ଧ, ଶୀତଳଯୁଦ୍ଧ, ଆତଙ୍କବାଦ ଆଦିର ଯେତିକି ଭୟ ନାହିଁ; ତା'ଠାରୁ ଅଧିକ ଭୟ ହେଉଛି ଯେ ଆମ ପାଇଁ ଓ ଆଗାମୀ ପୀଢି ପାଇଁ ଏକ ସୁସ୍ଥ ଶାନ୍ତ ଓ ଚିରନ୍ତନ ଜୀବନ ବୋଲି କିଛି ନାହିଁ । ଆମ ପୃଥିବୀ ମାତ୍ରାଧିକ ଜନସଂଖ୍ୟା ବିସ୍ଫୋରଣ ହେତୁ ଆଜି ଲୋକାରଣ୍ୟ ଓ ବିଭିନ୍ନ ସମସ୍ୟା ଦ୍ୱାରା ଆକ୍ରାନ୍ତ । କେବଳ ଜନସଂଖ୍ୟା ନୁହେଁ ଆର୍ଥିକ ଓ ପାରିବେଶିକ ସମସ୍ୟା ମଧ୍ୟ ବିସ୍ଫୋରଣ ଭଳି ପରିସ୍ଥିତି ସୃଷ୍ଟି କରିଛି । ଆଜିର ଆହ୍ୱାନ ହେଉଛି, ଏ ସଙ୍କଟମୟ ସ୍ଥିତିରେ କେମିତି ସମ୍ମାନଜନକ ଭାବେ ବଞ୍ଚିବାକୁ ଶିଖିବା । ଏହା ଶୀତଳ ଯୁଦ୍ଧ ନୁହେଁ, ଏହା ଏକ ଉଷ୍ଣ ଯୁଦ୍ଧ । ଆଜିର ଦିନରେ ଆମେ ସ୍ୱପ୍ନ ଦେଖିବା ଯଥେଷ୍ଟ ହେବ ନାହିଁ । ଆମକୁ ନିଶ୍ଚିତ କାର୍ଯ୍ୟକ୍ରମ ହାତକୁ ନେବାକୁ ହେବ । ସବୁଆଡେ କ୍ରମବର୍ଦ୍ଧିଷ୍ଣୁ ସମସ୍ୟା, ନିରାପତ୍ତାର ଅଭାବ, ସ୍ଥାୟୀତ୍ୱର ଅଭାବ ଓ ପ୍ରେମର ଅଭାବ । ସମାଧାନର ରାସ୍ତା କେଉଁଠି ? ପ୍ରଫେସର ସାକ୍ସ କୁହନ୍ତି ଯେ, ସାମ୍ପ୍ରତିକ ସମସ୍ୟା ଜଣକର ସମସ୍ୟା ନୁହେଁ କିମ୍ବା ଗୋଟିଏ ଦେଶ ବା ଜାତିର ନୁହେଁ । ଏହା ସାରା ପୃଥିବୀର ସମସ୍ୟା । ଏ ସମସ୍ୟାର ସମାଧାନ ପାଇଁ ସାମୂହିକ ଦାୟିତ୍ୱବୋଧର ଆବଶ୍ୟକତା ରହିଛି । ପାରସ୍ପରିକ ବିରୋଧାଭାସର କୌଣସି ସ୍ଥାନ ନାହିଁ । ତାଙ୍କ ମତରେ ଆମେ ସାମ୍ନା କରୁଥିବା ସବୁ ସମସ୍ୟାକୁ ବସ୍ତୁତଃ ତିନୋଟି ମୁଖ୍ୟ ବିଭାଗରେ ବଣ୍ଟା ଯାଇପାରିବ ।

ପ୍ରଥମ ସମସ୍ୟାଟି ହେଲା, ମାନବ ସମାଜର ପୃଥିବୀ ଓ ପରିବେଶକୁ ବିନିଯୋଗ କରିବା ଜନିତ ସମସ୍ୟା । ନୋବେଲ୍ ପୁରସ୍କାରପ୍ରାପ୍ତ ପଲ୍ କ୍ରୁଜେନ୍‌ଙ୍କ ଦ୍ୱାରା ସୃଷ୍ଟ ଆନ୍ଥ୍ରୋପୋସିନ୍‌କୁ (Anthropocene) ଉଦ୍ଧାର କରି ସେ କହିଛନ୍ତି ଯେ, ଏ ପୃଥିବୀ ବର୍ତ୍ତମାନ ଏକ ନୂତନ ଯୁଗରେ ପହଞ୍ଚିଛି, ଯାହା ଏହି ମଣିଷ ଦ୍ୱାରା ପୃଥିବୀର ସମ୍ପଦ ଓ ପରିବେଶ ବିନାଶ ହେତୁ ସୃଷ୍ଟି ହୋଇଛି । ଫଳରେ ଏ ପୃଥିବୀ ନାମକ ଗ୍ରହରେ ଆଗରୁ ଚାଲିଆସିଥିବା ଭୂଜଳୀୟ ଚକ୍ର, ଅଙ୍ଗାରଚକ୍ର, ଯବକ୍ଷାରଜାନ ଚକ୍ର ଆଦି ପ୍ରଭାବିତ ହୋଇଛି । ଏଥିରେ ବିଭିନ୍ନ ପ୍ରଜାତିର ପଶୁପକ୍ଷୀ, ଉଦ୍ଭିଦ, ଗୁଳ୍ମ ଆଦି ନିଶ୍ଚିହ୍ନ ହୋଇ ଯାଇଛନ୍ତି । ଦ୍ୱିତୀୟ ସମସ୍ୟାଟି ହେଲା, ଭୂରାଜନୀତି ବା ଜିଓ-ପଲିଟିକ୍ । ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ବା ଟେକ୍ନୋଲୋଜି ଆଜି ସବୁମଣିଷକୁ ଏକାଠି କରି ପାରିଛି, ଦୂରତ୍ୱର ଅର୍ଥ ବଦଳାଇଛି, ଧନୀ ଓ ଦରିଦ୍ରଙ୍କ ଭିତରେ ପାର୍ଥକ୍ୟ କମାଇଛି । ବିଶ୍ୱ ସ୍ତରୀୟ ରାଜନୀତି ମଧ୍ୟ ବଦଳିବାରେ ଲାଗିଛି । ଏବେ ଗୋଟିଏ ଦେଶ ସର୍ବଶକ୍ତିମାନ ହୋଇରହିନାହିଁ । ଚୀନ୍ ଏବଂ ଭାରତ ଭଳି ଦେଶ ଏବେ ବିଶ୍ୱ ରାଜନୈତିକ ରଙ୍ଗ ମଞ୍ଚରେ ନାୟକ ଭାବେ ଅବତୀର୍ଣ୍ଣ ହୋଇଛନ୍ତି । ବିଶ୍ୱବାଣିଜ୍ୟ ଦ୍ୱାରା ଟେକ୍ନୋଲୋଜି ପ୍ରସାରିତ ହେଉଛି ସବୁଆଡେ ଅଥଚ ମୂଳ ସମସ୍ୟା

Digitized by srujanika@gmail.com

ହେଉଛି ଯେ, ଏ ଟେକ୍ନୋଲୋଜିରୁ ଅନେକ ମଣିଷ ଲାଭାନ୍ୱିତ ହୋଇ ପାରୁନାହାନ୍ତି । ତୃତୀୟ ସମସ୍ୟାଟି ହେଉଛି, ଯେ ପୃଥିବୀର ଗୋଟିଏ ଅଞ୍ଚଳର ପରିସ୍ଥିତି ଅନ୍ୟ ଅଞ୍ଚଳର ପରିସ୍ଥିତି ସହ ଯୋଡି ହୋଇ ବିଭିନ୍ନ ପ୍ରକାରର ପ୍ରତିକୂଳ ସମସ୍ୟା ସୃଷ୍ଟି କରୁଅଛି । ପୃଥିବୀର ବିଭିନ୍ନ ଅଞ୍ଚଳରେ ଲକ୍ଷ, ଲକ୍ଷ ଲୋକ ମୃତ୍ୟୁ ସହ ଯୁଝିବା ଆରମ୍ଭ କରିଛନ୍ତି । ସେମାନଙ୍କର ସର୍ବନିମ୍ନ ଖାଦ୍ୟ, ବସ୍ତ୍ର, ବାସଗୃହ, ଭିତ୍ତିଭୂମିର ବ୍ୟବସ୍ଥା ହୋଇ ନାହିଁ । କିନ୍ତୁ ବିଳାସ ଓ ପ୍ରାଚୁର୍ଯ୍ୟ ଭିତରେ ରହୁଥିବା ମଣିଷ, ଜାତି ଓ ଦେଶ ଏ ସମସ୍ୟା ପ୍ରତି ସମ୍ବେଦନଶୀଳ ନୁହଁନ୍ତି । ଗୋଟାଏ ଭାଗ ଲୋକ ଅନ୍ୟ ଏକ ଭାଗ ଲୋକଙ୍କୁ ଦୁଃଖ କଷ୍ଟରେ ମରିବାକୁ ଦେଖି ମଧ ନିଷ୍କ୍ରିୟ ରହୁଛନ୍ତି । ଏସବୁ ସମସ୍ୟାର ସମାଧାନର ଗୋଟିଏ ବାଟ ହେଉଛି ଯେ, ପୃଥିବୀର ଧନୀ, ଦରିଦ୍ର, ସବଳ ଓ ଦୁର୍ବଳ ସମସ୍ତଙ୍କୁ ଗୋଟିଏ ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରିବା । ଅର୍ଥାତ୍ ଜଣକର ସମସ୍ୟା ସମସ୍ତଙ୍କର ସମସ୍ୟା ବୋଲି ସ୍ୱୀକାର କରିବା । ଅନ୍ୟ ଶବ୍ଦରେ କହିଲେ ଆଞ୍ଚଳିକ ଓ ସ୍ଥାନୀୟ ସମସ୍ୟାଗୁଡିକୁ ଆନ୍ତର୍ଜାତିକ ସମସ୍ୟା ଭାବେ ହୃଦୟଙ୍ଗମ କରିବା । ଯଦି କେଉଁଠି ପାନୀୟ ଜଳ ଅଭାବ ହେଉଛି ଓ ଅନାହାର ଲାଗିଛି ଅଥବା ରାଜନୈତିକ ଅସ୍ଥିରତା ବଜାୟ ରହିଛି, ତାହା ସାରା ପୃଥିବୀର ସମସ୍ୟା ନୁହେଁ କି ? ସାରା ମଣିଷ ସମାଜର ମୁଣ୍ଡବ୍ୟଥା ନୁହେଁ କି ? ଯେଉଁଠି ଅନାହାର ମୃତ୍ୟୁ ହେଉଛି ତାହା ସାରା ପୃଥିବୀବାସୀଙ୍କ ପାଇଁ ଲଜ୍ୟାଜନକ କଥା ନୁହେଁ କି ?

ଆମେ ଏ ପୃଥିବୀରେ ସୁରକ୍ଷିତ ନୁହନ୍ତି, ଯଦି ଶହେକୋଟି ମଣିଷ ଆଜି ଅନାହାର ଓ ରୋଗ ପ୍ରପୀଡିତ ହୋଇ ଜୀବନ କାଟୁଛନ୍ତି । ଆଜି ଆମେରିକା ମିଲିଟାରୀ ଓ ଦେଶରକ୍ଷା ପାଇଁ ବାର୍ଷିକ ୬୨୩୦୦ କୋଟି ଡଲାର ଖର୍ଚ୍ଚ କରୁଥିବା ବେଳେ ଆଫ୍ରିକାର ଦାରିଦ୍ର୍ୟ ଦୂରୀକରଣ ପାଇଁ ବାର୍ଷିକ ସାଢେ ଚାରିଶହ କୋଟି ଡଲାର ଅନୁଦାନ ଅଟକଳ କରିଅଛି । ଏହା ଘୋର ଅନ୍ୟାୟ ନୁହେଁ କି ? ସମ୍ବେଦନଶୀଳତାର ଅଭାବ ନୁହେଁ କି ? ଭାରତଭଳି ଦେଶରେ ଦେଶରକ୍ଷା ନାମରେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଗରିବଙ୍କ ପାଇଁ ପାନୀୟଜଳର ବ୍ୟବସ୍ଥା ହୋଇପାରୁ ନାହିଁ । ପ୍ରଫେସର ସାକ୍ସ କହିଛନ୍ତି ଯେ, ସମୟର ଡାକ ହେଉଛି ରାଜନୈତିକ ଦୃଷ୍ଟି କୋଣରେ ଘୋର ପରିବର୍ତ୍ତନ । ଆମ ସମସ୍ୟାର ସମାଧାନ ପାଇଁ ରାଜନୈତିକ ବାଟଛଡା ଅନ୍ୟ କିଛି ବାଟ ନାହିଁ । ଏଥିପାଇଁ ମୁକ୍ତ ଓ ବଳିଷ୍ଠ ନେତୃତ୍ୱର ଆବଶ୍ୟକତା ରହିଛି । ମିଲେନିୟମ୍ ଡେଭେଲପମେଣ୍ଟ୍ ଗୋଲ୍ ବା ସହସ୍ରାବ୍ଦ ବିକାଶ ଲକ୍ଷ୍ୟ ଭଳି କାର୍ଯ୍ୟକ୍ରମର ମହତ୍ୱ ସମସ୍ତଙ୍କୁ ବୁଝିବାକୁ ପଡିବ । ଏଥିରେ ସମସ୍ତ ଦେଶ ସାମିଲ୍ ହେଲେ ପୃଥିବୀର ଅବସ୍ଥା ନିଶ୍ଚିତ ବଦଳିଯିବ ବୋଲି ବିଶ୍ୱାସ କରିବାକୁ ହେବ । ପୃଥିବୀରେ ଯେଉଁଠି ଖାଦ୍ୟଭାବ ରହିଛି ଓ ଯେଉଁଠି ମ୍ୟାଲେରିଆରେ ଲକ୍ଷ ଲକ୍ଷ ମରୁଛନ୍ତି ସେଠାରେ ସାମୂହିକ ଆନ୍ତର୍ଜାତିକ ଉଦ୍ୟମ ହେଲେ ଅବସ୍ଥାର ପରିବର୍ତ୍ତନ ହେବ । ଦେଶ ଦେଶ ଭିତରେ ବିଭେଦ ଓ ବିଦ୍ୱେଷ ଥାଇପାରେ- କିନ୍ତୁ ମଣିଷ ସମାଜର ବିକାଶ ଓ ସ୍ଥାୟୀତ୍ୱ ପାଇଁ ଏଇ ସାମୂହିକ ଅଙ୍ଗୀକାରବଦ୍ଧ ଏବେ ଜରୁରୀ ହୋଇପଡିଛି ।

Digitized by srujanika@gmail.com

ପ୍ରଫେସର ସାକ୍‌ସ ଆର୍ଥିକ ବିକାଶ ଓ ଅଭିବୃଦ୍ଧିକୁ ଲକ୍ଷ୍ୟ କରି କହିଛନ୍ତି ଯେ, ପୃଥିବୀର ଜନସଂଖ୍ୟା ୨୦୫୦ ମସିହାବେଳକୁ ଦେଢ଼ଗୁଣ ହେଲାବେଳକୁ ସାମଗ୍ରିକ ଆୟ ପ୍ରାୟ ୪ଗୁଣ ହୋଇଯାଇଥିବ । ଏ ସମୟ ଭିତରେ ଆର୍ଥିକ କାର୍ଯ୍ୟକ୍ରମର ମାତ୍ରା ଛଅଗୁଣ ବଢ଼ି ଯାଇଥିବ । ଅର୍ଥାତ୍ ପୃଥିବୀର ସମ୍ବଳ ଓ ପରିବେଶ ଉପରେ କଳ୍ପନାତୀତ ପ୍ରଭାବ ପଡିବ । ଏହାଫଳରେ ଆଶଙ୍କା କରାଯାଉଛି ଯେ ଆର୍ଥିକ କାର୍ଯ୍ୟକ୍ରମ ଦ୍ୱାରା ସାରା ପୃଥିବୀର ପରିବେଶ ବିନାଶହେବ ଏବଂ ଆର୍ଥିକ ଅଭିବୃଦ୍ଧି ନିଶ୍ଚିତ ବାଧାପ୍ରାପ୍ତ ହେବ । ବିକଶିତ ଓ ଧନୀ ରାଷ୍ଟ୍ରରେ ଆହୁରି ଉନ୍ନତମାନର ଜୀବନ ପାଇଁ ଦାବି ହେବ ଅଥଚ ଅନ୍ୟପକ୍ଷରେ ଧନୀଗରିବଙ୍କ ଭିତରେ ସଂଘର୍ଷ ବିଭିନ୍ନ ସ୍ତରରେ ସୃଷ୍ଟି ହେବ । ଏଥିପାଇଁ ଏକମାତ୍ର ରାସ୍ତା ହେଉଛି ସାରା ପୃଥିବୀର ସମସ୍ତ ମାନବ ସମାଜର ଜୀବନସ୍ତର ବଢ଼ାଇବା ଏବଂ ଆର୍ଥିକ କାର୍ଯ୍ୟକ୍ରମ ଓ ପରିବେଶ ସୁରକ୍ଷା ଭିତରେ ସନ୍ତୁଳନ ରକ୍ଷା କରିବା । ଆଜି ଜଳବାୟୁ ପରିବର୍ତ୍ତନ, ଜଳକଷ୍ଟ, ରାସାୟନିକ ସାର ପ୍ରୟୋଗ ଦ୍ୱାରା ପ୍ରାକୃତିକ ଯବକ୍ଷାରଜାନ ଚକ୍ରରେ ପରିବର୍ତ୍ତନ ଘଟିଚାଲିଛି । ପ୍ରାକୃତିକ ସମ୍ବଳର ମାତ୍ରାଧିକ ବିନିଯୋଗ, ଖାଦ୍ୟ ସଂଗ୍ରହ ପାଇଁ ମାତ୍ରାଧିକ ଜଙ୍ଗଲ ଏବଂ ସାମୁଦ୍ରିକ ସମ୍ପଦର ଲୁଣ୍ଠନ ସବୁ ଭବିଷ୍ୟତର ମଣିଷମାନଙ୍କ ପାଇଁ ଅକଥନୀୟ ସମସ୍ୟା ସୃଷ୍ଟି କରି ସାରିଛି ।

ସବୁକଥା ବିଚାରକୁ ନେଇ ପ୍ରଫେସର ସାକ୍‌ସ ତିନୋଟି ସମାଧାନର ରାସ୍ତା ଦେଖାଇଛନ୍ତି । ପ୍ରଥମଟିରେ ସେ କହିଛନ୍ତି ଯେ, ଏପରି ଯନ୍ତ୍ରପାତି ବ୍ୟବହାର ହେବା ଦରକାର ଯେଉଁଠି ଅଙ୍ଗାର କୋଇଲା, ପେଟ୍ରୋଲିୟମ୍, ପ୍ରାକୃତିକ ଗ୍ୟାସ୍ ଓ ଅନ୍ୟ ଶକ୍ତି ବ୍ୟବହାର କରି ସର୍ବୋତ୍ତମ ଦକ୍ଷତା ହାସଲ କରିବା । ଦ୍ୱିତୀୟଟି ହେଲା, କୋଇଲା ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ବଦଳରେ ଅନ୍ୟ ଉର୍ଜା ଏବଂ ଜୈବିକ ତେଲ ବ୍ୟବହାର କରିବା, ଯେଉଁଥିରେ ଅଙ୍ଗାରକାମ୍ଳ ଗ୍ୟାସ୍ ବେଶୀ ବାହାରିବ ନାହିଁ । ଆହୁରି ମଧ୍ୟ ଅଣପାରମ୍ପରିକ ଶକ୍ତି ବ୍ୟବହାର ବର୍ତ୍ତମାନ ନିତାନ୍ତ ଆବଶ୍ୟକ । ଏହା ମଧ୍ୟ ପରିବେଶ ବିନାଶକୁ ରୋକିପାରିବ । ତୃତୀୟ ରାସ୍ତା ହେଉଛି ଯେ, ଚୀନ୍ ଓ ଭାରତ ଭଳି ଦେଶରେ ଯେଉଁଠି ବ୍ୟାପକ ଆର୍ଥିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି, ସେଇଠି ଉଦ୍‌ଗତ ଅଙ୍ଗାରକାମ୍ଳ ଗ୍ୟାସକୁ ବାୟୁମଣ୍ଡଳକୁ ନଛାଡି ଭୂଗର୍ଭରେ ନିରାପଦରେ ରଖିବାକୁ ହେବ । ଆର୍ଥିକ ଅଭିବୃଦ୍ଧି ଓ ସୁରକ୍ଷିତ ପର୍ଯ୍ୟାବରଣ ଦୃଷ୍ଟିରୁ ଏଇ ସବୁ ପଦକ୍ଷେପ ବର୍ତ୍ତମାନ ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ହୋଇ ପଡିବ । ପ୍ରଫେସର ଜେଫରୀ ସାକ୍‌ସଙ୍କ ବକ୍ତୃତା ଆଜି ବିଶ୍ୱବାସୀଙ୍କୁ ଆଲୋଡିତ କରିଛି ।

□□□

Digitized by srujanika@gmail.com

ସିମିଳିପାଳରେ ଶିଶୁ ମୃତ୍ୟୁ: କାରଣ ଓ ପ୍ରତିକାର

ସିମିଳିପାଳର ଘୋର ଜଙ୍ଗଲ ମଧ୍ୟରେ ଆଦିବାସୀମାନଙ୍କ ବସତି କେତେ ଯୁଗରୁ ରହିଆସିଛି । ସେମାନେ ହେଲେ ହୋ, ଗଣ୍ଡ, ସାନ୍ତାଳ, ବାଥୁଡି, ଖଡିଆ ଓ ମାଙ୍କଡିଆ । ସିମିଳିପାଳ ଏକ ଜାତୀୟ ଉଦ୍ୟାନ ଏବଂ ସଂରକ୍ଷିତ ଅଞ୍ଚଳ । "ବ୍ୟାଘ୍ର ପ୍ରକଳ୍ପ" ବା "ପ୍ରୋଜେକ୍ଟ ଟାଇଗର" ପାଇଁ ସାରା ପୃଥିବୀ ପ୍ରସିଦ୍ଧ । ଜୈବବିବିଧତାର ଏହା ଏକ ସ୍ୱତନ୍ତ୍ର ଅଞ୍ଚଳ । ପ୍ରକୃତି, ବନସ୍ପତି, ବନ୍ୟଜନ୍ତୁ ଓ ମଣିଷଙ୍କ ଏକ ଅପୂର୍ବ ମିଳନ ଓ ବିଚ୍ଛେଦ । ପ୍ରତି ପଦକ୍ଷେପରେ ସଂଘର୍ଷ ଲାଗିରହିଛି । ଏବେ ଲୋଭୀ ମଣିଷ ସିମିଳିପାଳ ଉପରେ ଯେଉଁଭଳି ଅନୌଚିତ୍ୟ ଓ ଅତିରିକ୍ତ ଆକ୍ରମଣ କରିଛି ଏବଂ ଏହାଫଳରେ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ଅବକ୍ଷୟ ଯେଉଁଭଳି ଲାଗି ଲାଗି ରହିଛି, ସେଠାରେ ପରିବେଶର ଏକ ସାମଗ୍ରିକ ଧ୍ୱଂସାତ୍ମକ ପରିଣତି ସ୍ପଷ୍ଟ ଦେଖାଦେଇଛି । ଅବାଧ ଗଛକଟା ଚାଲିଛି ଚୋରାବେପାରୀ ଓ ଟିମ୍ବର ମାଫିଆଙ୍କ ଦ୍ୱାରା । ବନ୍ୟପ୍ରାଣୀଙ୍କ ଶିକାର ଚାଲିଛି ଖୋଲାଖୋଲି । ବାହାରର ଅନୁପ୍ରବେଶକାରୀମାନେ ଆସି ବସବାସ କରୁଛନ୍ତି । ଜଙ୍ଗଲ ବିଭାଗର ଦାୟିତ୍ୱ ବଢ଼ିଛି, କିନ୍ତୁ ଏବେ ସେମାନଙ୍କ ଆଇନ୍ କାନୁନ୍ ସିମିଳିପାଳକୁ ବଞ୍ଚାଇବାକୁ ଯଥେଷ୍ଟ ନୁହେଁ । ଅନ୍ୟପକ୍ଷରେ ପୁରୁଷ ପୁରୁଷ ଧରି ବସବାସ କରୁଥିବା ଆଦିମ ଆଦିବାସୀମାନଙ୍କର ବିଭିନ୍ନ ପ୍ରକାରର ନିର୍ଯ୍ୟାତନା, ପେଟର ଭୋକ, ଶରୀରର ରୋଗ ଓ ଅସୁରକ୍ଷିତ ଜୀବନ ଜୀବିକା ବଢ଼ିବାରେ ଲାଗିଛି ଓ ଗୋଟିଏ ସୀମାରେ ଆସି ପହଞ୍ଚିଛି ।

ସିମିଳିପାଳର ଘଞ୍ଚ ଜଙ୍ଗଲରେ ଅବସ୍ଥିତ ଗୁଡୁଗୁଡିଆ ପଞ୍ଚାୟତର କଥା ବିଚାରକୁ ନିଆଯାଉ । ମୟୁରଭଞ୍ଜ ଜିଲ୍ଲାର ଯଶୀପୁର ବ୍ଲକ୍‌ର ଏହା ଏକ ଅପହଞ୍ଚ ଇଲାକା । ଏଇ ତିନି ଚାରି ମାସ ଭିତରେ ସେଠାରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଶିଶୁ ମରିଛନ୍ତି । ଗତବର୍ଷ ଏ ସମୟରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଶିଶୁ ମୃତ୍ୟୁ ମୁଖରେ ପଡିଥିଲେ । ଏହା ଆଜି ନାଗରିକ ସମାଜ ଓ କର୍ମକର୍ତ୍ତାମାନଙ୍କ ଭିତରେ ଘୋର ଆଲୋଡନ ସୃଷ୍ଟି କରିଛି । ନୂଆପଡା ଜିଲ୍ଲାର ନଙ୍ଗଲଘାଟ ଗାଁରେ ଲୋକେ ପଥର ଖାଉଛନ୍ତି ବୋଲି ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚା କରାଯାଇଥିବା ବେଳେ ଗୁଡୁଗୁଡିଆର ଶିଶୁ ମୃତ୍ୟୁ କାହାରି ଧ୍ୟାନ ଆକର୍ଷଣ କରିନାହିଁ । ଏଥିପାଇଁ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, କାରଣ ଗୁଡଗୁଡିଆ ପଞ୍ଚାୟତର ରାଜନୈତିକ ଗୁରୁତ୍ୱ କେହି ଅନୁଭବ

Digitized by srujanika@gmail.com

କରୁନାହାନ୍ତି । 'ପ୍ରୋଜେକ୍ଟ ଟାଇଗର' ଇଲାକା ହେତୁ ଏ ଅଞ୍ଚଳ ସଂରକ୍ଷିତ ଅଞ୍ଚଳର ଅଂଶ ବିଶେଷ । ପ୍ରକଳ୍ପ ଅଧିକାରୀଙ୍କ ବିନା ଅନୁମତିରେ ସେ ଅଞ୍ଚଳକୁ ପ୍ରବେଶ କରିବା ସମ୍ଭବ ନୁହେଁ । ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନଙ୍କର ସେଅଞ୍ଚଳକୁ ସମ୍ପୂର୍ଣ୍ଣ ମୁକ୍ତ ପ୍ରବେଶ ନାହିଁ । ଏଥିପାଇଁ ସବୁ ଘଟଣା ଓ ଦୁର୍ଘଟଣା ଗଣମାଧ୍ୟମକୁ ଆସୁନାହିଁ । ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଆଜିକାଲି ଶିଶୁମୃତ୍ୟୁ ଭଳି ଦୁଃଖଦ ଘଟଣା କୌଣସି ପ୍ରତିକ୍ରିୟା ମଧ୍ୟ ସୃଷ୍ଟି କରିନାହିଁ । ଏଥିରେ ଆଶ୍ଚର୍ଯ୍ୟ ହେଉଛନ୍ତି କି ? ଗୁଡୁଗୁଡିଆ ଭଳି ଅନେକ ଅଞ୍ଚଳ ଅଛି ଯେଉଁଠି ଶିଶୁମାନେ ସକାଳର ଫୁଲ ସନ୍ଧ୍ୟାରେ ମଉଳିବା ଭଳି ଅକାଳରେ ମରି ଯାଉଛନ୍ତି । ଏମାନଙ୍କ ବୟସ ୦-୫ବର୍ଷ ଭିତରେ । ମରିବାର କାରଣ ସମ୍ଭବତଃ ନିର୍ଦ୍ଦିଷ୍ଟ ଭାବେ ଜାଣି ହେଉନାହିଁ । କିଏ କହୁଛି, ପୌଷ୍ଟିକ ଖାଦ୍ୟ ଅଭାବରୁ ତ ଆଉ କିଏ କହୁଛି, ରୋଗ ବେମାରି ହେତୁ । କେହି କେହି କହୁଛନ୍ତି ଯେ ଏହା ଦାରିଦ୍ର୍ୟ ହେତୁ । କିନ୍ତୁ ଏଭଳି ଶିଶୁ ମୃତ୍ୟୁ ପାଇଁ ସାରା ସମାଜ ଦାୟୀ । ଆହୁରି ମଧ୍ୟ ସରକାର ଓ ସ୍ୱେଚ୍ଛାସେବୀ ସଂଗଠନ, ବ୍ୟବସ୍ଥା ଓ ସରକାରୀ ନୀତି ନିୟମ ଦାୟୀ ।

ସିମିଳିପାଳ ସଂରକ୍ଷିତ ଅରଣ୍ୟ ହେଉଛି ବନ୍ୟପ୍ରାଣୀଙ୍କ ଏକ ପ୍ରାକୃତିକ ଜୈବମଣ୍ଡଳ । ଏ ଭିତରେ ଗୁଡୁଗୁଡିଆ, ବରେହିପାଣି ଏବଂ ଅଷ୍ଟକୁଅଁର ନାମରେ ତିନୋଟି ପଞ୍ଚାୟତ ଅଛି ଓ ଆଦିବାସୀଙ୍କ ଦ୍ୱାରା ୬୫ଟି ବସତି ବା ଗ୍ରାମ ବସିଛି ଆବହମାନ କାଳରୁ । ଏ ଭିତରୁ ୬୧ଟି ଗାଁ ଜଙ୍ଗଲର ସୀମା ଭିତରେ ଅଛି ଓ ୪ଟି କେନ୍ଦ୍ର ଅଞ୍ଚଳ ବା କୋର୍ ଏରିଆରେ ଭିତରେ ଅଛି । ବ୍ଲକ୍ ଅଫିସ ଯଶୀପୁର(୫୦କି.ମି.) ଏବଂ ଜିଲ୍ଲା ମୁଖ୍ୟ ଦପ୍ତର ବାରିପଦା (୧୦୦କି.ମି.) ଅନେକ ଦୂରରେ । ରାସ୍ତାଘାଟ ସବୁଗାଁକୁ ନାହିଁ । ସବୁଗାଁରେ ଅଙ୍ଗନବାଡି କେନ୍ଦ୍ର ନାହିଁ । ୪ଟି ମାତୃମଙ୍ଗଳ କେନ୍ଦ୍ର ଅଛି ଯେଉଁଠି ଏ.ଏନ୍.ଏମ୍. ଦିଦି କେବେକେବେ ଆସି ରହିଥାଏ । ୮ଟି ପ୍ରାଇମେରୀ ସ୍କୁଲ ଓ ୨ଟି ୟୁ.ପି. ସ୍କୁଲ ଅଛି । ଗମନାଗମନର ଅସୁବିଧା ହେତୁ ଭିତର ଗାଁମାନଙ୍କୁ କୌଣସି ସରକାରୀ କର୍ମଚାରୀ ଯାଆନ୍ତି ନାହିଁ । ସାଧାରଣ ଲୋକେ ଅଳ୍ପ କିଛି କୃଷି ଓ ଜଙ୍ଗଲଜାତ ଦ୍ରବ୍ୟର ବିକାକିଣା ମାଧ୍ୟମରେ ନିଜର ଜୀବିକା ନିର୍ବାହ କରିଥାଆନ୍ତି । କିନ୍ତୁ ଜଙ୍ଗଲ ବିଭାଗ ଜଙ୍ଗଲଜାତ ଦ୍ରବ୍ୟର ଅବାଧ ବିକାକିଣା ଉପରେ କଟକଣା ଜାରି କରିଛି । ଏ ଆଭ୍ୟନ୍ତରୀଣ ଗ୍ରାମମାନଙ୍କରୁ କୌଣସି ଜଙ୍ଗଲଜାତ ଦ୍ରବ୍ୟ ଯଶୀପୁରକୁ ଆଣିବାକୁ ହେଲେ ଚାରୋଟି ଗେଟ୍ ଦେଇ ଅତିକ୍ରମ କରିବାକୁ ପଡିଥାଏ । ଗ୍ରାମବାସୀମାନଙ୍କୁ ଲୁଣ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଦ୍ରବ୍ୟ କିଣିବାକୁ ହେଲେ ପ୍ରାୟ ୩୦କି.ମି. ଚାଲିବାକୁ ପଡେ । ରୋଗ, ବେମାର ପ୍ରବଳ ହେଲେ ଆମ୍ବୁଲାନ୍ସ ବା ଅନ୍ୟଗାଡି ଭଡା ଦେଇ ରୋଗୀକୁ ଯଶୀପୁର ବା କରଞ୍ଜିଆ କି ବାରିପଦା ନେବା ସମ୍ଭବ ହୁଏ ନାହିଁ । ଲୋକମାନେ ଦେଶୀଚିକିତ୍ସା ଉପରେ ନିର୍ଭରଶୀଳ ନତୁବା ଗୁଣିଗାରେଡି ମନ୍ତ୍ରତନ୍ତ୍ର ଆଦିର

Digitized by srujanika@gmail.com

ଆଶ୍ରୟ ନେଇଥାଆନ୍ତି । ଗ୍ରାମଗୁଡ଼ିକ ଭୀଷଣ ମ୍ୟାଲେରିଆ ପ୍ରପୀଡ଼ିତ ହୋଇଥିବାରୁ ଲୋକମାନେ ସଦାସର୍ବଦା ଜ୍ୱରରେ ଆକ୍ରାନ୍ତ ହୋଇଥାଆନ୍ତି । ଗାଁମାନଙ୍କରେ ଅସ୍ୱାସ୍ଥ୍ୟକର ପରିସ୍ଥିତି ଓ ପରିମଳର ଅଭାବ ସହ ପୁଷ୍ଟିସାର ଖାଦ୍ୟର ଅଭାବ ଶିଶୁମୃତ୍ୟୁର ମୂଳ କାରଣ ବୋଲି କୁହାଯାଉଛି । ସରକାରୀ ରିପୋର୍ଟରେ କୁହାଯାଇଛି ଯେ ଶତକଡ଼ା ୮୨ ଭାଗ ଶିଶୁ ବିଭିନ୍ନ ପ୍ରକାରର ପୌଷ୍ଟିକତାର ଅଭାବ ଜନିତ ରୋଗରେ ଆକ୍ରାନ୍ତ । ସେମାନଙ୍କୁ ପୁଷ୍ଟିହୀନତା ଦୃଷ୍ଟିରୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇଛି । ଗ୍ରେଡ୍ ୱାନ୍ ଓ ଗ୍ରେଡ୍ ଟୁ'ର ପୁଷ୍ଟିହୀନତା ପ୍ରାୟ ଶତକଡା ସତୁରୀ ଭାଗ । ଦୁଇଟି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଠାରେ କାର୍ଯ୍ୟରତ । ଗୋଟିଏ ଜଙ୍ଗଲ ବିଭାଗ ସହ ମିଳିମିଶି କାର୍ଯ୍ୟ କରିଲାବେଳେ ଅନ୍ୟଟି ଜଙ୍ଗଲ ବିଭାଗରୁ ଅନୁକୂଳ ସାହାଯ୍ୟ ପାଇନାହିଁ । ସ୍ୱେଚ୍ଛାସେବୀ ସଂଗଠନଙ୍କ ସେ ଅଞ୍ଚଳରେ ପ୍ରଭାବ ଅଛି କି ନାହିଁ ଏହା ମଧ୍ୟ ସନ୍ଦେହ ସୃଷ୍ଟି କରେ ।

ଆଦିବାସୀ ଅଞ୍ଚଳରେ ଦୀର୍ଘଦିନ ବିକାଶ କାର୍ଯ୍ୟକ୍ରମରେ ସମ୍ପୃକ୍ତ ହୋଇ ମୁଁ ଅନୁଭବ କରିଛି ଯେ ଯେଉଁ ଅଞ୍ଚଳରେ ଜଙ୍ଗଲ ଅଛି ସେ ଅଞ୍ଚଳରେ ବନବାସୀଙ୍କ ଖାଦ୍ୟ ଓ ପୌଷ୍ଟିକ ନିରାପତ୍ତା ବଜାୟ ରହିଛି । ଅନାହାର ପ୍ରାୟ ଦେଖାଦିଏ ନାହିଁ । ସବୁ ଶୋଷଣ, ଅନ୍ୟାୟ ଓ ଅନୀତି ସତ୍ତ୍ୱେ ଆଦିବାସୀ ନିଜକୁ ବଞ୍ଚାଇ ରଖିଛି । ସେଇଥିପାଇଁ ଓଡ଼ିଶାର କୋରାପୁଟ, କଳାହାଣ୍ଡି ଓ ନୂଆପଡା ଆଦି ଜିଲ୍ଲାରେ ଅନାହାର ମୃତ୍ୟୁ ହେଉଥିଲେ ମଧ୍ୟ ଫୁଲବାଣୀ(କନ୍ଧମାଳ) ଏବଂ ମୟୁରଭଞ୍ଜ ଜିଲ୍ଲାମାନଙ୍କରେ ଅନାହାର ମୃତ୍ୟୁ ଆପାତତଃ ଏପର୍ଯ୍ୟନ୍ତ ହୋଇନାହିଁ । ଓଡ଼ିଶାର କୋରାପୁଟର ଅନାହାର ମୃତ୍ୟୁ ହେବା ଓ ଛତିଶଗଡ଼ର ବସ୍ତର ଅଞ୍ଚଳରେ ଅନାହାର ମୃତ୍ୟୁ ନ ହେବା ଏଇ ପାର୍ଥକ୍ୟ ମଧ୍ୟ ସହଜରେ ଉପଲବ୍ଧି କରିହେଉଛି । କିନ୍ତୁ ଗୁଡୁଗୁଡିଆ ପଞ୍ଚାୟତରେ ଶିଶୁମୃତ୍ୟୁ ସିମିଳିପାଳର ଘଞ୍ଚଅରଣ୍ୟ ଭିତରେ ଓ ବନସମ୍ପଦରେ ଭରା ଇଲାକାରେ । ଏହାର ବିଶ୍ଳେଷଣ କରିବାର ଆବଶ୍ୟକତା ଅଛି ।

୧୯୯୨ ମସିହାରୁ ୧୯୯୭ ମସିହା ମଧ୍ୟରେ ମହାରାଷ୍ଟ୍ରର ଅମରାବତୀ ଜିଲ୍ଲାର ମେଲ୍‌ଘାଟ ଅଞ୍ଚଳରେ ୫୦୦୦ ଶିଶୁଙ୍କ ମୃତ୍ୟୁ ହୋଇଥିଲା । ମେଲ୍‌ଘାଟ ଅଞ୍ଚଳ ଘଞ୍ଚ ଜଙ୍ଗଲ ଓ ସିମିଳିପାଳ ଭଳି 'ବ୍ୟାଘ୍ର ପ୍ରକଳ୍ପ'ର ଅଂଶ ବିଶେଷ । ଏହି ଦୁର୍ଭାଗ୍ୟଜନକ ମୃତ୍ୟୁକୁ ନେଇ ମହାରାଷ୍ଟ୍ର ସରକାର ସମାଲୋଚିତ ଓ ନିନ୍ଦିତ ହୋଇଛନ୍ତି । ସବୁ ମୃତ୍ୟୁ ହେଉଛି ପୁଷ୍ଟିହୀନତା ଜନିତ ମୃତ୍ୟୁ । ବିଭିନ୍ନ ଅଧ୍ୟୟନ ଓ ଅନୁସନ୍ଧାନରୁ ଏହା ଜଣାପଡିଛି । କିନ୍ତୁ ମହାରାଷ୍ଟ୍ର ସରକାର ଏଇ ମୃତ୍ୟୁକୁ ମିଜିଲ୍‌ସ (ମିଳିମିଳା) ବା ଝାଡାବାନ୍ତି ରୋଗ ଜନିତ ବୋଲି ରଙ୍ଗ ଦେଇଛନ୍ତି କିନ୍ତୁ ଏଯୁକ୍ତି ବିଶ୍ୱାସଜନକ ହୋଇପାରିନାହିଁ । କୋର୍କୁ ଆଦିବାସୀମାନେ ମେଲ୍‌ଘାଟ ଅଞ୍ଚଳର ବାସିନ୍ଦା । ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । 'ବ୍ୟାଘ୍ର ପ୍ରକଳ୍ପ'ର ଯେଉଁ କଟକଣା ଅଛି ସେଥିରେ ଜୀବନ ଜୀବିକା ଅସୁରକ୍ଷିତ । ଜଙ୍ଗଲଜାତ ଦ୍ରବ୍ୟ ଗୁଡ଼ିକୁ ବିନା ଅନୁମତିରେ

Digitized by srujanika@gmail.com

ବିକାକିଣା କରି ହୁଏନାହିଁ । ଏହାଛଡା ଶିକ୍ଷାର ଘୋର ଅଭାବ । ମାଆମାନେ ଅପ୍ରାପ୍ତବୟସ୍କ ଓ ଦୈନନ୍ଦିନ କାମର ଚାପରେ ପିଲାଙ୍କ ଯତ୍ନ ନେବା ସହଜ ନୁହେଁ । ପରିବାର ଗୁଡିକ ସାଧାରଣ ଭାବେ ବଡ । ଖାଇବାକୁ ଅନେକ ପେଟ । ସ୍ୱାସ୍ଥ୍ୟ ସେବାରୁ କୋର୍କୁ ଆଦିବାସୀମାନେ ପୂରା ବଞ୍ଚିତ । ଶିଶୁମାନଙ୍କ ପାଇଁ ଅଧିକ ପୁଷ୍ଟିସାର ଖାଦ୍ୟ ବ୍ୟବସ୍ଥା ସରକାର କରିନାହାଁନ୍ତି । ଅନ୍ଧବିଶ୍ୱାସର ସେମାନେ ମାତ୍ରାଧିକ ଶିକାର । ମେଳ୍‌ଘାଟର ଅସାଧାରଣ ସଂଖ୍ୟାରେ ଶିଶୁ ମୃତ୍ୟୁର କାରଣ ସମ୍ଭବତଃ ଗୋଟିଏ ନୁହେଁ । ସବୁକିଛିର ମିଳିତ ପ୍ରଭାବ ।

ଗୁଡୁଗୁଡିଆ ଓ ଅନ୍ୟ ଦୁଇଟି ପଞ୍ଚାୟତ 'ବ୍ୟାଘ୍ର ପ୍ରକଳ୍ପ' ବା 'ପ୍ରୋଜେକ୍ଟ ଟାଇଗର'ର ସୀମା ଭିତରେ ଅବସ୍ଥିତ ହୋଇଥିବାରୁ ବସବାସ କରୁଥିବା ଆଦିବାସୀମାନେ ବିଭିନ୍ନ ଅବହେଳାର ଶିକାର ହୋଇଛନ୍ତି । କେହି କେହି କହୁଛନ୍ତି ଯେ ଜାତୀୟ ଉଦ୍ୟାନ ବା ଜୀବମଣ୍ଡଳ ଭାବେ ନାମିତ ହୋଇଥିବା ସିମିଳିପାଳ ଅରଣ୍ୟ ଭିତରୁ ସବୁ ଗ୍ରାମ ହଟିଯାଉ ଓ ସବୁ ଆଦିବାସୀ ସେମାନଙ୍କର ବସତି ଅପସାରଣ କରି ନିଅନ୍ତୁ ବୋଲି ଯେଉଁ କଥା ଉଠୁଛି, ଏହା ଜଙ୍ଗଲ ବିଭାଗ ଓ ଅଣ ଆଦିବାସୀ ବ୍ୟକ୍ତିଙ୍କ ମାନସିକତା ବୋଲି ସନ୍ଦେହ ସୃଷ୍ଟି କରୁଛି । ପ୍ରଶ୍ନ ଉଠୁଛି ଯେ ଗୁଡୁଗୁଡିଆ ପଞ୍ଚାୟତକୁ କାହିଁକି ସ୍ୱାସ୍ଥ୍ୟ, ଅଙ୍ଗନବାଡି, ଶିକ୍ଷା ଓ ଅନ୍ୟାନ୍ୟ ଜୀବିକାମୂଳକ କାର୍ଯ୍ୟକ୍ରମ ପହଞ୍ଚୁନାହିଁ ? ଏହାର ଉତ୍ତର ହେଉଛି ଯେ ସରକାରୀ, ବେସରକାରୀ ସଂଗଠନ, ପଞ୍ଚାୟତ ଓ ସ୍ଥାନୀୟ ଆଦିବାସୀ ସମାଜ ଏକାଠି ବସି କେବେହେଲେ ବିଚାର ବିମର୍ଷ କରିନାହାନ୍ତି । ଜଙ୍ଗଲ ବିଭାଗର ଦୋଷ ଅନେକ । ଜଙ୍ଗଲଜାତ ଦ୍ରବ୍ୟର ଚୋରାବେପାର ସେଠାରେ ବ୍ୟାପକ ଅଥଚ ଆଦିବାସୀମାନଙ୍କ ପାଇଁ ସବୁପ୍ରକାର ବାଧାବିଘ୍ନ, ଆଇନଗତ କଟକଣା । ଏହାଦ୍ୱାରା ସେମାନଙ୍କର ଜୀବନଜୀବିକା ଆଦି ଗୁରୁତର ଭାବେ ବିପନ୍ନ । ପରିବାରର ଆୟନାହିଁ । ଭରଣପୋଷଣର ଅନ୍ୟ ପନ୍ଥା ନାହିଁ । ସରକାରୀ କର୍ମଚାରୀ ପାଖରେ ନାହାନ୍ତି । ସ୍ୱେଚ୍ଛାସେବୀ ସଂଗଠନମାନଙ୍କର କାର୍ଯ୍ୟକ୍ରମରେ ଅନେକ ବାଧାବିଘ୍ନ ଓ ଦୁର୍ବଳତା । ରୋଜଗାର ଗ୍ୟାରେଣ୍ଟି ଯୋଜନା କାର୍ଯ୍ୟକାରୀ ହୋଇନାହିଁ ବା କାମ ମିଳୁନାହିଁ । ବଞ୍ଚିବାର ବାଟ ଆଉ କ'ଣ ଅଛି ?

ଗୁଡୁଗୁଡିଆ ପଞ୍ଚାୟତର ଶିଶୁମାନଙ୍କୁ ପୁଷ୍ଟିହୀନତା ଯୋଗୁଁ ମରିବାକୁ ଦିଆଯାଉଛି କାହିଁକି ? ସେମାନେ କ'ଣ ସ୍ୱାଧୀନ ଭାରତର ନାଗରିକ ନୁହନ୍ତି ? ସେମାନେ କାହିଁକି ଆଫ୍ରିକାର ସବ୍-ସାହାରା ଅଞ୍ଚଳର ଶିଶୁମାନଙ୍କଠାରୁ ଅଧିକ ଅଭିଶପ୍ତ ? ଯଦି ଏତେ ସଂଖ୍ୟାରେ ଶିଶୁ ଉପକୂଳ ଜିଲ୍ଲାମାନଙ୍କରେ ମରିଥାଆନ୍ତେ, ତେବେ ସରକାର, ନାଗରିକ ସମାଜ, ରାଜନୈତିକ ଦଳ ଓ ଗଣମାଧ୍ୟମ ଚୁପ୍ ରହିଥାଆନ୍ତେ କି ? କିଛି ହତଭାଗ୍ୟ ଶିଶୁଙ୍କର ଏଇଭଳି ମରିବା ଭାଗ୍ୟରେ ସମ୍ଭବତଃ ଲେଖାଯାଇଛି । ଭାରତର ଶତକଡ଼ା ୪୬ଭାଗ ଶିଶୁ ପୁଷ୍ଟିହୀନତାର ଶିକାର ବୋଲି

Digitized by srujanika@gmail.com

ଏକ ଜାତୀୟ ସର୍ଭେକ୍ଷଣରୁ ଜଣାପଡିଛି । ଥରେ ପୁଷ୍ଟିହୀନତା ଆରମ୍ଭହେଲେ ସାମାନ୍ୟ ରୋଗରେ ପଡିଲେ ଶିଶୁଟି ଶୀଘ୍ର ମୃତ୍ୟୁ ମୁଖରେ ପଡୁଛି । ଗୁଡୁଗୁଡିଆ ଓ ଆଖପାଖ ଗାଁରେ ଏହାହିଁ ହୋଇଛି । ପୁଷ୍ଟିହୀନତାରେ ଆକ୍ରାନ୍ତ ହେବା ସଙ୍ଗେ ସଙ୍ଗେ ଶିଶୁମାନେ ମ୍ୟାଲେରିଆ ଆଦି ଜ୍ୱରରେ ପଡିଛନ୍ତି ଓ ମରିବାକୁ ବେଶୀ ସମୟ ଲାଗି ନାହିଁ । ଆଗାମୀ ଦିନମାନଙ୍କରେ ଏ ମୃତ୍ୟୁ ବନ୍ଦ ହେବାର ସମ୍ଭାବନା ନାହିଁ ।

ମୋର ଯଦି ପ୍ରଫେସର ଜେଫରୀ ସାକ୍‌ସଙ୍କ ଭଳି ସମ୍ବେଦନଶୀଳ ଅର୍ଥନୀତିଜ୍ଞଙ୍କ ସହ ଦେଖା ହୁଅନ୍ତା, ତେବେ ତାଙ୍କୁ ମୁଁ ଗୁଡୁଗୁଡିଆ ଗାଁ ପରିଦର୍ଶନରେ ଯିବାକୁ ପ୍ରସ୍ତାବ ଦିଅନ୍ତି । ଏ ଶିଶୁ ମୃତ୍ୟୁରୁ ଗରିବମାନଙ୍କର ବିକାଶର ନୂଆରାସ୍ତା ଖୋଜି ପାରନ୍ତେ । ଯେଉଁଠି ସରକାର ଓ ନାଗରିକସମାଜ ଶିଶୁ ଓ ମାଆମାନଙ୍କ ପାଇଁ ସର୍ବନିମ୍ନ ଦାୟିତ୍ୱ ତୁଲାଇ ପାରୁନାହାନ୍ତି, ସେଠାରେ ବାହାରର ସାହାଯ୍ୟ ଓ ବାହାରର ସ୍ୱେଚ୍ଛାସେବୀ ସଂଗଠନର ଆବଶ୍ୟକତା ଅଛି କି ? ଗୁଡୁଗୁଡିଆ ପଞ୍ଚାୟତରେ ଓ ସିମିଳିପାଳରେ ରହୁଥିବା ଅନେକ ଅବହେଳିତ ଆଦିବାସୀଙ୍କ ସହ ମୁଁ କାହିଁକି କାମ କରୁନାହିଁ ବୋଲି କେତେଜଣ ପ୍ରଶ୍ନ କରିଛନ୍ତି । କେତେକ ଆନ୍ତର୍ଜାତିକ ସାହାଯ୍ୟକାରୀ ସଂସ୍ଥା ମଧ୍ୟ ଅନୁଦାନ ଦେଇ ଏ ଲେଖକକୁ କିଛି କାର୍ଯ୍ୟକ୍ରମ ହାତକୁ ନେବାକୁ ପ୍ରବର୍ତ୍ତାଇଛନ୍ତି । ଗୁଡୁଗୁଡିଆ ଭଳି ଆମ ଓଡ଼ିଶାରେ ଅନେକ ଅପହଞ୍ଚ ଓ ସମସ୍ୟାଗ୍ରସ୍ତ ପଞ୍ଚାୟତ ଅଛି । ସେସବୁ ଅଞ୍ଚଳର ସମସ୍ୟା, ବିଶେଷକରି ଖାଦ୍ୟ ଓ ପୌଷ୍ଟିକତାର ସମସ୍ୟା ଗୁଡିକର ସମାଧାନ ପାଇଁ ଯେତିକି ଜାତୀୟ ଓ ଆନ୍ତର୍ଜାତୀକ ଅନୁଦାନର ଆବଶ୍ୟକତା ରହିଛି, ସେତିକି ନୀତିଗତ ଓ ଡାଞ୍ଚାଗତ ପରିବର୍ତ୍ତନର ଆବଶ୍ୟକତା ରହିଛି । ଘଞ୍ଚ ଓ ସଂରକ୍ଷିତ ଜଙ୍ଗଲରେ ବସବାସ କରୁଥିବା ଆଦିବାସୀମାନଙ୍କର ଜୀବନ ଓ ଜୀବିକାର ମୁଖ୍ୟ ସମ୍ବଳ ହେଉଛି ବନସମ୍ପଦ ଓ ଲଘୁବନଜାତ ଦ୍ରବ୍ୟ । ତାହା ଉପରେ କୌଣସି ପ୍ରକାର ନିୟନ୍ତ୍ରଣ ରଖିବାମାନେ ଦାରିଦ୍ର୍ୟକୁ ପ୍ରୋତ୍ସାହନ ଦେବା ଓ ଶିଶୁ ମୃତ୍ୟୁକୁ ନିମନ୍ତ୍ରଣ କରିବା । ଜଙ୍ଗଲ ବିଭାଗ ଆଦିବାସୀମାନଙ୍କର ହିତରେ ଅଛି କି ନାହିଁ ଏକଥା ଐତିହାସିକ ଘଟଣା ପ୍ରବାହରୁ ପ୍ରମାଣିତ ହୋଇଯାଇଛି । ଜଙ୍ଗଲ, ବନ୍ୟପ୍ରାଣୀ ଓ ମଣିଷ ଏକାଠି ରହିଆସିଛନ୍ତି ଓ ପ୍ରତ୍ୟେକ ପରସ୍ପର ପ୍ରତି ସାହାଯ୍ୟ ଓ ସନ୍ତୁଳନର ସୂତ୍ର ପ୍ରତିଷ୍ଠା କରିଛନ୍ତି । ଏଥିରେ କୌଣସି ବ୍ୟତିକ୍ରମ ହେବା ଉଚିତ୍ ହେବନାହିଁ । ସରକାର କେବେହେଲେ ଭାବନ୍ତୁ ନାହିଁ ଯେ ଆଦିବାସୀମାନଙ୍କ ଦାରିଦ୍ର୍ୟ ଦୂରୀକରଣ ପ୍ରକ୍ରିୟାରେ ସେ ଏକାକୀ ଠିକାଦାର ହେବେ ।

ସରକାର ସ୍ୱାସ୍ଥ୍ୟସେବା ସେଠାରେ ନିଶ୍ଚିତଭାବେ ପହଞ୍ଚାଇବାକୁ ପଦକ୍ଷେପ ନେବେ । ସ୍ୱେଚ୍ଛାସେବୀ ସଂଗଠନ ଓ ନାଗରିକ ସମାଜ ସହ ସମନ୍ୱୟ ସଫଳ ହେବାକୁ ରଣନୀତି ତିଆରି କରିବ । ବାସ୍ତବ ସଫଳତାର ଉଦାହରଣ ହିସାବରେ ମହାରାଷ୍ଟ୍ରର ମେଲ୍‌ଘାଟର ଶିଶୁ

Digitized by srujanika@gmail.com

ମୃତ୍ୟୁ ଘଟଣା ପରବର୍ତ୍ତୀ କାର୍ଯ୍ୟକ୍ରମକୁ ନିଆଯାଇ ପାରେ । ଏଠାରେ ଶିଶୁ ମୃତ୍ୟୁ ହାର କମିଛି କେତେକାଂଶରେ କାରଣ ସେଠାରେ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଅପେକ୍ଷା ସ୍ୱେଚ୍ଛାସେବୀମାନେ ବେଶି କାମ କରୁଛନ୍ତି । ସେମାନେ 'ମେଲ୍‌ଘାଟ ବଞ୍ଚାଅ' ବୋଲି ଏକ ନେଟ୍‌ୱାର୍କ ପ୍ରତିଷ୍ଠା କରି ସମସ୍ୟାର ମୌଳିକ ସମାଧାନ ପାଇଁ ଚେଷ୍ଟା କରିଛନ୍ତି । ଗୁଡୁଗୁଡିଆରେ ଅନୁଦାନକାରୀ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଅପେକ୍ଷା ବର୍ତ୍ତମାନ ସ୍ୱେଚ୍ଛାସେବକମାନଙ୍କ ଆବଶ୍ୟକତା ଅଧିକ ଅଛି ଯେଉଁମାନେ ସାମାଜିକ କର୍ମୀ ହିସାବରେ ଗୁଡୁଗୁଡିଆ ପଞ୍ଚାୟତରେ ନିଜକୁ ନିୟୋଜିତ କରି ସେଠାରେ ଶିଶୁ ମୃତ୍ୟୁକୁ ବନ୍ଦ କରିପାରିବେ ।

□□□

Digitized by srujanika@gmail.com

ଦାରିଦ୍ର୍ୟର ସମାପ୍ତି ଆଉ କେତେ ଦିନ ?

ମୋର ବନ୍ଧୁ ଶ୍ରୀ ପ୍ରଫୁଲ୍ଲ ବେହେରା "ଶିବଭାଇ" ବୋଲି ଗୋପୀ ମହାନ୍ତିଙ୍କ ଲିଖିତ ବହିଟିଏ ଆଣିଦେଇ କହିଲେ ପଢିବାକୁ । ଆମମାନଙ୍କ କଥା କୁଆଡେ ଲେଖାଯାଇଛି । ବହିଟିର ନାମ ମୁଁ ଶୁଣି ନଥିଲି । "ପରଜା" ବା "ଅମୃତର ସନ୍ତାନ" ବା "ମାଟି ମଟାଳ" ଭଳି ଏହା ଏତେ ଜଣାଶୁଣା ବା ଲୋକ ପ୍ରିୟ ନୁହେଁ । ଛୋଟ ବହିଟିଏ ଓ ୧୯୫୫ ମସିହାରେ ପ୍ରକାଶିତ । କିନ୍ତୁ ୨୦୦୧ ମସିହା ସୁଦ୍ଧା ଏହାର ଚତୁର୍ଥ ସଂସ୍କରଣ ଗ୍ରନ୍ଥ ମନ୍ଦିର ପ୍ରକାଶ କରିଛନ୍ତି । ଅର୍ଥାତ୍ ବହିଟିକୁ କିଏ ନା କିଏ ପଢୁଛନ୍ତି ଓ ବିକ୍ରୟ ହେଉଛି ନିଶ୍ଚିତ । କାଶୀପୁର ଆସିବା ପୂର୍ବରୁ ଏବହି ସମ୍ଭବତଃ ମୋର ପଢ଼ିବା ଆବଶ୍ୟକ ଥିଲା । ଭୂଦାନ ଓ ଗ୍ରାମଦାନ ଆନ୍ଦୋଳନର ପୃଷ୍ଠଭୂମିରେ ଏ ବହି ଲେଖା ଯାଇଛି । ସର୍ବୋଦୟ ସହ ସମ୍ପୃକ୍ତ ଭାଇ ଓ ଆପ୍ପମାନଙ୍କର କଥା । ସେମାନଙ୍କର ଆଦିବାସୀ ଅଞ୍ଚଳରେ ଉତ୍ସର୍ଗୀକୃତ ଜୀବନ କଥା । ଅନେକ ଏବେ ମଧ ଆଦିବାସୀ ଅଞ୍ଚଳର ସେବା ଓ ବିକାଶ କାର୍ଯ୍ୟରେ ସଂଶ୍ଳିଷ୍ଟ ଅଛନ୍ତି ଓ ଆଜିର ଯୁବପୀଢି ସହରଗାମୀ ହେଉଥିବା ବେଳେ ସେମାନେ ପଛକୁ ହଟି ନାହାନ୍ତି ।

"ଶିବ ଭାଇ" ବହିଟି କୋରାପୁଟ ଅଞ୍ଚଳର କନ୍ଧମାନଙ୍କର ଜୀବନି ଉପରେ ଆଧାରିତ । ସେମାନେ ହେଲେ ଡଙ୍ଗରିଆ କନ୍ଧ, କୁଟିଆ କନ୍ଧ, ଦେଶିଆ କନ୍ଧ । କନ୍ଧ ଦେଶକୁ ଲାଗି ଲାଞ୍ଜିଆ ସଉରାମାନଙ୍କ ରାଜ୍ୟ । ଆଉ ସବୁଠାରେ ଥାନ୍ତି ଡମ୍ବ ହରିଜନ, ସାହୁକାର, ବ୍ରାହ୍ମଣ, ଜମିଦାର । ସମସ୍ତଙ୍କର ଭାଷା, ସଂସ୍କୃତି, ଜୀବନ, ଜୀବିକା ଭିନ୍ନ ଓ ସ୍ୱତନ୍ତ୍ର । ତା'ଭିତରେ ରହି ସାମାଜିକ କର୍ମୀମାନେ ଓ ସମାଜସେବୀମାନେ ସ୍ୱାଧୀନତାର ପରେ ପରେ ଅନେକ କିଛି ପରିବର୍ତ୍ତନ ଆଣିବାକୁ ଚାହିଁଛନ୍ତି । ସେମାନଙ୍କର ଲକ୍ଷ୍ୟ ଥିଲା ଭୂଦାନ, ନିଶାନିବାରଣ, କପା ଚାଷ ଓ ସୂତାକଟା, ଗୋମାଂସ ଖାଇବା ନିଷେଧ, ଗ୍ରାମ୍ୟ ସଫେଇ, ଶିକ୍ଷାଦାନ, ଭାତୃତ୍ୱଭାବନାର ପ୍ରସାର । ସେମାନଙ୍କର ଉଦ୍ଦେଶ୍ୟ ଥିଲା ଆଦିବାସୀ ଓ ଗରିବଙ୍କ ଉତ୍ଥାନ । ୧୯୪୭ ମସିହା ପରେ କିନ୍ତୁ ଆଦିବାସୀ ଗାଁ ମାନଙ୍କ ଅବସ୍ଥା ଗୋପୀ ମହାନ୍ତି ଅତି ଚମତ୍କାର ବର୍ଣ୍ଣନା କରିଛନ୍ତି ଏହି ବହିଟିରେ ।

Digitized by srujanika@gmail.com

"ଏଇ ବଣ ଦେଶରେ, ବଣକାଟି ପଥର ତାଡି ଆପଣା ହାତରେ ତିଆରି କରିଥିବା ଜମିକୁ କଳେ ବେଳେ କୌଶଳେ ସାହୁକାର କିଳାମାରି ନେଇଛି । କନ୍ଧ ବିଚରା ଆପଣା ଜମିରେ ମୂଲିଆ । ଆପେ ଭୋଗଥିବା ଫସଲ ପାଖେ ଋଣଗ୍ରସ୍ତ । ତେନ୍ତୁଳି ମଞ୍ଜି ଜାଉ, ଶଳପଗଛ ଗୁଣ୍ଡର ଜାଉ, ଆମ୍ବ ଟାକୁଆର ଜାଉ କେତେ କେଉଁ ଯୁଗରେ ଅଭାବରୁ ହୋଇଗଲାଣି ଆସି ପ୍ରଧାନ ଖାଦ୍ୟ । ଘରେ ଗଣ୍ଡିଏ ଚାଉଳ ଥିଲେ ବି ଏଇଆହିଁ ଖାଦ୍ୟ ।"

ଗୋପୀ ମହାନ୍ତି ଜଣେ କନ୍ଧର ବାର୍ଷିକ ଆୟ ବ୍ୟୟର ଏକ ତାଲିକା ଦେଇଛନ୍ତି.... "ପୁଟିକ ଦେଢ ମହଣ । ବୋରିଖାଲ ଗାଁର କୋଟିଆ କନ୍ଧ ହିମେରିକା ମୋହନ କନ୍ଧର ବାର୍ଷିକ ଆୟ । ଧାନ- ୧୫ ପୁଟି । ସୁଆଁ- ୮ପୁଟି । ମାଣ୍ଡିଆ- ୩ପୁଟି । ସୋରିଷ- ୧ପୁଟି । କୋଶ୍ଲା- ୨ପୁଟି । ରାଶି- ୨ପୁଟି, ଜଡା- ୧୦ମାଣ । ହିମେରିକା ମୋହନ ଘରେ ଚାରିପ୍ରାଣୀ । ବର୍ଷକୁ ଖର୍ଚ୍ଚ ହେଉଛି ଖୋରାକି- ୪୮ପୁଟି । ଲୁଗା- ୮ଖଣ୍ଡ । ଅନ୍ୟାନ୍ୟ ଆବଶ୍ୟକତା ୪ପୁଟି । ଧାନ ମାଣ୍ଡିଆ ଯାଏ ୪ମାସ । ଅନ୍ୟଦିନେ ସେ ଅନ୍ୟାନ୍ୟ ଜିନିଷ ଖାଇ ପେଟ ଭର୍ତ୍ତିକରେ - କନ୍ଦମୂଳ, ଟାକୁଆ, ତେନ୍ତୁଳିମଞ୍ଜି, ଶାଗ, ଡାଳ, ଶଳପଧୂଳି ଇତ୍ୟାଦି ।

ଗୋପୀ ମହାନ୍ତି ଆହୁରି ଲେଖିଛନ୍ତି- "ବନସ୍ତ ଉପରେ ଚଢ଼ି ଚଢ଼ି ପହଞ୍ଚିଲେ ପ୍ରଥମ ଡଂଗରିଆ ଗାଁ ପାତ୍ ଲାମ୍ବା । ପାହାଡ ଉପରେ ଚାରିପାଖେ ବାଡବୁଦା ହୋଇ ଛ'ଟି ଘର ଏକାଠି ଅଛନ୍ତି । ଗାଁରେ ପ୍ରଚୁର ଆମ୍ବ ଟାକୁଆ ସାଇତି ରଖିଛନ୍ତି । ଆମ୍ବ କୋଇଲି ହିଁ ପ୍ରଧାନ ଖାଦ୍ୟ । ଅଳ୍ପ ମାଣ୍ଡିଆ, କିଛି ଜୋଣା, କୋସ୍ଲା, ସୁଆଁ ବି ଅଛି । ବଣର ଶାଗ ଡାଳ, କିନ୍ତୁ ଏଥିରୁ ବି କିଛି ଖାଦ୍ୟ ଭେଟାଏ । ଘର ଭିତରେ ସଢ଼ା ମାଂସ.. ଭଣଭଣ ଗନ୍ଧ ଛାଡୁଛି ।" ଆଜି ଷାଠିଏ ବର୍ଷପରେ ବର୍ଷାଦିନେ ଯେ କୌଣସି କୋରାପୁଟର ଆଦିବାସୀ ଗାଁକୁ ପଶିଗଲେ ଏଇ ଦୃଶ୍ୟ ବି ଦେଖିବାକୁ ମିଳୁଛି । ରୋଗବେମାରୀ ଓ ଆନ୍ଥ୍ରାକ୍ସ ଭଳି ଭୟାନକ ଡିଆଁ ରୋଗ ବ୍ୟାପିବାରେ ଲାଗିଛି ଓ ପ୍ରତିବର୍ଷ ଅନେକ ମରୁଛନ୍ତି । ଆଦିବାସୀ ଅଞ୍ଚଳରେ ସରକାର ଅନେକ ବିକାଶମୂଳକ ଯୋଜନା କରୁଛନ୍ତି ଓ ତା'କୁ କ୍ରିୟାନ୍ୱିତ କରୁଛନ୍ତି । ଏବେ ଗାଁ ଗାଁରେ ସ୍ୱେଚ୍ଛାସେବୀ ସଂଗଠନ ମଧ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଅନୁଦାନ ରାଶି ବଢ଼ିବାରେ ଲାଗିଛି । ତଥାପି ଦାରିଦ୍ର୍ୟର ସମାପ୍ତି ଯେମିତି ଅନେକ ଦୂରରେ ଅଛି । ଗୋପୀ ମହାନ୍ତି ଯଦି ବଞ୍ଚି ଥାଆନ୍ତେ ଓ ଅବିଭକ୍ତ କୋରାପୁଟକୁ ଆସି କନ୍ଧ, ସଉରା, ପରଜା, ଗଦବା, ବଣ୍ଡା, ବା କୋୟାମାନଙ୍କର ସାମାଜିକ ଓ ଆର୍ଥିକ ବ୍ୟବସ୍ଥାକୁ ଲକ୍ଷ୍ୟ କରି "ଶିବଭାଇ" ଭଳି ଆଉ ଏକ ଉପନ୍ୟାସ ଲେଖିବାର ପ୍ରୟାସ କରନ୍ତେ ତେବେ ବିଷୟ ବସ୍ତୁ କ'ଣ ହୁଅନ୍ତା ? ମୁଁ ଅନାୟାସରେ ଏହାର ପରିକଳ୍ପନା କରି ପାରୁଛି । ବଣ ପାହାଡ ବାଘ ଭାଲୁ ଆଉ ନାହାଁନ୍ତି । ଆଦିବାସୀ ଗାଁ ହୁଏତ ଆଉ ଦୁର୍ଗମ ହୋଇ ରହିନାହିଁ । ସାହୁକାରଙ୍କ ସଂଖ୍ୟା ବଢ଼ିଛି । ଅଣ-

Digitized by srujanika@gmail.com

ଆଦିବାସୀମାନେ ପ୍ରାୟ ସବୁଆଡେ ମାଡି ଯାଇଛନ୍ତି । ଆଦିବାସୀଙ୍କ ହାତରୁ ଜମି ବେଶୀ ଅଣଆଦିବାସୀ ପାଖକୁ ହସ୍ତାନ୍ତରୀକରଣ ହୋଇ ଯାଇଛି । ଆଦିବାସୀ ଏବେ ମଧ୍ୟ ଆମ୍ବଟାକୁଆ, ତେନ୍ତୁଳି ମଞ୍ଜି, ପଚାସଢ଼ା ମାଂସ ଖାଉଛି । ଆଦିବାସୀ ଅଞ୍ଚଳରେ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଦାରିଦ୍ର୍ୟ ଦୂର ହୋଇପାରି ନାହିଁ । ତେବେ ରାସ୍ତା କ'ଣ ? ଆଜି କେହି ସ୍ପଷ୍ଟ ଭାବେ କହିବାକୁ ସାହସ କରୁନାହାଁନ୍ତି । ଗାନ୍ଧୀବାଦୀମାନେ ବା ମାଓବାଦୀମାନେ ହୁଅନ୍ତୁ ଦାରିଦ୍ର୍ୟ ଦୂରୀକରଣର ରାସ୍ତା ନିର୍ଣ୍ଣୟ କରିବାରେ ଆଦିବାସୀମାନଙ୍କୁ ଉଚିତ୍ ପରାମର୍ଶ ଦେଉ ନାହାଁନ୍ତି ।

ଆନ୍ତର୍ଜାତିକ ଖ୍ୟାତି ସମ୍ପର୍ଣ୍ଣ ଅର୍ଥନୀତିଜ୍ଞ ପ୍ରଫେସର ଜେଫରୀ ସାକ୍ସ (Jeffery Sachs) "ଦି ଏଣ୍ଡ ଅଫ ପଭର୍ଟି" (The End of Poverty) ବୋଲି ବହିଟିଏ ଲେଖିଛନ୍ତି । ଏଇ ଗ୍ରନ୍ଥରେ ମୁଁ ପ୍ରଫେସର ସାକ୍ସଙ୍କ ବକ୍ତୃତାମାଳାରୁ କିଛି ଅଂଶ ଉପସ୍ଥାପିତ କରିଥିଲି । ଏ ବହିଟି ମଧ୍ୟ ଆଲୋଚନାର ପରିସରଭୁକ୍ତ ବୋଲି ମୁଁ ବାରମ୍ବାର ଅନୁଭବ କରୁଛି । ମୁଁ ପ୍ରଫେସର ସାକ୍ସଙ୍କ ସହ ଏକମତ ନୁହେଁ ଅନେକ ଯୁକ୍ତିରେ । ୨୦୦୩ ମସିହାରେ ଦିଲ୍ଲୀଠାରେ ଏକ ଆଲୋଚନାଚକ୍ରରେ ଦେଖା ହୋଇଥିଲା ତାଙ୍କ ସହିତ । ଏହାକୁ ଆୟୋଜନ କରିଥିଲା ବିଶ୍ୱ ଖାଦ୍ୟ ସଂଗଠନ ଓ ସ୍ୱାମୀନାଥନ୍ ଫାଉଣ୍ଡେସନ୍ । ବିଶ୍ୱ କ୍ଷୁଧା ନିରାକରଣ ପାଇଁ ଜାତିସଂଘ ଯେଉଁ ଟାସ୍କ ଫୋର୍ସ ଗଠନ କରିଥିଲା, ତାହାର ଚେୟାରମ୍ୟାନ ଥିଲେ ପ୍ରଫେସର ସାକ୍ସ । ଏଥିରେ ବିଶ୍ୱର ବିଭିନ୍ନ ବୈଜ୍ଞାନିକ ଓ ବିଶେଷଜ୍ଞମାନେ ସଦସ୍ୟ ଥିଲେ । ଆହୁରି ମଧ୍ୟ ସଦସ୍ୟ ଥିଲେ ବିଶ୍ୱର ଧନୀ କର୍ପୋରେଟମାନେ । ଏ ଟାସ୍କଫୋର୍ସରେ ସଦସ୍ୟ ଥିଲେ ୟୁନିଲିଭର, ମନ୍ସାଣ୍ଟୋ, ବ୍ରିଟିଶ ଫର୍ଟିଲାଇଜର ଆଦି କର୍ପୋରେଟ୍ମାନେ ଯେଉଁମାନେ ସାରାପୃଥିବୀର ବିହନ, ସାର, ଖାଦ୍ୟ ବ୍ୟବସାୟକୁ ନିୟନ୍ତ୍ରଣ କରିଥାଆନ୍ତି । ତୃତୀୟ ବିଶ୍ୱର କ୍ଷୁଧାର ଏକମାତ୍ର କାରଣ ହେଉଛି ମୃତ୍ତିକାରର ଅବକ୍ଷୟ ଓ ଉର୍ବରତା ହ୍ରାସ । ଏଇଥିପାଇଁ ଏସିଆ ଓ ଆଫ୍ରିକାର ଖାଦ୍ୟାଭାବ ଲାଗି ରହୁଛି । ପ୍ରଫେସର ସାକ୍ସ ବିଭିନ୍ନ ଉଦାହରଣ ଦେଇ ଏକଥା ପ୍ରମାଣିତ କରିବାକୁ ଚେଷ୍ଟା କରୁଥାଆନ୍ତି । ଭାରତର ବିଭିନ୍ନ ଅଞ୍ଚଳ ମଧ୍ୟ ସେ ପରିଦର୍ଶନ କରିଥାନ୍ତି ଓ ତାଙ୍କର ଅନୁଭୂତି କହୁ ଥାଆନ୍ତି । ଶେଷରେ ସର୍ବମତ ପ୍ରକାଶ ପାଇଥିଲା ଯେ ଖାଦ୍ୟ ଉତ୍ପାଦନ ବଢ଼ିବା ପାଇଁ, ପ୍ରତ୍ୟେକ ପଛୁଆ ଦେଶ ବିଶେଷ କରି ଆଫ୍ରିକାକୁ ରାସାୟନିକ ସାର ରିହାତି ଦରରେ ଯୋଗାଇବା ଅପରିହାର୍ଯ୍ୟ । ଅର୍ଥାତ୍ ଆନ୍ତର୍ଜାତିକ ବଜାରକୁ ନିୟନ୍ତ୍ରଣ କରୁଥିବା ସାର କମ୍ପାନୀମାନେ, ତୃତୀୟ ବିଶ୍ୱକୁ ରାସାୟନିକ ସାର କମ୍ ଦରରେ ପ୍ରଥମେ ଦେବେ ଓ ତା'ପରେ ସେ ଦେଶକୁ ଆନ୍ତର୍ଜାତିକ ଦରରେ ସାର ବିକିବେ । ସେମାନେ ପରାମର୍ଶ ଦେବେ କେଉଁ ଫସଲହେବ କି ପ୍ରକାର ବିହନ ଆବଶ୍ୟକ ହେବ ଓ କେଉଁ ଭଳି ତା'ର ଦରଦାମ ସ୍ଥିର ହେବ । ଏଇଭଳି ଆଲୋଚନାର ତାତ୍ପର୍ଯ୍ୟ ମୁଁ ଶୀଘ୍ର ଉପଲବ୍ଧ କରିଥିଲି । ପ୍ରଫେସର ସାକ୍ସ ଓ ବିଶ୍ୱାକ୍ଷୁଧା ନିରାକରଣର ଟାସ୍କଫୋର୍ସ କିପରି

Digitized by srujanika@gmail.com

ସାର ଓ ବିଭିନ୍ନ କମ୍ପାନୀଙ୍କ ଦ୍ୱାରା ନିୟନ୍ତ୍ରିତ ତାହା ବେଶ୍ ଜଣାପଡୁଥିଲା । ମୁଁ ଶେଷରେ ସମ୍ଭାଳିନପାରି ପ୍ରଫେସର୍ ସାକ୍ସଙ୍କୁ ବିରୋଧ କରିଥିଲି । ଯଦି ପ୍ରତ୍ୟେକ ଦେଶ ବିଦେଶରୁ ରିହାତି ଦରରେ 'ସାର ଓ ବିହନ କିଣିବେ ଓ ବହୁରାଷ୍ଟ୍ରୀୟ କମ୍ପାନୀଙ୍କ କବ୍‌ଜାରେ ରହିବେ, ତେବେ କୌଣସି ଦେଶ ଖାଦ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହେବ ନାହିଁ । ଏହାଛଡା ରାସାୟନିକ ସାରର ବ୍ୟାପକ ବ୍ୟବହାରରେ ମାଟିର ଉର୍ବରତା କମିଯିବ । ତୃତୀୟ ବିଶ୍ୱର ପ୍ରତ୍ୟେକ ଦେଶର ଖାଦ୍ୟ ନିରାପତ୍ତା ଓ ସାର୍ବଭୌମତ୍ୱ ବିପନ୍ନ ହେବ ।' ମୋର ଯୁକ୍ତି ପ୍ରଫେସର୍ ସାକସ୍ ଓ ଅନ୍ୟ ବିଶେଷଜ୍ଞମାନଙ୍କୁ ଚକିତ କରିଥିଲା ସେଦିନ । କିନ୍ତୁ ତା'ପରେ ପରେ କେତେକ ବିଶେଷଜ୍ଞ ମୋ ସହ ବ୍ୟକ୍ତିଗତ ଆଲୋଚନା କରି ମୋର ମତାମତକୁ ସ୍ୱାଗତ କରିଥିଲେ । ପ୍ରଫେସର ସାକ୍ସଙ୍କ ଉପରେ ମୋର ବିକଳ୍ପମତ କିଛି ପ୍ରଭାବ ପକାଇଥିଲା କି ନାହିଁ ଜାଣି ହେଲା ନାହିଁ ।

"ଦି ଏଣ୍ଡ ଅଫ ପଭର୍ଟି" ବା "ଦାରିଦ୍ର୍ୟର ସମାପ୍ତି" ବହିଟି ସମସ୍ତେ ପଢ଼ିବା ଆବଶ୍ୟକ ଓ ପ୍ରଫେସର ଜେଫରୀ ସାକ୍ସଙ୍କ ମତାମତକୁ ଗୁରୁତ୍ୱ ଦେବା ଯଥାର୍ଥ । ଆମ ଭିତରୁ କେହି ଜଣେ ଦାରିଦ୍ର୍ୟର ଅନ୍ତ ହେଉ ବୋଲି ସ୍ୱପ୍ନ ଦେଖୁଛି ବା କିଛି ବାସ୍ତବବାଦୀ ପରାମର୍ଶ ଦେଉଛି ତାହାକୁ ସ୍ୱାଗତ କରିବା ବିଜ୍ଞତାର ପରିଚୟ ହେବ । ମୁଁ କିନ୍ତୁ କହି ରଖୁଛି ଯେ ପ୍ରଫେସର ସାକ୍ସଙ୍କ ସହ କୌଣସି ମତେ ମୁଁ ଏକମତ ନୁହେଁ । ଦାରିଦ୍ର୍ୟ ନିରାକରଣ ପାଇଁ ତିନି ଚାରୋଟି ଦେଶର ଉଦାହରଣ ସେ ଦେଇଛନ୍ତି । ପ୍ରଥମେ ଆଫ୍ରିକାର ମାଲାୱିର ଦୁଃଖଦ କଥା । ଅନାହାର, ମ୍ୟାଲେରିଆ ଓ ଏଡସ୍ ବେମାରରେ ଏ ଦେଶର ଲୋକସଂଖ୍ୟା ତୀବ୍ରଗତିରେ କମିବାରେ ଲାଗିଛି । ହଜାର ହଜାର ମରୁଛନ୍ତି । ପ୍ରଫେସର ସାକ୍ସ କେତେଥର ସେ ଦେଶର ଆଭ୍ୟନ୍ତରୀଣ ଇଲାକା ଯାଇ ଅଧ୍ୟୟନ କରିଛନ୍ତି । ଆନ୍ତର୍ଜାତିକ ସହାୟତା ରାଶି ଯେତିକି ଆସିବା କଥା ଆସୁନାହିଁ । ୟୁରୋପ ଓ ଯୁକ୍ତରାଷ୍ଟ୍ର ଆମେରିକା ସାହାଯ୍ୟ କରିବା ପାଇଁ ତତ୍ପର ନୁହଁନ୍ତି । ମୃତ୍ୟୁର ବିଭୀଷିକା ଲାଗି ରହିଛି ସେ ଦେଶରେ ଓ ଅବସ୍ଥାରେ ପରିବର୍ତ୍ତନ ହେବା କଥା ପ୍ରଫେସର ସାକ୍ସ ଦେଖୁ ନାହାନ୍ତି । ବଙ୍ଗଳାଦେଶର ଅବସ୍ଥା ପ୍ରଫେସର୍ ସାକ୍ସ ମଧ୍ୟ ଅଧ୍ୟୟନ କରି କହିଛନ୍ତି, ସେ ଦେଶର ମହିଳାମାନେ ଆଗକୁ ଏକ ପାଦ ଆସିଛନ୍ତି । ଶହ ଶହ ସଂଖ୍ୟାରେ ବସ୍ତ୍ର ତିଆରି ଫ୍ୟାକ୍ଟ୍ରିମାନଙ୍କରେ କର୍ମରତ ରହୁଛନ୍ତି । ରପ୍ତାନୀ କରାଯାଉଥିବା ବିଭିନ୍ନ କିସମର ପୋଷାକ ତିଆରି କରୁଛନ୍ତି । ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ନାମରେ ପୋଷାକ ତିଆରି ହେଉଛି ସତ, ଗୁଜୁରାଣ ମେଣ୍ଟାଇବାକୁ କିଛି ନା କିଛି ପାରିଶ୍ରମିକ ମିଳୁଛି । ଏହାଛଡା 'ଗ୍ରାମୀଣ ବ୍ୟାଙ୍କ' ଓ 'ବ୍ରାକ୍' ଭଳି ସଂସ୍ଥାମାନେ ମହିଳାମାନଙ୍କ ପାଇଁ ଅର୍ଥଯୋଗାଣ ବା ମାକ୍ରୋ ଫାଇନାନ୍ସ କାର୍ଯ୍ୟକ୍ରମ ଚଳାଇଛନ୍ତି ଓ ହଜାର ହଜାର ଗ୍ରାମ୍ୟ ମହିଳା ଏଥିରେ ଉପକୃତ ହେଉଛନ୍ତି । ପ୍ରଫେସର୍ ସାକ୍ସ ଭାରତର

Digitized by srujanika@gmail.com

କ୍ରମ ବର୍ଦ୍ଧିଷ୍ଣୁ ଆଇ.ଟି. ବା ସୂଚନା ପ୍ରଯୁକ୍ତି ବିଜ୍ଞାନର ଅଭିବୃଦ୍ଧିକୁ ଦାରିଦ୍ର୍ୟ ଦୂରୀକରଣର ମାଧ୍ୟମ ହିସାବରେ ଗ୍ରହଣ କରିଛନ୍ତି । ଯେ କୌଣସି ସହରର ଆଖପାଖର ଶିକ୍ଷିତ ଯୁବକ ଓ ଯୁବତୀମାନେ ଆଇ.ଟି. ଦ୍ୱାରା ବିଶେଷ ଉପକୃତ ହେଉଛନ୍ତି । ବିଭିନ୍ନ କଲ୍ ସେଣ୍ଟର ଜରିଆରେ ୟୁରୋପ୍ ଓ ଆମେରିକାର ବିଭିନ୍ନ ସୂଚନା ଓ ତଥ୍ୟକୁ ବିଶ୍ଳେଷଣ କରି ଇଣ୍ଟରନେଟ୍ ଜରିଆରେ ପଠାଇଛନ୍ତି । ଶେଷରେ ପ୍ରଫେସର ସାକ୍ସ ଚୀନ୍‌ର ଉଦାହରଣ ଦେଇ କହିଛନ୍ତି ଯେ ସେ ଦେଶରେ ରପ୍ତାନୀ ଭିତ୍ତିକ ଅଭିବୃଦ୍ଧି ସେ ଦେଶର ଦାରିଦ୍ର୍ୟ ଦୂରୀକରଣର ରାସ୍ତା ଉନ୍ମୋଚିତ କରିଛି । ଆନ୍ତର୍ଜାତିକ ବଜାରରେ ଚୀନରେ ତିଆରି ଜିନିଷ ଆଜି ପର୍ଯ୍ୟାପ୍ତ ଭାବେ ମିଳୁଛି ଓ ଆଦୃତ ହେଉଛି । ପ୍ରଗତିର ରଥ ସେ ଦେଶରେ ଆଗକୁ ଆଗକୁ ମାଡି ଚାଲିଛି ।

ଆମର ଆଦିବାସୀ ଓ ଅନୁନ୍ନତ ଅଞ୍ଚଳ ଗୁଡିକ ସମ୍ଭବତଃ ଆଫ୍ରିକାର ମାଲାୱି ଦେଶ ଭଳି । ଅନାହାର ଓ ରୋଗ ବେମାରୀରେ ଲୋକେ ମରିବା ଛଡା ଅନ୍ୟକିଛି ସେଠାରେ ଘଟୁନାହିଁ । ପ୍ରାକୃତିକ ସମ୍ବଳ ସେ ଅଞ୍ଚଳରେ ଅଛି ଭରପୂର । କିନ୍ତୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ବିନିଯୋଗ ହୋଇପାରୁନାହିଁ । ଏ ଅଞ୍ଚଳରେ ଆଦିବାସୀମାନେ ବଙ୍ଗଳାଦେଶ, ଭାରତର ସହର ଓ ଚୀନ୍‌ର ଗ୍ରାମାଞ୍ଚଳ ଭଳି ହୋଇ ପାରିବେ ନାହିଁ । କଦାପି ଏହା ସମ୍ଭବ ନୁହେଁ । ଦାରିଦ୍ର୍ୟର ଶୃଙ୍ଖଳ ଏମାନଙ୍କୁ ଏମିତି ବାନ୍ଧି ପକାଇଛି ଯେ ସେମାନେ ମୁକୁଳି ପାରୁନାହାଁନ୍ତି । ସ୍ୱାଧୀନତା ପୂର୍ବର ଏବଂ ପରର ଅବସ୍ଥାରେ ସେମିତି କିଛି ଆଖି ଦୃଶିଆ ପରିବର୍ତ୍ତନ ସମ୍ଭବ ହୋଇନାହିଁ । ଏଥିପାଇଁ ଏକ ନୂତନ ଚିନ୍ତନର ଆବଶ୍ୟକତା ଅଛି । ପ୍ରଫେସର ଜେଫରୀ ସାକ୍ସ ଭାରତର ଆଦିବାସୀ ବହୁଳ ଇଲାକାକୁ ଗ୍ରସ୍ତ କରିଥିଲେ ଦାରିଦ୍ର୍ୟ ଦୂରୀକରଣ କିପରି କଠିନ ଓ ଅସମ୍ଭବ ସେ ଜାଣିବାକୁ ବେଶୀ ସମୟ ନିଅନ୍ତେ ନାହିଁ ।

କାର୍ଲମାର୍କସ ନଥିଲା ବାଲା ବା ହାଭନଟସ୍‌ମାନଙ୍କର ରାଜୁତି ଉପରେ ଗୁରୁତ୍ୱ ଦେଇ ମତବାଦ ସୃଷ୍ଟି କରୁଥିଲେ କିନ୍ତୁ ତାହା ମଧ୍ୟ ଥିଲାବାଲା ଓ ନଥିଲା ବାଲାଙ୍କ ଭିତରେ ଦୂରତ୍ୱ କମାଇବାରେ ସକ୍ଷମ ହେଲା ନାହିଁ । ମହାତ୍ମା ଗାନ୍ଧୀ, ବିନୋବା ଓ ଜୟପ୍ରକାଶ ଆଦିଙ୍କ ସର୍ବୋଦୟ ଚେତନା ମଧ୍ୟ ଏଦେଶର ଅଗଣିତ ଗରିବ ଓ ଅସହାୟଙ୍କ ଅବସ୍ଥାରେ ବିଶେଷ ପରିବର୍ତ୍ତନ କରିପାରିଲା ନାହିଁ । କେତେ ୟୁଟୋପିଆ ଜନ୍ମ ନେଇଛି ଓ ସମୟକ୍ରମେ ଲୁପ୍ତ ହୋଇଛି । ଦାରିଦ୍ର୍ୟ ଯେମିତି ଶେଷ ହେଉନାହିଁ ଏ ପୃଥିବୀରୁ ।

□□□

Digitized by srujanika@gmail.com

ବିଶ୍ୱକ୍ଷୁଧା ସମ୍ପର୍କରେ କେତୋଟି ଭ୍ରମଧାରଣା

ଓଡ଼ିଶାର ଖ୍ୟାତି ସମ୍ପନ୍ନ ଗଣିତଜ୍ଞ ପ୍ରଫେସର ସ୍ୱାଧୀନ ପଟ୍ଟନାୟକ ମୋର ଚିର ନମସ୍ୟ । ତାଙ୍କର ଜଣେ ଛାତ୍ର ହିସାବରେ ମୁଁ ମଧ ସବୁବେଳେ ଗର୍ବ କରିଥାଏ । ସତୁରୀ ଦଶକରେ ମୋ ବିଶ୍ୱବିଦ୍ୟାଳୟ ଜୀବନର ୫ଡଝଣ୍ଟା ଭିତରେ ତାଙ୍କ ଭଳି ଆଦର୍ଶବାଦୀ ଖୁବ୍ ପ୍ରଭାବ ପକାଇଥିଲେ । ଆମକୁ ବିଶ୍ଳେଷଣାତ୍ମକ ଗଣିତ ସେ ଚମତ୍କାର ପଢ଼ାଉଥିଲେ ଓ ଜଟିଳ ପ୍ରଶ୍ନମାନଙ୍କୁ ଅତି ସହଜରେ ସମାଧାନ କରୁଥିଲେ । ଗଣିତ ଓ ତତ୍ ସଂଲଗ୍ନ ତର୍କକୁ ବୁଝାଇବାରେ ସେ ଥିଲେ ଅଦ୍ୱିତୀୟ । କିନ୍ତୁ ଗଣିତର ପୃଥିବୀରୁ ବହୁ ଦୂରରେ ଥିବା ଗରିବ ଓ ଶୋଷିତଙ୍କ ପାଇଁ ତାଙ୍କର ସମ୍ବେଦନଶୀଳତା ଓ ସଂପ୍ରୀତି କଥା ସେ କାୟ, ମନ ଓ ବାକ୍ୟରେ ପ୍ରକାଶ କରୁଥିଲେ । ଏହା ମୋ ପାଇଁ ଗାଣିତିକ ସତ୍ୟଠାରୁ ଅଧିକ ଶକ୍ତିଶାଳୀ ଥିଲା । ସେ ସମୟରେ କୌଣସି ଭୋଜିଭାତ ହେଲେ ସେ ନିଜକୁ ଦୂରେଇ ରଖୁଥିଲେ । ବିବାହ ଭୋଜି ହେଉ କି ବ୍ରତଘର ଉତ୍ସବ ହେଉ, ଗଣେଶ ପୂଜା ହେଉକି ସରସ୍ୱତୀ ପୂଜା ହେଉ, ବଣଭୋଜି ହେଉ କି ବନ୍ଧୁମିଳନ ହେଉ, ଭୋଜି ସ୍ଥଳର କିଛି ଦୂରରେ ଅପେକ୍ଷା କରି ଥାଆନ୍ତି ଏକ ବୁଭୁକ୍ଷୁ ଦଳ ସେମାନଙ୍କ ପିଲାମାନଙ୍କ ସହ । ଅଇଁଠା ଖଲିପତ୍ର ଯେଉଁଠି ପଡୁଥାଏ, ସେଇଠି ସେମାନେ କୋଳାହଳ କରୁଥାଆନ୍ତି । ଅଇଁଠା ଖଲିରେ ଯାହାକିଛି ଥାଏ ତାକୁ ସଂଗ୍ରହ କରୁଥାଆନ୍ତି ଅଥବା ଖାଇବାରେ ଲାଗିଥାଆନ୍ତି । ଏ ଲେଖକ ଏ ଦୃଶ୍ୟ ବାରମ୍ବାର ଦେଖିଛି । ଏପରିକି ଅତିଥିମାନେ ଖାଇବା ଶେଷ ହୋଇ ନଥିଲେ ବି ଏ କ୍ଷୁଧାତୁର ଦଳ ଅଇଁଠା ଖଲିକୁ ଟାଣି ନେଇ କବ୍ଜା କରନ୍ତି । ଗୋଟାଏ ପ୍ରତିଯୋଗିତା ଚାଲେ କିଛି ସମୟ ଧରି । ଏଇଥିପାଇଁ ପ୍ରଫେସର ସ୍ୱାଧୀନ ପଟ୍ଟନାୟକ କୌଣସି ଭୋଜିଭାତରେ, ଆନନ୍ଦ ମଉଚ୍ଛବରେ କଦାପି ଯୋଗ ଦେଉନଥିଲେ ବୋଲି ସେ କହୁଥିଲେ । ତୃତୀୟ ବିଶ୍ୱରେ ଏହି ସବୁ ଘଟଣା ସେ ବାରମ୍ବାର ସ୍ୱଚକ୍ଷୁରେ ସମ୍ଭବତଃ ଦେଖିଥିଲେ । ଏଇଥିପାଇଁ ତାଙ୍କର ବିଦ୍ରୋହୀ ଆତ୍ମା ତାଙ୍କୁ ଭୋଜିଭାତକୁ ଯିବାକୁ କେବେହେଲେ ପ୍ରେରଣା ଦେଉ ନଥିଲା । (ବିଖ୍ୟାତ ଦଳିତ ଲେଖକ ଓମ ପ୍ରକାଶ ବାଲ୍ମିକୀ 'ଝୁଟନ' ନାମକ ଏକ ଆତ୍ମଲିପିରେ ଏଇ ଅଇଁଠା ଖାଇବାର ପ୍ରକ୍ରିୟା କିପରି ତାଙ୍କର ସମାଜ ଉପରେ ଜୋର ଜବରଦସ୍ତି ଲଦି ଦିଆଯାଇଥିଲା ତାହା ବର୍ଣ୍ଣନା କରିଛନ୍ତି ।) ଭୋଜିରେ ବସି ଖାଉଥିବା ଓ

Digitized by srujanika@gmail.com

ଭୋଜି ବାହାରେ ଅଇଁଠା ଅପେକ୍ଷାରେ ଥିବା ଲୋକମାନଙ୍କୁ ଦେଖି କ୍ଷୁଧାର ଆଟ୍‌ଲାସ ଜଣେ ତିଆରି କରିପାରେ ।

କିନ୍ତୁ ଏପରି କାହିଁକି ? ଏ ପୃଥିବୀରେ ଦଳେ ଲୋକ ଭୋଜିଭାତ କରି ବିଳାସବ୍ୟସନରେ ରହୁଥିବେ ଓ ଆଉ ଦଳେ ସେମାନଙ୍କର ଅଇଁଠା ଖାଉଥିବେ ବା ଅନାହାରରେ ରହୁଥିବେ ଏହା କେଉଁଭଳି ସାମ୍ପ୍ରତିକ ସଭ୍ୟ ସମାଜରେ ଗ୍ରହଣଯୋଗ୍ୟ ? କିନ୍ତୁ ସମ୍ପ୍ରତି ଏ ଥାଳି ବାଲାଙ୍କ ଦଳର ସ୍ଥିତି ମଜଭୂତ ହେବାରେ ଲାଗିଛି । ପ୍ରତ୍ୟେକ ଦେଶ ନିଜ ନିଜର ଖାଦ୍ୟନୀତି ତିଆରି କରୁଛନ୍ତି । ପ୍ରତି ଚାରି ବର୍ଷରେ ବିଶ୍ୱ ଖାଦ୍ୟ ସମ୍ମିଳନୀ (World Food Congress) ଆୟୋଜନ କରାଯାଉଛି । ଜାତି ସଂଘରେ କ୍ଷୁଧା ଦୂରୀକରଣ ପାଇଁ ଏକ ଟାସ୍କଫୋର୍ସ ଗଢ଼ା ଯାଇଛି । ହେଲେ ଏ ସବୁର ପ୍ରଭାବ ଓ ପ୍ରତିଷ୍ଠା ଆଜି ସନ୍ଦେହର ବିଳୟ ଭିତରକୁ ଆସି ଯାଇଛି । କାରଣ ବିଶ୍ୱବ୍ୟାପି କ୍ଷୁଧା ବଢିବାରେ ଲାଗିଛି । ଏହା ଯେତିକି ବଢୁଛି, ସେତିକି ବିଶ୍ୱ କ୍ଷୁଧା ମୁକ୍ତି ଆନ୍ଦୋଳନ ତୀବ୍ର ହେଉଛି । ତଥାପି କ୍ଷୁଧା ଓ ଅନାହାର ପ୍ରପୀଡିତ ଲୋକଙ୍କ ସଂଖ୍ୟା କମୁ ନାହିଁ ।

ବିଶ୍ୱକ୍ଷୁଧାକୁ ବୁଝିବାକୁ ହେଲେ କେତେ ଗୁଡିଏ ବିଷୟକୁ ଟିକିଏ ଗଭୀର ଭାବେ ଅଧ୍ୟୟନ କରିବାକୁ ହେବ । ମେଦ ବହୁଳ ଲୋକଙ୍କୁ ଅସ୍ଥିକଙ୍କାଳସାର ମଣିଷଙ୍କ ଭିତରେ ଦେଖି ପ୍ରଶ୍ନ କରିବାକୁ ହେବ ଏପରି କାହିଁକି ? ଯାହା ଘରେ ଦୁଇଓଳି ଚୁଲିଜଳୁନାହିଁ ବା ଯିଏ ରାସ୍ତାକଡରେ କି ଗଛମୂଳେ ପଡି ରହିଛି ତାହାକୁ ଦେଖିବା ସଙ୍ଗେ ସଙ୍ଗେ ପଞ୍ଚତାରକା ହୋଟେଲର ଖାଦ୍ୟପେୟକୁ ତୁଳନା କରିବାକୁ ହେବ ଏବଂ ପ୍ରଶ୍ନ କରିବାକୁ ହେବ ଏପରି କାହିଁକି ? ଅନାହାରରେ ପେଟ ଫୁଲିଥିବା ପିଲାକୁ ଦେଖିବ । ସଙ୍ଗେ ସଙ୍ଗେ ଟିଭି ଚ୍ୟାନେଲ୍‌ରେ ଆସୁଥିବା ବିଜ୍ଞାପନର ସୁସ୍ଥ ସବଳ ପିଲାମାନଙ୍କ ଚେହେରା ଓ ବେଶଭୂଷା ଦେଖି ପଚାରିବାକୁ ହେବ ଏପରି କାହିଁକି ? ଏ ସ୍ତମ୍ଭର ପାଠକମାନଙ୍କୁ ଏ ଲେଖକ ପରାମର୍ଶ ଦେବାକୁ ଚାହିଁବ ବର୍ତ୍ତମାନର ଜଣେ ପ୍ରଭାବଶାଳୀ ଲେଖିକାଙ୍କ ବହିସବୁ ପଢିବା ପାଇଁ । ସେ ହେଉଛନ୍ତି ଶ୍ରୀମତୀ ଫ୍ରାନ୍‌ସେସ୍ ମୋର୍ ଲାପି (Frances Morre Lappe) । ଅଶୀଦଶକରେ ତାଙ୍କର ବହି "ଫୁଡ ଫାଷ୍ଟ"(Food First) ମୁଁ ପଢ଼ିବାକୁ ସୁଯୋଗ ପାଇଥିଲି । ଖାଦ୍ୟ ସମସ୍ୟା ଓ ତାହାର ବିଶ୍ୱବ୍ୟାପୀ ପ୍ରଭାବ ଉପରେ ଏହା ଏକ ବହୁ ଚର୍ଚ୍ଚିତ ପୁସ୍ତକ । ଇନ୍‌ଷ୍ଟିଚ୍ୟୁଟ୍ ଫର ଫୁଡ ଏଣ୍ଡ ଡେଭେଲପମେଣ୍ଟ ପଲିସି ନାମକ ଏକ ଗବେଷଣା କେନ୍ଦ୍ରରେ ରହି ଶ୍ରୀମତୀ ଲାପି ଅନେକ ଉପାଦେୟ ବହି ଲେଖିଛନ୍ତି ଓ ପୃଥିବୀ ସାରା ବିଭିନ୍ନ ଦେଶରେ ଓ ବିଭିନ୍ନ ବର୍ଗର ଲୋକଙ୍କ ପାଖରେ ପହଞ୍ଚି ସାର ଗର୍ଭକ ଭାଷଣ ଦେଇଛନ୍ତି । ଫୁଡ ଫାଷ୍ଟ ଛଡା ସେ ଯେଉଁ ସବୁ ବହି ଲେଖିଛନ୍ତି ତା ଭିତରେ ଅଛି (କ) ୱାର୍ଲ୍ଡ ହଙ୍ଗର:ଟୁଏଲଭ୍ ମିଥ୍‌ସ (World Huger:Twelve Myths) ଖ) ଡାଏଟ୍ ଫର୍ ଏ ସ୍ମଲ୍ ପ୍ଲାନେଟ୍ (Diet for a small planet) ଗ) ହୋପସ୍ ଏଜ୍ :ଦି ନେକ୍ସଟ ଡାଏଟ୍ ଫର ଏ ସ୍ମଲ୍ ପ୍ଲାନେଟ୍ ଆଦି ।

Digitized by srujanika@gmail.com

'ଡାଏଟ୍ ଫର ଏ ସ୍ମଲ୍ ପ୍ଲାନେଟ୍' ବହିଟି ୩୦ଲକ୍ଷରୁ ଅଧିକ ବିକ୍ରୟ ହୋଇ ଖୁବ୍ ଲୋକପ୍ରିୟ ହୋଇଛି । ବିଶ୍ୱକ୍ଷୁଧା ବିଷୟରେ ଯେଉଁ ଭ୍ରମାତ୍ମକ ଧାରଣା ରହିଛି ତାହାକୁ ଦୂର କରି ସତ୍ୟାସତ୍ୟ ସବୁ ଉପସ୍ଥାପନ କରିବାରେ ଫ୍ରାନ୍‌ସେସ୍ ଲ୍ୟାପି ସଫଳ ହୋଇଛନ୍ତି । ଯେଉଁ ସବୁ ଭ୍ରମଧାରଣା ରହିଛି ତାହାକୁ ସେ ବାରଟି 'ମିଥ୍' ରେ ବିଭକ୍ତ କରିଛନ୍ତି । ଏହା ପାଠକଙ୍କ ପାଖରେ ଉପସ୍ଥାପନ କରିବା ନିତାନ୍ତ ବିଧେୟ ।

ପ୍ରଥମ ଭ୍ରମଧାରଣା ହେଲା ଯେ ଏ ପୃଥିବୀରେ ସମସ୍ତଙ୍କ ପାଇଁ ଯଥେଷ୍ଟ ଖାଦ୍ୟ ନାହିଁ । କିନ୍ତୁ ବାସ୍ତବରେ ପୃଥିବୀର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ପାଇଁ ଯଥେଷ୍ଟ ଖାଦ୍ୟ ଉତ୍ପାଦନ ହେଉଛି । ପ୍ରତ୍ୟେକ ମଣିଷକୁ ଆବଶ୍ୟକ ହେଉଥିବା ୩୫୦୦ କ୍ୟାଲୋରି ଯୋଗାଇଦେବା ପାଇଁ ଖାଦ୍ୟ ଶସ୍ୟ ଭରପୁର ରହିଛି । ଏହାଛଡା ପନିପରିବା, ମାଛ, ମାଂସ, ଦୁଗ୍ଧ ଫଳମୂଳ ଆଦିର ମଧ୍ୟ ଅଭାବ ନାହିଁ । କିନ୍ତୁ ଗରିବ ଲୋକେ ଏ ସବୁ ଖାଦ୍ୟଦ୍ରବ୍ୟ କିଣିବାକୁ ହାତରେ ପଇସା ନାହିଁ । ସାଧାରଣ ମଣିଷଙ୍କ ମୁଣ୍ଡପିଛା ଆୟ ଯଥେଷ୍ଟ ନୁହେଁ ଓ ଅର୍ଥନୈତିଜ୍ଞଙ୍କ ଭାଷାରେ ଦିନକୁ ଡଲାରଟିଏ ମଧ୍ୟ ନୁହେଁ । ଯେଉଁ ଦେଶମାନଙ୍କରେ କ୍ଷୁଧା ଓ ଅନାହାର ବ୍ୟାପକ, ସେ ଦେଶରେ ମଧ୍ୟ ଖାଦ୍ୟ ଦ୍ରବ୍ୟ ଯଥେଷ୍ଟ ଉତ୍ପାଦିତ ହେଉଛି । ଅନେକ କିନ୍ତୁ କୃଷିଜାତ ଦ୍ରବ୍ୟର ରପ୍ତାନୀ ଉପରେ ଗୁରୁତ୍ୱ ଦେଉଛନ୍ତି ।

ଦ୍ୱିତୀୟ ଭ୍ରମଧାରଣା ହେଲା ପ୍ରକୃତି ଓ ତାହାର ବିରୋଧାଭାସ ଖାଦ୍ୟାଭାବ ପାଇଁ ଦାୟୀ । କିନ୍ତୁ ବାସ୍ତବରେ ପ୍ରକୃତିର ପ୍ରତିକୂଳ ଗତି ଓ ପ୍ରାକୃତିକ ବିପର୍ଯ୍ୟୟ ମଣିଷକୃତ । ଅନେକଙ୍କ ପାଖରେ ଜମି ନାହିଁ- ଏ ଅବସ୍ଥା ମଣିଷ ସୃଷ୍ଟି କରିଛି । ବନ୍ୟା ଓ ମରୁଡି ମଣିଷ କୃତ କି ନୁହେଁ ସମସ୍ତେ ଜାଣନ୍ତି । ବିଭିନ୍ନ ଭୁଲ୍ ନୀତି ଯୋଗୁଁ ଖାଦ୍ୟାଭାବ ସୃଷ୍ଟି ହେଉଛି । ପ୍ରକୃତିଦତ୍ତ ଖାଦ୍ୟ ଏ ପୃଥିବୀକୁ ଓ ମଣିଷ ସମାଜକୁ ବଞ୍ଚାଇ ରଖିଛି ।

ତୃତୀୟ ଭ୍ରମଧାରଣା ହେଲା ଯେ ଏ ପୃଥିବୀରେ ଜନସଂଖ୍ୟା ଯେଉଁଭଳି ଭାବରେ ବଢ଼ିବାରେ ଲାଗିଛି, ତାହାର ପ୍ରଭାବ ସ୍ୱରୂପ ଖାଦ୍ୟାଭାବ ଉତ୍କଟ ହୋଇଛି । କିନ୍ତୁ ସତକଥା ହେଉଛି ଯେ ପୃଥିବୀସାରା ଜନ୍ମହାର କମିବାରେ ଲାଗିଛି । ବଙ୍ଗଳାଦେଶ, ନାଇଜେରିଆ ଓ ବ୍ରାଜିଲ୍‌ଭଳି ଦେଶରେ ଜନସଂଖ୍ୟାର ବିସ୍ଫୋରଣ ହୋଇଛି ସତ, ସେ ଦେଶରେ ଖାଦ୍ୟାଭାବର କାରଣ ଅଲଗା । ଏ ଦେଶଗୁଡିକର ଖାଦ୍ୟ ଉତ୍ପାଦନ ରେକର୍ଡ ସୃଷ୍ଟି କରିଛି ।

ଚତୁର୍ଥ ଭ୍ରମଧାରଣା ହେଲା ଯେ ଅଧିକ କୃଷି ଉତ୍ପାଦନ କରିବାକୁ ହେଲେ ପରିବେଶ ବିନାଶ ହେବ । କିନ୍ତୁ ଅସଲ କଥା ହେଉଛି ବହୁରାଷ୍ଟ୍ରୀୟ କମ୍ପାନୀମାନେ ଜଙ୍ଗଲ ବିନାଶ କରି ବଜାର ପାଇଁ କାଠ କିମ୍ବା ଖାଦ୍ୟଦ୍ରବ୍ୟ ପ୍ରସ୍ତୁତ କରୁଛନ୍ତି । ସୁପର୍ ମାର୍କେଟରେ ବିଶେଷ ଆବଶ୍ୟକ ଖାଦ୍ୟଦ୍ରବ୍ୟ ପାଇଁ ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର କରାଯାଉଛି । ଏହାଦ୍ୱାରା ପରିବେଶ ନଷ୍ଟ ହେଉଛି । ଏବେ ଦେଖାଯାଉଛି ଯେ ବିନା

Digitized by srujanika@gmail.com

ରାସାୟନିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ ନକରି ଜୈବିକ ଏବଂ ପ୍ରାକୃତିକ ଉପାୟରେ ଚାଷ କରି ଆବଶ୍ୟକ କୃଷି ଉତ୍ପାଦନ କରାଯାଇ ପାରିବ । କ୍ୟୁବା ଏହି ପ୍ରଣାଳୀ ଉପଯୋଗ କରି ସଫଳତା ହାସଲ କରିସାରିଛି ।

ପଞ୍ଚମ ଭ୍ରମଧାରଣା ହେଲା "ସବୁଜ ବିପ୍ଳବ" ଖାଦ୍ୟାଭାବ ଓ ଅନାହାର ଦୂର କରି ପାରିବ । 'ସବୁଜ ବିପ୍ଳବ' ଦ୍ୱାରା ବିପୁଳ ଖାଦ୍ୟ ଶସ୍ୟ ଉତ୍ପାଦନ ହୋଇପାରିବ ସତ କିନ୍ତୁ ବିଶ୍ୱର, ଦ୍ୱିତୀୟ ବୃହତ୍ତ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାରତ ପାଇଁ ଏହା ଯଥେଷ୍ଟ ନୁହେଁ । ଭାରତରେ 'ସବୁଜ ବିପ୍ଳବ' ସମ୍ଭବ ହୋଇଛି କିନ୍ତୁ କୋଟି କୋଟି ଲୋକ ଅନାହାରରେ ରହୁଛନ୍ତି । ମେକ୍ସିକୋ ଓ ଫିଲିପାଇନ୍‌ସରେ ଅବସ୍ଥା ଭାରତ ଭଳି । ଏବେ ନୂତନ 'ସବୁଜ ବିପ୍ଳବ'ର କଥା ଉଠିଛି ଯାହା ବାୟୋଟେକ୍ନୋଲୋଜି ଦ୍ୱାରା ସମ୍ଭବ । କିନ୍ତୁ ଏହା ମଧ୍ୟ ଲୋକଙ୍କୁ ଆବଶ୍ୟକୀୟ ଖାଦ୍ୟଦ୍ରବ୍ୟ ଯୋଗାଇ ପାରିବ ନାହିଁ । କାରଣ ଭୁଲ୍ ବଣ୍ଟନ ପ୍ରକ୍ରିୟା ଓ ଆର୍ଥିକ ଅସମତା ହେତୁ ଗରିବ ବର୍ଗ ସବୁଜ ବିପ୍ଳବରୁ ଲାଭ ଉଠାଇ ପାରୁ ନାହାନ୍ତି ।

ଷଷ୍ଠ ଭ୍ରମଧାରଣା ହେଲା ଯେ ବଡ ବଡ କୃଷି ଫାର୍ମ କରିଆରେ ଖାଦ୍ୟ ଉତ୍ପାଦନ ବଢାଯାଇ ପାରିବ । ଅର୍ଥାତ୍ ଛୋଟଚାଷୀମାନେ ଖାଦ୍ୟ ଉତ୍ପାଦନ କରିବାରେ ଅକ୍ଷମ ଓ ଅଯୋଗ୍ୟ । କିନ୍ତୁ ଅଧ୍ୟୟନରୁ ଦେଖାଯାଇଛି ଯେ ବଡ ବଡ କୃଷି ଫାର୍ମରେ ଏକର ପିଛା ଯେତିକି ଉତ୍ପାଦନ ହେଉଛି, ଛୋଟଚାଷୀ ତାର ଏକର ପିଛା ଅଧିକ ଫସଲ ଉତ୍ପାଦନ କରିପାରୁଛି । ଛୋଟଚାଷୀ ଜମିର ମହତ୍ୱ ଜାଣିଛି । କୃଷିର ଚକ୍ରକୁ ବୁଝିଛି । ମିଶ୍ରିତ କୃଷିକୁ ଗ୍ରହଣ କରିଛି । ମାଟିମାଆର ସୁରକ୍ଷା କରୁଛି । ଜାପାନ ଓ ଜିମ୍ବାୱେରେ ଛୋଟଚାଷୀ କୃଷି ବ୍ୟବସ୍ଥାକୁ ସୁଦୃଢ଼ କରିଛି ।

ସପ୍ତମ ଭ୍ରମଧାରଣା ହେଉଛି ମୁକ୍ତ ବଜାର କ୍ଷୁଧା ଦୂରୀକରଣରେ ସାହାଯ୍ୟ କରିବ । କିନ୍ତୁ 'ମୁକ୍ତ ବଜାର' ପଇସା ଥିଲା ବାଲାଙ୍କୁ ସାହାଯ୍ୟ କରେ । ଖାଦ୍ୟଦ୍ରବ୍ୟ ଏହି ବର୍ଗର ଲୋକେ କିଣିବେ । ତେଣୁ ଉପଭୋକ୍ତା ପାଖରେ ଖାଉଟି ଜିନିଷ କିଣିବା ପାଇଁ କ୍ଷମତା ଥିବା ଜରୁରୀ । ଘରୋଇକରଣ ଏବଂ ବଜାରୀକରଣ ପ୍ରକ୍ରିୟା ଏ ପୃଥିବୀରୁ କେବେହେଲେ ଖାଦ୍ୟାଭାବ ଦୂର କରି ପାରିବେ ନାହିଁ ।

ଅଷ୍ଟମ ଭ୍ରମଧାରଣା ହେଉଛି ଖାଦ୍ୟଭାବ ଦୂର ପାଇଁ ମୁକ୍ତ ବାଣିଜ୍ୟ ଏକ ଅସ୍ତ୍ର । ବାସ୍ତବ କ୍ଷେତ୍ରରେ ତୃତୀୟ ବିଶ୍ୱରେ ଉତ୍ପାଦିତ ଖାଦ୍ୟଦ୍ରବ୍ୟ ମୁକ୍ତ ବାଣିଜ୍ୟ ଦ୍ୱାରା ଆମେରିକା ଓ ଇୟୁରୋପର ଧନୀ ଦେଶକୁ ଚାଲି ଯାଉଛି । ତୃତୀୟ ବିଶ୍ୱ ଆଜି ମୁକ୍ତ ବାଣିଜ୍ୟ ନୀତି, ଗ୍ୟାଟ୍, ନାଫ୍‌ଟା ଦ୍ୱାରା କବଳିତ । ରପ୍ତାନିଭିତ୍ତିକ କୃଷିକୁ ପ୍ରାଥମିକତା ଦିଆଗଲେ ସ୍ଥାନୀୟ ଲୋକଙ୍କ ଆବଶ୍ୟକୀୟ ଖାଦ୍ୟଶସ୍ୟ ଆଉ ଉତ୍ପାଦିତ ହେବ ନାହିଁ । ତେଣୁ ବ୍ୟାପକ ଖାଦ୍ୟାଭାବ ଦେଖାଦେବ ।

Digitized by srujanika@gmail.com

ନବମ ଭ୍ରମଧାରଣା ହେଉଛି ଯେଉଁମାନେ କ୍ଷୁଧାର୍ତ୍ତ ସେମାନେ ଦୁର୍ବଳ ଓ ନିଜର ଅଧିକାର ଜାହିର କରିବାକୁ ଅସମର୍ଥ । କିନ୍ତୁ ଅସଲକ୍ଷେତ୍ରରେ ଖାଦ୍ୟ ଅଧିକାର, ଜମି ଅଧିକାର ନେଇ ସାରା ପୃଥିବୀରେ କୃଷକ ଆନ୍ଦୋଳନ ଚାଲି ଆସୁଛି । କୃଷକମାନଙ୍କ ସଂଗଠନ ମଜଭୂତ ହେଉଛି । ଭାରତ, ମେକ୍ସିକୋ, ବ୍ରାଜିଲ ଆଦି ଦେଶରେ କୃଷକମାନେ ବିପ୍ଳବାତ୍ମକ ପଥ ଅନୁସରଣ କରୁଛନ୍ତି । ଚୁପ୍ ହୋଇ ଚାଷୀ ଆଉ ବସି ନାହିଁ । ଏବେ ସ୍ୱତନ୍ତ୍ର ଅର୍ଥନୈତିକ ଆର୍ଥିକ ଜୋନ୍‌କୁ ନେଇ କୃଷକ ଆନ୍ଦୋଳନ ଭାରତରେ ତୀବ୍ର ହୋଇଛି ।

ଦଶମ ଭ୍ରମଧାରଣା ହେଉଛି ଆମେରିକା ଓ ୟୁରୋପ୍‌ର ସାହାଯ୍ୟ ଦ୍ୱାରା କ୍ଷୁଧା ଦୂରହୋଇପାରିବ । କିନ୍ତୁ ଅସଲ କ୍ଷେତ୍ରରେ ଦେଖା ଯାଇଛି ଯେ ଖାଦ୍ୟ ଅନୁଦାନ ଦେଇ ବିକଶିତ ଦେଶମାନେ ବିକାଶଶୀଳ ଦେଶମାନଙ୍କୁ ନିର୍ଭରଶୀଳ କରିଦେଇଛନ୍ତି । ଖାଦ୍ୟ ଅନୁଦାନ ବିକଶିତ ଦେଶର କୃଷକମାନଙ୍କର ଖାଦ୍ୟଶସ୍ୟ ବିକ୍ରୟ ହେବାରେ କେବଳ ସାହାଯ୍ୟ କରୁଛି । ତୃତୀୟ ବିଶ୍ୱର ବିକାଶଶୀଳ ଦେଶମାନେ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ଆଗ୍ରହ ପ୍ରକାଶ କରୁ ନାହାଁନ୍ତି । ଖାଦ୍ୟ କିଣିବା ପାଇଁ ତୃତୀୟ ବିଶ୍ୱ ବେଶୀ ଖର୍ଚ୍ଚ କରୁ ଥିବାରୁ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଅନ୍ୟାନ୍ୟ ସେବା ସେ ଦେଶ ଲୋକଙ୍କୁ ଯୋଗାଇବାକୁ ସମର୍ଥ ହେଉନାହିଁ ।

ଏଗାରତମ ଭ୍ରମଧାରଣା ହେଉଛି ବିକଶିତ ଦେଶମାନେ ବିକାଶଶୀଳ ଦେଶର ଦାରିଦ୍ର୍ୟତାରୁ ଲାଭାନ୍ୱିତ ହେଉଛନ୍ତି । ଅସଲକ୍ଷେତ୍ରରେ ଦେଖିବାକୁ ହେଲେ ଗରିବ ଦେଶମାନଙ୍କର କ୍ଷୁଧା ଓ ଅନାହାର ବିକାଶିତ ଦେଶଙ୍କ ପ୍ରତି ଭୟ ଓ ଅସୁବିଧାର ବାତାବରଣ ସୃଷ୍ଟି କରିଛି । ଗରିବ ଦେଶମାନଙ୍କରେ ଶ୍ରମିକମାନେ ସହଜରେ ଓ ଶସ୍ତାରେ ମିଳୁଥିବାରୁ ବହୁରାଷ୍ଟ୍ରୀୟ କମ୍ପାନୀମାନେ ସେମାନଙ୍କର ପୁଞ୍ଜିନିବେଶ ବେଳେ ଶସ୍ତା ଶ୍ରମିକ ଖୋଜୁଛନ୍ତି । ଏହା ଫଳରେ ବିକଶିତ ଦେଶରେ ବେରୋଜଗାରୀ ବଢୁଛି ଓ ସାମାଜିକ ନିରାପତ୍ତା କ୍ଷୁର୍ଣ୍ଣ ହୋଇଛି ।

ବାରତମ ଭ୍ରମଧାରଣା ହେଉଛି ଯେ ବ୍ୟକ୍ତି ସ୍ୱାଧୀନତା ବିନିମୟରେ ଖାଦ୍ୟାଭାବ ଦୂରହେବ । ଅର୍ଥାତ୍ ବ୍ୟକ୍ତି, ଜାତି ଓ ଦେଶ ନିଜର ସ୍ୱାଧୀନତାକୁ ବଳି ଦେଲେ କ୍ଷୁଧା ଓ ଅନାହାର ଦୂର ହୋଇପାରିବ । କିନ୍ତୁ ସାରା ବିଶ୍ୱରେ କ୍ଷୁଧା ଓ ନାଗରିକ ଅଧିକାରର କୌଣସି ସମ୍ପର୍କ ନାହିଁ । ଖାଦ୍ୟ ଅଧିକାର ଏକ ମୌଳିକ ଅଧିକାର । ଯାହାର ସ୍ୱାଧୀନତା ଓ ମାନବିକ ଅଧିକାର ରହିଛି ସେ ହିଁ କେବଳ କ୍ଷୁଧାଦୂର କରିପାରିବ । ଏଥିରେ ଦ୍ୱିମତ କେହି ହୋଇ ପାରିବେ ନାହିଁ ।

ଏଇଭଳି ଅନେକ ଭ୍ରାନ୍ତଧାରଣା ଆହୁରି ଅନେକ ଅଛି ଯାହା ଆଲୋଚନାର ପରିସରଭୁକ୍ତ ହେଲେ ବିଶ୍ୱକ୍ଷୁଧା ବିରୁଦ୍ଧରେ ସଂଗ୍ରାମ ଶକ୍ତିଶାଳୀ ହୋଇପାରିବ ।

□□□

Digitized by srujanika@gmail.com

ଜମି ଓ ମହିଳାବର୍ଗଙ୍କ ଅଧିକାର

ମୋତେ ଯଦି କେହି ପ୍ରଶ୍ନକରେ, ଆଦିବାସୀ ଅଧ୍ୟୁଷିତ ଏବଂ ଅନ୍ୟ ଦାରିଦ୍ର୍ୟ ପ୍ରପୀଡିତ ଅଞ୍ଚଳରେ ଉପୁଜିଥିବା ଅକଥନୀୟ ସମସ୍ୟାଗୁଡ଼ିକର ସମାଧାନର ରାସ୍ତା କ'ଣ ? ମୁଁ ଉତ୍ତର ଦିଏ, 'ମହିଳା ସଶକ୍ତିକରଣ ଏକମାତ୍ର ଉପାୟ' । ଏହା ମୁଁ କୌଣସି ଗବେଷକଙ୍କ ପୁସ୍ତକ ଅଧ୍ୟୟନରୁ ଜାଣି ନାହିଁ ବା କୌଣସି ଆନ୍ତର୍ଜାତିକ ଆଲୋଚନା ଚକ୍ରର ରିପୋର୍ଟରେ ଥିବା ଉପସ୍ଥାପନାରୁ ପଢ଼ି ନାହିଁ । ଆଦିବାସୀ ଅଞ୍ଚଳରେ ଦୀର୍ଘ ଦିନ କାମ କରିଲା ପରେ ଏହା ମୋର ଏକାନ୍ତ ଅନୁଭୂତି । ଏହା ଏକ ଚରମ ବିଶ୍ୱାସ ମଧ୍ୟ । ଯେପର୍ଯ୍ୟନ୍ତ ଆମର ପୁରୁଷ ପ୍ରଧାନ ସମାଜରେ, ରାଜନୀତିରେ, ପ୍ରଶାସନରେ ଓ ମାନସିକତାରେ ମହିଳାମାନଙ୍କୁ ହୀନ ଦୃଷ୍ଟିରେ ଦେଖାଯାଉଥିବ ସେପର୍ଯ୍ୟନ୍ତ କୌଣସି ସଶକ୍ତିକରଣ ପ୍ରକ୍ରିୟା ସଫଳ ହେବନାହିଁ । ମହିଳାମାନେ ଯେ ପୁରୁଷଙ୍କ ସହ ସବୁ କ୍ଷେତ୍ରରେ ସମକକ୍ଷ ଏହା ସମ୍ଭବତଃ ପୁରୁଷମାନେ ମାନିବାକୁ ପ୍ରସ୍ତୁତ ନୁହନ୍ତି । ମହିଳାମାନଙ୍କୁ ସବୁ ଅତ୍ୟାଚାର, ଶୋଷଣ, ଅନ୍ୟାୟ ସହିବାକୁ ପଡେ ଚୁପ୍‌ଚାପ । ବିରୋଧ କଲେ ସବୁପ୍ରକାର ଦୈହିକ, ମାନସିକ ଯାତନା ଓ ଲାଞ୍ଛନା ଭୋଗିବାକୁ ପଡେ । ବେଳେବେଳେ ମହିଳାମାନଙ୍କୁ ମୃତ୍ୟୁ ମୁଖକୁ ଠେଲି ଦିଆଯାଏ । ଆଦିବାସୀ ଓ ଦଳିତ ମହିଳାମାନଙ୍କୁ ଅଧିକ ଅନ୍ୟାୟ ଓ ଭେଦଭାବର ସମ୍ମୁଖୀନ ହେବାକୁ ପଡିଥାଏ । ଶିକ୍ଷା, ସ୍ୱାସ୍ଥ୍ୟ, ପରିଶ୍ରମ, ଖାଦ୍ୟ ଓ ପୌଷ୍ଟିକତାର ନିରାପତ୍ତା, ଜୀବନ ଓ ଜୀବିକାର ନିରାପତ୍ତା, ସାମାଜିକ ସୁରକ୍ଷା ଓ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ମହିଳାମାନେ ସାଧାରଣ ଭାବେ ବଞ୍ଚିତ ହୋଇ ଥାଆନ୍ତି । ଯେତେ ନୀତି ନିର୍ଦ୍ଧାରଣ କଲେ ମଧ୍ୟ ଓ ବିଶ୍ୱ ମହିଳା ସଂଗଠନମାନଙ୍କର ମିଟିଂ ଯେତେ ସମ୍ମିଳନି ହେଲେ ମଧ୍ୟ ପରିସ୍ଥିତିର ବିଶେଷ ପରିବର୍ତ୍ତନ ପରିଲକ୍ଷିତ ହେଉନାହିଁ । ଆମଦେଶରେ ମହିଳା ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହୋଇ ସାରିଛନ୍ତି ଓ ଶାସନର ଡୋର ସମ୍ଭାଳିଛନ୍ତି କେତେବର୍ଷ ଧରି । ଏବେ ମହିଳା ରାଷ୍ଟ୍ରପତି ନିର୍ବାଚିତ ହୋଇ ସାରିଲେଣି । କିନ୍ତୁ ମହିଳାମାନଙ୍କର ସାମାଜିକ, ଆର୍ଥିକ ଓ ରାଜନୈତିକ ସ୍ଥିତି ଓ ଗୁରୁତ୍ୱ ବଢୁଛି କି ? ସେମାନେ ସବୁକ୍ଷେତ୍ରରେ ନିଷ୍ପତ୍ତି ନେଉଛନ୍ତି କି ? ଆମ ଦେଶର କଥା ବିଚାରକୁ ନିଆଯାଉ । ସମ୍ବିଧାନର ଧାରା ୧୪(Article - 14)ରେ ମହିଳା ଓ ପୁରୁଷଙ୍କର

Digitized by srujanika@gmail.com

ସମାନ ଅଧିକାର ଓ ସୁଯୋଗ ରହିଛି ବୋଲି ଉଲ୍ଲେଖ ଅଛି । ଧାରା ୧୫ରେ ମହିଳାମାନଙ୍କୁ ଲିଙ୍ଗଗତ ବୈଷମ୍ୟତା ପ୍ରଦର୍ଶନ କରାଯାଇ ପାରିବ ନାହିଁ ବୋଲି ଦର୍ଶାଯାଇଛି । ଧାରା ୧୫(୩)ରେ ରାଷ୍ଟ୍ର ମହିଳାମାନଙ୍କୁ ପ୍ରାଥମିକତା ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ସମ୍ବିଧାନର ଧାରା ୩୯ରେ ପୁରୁଷ ଓ ମହିଳାମାନଙ୍କୁ ଜୀବିକା କ୍ଷେତ୍ରରେ ସମାନ କାମ ପାଇଁ ସମାନ ମଜୁରି ଦେବାର ପ୍ରବନ୍ଧ କରାଯାଇଛି । ଧାରା ୫୧ରେ ମହିଳାମାନଙ୍କର ସମ୍ମାନ କିପରି ବଜାୟ ରହିବ ତାହାର ବ୍ୟବସ୍ଥା କରାଯାଇଛି । କିନ୍ତୁ ମହିଳାମାନେ ଏ ସାମ୍ବିଧାନିକ ବ୍ୟବସ୍ଥାରୁ ଲାଭ ଉଠାଇ ପାରିଛନ୍ତି କି? ଏ ଲେଖକ କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଗୋଟିଏ କଥା ଲକ୍ଷ୍ୟ କରିଛି । ତାହା ହେଉଛି, ମହିଳାମାନଙ୍କୁ ପୁରୁଷ ତୁଳନାରେ କମ୍ ମଜୁରି ଦେବା । ଅବଶ୍ୟ ମହିଳାମାନେ ମଧ୍ୟ ହିଂସା ଓ ଅତ୍ୟାଚାରର ଶିକାର ହେଉଛନ୍ତି ପୃଥିବୀସାରା । ୨୦୦୧ ମସିହା ଥିଲା ମହିଳା ସଶକ୍ତିକରଣ ବର୍ଷ । କିନ୍ତୁ ସଶକ୍ତିକରଣର ଲକ୍ଷ୍ୟ ଯେମିତି ଅନେକ ଦୂରରେ ।

ଅଗ୍ରଗାମୀ ଆଦିବାସୀ ମହିଳାମାନଙ୍କ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ଆସିଛି । ୧୯୮୩ ମସିହାରେ କାଶୀପୁରର ଗୋତି ମୁକ୍ତି ଓ ଥଇଥାନ ପାଇଁ ଅଗ୍ରଗାମୀ ଏକ ଆନ୍ଦୋଳନ ଆରମ୍ଭ କରିଥିଲା । ମାଣ୍ଡିବିଶି ଗାଁର ହଳଦିଆ ସାହିର ଗୋତିମାନେ ସାହୁକାର ପାଖରୁ ଚାଲି ଆସିଥିଲେ । କିନ୍ତୁ ସରକାରଙ୍କ ଗୋତି ଥଇଥାନ ପ୍ରକ୍ରିୟା ମନ୍ଥର ଥିଲା । ଗୋତି ଶ୍ରମିକମାନଙ୍କର ସ୍ତ୍ରୀମାନେ ଆଗ୍ରହ ଦେଖାଇ କହିଥିଲେ, ଯଦି ତାଙ୍କର ଖଣ୍ଡିଏ ଜମି ଥାଆନ୍ତା, ସେମାନେ ସାହୁକାରଙ୍କ ଦ୍ୱାରସ୍ଥ ହୁଅନ୍ତେ ନାହିଁ । କାଶୀପୁରର ଇତିହାସରେ ପ୍ରଥମ ଥର ପାଇଁ ଆଦିବାସୀ ମହିଳାମାନେ ଏକାଠି ହୋଇ ଜମି କିଣିଥିଲେ । କୋଠଜମି ହିସାବରେ ତାହା କିଣା ଯାଇଥିଲା ଓ ତେର ଜଣ ମାଆଙ୍କ ନାମରେ ତାହା ପଞ୍ଜୀକରଣ ହୋଇଥିଲା । ସମସ୍ତେ ଏକାଠି ମିଶି ତାହା ଚାଷ କରୁଥିଲେ । ସରକାରଙ୍କ ବିଭିନ୍ନ ଅନ୍ୟାୟ ନୀତି ବିଶେଷ କରି ଲଘୁବନଜାତ ଦ୍ରବ୍ୟ ପାଇଁ ଉଦ୍ଦିଷ୍ଟନୀତି ବିରୁଦ୍ଧରେ ମଧ୍ୟ ଏଇ ମାଆମାନେ ଆନ୍ଦୋଳନ ଆରମ୍ଭ କରିଥିଲେ ଓ ଜଙ୍ଗଲ ନୀତି ବଦଳେଇବା ପାଇଁ ସରକାରଙ୍କ ଉପରେ ଚାପ ପକାଇ ସଫଳ ହୋଇଥିଲେ । ମୋର କହିବାର ଉଦ୍ଦେଶ୍ୟ ହେଉଛି, ଆଦିବାସୀ ମହିଳାଙ୍କ ହାତରେ ଜମିର ସ୍ୱତ୍ୱ ରହିଲେ ଅସଲ ବିକାଶ ଓ ପରିବର୍ତ୍ତନ ସମ୍ଭବ ହେବ । ଏହାକୁ ଉପଲବ୍ଧି କରି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଆଦିବାସୀ ଅଞ୍ଚଳରେ ଜମି ପଟା ଦେଲାବେଳେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ନାମରେ ସ୍ୱତ୍ୱ ରହୁ ବୋଲି ନିର୍ଦ୍ଦେଶ ଦେଇଥିଲେ । ଏହା ଏକ ଯୁଗାନ୍ତକାରୀ ନିଷ୍ପତ୍ତି ଥିଲା । ସ୍ତ୍ରୀ ନାମରେ ପଟ୍ଟା ଥିଲେ ସ୍ୱାମୀ ମଦପିଇ ମାତାଲ ହେଲେ ମଧ୍ୟ ଜମି ବିକ୍ରୟ କରିପାରିବ ନାହିଁ ।

Digitized by srujanika@gmail.com

ଆମ ଦେଶର ଗ୍ରାମାଞ୍ଚଳରେ ଶତକଡ଼ା ୮୫ ଭାଗ ମହିଳା ଶ୍ରମିକ କୃଷି କ୍ଷେତ୍ରରେ ନିଜକୁ ନିୟୋଜିତ କରି ଜୀବନ ଜୀବିକା ଚଳାଇଥାଆନ୍ତି । କିନ୍ତୁ ଜମି ଜମାର ଅଧିକାର ଏମାନଙ୍କ ପାଖରେ ନଥାଏ । ଏଥିପାଇଁ ଏମାନେ କୃଷି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଋଣ ପାଇ ପାରନ୍ତି ନାହିଁ । ଏମାନେ ମଧ ଚାଷୀ ହିସାବରେ ପରିଗଣିତ ହୁଅନ୍ତି ନାହିଁ । କୃଷିଜୀବୀ ମହିଳାମାନେ କେବଳ ଶସ୍ତା ଶ୍ରମଜୀବୀ ବୋଲି ପରିଗଣିତ ହୋଇ ଆସୁଛନ୍ତି । ତେଣୁ ସବୁଆଡେ ବର୍ତ୍ତମାନ ଆଲୋଚନା ଚାଲିଛି ଯଦି ଏ ଦେଶ ମହିଳା ସଶକ୍ତିକରଣ ଚାହୁଁଛି ତେବେ ମହିଳାମାନଙ୍କର ଜମି ଉପରେ ଅଧିକାର ରହିବା ଅପରିହାର୍ଯ୍ୟ । ଏହା ଖାଲି ଭାରତରେ ନୁହେଁ ସାରାପୃଥିବୀରେ ମଧ ଚହଳ ପକାଇଛି । ୨୦୦୩ ମସିହାରେ ବଲିଭିଆର କୋଉବାମ୍ବା ସହରରେ "ଆଗ୍ରାରିଆନ୍ ରିଫର୍ମ ଏଣ୍ଡ ଜେଣ୍ଡର" (Agrarian Reform and Gendar) ବୋଲି ଗୋଟିଏ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଏଥିରେ ସାରା ପୃଥିବୀର ବିଭିନ୍ନ ଆଦିବାସୀ, କୃଷିଜୀବୀ ଓ ମାନବାଧିକାର ସୁରକ୍ଷା ପାଇଁ ଉତ୍ସର୍ଗୀକୃତ ଆକ୍ଟିଭିଷ୍ଟମାନେ ଏକତ୍ର ହୋଇଥିଲେ । ଆଲୋଚନାର ବିଷୟବସ୍ତୁ ଥିଲା ଭୂସଂସ୍କାର ପାଇଁ ଆନ୍ଦୋଳନ ଓ ମହିଳାମାନଙ୍କ ଅଧିକାର । ମହିଳାମାନଙ୍କୁ ଜମି ଉପରେ ସମାନ ଅଧିକାର ମିଳିବା ଓ କୃଷି ସଂସ୍କାରରେ ସହଭାଗିତା ରହିବା ଆଦି ଦାବି ମଧ ଉଠିଥିଲା । ବିଭିନ୍ନ ଦେଶରେ ଆଇନ ଗତ ବ୍ୟବସ୍ଥା ଓ ପରମ୍ପରା ଏତେ ଜଟିଳ ଯେ ମହିଳାମାନଙ୍କୁ ଉତ୍ତରାଧିକାର ମିଳେ ନାହିଁ । କେଉଁ କେଉଁ ଦେଶରେ ନାମକୁ ମାତ୍ର ଅଧିକାର ମିଳେ । ଏବେ ଢ଼ାଞ୍ଚାଗତ ବ୍ୟବସ୍ଥା ବଦଳି ଯେଉଁ ପ୍ରକାର ଉଦାରୀକରଣ ଭାବନା କ୍ରିୟାନ୍ୱିତ ହେଉଛି ତାହା ମହିଳାମାନଙ୍କର ଜମି ଉପରେ ଯାହାକିଛି ଅଧିକାର ଥିଲା ତାହାକୁ ଆହୁରି ଦୁର୍ବଳ କରି ଦେଇଛି । ଭୂ-ସମ୍ପଦର ଘରୋଇକରଣ ଦ୍ରୁତ ବେଗରେ ଚାଲିଛି । କେଉଁଠି ଶିଳ୍ପ ପ୍ରତିଷ୍ଠା ହେବ ତ କେଉଁଠି ବୃକ୍ଷରୋପଣ ହେବ । କେଉଁଠି ସ୍ୱତନ୍ତ୍ର ଆର୍ଥିକ ଜୋନ୍ ପ୍ରତିଷ୍ଠା ହେବ । ଭୂ ଅଧିଗ୍ରହଣ ପ୍ରକ୍ରିୟା ଏବେ ସରକାର ଏବଂ କର୍ପୋରେଟ୍‌ମାନଙ୍କ ଦ୍ୱାରା ତ୍ୱରାନ୍ୱିତ ଓ ବ୍ୟାପକ ହୋଇଛି । ମହିଳାମାନଙ୍କୁ ଜମି ମିଳୁଛି କି ମହିଳାମାନେ ବାସଚ୍ୟୁତ ହୋଇ ଜମି ହରାଉଛନ୍ତି ତାହାର ଅସଲ ହିସାବ ହେଉନାହିଁ । ମହିଳାମାନଙ୍କର ଜମି ଉପରେ ଯେଉଁ ପାରମ୍ପରିକ ଅଧିକାର ରହିଛି ଓ ଏବେର ଯେଉଁ ବଜାର ଦ୍ୱାରା ନିୟନ୍ତ୍ରିତ ଅର୍ଥନୀତି ଏ ଭିତରେ କେଉଁଭଳି ଦ୍ୱନ୍ଦ୍ୱ ରହିଛି ତାହା ମଧ ସମୀକ୍ଷା କରିବାର ଆବଶ୍ୟକତା ରହିଛି । ଗରିବ ମହିଳାଙ୍କ ଜୀବନ ଜୀବିକା ମୁଖ୍ୟ ବା ବଜାର ବେପାର ମୁଖ୍ୟ ଏହା ମଧ ଆଲୋଚନା କରିବାର ସମୟ ଆସିଛି । ବିଶ୍ୱ ବ୍ୟାଙ୍କ ଆଜି ସଂଗଠନମାନେ ଭୂମି-ବ୍ୟାଙ୍କ୍‌ର ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି । କିନ୍ତୁ ଗ୍ରାମାଞ୍ଚଳର ମହିଳାମାନେ ଗୋଟିଏ କଥା ଚାହାନ୍ତି ସବୁବେଳେ । ଜମି ନିଜର ନିୟନ୍ତ୍ରଣରେ ରହୁ ଓ ସେମାନେ ତାହାକୁ ଚାଷ କରି ନିଜର ଆବଶ୍ୟକୀୟ ଖାଦ୍ୟ ଉତ୍ପାଦନ କରିବେ ।

Digitized by srujanika@gmail.com

ଆଦିବାସୀ ଅଞ୍ଚଳରେ ମୁଁ ଲକ୍ଷ୍ୟ କରିଛି ଜମିପ୍ରତି ମହିଳାଙ୍କର ସ୍ୱାଭାବିକ ଆନ୍ତରିକତା ରହିଛି । ସମସ୍ତେ ଚାହାନ୍ତି ଜମି ଓ ତା'ପରେ ଅଧିକାର । ପୁରୁଷ ପୁରୁଷ ଧରି ସେମାନଙ୍କର ଅଧିକୃତ ଜମିର ହସ୍ତାନ୍ତରୀକରଣ ହେଲାପରେ ଏବେ ପୁଣି ଜମି ଅଧିକାର ପାଇଁ ଏକ ନୂତନ ଚେତନା ଓ ଆଭିମୁଖ୍ୟ ସୃଷ୍ଟି ହୋଇଛି । ଜମି ମିଳିଲେ ସେଥିରେ ଚାଷ କରିବ ଅବା ବୃକ୍ଷରୋପଣ କରିବ ଏଇ ଆଶା ସେ ରଖିଛି । ପରିବାରର ପ୍ରତିପୋଷଣ ପାଇଁ ସେ ନିଜର ଜମିକୁ ଗୋଟିଏ ଛୋଟ ଫାର୍ମ କରିବାକୁ ଚାହୁଁଛି । ସେଇଠି ମାଣ୍ଡିଆ, ମକା ଚାଷ ସାଙ୍ଗକୁ ଆମ୍ବ, ପଣସ ଗଛ ମଧ ଲଗାଇବ । ପରିବା ଚାଷ ପାଇଁ ମଧ ସୁବିଧା ଥିବ । ଆଦିବାସୀ ଅଞ୍ଚଳରେ ଆଜି ଜଙ୍ଗଲ ଭିତ୍ତିକ ଚାଷର ଘୋର ଆବଶ୍ୟକତା ରହିଛି । ସାରା ବିଶ୍ୱରେ ଭୂମି ଅଧିକାର ପାଇଁ ଆଜି ଆନ୍ଦୋଳନ ବଳିଷ୍ଠ ହୋଇଛି ଓ ଏଥିରେ ମହିଳାମାନେ ବିଶେଷ ଭୂମିକା ଗ୍ରହଣ କରୁଛନ୍ତି । ତୃଣମୂଳ ସ୍ତରରୁ ଆରମ୍ଭ ହୋଇ ଏ ଆନ୍ଦୋଳନ ଆନ୍ତର୍ଜାତିକ ସ୍ତରକୁ ଧୀରେ ଧୀରେ ବ୍ୟାପୁଛି । ଆଜି ଲାଟିନ୍ ଆମେରିକାରେ ଏହା କେତେ ଶକ୍ତିଶାଳୀ ହୋଇଛି ଜାଣିଲେ ଆଶ୍ଚର୍ଯ୍ୟ ଲାଗେ । ସଂଘର୍ଷ ଗାଁର ସୀମା ଆଦି ଟପି ସାରିଛି । ଜମି ଉପରେ ଅଧିକାର ଆଜି ସାମ୍ପ୍ରତିକ ସମାଜରେ ସାମାଜିକ ଓ ଆର୍ଥିକ ଅଧିକାରର ତାଲିକାଭୁକ୍ତ ହୋଇଛି । ଏଣୁ ମହିଳାମାନଙ୍କୁ ଏ ଅଧିକାରରୁ ବଞ୍ଚିତ କରାଇଲେ, ତାହା ମାନବାଧିକାରର ଉଲଂଘନ ବୋଲି ସ୍ୱୀକାର କରିବାକୁ ହେବ । ଏସବୁ କଥା "କୋଛବାମ୍ବା ଘୋଷଣା ନାମା" ରୂପେ ନାମିତ କରାଯାଇଛି ।

ଆଦିବାସୀ ଅଞ୍ଚଳରେ ବଳକା ଜମି ଅଛି କି ନାହିଁ ଏକଥା ବାରମ୍ବାର ପ୍ରଶ୍ନ ଉଠିଛି । ବ୍ୟକ୍ତିଗତ ମାଲିକାନା ଛଡା ଅନେକ ଇଲାକା ଅଛି ଯେଉଁଠାରେ ସର୍ଭେ ଏବଂ ସେଟଲ୍‌ମେଣ୍ଟ ହୋଇନାହିଁ । ଏହାଛଡା କେତେକ ଜମି ସାର୍ବଜନୀନ ଜମି ହିସାବରେ ନାମିତ ହୋଇଛି । ଜଙ୍ଗଲ କିସମର ଜମି ମଧ ଦେଖିବାକୁ ମିଳୁଛି । ସେ ଜମିକୁ ମହିଳାମାନେ ଅଧିକାର କରିବାକୁ ସରକାରୀ ଓ ରାଜନୈତିକ ପ୍ରଚେଷ୍ଟାର ଆବଶ୍ୟକତା ରହିଛି । ଏପରିକି ଯେଉଁ ଅଞ୍ଚଳରେ ପୋଡୁ ଚାଷ ହେଉଛି, ସେ ଅଞ୍ଚଳ କିପରି ଆଦିବାସୀମାନଙ୍କୁ ମିଳିବ ଯୋଜନା କରିବା ଜରୁରୀ ହୋଇ ପଡିଛି । କିନ୍ତୁ ସରକାରଙ୍କର ନୀତିରେ ସ୍ପଷ୍ଟତା ନାହିଁ । ବଳକା ଜମିକୁ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ହାତକୁ ଟେକି ଦେବାକୁ ସବୁବେଳେ ଚେଷ୍ଟା ଚାଲିଛି । ଜଙ୍ଗଲ କିସମର ଜମିକୁ ଘରୋଇ କମ୍ପାନୀ ଓ କାଗଜକଳ ମାନଙ୍କୁ ବୃକ୍ଷରୋପଣ ପାଇଁ ଦେବାକୁ ସରକାର ଯୋଜନା କରିସାରିଲେଣି । ଏପରିକି ଆଦିବାସୀ ଜମିକୁ ଅଣଆଦିବାସୀମାନଙ୍କୁ ବିକିବାର କଟକଣା ମଧ କୋହଳ କରାଯିବାକୁ ଚିନ୍ତା କରାଯାଇଛି । କିନ୍ତୁ ମୋର ଡର ହେଉଛି ଯେ ଜମି ସମ୍ବନ୍ଧୀୟ ପ୍ରଚଳିତ ଆଇନ୍ କାନୁନ୍‌କୁ କୋହଳ କରିଲେ ତାହାର ଫଳାଫଳ ଗୁରୁତର ହେବ । ସିଲିଂ ଆଇନ୍‌କୁ ପରିବର୍ତ୍ତନ କରି ସୀମା ବଢ଼ାଇଲେ

Digitized by srujanika@gmail.com

ଜମିହୀନ ମହିଳାମାନଙ୍କ ପାଇଁ ଜମି ଆଉ ମିଳିବ ନାହିଁ । ବର୍ତ୍ତମାନ "ଠିକାଚାଷ ବା କଣ୍ଟ୍ରାକ୍ଟ ଫାର୍ମିଙ୍ଗ" ବା "କର୍ପୋରେଟ ଫାର୍ମିଙ୍ଗ"ର ଯେଉଁ ଲୋଭ ସମସ୍ତଙ୍କୁ ଗ୍ରାସ କରିଛି ତାହା ଯଦି ବ୍ୟାପକ ହୁଏ ତେବେ କେତେ ଜଣଙ୍କ ହାତରେ ଜମି ଓ କୃଷି ନିୟନ୍ତ୍ରିତ ହୋଇଯିବ । ସ୍ୱତନ୍ତ୍ର ଆର୍ଥିକ ଜୋନ୍ ପ୍ରତିଷ୍ଠା ପାଇଁ ଯେଉଁ ପ୍ରତିଯୋଗିତା ଚାଲିଛି ତାହା ମଧ୍ୟ ଜମି ହସ୍ତାନ୍ତରୀକରଣ ପ୍ରକ୍ରିୟାକୁ କ୍ରିୟାନ୍ୱିତ କରିବ । ଅନ୍ୟପକ୍ଷରେ ମହିଳା ଦଳ ଓ ସଂଗଠନମାନଙ୍କୁ ଜମି ଲିଜ୍‌ରେ ଦେବାକୁ ଆଇନଗତ ବ୍ୟବସ୍ଥାର ଆବଶ୍ୟକତା ରହିଛି । ଜମି କୌଣସି ନା କୌଣସି ଉପାୟରେ ମହିଳାମାନଙ୍କ ହାତକୁ ଯିବାକୁ ହେବ । ଗତ ଷାଠିଏ ବର୍ଷର ସ୍ୱାଧୀନତା ପରେ କୃଷି କ୍ଷେତ୍ରରେ ଯେଉଁ ଅବ୍ୟବସ୍ଥା ରହିଛି ଓ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ଯେଉଁ ଭ୍ରମାତ୍ମକ ପଦକ୍ଷେପମାନ ନିଆଯାଇଛି ତାହା ମଧ୍ୟ ଦୂର ହୋଇପାରିବ ।

ଯଦି ମହିଳାମାନଙ୍କୁ କୃଷିସଂସ୍କାର ଓ ଭୂସଂସ୍କାରରେ ନ୍ୟାୟ ମିଳୁନାହିଁ ଓ ସାମ୍ବିଧାନିକ ଅଧିକାରର ସୁରକ୍ଷା ହୋଇ ପାରୁନାହିଁ, ତାହାର ଏକମାତ୍ର ବିକଳ୍ପ ବ୍ୟବସ୍ଥା ହେଉଛି ଆନ୍ଦୋଳନ । ଏ ଆନ୍ଦୋଳନ ଆଜି ନାହିଁ ତ କାଲି ଆରମ୍ଭ ନିଶ୍ଚୟ ହେବ । ୧୯୯୯ ମସିହାରେ ଗଜପତିର ମାହ୍ରାବାଲୁ ଠାରୁ ଜମି ଅଧିକାରକୁ ନେଇ ଯେଉଁ ସଂଘର୍ଷ ହୋଇଥିଲା ସେଥିରେ ଆଦିବାସୀ ମହିଳାମାନେ ନେତୃତ୍ୱ ନେଇଥିଲେ ଓ ପୁଲିସ ଗୁଳିରେ ମରିଥିଲେ ମଧ୍ୟ । ଏବେ ଜମି ଅଧିଗ୍ରହଣ ବିରୋଧରେ ଦେଶସାରା ଆନ୍ଦୋଳନ ଚାଲିଛି ଓ ସବୁଠାରେ ନେତୃତ୍ୱ ମହିଳାମାନେ ନେଉଛନ୍ତି । ଏଥିରେ ପାଠକମାନେ ଆଶ୍ଚର୍ଯ୍ୟ ହେଉଛନ୍ତି କି ? ଏ ମହିଳାମାନେ ମାଓବାଦୀ ନୁହନ୍ତି । ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ଓ ନିଜର ପାରମ୍ପରିକ ଅଧିକାର ପାଇଁ ସେମାନେ ରାଜ ରାସ୍ତାକୁ ଓହ୍ଲାଇଛନ୍ତି ।

□□□

Digitized by srujanika@gmail.com

ସାବଧାନ, ବିଟି ବ୍ରିନ୍‌ଜାଲ ଆସୁଛି !

ଓଡ଼ିଶାର ବିଧାନସଭାରେ କୃଷିମନ୍ତ୍ରୀ ଘୋଷଣା କରିଛନ୍ତି ଯେ ନୂଆ ହୋଇ ଆସିଥିବା ବାଇଗଣ ବିହନ ଯାହାକୁ ବିଟି ବ୍ରିନ୍‌ଜାଲ୍ (Bt. Brinjal) କୁହାଯାଉଛି ତାହାର ପରୀକ୍ଷାମୂଳକ ଚାଷ ଓଡ଼ିଶାରେ ହେବ ନାହିଁ । ଏଇଥିପାଇଁ ତାଙ୍କୁ ମୁଁ ଅଭିନନ୍ଦନ ଜଣାଉଛି ଓ କୃତଜ୍ଞତା ମଧ୍ୟ । ଗରିବ ଚାଷୀଙ୍କ ହିତପାଇଁ ଏବଂ ଓଡ଼ିଶାରେ ପାରମ୍ପରିକ କୃଷିର ସୁରକ୍ଷା ପାଇଁ ଏଇଭଳି ନିଷ୍ପତ୍ତି ନେବାଟା ଏକ ସାହସିକ ପଦକ୍ଷେପ ବୋଲି ଆମେ ସମସ୍ତେ ସ୍ୱୀକାର କରିବା । ମୁଁ ଆଶା କରିଛି ଯେ ଏଇ ଐତିହାସିକ ଘୋଷଣାନାମା ବାସ୍ତବରେ କାର୍ଯ୍ୟକାରୀ ହେବ ଏବଂ କୃଷି ବିଭାଗ ତରଫରୁ ଏଇ ମର୍ମରେ ନୋଟିଫିକେସନ୍ ଜାରି ହେବ । ଓଡ଼ିଶାର ଶୋଇ ପଡିଥିବା ଚାଷୀକୂଳ, ନାଗରିକ ସମାଜ, କୃଷି ବୈଜ୍ଞାନିକ, ରାଜନୈତିକ ଦଳର ସଚେତନ କର୍ମୀମାନେ ଓ ସର୍ବୋପରି ଦାୟିତ୍ୱବାନ ମିଡିଆ ଏକାଠି ମିଳିତ ହୋଇ ଏକ ଜାଗ୍ରତ ଗୋଷ୍ଠୀ ଗଠନ କରିବେ ଓ ଖୋଲାଖୋଲି ଭାବେ ଏହାର ବିରୋଧ କରି ବିଟି ବ୍ରାନ୍‌ଜାଲ୍ ବିହନକୁ ଓଡ଼ିଶାରେ ପୁରାଇ ଦେବେ ନାହିଁ । ଏହା ସମ୍ଭବ ହେଲେ ଓଡ଼ିଶା ପ୍ରତି ଯେଉଁ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର ଶ୍ୟେନଦୃଷ୍ଟି ପଡିଛି, ସେ ତାଲିକାରୁ କେତୋଟି ବାଦ ପଡିବେ । ଓଡ଼ିଶାରେ ବର୍ତ୍ତମାନ ଅନାହାର ମୃତ୍ୟୁ, ପିଲାବିକ୍ରି, କୃଷକର ଆତ୍ମହତ୍ୟା ଆଦିର ଯେଉଁ କଳଙ୍କିତ ଇତିହାସ ଅଛି ସେଥିରେ ଆଉ ଗୋଟିଏ ପରିଚ୍ଛେଦ ଯୋଡା ହେବାର ଦୁଃଖଦ ପ୍ରକ୍ରିୟା ଆରମ୍ଭ ହେବ ନାହିଁ । ଯେଉଁମାନେ ବିଟି ବ୍ରିନ୍‌ଜାଲ୍‌ର ସପକ୍ଷରେ ଯୁକ୍ତି ବାଢୁଛନ୍ତି ଓ ତାହାକୁ ଓଡ଼ିଶାରେ ପ୍ରବେଶ କରିବା ପାଇଁ ପ୍ରଚେଷ୍ଟା କରୁଛନ୍ତି, ତାଙ୍କୁ ଓଡ଼ିଶାରେ କୃଷିର ବଡ ଶତ୍ରୁ ଓ ଚାଷୀଙ୍କ ହତ୍ୟାକରୀ ବୋଲି ଚିହ୍ନଟ କରିବାକୁ ହେବ । ଜନତାର ଅଦାଲତରେ ସେମାନଙ୍କୁ ଛିଡା କରାଇ ଦଣ୍ଡବିଧାନ କରାଯିବାକୁ ମୁଁ ପ୍ରସ୍ତାବ ଦେବି ।

ବାଡିବାଇଗଣ ଓ ପୋଥିବାଇଗଣ । ସମସ୍ତେ ବୁଝନ୍ତି ଏହାର ଅର୍ଥ । ଓଡ଼ିଶାରେ ବାଇଗଣ ଭାରି ଲୋକପ୍ରିୟ ପରିବା ଓ ସୁଆଦରେ ଅଦ୍ୱିତୀୟ । ଆମର ଘରେ ଘରେ ମାଆ ଭଉଣୀମାନେ ଅନେକ ପ୍ରକାରର ବାଇଗଣ ତରକାରୀ, ଭଜା, ଭର୍ତ୍ତା କରି ପରିଷିବାରେ ଆନନ୍ଦ ଯୁଗଯୁଗ ଧରି ପାଇ ଆସୁଛନ୍ତି । ପାଠକ ଗଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଓଡ଼ିଶାରେ

Digitized by srujanika@gmail.com

ଦୁଇଶହରୁ ଅଧିକ ପ୍ରକାରର ବାଇଗଣ ଚାଷ ହୁଏ । ଏ ଚାଷ ବର୍ଷ ସାରା ଚାଲିଥାଏ ବିଭିନ୍ନ ଅଞ୍ଚଳରେ ଓ ବିଭିନ୍ନ ଜଳବାୟୁରେ । ଓଡ଼ିଶାର କେତୋଟି ଲୋକପ୍ରିୟ ବାଇଗଣର ନାମ ପାଠକ ମାନେ ଜାଣିଥିବେ । ସେଗୁଡିକ ହେଲା-

ଆଦି ବାଇଗଣ ଚାଷ ପାଇଁ ଚାଷୀମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପରିଲକ୍ଷିତ ହେଉଛି । କାରଣ ଏହା ଖୁବ୍ ଫଳେ ଓ ସେମାନଙ୍କର ଆୟବି ବଢିଥାଏ । ଅନେକ ଗାଁ ଗହଳିରେ ମୁଁ ଦେଖିଛି ଯେ ବାଇଗଣ ସାମାନ୍ୟ ପରିପକ୍ୱ ହୋଇ ପାଚି ଆସିଲେ ତାହାକୁ ଆମର ମାଆ ଭଉଣୀମାନେ ଖଣ୍ଡଖଣ୍ଡକରି କାଟି ଖରାରେ ଶୁଖାନ୍ତି । ଯେତେବେଳେ କିଛି ପରିବା ମିଳେ ନାହିଁ, ଏହାକୁ ତରକାରୀ ପାଇଁ ବ୍ୟବହାର କରନ୍ତି । ଖୁବ୍ ଭଲ ଲାଗେ ତାହା । ଖାଦ୍ୟ ନିରାପତ୍ତାର ଏହା ଅନ୍ୟ ଏକ ଉଦାହରଣ । ଓଡ଼ିଆ ସାଧବ ପୁଅ ସମ୍ଭବତଃ ବାଇଗଣ ବିହନକୁ ନେଇଥିଲା ଦକ୍ଷିଣ-ପୂର୍ବ ଏସିଆ ଦେଶମାନଙ୍କୁ । ଏଥିପାଇଁ ଗବେଷଣା ଆବଶ୍ୟକ । ଫିଲିପାଇନ୍ସରେ ସକାଳର ସମସ୍ତଙ୍କର ପ୍ରିୟ ଖାଦ୍ୟ 'ସେନିଗାନ୍' (Shenigan)ର ଅନ୍ୟତମ ଉପାଦନ ହେଉଛି ବାଇଗଣ । ଏକଥା ସତ୍ୟ ଯେ ଭାରତରୁ ଆରବ ଓ ଇୟୁରୋପୀୟ ବ୍ୟବସାୟୀମାନେ ବାଇଗଣ ବିହନକୁ ନିଜ ନିଜ ଦେଶକୁ ନେଇ ଚାଷ କରିଥିଲେ । ପର୍ତ୍ତୁଗୀଜ୍‌ମାନେ ବ୍ରାଜିଲ୍ ଓ ଅନ୍ୟ ଦକ୍ଷିଣ ଆମେରିକୀୟ ଦେଶକୁ ବାଇଗଣ ମଞ୍ଜି ନେଇଥିଲେ । ଆମେରିକାରେ ଏହା ବଗିଚାର ଏକ ସୁନ୍ଦର ଗଛ ଭାବେ କିଛି ଦିନ ଶୋଭା ପାଇବାପରେ ତାହା ପରିବାର ତାଲିକା ଭୁକ୍ତ ହୋଇ ରୋଷେଇଘରେ ପ୍ରବେଶ କରିଲା । ତେଣୁ କେବଳ ଚୀନ୍, ଭାରତ, ଜାପାନରେ ନୁହେଁ, ବର୍ତ୍ତମାନ ସାରା ପୃଥିବୀରେ ଏହାଏକ ପରିବାଜାତୀୟ ଫସଲ ରୂପେ ପରିଗଣତି ହୋଇ ପ୍ରତିଷ୍ଠା ଲାଭ କରୁଛି । ବାଇଗଣକୁ ପାଶ୍ଚାତ୍ୟ ଦେଶରେ 'ଏଗ୍ ପ୍ଲାଣ୍ଟ' (Egg Plant) ବୋଲି କହିଆସୁଛନ୍ତି ।

କିନ୍ତୁ ଏବେ ସାରା ପୃଥିବୀର ସବୁ ଖାଦ୍ୟ ଶସ୍ୟ ଓ ଫଳଫୁଲର ବିହନ ଉପରେ ବିଭିନ୍ନ ପ୍ରକାର ଗବେଷଣା ଚାଲିଛି । ଫସଲକୁ ରୋଗ ପୋକ ଦାଉରୁ ରକ୍ଷା କରିବା ପାଇଁ, ଖାଦ୍ୟଦ୍ରବ୍ୟର ଉତ୍ପାଦନ ବଢ଼ାଇବା ପାଇଁ, ଖାଦ୍ୟଦ୍ରବର ଗୁଣାତ୍ମକ ମାନ ବଢ଼ାଇବା ପାଇଁ ଓ ଖାଦ୍ୟକୁ ଅଧିକ ରୁଚିକର କରିବା ପାଇଁ, ବର୍ତ୍ତମାନ କୃଷି ବୈଜ୍ଞାନିକ ଓ ପୁଞ୍ଜିନିବେଶ କରୁଥିବା ବହୁରାଷ୍ଟ୍ରୀୟ କମ୍ପାନୀମାନେ ବିହନର ବଂଶଗତ ଗୁଣାବଳୀ ପରିବର୍ତ୍ତିତ ବା ଜେନେଟିକାଲି ମଡିଫାଏଡ୍ (Gentically Modified) ବା ଜିଏମ୍ ବିହନ ସୃଷ୍ଟି କରିବାକୁ ଗତ କେତେ ବର୍ଷ ହେଲା ଉଦ୍ୟମ କରିଆସୁଛନ୍ତି । ପାଠକମାନେ ଏହି ଜିଏମ୍ ବିହନ ସମ୍ପର୍କରେ ଅବଗତ ଯଦି ହୋଇ ନଥାନ୍ତି, ଏ ସ୍ତମ୍ଭ ପଢ଼ିଲା ପରେ ସଚେତନ ହୋଇଯାଆନ୍ତୁ । ବର୍ତ୍ତମାନ ଯେଉଁ ଜିଏମ୍ ବିହନ ସାରା ପୃଥିବୀକୁ କବଳିତ କରି ସାରିଲାଣି ଓ ବିଭିନ୍ନ ଦେଶ ମହାଦେଶରେ ବାପଅଜା ଅମଳରୁ ଚାଲି ଆସିଥିବା ହଜାର ହଜାର ପ୍ରଜାତିର ବିହନକୁ ଲୁପ୍ତ କରି ସାରିଲାଣି

Digitized by srujanika@gmail.com

ତାହାର ତାଲିକା ମୁଁ ଦେବାକୁ ଉଚିତ୍ ମନେକରୁଛି । ସେଗୁଡ଼ିକ ହେଲା ଧାନ, ମକା, ଆଳୁ, କୋବି, ସୋୟାବିନ୍, ସୋରିଷ, କପା ଆଦି । ଏହି ଜିଏମ୍ ବିହନର ଗବେଷଣା ଓ ବଜାର ବେପାରରେ ନିୟନ୍ତ୍ରଣ କରୁଥିବା କମ୍ପାନୀଗୁଡ଼ିକ ହେଲା ମନ୍‌ସାଣ୍ଟୋ, ସାଇଜେଣ୍ଟା, ଡୁପଣ୍ଟ, ବେୟାର୍, କାରଗିଲ ଆଦି । ସେମାନଙ୍କର ବିଜ୍ଞାନାଗାରରେ ଯେଉଁଭଳି ବିହନ ପ୍ରସ୍ତୁତ ହେବ, ସେହିଗୁଡ଼ିକ ମାର୍କେଟକୁ ଛଡାଯିବ ଓ ଏହାକୁ ବ୍ୟବହାର କରିବା ପାଇଁ ଚାଷୀମାନଙ୍କୁ ପ୍ରବର୍ତ୍ତା ଯାଇଥାଏ । ଏଥିପାଇଁ ବ୍ୟାପକ କ୍ଷେତ୍ର ପ୍ରସ୍ତୁତ କରାଯାଏ ଓ ସବୁପ୍ରକାର ଆୟୁଧ ବ୍ୟବହାର କରାଯାଏ । ଏପରିକି ରାଜନୈତିକ ଦଳମାନଙ୍କୁ ମଧ୍ୟ ଶିଳ୍ପପତିମାନେ କିଣି ନିଅନ୍ତି । ଏଇଭଳି ଉପାୟରେ ଭାରତରେ ବିଭିନ୍ନ ଜିଏମ୍ ବିହନ ପ୍ରବେଶ କରିଛି । ଯେଉଁ ବିହନ ଦ୍ୱାରା କୃଷକମାନେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି ତାହା ହେଉଛି ବିଟି କଟନ ବା ବିଟି କପାମଞ୍ଜି । ବର୍ତ୍ତମାନ ଭାରତର ବିଭିନ୍ନ ପ୍ରଦେଶରେ କୃଷକମାନଙ୍କର ଯେଉଁ ଆତ୍ମ ହତ୍ୟାର ସୁଅ ଛୁଟିଛି, ସେଥିରେ ବିଟି କଟନ୍ ବିହନ ମୁଖ୍ୟ କାରଣ ବୋଲି ପ୍ରମାଣିତ ହୋଇସାରିଛି । ଥରେ ବିଟି କଟନ୍ ବିହନ ପ୍ରୟୋଗ କରିଲେ ଚାଷୀଟି ଗୋଟାଏ ଋଣ ଯନ୍ତା ପଡିଯାଏ ଓ ସେଥିରୁ ମୁକୁଳିବା ସେମାନଙ୍କ ପକ୍ଷେ ସମ୍ଭବପର ହୁଏ ନାହିଁ । ଆତ୍ମହତ୍ୟା ଛଡା ଅନ୍ୟ କିଛି ଉପାୟ ନଥାଏ ଚାଷୀଙ୍କ ପାଇଁ । ଆଜି ଭାରତର କୃଷି ଇତିହାସରେ କୃଷକ ଆତ୍ମହତ୍ୟା ଏକ କଳଙ୍କମୟ ଅଧ୍ୟାୟ ସୃଷ୍ଟି କରିଛି । ଭାରତ ଆଜି ପୃଥିବୀରେ ନିନ୍ଦିତ ହେଉଛି । ସରକାରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଓ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଲାଗୁହେଲେ ମଧ୍ୟ, କୃଷକମାନେ ଆତ୍ମହତ୍ୟାରୁ ବିରତ ହେଉ ନାହାନ୍ତି ।

ବିଟି କଟନ୍ ପରେ ବିହନ କାରବାର କରୁଥିବା ଆନ୍ତର୍ଜାତିକ ବେପାରୀମାନେ ଏବେ ବାଇଗଣର ନୂତନ ବିହନ ବିଟି ବ୍ରିନ୍‌ଜାଲ୍ ଭାରତରେ କ୍ଷେତ୍ର ପ୍ରୟୋଗ ପାଇଁ ଅନୁମତି ପାଇଛନ୍ତି । ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟର ସଂସ୍ଥା ଜିଇଏସି (GEAC) ଉକ୍ତ ବିହନକୁ କେତୋଟି ପ୍ରଦେଶରେ ପ୍ରୟୋଗ କରିବା ପାଇଁ ଅନୁମତି ଦେବାକୁ ମଧ୍ୟ ବିଚାର କରୁଛି । ଓଡ଼ିଶାରେ କେନ୍ଦ୍ରପଡା, କଟକ, ଭୁବନେଶ୍ୱର ଏବଂ ପୁରୀ ଜିଲ୍ଲାକୁ ପ୍ରାଥମିକ କ୍ଷେତ୍ର ପରୀକ୍ଷା ପାଇଁ ବଛା ଯାଇଛି । ବାଇଗଣରେ ଲାଗୁଥିବା ପୋକ ଓ ରୋଗ ଗୁଡ଼ିକ ହେଲା ୧) ଫଳବିନ୍ଧା ପୋକ ୨) କାଣ୍ଡବିନ୍ଧା ପୋକ ୩) କାଙ୍କଡିଆ ପୋକ ୪) ଜଉ ପୋକ ୫) ଉକୁଣିଆ ପୋକ ୬) ଝାଉଁଳା ରୋଗ । ଏସବୁକୁ ଆଖିରେ ରଖି ମନ୍‌ସାଣ୍ଟୋ (Monsanto) ନାମକ ଏକ ବହୁରାଷ୍ଟ୍ରୀୟ ବିହନ କମ୍ପାନୀ ବାଇଗଣରେ କ୍ରାଇ ୱାନ୍ ଏସି (ଉଚ୍ଚ ୧ ଇଉ) ନାମକ ଏକ ଜିନ୍ ଜରିଆରେ ବିଟି ବ୍ରିନ୍‌ଜାଲ ବିହନ ପ୍ରସ୍ତୁତ କରିଛି । ଏଥି ପାଇଁ ମହାରାଷ୍ଟ୍ରର ମାହିକୋ କମ୍ପାନୀର ସହାୟତା ନିଆଯାଇଛି । ଅନ୍ୟ ପକ୍ଷରେ ମାହିକୋ ତାମିଲ୍‌ନାଡୁ କୃଷି ବିଶ୍ୱ ବିଦ୍ୟାଳୟ ଏବଂ କର୍ଣ୍ଣାଟକର ଧରୱାଡ୍ ସ୍ଥିତ କୃଷି ବିଜ୍ଞାନ ବିଶ୍ୱ ବିଦ୍ୟାଳୟର ସହଯୋଗ

Digitized by srujanika@gmail.com

ମଧ୍ୟ ଲୋଡ଼ିଛି । ଏହି ସହଯୋଗ ଭାରତର ଅନ୍ୟ ପ୍ରଦେଶ ତଥା ବଙ୍ଗଳାଦେଶ ଓ ଫିଲିପାଇନ୍ସକୁ ସମ୍ପ୍ରସାରିତ କରିବାକୁ ପ୍ରସ୍ତାବ ରହିଛି । ଏ ପ୍ରୟୋଗର ମୂଳ ଲକ୍ଷ୍ୟ ହେଲା ଯେ ଭାରତର ପ୍ରାୟ ୬ଲକ୍ଷ ହେକ୍ଟର ଜମିରେ ବାଇଗଣ ଚାଷ କରୁଥିବା ଅଢ଼େଇକୋଟି ଚାଷୀଙ୍କୁ ରକ୍ଷା କରିବା । କେବଳ ଭାରତରେ ବାର୍ଷିକ ଅଶୀ ଲକ୍ଷ ଟନ ବାଇଗଣ ଉତ୍ପାଦିତ ହେଉଛି । କିନ୍ତୁ ବ୍ୟାପକ ପୋକ ଓ ରୋଗ ହେତୁ ୫୦ରୁ ୭୦ ଭାଗ ଫସଲ ପ୍ରଭାବିତ ହୋଇ ନଷ୍ଟ ହେଉଛି । ମନ୍‌ସାଣ୍ଟୋ ଓ ମାହିକୋର କହିବା କଥା ଯେ ବିଟି ବ୍ରିନ୍‌ଜାଲ୍ ବିହନ ପ୍ରୟୋଗ ଦ୍ୱାରା ବାଇଗଣ ଉତ୍ପାଦନ ପ୍ରାୟ ଦୁଇଗୁଣ ବଢ଼ିଯିବ । ମନ୍‌ସାଣ୍ଟୋ ଓ ମାହିକୋ ଆଦି ବିହନ କମ୍ପାନୀ ଚଳାଇଛନ୍ତି, ସେହି ଚକ୍ରାନ୍ତରେ ଓଡ଼ିଶାରେ ଚାଷୀକୂଳ ନିଶ୍ଚିତ ପ୍ରଭାବିତ ହେବେ । ଏହି ପରିପ୍ରେକ୍ଷୀରେ କୃଷିମନ୍ତ୍ରୀଙ୍କ ଖୋଲାଖୋଲି ବିରୋଧାଭାସ ବର୍ତ୍ତମାନ ନାଗରିକ ସମାଜ ଓ ସ୍ୱେଚ୍ଛାସେବୀ ସଂଗଠନକୁ ଅନେକ ପ୍ରେରଣା ଦେଇଛି । ଆଶା ରହିଛି ଯେ ବିଟି ବ୍ରିନ୍‌ଜାଲ୍ ବିରୁଦ୍ଧରେ ଏକ ଶକ୍ତିଶାଳୀ ଫୋର୍ସ ମୁଣ୍ଡ ଟେକିବ ।

ପାଠକ ବନ୍ଧୁମାନଙ୍କୁ ବିଟି ବ୍ରିନ୍‌ଜାଲ୍‌ର କ୍ଷତିକାରକ ପ୍ରଭାବକୁ ଜାଣିବାକୁ ହେବ । କୃଷକ ସମାଜକୁ ଆହୁରି ଅଧିକ ସଚେତନ ହେବାକୁ ପଡିବ । ବିଟି ବ୍ରିନ୍‌ଜାଲ ବିହନ ଦ୍ୱାରା ଉତ୍ପାଦିତ ବାଇଗଣ ଖାଇଲେ ମଣିଷ ଶରୀର ଉପରେ ତାହାର କି ପ୍ରଭାବ ପଡ଼ିବାକୁ ଯାଉଛି ତାହା ସମସ୍ତଙ୍କୁ ବୁଝିବାକୁ ହେବ । ମଣିଷମାନଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ଗବେଷଣା କରୁଥିବା ବିଶେଷଜ୍ଞମାନେ କହୁଛନ୍ତି ଯେ ବିଟି ବ୍ରିନ୍‌ଜାଲ୍ ଖାଇବା ଦ୍ୱାରା କ୍ରାଇ ୱାନ୍ ଏସି (Cry 1 AC) ଜିନ୍ ମଣିଷର ଶରୀରରେ ପ୍ରବେଶ କରିବ ଓ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିବ । ବିଟି ସହ ମିଶ୍ରିତ ବିଷ ମଣିଷର ପାକସ୍ଥଳିରେ ଥିବା ବିଭିନ୍ନ ବାକ୍‌ଟେରିଆକୁ ମାରିଦେବ । ଏହାଦ୍ୱାରା ମଣିଷର ରୋଗ ନିରୋଧକ ଶକ୍ତି ହ୍ରାସ ପାଇବ । ଜି.ଏମ୍ ଖାଦ୍ୟ ଖାଇଲେ ବିଭିନ୍ନ ପ୍ରକାରର ଆଲର୍ଜି ରୋଗ ସୃଷ୍ଟି ହୁଏ ବୋଲି ଗବେଷଣାରୁ ଜଣାପଡିଛି । ବିଟି ବ୍ରିନ୍‌ଜାଲ୍‌ରେ ଏନ୍‌ପିଟି-ଓଓ (Npt-II) ବୋଲି ଏକ ପ୍ରକାରର ଜିନ୍ ଆମର ଶରୀରର ଆଣ୍ଟିବାୟୋଟିକ୍ ପ୍ରତିରୋଧକ ଶକ୍ତି କମାଇବ । ଆଉ ଗୋଟିଏ ପ୍ରକାରର ଭାଇରସ୍ ଏଥିରେ ଥାଏ ଯାହା ହେପାଟାଇଟିସ ବି ଭଳି ମାରାତ୍ମକ ଭାଇରସ୍ ସହ ତୁଳନା କରାଯାଇପାରେ । ଏହା ମଧ୍ୟ ମଣିଷକୁ ବିଭିନ୍ନ ରୋଗରେ ପକାଇବାର ଆଶଙ୍କା ସୃଷ୍ଟି କରିଛି । ମୁଖ୍ୟତଃ ପାକସ୍ଥଳିରେ ଟ୍ୟୁମର୍ ହେବା ଓ ଶରୀରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ଠିକ୍ ଅଭିବୃଦ୍ଧି ନହେବା ଭଳି ଆଶଙ୍କା ମଧ୍ୟ ଦେଖା ଦେଇଛି । ଅବଶ୍ୟ ମନ୍‌ସାଣ୍ଟୋ ଓ ମାହିକୋ ପ୍ରଚାର କରିବାରେ ଲାଗିଛନ୍ତି ଯେ ବିଟି ବ୍ରିନ୍‌ଜାଲ୍ ବିହନ ଦ୍ୱାରା ମଣିଷ ଶରୀର କିଛି କ୍ଷତି ହେବ ନାହିଁ । ସ୍ତନ୍ୟପାୟୀ ପ୍ରାଣୀଙ୍କ ଦେହରେ ପରୀକ୍ଷା କରାଯାଇ ଦେଖାଯାଇଛି ଯେ ବିଟି ଜିନ୍‌ର କୌଣସିକୁ ପ୍ରଭାବ ନାହିଁ । ବାଇଗଣକୁ ସିଝାଇ ଖାଇଲେ ଯାହାକିଛି ବିଷାକ୍ତ ଜିନିଷ ଥାଏ,

Digitized by srujanika@gmail.com

ତାହାର ପ୍ରଭାବ ଆପେ ଆପେ ଦୂର ହୋଇଯାଏ । ମନ୍‌ସାଣ୍ଟୋ ଓ ମାହିକୋର ଏହି ଦାବୀ ଏପର୍ଯ୍ୟନ୍ତ ସ୍ୱାଧୀନ ଭାବେ ପ୍ରମାଣିତ ହୋଇନାହିଁ ।

ମୁଁ ୨୦୦୩ ମସିହାରେ ବ୍ରାଜିଲ୍‌ରେ ଏକ କୃଷକ ସମ୍ମିଳନୀରେ ଯୋଗ ଦେଇଥିଲି । ସେଠାରେ ସମସ୍ତେ ସମସ୍ୱରରେ ସ୍ଲୋଗାନ୍ ଦେଇ କହୁଥିଲେ, ମାଟି ଆମର ମାଆ ଓ ବିହନ ଆମର ବାପା । ତେଣୁ ମାଟି ଓ ବିହନକୁ ବାହ୍ୟ ଆକ୍ରମଣରୁ ରକ୍ଷା କରିବାକୁ ହେବ । ପ୍ରତ୍ୟେକ ଅଞ୍ଚଳରେ ଓ ଜଳବାୟୁରେ ବିଭିନ୍ନ ପ୍ରକାରର ଜୈବ ବିବିଧତା ରହିଛି । କୃଷିଜନିତ ଜୈବ ବିବିଧତା ହେଉଛି ଖାଦ୍ୟ ନିରାପତ୍ତାର ମୂଳକେନ୍ଦ୍ର । ଚାଷୀ ତାହାର ପାରମ୍ପରିକ ବିହନକୁ ପୁରୁଷ ପୁରୁଷ ଧରି ସାଇତି ରଖୁଛି । ପ୍ରତିବର୍ଷ ଉକ୍ତ ବିହନକୁ ଚାଷ କାର୍ଯ୍ୟରେ ବ୍ୟବହାର କରୁଛି । ଫସଲ ଅମଳ ପରେ ପୁଣି ସେଥିରୁ କିଛି ବିହନ ସଂରକ୍ଷଣ କରୁଛି । ଯେତେ ମରୁଡି ହେଉ କି ବନ୍ୟା, ଅଗ୍ନିକାଣ୍ଡ ହେଉ କି ଭୂମିକମ୍ପ, ସେ କେବେହେଲେ ବିହନକୁ ଲୁପ୍ତ ହେବାକୁ ଦେଇ ନାହିଁ । ମଣିଷ ଓ ତା'ର ସଭ୍ୟତାର ଅନ୍ୟତମ ସଂଯୋଗ ହେଉଛି ବିହନ । ଏ ପାରମ୍ପରିକ ବିହନ ଲୁପ୍ତ ହୋଇଗଲେ ସେବି ନିଜର ସତ୍ତା ହରାଇବ ବୋଲି ସବୁବେଳେ ତା'ର ଡର ରହିଛି । ମୁଁ ଆଦିବାସୀ ଅଞ୍ଚଳରେ ପୋଡୁ ଚାଷ ଭିତରେ ବି କୃଷି ଜନିତ ଜୈବ ବିବିଧତା ଦେଖିଛି ଅତି ନିକଟରୁ । ସେଥିରେ ସେ ଲଗାଉଛି ମାଣ୍ଡିଆ, ମକା, କାନ୍ଦୁଲ, ଅଳସୀ, କଖାରୁ, ବାଇଗଣ, ଶାଗ ଓ ବିଭିନ୍ନ ପ୍ରକାରର କନ୍ଦା ଓ ମୂଳ । ଜଣେ ଜଣେ ଲୋକ ଛୋଟ ଇଲାକାରେ ଦଶ ପନ୍ଦର ପ୍ରକାର ଫସଲ ଲଗାଇ ସେଥିରୁ ଆମଦାନୀ କରୁଛନ୍ତି । ଏହା ଯୁଗ ଯୁଗ ଧରି ଚାଲି ଆସିଛି । ଏଥିରେ ବିଜ୍ଞାନ, ମୌଳିକଜ୍ଞାନ ସମେତ ଅନୁଭୂତିର ମିଶ୍ରଣ ରହି ଆସିଛି । ତାହାର ଖାଦ୍ୟ ଓ ପୁଷ୍ଟିସାରର ନିରାପତ୍ତା ମଧ୍ୟ ସେ ଦେଖିଛି ଓ ଅଙ୍ଗେ ନିଭାଉଛି । ଏହାକୁ ବିଟି ବ୍ରିନ୍‌ଜାଲ୍ ଓ ଅନ୍ୟସବୁ ଜିଏମ୍ ବିହନ ପ୍ରୟୋଗ ଦ୍ୱାରା ବଦଳେଇବା ଅର୍ଥ ଗୋଟାଏ ଜାତିକୁ ହତ୍ୟା କରିବା ସହ ସମାନ । ବିଟି ବିହନକୁ ପୃଥିବୀସାରା ଆତ୍ମହତ୍ୟାର ବିହନ ବୋଲି ଆଖ୍ୟାୟିତ କରାଯାଇଛି । ଥରେ ବିଟି ବିହନ ଜମିରେ ଲାଗିଲେ ପାରମ୍ପରିକ ବିହନର ଫସଲଗୁଡିକ ଉପରେ ଏହା କୁପ୍ରଭାବ ପକାଇବ । ଅବଶେଷରେ ପାରମ୍ପରିକ ବିହନ ଗୁଡିକ ମଧ୍ୟ ଲୁପ୍ତ ହୋଇଯିବ । ବିଟି ଜିନ୍ ମଧ୍ୟ ପ୍ରଜାପତି ଜାତୀୟ ପ୍ରାଣୀ ଜଗତକୁ ମଧ୍ୟ ମାରିଦେବ ଯାହା ପରାଗ ସଙ୍ଗମ ହେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏହା ଫଳରେ ଫସଲ ଉତ୍ପାଦନରେ ମଧ୍ୟ ବାଧା ସୃଷ୍ଟି କରିବ । ଆମ ଦେଶରେ ଅନେକ ବିଶେଷଜ୍ଞ, ଅମଲା ଓ ଧନୀ କୃଷକ ବିଟି ବିହନ ଗୁଡିକର ସପକ୍ଷରେ ଯେଉଁଭଳି ଯୁକ୍ତି କରୁଛନ୍ତି ତାହାକୁ ଏଦେଶର ଅଗଣିତ କୃଷକ ଓ କୃଷିଜୀବୀ ବିରୋଧ କରୁଛନ୍ତି । ଏହା ନକରିଲେ ଦେଶର କୃଷକ ଆତ୍ମହତ୍ୟା ବଢ଼ିବ ଓ ଚାଷୀକୂଳ ଗଭୀର ଭାବେ ପ୍ରଭାବିତ ହେବେ ।

□□□

Digitized by srujanika@gmail.com

କ୍ୟୁବାର କୃଷି ବିପ୍ଳବରୁ ଆମେ ଶିଖିବା କ'ଣ ?

ବିଶ୍ୱର ଅନେକ ଗରିବ ଦେଶର ଅଗଣିତ ଗରିବ ଲୋକ ଭୋକ ଉପାସରେ ଜୀବନ ଅତିବାହିତ କରୁଥିଲା ବେଳେ, କ୍ୟୁବା ସମଗ୍ର ପୃଥିବୀ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି । ମୁଁ ନିଜେ କ୍ୟୁବା ଦେଖି ନାହିଁ । ଅବଶ୍ୟ କ୍ୟୁବାର ଇତିହାସ ପଢ଼ିଛି । ଫିଡେଲ କାଷ୍ଟ୍ରୋ ଓ ସେ ଗୁଏଭେରାଙ୍କ ସଂଗ୍ରାମ ଓ ଆଦର୍ଶବାଦ ପଢ଼ି ଅନୁପ୍ରାଣିତ ହୋଇଛି । ମୁଁ କମ୍ୟୁନିଷ୍ଟ ନୁହେଁ ଅଥଚ ମୁଁ ଲକ୍ଷ୍ୟ କରୁଛି ଏମାନଙ୍କର ଦୂରଦୃଷ୍ଟି ଆଜିକାର ଜଗତୀକରଣ ସମୟରେ କିପରି ବିଶେଷ ଆଲୋଚିତ ହେବାରେ ଲାଗିଛି । ସୋଭିଏତ୍ ଋଷିଆର ନେତୃତ୍ୱରେ ପରିଚାଳିତ ସାମ୍ରାଜ୍ୟବାଦ ଓ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ପ୍ରବର୍ତ୍ତିତ ପୁଞ୍ଜିବାଦକୁ ନେଇ ଅନେକ ବର୍ଷ ଧରି ଚାଲିଥିବା ଶୀତଳ ଯୁଦ୍ଧରେ କ୍ୟୁବା ଅଂଶଗ୍ରହଣ କରିଥିଲା । ଷାଠିଏ ଦଶକରେ ମିଶାଇଲ୍ ଓ ଆଣବିକ ଅସ୍ତ୍ରଶସ୍ତ୍ର ନେଇ କ୍ୟୁବା ଉପରେ ଆକ୍ରମଣ କରିବାକୁ ଯୁକ୍ତରାଷ୍ଟ୍ର ଆମେରିକା ଅନେକଥର ପ୍ରସ୍ତୁତ ହୋଇଥିଲା । କ୍ୟୁବାକୁ ପୃଥିବୀସାରା ଏକ ଘରକିଆ କରାଯିବାକୁ ମଧ୍ୟ ଉଦ୍ୟମ ହୋଇଥିଲା । ଅବଶ୍ୟ ସୋଭିଏତ ଋଷିଆ ସେତେବେଳେ ଶକ୍ତିଶାଳୀ ଥିଲା ଓ କ୍ୟୁବାକୁ ସୁରକ୍ଷା ମିଳୁଥିଲା । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନରେ କ୍ୟୁବା ସକ୍ରିୟ ଭୂମିକା ନେଉଥିବାରୁ ଏହା ସପକ୍ଷରେ ସବୁବେଳେ ବିଶ୍ୱବ୍ୟାପୀ ଅନୁକୂଳ ଜନମତ ସୃଷ୍ଟି ହେଉଥିଲା । ସମ୍ଭବତଃ ଏଇଥିପାଇଁ ଆମେରିକାର ଅନେକ ଷଡଯନ୍ତ୍ରରୁ କ୍ୟୁବା ରକ୍ଷା ପାଇ ଯାଇଥିଲା ।

୧୯୮୯-୯୦ ମସିହାରେ ସୋଭିଏତ୍ ଋଷିଆ ଓ ଏହାର ନେତୃତ୍ୱରେ ଥିବା ଗୋଷ୍ଠୀର ପତନ ହେଲା । ଏକ ଶକ୍ତିଶାଳୀ ମଞ୍ଚ ଭୁଶୁଡି ପଡିଲା । ଏହାର ପ୍ରଭାବ ଅବଶ୍ୟ କ୍ୟୁବାରେ ଖୁବ୍ ବେଶି ପଡିଥିଲା । ଆମେରିକାର ବିରୋଧାଭାସ ମଧ୍ୟ ଏହା ପରେ ପରେ ବଢ଼ିଯାଇଥିଲା । ଏହାକୁ ନେଇ କ୍ୟୁବାରେ ଆର୍ଥିକ ଦୁର୍ଗତି ଦେଖା ଦେଇଥିଲା । ୧୯୯୧ ମସିହାରେ କାଷ୍ଟ୍ରୋଙ୍କ ବ୍ୟକ୍ତିଗତ ପ୍ରଭାବରେ କ୍ୟୁବା ଘୋଷଣା କରିଥିଲା ଏକ ସ୍ୱତନ୍ତ୍ର ଶାନ୍ତିର ସମୟ । ଯଦିଓ ଯୁଦ୍ଧ ଘୋଷଣା କରିବାର ଅବସର ନଥିଲା, କିନ୍ତୁ ଯୁଦ୍ଧକାଳୀନ ପରିସ୍ଥିତି ଏ ଶାନ୍ତି ଭିତରେ ବିରାଜମାନ କରୁଥିଲା । ସବୁ କ୍ଷେତ୍ରରେ ଆର୍ଥିକ ସଂଯମ ଘୋଷଣା କରାଯାଇଥିଲା । ପେଟ୍ରୋଲିୟମ, ତୈଳ ଓ ଗ୍ୟାସ୍‌ର ଆମଦାନୀ ଶତକଡ଼ା ୫୩ ଭାଗ ହ୍ରାସ

Digitized by srujanika@gmail.com

କରାଯାଇଥିଲା । ଏହା କ୍ୟୁବାର ଆର୍ଥିକ ବିକାଶ ଓ ପ୍ରଗତିରେ ଘୋର ବାଧା ପକାଇଥିଲା । ଗହମ ଓ ଅନ୍ୟାନ୍ୟ ଖାଦ୍ୟଶସ୍ୟର ଆମଦାନି ଶତକଡ଼ା ୫୦ଭାଗ କମାଇ ଦିଆଯାଇଥିଲା । ଆଉ କେତେକ ଖାଦ୍ୟଦ୍ରବ୍ୟର ଆମଦାନି ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା । କୀଟନାଶକ ଔଷଧର ଆମଦାନି ଶତକଡା ସତୁରୀ ଭାଗ ହ୍ରାସ କରାଯାଇଥିଲା । କ୍ୟୁବାର ଜନସାଧାରଣଙ୍କୁ ଏଥିପାଇଁ ନବେଦଶକର ପ୍ରାରମ୍ଭରୁ ଖୁବ୍ କଷ୍ଟ ଭୋଗିବାକୁ ପଡିଥିଲା । କ୍ୟାଲୋରି ଓ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାଧାରଣ ଲୋକଙ୍କୁ ଶତକଡ଼ା ୩୦ଭାଗ କମ୍ ମିଳୁଥିଲା । ଖାଦ୍ୟ ଆମଦାନି ଯେତେବେଳେ କମିଗଲା ଓ ଖାଦ୍ୟ ଉତ୍ପାଦନ ଯେତେବେଳେ ହ୍ରାସ ପାଇଲା, କ୍ୟୁବାବାସୀଙ୍କ ପାଖରେ ରାସ୍ତା ଆଉ କ'ଣ ଥିଲା ? କିନ୍ତୁ ବିଶ୍ୱ ରାଜନୀତି ଓ ଅର୍ଥନୀତିକୁ ସଠିକ୍ ବୁଝିଥିବା କ୍ୟୁବା ଭବିଷ୍ୟତରେ ଏହିଭଳି ଏକ ଗୁରୁତର ପରିସ୍ଥିତି ସୃଷ୍ଟି ହେବ ଜାଣି ଆଗରୁ ସଜାଗ୍ ଥିଲା । କ୍ୟୁବାର ଚାଷୀ, ବୈଜ୍ଞାନିକ ଓ ଗବେଷକ ଏଭଳି ପରସ୍ଥିତିର ମୁକାବିଲା କିପରି କରାଯାଇ ପାରିବ ଏବଂ ନୂତନ ସୃଜନାତ୍ମକ ଉପାୟ ସବୁ କେମିତି ବାହାରି ପାରିବ ସଦାସର୍ବଦା ଚେଷ୍ଟିତ ଥିଲେ । ଏଇ ଗୋଷ୍ଠୀଙ୍କୁ ମଧ୍ୟ ଶାରୀରିକ, ମାନସିକ, ବୌଦ୍ଧିକ ଓ ବୈଷୟିକ ପ୍ରସ୍ତୁତି କରିବାକୁ ପଡିଥିଲା । ଜଣେ ଆଶ୍ଚର୍ଯ୍ୟ ହେବ ଯେ, କ୍ୟୁବା ଓ ସମଗ୍ର ଲାଟିନ୍ ଆମେରିକାର ଜନସଂଖ୍ୟା ଶତକଡ଼ା ଦୁଇଭାଗ ଥିଲେ ମଧ୍ୟ ବୈଜ୍ଞାନିକ ଓ ଗବେଷକଙ୍କ ସଂଖ୍ୟା ହେଉଛି ୧୧ ପ୍ରତିଶତ । ଏତେସବୁ ପ୍ରତିବନ୍ଧକ ସତ୍ତ୍ୱେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ବୈପ୍ଳବିକ ପଦକ୍ଷେପ ନିଆଗଲା । ରାସାୟନିକ ସାର ପରିବର୍ତ୍ତେ ନୈତିକ ସାର ପ୍ରୟୋଗ କରାଗଲା । କୀଟଦ୍ୱାରା ନଷ୍ଟ ହେଉନଥିବା ବିହନ ଚାଷକାର୍ଯ୍ୟରେ କରାଗଲା । କୃଷିର ପରିଚାଳନାରେ ପରିବର୍ତ୍ତନ ଆଣି ମିଶ୍ରିତ ଚାଷ ଆଦି କରାଗଲା । କୃଷି ଚକ୍ରରେ ପରିବର୍ତ୍ତନ କରାଗଲା । କମ୍ପୋଷ୍ଟ, ଜିଆଖତର ବହୁଳ ପ୍ରୟୋଗ କରାଗଲା । ଜୈବିକ ଓ ପ୍ରାକୃତିକ ସାରର ପ୍ରୟୋଗ କେତେଗୁଣ ବଢ଼ିଗଲା । ସବୁଜ ସାରକୁ କ୍ୟୁବାର କୃଷକ ବେଶି ଭଲ ପାଇଲା । ଯେହେତୁ ପେଟ୍ରୋଲିୟମ୍ ତୈଳ ଦେଶକୁ ବେଶି ଆମଦାନି ହେଉନଥିଲା । କୃଷକ ଟ୍ରାକ୍ଟର ବଦଳରେ ହଳବଳଦ ଦ୍ୱାରା ଚାଷ କରିଲେ । ଏଇ ସବୁ ପଦକ୍ଷେପ ଦ୍ୱାରା କ୍ରମକ୍ଷୟିଷ୍ଣୁ ଖାଦ୍ୟ ଉତ୍ପାଦନର ସ୍ଥିତି ବଦଳିବାରେ ଲାଗିଲା ଓ କେତେବର୍ଷ ଭିତରେ ଏହା କ୍ରମାଗତ ଭାବେ ବଢ଼ିଲା । କୃଷି ସମବାୟ ସଂସ୍ଥା ସବୁ ଗଢ଼ି ଉଠିଲା । କୃଷକ ସଂଗଠନମାନ ମଧ୍ୟ ମୁଣ୍ଡ ଟେକିଲା । ସମସ୍ତେ ଦେଶର ଖାଦ୍ୟ ସମସ୍ୟା ସମାଧାନ କରିବା ପାଇଁ ବ୍ୟକ୍ତିଗତ କ୍ଷେତ୍ରରେ ଉଦ୍ୟମ କରିଥିଲେ ଓ ଏହାର ସୁଦୂରପ୍ରସାରୀ ଫଳାଫଳ ଦେଶକୁ ମିଳିଥିଲା । ଛୋଟ ଚାଷୀମାନେ ମାନବ ସଭ୍ୟତାର ଆରମ୍ଭ ଦିନଠାରୁ ସମସ୍ତଙ୍କ ପାଇଁ ଖାଦ୍ୟ ଉତ୍ପାଦନ କରି ଆସୁଛନ୍ତି କିନ୍ତୁ ବଡ ଚାଷୀମାନେ ନୁହଁନ୍ତି । କ୍ୟୁବାରେ ଏହି ପରମ୍ପରାକୁ ମନେ ପକାଗଲା । କୃଷି କ୍ଷେତ୍ରରେ ଅଳ୍ପ ପୁଞ୍ଜିନିବେଶ କରି କିପରି ସର୍ବାଧିକ ଖାଦ୍ୟ ଉତ୍ପାଦନ ହୋଇପାରିବ

Digitized by srujanika@gmail.com

କ୍ୟୁବା ଏହାର ସଫଳ ଉଦାହରଣ ପ୍ରଦର୍ଶନ କରିଲା । ବାପ ଅଜା ଅମଳର କୃଷି ପ୍ରଣାଳୀର ପୁନଃରୁଦ୍ଧାର କରାଗଲା । ଏହା ଏକ ଗୌରବମୟ ଅଧ୍ୟାୟର ଆରମ୍ଭ ହିଁ ଥିଲା କ୍ୟୁବାରେ ।

ରାଷ୍ଟ୍ରୀୟ ସ୍ତରରେ ଏକ ନୀତିଗତ ପରିବର୍ତ୍ତନ ମଧ୍ୟ ଅଣାଗଲା । ରାସାୟନିକ ଏବଂ ଯାନ୍ତ୍ରିକ କୃଷି ପଦ୍ଧତିକୁ ବିରୋଧ କରାଗଲା । ଏହା ପରିବର୍ତ୍ତେ କୃଷକକୁ ତାହାର ଖେତ ସହ ଅଙ୍ଗାଙ୍ଗୀ ଭାବେ ଜଡିତ ହେବାକୁ ଆହ୍ୱାନ ଦିଆଗଲା । ଯିଏ ଯେଉଁଠି ଚାଷ କରିବ, ସେଠାକାର ମାଟି, ପାଣି ଓ ଜମିକୁ ସମ୍ମାନ ଦେବ ଓ ତାହାର ଅବକ୍ଷୟକୁ ରୋକିବ । କ୍ୟୁବାର ଛୋଟ ଚାଷୀମାନଙ୍କୁ ସେମାନଙ୍କର ମାଟି, ଜମି, ଫସଲର ଜୈବିକ ଦିଗ ବିଷୟରେ ଜ୍ଞାନ କୌଶଳ ରାଷ୍ଟ୍ର ପକ୍ଷରୁ ଯୋଗାଇଦିଆଗଲା । ଏହା ସଙ୍ଗେ ସଙ୍ଗେ ରାଷ୍ଟ୍ରାୟତ ଫାର୍ମ ଗୁଡିକର ପରିଚାଳନାରେ ସଂସ୍କାର ଅଣାଗଲା । ରାଷ୍ଟ୍ରାୟତ ବିଶାଳ ଫାର୍ମ ଗୁଡିକୁ ନିର୍ଦ୍ଦେଶନାମା ଜରିଆରେ ଭାଙ୍ଗି ଦିଆଗଲା । ଏହାକୁ ଛୋଟ ଛୋଟ ସମବାୟ ଫାର୍ମରେ ବିଭକ୍ତ କରି ଫାର୍ମ ଶ୍ରମିକମାନଙ୍କୁ ବାଣ୍ଟିଦିଆଗଲା । ଖଜଣା ବା ଟିକସ୍ ମଧ୍ୟ ନିଆଗଲା ନାହିଁ ଛୋଟ ଚାଷୀଙ୍କ ପାଖରୁ । ଛୋଟ ଛୋଟ ସମବାୟ ଫାର୍ମ ଗୁଡିକ ଯାହା ଉତ୍ପାଦନ କରିଲେ, ତାହାର ମାଲିକ୍ ହେଲେ ମଧ୍ୟ । ଏମାନଙ୍କୁ ବିକା କିଣାର ସ୍ୱାଧୀନତା ମଧ୍ୟ ମିଳିଥିଲା । କୃଷକ ବଜାର ପ୍ରତିଷ୍ଠା କରାଯାଉଥିଲା ସବୁଆଡେ ।

୧୯୯୪ ମସିହାରେ କୃଷି ସଂସ୍କାର କ୍ୟୁବାରେ ଅନ୍ୟ ଏକ ବିପ୍ଳବ ଥିଲା । ରାଷ୍ଟ୍ରାୟତ ବିଶାଳକାୟ କୃଷି ଫାର୍ମର ଶ୍ରମିକ ଚାଷୀ ହେବ ଏହା କମ୍ କଥା ନଥିଲା । ଏ ପରିବର୍ତ୍ତନ ସମ୍ଭବ ହେବା ପାଇଁ କିଛି ସମୟ ଲାଗିଥିଲା ଅବଶ୍ୟ । ସବୁ ସମବାୟ ଫାର୍ମ ସମାନ ସଫଳତା ହାସଲ କରିନଥିଲେ ମଧ୍ୟ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା । ଅସଲରେ ଛୋଟଚାଷୀ ଓ ଛୋଟ ଛୋଟ ଫାର୍ମ ଗୁଡିକ କ୍ୟୁବାରେ ଖାଦ୍ୟ ଉତ୍ପାଦନର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । ଖାଦ୍ୟାଭାବ ଦୂର ହେବା ସଙ୍ଗେ ସଙ୍ଗେ ଖାଦ୍ୟଦ୍ରବ୍ୟ ଗୁଡିକର ଦର ହ୍ରାସ ହୋଇଥିଲା । ଅଣ୍ଡା ଓ ଘୁଷୁରୀ ମାଂସ ଉତ୍ପାଦନରେ ଛୋଟ ଚାଷୀଙ୍କ ଭୂମିକା ଥିଲା ଅଦ୍ୱିତୀୟ । କୃଷି ଉତ୍ପାଦନ କେବଳ ଗାଁରେ ସିମୀତ ନଥିଲା । ସହରାଞ୍ଚଳରେ ଯେଉଁଠି କିଛି କିଛି ଜମି ଘରକୁ ଲାଗିଥିଲା ତାହା ମଧ୍ୟ ଚାଷ ଜମିରେ ପରିଣତ କରାଗଲା । ସହରବାସୀମାନେ ମଧ୍ୟ ବାଡିବଗୀଚା କରି ଖାଦ୍ୟ ଉତ୍ପାଦନ ପ୍ରକ୍ରିୟାରେ ନିଜକୁ ସାମିଲ କରି, ଏ ଦିଗରେ ଅନେକ ଗତି ଓ ସଫଳତା ଆଣି ପାରିଥିଲେ । କେତେ ଦିନ ମଧ୍ୟରେ ଖାଦ୍ୟ ଉତ୍ପାଦନ ଦେଶରେ ରେକର୍ଡ କରିଥିଲା । ସହରରେ କାହାର ଜମି ପଡିଆ ପଡୁନଥିଲା । ଯେଉଁ ଜମିରେ କୋଠାବାଡି ନଥିଲା ଓ ଖାଲି ପଡିଥିଲା, ସେଠାରେ ମଧ୍ୟ ଚାଷବାସ କରାଗଲା । ସହରରେ ମଧ୍ୟ ତାଜା ପରିବା ମିଳିଲା ଏହି ଉଦ୍ୟମ ଦ୍ୱାରା ।

କ୍ୟୁବାରେ ୧୯୫୯ ମସିହାରେ ବିପ୍ଳବ ହୋଇଥିଲା । ଏ ବିପ୍ଳବ ଫଳରେ ସେଠାରେ ଭୂସଂସ୍କାର କରାଯାଇ ଶତକଡ଼ା ୭୦ଭାଗ ଚାଷଜମିକୁ ରାଷ୍ଟ୍ରାୟତ କରାଯାଇଥିଲା ।

Digitized by srujanika@gmail.com

ଜାତୀୟକରଣ ପ୍ରକ୍ରିୟାରେ ୫୫ଲକ୍ଷ ହେକ୍ଟର ଜମିର ମାଲିକାନାସତ୍ତ୍ୱ ରାଷ୍ଟ୍ରର ନିୟନ୍ତ୍ରଣରେ ରହିଲା ପରେ, ଏଥିରୁ ପ୍ରାୟ ଏଗାର ଲକ୍ଷ ହେକ୍ଟର ଜମି ଛୋଟ ଚାଷୀମାନଙ୍କୁ ବଣ୍ଟା ଯାଇଥିଲା । ବାକି ଶତକଡ଼ା ୭୧ଭାଗ ଜମିକୁ ବଡ ବଡ ଫାର୍ମରେ ବିଭକ୍ତ କରାଯାଇ ଆଖୁ ଏବଂ ଅନ୍ୟାନ୍ୟ ରପ୍ତାନୀ ଭିତ୍ତିକ ଚାଷରେ ବ୍ୟବହାର କରାଯାଇଥିଲା । କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକା କ୍ୟୁବାର ଚିନି ଆମଦାନୀରେ କଟକଣା ଲଗାଇବାରୁ ଆଖୁ ଚାଷ ହ୍ରାସ ପାଇଥିଲା । ତଥାପି ବିଶ୍ୱ ବଜାରରେ କ୍ୟୁବାରୁ ପ୍ରସ୍ତୁତ ଚିନିର ଚାହିଦା କେବେବେଳେ ହେଲେ କମୁନଥିଲା । ଏଇଥିପାଇଁ ଆଖୁ ଚାଷ କ୍ୟୁବାରେ ସବୁବେଳେ ପ୍ରାଥମିକତା ପାଇଥିଲା ଓ ୧୯୫୯ ମସିହାରୁ କୃଷିନୀତି ଏହାକୁ ଭିତ୍ତିକରି ନିର୍ଦ୍ଧାରିତ ହୋଇ ଆସୁଥିଲା । ଏହିପରି ଭାବେ କାଷ୍ଟ୍ରୋଙ୍କର ଆଦର୍ଶ କୃଷି କ୍ଷେତ୍ରକୁ ବ୍ୟାପିଥିଲା । ଯେଉଁ ଚାଷ ପାଇଁ ଯେଉଁଭଳି ଯୋଜନା ଓ ପରିଚାଳନା ଆବଶ୍ୟକ ତାହାକୁ ଗ୍ରହଣ କରିବାକୁ କାଷ୍ଟ୍ରୋ ଯେଉଁ ପ୍ରସ୍ତାବ ଦେଇଥିଲେ ତାହା ସମସ୍ତଙ୍କ ମନକୁ ଛୁଇଁଥିଲା । ଜାତୀୟ ସ୍ତରରେ ଭୂସଂସ୍କାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଏକ ରାଷ୍ଟ୍ରୀୟ ସଂସ୍ଥା ପ୍ରତିଷ୍ଠା କରାଯାଇ, ଏହି ଯୋଜନାକୁ ସାକାର କରାଯାଇଥିଲା । କିନ୍ତୁ ନବେ ଦଶକରେ ଯେତେବେଳେ ଖାଦ୍ୟ ସମସ୍ୟା ଉତ୍କଟ ରୂପ ଧାରଣ କଲା, ସମସ୍ୟାର ସମାଧାନ ପାଇଁ କ୍ୟୁବା ସରକାର ସେତେବେଳେ କେତୋଟି ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଥିଲେ । ଏହି ସମୟରେ ଆମେରିକୀୟ ବିରୋଧାଭାସ ମଧ୍ୟ ଚରମ ସୀମାରେ ପହଞ୍ଚିଥିଲା । କ୍ୟୁବା ଯେଉଁ କେତୋଟି ନିଷ୍ପତ୍ତି ନେଇଥିଲା ତାହାର ସାରାଂଶ ମୁଁ ନିମ୍ନରେ ପ୍ରଦାନ କରୁଛି ।

୧) ରାଷ୍ଟ୍ରାୟତ ଫାର୍ମ ଗୁଡ଼ିକର ବିକେନ୍ଦ୍ରୀକରଣ

୨) ଜମିର ପୁର୍ନଃବଣ୍ଟନ ଓ କୃଷି ଶ୍ରମିକକୁ ପ୍ରୋତ୍ସାହନ

୩) ସ୍ୱତନ୍ତ୍ର କୃଷି ଉତ୍ପାଦନ ଉପରେ କଟକଣା

୪) ଜୈବିକ ସାର ଓ କୀଟନାଶକ ଦ୍ରବ୍ୟର ପ୍ରୟୋଗ

୫) ଟ୍ରାକ୍ଟର ବଦଳରେ ହଳବଳଦ ଦ୍ୱାରା ଚାଷ

୬) ସହରାଞ୍ଚଳରେ ବାଡି ବଗିଚା ଦ୍ୱାରା ଖାଦ୍ୟ ଉତ୍ପାଦନ ବୃଦ୍ଧି

୭) କୃଷକ ବଜାର ଦ୍ୱାରା ସରଳ ବିକାକିଣା ପ୍ରକ୍ରିୟା

୮) କୃଷକ ଦ୍ୱାରା କୃଷକଙ୍କୁ ପ୍ରଶିକ୍ଷଣ

୯) ନିରନ୍ତର ଚାଷ ଉପରେ ଗୁରୁତ୍ୱ

୧୦) ରାଜନୈତିକ ଇଚ୍ଛାଶକ୍ତିର ପ୍ରଦର୍ଶନ

ପ୍ରତ୍ୟେକଟି କାର୍ଯ୍ୟକ୍ରମ ଉପରେ ଅଧ୍ୟୟନ କରାଯାଇ ଆଜି ପ୍ରମାଣିତ ହୋଇଛି ଯେ କ୍ୟୁବାରେ କେହି ଭୋକ ଉପାସରେ ନାହାନ୍ତି ଓ ସେ ଦେଶ ଖାଦ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ

Digitized by srujanika@gmail.com

ହୋଇପାରିଛି । ଆମ ଓଡ଼ିଶା ଏକ ସବୁଜ, ସୁନ୍ଦର ଓ ସମୃଦ୍ଧ ଓଡ଼ିଶା ହେବାକୁ କେହି କେହି ଆହ୍ୱାନ ଦେଉଛନ୍ତି ସତ କିନ୍ତୁ ଓଡ଼ିଶାରେ ଅର୍ଦ୍ଧାଧିକ ଲୋକ ଭୋକ ଉପାସରେ ଅଛନ୍ତି । ଓଡ଼ିଶାରେ ଖାଦ୍ୟର ସର୍ବନିମ୍ନ ଆବଶ୍ୟକତା ପୂରଣ ହୋଇ ପାରୁନାହିଁ । ଧାନ ଉତ୍ପାଦନ ବ୍ୟାପକ ହେଲେ ମଧ ଅଭାବବିକ୍ରୀ ରାଜ୍ୟର ଚାଷୀମାନଙ୍କ ପାଇଁ ଏକ ନୈରାଶ୍ୟଜନକ ପରିସ୍ଥିତି ସୃଷ୍ଟି କରିଛି । ଓଡ଼ିଶାର ଶ୍ରମିକ ଆଜି ଦେଶାନ୍ତରୀ । ଓଡ଼ିଆ ଆଜି ଫଳ ଫୁଲ ସବୁ ପ୍ରତିବେଶୀ ରାଜ୍ୟରୁ ଆମଦାନୀ କରିବାକୁ ବାଧ୍ୟ ହେଉଛି । ଏ ଲଜ୍ଜା ଜନକ ପରିସ୍ଥିତିର ପରିବର୍ତ୍ତନ ପାଇଁ ଏକ ରାଜନୈତିକ ଇଚ୍ଛାଶକ୍ତିର ଘୋର ଅଭାବ ସବୁଆଡେ ପରିଲକ୍ଷିତ ହେଉଛି । ଓଡ଼ିଶା ଖାଦ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହେବ ଓ ଓଡ଼ିଶାର ଆବାଳ ବୃଦ୍ଧି-ବନୀତା ଆଉ ଭୋକରେ ରହିବେ ନାହିଁ ଏଥିପାଇଁ ମୋର କେତୋଟି ପ୍ରସ୍ତାବ ରହିଛି । ଆଶା ପାଠକ ମାନେ ବିଚାର କରିବେ ।

ପ୍ରଥମେ ଭୂସଂସ୍କାରକୁ ଆଉଥରେ କଡାକଡି ଲାଗୁ କରିଯାଉ । ଯେଉଁମାନେ ଜମି ଚାଷ କରୁନାହାନ୍ତି ଅଥବା ଭାଗ ଚାଷ କରୁଛନ୍ତି ସେମାନଙ୍କଠାରୁ ଜମି ମାଲିକାନା ପ୍ରତ୍ୟାହାର କରାଯାଉ ।

ଦ୍ୱିତୀୟରେ ଓଡ଼ିଶାରେ ଯେପର୍ଯ୍ୟନ୍ତ ଖାଦ୍ୟ ଉତ୍ପାଦନରେ ସ୍ୱାବଲମ୍ବନଶୀଳତା ହାସଲ କରାଯାଇ ନାହିଁ, ସେ ପର୍ଯ୍ୟନ୍ତ କୃଷିପୋଯୋଗୀ ଜମି ଶିଳ୍ପ ବା ଅଣକୃଷି କାର୍ଯ୍ୟ ପାଇଁ ଅଧିଗ୍ରହଣ ନକରାଯାଉ । ଶିଳ୍ପ ପ୍ରତିଷ୍ଠା ପାଇଁ ଯେଉଁ ପାଗଳାମୀ ଦେଖା ଦେଇଛି ତାହା ବନ୍ଦ ହେଉ ।

ତୃତୀୟରେ କୃଷି ଓ ବୈଷୟିକ ଜ୍ଞାନ କୌଶଳର ସମ୍ପୂର୍ଣ୍ଣ ବିକେନ୍ଦ୍ରୀକରଣ କରାଯାଇ କୃଷକଙ୍କୁ ଉଚିତ୍ ପ୍ରଶିକ୍ଷଣ ଦିଆଯାଉ ।

ଚତୁର୍ଥରେ ସାରା ପ୍ରଦେଶକୁ ସ୍ୱତନ୍ତ୍ର ଜୈବିକ ଚାଷ ଜୋନ୍ ବୋଲି ଘୋଷଣା କରାଯାଉ । ରାସାୟନିକ ସାର ଓ କୀଟନାଶକ ଔଷଧର ପ୍ରୟୋଗ ନିଷିଦ୍ଧ କରାଯାଉ ।

ପଞ୍ଚମରେ ସବୁ କୃଷକ ଯେପରି ଜଳସେଚନର ଦ୍ୱାରା ଲାଭାନ୍ୱିତ ହେବେ ସେଥି ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉ ।

ଷଷ୍ଠରେ ଯେଉଁ କୃଷିଜୀବୀମାନେ ଦେଶାନ୍ତରୀ ହେଉଛନ୍ତି ସେମାନଙ୍କୁ କୃଷକ ରୂପେ ଥଇଥାନ କରାଯାଉ ।

ସପ୍ତମରେ ଓଡ଼ିଶାକୁ ଖାଦ୍ୟଦ୍ରବ୍ୟ ଫୁଲଫଳ ଆମଦାନୀ ଉପରେ କଟକଣା କରାଯାଇ ସ୍ଥାନୀୟ କୃଷକମାନଙ୍କୁ ଏ ଦିଗରେ ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦିଆଯାଉ ।

ଅଷ୍ଟମରେ ସମସ୍ତ ସରକାରୀ ଫାର୍ମ ସ୍ଥାନୀୟ କୃଷକ ସଂଗଠନମାନଙ୍କୁ ଦିଆଯାଉ ।

ନବମରେ ପ୍ରତି ପଞ୍ଚାୟତରେ କୃଷକବଜାର ପ୍ରତିଷ୍ଠା ହେଉ ।

ଦଶମରେ ପ୍ରତ୍ୟେକ ରାଜନୈତିକ ଦଳ ଯେ କୃଷି ପ୍ରତି ଅଙ୍ଗୀକାରବଦ୍ଧ ତାହା ସେମାନଙ୍କ ଦଳର ପ୍ରଥମ ଆଭିମୁଖ୍ୟ ବୋଲି ଘୋଷଣାନାମା ପ୍ରକାଶିତ ହେଉ ।

□□□

Digitized by srujanika@gmail.com

ଷାଠିଏବର୍ଷର ସ୍ୱାଧୀନତା ଅଥଚ କ୍ଷୁଧାର୍ତ୍ତଙ୍କ ପଟୁଆର

ଏ ବର୍ଷ ଅଗଷ୍ଟପନ୍ଦର ଦିନ ସାରାଦେଶ ଆମ ସ୍ୱାଧୀନତାର ଷାଠିଏ ବର୍ଷର ପୂର୍ତ୍ତି ମହାସମାରୋହରେ ପାଳନ କରିବ । ଏ ମହାନ୍ ଦେଶରେ ମୁକ୍ତି ଓ ସ୍ୱାଧୀନତାର ମହନୀୟତାକୁ ଉପଲବ୍‌ଧି କରି ଅନେକ କିଛି ଭାଷଣ ଦିଆଯିବ ଓ ସ୍ୱାଧୀନତା ସଂଗ୍ରାମର ସଂଘର୍ଷମୟ ଇତିହାସକୁ ମନେ ପକାଯିବ । ଏବର୍ଷ ଏକ ସ୍ମରଣୀୟ ଦିବସ । ୧୮୫୭ ମସିହା ପ୍ରଥମ ସ୍ୱାଧୀନତା ସଂଗ୍ରାମର ୧୫୦ ବର୍ଷ ପୂରିଯିବ ଏବର୍ଷ । ଗାନ୍ଧୀଜୀଙ୍କ ସତ୍ୟାଗ୍ରହକୁ ଶହେବର୍ଷ ମଧ୍ୟ ହେବ । ଏସବୁ ଘଟଣା ପ୍ରବାହର ମହତ୍ତ୍ୱକୁ ଆମକୁ ଭାରତୀୟ ହିସାବରେ ଅନୁଭବ କରିବାକୁ ହେବ । ମନେରଖିବାକୁ ହେବ ଯେ ଆଜି ଯେଉଁ ସ୍ୱାଧୀନତା ପାଇଛେ ଓ ଅଦ୍ୱିତୀୟ ପରିଚୟ ଆମେ ହାସଲ କରିଛେ, ତାହା ପଛରେ ଅନେକ ଲୋକଙ୍କର ତ୍ୟାଗ ଓ ବଳିଦାନ ରହିଛି । ଅହିଂସାରେ ବିଶ୍ୱାସ କରୁଥିବା ମଣିଷମାନେ ବଳିଦାନ ଦେଇଛନ୍ତି । ହିଂସା ଓ ସଶସ୍ତ୍ର ବିପ୍ଳବରେ ବିଶ୍ୱାସ କରୁଥିବା ଜାତୀୟତବାଦୀମାନେ ମଧ୍ୟ ବ୍ରିଟିଶ ଶାସନ ବିରୋଧରେ ଲଢ଼ି ଫାଶୀ ପାଇଛନ୍ତି ବା 'କଳାପାଣି'ର ଆଜୀବନ କାରାଦଣ୍ଡ ଭୋଗିଛନ୍ତି । ଏସବୁ ବଳିଦାନ କାହା ପାଇଁ ? ଏଦେଶର ମଣିଷଙ୍କ ସମ୍ମାନର ସହ ବଞ୍ଚିବା ଓ ସ୍ୱାଧୀନ ଭାରତୀୟ ଭାବେ ପୃଥିବୀରେ ମୁକ୍ତି, ସ୍ୱାଧୀନତା, ମାନବାଧିକାର ଜାହିର କରିବା ପାଇଁ ଏହା ନିଶ୍ଚିତ ଭାବେ ଉଦ୍ଦିଷ୍ଟ । ବ୍ରିଟିଶ ଶାସନ ସମୟରେ ଲୁଣ୍ଠନ, ଅତ୍ୟାଚାର, ଗୋରାକଳା ଭିତରେ ବର୍ଣ୍ଣ ବୈଷମ୍ୟ, ସାଂସ୍କୃତିକ ବିଭେଦତା ଓ ଔପନିବେଶିକତାର ବୋଝ ଯେତିକି ଭାରତୀୟମାନଙ୍କ ଉପରେ ଥିଲା, ସେତିକି ଖାଦ୍ୟାଭାବ ଓ ଦୁର୍ଭିକ୍ଷ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ମୌଳିକ ସୁବିଧାର ଅଭାବ ସବୁଆଡେ ବ୍ୟାପି ଯାଇଥିଲା । ଆମେ ଯଦି ବିଶେଷ କରି ଖାଦ୍ୟାଭାବ, ମରୁଡି ଓ ଦୁର୍ଭିକ୍ଷର ଇତିହାସକୁ ଦେଖିବା, ତେବେ ୧୯୪୭ ମସିହା ପୂର୍ବରୁ ଓ ୧୮୫୦ ମସିହା ଭିତରେ ୨୦ଥର ଦୁର୍ଭିକ୍ଷ ଏ ଦେଶରେ ଆଣି ଦେଇଥିଲା ମୃତ୍ୟୁର ବିଭିଷୀକା । ପ୍ରାୟ ୨କୋଟି ଲୋକ କ୍ଷୁଧା ଓ ଅନାହାରରେ ପ୍ରାଣ ହରାଇଥିଲେ । ଓଡ଼ିଶାରେ ୧୮୬୬ ମସିହାରେ ନଅଙ୍କ

Digitized by srujanika@gmail.com

ଦୁର୍ଭିକ୍ଷର ଭୟାଭୟ ଚିତ୍ର ମନେପଡିଲେ ପ୍ରତ୍ୟେକ ଓଡ଼ିଆ ଭୟରେ ଥରିଉଠେ । ଏସବୁ ଦୁର୍ଭିକ୍ଷ ଓ ଖାଦ୍ୟାଭାବର ମୁଖ୍ୟକାରଣ ଥିଲା ବ୍ରିଟିଶ ଶାସନର କୃଷିନୀତି । ରପ୍ତାନୀଭିତ୍ତିକ କୃଷି ଯଥା କପା, ନୀଳ, ଅଫିମ, ଆଖୁ ଆଦିକୁ ପ୍ରାଥମିକତା ଦିଆଯାଇଥିଲା । ଅଥଚ ଧାନ, ଗହମ ଓ ଅନ୍ୟାନ୍ୟ ଖାଦ୍ୟ ଶସ୍ୟର ଉତ୍ପାଦନ କେମିତି ବଢ଼ିବ ତାହାପ୍ରତି ଗୁରୁତ୍ୱ ଦିଆଯାଇ ନଥିଲା । ଭାରତ ବ୍ରିଟିଶ ସାମ୍ରାଜ୍ୟର ଏକ ଉପନିବେଶ ଥିଲା ଓ ସେଠାରେ ଶିଳ୍ପ ପାଇଁ ଯାହାକିଛି କଞ୍ଚାମାଲ୍ ଆବଶ୍ୟକ ହେଉଥିଲା, ତାହାର ଉତ୍ପାଦନ ଭାରତରେ ହିଁ ମୁଖ୍ୟତଃ ହେଉଥିଲା । ଭାରତର ଜନସଂଖ୍ୟା ମଧ୍ୟ ଏ ସମୟରେ ଆଶାତୀତ ଭାବେ ବଢୁଥିଲା । ଅନ୍ୟ ପକ୍ଷରେ ଖାଦ୍ୟଦ୍ରବ୍ୟ ଗୁଡିକର ଉତ୍ପାଦନ ଅହେତୁକ ଭାବେ ହ୍ରାସ ହୋଇଥିଲା । ସ୍ୱାଧୀନତା ପୂର୍ବରୁ ମୁଣ୍ଡପିଛା ଖାଦ୍ୟଦ୍ରବ୍ୟ ଆବଶ୍ୟକତା ଠାରୁ ଅନେକ କମ୍ ଥିଲା । ସ୍ୱାଧୀନତାପରେ ଗରିବ ଭାରତୀୟମାନଙ୍କର ଆଶା ଥିଲା ଯେ ସେମାନଙ୍କୁ ସର୍ବନିମ୍ନ ଆବଶ୍ୟକତା ମିଳିଯିବ । ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ, କର୍ମଯୋଗାଣ ଓ ସର୍ବୋପରି ଖାଦ୍ୟ ନିରାପତ୍ତା ଆଦିରେ ଗୁଣାତ୍ମକ ଅଭିବୃଦ୍ଧି ହୋଇ ଜୀବନର ମାନ ବଢ଼ିବ । ରାଜନୈତିକ ସ୍ୱାଧୀନତା ସହ ଆର୍ଥିକ ସ୍ୱାଧୀନତା ଓ ସ୍ୱାବଲମ୍ବନଶୀଳତା ମଧ୍ୟ ହାସଲ ହେବ ।

କିନ୍ତୁ ଷାଠିଏ ବର୍ଷପରେ ଏବେ ଆମେ ପହଞ୍ଚିଛେ କେଉଁଠି ? ଏକଥା ସତଯେ ସବୁଜ ବିପ୍ଳବ ଦ୍ୱାରା ଖାଦ୍ୟ ଉତ୍ପାଦନ ବହୁପରିମାଣରେ ବଢ଼ିଛି । ୧୯୬୮ ମସିହାରେ ଗହମ ଉତ୍ପାଦନ ଥିଲା ୧୭ମିଲିଅନ୍ ଟନ୍ ଓ ୧୯୬୪ ମସିହାର ଉତ୍ପାଦନଠାରୁ ଏହା ୫ ମିଲିଅନ୍ ଟନ୍ ଅଧିକ ଥିଲା । ଧାନ ଚାଷରେ ମଧ୍ୟ ଏଇଭଳି ବୈପ୍ଳବିକ ପରିବର୍ତ୍ତନ ଅଣାଯାଇପାରିଥିଲା । ଅନ୍ୟ ବର୍ଦ୍ଧିଷ୍ଣୁ ଉତ୍ପାଦନ ଭିତରେ ଥିଲା କପା, ଆଖୁ, ତୈଳବୀଜ ଓ ମକାଜାତୀୟ ଫସଲ । ସବୁଜ ବିପ୍ଳବର ପ୍ରଥମ ଲକ୍ଷ୍ୟ ଥିଲା ଖାଦ୍ୟାଭାବ ଦୂର କରିବା ଓ ଖାଦ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହେବା । କୃଷିକ୍ଷେତ୍ରରେ ଅନେକ ରିହାତି ଦିଆଗଲା ଏଥିପାଇଁ । କୃଷକଙ୍କୁ ଉଚିତ୍ ଦର ମିଳିବା ପାଇଁ ମଧ୍ୟ ବଜାର ଦରକୁ ନିୟନ୍ତ୍ରଣ କରାଗଲା । ସର୍ବନିମ୍ନ ଦର ସବୁ ଖାଦ୍ୟ ଶସ୍ୟ ପାଇଁ ସ୍ଥିର କରାଗଲା । ଭାରତୀୟ ଖାଦ୍ୟ ନିଗମ ପ୍ରାୟ ଗହମ ଓ ଧାନ ଆଦି କିଣିବାର ଦାୟିତ୍ୱ ବହନ କରିଲା । ଏହା ଖାଦ୍ୟ ବଣ୍ଟନ ପ୍ରଣାଳୀରେ ଖୁବ୍ ପ୍ରଭାବ ପକେଇଥିଲା । ସାଧାରଣ ବଣ୍ଟନ ବ୍ୟବସ୍ଥା (ପି.ଡି.ଏସ୍) ଦ୍ୱାରା ପ୍ରାୟ ୮୦ଲକ୍ଷ ପରିବାରକୁ ରିହାତି ଖାଦ୍ୟ ଦ୍ରବ୍ୟ ଯୋଗାଇ ଦିଆଗଲା । ୧୯୮୭ ମସିହାରେ ଯେଉଁ ଭୟାନକ ମରୁଡି ଏ ଦେଶରେ ଦେଖାଦେଉଥିଲା, ସବୁଜ ବିପ୍ଳବର ପ୍ରଭାବରେ ତାହାର ମୁକାବିଲା କରାଯାଇ ପାରିଥିଲା । ଜଣେ ହେଲେ କେହି ଅନାହାରରେ ମରିନଥିଲେ । ଏଫ.ସି.ଆଇ (FCI) ଗୋଦାମରେ ଖାଦ୍ୟ ଶସ୍ୟ ଭରି ରହିଥିଲା । ଭାରତ ଗର୍ବରେ ଫାଟି ପଡୁଥିଲା । ଏ ସମୟରେ ଖାଦ୍ୟଶସ୍ୟ ଦେଶ ବାହାରକୁ ରପ୍ତାନୀ କରିବା ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା ଓ ଏ ଭିତରେ ଦୁଗ୍ଧଗୁଣ୍ଡ, ଚାଉଳ, ଗହମ ଆଦି ଅନ୍ତର୍ଭୁକ୍ତ

Digitized by srujanika@gmail.com

ହୋଇଥିଲା । କିନ୍ତୁ ଦୁର୍ଭାଗ୍ୟର କଥା ସବୁଜ ବିପ୍ଳବ କେବଳ ଜଳସେଚିତ ଅଞ୍ଚଳରେ କୃଷକମାନଙ୍କୁ ଲାଭାନ୍ୱିତ କରିଥିଲା । ବୃଷ୍ଟିପୁଷ୍ଟ ଅଞ୍ଚଳରେ ଲକ୍ଷ ଲକ୍ଷ ଚାଷୀ ଶୁଷ୍କ ଜମିରେ କୃଷିର ଉନ୍ନତି ବିଶେଷ କରିପାରିନଥିଲେ । ଏଇଭଳି ଶୁଷ୍କ ଜମି ବା ଡ୍ରାଇଲ୍ୟାଣ୍ଡ (Dry Land) ଭାରତର ସମସ୍ତ କୃଷିପୋଯୋଗୀ ଜମିର ପ୍ରାୟ ଶତକଡ଼ା ୭୦ଭାଗ, ଏ ଅଞ୍ଚଳରେ ବିକାଶପ୍ରକ୍ରିୟା ଶିଥିଳ ହୋଇଥିଲା ଓ ଆମଦେଶ ଖାଦ୍ୟ ନିରାପତ୍ତା ପାଇଁ ଆବଶ୍ୟକ କରୁଥିବା ମକାଜାତୀୟ ଖାଦ୍ୟଶସ୍ୟ, ଡାଲି ଜାତୀୟ ଖାଦ୍ୟ, ତୈଳବୀଜ ଆଦିର ଉତ୍ପାଦନ ଅହେତୁକ ଭାବେ ହ୍ରାସ ପାଇଥିଲା । ଆମଦେଶର କୃଷି ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଓ ପ୍ରଶାସକଙ୍କ ନିଦ୍ରା ଭଙ୍ଗ ହୋଇନଥିଲା । ଜଳସେଚିତ ଅଞ୍ଚଳ ଓ ଅଣଜଳସେଚିତ ଅଞ୍ଚଳରେ ବିକାଶ ପ୍ରକ୍ରିୟାରେ ମସ୍ତବଡ ଖାଇ ସୃଷ୍ଟି ହୋଇଥିଲା ଏଇଭଳି । ଦ୍ରୁତଗତିରେ ବଢୁଥିବା ଜନସଂଖ୍ୟା ପାଇଁ ଆବଶ୍ୟକ ହେଉଥିବା ଖାଦ୍ୟଶସ୍ୟ ସବୁଜ ବିପ୍ଳବ ସତ୍ତ୍ୱେ ଏ ଦେଶ ଉତ୍ପାଦନ କରି ପାରୁନଥିଲା । ନବେଦଶକରେ ଭାରତର ଖାଦ୍ୟଶସ୍ୟ ଉତ୍ପାଦନ କ୍ରମାଗତ ଭାବେ ହ୍ରାସ ପାଇଥିଲା ।

ଏକଥା ସତଯେ ଗତ ଷାଠିଏ ବର୍ଷଧରି ଭାରତର ଆର୍ଥିକ ପ୍ରଗତି ବଢ଼ିବାରେ ଲାଗିଛି । ସ୍ୱର୍ଗତ ଜବାହାରଲାଲ୍ ନେହେରୁଙ୍କ ନେତୃତ୍ୱରେ ଶିଳ୍ପ ବିକାଶକୁ ମାନ୍ୟତା ଦିଆଯାଇଛି । ସେ ଶିଳ୍ପକାରଖାନା ଗୁଡିକୁ 'ଆଧୁନିକ ଭାରତର ମନ୍ଦିର' ବୋଲି କହୁଥିଲେ । ଭାରତର ବିକାଶ ଇତିହାସରେ ଏହା ଏକ ଦ୍ୱନ୍ଦାତ୍ମକ ବକ୍ତବ୍ୟ ବୋଲି ଉଲ୍ଲେଖିତ ହୋଇଛି । ଗୋଟାଏ ପାର୍ଶ୍ୱରେ ଭାରତର ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଦ୍ୱାରା ଅନେକ କିଛି ପ୍ରଗତି ହୋଇଛି । ଆଜି ଦେଖିଲେ ଆଇ.ଟି. ମୋବାଇଲ୍ ଫୋନ, ଗମନା ଗମନ, ସୂଚନା ଓ ଯୋଗାଯୋଗ ଆଦି କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି କରିପାରିଛି । ଅନ୍ୟ ପକ୍ଷରେ ଦେଖିଲେ ଏବେ ଭାରତରେ ଶତକଡ଼ା ୭୦ ଭାଗ ଲୋକଙ୍କୁ ଗରିବ ବୋଲି ଆଖ୍ୟାୟିତ କରାଯାଉଛି ଯେଉଁମାନଙ୍କ ଆୟ ଦିନକୁ କୋଡିଏ ତିରିଶ ଟଙ୍କାରୁ କମ୍ । ଭାରତରେ ଏବେ ଶତକଡ଼ା ୪୦ଭାଗ ଲୋକ ନିରକ୍ଷର। ଏ ଦେଶରେ ପିଲାଙ୍କ ଭିତରୁ ଅର୍ଦ୍ଧେକଙ୍କୁ ଖାଦ୍ୟ ଓ ପୋଷାହାରର ଅଭାବର ଶିକାର ହେବାକୁ ପଡୁଛି । ଏବେ ମଧ ଶିଶୁ ମୃତ୍ୟୁହାର ପ୍ରତି ହଜାରରେ ପଞ୍ଚାନବେ । ଏ ଦେଶର ଅଦ୍ଧାଧିକ ଶିଶୁ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । ଭାରତରେ କୋଟିପତିଙ୍କ ସଂଖ୍ୟା ବଢୁଛି ଅଥଚ ଗରିବ, ବିସ୍ଥାପିତ, ଗଛତଳେ ଓ ରାସ୍ତା କଡରେ ଶୋଇଥିବା ମଣିଷଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବ୍ରିଟିଶ ଶାସନ ସମାପ୍ତ ହେଲା ଓ ଶେଷହେଲା ଏକ ଉପନିବେଶବାଦର ଯୁଗ ୧୯୪୭ ମସିହାରେ । ଏବେ କିନ୍ତୁ ପୂର୍ବଭଳି ଏକ ପାଶ୍ଚାତ୍ୟ ପୁଞ୍ଜିବାଦୀ ସମ୍ରାଜ୍ୟ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଜରିଆରେ ଏ ଦେଶକୁ କବଳିତ କରିସାରିଛି । ଏଦେଶର ପ୍ରାକୃତିକ ସମ୍ପଦକୁ ଲୁଣ୍ଠନ କରିବା ଓ ଏଦେଶର ଜନସାଧାରଣଙ୍କୁ ସାମାଜିକ, ଆର୍ଥିକ, ସାଂସ୍କୃତିକ ଦାସତ୍ୱର ଜାଲରେ ପକାଇବା ପାଇଁ ଅନବରତ ଚେଷ୍ଟା

Digitized by srujanika@gmail.com

କରୁଛି । ଏଦେଶ ପୃଥିବୀର ସର୍ବଶ୍ରେଷ୍ଠ ଗଣତନ୍ତ୍ର କିନ୍ତୁ ଗଣତନ୍ତ୍ର ନାଁରେ ଏଠାରେ ସାମ୍ପ୍ରଦାୟିକତା, ହିଂସା, ଜାତିବାଦ ଓ ଘୃଣା ବିରାଜମାନ କରୁଛି । ଶାସନ ଓ ପ୍ରଶାସନ ଏବେ ଲୋକବିରୋଧୀ ହୋଇପଡିଛି ଏବଂ ସବୁ ବ୍ୟବସ୍ଥା ଭୁଷୁଡି ପଡିଛି । ୨୦୦୩ ମସିହା ୟୁ.ଏନ୍.ଡ଼ି.ପି. ରିପୋର୍ଟ ଅନୁସାରେ ବିଶ୍ୱରେ ପୃଥିବୀର ସ୍ଥାନ ହେଉଛି ୧୨୭ । ବିଶ୍ୱ ଡେଭେଲପ୍‌ମେଣ୍ଟ ରିପୋର୍ଟ ଅନୁସାରେ ଭାରତର ସ୍ଥାନ ମଧ୍ୟ ଖୁବ୍ ଉଚ୍ଚରେ ନାହିଁ । ତେଣୁ ସବୁ କ୍ଷେତ୍ରରେ ବିଶ୍ୱରେ ଭାରତର ସ୍ଥାନ ଖୁବ୍ ପଛରେ । ଭାରତର ବିଭିନ୍ନ ପ୍ରଦେଶରେ ଦାରିଦ୍ର୍ୟ ଓ ଅନଗ୍ରସରତା, ଅନାହାର ଓ ଖାଦ୍ୟାଭାବ ଏତେ ନିମ୍ନସ୍ତରରେ ଅଛି ଯେ ଆଫ୍ରିକାର ସବ୍ ସାହାରାନ୍ ଅଞ୍ଚଳ ସହ ଏହା ତୁଳନୀୟ । ଉଦାରୀକରଣ ଓ ଜଗତୀକରଣ ପ୍ରକ୍ରିୟା ପରେ ଏ ଦେଶର ସାମଗ୍ରିକ ପ୍ରଗତି ଓ ବିକାଶ ହୋଇଛି କି ନାହିଁ ଆଜି ବିରାଟ ପ୍ରଶ୍ନବାଚକ ଚିହ୍ନ ସୃଷ୍ଟି କରିଛି । ୧୯୯୭ ମସିହାରେ ଭାରତର ସ୍ୱାଧୀନତାର ୫୦ବର୍ଷ ଉପଲକ୍ଷେ ବିବିସି ନୋବେଲ ପୁରସ୍କାର ପ୍ରାପ୍ତ ପ୍ରଫେସର୍ ଅମର୍ତ୍ତ୍ୟ ସେନ୍‌ଙ୍କ ସହ ଏକ ସାକ୍ଷାତକାର ପ୍ରଚାର କରିଥିଲା ଯେଉଁଥିରେ ପ୍ରଫେସର୍ ସେନ୍ ଭାରତର ଆର୍ଥିକ ଅଭିବୃଦ୍ଧିର ଏକ ଆଶାଜନକ ଚିତ୍ର ଦେଉଥିଲେ । ସେ ସମୟରେ ବିବିସି ମଧ୍ୟ ବିସ୍ଥାପିତ ପରିବାରଙ୍କର ସହ ସାକ୍ଷାତକାରକୁ ମଧ୍ୟ ଉଦାହରଣ ଦେଇ ଭାରତର ଦାରିଦ୍ର୍ୟ ଓ ଶୋଷଣ ପ୍ରକ୍ରିୟାର ଏକ ନଗ୍ନ ଚିତ୍ର ମଧ୍ୟ ଉପସ୍ଥାପନା କରିଥିଲା । ଏ ଲେଖକ ଏ ଦେଶର ଗରିବତମ ଅଞ୍ଚଳକୁ ଯାଇ ସବୁଠାରୁ ଅବହେଳିତ ଗୋଷ୍ଠୀ ମାନଙ୍କ ସହ ଦାରିଦ୍ର୍ୟ ଓ ବିକାଶ ସମ୍ପର୍କରେ ଆଲୋଚନା କରିବାର ସୁଯୋଗ ପାଇଛି । ସବୁଠାରେ ଗୋଟିଏ କଥା ଉଲ୍ଲେଖନୀୟ, ତାହା ହେଉଛି ସରକାରଙ୍କ ଗରିବ ମାରଣ ନୀତି । ଗରିବଙ୍କ ଜୀବନ ଓ ଜୀବିକାକୁ ଆହତ କରୁଥିବା ଭଳି ନୀତିନିୟମ ଏଦେଶରେ ସହଜରେ ପ୍ରଣୟନ କରାଯାଇ ପାରୁଛି । ଅଥଚ ଗରିବଙ୍କୁ ସଶକ୍ତିକରଣ ପ୍ରକ୍ରିୟାରେ ସାମିଲ କରିବାକୁ ସେତେଟା ନୀତି ନିୟମ ଓ ଆଇନ୍ ପ୍ରଣୟନ କରାଯାଇ ପାରୁନାହିଁ । ଅବଶ୍ୟ ସୂଚନା ଅଧିକାର ଆଇନ୍ ଓ ଗ୍ରାମ୍ୟ ରୋଜଗାର ଗ୍ୟାରେଣ୍ଟି ଆଇନ୍ ଅନ୍ଧାରର ଗୁମ୍ଫା ଭିତରେ ଗରିବଙ୍କ ପାଇଁ ଏବେ ଏକ ଆଲୋକ ବର୍ତ୍ତିକା ହୋଇଛି । କିନ୍ତୁ ଆମର ଶାସନ ଓ ପ୍ରଶାସନର ଜାଲ ଏତେ ବିସ୍ତୃତ ଯେ ଗରିବ ତାହାର ସ୍ଥିତି ପରିବର୍ତ୍ତନ କରି ବିକାଶୋନ୍ମୁଖୀ ହେବ ଏ ବିଶ୍ୱାସ ଆସୁନାହିଁ । ଆଜି ଷାଠିଏ ବର୍ଷର ସ୍ୱାଧୀନତା ପରେ ଜଣେ ଗରିବ ତାହାର ଭବିଷ୍ୟତ କ'ଣ ସହଜରେ ବ୍ୟକ୍ତ କରି ପାରୁନାହିଁ । ରାଷ୍ଟ୍ର, ବଜାର ଓ ନାଗରିକ ସମାଜ ଆଦି ଗରିବଙ୍କ ପ୍ରତି ଆବଶ୍ୟକ ସମ୍ବେଦନଶୀଳତା ପ୍ରଦର୍ଶନ କରିବାରେ କାର୍ପଣ୍ୟ ପ୍ରଦର୍ଶନ କରୁଛି । ବିଖ୍ୟାତ ଅର୍ଥନୈତିଜ୍ଞ ପ୍ରଫେସର୍ ଉଷା ପଟ୍ଟନାୟକଙ୍କ ଭାଷାରେ ଭାରତ ବର୍ତ୍ତମାନ 'ଅନାହାରର ପ୍ରଜାତନ୍ତ୍ର' (ରିପବ୍ଲିକ୍ ଅଫ ହଙ୍ଗର) ନାମରେ ଆଖ୍ୟାୟିତ ହୋଇଛି । ଭାରତ ସମୃଦ୍ଧ ଓ ମହାନ୍ ହେବ- ଏହାର ରାସ୍ତା କ'ଣ ବୋଲି ବିଭିନ୍ନ ପରିସରରେ ଆଲୋଚନା ଚାଲିଛି ? ଭାରତ ଚୀନ୍ ଓ ଅନ୍ୟାନ୍ୟ ବିକାଶଶୀଳ ଏବଂ ବିକଶିତ ରାଷ୍ଟ୍ର ସହ ସମକକ୍ଷ କେମିତି ହେବ ଓ ଏଥିପାଇଁ ଆଉ

Digitized by srujanika@gmail.com

କେତେ ବର୍ଷ ଲାଗିଯିବ ତାହାର ବିଶ୍ଳେଷଣ ଚାଲିଛି । ଏଇଥିପାଇଁ ଉଦାରୀକରଣ ଓ ଜଗତୀକରଣର ରଥ ମାଡିଚକଟି ଆଗକୁ ଚାଲିଛି ଓ ସାଧାରଣ ଲୋକେ ବିସ୍ଥାପିତ ହେଉଛନ୍ତି ଲକ୍ଷ ଲକ୍ଷ ସଂଖ୍ୟାରେ । ଅନାହାର ମୃତ୍ୟୁ, କୃଷକ ଆତ୍ମହତ୍ୟା, ଅଗଣିତ ଲୋକଙ୍କ ନିଜ ଭିଟାମାଟିରୁ ପଳାୟନ ଆଦି ବଢ଼ିବାରେ ଲାଗିଛି । କିନ୍ତୁ ରାସ୍ତା କ'ଣ ? ଉପାୟ କ'ଣ ?

ମୋଦୃଷ୍ଟିରେ ଦୁଇଟି ରାସ୍ତା ଅଛି । ଗୋଟିଏ ହେଲା ନିରନ୍ତର କୃଷି ଓ ଅନ୍ୟଟି ହେଲା ଶିକ୍ଷା । ନିରନ୍ତର କୃଷି ଭିତରେ ଛୋଟ ଋଷୀଙ୍କୁ ପ୍ରାଧାନ୍ୟ ଦେବା ଓ ସେମାନଙ୍କର ଜମିକୁ ସର୍ବୋତ୍କୃଷ୍ଟ କରିବା । ସାରାପୃଥିବୀରେ ଏଇ ଛୋଟ ଋଷ ଜମିକୁ ନେଇ ଏକ ନୂତନ କୃଷିବିପ୍ଳବ ଆରମ୍ଭ ହୋଇଛି । ଏହି ପ୍ରକ୍ରିୟାରେ ଲକ୍ଷ ଲକ୍ଷ ଗରିବ ପରିବାର ସେମାନଙ୍କର କ୍ଷୁଧା ଓ ଦାରିଦ୍ର୍ୟ ବିରୋଧରେ ସଂଗ୍ରାମ କରିପାରୁଛନ୍ତି । ବଜାରକୁ ମଧ୍ୟ ନିଜର ବଳକା ଉତ୍ପାଦନ ଛାଡି ଲାଭ ପାଇଛନ୍ତି । ଛୋଟ ଫାର୍ମଗୁଡିକ ବିକଶିତ ହେଲେ ପାରିବେଶିକ, ଆର୍ଥିକ ଓ ସାମାଜିକ ସମସ୍ୟା ଅନେକ କମି ଯାଉଛି । ଗାଁର ଯୁବକ ସହରକୁ ଆଉ ପଳାୟନ କରୁନାହିଁ ଓ ଗାଁରେ ଆଉ ଜମି ପଡିଆ ପଡୁନାହିଁ । ଏଇ ଛୋଟ ଫାର୍ମ ମଧ୍ୟ ଗାଁରେ ଜୀବନ ଜୀବିକା ସମସ୍ୟାଗୁଡିକୁ ସମାଧାନ କରୁଛି । ବ୍ୟାପକ କର୍ମ ନିଯୋଜନ ସମ୍ଭବ ହୋଇପାରୁଛି । ଉତ୍ପାଦକ ଯେତେବେଳେ ଉପଭୋକ୍ତା ହେଉଛି, ସେତେବେଳେ ଶୋଷଣର ସ୍ତର ହ୍ରାସ ପାଉଛି ଓ ଗାନ୍ଧୀଜୀଙ୍କ ପରିକଳ୍ପିତ 'ରାମ ରାଜ୍ୟ' ସମ୍ଭବ ବୋଲି ବିଶ୍ୱାସ ସୃଷ୍ଟି କରୁଛି । ଅନ୍ୟ ପକ୍ଷରେ ଶିକ୍ଷା ଉପରେ ଆମ ଦେଶ ଅଧିକ ଗୁରୁତ୍ୱ ଦେବା ଜରୁରୀ ହୋଇପଡୁଛି । ସବୁପିଲା ସ୍କୁଲକୁ ଯିବେ ଓ ସମାନ ଶିକ୍ଷା ପାଇବେ ଏହା ରାଷ୍ଟ୍ରର ଶିକ୍ଷାନୀତିରେ ମୁଖ୍ୟ ସ୍ଥାନ ଅଧିକାର କରିବା ଆବଶ୍ୟକ ହୋଇଛି । ଶିକ୍ଷା ଓ ପରିବର୍ତ୍ତନ ମୁଦ୍ରାର ଦୁଇ ପାର୍ଶ୍ୱ । ଶିକ୍ଷାର ଅଭିବୃଦ୍ଧି ହେଲେ ଗରିବଙ୍କ ସଶକ୍ତିକରଣ ସମ୍ଭବ ହେବ । ଆହୁରି ମଧ୍ୟ ମହିଳା ଓ ଶିଶୁଙ୍କର ମଧ୍ୟ ସଶକ୍ତିକରଣ ବିଶେଷ ଭାବେ ସମ୍ଭବ ହେବ । ଶିକ୍ଷାର ଯେଉଁଠି ଅଭିବୃଦ୍ଧି ହୋଇଛି ସେଇଠି ଗୁଣାତ୍ମକ ମାନବିକ ବିକାଶ ସମ୍ଭବ ହୋଇଛି । କେରଳ ପ୍ରଦେଶ ଏହାର ଏକ ଜ୍ୱଳନ୍ତ ଉଦାହରଣ । 'ଶିକ୍ଷା ଅଧିକାର' କେବଳ ଆଇନ୍‌ରେ ନରହି ତାହା କ୍ରିୟାନ୍ୱିତ କରିବାକୁ ସମସ୍ତଙ୍କୁ ପଦକ୍ଷେପ ନେବାକୁ ହେବ ବୋଲି ଆଜି ହୃଦବୋଧ ହୋଇଛି ।

ଭାରତ ଦକ୍ଷିଣ ଏସିଆରେ ହେଉ ବା ବିଶ୍ୱ ଦରବାରରେ ହେଉ ଯଦି ସ୍ୱୟଂ ପ୍ରତିଷ୍ଠା ହେବାକୁ ଆଶା କରୁଛି, ତେବେ କେତେଗୁଡିଏ ବିଷୟରେ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନେବାକୁ ହେବ । ଲାଟିନ୍ ଆମେରିକାରେ କୃଷି ଓ ଶିକ୍ଷାକୁ ଅସ୍ତ୍ର କରି ଗତ କେତେବର୍ଷ ଭିତରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇ ପାରିଛି ଓ ସେମାନେ ବିଶ୍ୱ ରଙ୍ଗମଞ୍ଚରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିସାରିଲେଣି । ଗତ ୫୦୦ ବର୍ଷର ଉପନିବେଶବାଦ ଓ ଦାସତ୍ୱର ଅନ୍ତଃ ହୋଇଛି ଏ ମହାଦେଶରେ ଓ ନୂଆ ଯୁଗ ଆରମ୍ଭ ହୋଇଛି । ଏହାକୁ ଦେଖିଲେ ଭାରତ କାହିଁକି ପଛରେ ପଡିବ, ଏ ପ୍ରଶ୍ନ ମନକୁ ସ୍ୱତଃ ଆସୁଛି । ଷାଠିଏ ବର୍ଷ ପରେ ଆଉ ଏକ ସ୍ୱାଧୀନତା ସଂଗ୍ରାମର ସ୍ୱପ୍ନ ଦେଖିବା ବେଳ ଉପସ୍ଥିତ ହୋଇଛି ।

Digitized by srujanika@gmail.com

ଭାରତ କ୍ଷୁଧାର ଗଣତନ୍ତ୍ର

ଆମ ସମ୍ବିଧାନରେ ଭାରତକୁ ଏକ ଗଣତାନ୍ତ୍ରିକ ସାର୍ବଭୌମ ସମାଜବାଦୀ ରାଷ୍ଟ୍ର ବୋଲି ଉଲ୍ଲେଖ କରାଯାଇଛି । ଏଥିରେ ନାଗରିକଙ୍କୁ ବଞ୍ଚିବାର ଅଧିକାର ମୌଳିକ ମାନବିକ ଅଧିକାର ହିସାବରେ ଦୃଢ଼ତାର ସହ ଉଲ୍ଲେଖ କରାଯାଇଛି । ବଞ୍ଚିବାର ଅଧିକାର ଭିତରେ ଖାଦ୍ୟ ଅଧିକାରକୁ ଅନ୍ତର୍ଭୁକ୍ତ କରାଯାଇଛି । କିନ୍ତୁ ଏ ଅଧିକାର ଏ ଦେଶର ସବୁ ନାଗରିକଙ୍କୁ ମିଳିଛି କି ? ଯଦି ମିଳିଥାଆନ୍ତା, ତେବେ ଦେଶର ବିଭିନ୍ନ କୋଣରୁ ଅନାହାର ଓ ପୋଷାହାର ଅଭାବ ଜନିତ ମୃତ୍ୟୁର ଖବର ଏତେ ବ୍ୟାପକ ଭାବେ ପ୍ରକାଶିତ ହୁଅନ୍ତା ନାହିଁ । କେଉଁଠି ଆଇ.ସି.ଡି.ଏସ୍ (ICDS) ଠିକ୍ କାମ କରୁନାହିଁ ତ ଅନ୍ୟ କେଉଁଠି ମଧ୍ୟାହ୍ନ ଭୋଜନ (Mid-day Meal) କାର୍ଯ୍ୟକ୍ରମରେ ଘୋର ବ୍ୟତିକ୍ରମ ଦେଖା ଦେଉଛି । କେଉଁଠି ସାଧାରଣ ବଣ୍ଟନ ବ୍ୟବସ୍ଥା ଭୁଷୁଡି ପଡିଛି ତ ଅନ୍ୟ କେଉଁଠି ଖାଦ୍ୟନୀତି ଜନବିରୋଧୀ ହୋଇଛି । ଏକଥା ବାସ୍ତବରେ ସ୍ୱୀକାର କରିବାକୁ ହେବ ଯେ ଏ ଦେଶରେ ପ୍ରାୟ କୋଡିଏ କୋଟି ଲୋକଙ୍କୁ ସର୍ବନିମ୍ନ ଖାଦ୍ୟ ଓ ପୋଷାହାରର ସୁରକ୍ଷା ଏଯାବତ୍ ମିଳିନାହିଁ । ପରିସଂଖ୍ୟାନରୁ ଜଣାପଡିଛି ଯେ ଏକଦା ଖାଦ୍ୟ ଉତ୍ପାଦନ ରେକର୍ଡ଼ ପରିମାଣର ହୋଇଛି ଅଥବା ଖାଦ୍ୟ ଗୋଦାମରେ ଲକ୍ଷ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଗଚ୍ଛିତ ରହିଛି । ତଥାପି ଅନାହାର ଓ ଖାଦ୍ୟାଭାବ କାହିଁକି ? ଗତବର୍ଷ ଭାରତ ୫ଲକ୍ଷ ଟନ୍ ଗହମ ବାହାର ଦେଶରୁ ଆମଦାନୀ କରିଛି । ଏ ଆମଦାନୀର ପରିମାଣ ଏବେ ପ୍ରତିବର୍ଷ ବଢ଼ିବାରେ ଆଶଙ୍କା ଅଛି । ଯଦି ଏହା ବାସ୍ତବ, ତେବେ ସବୁଜ ବିପ୍ଲବରେ ଏ ଦେଶ ଖାଦ୍ୟରେ ସ୍ୱାବଲମ୍ବୀ ହୋଇଛି ବୋଲି କହିବାରେ କେତେ ସତ୍ୟତା ଅଛି ?

ଏମ୍.ଏସ. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ୍ (MS Swami Nathan Research Foundation) ଏବଂ ବିଶ୍ୱ ଖାଦ୍ୟ ସଂଗଠନ (ୱାଲର୍ଡ ଫୁଡ୍ ପ୍ରୋଗାମ୍) ୨୦୦୧ ମସିହାରେ ଗ୍ରାମାଞ୍ଚଳରେ ଖାଦ୍ୟ ନିରାପତ୍ତା କିପରି ବିପନ୍ନ ହୋଇଛି ତାହା ଭାରତର "ଫୁଡ୍ ଇନ୍‌ସିକ୍ୟୁରିଟି ଆଟ୍‌ଲାସ" (India's Food Insecurity Atlas) ନାମକ ଦସ୍ତାବିଜ୍ ପ୍ରକାଶ କରିଥିଲେ । ୨୦୦୨ ମସିହାରେ ସହରାଞ୍ଚଳ ପାଇଁ ଏଇଭଳି ଏକ ଆଟ୍‌ଲାସ୍ ପ୍ରକାଶ କରିଥିଲେ । ଏ

Digitized by srujanika@gmail.com

ଦୁଇଟି ଆଟ୍‌ଲାସ୍ ସବୁ ଭାଷାରେ ଅନୁବାଦିତ ହୋଇ ଲୋକମାନଙ୍କ ପାଖରେ ପହଞ୍ଚିବାର ଘୋର ଆବଶ୍ୟକତା ମୁଁ ଅନୁଭବ କରୁଛି । କୋଟି କୋଟି ଲୋକଙ୍କୁ ଅନାହାରରେ ରଖିବାକୁ ଏଦେଶ କିମିତି ଅତି ଯୋଜନାବଦ୍ଧ ଭାବେ ଚେଷ୍ଟା କରୁଛି, ତାହା ସମସ୍ତେ ଖୁବ୍ ଭଲଭାବେ ଜାଣିପାରିବେ । ଜାଣି ପାରିଲେ, ସେମାନେ ନିଜର ଖାଦ୍ୟ ନିରାପତ୍ତା ହାସଲ ପାଇଁ ଚେଷ୍ଟା କରିବେ । ଆବଶ୍ୟକ ପଡିଲେ ସରକାରଙ୍କ ନୀତିକୁ ବିରୋଧ କରିବେ । ସମ୍ଭବତଃ ଖାଦ୍ୟ ନିରାପତ୍ତା ପ୍ରଶ୍ନ ରାଜନୈତିକ ପଶ୍ନ ହେବ ଓ ନିର୍ବାଚନ ଇସ୍ତାହାର ଭାବେ ସ୍ଥାନ ପାଇବ । ଭୋକିଲା ମଣିଷ ସଂଗ୍ରାମୀ ମଣିଷ ହୋଇପାରିବ । ଏହା ପୂର୍ବରୁ ସ୍ୱାମୀନାଥନ୍ ଫାଉଣ୍ଡେସନ୍ ଓ ୱାରଲଡ଼ ଫୁଡ ପ୍ରୋଗ୍ରାମଙ୍କ ମିଳିତ ଉଦ୍ୟମରେ ନିରନ୍ତର ଖାଦ୍ୟ ନିରାପତ୍ତାର ଏକ ଆଟ୍‌ଲାସ୍ ପ୍ରକାଶ କରିଥିଲେ ଓ ଏଥିରେ ପ୍ରାକୃତିକ ସମ୍ବଳର ବିକାଶରେ କିପରି ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଓ ଜୀବିକା ବିପନ୍ନ ହୋଇଛି, ତାହା ଉଲ୍ଲେଖ କରିଛନ୍ତି । ପ୍ରାକୃତିକ ସମ୍ବଳର ସୁରକ୍ଷା ହିଁ ଦୀର୍ଘସ୍ଥାୟୀ ଖାଦ୍ୟ ନିରାପତ୍ତାର ମୂଳଦୂଆ- ଏହା ପ୍ରତିପାଦିତ କରାଯାଇଛି । ଏହାଛଡା ଆଟ୍‌ଲାସ୍‌ରେ ଉଲ୍ଲେଖ କରାଯାଇଛି ସେ ପରିବେଶର ପ୍ରଦୂଷଣ ଓ ଜନସଂଖ୍ୟାର ବିସ୍ଫୋରଣ ମଧ୍ୟ ଏ ଦେଶର ଖାଦ୍ୟ ନିରାପତ୍ତାକୁ କ୍ଷୁର୍ଣ୍ଣ କରିଛି । ଧନୀବର୍ଗର ବିଭିନ୍ନ କାର୍ଯ୍ୟକ୍ରମ ଓ ବିଳାସ ବ୍ୟସନ ହିଁ ପ୍ରଦୂଷଣର ମୂଳକାରଣ ଓ ଅସମତା ମଧ୍ୟ । ଉପଭୋକ୍ତାବାଦ ମଧ୍ୟ ଏଥିପାଇଁ ଦାୟୀ । ଆଟ୍‌ଲାସ୍‌ରେ ଦର୍ଶାଯାଇଛି ଯେ, ବିଶ୍ୱ ଭୂଭାଗର ଶତକଡ଼ା ୨.୪ଭାଗ ହେଉଛି ଭାରତର ସ୍ଥଳଭାଗ ଅଥଚ ଏହି ସୀମିତ ଇଲାକାରେ ଅଛନ୍ତି ବିଶ୍ୱ ଜନସଂଖ୍ୟାର ଶତକଡ଼ା ୧୬ । ପୃଥିବୀର ଶତକଡ଼ା ୫ଭାଗ ଗୋଚର ଜମି ଭାରତରେ ଅଛି ଅଥଚ, ପଶୁପାଳନରେ ଏହା ବିଶ୍ୱର ଶତକଡ଼ା ୧୮ଭାଗ ପଶୁମାନଙ୍କୁ ଆଶ୍ରୟ ଦେଇଛି । ଗତ ପଚାଶବର୍ଷରେ କୃଷିଜମି ଦ୍ୱିଗୁଣିତ ହୋଇଛି ଓ ସେଇ ଅନୁପାତରେ ଭାରତର ଜଙ୍ଗଲ ଶତକଡ଼ା ୫୦ଭାଗ ହ୍ରାସ ପାଇଛି । ଏହାଛଡା ବ୍ୟାପକ ଅଞ୍ଚଳରେ ଗଢ଼ି ଉଠିଛି ସହରାଞ୍ଚଳ, କଳକାରଖାନା, ଜନବସତି ଓ ଅଣକୃଷି ଭିତ୍ତିଭୂମି । ନିରନ୍ତର କୃଷି କେବଳ ଜଳବିଭାଜିକା ଉପରେ ଆଧାରିତ ତାହା ପୃଥିବୀ ସାରା ପ୍ରମାଣିତ ହୋଇ ସାରିଛି । ଆଜି ଆମର ଜଳବିଭାଜିକାମାନଙ୍କର ଜଙ୍ଗଲ ଧ୍ୱଂସ ହୋଇଛି । ଏହାଫଳରେ ମୃତ୍ତିକାକ୍ଷୟ ଅନେକ ଗୁଣରେ ବଢ଼ିଯାଇଛି । ଭାରତର ବର୍ତ୍ତମାନ ଶତକଡ଼ା ୮୦ ଭାଗରୁ ଅଧିକ ଅଞ୍ଚଳ ମରୁଡି ପ୍ରବଣ ଅଞ୍ଚଳରେ ପରିଣତ ହୋଇ ଭୟାଭୟ ପରିସ୍ଥିତି ସୃଷ୍ଟି କରିଛି । ବନ୍ୟା ଓ ମରୁଡି ଏ ଦେଶରେ କ୍ରମାଗତ ଲାଗିରହିଛି ଓ ଖାଦ୍ୟ ଉତ୍ପାଦନରେ ତଥା ଗରିବଙ୍କ ଜୀବନ ଜୀବିକାରେ ଘୋର ବାଧା ସୃଷ୍ଟି କରିଛି । ସବୁଠାରୁ ଗୁରୁତର କଥା ହେଉଛି ଯେ, ଭାରତର ଜଙ୍ଗଲ ଭୂଭାଗର ଶତକଡ଼ା ୩୩ ଭାଗ ହେବା ପରିବର୍ତ୍ତେ ଏବେ ଶତକଡ଼ା ୨୨.୫କୁ ହ୍ରାସ ପାଇଛି । ଏଇ ଅବକ୍ଷୟ ଭାରତର ପରିବେଶ ଉପରେ ବିଶେଷ ପ୍ରଭାବ ପକାଇଛି । ଜଙ୍ଗଲ ସମ୍ପଦର ବିନାଶ ଏବେ ଏତେ

Digitized by srujanika@gmail.com

ବ୍ୟାପକ ହୋଇଛି ଯେ ପୁଣି ଜଙ୍ଗଲ ସୃଷ୍ଟି କରିବା ସମ୍ଭବ ହେବ ବୋଲି କେହି କହିପାରୁ ନାହାଁନ୍ତି । ସ୍ୟାଟେଲାଇଟ୍ ଚିତ୍ରରୁ ସବୁଜିମା ବଢ଼ିଛି ବୋଲି ଦାବି କରାଯାଉଛି, କିନ୍ତୁ ତାହା ଅସଲ ଜଙ୍ଗଲ କି ନୁହେଁ କୁହାଯାଇପାରୁ ନାହିଁ । ଆଦିବାସୀ ଅଞ୍ଚଳରେ ଜଙ୍ଗଲକ୍ଷୟ ଯୋଗୁଁ ବର୍ତ୍ତମାନ ଏତେ ବ୍ୟାପକକ୍ଷତି ହୋଇଛି ତାହା ଅକଳନୀୟ । କେବଳ ଖାଦ୍ୟ ନିରାପତ୍ତା ବିପନ୍ନ ହୋଇନାହିଁ- ଜୀବନଜୀବିକା ମଧ୍ୟ ଗୁରୁତର ବ୍ୟାହତ ହୋଇଛି । ଜଙ୍ଗଲ ସମ୍ପୂର୍ଣ୍ଣ ନଷ୍ଟ ହେଲେ ଆଦିବାସୀମାନେ ମଧ୍ୟ ନିଶ୍ଚିହ୍ନ ହୋଇଯିବେ ବୋଲି ବର୍ତ୍ତମାନ ସତର୍କବାଣୀ ଶୁଣାଯାଉଛି । ବର୍ତ୍ତମାନ ଆଦିବାସୀ ଅଞ୍ଚଳରେ ଖଣିଖାଦାନ ଓ ଶିଳ୍ପବିକାଶ ଏତେ ଦ୍ରୁତଗତିରେ ଆରମ୍ଭ ହୋଇଛି ଯେ ବିଚରା ଆଦିବାସୀ ବୁଝି ପାରୁନାହିଁ ସେ କିପରି ଖାପ୍ ଖୁଆଇବ । ଏ ଦେଶର ଯେଉଁଠାରେ ପ୍ରାକୃତିକ ସମ୍ପଦ ଭରି ରହିଛି- ସେଠାରେ ଦାରିଦ୍ର୍ୟ, ଅନାହାର ଓ ବିପନ୍ନ ଜୀବିକା ମଧ୍ୟ ବ୍ୟାପକ ହୋଇଛି ।

ଏବେ ମାଣ୍ଡିଆ, ମକା, ସୁଆଁ, ଯଅ, ବାଜରା ଜାତୀୟ ଫସଲ ଚାଷ କରିବାକୁ କେହି ପସନ୍ଦ କରୁ ନାହାନ୍ତି । ସବୁଆଡେ କେବଳ ଧାନ ଓ ଗହମ ଚାଷ । ଖାଇବାରେ ମଧ୍ୟ ଭାତ ଓ ରୋଟି । ଆଦିବାସୀ ଭାବୁଛି ମାଣ୍ଡିଆ ଖାଇବା ଏକ ହୀନମନ୍ୟତା । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଚାଉଳ ଓ ଗହମ ସୁଲଭରେ ମିଳିଥିବାରୁ ଗରିବଙ୍କ ପାରମ୍ପରିକ ଖାଦ୍ୟ ଓ ସଂସ୍କୃତି ବଦଳିବାରେ ଲାଗିଛି । ଅଧିକ ଅମଳକ୍ଷମ ଧାନ ଓ ଗହମ ଚାଷ ହେବା ଦ୍ୱାରା ମାତ୍ରାଧିକ ସାର ଓ କୀଟନାଶକ ଔଷଧ ବ୍ୟବହାର କରାଯାଉଛି ଓ ଏହାର ସୁଦୂରପ୍ରସାରୀ ପ୍ରଭାବ ପଡିଛି ଜମି ଓ ପରିବେଶ ଉପରେ । କ୍ରମାଗତ ସାର ଓ କୀଟନାଶକ ଔଷଧ ବ୍ୟବହାର ଫଳରେ ଜମି ଏବେ ଉତ୍ପାଦନଯୋଗ୍ୟ ହୋଇପାରୁନାହିଁ । ଅନ୍ୟ ପକ୍ଷରେ ଜଳସେଚିତ ଅଞ୍ଚଳରେ ଧାନ ଓ ଆଖୁ ଚାଷକୁ ପ୍ରାଧାନ୍ୟ ଦିଆଯାଇଛି । ମକା, ବାଜରାକୁ ପରିବର୍ତ୍ତନ କରି ଧାନ, ଗହମ ଓ ଆଖୁ ଆଦି ଚାଷ କରିବା ଦ୍ୱାରା ଜଳସେଚନ ଉପରେ ଚାପ ପଡିଛି । ଏଣୁ କିଛି ଅଞ୍ଚଳ ଜଳପ୍ଲାବିତ ହେଲାବେଳେ ଆଉ କିଛି ଅଞ୍ଚଳ ମରୁଭୂମିରେ ପରିଣତ ହେବା ଆରମ୍ଭ କରିଛି । କୃଷିରେ ଥିବା ପାରମ୍ପରିକ ଜୈବବିବିଧତା ଆଦି ନଷ୍ଟ ହୋଇସାରିଛି । ଏହା ଫଳରେ ମାଟିର ଉର୍ବରତା ମଧ୍ୟ ଗୁରୁତରଭାବେ ହ୍ରାସ ପାଇଛି । ଡାଲି ଜାତୀୟ ଫସଲରେ ମାଟିର ଉର୍ବରତା ବଢ଼ିଥାଏ ଓ କୃଷିଚକ୍ରରେ ଏହି ଚାଷର ବିଶେଷ ଭୂମିକା ଥାଏ । ଏବେ ଭାରତରେ ଏ ଡାଲି ଜାତୀୟ ଫସଲର ଚାଷ ମଧ୍ୟ ଅନେକ ଗୁଣରେ ହ୍ରାସ ପାଇଛି ଗତ କେତେ ବର୍ଷ ଭିତରେ ।

ଏବେ ମତ୍ସ୍ୟଚାଷ ଓ ସମୁଦ୍ରରୁ ମାଛ ଧରିବା ପ୍ରକ୍ରିୟାକୁ ବିଚାରକୁ ନିଆଯାଉ । ସାମାନ୍ୟ ଲାଭ ପାଇଁ ବ୍ୟବସାୟିକ ଭିତ୍ତିରେ ଟ୍ରଲର ବ୍ୟବହାର କରି ବ୍ୟାପକ ମାଛ ମରାଯାଉଛି । ଏହାଦ୍ୱାରା ମତ୍ସ୍ୟ ସମ୍ପଦ ଉପରେ ଗୁରୁତର ପ୍ରଭାବ ପଡିଛି । ଆହୁରି ମଧ୍ୟ ପାରମ୍ପରିକ

Digitized by srujanika@gmail.com

ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ଅତି ଗୁରୁତର ଭାବେ କ୍ଷୁର୍ଣ୍ଣ ହୋଇଛି । ଏବେ ସମସ୍ତେ ଯେଉଁଭଳି ଜାଲ ବ୍ୟବହାର କରୁଛନ୍ତି, ତାହା ମାଛମାନଙ୍କର ସଂଖ୍ୟା ଓ ଘନତା କମାଇ ଦେଇଛି ଭୟାନକ ଭାବେ । ଯଦି ପୋଖରୀ, ନଦୀ ଓ ସମୁଦ୍ରରେ ଆମର ଆବଶ୍ୟକ ଅନୁସାରେ ମାଛ ମିଳିବ ନାହିଁ, ତେବେ ଆମର ପୋଷାହାର ଉପରେ ଏହାର ଖରାପ ପ୍ରଭାବ ପକାଇବ ।

ଏବେ ଭାରତରେ ଦରିଦ୍ରତମ ପ୍ରଦେଶ ଭିତରେ ଓଡ଼ିଶା, ଝାଡଖଣ୍ଡ, ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ଉତ୍ତରପୂର୍ବ ରାଜ୍ୟଗୁଡ଼ିକ ଅଛନ୍ତି । ଏ ରାଜ୍ୟ ଗୁଡ଼ିକରେ ଅବଶ୍ୟ ପ୍ରାକୃତିକ ସମ୍ବଳ ଭରି ରହିଛି । ଏ ଅଞ୍ଚଳରେ ଶିଳ୍ପ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ସାମଗ୍ରିକ ଭାବେ ଏଇ ରାଜ୍ୟଗୁଡ଼ିକ ପଞ୍ଜାବ, ହରିୟାନା, ଗୋଆ ଆଦି ତୁଳନାରେ ବହୁତ ପଛରେ ପଡ଼ିଛନ୍ତି । ଅସଲରେ କୃଷିଜୀବୀ ଓ ଶ୍ରମିକମାନେ ପଛୁଆ ରାଜ୍ୟମାନଙ୍କରୁ ଆଗୁଆ ରାଜ୍ୟମାନଙ୍କୁ ବହୁ ସଂଖ୍ୟାରେ ପଳାୟନ କରୁଛନ୍ତି । ଏହାର ପରିବର୍ତ୍ତନ ପାଇଁ ଏକ ସ୍ୱତନ୍ତ୍ର ରଣନୀତିର ଆବଶ୍ୟକତା ଅଛି । କର୍ମଯୋଗାଣ ଓ ନିୟୋଜନ ପାଇଁ ଅଣକୃଷି କ୍ଷେତ୍ରକୁ ବିସ୍ତରକୁ ନେବାକୁ ଜରୁରୀ ହୋଇପଡ଼ିଛି ।

କୃଷିରେ ପ୍ରଗତି କରିଥିବା ରାଜ୍ୟମାନଙ୍କରେ ଭୂଜଳର ବିଶେଷ ବିନିଯୋଗ ହେଉଛି । ଏହାର ପ୍ରତିକୂଳ ପ୍ରଭାବରେ କୃଷି ଉତ୍ପାଦନ ହ୍ରାସ ହେଉଛି । ପଞ୍ଜାବ, ହରିୟାନା ଆଦି ରାଜ୍ୟ ଗୁଡ଼ିକ ଏଥିରେ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି । ଏହା ସହିତ ବହୁରାଷ୍ଟ୍ରୀୟ କମ୍ପାନୀମାନେ ସେମାନଙ୍କର ଜାଲ ବିସ୍ତାର କରିଛନ୍ତି । ଏଗୁଡ଼ିକ ହେଲା ମନ୍‌ସାଣ୍ଟୋ, କାରଗିଲ୍, ଡୁପଣ୍ଟ ଓ ସାଇଜେଣ୍ଟା । ଏମାନେ ବିହନ, ସାର, କୀଟନାଶକ ଦ୍ରବ୍ୟ, ଖାଦ୍ୟଶସ୍ୟର ବିଶ୍ୱ ବଜାର ଆଦିକୁ ନିୟନ୍ତ୍ରଣ କରୁଛନ୍ତି । ଜି.ଏମ୍.(GM) ବିହନର ଭୟାନକ ଫଳାଫଳ ଏ ଦେଶରେ କୃଷକର ଆତ୍ମହତ୍ୟା ପାଇଁ ଋପ ସୃଷ୍ଟି କରିଛି । ସରକାରଙ୍କ ଅସ୍ପଷ୍ଟ ନୀତି ଫଳରେ ବହୁରାଷ୍ଟ୍ରୀୟ କର୍ପୋରେସନ୍‌ମାନେ କୃଷି ଓ ଖାଦ୍ୟକ୍ଷେତ୍ରରେ ଏକଚାଟିଆ ବେପାର ଆରମ୍ଭ କରିଛନ୍ତି । କୃଷିର ବ୍ୟବସାୟୀକରଣ ଓ ବଜାରକରଣ ଏ ଦେଶର ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେଇଛି । ଅସୁରକ୍ଷିତ ଖାଦ୍ୟ ନିରାପତ୍ତାକୁ ଆଧାର କରି ଯେଉଁ ଆଟ୍‌ଲାସ୍ ତିଆରି କରାଯାଇଛି ତାହାର ସାରାଂଶ ଉପର ଲିଖିତ ବର୍ଣ୍ଣନା ଛଡ଼ା ଆଉ କିଛି ନୁହେଁ ।

ପ୍ରଫେସର୍ ଉତ୍‌ଷା ପଟ୍ଟନାୟକ (Prof. Utsha Pattanaik) ଖାଦ୍ୟ ନିରାପତ୍ତା ଉପରେ ଆଲୋକପାତ କରିଛନ୍ତି । ସେ କ୍ରମକ୍ଷୟିଷ୍ଣୁ ମୁଣ୍ଡପିଛା ଖାଦ୍ୟ ଆହରଣର ସମ୍ୟକ ଆଲୋଚନା କରିଛନ୍ତି । ତାଙ୍କର କହିବା କଥା ଯେ, ସ୍ୱାଧୀନତା ପରେ ପରେ ଏ ଦେଶର ମଣିଷର ମୁଣ୍ଡପିଛା ମିଳୁଥିବା ଖାଦ୍ୟ ପରିମାଣ ଆଶାଜନକ ପ୍ରଗତି କରିପାରିନାହିଁ । ଉଦାହରଣ ସ୍ୱରୂପ ଏହା ୧୯୫୦-୫୫ ମସିହାର ମୁଣ୍ଡ ପିଛାଥିଲା ୧୫୨ କେଜି । ମାତ୍ର ୧୯୮୯ ମସିହାରେ ଏହା ଥିଲା ୧୭୭ କେଜି । ସେଇଭଳି ଖାଦ୍ୟ ଆହରଣ ପରିମାଣ ମଧ୍ୟ ଦ୍ରୁତ

Digitized by srujanika@gmail.com

ଗତିରେ କମି ଯାଇଛି । ମୁଣ୍ଡପିଛା ଖାଦ୍ୟ ଆହରଣ କମିବାର କାରଣ ହେଲା ଯେ ଲୋକଙ୍କ ପାଖରେ କ୍ରୟଶକ୍ତିର ଅଭାବ ସବୁକଥା ବିଚାରକୁ ନେଇ ଭାରତକୁ କ୍ଷୁଧାର ରିପବ୍ଲିକ୍ ବୋଲି ସେ ଆଖ୍ୟାୟିତ କରିଛନ୍ତି । ଗରିବଙ୍କ କ୍ରୟଶକ୍ତି ସୃଷ୍ଟି କରିବାକୁ ହେଲେ ଗ୍ରାମାଞ୍ଚଳରେ ରୋଜଗାର ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ହେବ । ଖାଦ୍ୟ ଉତ୍ପାଦନ ହେଉଛି ଯଥେଷ୍ଟ । ଗୋଦାମରେ ଗଚ୍ଛିତ ଅଛି ମଧ୍ୟ ବିପୁଳ ପରିମାଣର । କିନ୍ତୁ ଭୋକିଲା ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ । ଏହାଠାରୁ ଦୁର୍ଭାଗ୍ୟ କଥା କ'ଣ ଅଛି ?

ମୁଁ ଏବେ ଦେଶର ବିଭିନ୍ନ ଅଞ୍ଚଳରେ ଖାଦ୍ୟ ଅଧିକାର ଓ ନିରନ୍ତର କୃଷି ବିକାଶ ଉପରେ ଯେଉଁ ତର୍କବିତର୍କ ଚାଲିଛି, ସେଥିରେ ଅଂଶଗ୍ରହଣ କରୁଛି । ଏ ଦେଶରେ ଅନାହାର ଓ ଖାଦ୍ୟାଭାବ କେମିତି ରହିବ ନାହିଁ, ସେଥିପାଇଁ ବିଭିନ୍ନ ରଣନୀତି ଗ୍ରହଣ କରିବାକୁ ହେବ । ମୋ ମତରେ ବର୍ତ୍ତମାନ ଯୁବଗୋଷ୍ଠୀଙ୍କୁ କୃଷିକ୍ଷେତ୍ରକୁ ଆସିବାକୁ ସୁଯୋଗ ସୃଷ୍ଟି କରିବାକୁ ହେବ । ସେଥିପାଇଁ କୃଷିକୁ ଆକର୍ଷଣୀୟ ଓ ରୋଜଗାର କ୍ଷମ କରିବାକୁ ହେବ । କୃଷି କ୍ଷେତ୍ରରେ ଯେଉଁ ମତିଭ୍ରମ ହୋଇଛି ତାହାକୁ ଦୂର କରିବାକୁ ହେବ । ଆଜିର ଯୁବଗୋଷ୍ଠୀ ପଳାୟନପନ୍ଥୀ ହୋଇଛନ୍ତି । ସହରାଭିମୁଖୀ ମଧ୍ୟ ହୋଇଛନ୍ତି । ସୁକୁମାରିଆ ହୋଇଯାଇଛନ୍ତି । ମାଟିକାଦୁଅ ମାଡିବାକୁ ଘୃଣା କରୁଛନ୍ତି । ଗ୍ରାମାଞ୍ଚଳରେ ସେ ରହିବାକୁ ଚାହୁଁ ନାହିଁ । ଏ ଦୃଶ୍ୟର ପରିବର୍ତ୍ତନ କରିବାକୁ ଆମ ସମସ୍ତଙ୍କୁ ନୀତିଗତ ଭାବେ ଓ ରାଜନୈତିକ ଇଚ୍ଛାଶକ୍ତି ସହ ପଦକ୍ଷେପ ନେବାକୁ ହେବ । ଯବକମାନଙ୍କୁ ଗୋଷ୍ଠୀ ପ୍ରଶିକ୍ଷଣ କେନ୍ଦ୍ର ବା କମ୍ୟୁନିଟି ପଲିଟେକ୍‌ନିକ୍ ପ୍ରଶିକ୍ଷଣ ଦେବାକୁ ହେବ ନିରନ୍ତର କୃଷିର ବିଭିନ୍ନ ଆଭିମୁଖ୍ୟ ବିଷୟରେ । ଏଥିପାଇଁ ପ୍ରତ୍ୟେକ ବ୍ଲକ୍‌ରେ ପ୍ରଶିକ୍ଷଣ କେନ୍ଦ୍ର, ଆଗ୍ରୋ ସର୍ଭିସ ସେଣ୍ଟର ବା ରୁରାଲ ପଲିଟେକ୍‌ନିକ ପ୍ରତିଷ୍ଠା କରିବାକୁ ହେବ । ପ୍ରତ୍ୟେକ ପରିବାର ପ୍ରଥମେ ତାହାର ଆବଶ୍ୟକୀୟ ଖାଦ୍ୟଶସ୍ୟ ଉତ୍ପାଦନ କରିଲାପରେ ବଳକା ଅଂଶକୁ ପ୍ରକ୍ରିୟାକରଣ କରି ବଜାରକୁ ଛାଡିବ । ବାହାରର ଉପାଦାନ (ବିହନ, ସାର, କୀଟନାଶକ ଦ୍ରବ୍ୟ, ବୈଷୟିକ ଜ୍ଞାନ) ସବୁ ଆମଦାନି ଉପରେ କଟକଣା କରାଯିବ । ସ୍ଥାନୀୟ ଉପାଦାନର ଉପଯୋଗୀତା ଉପରେ ଗୁରୁତ୍ୱ ଦିଆଯିବ । ରାଷ୍ଟ୍ରର ଏକ ଯଥାର୍ଥ କୃଷିନୀତି ପ୍ରଣୟନ କରାଯିବ ଯେଉଁଥିରେ କଣ୍ଟ୍ରାକ୍ଟ ଫାର୍ମିଂ ଆଦି ନଥିବ । କୃଷି ଓ କୃଷକକୁ ଏ ସମାଜ ନ୍ୟାଯ୍ୟ ସମ୍ମାନ ଦେବ । କୃଷି ସହ ଜଳ, ଜମି ଓ ଜଙ୍ଗଲର ଅନ୍ତରଙ୍ଗ ସମ୍ପର୍କକୁ ଦୃଢ଼ କରାଯିବ ।

□□□

Digitized by srujanika@gmail.com

କାଶୀପୁରର ଅକାଳ ମୃତ୍ୟୁ

ଏଇ ମାସେ ଦୁଇମାସ ଭିତରେ କାଶୀପୁରରେ ଝାଡ଼ାବାନ୍ତି ଓ ପେଟରୋଗରେ ଏକଶହରୁ ଅଧିକ ବ୍ୟକ୍ତି ମରିଗଲେଣି ବୋଲି ଖବରକାଗଜ ଓ ଗଣମାଧ୍ୟମରେ ପ୍ରକାଶ ପାଇଛି । ଏହା ଆମ ସମସ୍ତଙ୍କ ପାଇଁ ଏକ ଦୁଃସମ୍ବାଦ ଓ ଚିନ୍ତାଜନକ ବ୍ୟାପାର । ମୁଁ କାଶୀପୁରରେ କର୍ମରତ ଥିବାରୁ ଏ ମୃତ୍ୟୁ ମୋତେ ଖୁବ୍ ବ୍ୟଥା ଦେଇଛି । ୧୯୮୦ ମସିହାଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ପ୍ରତିବର୍ଷ ବର୍ଷାମାସରେ କାଶୀପୁରରେ ଲୋକ ମରୁଛନ୍ତି । କେତେବେଳେ ଝାଡ଼ାବାନ୍ତିରେ ତ କେତେବେଳେ ଅଖାଦ୍ୟ ଖାଇବା କାରଣରୁ । ଅନ୍ୟ କେଉଁ କେଉଁ ବର୍ଷ ଏଇ ମୃତ୍ୟୁକୁ ଅନାହାର ଜନିତ ମୃତ୍ୟୁ ବୋଲି ମଧ୍ୟ କୁହାଯାଇଛି । ଲୋକ କିନ୍ତୁ ବର୍ଷାକାଳରେ ମରିବା ସତ୍ୟ । କାରଣ ଅନେକ ହୋଇପାରେ । ଆମ୍ବଟାକୁଆ ଓ ତେନ୍ତୁଳିମଞ୍ଜି ଲୋକେ ଖାଦ୍ୟାଭାବ ଯୋଗୁଁ ଖାଉଛନ୍ତି କି ଶ୍ରଦ୍ଧାରେ ଖାଉଛନ୍ତି, ଏଥିପାଇଁ ଅନେକ ତର୍କବିତର୍କ ହୋଇଛି ଅତୀତରେ । ବିଭିନ୍ନ ଗବେଷଣା ପ୍ରତିଷ୍ଠାନ ଆମ୍ବଟାକୁଆରେ କି ପ୍ରକାରର ପୌଷ୍ଟିକତା ରହିଛି ଓ ଏହା ମଣିଷର ଖାଦ୍ୟ ଉପଯୋଗୀ କି ନା ତାହା ମଧ୍ୟ ଗବେଷଣା କରିଛନ୍ତି । କିନ୍ତୁ ସଭ୍ୟ ସମାଜରେ ଆମ୍ବଟାକୁଆ ଖାଇବା ବିକାଶ ପ୍ରତି ଏକ ଉପହାସ ।

ଏ ଲେଖକ କାଶୀପୁରର ଅନାହାର ଓ ତଦ୍‌ଜନିତ ମୃତ୍ୟୁ ସମ୍ପର୍କରେ ଗଭୀର ଅଧ୍ୟୟନ କରିଛି । ଏ ମୃତ୍ୟୁର ଏକ ବିଧିବଦ୍ଧ ଇତିହାସ ମଧ୍ୟ ସୃଷ୍ଟି ହୋଇଛି । କାଶୀପୁରର ଲୋକେ ୧୯୭୭-୭୮ ମସିହାରେ ଖାଦ୍ୟାଭାବ ଓ ମୃତ୍ୟୁକୁ ଭୁଲି ନାହାଁନ୍ତି । ସେ ବର୍ଷ ଅନାବୃଷ୍ଟି ଓ ଫସଲହାନୀ ସୀମାତୀତ ଥିଲା ଓ କେତେ ଯେ ଲୋକ ମରିଥିଲେ ତାହାର ହିସାବ କେହି ରଖିନାହିଁ । ୧୯୮୧ ମସିହାରେ ଅଡ଼ାଜୋର ପଞ୍ଚାୟତର ପୋଡ଼ାପଦର ବୋଲି ଏକ ଦୁର୍ଗମ ଗାଁରେ ଦଶ ପନ୍ଦର ଜଣ ମରିଥିଲେ ଓ ଅନେକ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ସରକାରୀ ସାହାଯ୍ୟ ସେଠାରେ ପହଞ୍ଚି ନଥିଲା । ଏ ମୃତ୍ୟୁକୁ ନେଇ ଶାସକଦଳ ଓ ବିରୋଧିଦଳ ସ୍ଥାନୀୟସ୍ତରରେ ରାଜନୀତି କରିଥିଲେ । ୧୯୮୩ ମସିହାରେ ଟିକିରି ପଞ୍ଚାୟତର ବିଲାମାଳ ଗାଁରେ ୧୩ଜଣ ଝାଡ଼ାବାନ୍ତିରେ ମରିଥିଲେ ଓ ତତ୍କାଳୀନ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଫଳରେ ମୃତ୍ୟୁ ସଂଖ୍ୟା ବଢ଼ି ନଥିଲା । ରିଲିଫ୍ କାମ ଆରମ୍ଭ ହୋଇଥିଲା । ବ୍ରହ୍ମପୁର

Digitized by srujanika@gmail.com

ମେଡିକାଲ କଲେଜରୁ ସ୍ୱତନ୍ତ୍ର ଚିକିତ୍ସକ ଦଳ ଓ ବିଶେଷଜ୍ଞମାନେ ଆସିଥିଲେ । ୨୦୦୧ ମସିହାରେ ପୁଣି ଏଇ ବିଲାମାଳ ଗାଁରେ ଅନାହାର ମୃତ୍ୟୁ ହୋଇଥିଲା ଓ ଚର୍ଚ୍ଚାର ପରିସର ଭିତରକୁ ଆସିଥିଲା । ୧୯୮୭ ମସିହାରେ କାଶୀପୁରର ଅନାହାର ମୃତ୍ୟୁ ୨୦୦ରୁ ଅଧିକ ଟପିଥିଲା ଓ ଏଥିପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବଗାନ୍ଧୀ କାଶୀପୁର ଗସ୍ତରେ ଆସିଥିଲେ । ୧୯୯୯ ମସିହାରେ ମାଇକଞ୍ଚ ପଞ୍ଚାୟତର ପାଇକ କୁପାଖାଲ ଗାଁରେ ୯ଜଣ ମୃତ୍ୟୁ ମୁଖରେ ପଡ଼ିଥିଲେ ଅଖାଦ୍ୟ ଖାଇ । ଏଇ ଗାଁଟିରେ ଉତ୍କଳ ଆଲୁମିନା ନାମରେ ଗୋଟିଏ ମାଇନିଂ କମ୍ପାନୀ ଅନେକ ବିକାଶମୂଳକ କାମ କରିଛି ବୋଲି ଦାବୀ କରିଆସୁଛି । ଏବର୍ଷ ୨୦୦୭ରେ ମଧ୍ୟ ଏ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିଛି ଓ ଆଖପାଖ ଗାଁ ମାନଙ୍କରେ ମଧ୍ୟ ମୃତ୍ୟୁ ହୋଇଛି । ମାଇକଞ୍ଚ ପଞ୍ଚାୟତର କରଞ୍ଜ କୁପାଖାଲ, ଝରିଖୋଲ ଆଦି ଗାଁରେ ଏବର୍ଷ ବହୁ ବ୍ୟକ୍ତି ମରିଛନ୍ତି । ୨୦୦୧ ମସିହାରେ କାଶୀପୁରରେ ଅନାହାର ମୃତ୍ୟୁ ସାରା ଦେଶକୁ ଆନ୍ଦୋଳିତ କରିଥିଲା । ସେତେବେଳେ ସରକାରୀ ଗୋଦାମରେ ଲକ୍ଷ ଲକ୍ଷ ଟନ୍ ଖାଦ୍ୟ ଶସ୍ୟ ଗଚ୍ଛିତ ଥିଲାବେଳେ ଏ ଅନାହର ମୃତ୍ୟୁ କାହିଁକି ବୋଲି ପ୍ରଶ୍ନ ଉଠିଥିଲା ? ଏ ବର୍ଷ ଭଳି ପ୍ରତିବର୍ଷ ମୃତ୍ୟୁ ଲାଗି ରହିଛି । କେଉଁ କେଉଁ ବର୍ଷ ବିଭିନ୍ନ ରାଜନୈତିକ କାରଣ ଓ ଗଣମାଧ୍ୟମର ଆଗ୍ରହ ଫଳରେ ଏସବୁ ମୃତ୍ୟୁ ଲୋକ ଲୋଚନକୁ ଆସୁଛି । କେଉଁ କେଉଁ ବର୍ଷ କେ.ବି.କେ. ଜିଲ୍ଲାର ଅନ୍ୟ ଅଞ୍ଚଳରେ ଏଇଭଳି ମୃତ୍ୟୁର ସମ୍ବାଦ ପ୍ରକାଶିତ ହୋଇଛି । ସବୁଆଡେ ଗୋଟାଏ କାରଣ ଦର୍ଶାଯାଇଛି । ଅଖାଦ୍ୟ ଖାଇବା ଓ ଦୂଷିତ ଜଳ ପିଇବା ଭଳି କାରଣକୁ ପ୍ରାଧାନ୍ୟ ଦିଆଯାଇଛି ।

ବିଗତବର୍ଷମାନଙ୍କରେ ଦେଖାଯାଇଛି ଯେ ଏଭଳି ମୃତ୍ୟୁ ବା ମହାମାରୀ ଲାଗିରହିଲେ ବିଭିନ୍ନ ସରକାରୀ ବିଭାଗମାନେ ଅତି ତତ୍‌ପରତାର ସହ ଦୋଷ ଅନ୍ୟ ଉପରେ ଲଦି ଦିଅନ୍ତି । ସ୍ୱାସ୍ଥ୍ୟ ବିଭାଗ କହେ ଯେ, ସେମାନେ ଠିକ୍ କାମ କରୁଛନ୍ତି । ପିଇବା ପାଣି ଠିକ୍ ମିଳୁ ନଥିବାରୁ ରୋଗବେମାରୀ ବ୍ୟାପୁଛି । ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ କହେ ଯେ, ନଳକୂପ ଗୁଡିକ ଠିକ୍ ଚାଲୁଛି । ବିଶୁଦ୍ଧ ପିଇବା ପାଣିର କୌଣସି ଅଭାବ ନାହିଁ । ଗାଁରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଚାଉଳ ବା ଅଙ୍ଗନବାଡ଼ି ଖାଦ୍ୟ ପହଞ୍ଚୁ ନାହିଁ । ତେଣୁ ଲୋକେ ଅଖାଦ୍ୟ ଖାଉଛନ୍ତି । ସାଧାରଣବଣ୍ଟନ ବ୍ୟବସ୍ଥା ଠିକ୍ ଚାଲୁଥିଲେ ମଧ୍ୟ ଚାଉଳ କିଣିବା ପାଇଁ ଲୋକମାନଙ୍କ ପାଖରେ ପଇସା ନାହିଁ । ବ୍ଲକ୍ କର୍ତ୍ତୃପକ୍ଷ କୁହନ୍ତି ଯେ, ଶ୍ରମଦିବସ ସୃଷ୍ଟି କରାଯାଇଛି ଓ ଲୋକଙ୍କୁ କାମଧନ୍ଦା ମିଳୁଛି ବର୍ଷାଦିନରେ । ମୃତ୍ୟୁର କାରଣ ଲୋକେ ଦୂଷିତ ଓ ଅଖାଦ୍ୟ ଖାଉଛନ୍ତି । ଆମ୍ବଟାକୁଆ ଓ ମାଣ୍ଡିଆ ଜାଉରେ ରୋଗଜୀବାଣୁ ଭରି ଥାଆନ୍ତି । ପଚାସଢ଼ା ମାଂସ ଖାଇବା ଦ୍ୱାରା ମଧ୍ୟ ରୋଗବେମାରୀ ବଢ଼ିଥାଏ । ତେଣୁ ବର୍ଷାଦିନରେ ଝାଡ଼ାବାନ୍ତି ଓ ମୃତ୍ୟୁର କାରଣ ଅନ୍ୟକିଛି । କିଛିଦିନ ପାଇଁ ପ୍ରଶାସନ ଓ ରାଜନୈତିକଦଳମାନେ

Digitized by srujanika@gmail.com

ଖୁବ୍ ସକ୍ରିୟ ହୋଇପଡନ୍ତି, କିନ୍ତୁ ତା'ପରେ ସବୁ ଚୁପ୍‌ଚାପ୍ । ପ୍ରତିବର୍ଷ ବିଶେଷଜ୍ଞ ଦଳମାନେ ଆସନ୍ତି ଓ ଅନୁସନ୍ଧାନ କରି ରିପୋର୍ଟ ଦିଅନ୍ତି ମୃତ୍ୟୁର କାରଣକୁ ବିଶ୍ଳେଷଣ କରି । ଏ ଲେଖକ ଅନୁଭବ କରୁଛି ଯେ, ଏଇଭଳି ଏକ ପ୍ରକ୍ରିୟା ସବୁବର୍ଷ ଲାଗି ରହିଛି; କିନ୍ତୁ ଏକ ଦୀର୍ଘ ମିଆଦୀ କାର୍ଯ୍ୟକ୍ରମ ହାତକୁ ନେଇ ମୃତ୍ୟୁ ଓ ରୋଗ ବେମାରୀକୁ ହ୍ରାସ କରିବାକୁ କେହି ପଦକ୍ଷେପ ନେଇ ନାହାଁନ୍ତି ।

କାଶୀପୁର ଭଳି କୋରାପୁଟ ଜିଲ୍ଲାର ଦଶମନ୍ତପୁର ଓ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ଆଦି ବ୍ଲକ୍‌ରେ ଏଇଭଳି ମୃତ୍ୟୁ ଲାଗି ରହିଥିବାରୁ ୧୯୯୩ ମସିହାରେ ୟୁନିସେଫ୍ ସହାୟତାରେ ଏକ ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହାର ମୂଳ ଉପାଦାନ ଥିଲା ପ୍ରତ୍ୟେକ ଗାଁରେ 'କୁଟୁମ୍ବ ପାଣ୍ଠି' ବା ସାମୂହିକ ଶସ୍ୟ ପାଣ୍ଠି ଗଢ଼ିବା, ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା । ଗାଁରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ଆଦି । ଏହା ଫଳରେ ଦୁର୍ଗମ ଅଞ୍ଚଳରେ 'କୁଟୁମ୍ବ ପାଣ୍ଠି' ସବୁ ଗଢ଼ି ଉଠିଥିଲା । ବର୍ଷାମାସରେ ଖାଦ୍ୟାଭାବ ଦେଖାଦେଲେ ଗ୍ରାମବାସୀ ଏ କୁଟୁମ୍ବ ପାଣ୍ଠିରୁ ଖାଦ୍ୟ ଶସ୍ୟ ଋଣ ଆକାରରେ ନେବେ ଓ ଫସଲ ଆଦାୟ ହେଲେ ସୁଧ ସହ ଫେରସ୍ତ ଦେବେ । ଏହା କାଶୀପୁରର ସବୁଗାଁରେ ବିଶେଷ କରି ଆଦିବାସୀ ଗାଁମାନଙ୍କରେ ବେଶ୍ ସଫଳତା ହାସଲ କରିଥିଲା । କିନ୍ତୁ ଯେଉଁ ଗାଁମାନଙ୍କରେ ସାହୁକାର, ମହାଜନମାନଙ୍କର ପ୍ରଭାବ ଅଛି, ସେ ଗାଁଗୁଡିକରେ କୁଟୁମ୍ବ ପାଣ୍ଠି ବେଶି ଦିନ ତିଷ୍ଠି ପାରିନଥିଲା । କାରଣ 'କୁଟୁମ୍ବ ପାଣ୍ଠି' ସଫଳ ହେଲେ ସାହୁକାରମାନଙ୍କର ମହାଜନୀ କାରବାର କମିଯିବ । ଏକଥା ସାହୁକାର ଜାଣି ପାରିଥିଲା ଓ ବିଭିନ୍ନ ଗାଁରେ କୁଟୁମ୍ବପାଣ୍ଠି କେମିତି ଭାଙ୍ଗିଯାଉ ସେଥିପାଇଁ ଚକ୍ରାନ୍ତ କରିଥିଲା । ୟୁନିସେଫ୍‌ର ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମର ସିଂହଭାଗ ସରକାରଙ୍କ ସହଯୋଗରେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଏଥିରେ ସଫଳତା ହାସଲ ପାଇଁ ଜଣେ ପଦସ୍ଥ ଆଇ.ଏ.ଏସ୍. ଅଫିସର ଡେ଼ପୁଟେସନ୍‌ରେ ୟୁନିସେଫ୍‌ରେ ଯୋଗ ଦେଇଥିଲେ । କିନ୍ତୁ ଦୁଃଖର କଥା ଯେ, ସରକାରଙ୍କ ସହଯୋଗ ବା ଅନୁଦାନ ଏ କାର୍ଯ୍ୟକ୍ରମ ପ୍ରତି ପଇସାଟିଏ ବି ନଥିଲା । ତେଣୁ ୟୁନିସେଫ୍‌ର ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମ ଅଗ୍ରଗାମୀ ଭଳି ସ୍ୱେଚ୍ଛାସେବୀ ସଂଗଠନ ଭିତରେ ସୀମିତ ରହିଥିଲା ଓ ଏହାର ସମୟ ସୀମା ଥିବାରୁ ପାଞ୍ଚବର୍ଷ ଭିତରେ ଶେଷ ହୋଇଗଲା । ୟୁନିସେଫ୍ ଓ ସ୍ୱେଚ୍ଛାସେବୀ ସଂଗଠନଙ୍କ ମିଳିତ ଉଦ୍ୟମ ଗୋଟାଏ ପ୍ରକାରର ନୈରାଶ୍ୟରେ ଶେଷ ହେଲା ।

ନବେଦଶକରେ ଏଇ ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମର ଅନ୍ୟ ଏକ ଉଜ୍ଜ୍ୱଳ ଦିଗ ଥିଲା ତୃଣମୂଳ ସ୍ତରରେ ସମନ୍ୱୟ । ରାୟଗଡ଼ା ଓ କୋରାପୁଟ ଜିଲ୍ଲାମାନଙ୍କରେ ଗ୍ରାମ ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ସରକାରୀ, ବେସରକାରୀ ସଂସ୍ଥାର କର୍ମକର୍ତ୍ତା, ପଞ୍ଚାୟତ ସ୍ତରୀୟ କର୍ମୀମାନଙ୍କୁ ନେଇ ଏକ ନେଟ୍‌ୱାର୍କ ସୃଷ୍ଟି କରାଯାଇଥିଲା । ଏହି ସମନ୍ୱୟ ନେଟ୍‌ୱାର୍କ ପ୍ରତିଗାଁରୁ ଖବର

Digitized by srujanika@gmail.com

ଆଣି ବ୍ଲକ୍‌ରେ ପହଞ୍ଚାଉଥିଲା । ବ୍ଲକ୍‌ରୁ ତାହା ଜିଲ୍ଲାପାଳଙ୍କ କଣ୍ଟ୍ରୋଲରୁମ୍‌କୁ ପଠାଯାଉଥିଲା । ଅର୍ଥାତ୍ କେଉଁ ଗାଁରେ କ'ଣ ରୋଗ ବେମାରୀ ଲାଗିଛି ଓ କ'ଣ ସବୁ ଅସୁବିଧା ହେଉଛି, ଏ ନେଟ୍‌ୱାର୍କ ଜରିଆରେ ଜିଲ୍ଲାପାଳ କେତେ ଘଣ୍ଟା ଭିତରେ ଖବର ସବୁ ଜାଣିପାରୁଥିଲେ । ମେଡ଼ିକାଲ୍ ଟିମ୍ ସେ ଗାଁରେ ପହଞ୍ଚୁଥିଲା । ସ୍ୱେଚ୍ଛାସେବୀ ଦଳ ପହଞ୍ଚୁଥିଲେ । ତୁରନ୍ତ ସବୁପ୍ରକାର ସେବା ଯୋଗାଇ ଦିଆଯାଉଥିଲା । ରୋଗୀଙ୍କୁ ହସ୍‌ପିଟାଲ୍‌କୁ ନେବାକୁ ଆବଶ୍ୟକ ହେଉଥିଲେ ଯାନାବାହନର ବ୍ୟବସ୍ଥା କରାଯାଉଥିଲା । ଏ ଢ଼ାଞ୍ଚାରେ ଗାଁର ଅଙ୍ଗନବାଡ଼ି ୱାର୍କର, ଗାଁ ଶିକ୍ଷକ, ଗାଁ ୱାର୍ଡ଼ମେମ୍ବର, ସ୍ୱେଚ୍ଛାସେବୀ ସଂଗଠନର କର୍ମୀ, ରେଭେନ୍ୟୁ ଇନ୍‌ସପେକ୍ଟର ସବୁ ସକ୍ରିୟ ସଦସ୍ୟ ଥିଲେ । ବ୍ଲକ୍ ସ୍ତରରେ ତଥା ଜିଲ୍ଲା ସ୍ତରରେ ଏଇ ଭଳି ସମନ୍ୱୟ କମିଟି ମାନ ଗଢ଼ା ଯାଇଥିଲା ଓ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ପରିଚାଳନା କରାଯାଉଥିଲା । କୋରାପୁଟର ତତ୍‌କାଳୀନ ଜିଲ୍ଲାପାଳ ଏହାର ସକ୍ରିୟ ସମର୍ଥନ କରିଥିଲେ ଓ ପ୍ରତ୍ୟେକ ବ୍ଲକ୍‌ରେ ତାହା କାର୍ଯ୍ୟକାରୀ ହୋଇଥିଲା । ରାୟଗଡ଼ା ଜିଲ୍ଲାର ଜିଲ୍ଲାପାଳ ଯଦିଓ ନୀତିଗତ ଭାବେ ଏହାକୁ ସମର୍ଥନ କରିଥିଲେ କିନ୍ତୁ ତାହାକୁ କାର୍ଯ୍ୟକାରୀ କରିବାରେ ସେତେଟା ଆଗ୍ରହ ପ୍ରକାଶ କରିନଥିଲେ । ଏଥିପାଇଁ ରାୟଗଡ଼ା ଜିଲ୍ଲା ପଛରେ ପଡ଼ିଥିଲା ।

ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମର ଅନ୍ୟ ଏକ ବଳିଷ୍ଠ ଅଙ୍ଗ ଥିଲା ମୃତ୍ୟୁ ପ୍ରବଣ ଗ୍ରାମମାନଙ୍କୁ ଚିହ୍ନଟ କରିବା । ଏହାକୁ 'ହାଇ ରିସ୍କ' (High Risk) ଗ୍ରାମ ବୋଲି ନାମିତ କରାଯାଇଥିଲା । ଅର୍ଥାତ୍ ଯେଉଁ ଗ୍ରାମଗୁଡ଼ିକରେ ରୋଗ ବେମାରୀ ବା ମୃତ୍ୟୁର ଆଶଙ୍କା କରାଯାଉଛି, ସେଥିପ୍ରତି ସତର୍କ ଦୃଷ୍ଟି ରଖିବା ଓ ବିଶେଷ କାର୍ଯ୍ୟକ୍ରମ ହାତକୁ ନେବା । ବର୍ଷା ପୂର୍ବରୁ ଏଇ ସମ୍ବେଦନଶୀଳ ଗ୍ରାମଗୁଡ଼ିକୁ ସମନ୍ୱୟ କମିଟି ଯାଇ ଲକ୍ଷ୍ୟ କରୁଥିଲା ଓ ସବୁପ୍ରକାର ପ୍ରାରମ୍ଭିକ ପ୍ରସ୍ତୁତି କରୁଥିଲା । ମୂଳ ଲକ୍ଷ୍ୟ ଥିଲା ଯେ ଏ ଗାଁଗୁଡ଼ିକରେ ଯେମିତି ମୃତ୍ୟୁ ନହୁଏ । ଏବେ କାଶୀପୁରରେ ଅନେକ କିଛି ବଦଳି ଯାଇଛି । ଅଗ୍ରଗାମୀ ଭଳି ସ୍ୱେଚ୍ଛାସେବୀ ସଂଗଠନକୁ ଜିଲ୍ଲା ତଥା ରାଜ୍ୟ ପ୍ରଶାସନ ଏତେଟା ଗୁରୁତ୍ୱ ଦେଇ ନାହିଁ ବା କୌଣସି କାର୍ଯ୍ୟକ୍ରମରେ ସହଭାଗିତାକୁ ସ୍ୱାଗତ କରୁନାହିଁ । ଏବେ ଜିଲ୍ଲା ପ୍ରଶାସନର ଆଭିମୁଖ୍ୟ ହେଉଛି ମାଇନିଂ ଓ ଶିଳ୍ପ ବିକାଶ । ସାଧାରଣ ଆଦିବାସୀ ଓ ଗରିବଙ୍କ ବିକାଶ ଓ ପ୍ରଗତି ପାଇଁ କି ପଦକ୍ଷେପ ନିଆଯିବା ଆବଶ୍ୟକ, ତାହା ପ୍ରଶାସନିକ ସ୍ତରରେ ଯଥେଷ୍ଟ ବିଶ୍ଳେଷଣ କରାଯାଉ ନାହିଁ । ସରକାର, ପଞ୍ଚାୟତିରାଜ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନଙ୍କ ସାମୂହିକ ଉଦ୍ୟମରେ କିପରି ଏ ଅକାଳମୃତ୍ୟୁକୁ ରୋକାଯାଇ ପାରିବ ଆଲୋଚନା ବା ବିଚାର ବିମର୍ଷ ହେଉନାହିଁ । "ହାଇ ରିସ୍କ" ଗାଁ ମାନଙ୍କୁ ଚିହ୍ନଟ କରାଯିବା ପ୍ରକ୍ରିୟା ଏବେ ଚାଲିଛି କି ନାହିଁ ତାହା ଏ ଲେଖକଙ୍କୁ ଜଣାନାହିଁ ।

Digitized by srujanika@gmail.com

କାଶୀପୁରରେ କର୍ପୋରେଟ୍ ମାନଙ୍କର ରାଜତ୍ୱ ଚାଲିବା ଆରମ୍ଭ ହୋଇଛି । ୨୦୦୧ ମସିହାରେ ଅନାହାର ମୃତ୍ୟୁରେ ଏ କର୍ପୋରେଟ୍‌ମାନେ କହିବା ଆରମ୍ଭ କରିଥିଲେ ଯେ, ସରକାର ଓ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନମାନେ କାଶୀପୁରର ବିକାଶ କରିବାରେ ବିଫଳ ହୋଇଛନ୍ତି । ଏବେ ସେମାନେ ସ୍ଥାନୀୟ ବିକାଶ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ । ଅର୍ଥାତ୍ ସରକାର ଓ ସ୍ୱେଚ୍ଛାସେବୀ ସଂଗଠନମାନେ ଓହରି ଯାଆନ୍ତୁ । ସେମାନେ ବିକାଶରଥରେ ସାରଥୀ ହେବେ । କେଉଁଠି ସ୍ୱାସ୍ଥ୍ୟ ସେବା ନାଁରେ ମାଗଣା ଔଷଧ ବାଣ୍ଟିବା, କେଉଁଠି କୃଷି ବିକାଶ ନାମରେ ବିହନ ବାଣ୍ଟିବା ଆଦି ଅଳ୍ପ କିଛି କାର୍ଯ୍ୟ କରି ଖୁବ୍ ସୁନ୍ଦର ରିପୋର୍ଟ ଛାପୁଛନ୍ତି । ସରକାର ବାହାଦୂର ମଧ୍ୟ ଏଇଭଳି ମିଛ ପ୍ରଚାରରେ ଖୁବ ସହଜରେ ପ୍ରତାରିତ ହେଉଛନ୍ତି । ସବୁକ୍ଷେତ୍ରରେ ସରକାରୀ ସେବା କମିଯାଇଛି କାଶୀପୁରରେ । ଡାକ୍ତରଖାନାରେ ଡାକ୍ତର ନାହାଁନ୍ତି । ସ୍କୁଲରେ ଶିକ୍ଷକ ନାହାଁନ୍ତି । ବ୍ଲକ୍ କର୍ମୀମାନେ ରୋଜଗାର ଗ୍ୟାରେଣ୍ଟି କାର୍ଯ୍ୟକ୍ରମରେ ଏପରି ମାତିଛନ୍ତି ଯେ ଅନ୍ୟ ଦିଗକୁ ଦେଖାନାହିଁ । ପଞ୍ଚାୟତର ସରପଞ୍ଚମାନେ ଗାଁକୁ ନଯାଇ ବ୍ଲକ୍ ଅଫିସ ପିଣ୍ଡାରେ ହାଉଯାଉ ହେଉଛନ୍ତି । କହିବାକୁ ହେଲେ ଗାଁକୁ ପ୍ରାୟ କେହି ଯାଉନାହାଁନ୍ତି । କାହାକୁ ଦୋଷ ଦେବାକୁ ହେବ ଏଥିପାଇଁ? ମାଇକଞ୍ଚ ପଞ୍ଚାୟତର ଝିରିଖୋଲ ଗାଁ କଥା ବିଚାରକୁ ନିଆଯାଉ । ଏ ଗାଁରେ ଷାଠିଏରୁ ଊର୍ଦ୍ଧ୍ୱ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି ଏବଂ ବର୍ତ୍ତମାନ ସୁଦ୍ଧା ୭ଜଣ ପ୍ରାଣ ହରାଇଛନ୍ତି । ସରକାରୀ ସ୍ତରରେ ଏ ଗାଁକୁ ଯେଉଁଭଳି ସାହାଯ୍ୟ ଦେବା କଥା ଓ ଯେଉଁଭଳି ଗୁରୁତ୍ୱ ଓ ସମ୍ବେଦନଶୀଳତାର ସହ ପହଞ୍ଚିବା କଥା ତାହା ଏଯାବତ୍ ସମ୍ଭବ ହୋଇନାହିଁ । ଗ୍ରାମବାସୀ ଚିକିତ୍ସା ସୁବିଧା, ନିଶ୍ଚିତ କର୍ମ ଯୋଜନା ଓ ଅନ୍ୟାନ୍ୟ ସେବା ଅପେକ୍ଷାରେ ଅଛନ୍ତି ।

ଏବେ ଶହେରୁ ଊର୍ଦ୍ଧ୍ୱ ଲୋକ କାଶୀପୁରରେ ମରିସାରିଲେଣି । ଯେଉଁ ଗ୍ରାମଗୁଡ଼ିକ ମାଇନିଂ ଦ୍ୱାରା ପ୍ରଭାବିତ ସେ ଅଞ୍ଚଳରେ ମୃତ୍ୟୁ ସଂଖ୍ୟା ଅଧିକ ବୋଲି ବିଶ୍ଳେଷଣରୁ ଜଣା ପଡିଛି । କର୍ପୋରେଟ୍‌ମାନଙ୍କର ସାମାଜିକ ଦାୟିତ୍ୱ କ'ଣ ଭବିଷ୍ୟତରେ ହେବ ଏବେ ତାହାର ପ୍ରାରମ୍ଭିକ ସୂଚନା ମିଳି ସାରିଛି ।

ବର୍ତ୍ତମାନ ଆହ୍ୱାନ ଆସିଛି ଯେ, ଏ ବର୍ଷ ହେଉ କି ଆସନ୍ତାବର୍ଷମାନଙ୍କରେ ହେଉ, କେହି ଯେମିତି ଅନାହାରରେ, ଅଖାଦ୍ୟ ଓ ଝାଡ଼ାବାନ୍ତି ଭଳି ମହାମାରୀରେ ମରିବେ ନାହିଁ । ଏହାକୁ ସମ୍ଭବ କରିବା ପାଇଁ ସବୁପ୍ରକାର ବାସ୍ତବ ଓ ମିଳିତ ଉଦ୍ୟମ କରିବା ଛଡ଼ା ଅନ୍ୟ ବାଟ ନାହିଁ ।

□□□

Digitized by srujanika@gmail.com

ପୁନଶ୍ଚ କାଶୀପୁର : ମୃତ୍ୟୁ ରୋକିବାକୁ ହେବ

କାଶୀପୁରର ମହାମାରୀ ମୃତ୍ୟୁ ବିଷୟରେ କେତେକ ସ୍ପଷ୍ଟ କଥା କହିବାର ସମୟ ଆସିଛି । ଯେଉଁଭଳି ମହାମାରୀ ଗାଁରୁ ଅନ୍ୟ ଗାଁକୁ, ବ୍ଲକ୍‌ରୁ ପାଖ ବ୍ଲକ୍‌କୁ ଓ ଜିଲ୍ଲାରୁ ଅନ୍ୟଏକ ଜିଲ୍ଲାକୁ ବ୍ୟାପୁଛି, ଏହା ଇତିହାସରେ ନଅଙ୍କ ଦୁର୍ଭିକ୍ଷ, ବେଙ୍ଗଲ ଓ ବିହାରର ଦୁର୍ଭିକ୍ଷ ଭଳି ଏକ କଳଙ୍କିତ ଅଧ୍ୟ ହିସାବରେ ଲିପିବଦ୍ଧ ହେବ । ପୂର୍ବ ବର୍ଷମାନଙ୍କରେ ଏ ଅଞ୍ଚଳରେ ଅନାହାର ମୃତ୍ୟୁ ଏକ କଳଙ୍କିତ ଓ କଳୁଷିତ ଅଧ୍ୟାୟ ହିସାବରେ ଇତିହାସରେ ସ୍ଥାନ ପାଇ ସାରିଲାଣି । ସବ୍-ସାହାରା ଆଫ୍ରିକା ଅଞ୍ଚଳର ନିରାଶଜନକ ପରିସ୍ଥିତି ଏଠାରେ ଉପସ୍ଥିତ ହୋଇସାରିଛି । ଅନୁଧାନରୁ ଜଣା ପଡିଛି ଯେ ବ୍ରିଟିଶ ଶାସନରେ ଲର୍ଡ଼ ଲିଟନ୍‌ଙ୍କ ସମୟରେ ୧୮୭୬ ମସିହାରେ ଭାରତରୁ ଅତି ଅନ୍ୟାୟ ଓ ଅମାନବୀୟ ଭାବେ ଖାଦ୍ୟଶସ୍ୟ ବ୍ରିଟିଶ ସାମ୍ରାଜ୍ୟକୁ ରପ୍ତାନୀ କରାଯାଇଥିଲା ଓ ଭାରତୀୟମାନଙ୍କୁ ଲକ୍ଷ ଲକ୍ଷ ସଂଖ୍ୟାର ମରିବାକୁ ବାଧ କରାଯାଇଥିଲା । ଏହିପରି ପଦକ୍ଷେପ ନିଆଯାଇଥିଲା ବେଶ୍ ସଚେତନତାର ସହ । କୃତ୍ରିମ ଖାଦ୍ୟାଭାବ ସୃଷ୍ଟି କରାଯାଇଥିଲା । ସେ ସମୟରେ ପ୍ରଶାସନ ଚାହୁଁଥିଲେ କିଛି ଲୋକ ଏଇଭଳି ମରିଯିବାଟା ବ୍ରିଟିଶ ସାମ୍ରାଜ୍ୟ ପ୍ରତି ଲାଭଜନକ । ଆଜିର ପରିସ୍ଥିତିରେ ସବୁପ୍ରକାର ସେବା ଓ ସୁବିଧା ଉପଲବ୍ଧ ହେଉଥିବା ବେଳେ କିଛି ଲୋକଙ୍କୁ ମରିବାକୁ ଦିଆଯିବାଟା ଉପନିବେଶବାଦୀ ଚିନ୍ତାଧାରା ନୁହେଁତ ଆଉ କ'ଣ ? ଯେକୌଣସି ରାଜନୈତିକ ଦଳ ଶାସନରେ ରହନ୍ତୁ ନା କାହିଁକି ଏଇ ମାନସିକତା ଦୃଢ଼ଭାବେ ପ୍ରତିଷ୍ଠିତ ହୋଇଛି । ଆଦିବାସୀ ଓ ଅବହେଳିତ ଅଞ୍ଚଳରେ ବିକାଶ ପ୍ରକ୍ରିୟାକୁ ଲକ୍ଷ୍ୟକଲେ ଅଶୀଦଶକରେ ଓଡ଼ିଶାର କଂଗ୍ରେସ ସରକାର ଓ ବର୍ତ୍ତମାନ ଏକବିଂଶ ଶତାବ୍ଦୀର ଆରମ୍ଭରେ ଶାସନଗାଦିରେ ବସିଥିବା ବିଜେଡ଼ି-ବିଜେପି ସରକାରଙ୍କ ଭିତରେ କିଛି ପ୍ରଭେଦ ନାହିଁ ବୋଲି ସହଜରେ ଅନୁଭବ କରିହେବ । ଶାସକ ବର୍ଗଙ୍କ ଭିତରେ ଏକ ଶ୍ରେଣୀ ସଚେତନତା ଦୃଢୀଭୂତ ହୋଇଛି । ଏମାନେ ଆଦିବାସୀ ଓ ସାଧାରଣ ଲୋକଙ୍କ ଭାଷା କହିବେ ନାହିଁ ଓ ସେମାନଙ୍କୁ ଅଛୁଆଁ ଓ ଅନୁନ୍ନତ ବୋଲି ମନେ କରୁଥିବେ । ଆଦିବାସୀ ଓ ଦଳିତମାନେ ଗନ୍ଧାଉଛନ୍ତି ବୋଲି ପାଖରେ

Digitized by srujanika@gmail.com

ବସିବାକୁ ଦେବେ ନାହିଁ । ନହେଲେ ମରଣର ଦ୍ୱାର ଦେଶରେ ପହଞ୍ଚିଥିବା ଲୋକଙ୍କ ପାଖକୁ ଯିବାକୁ ଏତେ କୁଣ୍ଠାବୋଧ କାହିଁକି ? ଜଣେ ମୁଖ୍ୟମନ୍ତ୍ରୀ କାଶୀପୁର ଆସିବେ ଅଥଚ ସବୁଠାରୁ ପ୍ରଭାବିତ ଗାଁର ଦୁଃଖକ୍ଲିଷ୍ଟ ଓ ରୋଗଗ୍ରସ୍ତ ମଣିଷମାନଙ୍କୁ କାହିଁକି ଭେଟିବେ ନାହିଁ ? କାହିଁକି ?

କାଶୀପୁର ଅଞ୍ଚଳର ପରିସ୍ଥିତି କାହିଁକି ଏପରି ବିପର୍ଯ୍ୟସ୍ତ ସ୍ତରରେ ପହଞ୍ଚିଛି ତାହା ବୁଝିବାକୁ ହେଲେ ଆମକୁ ଗତ ୩୦-୪୦ ବର୍ଷର ଇତିହାସକୁ ବୁଝିବାକୁ ହେବ । ଲୋକମାନେ ବିଭିନ୍ନ କାରଣରୁ ପ୍ରତିବର୍ଷ ମରିବାରେ ଲାଗିଛନ୍ତି । କେଉଁ ବର୍ଷ ଝାଡ଼ାବାନ୍ତିରେ ତ କେଉଁବର୍ଷ ଅଖାଦ୍ୟ ଖାଇବାରେ ମୃତ୍ୟୁ ହୋଇଛି । କେଉଁବର୍ଷ ଅନାହାରରେ ମୃତ୍ୟୁ ହୋଇଛି ତ କେଉଁ ବର୍ଷ ମହାମାରୀରେ ମୃତ୍ୟୁ ହୋଇଛି । ଆମ୍ବଟାକୁଆ, ତେନ୍ତୁଳି ମଞ୍ଜି ଓ ଅନ୍ୟାନ୍ୟ ଅଖାଦ୍ୟ ଖାଇବା ଆଦିବାସୀଙ୍କ ଅଭ୍ୟାସ ହୋଇଯାଇଛି । ବର୍ଷାଦିନରେ ମୃତ୍ୟୁ ଏକ ଚିରାଚରିତ ଘଟଣା ବୋଲି ପ୍ରମାଣିତ ହୋଇଛି । ମୃତ୍ୟୁର କାରଣ ବୁଝିବାକୁ ହେଲେ ମଧ୍ୟ ଏ ଅଞ୍ଚଳରେ ବିକାଶ ପାଇଁ ଚାଲିଥିବା ବିଭିନ୍ନ ଯୋଜନା ଓ ତାହାର ଉପାଦେୟତାକୁ ବିଶେଷଭାବେ ବିଶ୍ଳେଷଣ କରିବାର ଅଛି । ଅନେକ ବର୍ଷରୁ ଆଇ.ଟି.ଡ଼ି.ଏ ଓ ଡି.ଆର.ଡି.ଏ ଆଦି ସରକାରୀ ସଂସ୍ଥାମାନେ ବ୍ଲକ୍ ଓ ପଞ୍ଚାୟତ ଆଦି ଜରିଆରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ରୂପାୟନ କରିବାରେ ଜାରି ରହିଛି । ୧୯୮୭ ମସିହାରେ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବଗାନ୍ଧୀଙ୍କ କାଶୀପୁର ଗସ୍ତପରେ ଆନ୍ତର୍ଜାତିକ କୃଷି ବିକାଶ ପାଣ୍ଠି ବା ଆଇ.ଫା.ଡ୍ (IFAD) ସଂସ୍ଥାରୁ ୬୦କୋଟି ଟଙ୍କାର ଋଣ କାଶୀପୁରର ବିକାଶ ପାଇଁ ଅଣାଯାଇଥିଲା । ଏହାପରେ ୟୁନିସେଫ୍, କେ.ବି.କେ ଯୋଜନା, ବିଜୁ କେ.ବି.କେ ଯୋଜନା, ଜାତୀୟ ଜଳଛାୟା ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ସର୍ବଶିକ୍ଷା ଅଭିଯାନ, ସ୍ୱଜଳଧାରା ଯୋଜନା, ଅନ୍ତ୍ୟୋଦୟ, ଅନ୍ନପୂର୍ଣ୍ଣା ଯୋଜନା ଭଳି ଅସଂଖ୍ୟ ଯୋଜନାରେ ଏ ଅଞ୍ଚଳରେ ଶହଶହ କୋଟି ଟଙ୍କା ବିନିଯୋଗ କରାଯାଇଛି । କିନ୍ତୁ ଏହାର ପ୍ରଭାବରେ ଦାରିଦ୍ର୍ୟ କମିଛି କି ନାହିଁ ତାହାର ବର୍ତ୍ତମାନ ପରିସ୍ଥିତିରୁ ସ୍ପଷ୍ଟ ଜଣାଯାଉଛି । ଏହାର ଅର୍ଥ କ'ଣ ? ଏତେ ଟଙ୍କା କୁଆଡେ ଗଲା ? ଯଦି ଅବସ୍ଥାର ପରିବର୍ତ୍ତନ ହେଲା ନାହିଁ, ତେବେ ଏହା ଏକ ବ୍ୟବସ୍ଥାଗତ ବିଫଳତା ନୁହେଁ କି ? ସରକାର କିଛି କରୁନାହାନ୍ତି ଓ ଭବିଷ୍ୟତରେ କରିପାରିବେ ନାହିଁ । ବର୍ତ୍ତମାନର ପ୍ରଶାସନ ଓ ଭବିଷ୍ୟତର ପ୍ରଶାସନ କେବେହେଲେ ଏ ମୃତ୍ୟୁର ବିଭୀଷିକାକୁ ହଟାଇ ପାରିବ ନାହିଁ ମୁଁ ନିଶ୍ଚିତ ଭାବେ କହିପାରେ । ଆମର ପ୍ରଶାସନିକ ଓ ରାଜନୈତିକ ବ୍ୟବସ୍ଥା ଏତେ କଳୁଷିତ, ଅକର୍ମଣ୍ୟ ଓ ନିଷ୍କ୍ରିୟ ହୋଇଯାଇଛି ଯେ ଆଶାର ଆଲୋକ ବର୍ତ୍ତିକା ଲିଭିଯାଇଛି ଲୋକଙ୍କ ପାଇଁ । ଏ ଅଞ୍ଚଳରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ସରକାର ହୀନ ଦୃଷ୍ଟିରେ ଦେଖୁଛନ୍ତି । ଅଗ୍ରଗାମୀ ଭଳି ସଂସ୍ଥା ଯେଉଁମାନେ ମାନବାଧିକାର ଓ ପୁନର୍ଗଠନ କାର୍ଯ୍ୟକ୍ରମ ପାଇଁ ନିୟୋଜିତ

Digitized by srujanika@gmail.com

ଅଛନ୍ତି, ସେମାନଙ୍କ ଉପରେ ସମସ୍ତପ୍ରକାର ବିଷ ଦୃଷ୍ଟି ପଡିଛି ପ୍ରଶାସନର । ସ୍ୱେଚ୍ଛାସେବୀମାନେ ମୁହଁ ନଖୋଲି ବଶ୍ୟତା ସ୍ୱୀକାର କରନ୍ତୁ ଓ ସରକାରଙ୍କ ଅଧୀନସ୍ଥ ହୁଅନ୍ତୁ ବୋଲି କ୍ଷମତାରତ ବାଞ୍ଛା ସବୁବେଳେ ରହିଛି । ଏ ଅଞ୍ଚଳରେ ଦୁର୍ବଳ ନାଗରିକ ସମାଜ ଓ ସ୍ୱେଚ୍ଛାସେବୀ ସଂଗଠନ, ମୃତ୍ୟୁର ଅନ୍ୟ ଏକ କାରଣ ବୋଲି ସ୍ୱୀକାର କରିବାକୁ ହେବ ।

ଏବେ ତୃଣମୂଳ ପ୍ରଶାସନିକ ବ୍ୟବସ୍ଥା, ସ୍ୱାୟତ୍ତ ଶାସନ ଓ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆଲୋଚନା କରିବା । ଏ ଲେଖକ ପଞ୍ଚାୟତିରାଜ ବ୍ୟବସ୍ଥାରେ ପ୍ରଚଣ୍ଡ ବିଶ୍ୱାସ ରଖି ଆସିଛି ଓ ପ୍ରତ୍ୟେକ ଗାଁରେ ଗ୍ରାମବସୀ ଯେ ସରକାର ତାହା କାୟ ମନବାକ୍ୟରେ ପାଳନ କରି ଆସିଛି । କିନ୍ତୁ ବର୍ତ୍ତମାନ ଯେଉଁ ବାତାବରଣ ଲାଗି ରହିଛି, ସେଥିରେ ପଞ୍ଚାୟତ ଲକ୍ଷ୍ୟ ଭ୍ରଷ୍ଟ ହୋଇଛି ବୋଲି ସ୍ପଷ୍ଟ ଅନୁମିତ ହୋଇଛି । ପଞ୍ଚାୟତିରାଜ ବ୍ୟବସ୍ଥାରେ ଶିକ୍ଷା, ପାନୀୟଜଳ, ଖାଦ୍ୟ ବଣ୍ଟନ ବ୍ୟବସ୍ଥା, ରୋଜଗାର ଗ୍ୟାରେଣ୍ଟି କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରାଥମିକତା ହରାଇ ବସିଛି । ପଞ୍ଚାୟତ ପ୍ରଥମେ ଏସବୁ କାର୍ଯ୍ୟ ପରିଚାଳନା କରିବାରେ ସକ୍ଷମ ହୋଇପାରି ନାହିଁ । ୱାର୍ଡ଼ ମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତି ଓ ଜିଲ୍ଲାପରିଷଦର ସଦସ୍ୟମାନଙ୍କ ଭିତରେ ଏଭଳି ଚେତନା ଓ ବୁଝାମଣା ରହୁନାହିଁ ଯେ ସ୍ଥାନୀୟ ସମସ୍ୟା ଗୁଡିକର ସମାଧାନର ଦାୟିତ୍ୱ ସେମାନଙ୍କୁ ନ୍ୟସ୍ତ କରାଯାଇଛି ଓ ସେମାନେ ଉତ୍ତରଦାୟୀ । ଏମାନେ କେବଳ ଠିକାଦାର ଓ ଗାଁ ଟାଉଟରମାନଙ୍କ ଜାଲରେ ପଡ଼ିଯାଇ ଦୁର୍ନୀତି ଗ୍ରସ୍ତ ହୋଇ ପଡିଛନ୍ତି । ନଳକୂପ ମରାମତି ହେଉନାହିଁ, ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନବାଡି କର୍ମୀ ଗ୍ରାମକୁ ଆସୁନାହିଁ, ନିଶ୍ଚିତ କର୍ମଯୋଗାଣ ଯୋଜନା ଠିକ୍ କାର୍ଯ୍ୟକାରୀ ହେଉନାହିଁ, ଶିକ୍ଷକ ସ୍କୁଲରେ ରହୁନାହିଁ । ଅନ୍ନପୂର୍ଣ୍ଣା ଓ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମ ସଠିକ୍ ଚାଲୁନାହିଁ । ପଞ୍ଚାୟତିରାଜ ବ୍ୟବସ୍ଥାର ସମୀକ୍ଷା ହେବାର ଅଛି ଏବେ । ଏବେ ଏ ଅଞ୍ଚଳରେ କର୍ପୋରେଟ୍‌ମାନଙ୍କର ଅସଲ ମୁଖା ଖୋଲି ଯାଇଛି । ଏ ଅଞ୍ଚଳରୁ ଖଣିଜ ଦ୍ରବ୍ୟ ହେଉ ଜଳ, ଜମି ଓ ଜଙ୍ଗଲ ଜାତ ଦ୍ରବ୍ୟ ହେଉ, ସୁଲଭ ଶ୍ରମ ବି ହେଉ, ସବୁ ଲୁଣ୍ଠନ କରିବାରେ ଲାଗିଛନ୍ତି । ଏ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠାନ ଜରିଆରେ ଶହ ଶହ କୋଟି ଲାଭ ଉଠାଉଛନ୍ତି । କିନ୍ତୁ ତାର ପ୍ରତିଦାନରେ ସେ ଦେଉଛନ୍ତି କ'ଣ ? ନାଲ୍‌କୋ ଏ ଅଞ୍ଚଳରୁ ପ୍ରତିବର୍ଷ ପ୍ରାୟ ହଜାର କୋଟି ଲାଭ ଉଠାଉଛି କିନ୍ତୁ ଏ ଅଞ୍ଚଳରେ ସ୍ୱାସ୍ଥ୍ୟ, ପାନୀୟଜଳ, ଶିକ୍ଷା ଆଦି ସର୍ବନିମ୍ନ ସୁବିଧା କେତୋଟି ଗାଁ ବା ପଞ୍ଚାୟତକୁ ଯୋଗାଇ ଦେବାକୁ କାହିଁକି ଅଙ୍ଗୀକାରବଦ୍ଧ ହେଉନାହିଁ ? ଇମଫା, ଜେକେ ପେପର ଆଦି ଶିଳ୍ପ ପ୍ରତିଷ୍ଠାନମାନେ ଏ ପରିସ୍ଥିତି ପ୍ରତି କେତେ ସମ୍ବେଦନଶୀଳ ସେମାନେ ଆତ୍ମ ସମୀକ୍ଷା କଲେ ଜାଣିପାରିବେ । କାଶୀପୁରରେ ଆଲୁମିନା ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଏକଦା ଗୋଟାଏ କର୍ପୋରେଟ୍ ଷୋହଳ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଲାଞ୍ଚ ଦେଇ କାମ ହାସଲ କରିବାର ଅଭିଯୋଗ ଆସିଛି । କିନ୍ତୁ ଲୋକଙ୍କୁ ସାହାଯ୍ୟ କରୁଛି ବୋଲି ବାହାନା କରୁଛି ମାତ୍ର । ଏ ଲେଖକ ଇନ୍‌ଫୋସିସ୍

Digitized by srujanika@gmail.com

ଏବଂ ଉଇପ୍ରୋ ଭଳି ସଂସ୍ଥାମାନଙ୍କୁ ଅନୁରୋଧ କରିଥିଲା ଏବଂ ଆହ୍ୱାନ କରିଥିଲା ଏ ଅଞ୍ଚଳରେ କିଛି ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ । ବିଭିନ୍ନ କାରଣ ଦର୍ଶାଇ ଏ କର୍ପୋରେଟ୍‌ମାନେ ନୀରବ ରହିଛନ୍ତି । କର୍ପୋରେଟ୍ ସାମାଜିକ ଦାୟିତ୍ୱ ସ୍ଲୋଗାନରେ ହିଁ ରହିଛି ।

ସ୍ଥାନୀୟ ଆଦିବାସୀ ସମାଜ ମଧ୍ୟ କେତେକାଂଶରେ ଦାୟୀ ଏ ପରିସ୍ଥିତି ପାଇଁ । ଯେତେ ଶିକ୍ଷା ଓ ସଚେତନତା ସୃଷ୍ଟି କଲେ ମଧ୍ୟ ସେମାନେ ସବୁ ନଜାଣିଲା ଭଳି ରହୁଛନ୍ତି । ନୀରବର ସଂସ୍କୃତି ଭିତରେ ସେମାନେ ବୁଡ଼ି ରହୁଛନ୍ତି । ମଦନିଶାରେ ନିଜକୁ ବୁଡ଼ାଇ ରଖିଛନ୍ତି । ପ୍ରାକୃତିକ ସମ୍ବଳ ଉପରେ ନିଜର ଅଧିକାର ସାବ୍ୟସ୍ତ କରୁନାହାନ୍ତି । ପ୍ରାଶାସନିକ ବ୍ୟବସ୍ଥାରେ ଯେତିକି ସହଭାଗିତା ରହିବା କଥା, ତାହା ସେମାନେ ପ୍ରଦର୍ଶନ କରୁନାହାନ୍ତି । ବର୍ଷାମାସରେ ଭୋକ ଉପାସରୁ ବଞ୍ଚିବାର ଯାହାକିଛି ରାସ୍ତା ଅଛି, ତାହା ସେମାନେ ଦେଖୁନାହାନ୍ତି ଓ ଚେଷ୍ଟାବି କରୁନାହାନ୍ତି । ସ୍ଥାନୀୟ ଲୋକ ସଂଗଠନ ସହଜରେ ମୁଣ୍ଡଟେକି ନାହୁଁ ଏ ଅଞ୍ଚଳରେ । ସ୍ୱେଚ୍ଛାସେବୀ ସଂଗଠନ ଠାରେ ଏ ସ୍ଥାନୀୟ ସଂଗଠନମାନଙ୍କର ଆବଶ୍ୟକତା ଖୁବ୍ ବେଶି । ରାଜନୈତିକ ଦଳଙ୍କ ଭୂମିକା କଥା ଦେଖାଯାଉ । ଶାସନ ଗାଦିରେ ବସିଥିବା ଦଳର ସମସ୍ତ ଭୁଲ ଓ ଦିଗହୀନତାକୁ ବିରୋଧୀ ଦଳ ତୃଣମୂଳ ସ୍ତରରେ ସୁଧାରି ପାରୁନାହିଁ । ଯଦି ବିରୋଧୀଦଳମାନେ ନିଜର ଗଣତାନ୍ତ୍ରିକ ଦାୟିତ୍ୱ ଓ ରାଜନୈତିକ ଦୃଷ୍ଟିକୋଣ ସୁଦୃଢ଼ ଓ ସକ୍ରିୟ କରିଥାଆନ୍ତେ, ତେବେ ପ୍ରତିବର୍ଷ ଏଇଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୁଅନ୍ତି ନାହିଁ । ରାଜନୀତି ଓ ଅନୁନ୍ନତ ଅଞ୍ଚଳରେ ବିକାଶ ଭିତରେ ଅନେକ ଫାଙ୍କ ଯେମିତି ରହିଯାଇଛି । ରାଜନୀତି ଏତେ କଳୁଷିତ ହୋଇ ଯାଇଛି ଯେ ଯେଉଁ ଗାଁମାନଙ୍କରେ ବିରୋଧୀଦଳର ପ୍ରଭାବ ରହିଛି, ଶାସକ ଦଳ ସେମାନଙ୍କୁ ସବୁଦୃଷ୍ଟିରୁ ହତାଦର କରି ସବୁ ବିକାଶ ଯୋଜନାରୁ ବଞ୍ଚିତ କରୁଛି । ଏବେ କାଶୀପୁରର ମାଇକଞ୍ଚ ଗାଁକୁ ନିଆଯାଉ । ଏ ଗାଁଟି ପାରମ୍ପରିକ ଭାବେ କଂଗ୍ରେସ ସମର୍ଥିତ ହୋଇଥିବାରୁ କାଶୀପୁରର କ୍ଷମତାସୀନ ଦଳ ସବୁପ୍ରକାର ସାହାଯ୍ୟ କରିବାକୁ କୁଣ୍ଠା ପ୍ରକାଶ କରୁଛି । କାଶୀପୁର, ଦଶମନ୍ତପୁର, ଥୁଆମୂଳରାମପୁର ଆଦି ଅଞ୍ଚଳ କେବଳ ନୁହେଁ, ସବୁ ଆଦିବାସୀ ଅଞ୍ଚଳ ମୃତ୍ୟୁ ପ୍ରବଣ । ପ୍ରତିବର୍ଷ କେଉଁଠିନା କେଉଁଠି ଏଇଭଳି ଅନାହାର ଓ ମହାମାରୀ ଜନିତ ମୃତ୍ୟୁ ଲାଗି ରହିବ । ଏବେ ଯେମିତି କୋଳାହଳ, ରାଜନୀତି ଓ ଲକ୍ଷ୍ୟଭ୍ରଷ୍ଟ ରଣନୀତି ସବୁଆଡ଼େ ବ୍ୟାପିଛି ତାହା ପ୍ରତିବର୍ଷ ନିଶ୍ଚିତ ଦେଖାଦେବ । ଆମେ ସରକାରଙ୍କଠାରୁ ବିଶେଷ କିଛି ଆଶା କରିବା ନାହିଁ ।

ଅବସ୍ଥାର ପରିବର୍ତ୍ତନ ପାଇଁ ଆମେ ନିମ୍ନଲିଖିତ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ଏକ ନାଗରିକ ଦାୟିତ୍ୱ ବୋଲି ବିବେଚନା କରିବା । ପ୍ରଥମେ ଆମେ ସବୁ ଆଦିବାସୀ ଗାଁରେ ଖାଦ୍ୟ ନିରାପତ୍ତା ନିଶ୍ଚିତ କରିବା । ଏହା ପାଇଁ ଅନେକ କିଛି କରିବାକୁ ହେବ । ଆଦିବାସୀର

Digitized by srujanika@gmail.com

ଜୀବନ, ଜୀବିକା, ଯେମିତି କ୍ଷୁର୍ଣ୍ଣ ନହେଉ ସେଥିପାଇଁ ସଜାଗ ରହିବାକୁ ହେବ । ଯେଉଁ କାର୍ଯ୍ୟକ୍ରମ ଓ ନୀତି ଆଦିବାସୀଙ୍କ ଜୀବନ ଜୀବିକାର ସ୍ଥାୟୀତ୍ୱ ଉପରେ ଆକ୍ରମଣ କରୁଛି ତାହାକୁ ବିରୋଧ କରିବାକୁ ହେବ । କୃଷିକୁ ପ୍ରାଧାନ୍ୟ ଦେବାକୁ ହିଁ ହେବ ଏଅଞ୍ଚଳରେ । ଶିଳ୍ପକୁ ନୁହେଁ । ଦ୍ୱିତୀୟରେ ପ୍ରତ୍ୟେକ ଗାଁରେ ବିଶୁଦ୍ଧ ଜଳଯୋଗାଣ ବ୍ୟବସ୍ଥା କରିବାକୁ ପ୍ରାଥମିକତା ଦିଆଯିବ । ପାନୀୟଜଳ ସମ୍ବନ୍ଧୀୟ ଟେକ୍ନୋଲୋଜି ମିଶନର ସହାୟତା ହିଁ ନେବାକୁ ହେବ । ଜଳ ସଂରକ୍ଷଣ ସହ ପରିମଳ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ହେବ । ଆଦିବାସୀ ଗାଁ ମାନଙ୍କରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ । ଗାଁରେ ଗାଈ, ଘୁଷୁରୀ, ମଣିଷ ଏକାଠି ରହୁଛନ୍ତି । ଘର ଗୁଡିକର ନକ୍‌ସା ବଦଳିବାକୁ ହେବ । କେରଳରେ ପ୍ରତିଘରେ, ଗାଁରେ ହୋଟେଲରେ ପାଣି ଫୁଟାଇ ପିଉଛନ୍ତି ସମସ୍ତେ । ଆଦିବାସୀ ଅଞ୍ଚଳରେ ଏହା ଅସମ୍ଭବ ନୁହେଁ । ତୃତୀୟରେ ଶିକ୍ଷା ଓ ସଚେତନତାର ଅଭିବୃଦ୍ଧି ହେଲେ ଆଦିବାସୀ ଅଞ୍ଚଳରେ ଅନେକ ସମସ୍ୟାର ସମାଧାନ ହୋଇଯିବ । ଆଦିବାସୀ କେଉଁଭଳି ଶିକ୍ଷା ଚାହୁଁଛି ତାହା ପ୍ରଥମେ ଜାଣିବାକୁ ହେବ । ଶିକ୍ଷା ଓ ପରିବର୍ତ୍ତନ ପାଇଁ ଯେଉଁଭଳି ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ଅଛି ତାହା ମଧ୍ୟ ଠୁଳ କରିବାକୁ ହେବ । ଚତୁର୍ଥରେ ପ୍ରଶାସନିକ ଢ଼ାଞ୍ଚାକୁ ଦୃଢ଼ ଓ ଲୋକାଭିମୁଖୀ କରିବାକୁ ହେବ । ଶିକ୍ଷା, ସ୍ୱାସ୍ଥ୍ୟ, ପିଇବା ପାଣି, ପରିମଳ, ଖାଦ୍ୟବଣ୍ଟନ ବ୍ୟବସ୍ଥା, ଅନ୍ୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ସଫଳ କେବେହେଲେ ସମ୍ଭବ ହେବ ନାହିଁ ଯଦି ପ୍ରଶାସନିକ ଢ଼ାଞ୍ଚା ନବଦଳେ । ଯେଉଁମାନେ ଶାସନରେ ଅଛନ୍ତି, ସେମାନଙ୍କୁ ଉତ୍ତରଦାୟୀ କରିବାକୁ ହେବ । ଯଦି ସେବା ଲୋକମାନଙ୍କ ପାଖରେ ପହଞ୍ଚୁନାହିଁ କାହାକୁ ନାକାହାକୁ ଉତ୍ତର ଦେବାକୁ ହେବ । ପଞ୍ଚାୟତସ୍ତରରେ ଗ୍ରାମସଭାରେ ଏ ପ୍ରଶ୍ନ ବାରମ୍ବାର ଉଠିବା ଆବଶ୍ୟକ । ସମସ୍ୟା ଆଲୋଚନା କରିବାକୁ ପଡ଼ିବ । ପଞ୍ଚମରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସମନ୍ୱୟ । ସରକାର, କର୍ପୋରେଟ୍, ପଞ୍ଚାୟତ, ସ୍ୱେଚ୍ଛାସେବୀ ସଂଗଠନ, ଧାର୍ମିକ ସଂଗଠନ ଆଦି ଏକାଠି ମିଶି ଏକ ଦୀର୍ଘ ମିଆଦୀ କାର୍ଯ୍ୟକ୍ରମ ହାତକୁ ନେବା ଛଡ଼ା ଅନ୍ୟ କିଛିବାଟ ନାହିଁ । କର୍ପୋରେଟ୍‌ମାନଙ୍କ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଦାୟିତ୍ୱ ବହନ କରିବାକୁ ହେବ । କେ.ବି.କେ. ଅଞ୍ଚଳରେ ଗୋଟିଏ ଗୋଟିଏ ପଞ୍ଚାୟତକୁ ଏ କର୍ପୋରେଟମାନେ ହାତକୁ ନେଇ ବିକାଶ ପ୍ରକ୍ରିୟାରେ ସାମିଲ ହେଲେ, ଭବିଷ୍ୟତରେ ମହାମାରୀ ମୃତ୍ୟୁର ପୁନରାବୃତ୍ତି ହେବ ନାହିଁ ଏକଥା ମୁଁ ଦୃଢ଼ ସ୍ୱରରେ କହିପାରେ । କର୍ପୋରେଟ୍‌ମାନଙ୍କ ଲାଭଖୋର ମନୋବୃତ୍ତି ପରିହାର କରିବାକୁ ହେବ । ଶେଷରେ ଏଇଭଳି ସମସ୍ୟାର ସମାଧାନ ପାଇଁ ବେସରକାରୀ ଉଦ୍ୟମ ବିଶେଷ କରିବାକୁ ହେବ । ଆମର ସଂଗୀତଜ୍ଞ, ସିନେମାଷ୍ଟାର, ଅଭିନେତା ଓ ଅଭିନେତ୍ରୀ, କଳାକାର ଓ ଖେଳାଳୀମାନେ ବିଭିନ୍ନ କନ୍‌ସର୍ଟର ଆୟୋଜନ

Digitized by srujanika@gmail.com

କରି ଅର୍ଥ ସଂଗ୍ରହ କରିପାରିବେ । ସାରା ପୃଥିବୀରେ ଏଇଭଳି କନ୍‌ସର୍ଟ ତଥା ଚ୍ୟାରିଟି ସୋ ବା ସଂଗୀତ ଆସର କରାଇ ବିଖ୍ୟାତ ଆର୍ଟିଷ୍ଟମାନେ ବିଭିନ୍ନ ପ୍ରପୀଡ଼ିତ ଲୋକଙ୍କ ପାଇଁ କୋଟି କୋଟି ଡଲାର୍ ସଂଗ୍ରହ କରୁଛନ୍ତି ସାଧାରଣ ଲୋକଙ୍କ ଠାରୁ । ବିଶ୍ୱର ଧନୀବର୍ଗ ମଧ୍ୟ ସାହାଯ୍ୟ କରିବାକୁ ଆଗେଇ ଆସୁଛନ୍ତି ବିଭିନ୍ନ ଟ୍ରଷ୍ଟ ଓ ଫାଉଣ୍ଡେସନ୍ ଜରିଆରେ । ଦେଶ ବାହାରେ ରହୁଥିବା ଓଡ଼ିଆମାନେ ମଧ୍ୟ ଅର୍ଥସଂଗ୍ରହ ପ୍ରକ୍ରିୟାରେ ସାମିଲ୍ ହେବାକୁ ପଡ଼ିବ । ଯେତେବେଳେ ସବୁବ୍ୟବସ୍ଥା ବିଫଳ ହେଉଛି, ସେତେବେଳେ ଆଉ ଏକ ରାସ୍ତା ଥାଉ ଯାହାକୁ ଅସ୍ତକରି ଅକାଳ ମୃତ୍ୟୁକୁ ରୋକି ହେବ । ବର୍ତ୍ତମାନ ଏସବୁ ଦୁର୍ଘଟଣାକୁ ଜାତୀୟ ଦୁର୍ବିପାକ ବୋଲି ସ୍ୱୀକାର କରି ଶ୍ରେଣୀ ରାଜନୀତି, ମତବାଦ ନିର୍ବିଶେଷରେ ଲୋକମାନଙ୍କୁ ଏକାଠି ସୁଚିନ୍ତିତ ପଦକ୍ଷେପ ନେବାକୁ ହେବ । ଏହା ଅସମ୍ଭବ ବୋଲି ମୁଁ କେବେହେଲେ ଭାବୁନାହିଁ ।

□□□

Digitized by srujanika@gmail.com

କାମ୍ୟୁଙ୍କ 'ପ୍ଲେଗ୍' ଓ ମାର୍କ୍ୱେଜ୍‌ଙ୍କ 'କଲେରା'

କାଶୀପୁର ଓ ଆଖପାଖ ଆଦିବାସୀ ଅଞ୍ଚଳରେ କଲେରା ମହାମାରୀ ବ୍ୟାପିବା ଖବର ସାରାଦେଶରେ ଆଲୋଡ଼ନ ସୃଷ୍ଟି କରିଛି । ବିଶେଷ କରି ଗଣମାଧ୍ୟମରେ ଏଖବର ପ୍ରକାଶିତ ହେବା ପରେ ଓ ଟିଭି ଚ୍ୟାନେଲ୍‌ରେ କରୁଣ ଦୃଶ୍ୟ ପ୍ରସାରିତ ହେବାପରେ ସବୁ ସ୍ତରରେ ଉତ୍ତେଜନା ପ୍ରକାଶ ପାଇଛି । ତିନିଶହରୁ ଊର୍ଦ୍ଧ୍ୱ ଆଦିବାସୀ ଓ ଗରିବଙ୍କ ମୃତ୍ୟୁ ମୁଖରେ ପଡିବା ବା ୫୦ହଜାରରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହେବାଟା ଶହେକୋଟି ଲୋକଙ୍କ ପାଖରେ ଏକ ଗୁରୁତ୍ୱପୂର୍ଣ୍ଣ ଖବର କି ନାହିଁ ସହଜରେ ଜାଣି ହେଉଛି । ଏହା ଏକ ଭୂମିକମ୍ପ ବା ମହାବାତ୍ୟା ଭଳି ନୁହେଁ । ଏହା ଆତଙ୍କବାଦୀ ବୋମା ଭଳି ବିସ୍ଫୋରଣ ନୁହେଁ । ଏହାକୁ ପ୍ରାକୃତିକ ବିପର୍ଯ୍ୟୟ କୁହାଯିବ କି ? ଏହାକୁ ମଣିଷକୃତ ଦୁର୍ଘଟଣା ବୋଲି ଭାବିବାକୁ ହେବ କି ? ଟିକିଏ ଗଭୀର ଭାବେ ଅନୁଧ୍ୟାନ କରିଲେ ଏହା ଉଭୟଙ୍କ ଏକ ମିଶ୍ରଣ । ଏଥିରେ କାହାର ଦ୍ୱିମତ କିଏ ଯଦି ହେଉଛି, ତାହା ଏ ଲେଖକ ନିଶ୍ଚୟ ଜାଣିବାକୁ ଆଗ୍ରହୀ ।

କାଶୀପୁରର ଯେକୌଣସି ଗାଁକୁ ଗଲେ ଏବଂ ପ୍ରପୀଡ଼ିତ ଲୋକମାନଙ୍କ ସହ କଥାବର୍ତ୍ତା କରିଲେ ଏକ ଅସହାୟତାର ସୂଚନା ସହଜରେ ଅନୁଭବ କରି ହେଉଛି । ଏ ଅସହାୟତାର ଏକ ସାଂସ୍କୃତିକ ଇତିହାସ ଅଛି । ଆଦିବାସୀ ଡଙ୍ଗର ପାହାଡ଼ରେ ରହୁଛି ଓ ବାଘ,ଭାଲୁ ଭଳି ବନ୍ୟଜନ୍ତୁଙ୍କୁ ଭୟ କରୁନାହିଁ । ବଞ୍ଚିବାର ଏକ ଭୟଙ୍କର ସଂଗ୍ରାମରେ ସେ ବହୁବାର ଜିତିବାର ଉଦାହରଣ ଅଛି । ଅନ୍ୟାୟ ଓ ଅବିଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ତାର ଆବଶ୍ୟକ ସାହସ କିନ୍ତୁ ନାହିଁ । ଲଢିବାର ଶକ୍ତି ସେ ହଜାଇ ବସିଛି । ତାକୁ ଦଳିଚକଟି ଅଣଆଦିବାସୀମାନେ ମାଡି ଚାଲିଛନ୍ତି । ତାହାର ରକ୍ତଶୋଷଣ କରି ଦଳେ ପରାଙ୍ଗପୁଷ୍ଟ ନିଜକୁ ସୁସ୍ଥସବଳ କରି ଚାଲିଛନ୍ତି । ସମାଜର ଏକ ବିଶାଳ ଶକ୍ତି ଆଦିବାସୀମାନଙ୍କୁ ସେମାନଙ୍କ ନିଜ ଭିଟାମାଟିରେ ଶରଣାର୍ଥୀ କରିସାରିଛି । ସେମାନଙ୍କର ଜୀବନର ସ୍ଥିତି ସଙ୍କଟାପନ୍ନ ଅବସ୍ଥାରେ ପହଞ୍ଚିଛି । ସେମାନଙ୍କର ଜୀବିକାର ମୂଳଦୂଆ ଭୁଷୁଡ଼ି ପଡିଛି । କିନ୍ତୁ ଆଦିବାସୀମାନଙ୍କର ପ୍ରତିରୋଧ କରିବା ଓ ଲଢ଼ିବାର ଶକ୍ତି କାହିଁକି ଏପରି ଦୁର୍ଭାଗ୍ୟଜନକ ପରିସ୍ଥିତିରେ ପହଞ୍ଚିଛି ? କାହିଁକି ସେ ଏକାକୀ ? କାହିଁକି ସେ ସଂଗଠିତ ନୁହେଁ ? କଲେରା ମହାମାରୀ ହେଉକି ଅନାହାର ମୃତ୍ୟୁ ହେଉ, କାହିଁକି ସେ ଭାଗ୍ୟକୁ ଆଦରି ରହୁଛି ?

Digitized by srujanika@gmail.com

କାଶୀପୁର ଏବର ସକାଳ ମେଘାଚ୍ଛନ୍ନ ଏବଂ ସୂର୍ଯ୍ୟାଲୋକର ଘୋର ଅଭାବ । ଗାଁମାନଙ୍କରେ ଆଶାର ଆଲୋକ ସହଜରେ ପହଞ୍ଚୁ ନାହିଁ । ମକା ଫସଲ ଅମଳ ଯୋଗ୍ୟ ହୋଇନାହିଁ । ଇତିହାସରୁ ଦେଖାଯାଇଛି ମକା ଖାଇବା ଯୋଗ୍ୟ ହୋଇଗଲେ ଲୋକମାନେ ଅଖାଦ୍ୟ ଖାଇବା ଛାଡି ଦିଅନ୍ତି । ମକାଜାଉ ଖାଇବା ଦ୍ୱାରା ବାହାର ଦୂଷିତ ପାଣି ପିଇବା ମଧ୍ୟ ଆବଶ୍ୟକ ହୁଏ ନାହିଁ । ରୋଗବେମାରୀ ଆପେ କମିଯାଏ । ଏ ବର୍ଷର ମହାମାରୀ ମଧ୍ୟ ଆଉକେତେଦିନ ଭିତରେ ଇତିହାସ ହୋଇଯିବ ଏଥିରେ ସନ୍ଦେହ ନାହିଁ । ଲୋକମାନେ ଅପେକ୍ଷା କରିଛନ୍ତି ନୂଆଖାଇ ପର୍ବକୁ ଓ ସେଇ ଆନନ୍ଦର ବେଳାକୁ । କିନ୍ତୁ ବର୍ଷ ବର୍ଷ ଧରି ସେ ଅନୁଭବ କରିଛି ଯେ ଦୁର୍ବିପାକ ପଡିଲେ, କେହି ସାହାଯ୍ୟ କରିବାକୁ ଆସୁନାହାନ୍ତି । ସରକାରୀ ବା ବେସରକାରୀ ସଂସ୍ଥା, ନେତା ଅଥବା ଅଫିସର, ସାହୁକାର ବା ଠିକାଦାର ଆପଣାର ସ୍ୱାର୍ଥରେ ଅଛନ୍ତି । କୁମ୍ଭୀର କାନ୍ଦଣାର ଅବଶ୍ୟ ଅଭାବ ନାହିଁ । ନାଟକର ବିଭିନ୍ନ ଦୃଶ୍ୟ ଅଭିନୀତ ହେଉଛି ଏ ମୃତ୍ୟୁ ଓ ମହାମାରୀ ସଯମରେ । ନାଟକର ବିଷୟବସ୍ତୁ ବଦଳୁ ନାହିଁ କି ଚରିତ୍ର ବଦଳୁ ନାହାନ୍ତି । ପଟ୍ଟପତନ ହେଉଛି ତ ପୁଣି ନୂତନ ଦୃଶ୍ୟ ଆରମ୍ଭ ହେଉଛି । ଏ ଲେଖକ ସବୁବେଳେ ଜୀବନର ଗୋଟିଏ ନିର୍ଦ୍ଦିଷ୍ଟ ଆଭିମୁଖ୍ୟକୁ ଆଶ୍ରୟ କରି ବଞ୍ଚିରହିଛି । ସେଇଟି ହେଉଛି ଯେ ଆମ ଜୀବନର ସମସ୍ତ ଦୁଃଖ ଓ ନିର୍ଯ୍ୟାତନା ଓ ଅନ୍ୟାୟ ଅତ୍ୟାଚାର ଆମେ ବହନ କରି ଚାଲିଛେ ଆପଣାବାଟରେ ଓ ଏହାକୁ ଲଢ଼ିବାକୁ ହେଲେ ଜଣଜଣ କରି ସମସ୍ତଙ୍କୁ ଏକାଠି ସଂଗଠିତ ଭାବେ ଲଢ଼ିବାକୁ ହେବ । ଏହା ଏ ଲେଖକର ନିଜସ୍ୱ ଚିନ୍ତା ନୁହେଁ । ଏହା ବିଶ୍ୱ ବିଖ୍ୟାତ ଓ ନୋବେଲ ପୁରସ୍କାରପ୍ରାପ୍ତ ଫରାସୀ ଲେଖକ ଆଲବେୟାର କାମ୍ୟୁଙ୍କର (Albert Camus) । କାମ୍ୟୁ ତାଙ୍କର ଶ୍ରେଷ୍ଠ ଉପନ୍ୟାସ 'ଦି ପ୍ଲେଗ୍' (The Plage)ରେ ଏହି ଦର୍ଶନକୁ ଚମତ୍କାର ବର୍ଣ୍ଣନା କରିଛନ୍ତି । ଗୋଟାଏ ଦୁର୍ବାର ପରିସ୍ଥିତି ମଣିଷମାନଙ୍କ ପାଇଁ ସୃଷ୍ଟି ହୋଇଛି ଉତ୍ତର ଆଫ୍ରିକାର ଓରାନ୍ ସହରରେ । ସେଠାରେ ପ୍ଲେଗ୍ ମହାମାରୀ ଆରମ୍ଭ ହୋଇଛି । ପ୍ରଥମେ ଯେତେବେଳେ ମୂଷାମାନେ ମରିବାକୁ ଆରମ୍ଭ କରିଲେ ଓରାନ୍‌ବାସୀ କିଛି ଧ୍ୟାନ ଦେଇନଥିଲେ । କିନ୍ତୁ ଯେତେବେଳେ ମଣିଷମାନେ ମରିବାକୁ ଆରମ୍ଭ କରିଲେ ବହୁସଂଖ୍ୟାରେ ହଠାତ୍ ବାହାରର ପୃଥିବୀ ସହିତ ସହରଟି ବିଚ୍ଛିନ୍ନ ହୋଇଯାଇଛି ଏବଂ ଏହାକୁ ଏକଘରକିଆ ବା କ୍ୱାରାଣ୍ଟାଇନ୍ କରାଯାଇଛି । ଏ ସହରରୁ କେହି ବାହାରକୁ ଯାଇପାରିବେ ନାହିଁ ଓ ବାହାର ଦୁନିଆଁରୁ କେହି ଆସିପାରିବେ ନାହିଁ । ବାହାରରୁ ମଧ୍ୟ ସାହାଯ୍ୟ ଆସିବାରେ ବିଳମ୍ୱ ଅଛି । ମଣିଷମାନେ ମରୁଛନ୍ତି । ଡକ୍ଟର ରିଉ (Dr. Rieux) ସମସ୍ତଙ୍କୁ ଏକତ୍ରିତ କରି ପ୍ଲେଗ୍ ମହାମାରୀ ସହିତ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଛନ୍ତି । ସମସ୍ତଙ୍କ ଭିତରେ ବିଭିନ୍ନ ପ୍ରକାରର ଭାବନା ଓ ପ୍ରତିକ୍ରିୟା । ବଞ୍ଚିବାର ନିର୍ଯ୍ୟାସ ଓ ସ୍ଥିତିର ବଳିଷ୍ଠ ଯୁକ୍ତିକୁ ଅନୁଭବ କରିଛନ୍ତି ଡକ୍ଟର ରିଉ । ବଞ୍ଚିବାରେ

Digitized by srujanika@gmail.com

ଉଭଟତା ଥାଇପାରେ କିନ୍ତୁ ଜୀବନ ବଞ୍ଚିବା ପାଇଁ ଉଦ୍ଦିଷ୍ଟ । ତେଣୁ ବାହାରର ସାହାଯ୍ୟ ଆସୁ କି ନଆସୁ, ବାହାରର ସମ୍ବେଦନଶୀଳତା ରହୁ କି ନ ରହୁ, ତଥାପି ମିଳିତଭାବେ ଲଢ଼ିବାକୁ ହେବ । ଯେତେବେଳେ ପ୍ରାକୃତିକ ଦୁର୍ବିପାକ ଆସୁ, ଯୁଦ୍ଧ ହେଉ, ମହାମାରୀ ବ୍ୟାପୁ, ତାହାକୁ ହିଁ ଏକାକୀ ଓ ମିଳିତ ଭାବେ ଲଢ଼ିବାକୁ ହେବ । ଏହାଛଡ଼ା ଅନ୍ୟ କିଛି ରାସ୍ତା ଅଛି କି ? କାଶୀପୁରରେ ବିପଦ ସବୁବର୍ଷ ଆସୁଛି । ବାହାରର ବ୍ୟକ୍ତି, ସଂସ୍ଥା ଓ ଡ଼ାକ୍ତା ସାହାଯ୍ୟ କରିବାକୁ ଆଗେଇ ଆସୁ ନାହାନ୍ତି । କାଶୀପୁରର ଲୋକମାନେ ସତେ ଯେମିତି କେଉଁ ଅପକର୍ମ ପାଇଁ ଦଣ୍ଡିତ ହେବାକୁ ଜନ୍ମ ହୋଇଛନ୍ତି । ରୋଗ ବେମାରୀ ସହ ମୃତ୍ୟୁ ପ୍ରତିବର୍ଷ ଆସୁଛି ଅଧିକ ଭୟାନକ ରୂପନେଇ । ଏ ଅବସ୍ଥାରେ କ'ଣ କରାଯିବ ? ମୃତ୍ୟୁକୁ ମୁଣ୍ଡପାତି ସ୍ୱୀକାର କରିବାକୁ ହେବ ? ଯନ୍ତ୍ରଣାକୁ ଅନ୍ତଃସ୍ଥ କରିବାକୁ ହେବ ? ମୁଁ ଭାବୁଛି ବର୍ତ୍ତମାନ ସମୟରେ କାଶୀପୁରର ଆଦିବାସୀମାନଙ୍କୁ ସଂଘବଦ୍ଧ ହୋଇ ଲଢ଼ିବାକୁ ହେବ । ରୋଗ ଓ ମୃତ୍ୟୁ, ଅନାହାର ଓ ଦାରିଦ୍ର୍ୟକୁ ଲଢ଼ିବାର ଏହା ହିଁ ଏକମାତ୍ର ବାଟ । ଏହା ଖାଲି କାଶୀପୁର ନୁହେଁ । ଏ ପୃଥିବୀର ସମସ୍ତ ଆଦିବାସୀ, ଦଳିତ ଓ ଗରିବଙ୍କ ପାଇଁ ଏହା ପ୍ରଯୁଜ୍ୟ । ସେମାନେ ଯଦି ସେମାନଙ୍କର ଅବସ୍ଥାକୁ ନବଦଳେଇବେ, ଅନ୍ୟ ଅଣଆଦିବାସୀମାନେ କଦାପି ବଦଳେଇ ପାରିବେ ନାହିଁ । ଏହା ମୁଁ ନିଶ୍ଚିତ ଭାବେ କହିପାରେ । ଖାଦ୍ୟାଭାବ ହେଉଛି ତ ପି.ଡ଼ି.ଏସ୍ ଚାଉଳ ଉପରେ ନିର୍ଭର କରିବା ପରିବର୍ତ୍ତେ କେମିତି ନିଜର ଖାଦ୍ୟ ଉତ୍ପାଦନ ବଢ଼ିବ ସେଥିପ୍ରତି ଆଦିବାସୀ ଚେଷ୍ଟା କରିବା ଉଚିତ୍ ହେବ । ବିଶୁଦ୍ଧ ପିଇବା ପାଣି ମିଳୁନାହିଁ ତ ନାଳପାଣି, ଚୁଆଁପାଣିକୁ ଫୁଟାଇ ପିଇବାକୁ ଶିଖିବାକୁ ପଡ଼ିବ । ଜୀବିକାର ସ୍ଥାୟୀତ୍ୱ ପାଇଁ ରାସ୍ତା ଖୋଜିବାକୁ ପଡିବ ଯଦି ସରକାରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ନହୁଏ । ପ୍ରଶାସନ କିପରି ଉତ୍ତରଦାୟୀ ହେବ ଓ ସକ୍ଷମ ହେବ ତାକୁ ଧ୍ୟାନରେ ରଖି ଉତ୍ତମ ଜନପ୍ରତିନିଧି ନିର୍ବାଚିତ କରିବାକୁ ହେବ । ଦଶଟଙ୍କା ବା ବୋତଲେ ମଦ ପାଇଁ ନିଜର ଭୋଟ୍‌କୁ ବିକିବାକୁ ହେବନାହିଁ । ମୋଟ ଉପରେ କହିବାକୁ ଗଲେ ଆଦିବାସୀର ଯେ ରାଜନୈତିକ ସଚେତନତା ଅଛି ତାହା ପ୍ରମାଣ କରିବ । ଆଜି ଆଦିବାସୀ ଅଞ୍ଚଳ କାମ୍ୟୁଙ୍କ ଉପନ୍ୟାସର ଓରାନ୍ ସହରଭଳି । ଦୁର୍ବିପାକ ଓ ମହାମାରୀ ପଡିଛି । ବାହାର ଜଗତରୁ ବିଚ୍ଛିନ୍ନ ହୋଇଛି । ସାହାଯ୍ୟ ବାହାରୁ ଆସୁନାହିଁ । ଆବଶ୍ୟକ ଅଛି ଡ଼କ୍ଟର ରିଉଙ୍କ ଭଳି ସଂଗ୍ରାମୀ ମଣିଷମାନଙ୍କର । ଆଲେକ୍‌ଜାଣ୍ଡାର ପୋପ୍ କହିଛନ୍ତି ଯେ ଆମେ ରୋଗଗ୍ରସ୍ତ କି ନାହିଁ ଜାଣିବାଟା ହିଁ ରୋଗ ଅଧା ଭଲ ହେବା ପାଇଁ ଆବଶ୍ୟକ ଔଷଧ । ତେଣୁ ଆଦିବାସୀ ଅଞ୍ଚଳରେ ରୋଗ ଚିହ୍ନଟ କରି ସଚେତନ ହେବାଟା ଏକ ପ୍ରାଥମିକ ଆବଶ୍ୟକତା । ତେଣୁ ରୋଗ ଚିହ୍ନେଇ ଦେବାଟା ଏକ ମସ୍ତବଡ଼ ପଦକ୍ଷେପ । ବିକାଶ ପ୍ରକ୍ରିୟା ମଧ୍ୟ ଠିକ୍ ଏଇଭଳି । ସମସ୍ୟା ଚିହ୍ନଟ କରିବା ସବୁଠାରୁ ମୁଖ୍ୟ କାମ । ସମସ୍ୟା ଆଉ କେହି ନୁହଁନ୍ତି ଆଦିବାସୀ ହିଁ ନିଜେ । ଯାହା ତାହାର କର୍ତ୍ତବ୍ୟ, ସେ

Digitized by srujanika@gmail.com

କରୁନଥିବାରୁ ଆଜି ତାହାର ଦାରିଦ୍ର୍ୟ ଓ ଅନଗ୍ରସରତା ଚରମସୀମାରେ ପହଞ୍ଚିଛି । ଏ ଦାରିଦ୍ର୍ୟ ଓ ଅନଗ୍ରସରତାକୁ ଦୂର କରିବାକୁ ହେଲେ ସରକାରୀ ଓ ବେସରକାରୀ ସାହାଯ୍ୟ ନପହଞ୍ଚୁ ପଛକେ ସେ ଯେମିତି ସଠିକ୍ ପଦକ୍ଷେପ ନିଏ । ଯଦି ନନେଇ ସବୁ ବାହାର ସାହାଯ୍ୟକୁ ଅପେକ୍ଷା କରି ରହିବ, ତେବେ ଆଜି ନାହିଁ ତ କାଲି ତାହା ଧ୍ୱଂସ ହେବ ହିଁ ହେବ ।

ଗାବ୍ରିଏଲ୍ ଗାର୍ସିଆ ମାର୍କ୍ୱିଜ୍ (Gabriel Garcia Marquez) ଆଜିର ବିଶ୍ୱ ସାହିତ୍ୟକ ଜଗତରେ ଅନ୍ୟତମ ଶ୍ରେଷ୍ଠ ଔପନ୍ୟାସିକ ଓ ଗଦ୍ୟକାର । ତାଙ୍କର ସାହିତ୍ୟ ଜଗତକୁ ଅବଦାନ ପାଇଁ ସେ ନୋବେଲ ପୁରସ୍କାର ପାଇଛନ୍ତି । ଲଭ୍ ଇନ୍ ଦି ଟାଇମ୍ ଅଫ କଲେରା (Love in The Time of Cholera) ବହିଟି ତାଙ୍କର ଏକ ଅନବଦ୍ୟ କୃତି । ଏ ପୃଥିବୀରେ କଲେରା ଲାଗି ରହିଛି ଓ ରହିବ । ଯୁଦ୍ଧ ଲାଗି ରହିଛି ଓ ଭବିଷ୍ୟତରେ ଅନେକ ଯୁଦ୍ଧ ଓ ମହାଯୁଦ୍ଧ ନିଶ୍ଚୟ ଏ ପୃଥିବୀକୁ ଧ୍ୱଂସ ମୁଖକୁ ଟାଣିଦେବ । ପ୍ରାକୃତିକ ବିପର୍ଯ୍ୟୟ ଗୋଟାଏ ପରେ ଗୋଟାଏ ମାଡି ଆସିବ । କିନ୍ତୁ ଭଲ ପାଇବା ଶେଷ ହେବ ନାହିଁ । ମଣିଷ ମଣିଷକୁ ଭଲ ପାଇବ ଓ ତାହା ପ୍ରତି ସମ୍ବେଦନଶୀଳ ହେବ ଏହା ବଦଳିବ ନାହିଁ । ମାର୍କ୍ୱିଜ୍ ଯଦିଓ ପ୍ରେମିକ ଓ ପ୍ରେମିକାଙ୍କ ଚିରନ୍ତନ ପ୍ରେମ କାହାଣୀକୁ ଲାଟିନ୍ ଆମେରିକାର ସମାଜିକ ପୃଷ୍ଠଭୂମି ଓ ସଂସ୍କୃତିକ ପରିବେଶକୁ ଆଧାର କରି ଏ ବହି ଲେଖିଛନ୍ତି ଏହା ସାରା ଜଗତର ଯେକୌଣସି ଅଞ୍ଚଳ ପାଇଁ ପ୍ରଯୁଜ୍ୟ । ଆଦିବାସୀମାନଙ୍କୁ ଆମେ ଭଲ ପାଉଛୁ କି ? ସେମାନଙ୍କୁ ଭୁଲିଯାଇ ନାହିଁ ତ ? ସେମାନେ ମଧ୍ୟ ଆମ ଭଳି ମଣିଷ ଓ ଏ ଦେଶର ସ୍ୱାଧୀନ ନାଗରିକ । ସେମାନଙ୍କର ବଞ୍ଚିବାର ଅଧିକାର ଅଛି । ସେମାନଙ୍କର ଜୀବନ ଜୀବିକା ପାଇଁ ମୌଳିକ ଅଧିକାର ଅଛି । ଜମି, ଜଳ, ଜଙ୍ଗଲ ଉପରେ ଅଧିକାର ଅଛି । ନିଜକୁ ପ୍ରକାଶ କରିବାର ଓ ଦାବୀ କରିବାର ଅଧିକାର ଅଛି । ଯେହେତୁ ଆମେ ଅଣଆଦିବାସୀମାନେ ସେମାନଙ୍କୁ ଭଲ ପାଇ ପାରୁନାହୁଁ, ସେମାନଙ୍କୁ ଶୋଷଣ କରୁଛୁ । ସେମାନଙ୍କୁ କ୍ରୀତଦାସ ଭଳି ଦୃଷ୍ଟିରେ ଦେଖୁଛୁ । ସେମାନଙ୍କୁ ବାସଚ୍ୟୁତ କରୁଛୁ । ସେମାନଙ୍କର ଇଲାକାକୁ ଦବରଦସ୍ତି ଦଖଲ କରୁଛୁ । ସେମାନେ ପୃଥିବୀରୁ ଲୋପ ପାଇ ଯାଆନ୍ତୁ ବୋଲି ଯୋଜନା କରୁଛୁ ।

ଆଦିବାସୀମାନେ ଏ ପୃଥିବୀର ପ୍ରଥମ ମଣିଷ । କିନ୍ତୁ ଧୀରେ ଧୀରେ ସେମାନେ ଲୁପ୍ତ ହେବାକୁ ଲାଗିଛନ୍ତି । ଆମେରିକାରୁ ଏ ସ୍ଥାନୀୟ ଆଦିମ ଅଧିବାସୀମାନେ ଲୁପ୍ତ ପ୍ରାୟ ହୋଇଗଲେଣି । ଅଷ୍ଟ୍ରେଲିଆରେ କିଛି ଅଛନ୍ତି ଯାହାଙ୍କୁ 'ଆବୋରିଜିନ'(Aborijin) ବୋଲି କୁହାଯାଉଛି । ଭାରତରେ ଆଦିବାସୀଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଛି ବୋଲି ଜନଗଣନାର ପରିସଂଖ୍ୟାନରୁ ଜଣା ପଡୁଛି । ଯେଉଁଠି ଏଇ ଆଦିବାସୀମାନେ ଅଛନ୍ତି, ସେଇଠି ଗଢ଼ି ଉଠିଛି ଶିଳ୍ପ, ମାଇନିଂ, ଡ୍ୟାମ ଓ ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ । ସେମାନଙ୍କର ସଂସ୍କୃତିକ ମୂଲ୍ୟବୋଧ ଉପରେ ମଧ୍ୟ ଆକ୍ରମଣ ହୋଇଛି । ସେମାନଙ୍କର ଉପରେ ଧର୍ମ ପ୍ରଚାରକମାନେ

Digitized by srujanika@gmail.com

ମଧ୍ୟ ଅତ୍ୟାଚାର କରିଛନ୍ତି । ଧର୍ମର ବେଦୀରେ ସେମାନଙ୍କୁ ମଧ୍ୟ ବିଭିନ୍ନ ବାଟରେ ବଳି ଦିଆଯାଇଛି । ଏହାକୁ କ'ଣ ଭଲ ପାଇବାର ପରିପ୍ରକାଶ କୁହାଯିବ ? ମାର୍କ୍ୱିନ୍ ଏଇ ପ୍ରଶ୍ନ ଉଠାଇଛନ୍ତି । ଫ୍ଲୋରେଣ୍ଟିନୋ ଆରିଜା (Florentino Ariza) ଏବଂ ଫର୍ମିନା ଡ଼ାଜା (Fermina Daza)ଙ୍କ ଭିତରେ ପ୍ରେମ କାହାଣୀର ଏକ ଅଭିନବ ଅଥଚ ସାଙ୍କେତିକ ଦିଗ ସେ ପ୍ରକାଶ କରିଛନ୍ତି ।

କାଶୀପୁରର କଲେରା ମହାମାରୀ ଆଦିବାସୀମାନଙ୍କୁ ଗୋଟାଏ ପ୍ରକାରର ଶିକ୍ଷାଦେବ କି ନାହିଁ ଏକଥା ବିଚାର କରିବାର ସମୟ ଆସିଛି । କାଶୀପୁରର ସମସ୍ତ ସରପଞ୍ଚ ହେଉଛନ୍ତି ଆଦିବାସୀ । ବିଧାୟକ ଓ ସାଂସଦ ମଧ୍ୟ ଆଦିବାସୀ । ବିଭିନ୍ନ ବିଭାଗରେ ଅନେକ ଆଦିବାସୀ ଅଫିସର ଏ ଅଞ୍ଚଳରେ ଅଛନ୍ତି । ଆଦିବାସୀ ବିଭାଗ ମନ୍ତ୍ରୀ ହେଉଛନ୍ତି ଆଦିବାସୀ ମଧ୍ୟ । ସ୍ୱାସ୍ଥ୍ୟମନ୍ତ୍ରୀ ଯିଏ ଜଣେ ଆଦିବାସୀ ନିଜେ କାଶୀପୁର ଅବସ୍ଥା ସ୍ୱଚକ୍ଷୁରେ ଦେଖିଛନ୍ତି । ଏସବୁ ପରିସ୍ଥିତିରେ ସେମାନଙ୍କ ମନରେ ଭାବାନ୍ତର ସୃଷ୍ଟି ହୋଇଛି କି ? ଜଣେ କେହି ଆଦିବାସୀ ମରିଗଲେ କୁଟୁମ୍ବରୁ ଜଣେ ଚାଲିଗଲେ ବୋଲି ମନଭିତରେ ବେଦନା ଓ କୋହ ସୃଷ୍ଟି ହେଉଛି କି ନାହିଁ ଜାଣି ହେଉନାହିଁ । ଯେଉଁମାନେ ମରିଗଲେ ତାଙ୍କ ପାଇଁ ଶୋକସଭା ହେଉଛି କି ନାହିଁ ଏ ଲେଖକ ନିଶ୍ଚୟ ଜାଣିବାକୁ ଆଗ୍ରହୀ ।

ମୁଁ ଦୃଢ଼ଭାବରେ କହିବାକୁ ଚାହେଁ ଯେ ଆଦିବାସୀଙ୍କ ଦୁଃଖ ଓ ଯାତନା ଅଣ ଆଦିବାସୀ ବୁଝିପାରିବେ ନାହିଁ । ଆଦିବାସୀଙ୍କୁ ନେଇ ଅଣଆଦିବାସୀ ଅସଲ ସାହିତ୍ୟ ସୃଷ୍ଟି କରିବେ ନାହିଁ । (ମୁଁ ଗୋପୀ ମହାନ୍ତିଙ୍କୁ କ୍ଷମା ମାଗୁଛି ଏ ବକ୍ତବ୍ୟ ପାଇଁ ।) ଆଦିବାସୀ ସମାଜକୁ ଆଦିବାସୀ ନେତାମାନେ 'ଡିକୁ' ହୋଇ ବଦଳେଇ ପାରିବେ ନାହିଁ । ଜଣେ ଜଣେ ହୋଇ ପ୍ରତ୍ୟେକ ଆଦିବାସୀଙ୍କୁ ଆଗକୁ ଆସିବାକୁ ହେବ ଓ ନେତୃତ୍ୱ ଦେଖାଇବାକୁ ହେବ । ସେମାନେ କେବେହେଲେ ଯେମିତି ଆତ୍ମ ସମର୍ପଣ କରିବେ ନାହିଁ । ବର୍ତ୍ତମାନର ସୂଅରେ ସେମାନେ ନଭାସି ନିଜ ଗୋଡରେ ଛିଡ଼ା ହେବାକୁ ଶ୍ରେୟସ୍କର ମନେ କରିବେ । ସେମାନେ ବିର୍ସାମୁଣ୍ଡା ଏବଂ ରିନ୍ଦୋ ମାଝୀ ବା ଲକ୍ଷ୍ମଣ ନାୟକ ଭଳି ଲଢୁଆ ମଣିଷର ଇତିହାସ ସୃଷ୍ଟି କରିବେ । ସେମାନେ ଆପଣାର ଆଦିବାସୀ ସମାଜକୁ ଭଲ ପାଇବେ ଓ ମୂଲ୍ୟବୋଧକୁ ମଧ୍ୟ ।

□□□

Digitized by srujanika@gmail.com

ଆମକୃଷକ ଆମକୃଷି

ଆମ ଦେଶର ପ୍ରଧାନମନ୍ତ୍ରୀ ଗତ ଦୁଇବର୍ଷ ଧରି ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରେ ଭାଷଣ ଦେଲାବେଳେ କୃଷକ ଓ କୃଷିର ସାମ୍ପ୍ରତିକ ସମସ୍ୟାଗୁଡିକୁ ଆଲୋଚନା କରିଛନ୍ତି । କୃଷକମାନେ ଏ ଦେଶରେ କୃଷିରୁ ସେମାନଙ୍କର ଜୀବିକା ନିର୍ବାହ କରିପାରୁନାହାନ୍ତି । ଆନ୍ଧ୍ରଠାରୁ ଆରମ୍ଭକରି ମହାରାଷ୍ଟ୍ରର ବିଦର୍ଭ ପର୍ଯ୍ୟନ୍ତ, କୃଷକମାନେ ବହୁ ସଂଖ୍ୟାରେ ଆତ୍ମହତ୍ୟା କରିବାରେ ଲାଗିଛନ୍ତି । ଏକ ବେସରକାରୀ ପରିସଂଖ୍ୟାନରୁ ଜଣାପଡିଛି ଯେ ଆତ୍ମହତ୍ୟା କରିଥିବା କୃଷକଙ୍କର ସଂଖ୍ୟା ଲକ୍ଷେରୁ ଅଧିକ ଟପି ଗଲାଣି । ଏ ସ୍ତମ୍ଭରେ କୃଷକମାନେ କାହିଁକି ଆତ୍ମହତ୍ୟା କରୁଛନ୍ତି ତାହା ଆଲୋଚନା କରିବାର ଆବଶ୍ୟକତା ମୁଁ ଅନୁଭବ କରିଆସୁଛି । ବିଦର୍ଭରେ କୃଷକମାନଙ୍କ ଆତ୍ମହତ୍ୟା ଉପରେ ଗଭୀର ତଥ୍ୟ ଓ ବିଶ୍ଳେଷଣ ଦେଇ ଲେଖୁଥିବା ମାଗାସେସ୍ ପୁରସ୍କାର ପ୍ରାପ୍ତ ସାମ୍ବାଦିକ ଓ ସ୍ତମ୍ଭକାର ଶ୍ରୀ ପି.ସାଇନାଥିଙ୍କ ସହ ଏ ଲେଖକ ଆଲୋଚନା କରିଛି । ଆନ୍ଧ୍ରରେ ସବୁ ଆତ୍ମହତ୍ୟାକୁ ଆଲୋଚନା କରିଥିବା ଜାତୀୟ ମାନବାଧିକାର କମିଶନଙ୍କ ସ୍ୱତନ୍ତ୍ର ରାପୋର୍ଟିୟର ଶ୍ରୀ କେ.ଆର୍. ବେଣୁଗୋପାଳଙ୍କ ବିଭିନ୍ନ ଅଧ୍ୟୟନ ମୋର ବିଚାରଧାରାରେ ଗଭୀର ରେଖାପାତ କରିଛି । ଏ ଦେଶରେ ଷ୍ଟକ୍ ଏକ୍ସଚେଞ୍ଜ, ସେନ୍‌ସେକ୍ସ, ଅଭିବୃଦ୍ଧିହାର ଆଦି ଦ୍ରୁତଗତିରେ ବଢ଼ିବାରେ ଲାଗିଛି ଓ ସାରା ପୃଥିବୀର ପୁଞ୍ଜିନିବେଶକାରୀଙ୍କ ଦୃଷ୍ଟିଆକର୍ଷଣ କରିଛି । ଅନ୍ୟ କ୍ଷେତ୍ରରେ ଆମ ଦେଶର ଜନସଂଖ୍ୟାର ଶତକଡ଼ା ୭୫ ଭାଗ ଦୁଃଖକଷଣ, ଖାଦ୍ୟାଭାବ ଓ ଅନାହାରରେ ରହି ଆସୁଛନ୍ତି । ଏବେ ଏକ ଅଧ୍ୟୟନରୁ ଜଣା ପଡିଛି ଯେ ଏ ଦେଶର ଶତକଡ଼ା ୨୨ଭାଗ ଲୋକଙ୍କ ଦୈନିକ ଆୟ କୋଡିଏ ଟଙ୍କାରୁ କମ୍ । ଏସବୁ ଦ୍ୱନ୍ଦ ଓ ଜଟିଳ ପରିସ୍ଥିତି ସମ୍ପର୍କରେ ପାଠକମାନେ ଅବଗତ ଅଛନ୍ତି କି ?

କୃଷକମାନଙ୍କ ଆତ୍ମହତ୍ୟା ଏ ଦେଶର କୃଷି କେଉଁ ସ୍ଥିତିରେ ଅଛି ତାହାର ଏକ ଲାଲ୍ ସଙ୍କେତ । ଏହା ମଧ୍ୟ କୃଷିର ଜଗତୀକରଣ ଓ ଉଦାରୀକରଣର ଏକ ପରିପ୍ରକାଶ । କୃଷିରେ କୃଷକ ପୁଞ୍ଜି ଖଟାଇବାକୁ କାହିଁକି ବାଧ ହେଉଛି । କାହିଁକି କୃଷକ ଋଣ ଗ୍ରସ୍ତ ହେଉଛି ?

Digitized by srujanika@gmail.com

କୃଷି ଋଣ କାହିଁକି କୃଷକକୁ ସୁହାଉ ନାହିଁ ? ଏ ପ୍ରଶ୍ନ ସବୁ ପଚାରି ଉତ୍ତର ଖୋଜିବାର ଆବଶ୍ୟକତା ରହିଛି । ମୋଟାମୋଟି କହିବାକୁ ଗଲେ ଆଜି କୃଷି ବିପର୍ଯ୍ୟସ୍ତ ଓ କୃଷକକୁଳ 'ଆତ୍ମହତ୍ୟା' କରିବାକୁ ଦୃଢ଼ ପରିକର । କୃଷକ ତା'ର ଜମି ହରାଇବାରେ ଲାଗିଛି । କେଉଁଠି ଶିଳ୍ପ କାରଖାନା ହେଉଛି ତ କେଉଁଠି ସ୍ୱତନ୍ତ୍ର ଆର୍ଥିକ ଜୋନ୍ ପ୍ରତିଷ୍ଠା ହେଉଛି ତାହାର ଜମିରେ । ସହରୀକରଣ ପ୍ରକ୍ରିୟାରେ କୃଷି ଜମିରେ ବହୁତଳ ବିଶିଷ୍ଟ କୋଠା ତିଆରି ହେଉଛି ବା ସପିମଲ୍ ପ୍ରତିଷ୍ଠା ହେଉଛି । ଠିକା ଚାଷ ଓ କର୍ପୋରେଟ୍ କୃଷି ବିସ୍ତାରିତ ହୋଇ ଅଜଗର ଭଳି ଛୋଟ ଓ ନାମମାତ୍ର ଚାଷୀକୁ ମିଳିବାରେ ଲାଗିଛି । ବିହନ ଉପରେ ଯେଉଁ ଗବେଷଣା ଚାଲିଛି ଓ ବିହନ କମ୍ପାନୀମାନେ ଜି.ଏମ୍ ବିହନ ଯେଉଁଭଳି କୃଷକମାନଙ୍କୁ ବିକ୍ରୟ କରୁଛନ୍ତି ଓ ଏକଚାଟିଆ କାରବାର କରୁଛନ୍ତି, ଏ ଦେଶର କୃଷିଜାତ ପଦାର୍ଥ ଓ କୃଷକର ସ୍ୱାର୍ଥକୁ ବଳି ଦେଇ ବାହାର ଦେଶରୁ ଯେଉଁଭଳି କୃଷିଜାତ ଦ୍ରବ୍ୟର ବିଶେଷ କରି ଖାଦ୍ୟ ଶସ୍ୟର ଆମଦାନୀ କରାଯାଉଛି, କୃଷିକୁ ତାହାର ପରିଣତି ଭୋଗିବାକୁ ପଡୁଛି । କର୍ପୋରେଟ୍ କୃଷି ଏ ଦେଶର କୃଷି ଗୁଡିକୁ ନିୟନ୍ତ୍ରଣ କରିବାରେ ଲାଗିଛି । ଏତତ୍ ବ୍ୟତୀତ, ବଜାର ବ୍ୟବସ୍ଥା ଓ ବିତରଣ ବ୍ୟବସ୍ଥା ମଧ୍ୟ ଏ କର୍ପୋରେଟ୍‌ମାନଙ୍କ କ୍ରମଶଃ ଯିବାକୁ ବସିଛି ।

ଅନ୍ୟ ଦିଗରେ କୃଷକମାନଙ୍କର ନ୍ୟାଯ୍ୟଦାବି ପାଇଁ ଆନ୍ଦୋଳନର ତୀବ୍ରତା ଏବେ ହ୍ରାସ ପାଇଛି କି ? ଏକଦା ଏ ଦେଶରେ କୃଷକ ସଂଗଠନଙ୍କ ଏକ ବଳିଷ୍ଠ ଭୂମିକା ଥିଲା । ମହାରାଷ୍ଟ୍ରରେ ଶ୍ରୀ ଶରଦ ଯୋଶୀ, କର୍ଣ୍ଣାଟକରେ ପ୍ରଫେସର୍ ନାଜୁନ୍ଦା ସ୍ୱାମୀ, ଉତ୍ତରପ୍ରଦେଶରେ ଶ୍ରୀ ମହେନ୍ଦ୍ର ସିଂ ଟିକାୟତଙ୍କର ନାମ ବିଶେଷ ଉଲ୍ଲେଖନୀୟ । ଏହାଛଡା ପ୍ରତ୍ୟେକ ରାଜନୈତିକ ଦଳର ମଧ୍ୟ କୃଷକ ସଂଗଠନ ରହି ଆସିଛି । ଏବେ ସେ ସବୁ ସଂଗଠନଙ୍କ ପ୍ରଭାବ ହ୍ରାସ ପାଇଛି । ଶ୍ରୀ ଶରଦ ଯୋଶୀ ବିଶ୍ୱ ବ୍ୟାଙ୍କର ସମର୍ଥକ ଓ ଜଗତୀକରଣ ଉଦାରୀକରଣ ପ୍ରକ୍ରିୟାର ଅନୁଗତ ଓ ବିଶ୍ୱସ୍ତ ମୁଖପାତ୍ର । ପ୍ରଫେସର ନାଜୁନ୍ଦା ସ୍ୱାମୀ ସ୍ୱର୍ଗବାସ କରିଛନ୍ତି । ଶ୍ରୀ ମହେନ୍ଦ୍ରସିଂ ଟିକାୟତଙ୍କ ବୟସ ହୋଇଗଲାଣି । ସବୁ ରାଜନୈତିକ ଦଳ ଜଗତୀକରଣ ଓ ଉଦାରୀକରଣ ପ୍ରକ୍ରିୟାରେ ଆସ୍ଥା ଥିବାରୁ ସେମାନେ ଦକ୍ଷିଣପନ୍ଥୀ ବା ବାମପନ୍ଥୀ ହୁଅନ୍ତୁ କୃଷକ ସଂଗଠନମାନଙ୍କୁ ଦିଗ ଦର୍ଶନ ଦେଇପାରୁନାହାନ୍ତି । ବାମପନ୍ଥୀ ଦଳମାନଙ୍କ ସିଙ୍ଗୁର ଓ ନନ୍ଦିଗ୍ରାମର କୃଷକମାନଙ୍କ ସ୍ୱାର୍ଥହାନୀ କରିବା ସେମାନଙ୍କର ଆଭିମୁଖ୍ୟର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ଓଡ଼ିଶା ପରିପ୍ରେକ୍ଷୀରେ କୃଷକ ମହାସଂଘ ଓ କୃଷକ ସମାଜ କୃଷକମାନଙ୍କର ମନଛୁଇଁଲା ଭଳି କାର୍ଯ୍ୟକ୍ରମ ହାତକୁ ନେଇ ପାରୁନାହିଁ ।

କିନ୍ତୁ ଆମେ କୃଷକମାନଙ୍କର ସମସ୍ୟାକୁ ବିଶଦ ଆଲୋଚନା କରିବାକୁ ଚେଷ୍ଟା କରିବା ଓ କିଛି ପ୍ରସ୍ତାବ ମଧ୍ୟ ଉପସ୍ଥାପନା କରିବା । ଏହାକୁ ନେଇ କୃଷକ ସମାଜର ନିଜର

Digitized by srujanika@gmail.com

ସ୍ଥିତି ନିର୍ଦ୍ଧାରଣ କରି ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ଏ ଲେଖକ ଆଶା କରିଛି । ପ୍ରଥମେ ଆମେ କୃଷିନୀତିର ସମୀକ୍ଷା କରିବା । ଏବେ କୃଷିନୀତି ସରକାର ଆଉଥରେ ନୂଆକରି ପ୍ରସ୍ତାବ କରିବାକୁ ପଦକ୍ଷେପ ନେଇଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରମାନେ କୃଷିନୀତିକୁ ଶିଳ୍ପନୀତିରେ ମାନ୍ୟତା ଦେଇ ବ୍ୟବସାୟିକ କୃଷିକୁ ପ୍ରାଧାନ୍ୟ ଦେଇଛନ୍ତି । କୋଟି କୋଟି ଲୋକଙ୍କ ଜୀବନ ଓ ଜୀବିକା ପାଇଁ ଆବଶ୍ୟକ ହେଉଥିବା କୃଷି ଏବେ ଆଉ କେହି ଆଲୋଚନା କରୁନାହାନ୍ତି । କୃଷି ଜମିକୁ ସୁରକ୍ଷା କରିବା ପ୍ରତି କାହାର ନଜର ନାହିଁ । କୃଷିଯୋଗ୍ୟ ଜମିକୁ ଅଣ କୃଷି ପାଇଁ ବିନିଯୋଗ କରିବା ଏବେ ବ୍ୟାପକ ହୋଇଛି । ଜମିର ଉପଯୁକ୍ତ ବିନିଯୋଗକୁ ମଧ୍ୟ ବିଚାରକୁ ନିଆଯାଉନାହିଁ । ଭୂସଂସ୍କାରର ନୀତିନିୟମକୁ କୋହଳ କରାଯାଉଛି । ଜମିକୁ ଛୋଟ ଓ ନାମମାତ୍ର ଚାଷୀମାନେ କିପରି ସହଜରେ ଅନ୍ୟକୁ ଲିଜ୍ ଦେଇପାରିବେ ବା ବିକ୍ରୟ କରିବେ ତାହା ଏବେ ସରକାରୀ କାର୍ଯ୍ୟକ୍ରମରେ ପରିଣତ ହୋଇ ସାରିଛି । କୁହାଯାଉଛି ଯେ କୃଷି ଛୋଟ ଓ ନାମମାତ୍ର ଚାଷୀଙ୍କ ପାଇଁ ଯୁକ୍ତିଯୁକ୍ତ ନୁହେଁ । ସେମାନେ କୃଷିକୁ ଛାଡି ଅନ୍ୟ ଅଣକୃଷି ଜୀବିକା ଗ୍ରହଣ କରିବାକୁ ପ୍ରବର୍ତ୍ତାଇବା ପାଇଁ ବିଭିନ୍ନ ପ୍ରକାର ମାଧ୍ୟମ ବ୍ୟବହାର କରାଯାଉଛି । ଭୂସମ୍ପଦକୁ ବଜାର ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇଛି । କଣ୍ଟ୍ରାକ୍ଟ ଫାର୍ମିଂ ଏବଂ କର୍ପୋରେଟ୍ ଫାର୍ମିଂ ଉପରେ ଗୁରୁତ୍ୱ ଦେବାର ଉଦ୍ଦେଶ୍ୟ ହେଉଛି ଯେ ଛୋଟ ଚାଷୀମାନଙ୍କ ଜମିକୁ କର୍ପୋରେଟ୍ ଓ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ହାତକୁ ଟେକି ଦେବା । ଚାଷ ଜମି କୃଷକର ମାଲିକାନା ଥିଲା ସବୁଦିନେ ଓ ଭବିଷ୍ୟତରେ ମଧ୍ୟ ରହିବା ଏକାନ୍ତ ଆବଶ୍ୟକ । ଏଥିରେ ବିଚ୍ୟୁତି ଘଟିଲେ ଏ ଦେଶ ଅନାହାର ଓ ଖାଦ୍ୟାଭାବର କରାଳ ଗର୍ଭରେ ଲୀନ ହୋଇଯିବ । ପରିସଂଖ୍ୟାନରୁ ଦେଖାଯାଇଛି ଯେ ଛୋଟ ଚାଷୀମାନେ ଏ ଦେଶର ଖାଦ୍ୟ ଉତ୍ପାଦନରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ଓ ଦେଶ କେମିତି ସ୍ୱାବଲମ୍ବୀ ହୋଇପାରିବ । ବିଶେଷଜ୍ଞମାନେ ଏହା ପ୍ରମାଣ ମଧ୍ୟ କରିଛନ୍ତି । ଜମିର ସୁରକ୍ଷା କରିବା ଦ୍ୱାରା ପରିବେଶର ସୁରକ୍ଷା କରିଛନ୍ତି । ଏହ ଦେଶର କୋଟି କୋଟି ଲୋକଙ୍କ ଅନ୍ନସଂସ୍ଥାନ କର୍ମସଂସ୍ଥାନ ବ୍ୟବସ୍ଥାରେ ମୁଖ୍ୟ ଭୂମିକା ଏମାନେ ଗ୍ରହଣ କରିଛନ୍ତି ।

ଦ୍ୱିତୀୟରେ, କୃଷକମାନଙ୍କ ଉପରେ ଯେଉଁ ଋଣଭାର ବଢ଼ିଛି ତାହା କମିବାର ଆଶା ଦେଖାଯାଉନାହିଁ । ଆମର ବ୍ୟାଙ୍କ ସେବା ଓ ଋଣ ଦେବା ବ୍ୟବସ୍ଥାରେ ଏତେ ଦୁର୍ବଳତା ରହିଛି ଯେ, ଛୋଟ ଚାଷୀମାନେ ମହାଜନ ସାହୁକାରଙ୍କ କବଳରୁ ରକ୍ଷା ପାଇ ପାରୁନାହାନ୍ତି । ଥରେ ସାହୁକାରମାନଙ୍କର ଦ୍ୱାରସ୍ଥ ହେଲେ ସେଥିରୁ ମୁକୁଳିବାର ରାସ୍ତା ଦେଖାଯାଉନାହିଁ । ବେଳେବେଳେ ବ୍ୟାଙ୍କମାନେ ସାହୁକାରଙ୍କଠାରୁ ଆହୁରି ହୀନ ଓ କଠୋର ପଦକ୍ଷେପ ଜରିଆରେ ଋଣ ଅସୁଲ କରୁଛନ୍ତି । ବିଶ୍ଳେଷଣରୁ ଜଣାଯାଇଛି ଯେ ବ୍ୟାଙ୍କମାନେ ବଡ଼ ବଡ଼

Digitized by srujanika@gmail.com

କର୍ପୋରେଟ୍ ଓ ଶିଳ୍ପପତିମାନଙ୍କର ହଜାର ହଜାର କୋଟି ଟଙ୍କାର ଋଣକୁ ଛାଡ ବା 'ରାଇଟ୍ ଅଫ' କରି ଦେଉଛନ୍ତି ପ୍ରତିବର୍ଷ । କିନ୍ତୁ ଛୋଟ ଛୋଟ ଚାଷୀମାନଙ୍କର କେଇ ହଜାର ଟଙ୍କାର ଋଣକୁ କଢେଇବାକୁ ଅକ୍ଷମ ହୋଇ ଆତ୍ମହତ୍ୟା କରୁଛନ୍ତି । ଏଣୁ ଚାଷୀମାନଙ୍କର ଋଣମୁକ୍ତି ପାଇଁ ବିହିତ ପଦକ୍ଷେପ ନେବାକୁ ସରକାର ଆଗ୍ରହ ପ୍ରକାଶ କରିବେ ବୋଲି ଦାବି ହୋଇ ଆସୁଛି ।

ତୃତୀୟରେ, କୃଷକର ସବୁଠାରୁ ବଡ଼ ଅଭିଯୋଗ ଯେ ସେ ଫସଲର ସର୍ବନିମ୍ନ ମୂଲ୍ୟ ପାଉନାହିଁ । ବଜାର ଦର କେମିତି ଓ ଫସଲର ଚାହିଦା କିପରି ତାହା ଏହି ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ଆବଶ୍ୟକ । କିନ୍ତୁ ସରକାର ଆପଣା ମନ ମୁତାବକ ଓ ବିନା ସ୍ୱଚ୍ଛତାରେ ଏହା ନିର୍ଦ୍ଧାରଣ କରନ୍ତି । ଅନ୍ୟ ପକ୍ଷରେ ବଜାର ଦ୍ୱାରା ପ୍ରଭାବିତ ହୋଇ ସରକାର ଏବେ 'ସର୍ବନିମ୍ନ ଦର' ଭଳି ନିହାତି ଆବଶ୍ୟକ ବ୍ୟବସ୍ଥାକୁ ଉଠାଇ ଦେବାକୁ ମସୁଧା କରୁଛନ୍ତି । ଏହା ନିଶ୍ଚିତ ରୂପେ ଏକ ନକରାତ୍ମକ ପଦକ୍ଷେପ ଚାଷୀକୁଳଙ୍କ ପାଇଁ । ଚାଷୀ ଏହାଦ୍ୱାରା ଏତେ କ୍ଷତିଗ୍ରସ୍ତ ହେବ ଯେ ତାହା କଳ୍ପନା କରିବା ଅସମ୍ଭବ । ବେଳେବେଳେ ବୁଝିହୁଏ ନାହିଁ ଯେ ସରକାର କାହିଁକି ବର୍ଷ ଆରମ୍ଭରେ ସର୍ବନିମ୍ନ ଦର ଠିକ୍ କରନ୍ତି ନାହିଁ । ଫସଲ ଉତ୍ପାଦନ ପରେ ସବୁକଥା ବିଚାରକୁ କାହିଁକି ନିଆଯାଉନାହିଁ ସେ କଥା ବୁଝି ହେଉନାହିଁ ।

ଚତୁର୍ଥରେ ଖାଦ୍ୟ ଶସ୍ୟ ଆମଦାନୀ କରିବା ନିଷ୍ପତ୍ତି ଭାରତର କୃଷକମାନଙ୍କ ବେଢ଼ି ଉପରେ କୋରଡ଼ା ମାଡ଼ ସହ ସମାନ । ସବୁଜ ବିପ୍ଳବ ପରେ ଏ ଦେଶରେ ଖାଦ୍ୟ ଶସ୍ୟ ଉତ୍ପାଦନ ରେକର୍ଡ଼ ହୋଇଥିଲା ଓ ବାହାରୁ ଆମଦାନୀ ପ୍ରାୟ ବନ୍ଦ ହୋଇଯାଇଥିଲା । ଏବେ ଗତ ଦୁଇବର୍ଷ ଧରି ଭାରତ ବାହାର ଦେଶରୁ ଲକ୍ଷ ଲକ୍ଷ ଟନ୍ ଗହମ ଆମଦାନୀ କରିଛି । ଏ ଦେଶର ଗହମ ଚାଷୀମାନଙ୍କୁ କ୍ୱିଣ୍ଟାଲ୍ ପ୍ରତି ଟ୭୫୦.୦୦ ଦେଉଥିଲାବେଳେ, ବାହାର ଦେଶରୁ ଆମଦାନୀ ହେଉଥିବା ଗହମକୁ ପ୍ରାୟ କ୍ୱିଣ୍ଟାଲ ପିଛା ଟ ୧୬୦୦.୦୦ ଦେଉଛି । ଏହା ଘୋର ଅନ୍ୟାୟ ନୁହେଁ କି ? ଏ ଦେଶର କୃଷକମାନଙ୍କୁ ଉତ୍ପାଦନ ବୃଦ୍ଧି ପାଇଁ ଯାହାକିଛି ସାହାଯ୍ୟ ଆବଶ୍ୟକ ତାହା ଦେବାକୁ ସରକାରଙ୍କ ଏତେ କୁଣ୍ଠା ପ୍ରକାଶ କାହିଁକି ? ଆମ ଦେଶରେ ଆବଶ୍ୟକ ହେଉଥିବା ଖାଦ୍ୟଶସ୍ୟ ଆମ କୃଷକ ନିଶ୍ଚିତ ଉତ୍ପାଦନ କରୁଛି । ଗହମ ହେଉକି ଚାଉଳ ହେଉ, ଚିନି ହେଉକି ଫଳ ପନିପରିବା ହେଉ, ଏ ଦେଶର ଯଥେଷ୍ଟ ଉତ୍ପାଦନ ହେବା କ୍ଷମତା ରହିଛି । ତାହାକୁ ବିନିଯୋଗ କରିବାର ବାଟ କାଢ଼ିବାର ଅଛି । କୃଷିବୀମା ମଧ୍ୟ ଠିକ୍ ରୂପେ କାର୍ଯ୍ୟକାରୀ ହେଉନାହିଁ । ନୀତିଗତ ଭାବେ ବାହାରୁ ଖାଦ୍ୟଶସ୍ୟ ଆମଦାନୀ କରିବା ନିଷେଧ ହେବାକୁ ବିଭିନ୍ନ ମହଲରୁ ଦାବୀ ରହିଛି ।

ପଞ୍ଚମରେ, କୃଷି ପାଇଁ ଆବଶ୍ୟକ ହେଉଥିବା ଜଳସେଚନ ଏବେ କମିବାରେ ଲାଗିଛି । ଜଳସେଚନ ପାଇଁ ଆବଶ୍ୟକ କେନାଲ ପାଣି ହେଉକି ଭୂଜଳ ହେଉ, ଏହା ଏବେ ବ୍ୟବସାୟୀ

Digitized by srujanika@gmail.com

କରଣର ଜାଲରେ ପଡି ଯାଇଛି । ଏହାଦ୍ୱାରା କୃଷି ପାଇଁ ଆବଶ୍ୟକ ଜଳକୁ ବର୍ତ୍ତମାନ ଶିଳ୍ପ ଓ ଅଣକୃଷି କାର୍ଯ୍ୟରେ ବ୍ୟବହାର କରାଯାଉଛି । ବିଭିନ୍ନ ଯୁକ୍ତି ଦେଖାଇ ଶିଳ୍ପ କାରଖାନାମାନେ ପାଣିନେବା ଆରମ୍ଭ କରିଛନ୍ତି । ଭୂଜଳ ପାଇଁ ଗଭୀର ନଳକୂପମାନ ଖୋଳୁଛନ୍ତି । ଜଳନୀତିରେ ଜଳ ସମ୍ପଦର ଘରୋଇକରଣର ଛାପ ଦେଖିବାକୁ ମିଳୁଛି । କୃଷିର ପ୍ରାଧାନ୍ୟ ରହି ନାହିଁ ଏହି ନୀତିରେ । କୃଷି ଓ ଜଳସେଚନ ମୁଦ୍ରାର ଦୁଇପାର୍ଶ୍ୱ । ଜଳସେଚନର ଅଭାବ ରହିଲେ ପାରମ୍ପରିକ କୃଷି ବ୍ୟାଘାତ ହେବ । କୃଷିର ସୁରକ୍ଷା ପାଇଁ ଜଳସେଚନ ଓ ଜଳର ବ୍ୟବହାର ଉପରେ ବାସ୍ତବ ନୀତି ଗ୍ରହଣ କରିବାକୁ ହେବ ।

ଷଷ୍ଠରେ, କୃଷିକୁ ବିଶ୍ୱ ବାଣିଜ୍ୟ ସଂଗଠନ ବା ଡ୍ବ୍ଲୁ.ଟି.ଓର ପରିସରରୁ ବାହାରେ ରଖିବା ଉଚିତ ହେବ ବୋଲି ଅନେକ ମତ ପ୍ରକାଶ ପାଇଛି । ଅନ୍ୟ ବିକଶିତ ଦେଶରେ କୃଷକମାନେ ସେମାନଙ୍କର ବିଶ୍ୱ ବଜାରକୁ ନିୟନ୍ତ୍ରଣ କରିବାର ଉଦ୍ୟମ ଜାରି ରଖିଛନ୍ତି । ସେମାନଙ୍କୁ ସେମାନଙ୍କର ସରକାର ଏତେ ରିହାତି ଦେଉଛି ଯେ, ସେମାନେ ସହଜରେ ଓ ଅଳ୍ପଖର୍ଚ୍ଚରେ ଗହମ, କପା, ଖାଇବା ତେଲ, ଆଦି ବିଭିନ୍ନ ଖାଦ୍ୟଦ୍ରବ୍ୟ ଉତ୍ପାଦନ କରୁଛନ୍ତି ଓ ବିଶ୍ୱ ବଜାରକୁ ଛାଡୁଛନ୍ତି । ଭାରତ ବିଶ୍ୱ ବାଣିଜ୍ୟ ସଂଗଠନର ସଦସ୍ୟତା ଗ୍ରହଣ କରିବା କେତେ ଯୁକ୍ତି ଯୁକ୍ତ- ଏହା ବାରମ୍ବାର ପ୍ରଶ୍ନ ଉଠୁଛି । ଏବେ ମଧ୍ୟ ବିଶ୍ୱବାଣିଜ୍ୟ ସଂଗଠନ ଓ ସେଥିରେ ଥିବା ରାଜନୀତିକୁ ଭାରତ ସମ୍ଭବତଃ ବୁଝିପାରୁନାହିଁ । ଏଠାରେ କୃଷକମାନଙ୍କ ଆତ୍ମହତ୍ୟା କରିବା ଅଥଚ ବିଶ୍ୱବଜାରରେ ଭାରତରୁ ଉତ୍ପାଦିତ ହେଉଥିବା ଖାଦ୍ୟ ଶସ୍ୟ ଓ ଅନ୍ୟାନ୍ୟ ଉପଭୋକ୍ତା ଜିନିଷ ବିକ୍ରି ହେଉଥିବା ଏହା ଏକ ଲଜ୍ଜ୍ୟାକର କଥା ନିଶ୍ଚିତ ।

ସପ୍ତମରେ, ଭାରତରେ ଏକ ବ୍ୟବସାୟିକ ଭିତ୍ତିରେ ବିଭିନ୍ନ ଗବେଷଣାଗାରରୁ ବାହାରିଥିବା ଜି.ଏମ୍ ବିହନ ଏଦେଶର କୃଷକମାନଙ୍କର ଧ୍ୱଂସର ରାସ୍ତା ଦେଖାଉଛି । ପ୍ରଥମେ ବିଟି କଟନ୍(Bt Cotton) ଭଳି ବିହନ କଥା ଆଲୋଚନା କରାଯାଉ । ଭାରତରେ ଯେତେ କୃଷକ ଆତ୍ମହତ୍ୟା କରୁଛନ୍ତି, ପ୍ରତ୍ୟେକଙ୍କ ପଛରେ ଏଇ ବିଟି କଟ୍ନ ଅଛି ବୋଲି ସମସ୍ତେ ମାନୁଛନ୍ତି । ବିଟି ଭଳି ବୈଷୟିକ ଜ୍ଞାନ ଓ ଗବେଷଣାକୁ ନେଇ ଏବେ ବିଭିନ୍ନ ପ୍ରକାର ବିହନ ଉପରେ ପରୀକ୍ଷା ଚାଲିଛି । ଏବେ ବିଟି ବାଇଗଣ ଉପରେ ମଧ୍ୟ ଗବେଷଣା ଓ କ୍ଷେତ୍ରୀୟ ପରୀକ୍ଷା ମଧ୍ୟ ଚାଲିଛି । ଏଇଭଳି ଲୁଚଛପା ଗବେଷଣା ସବୁ ବିହନ କମ୍ପାନୀମାନଙ୍କ ଦ୍ୱାରା ଚାଲିଛି ବିଭିନ୍ନ ପରିସରରେ । ଏଇ ବିହନରୁ ଯେଉଁ ଖାଦ୍ୟଦ୍ରବ୍ୟ ଉତ୍ପାଦନ ହେବ ତାହା ଆମର ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପକାଇବ ଅନେକ ଆଶଙ୍କା ଦେଖାଦେଇଛି । ଏସବୁ ଗବେଷଣାଗାରରୁ ଉତ୍ପାଦିତ ବିହନ ଦ୍ୱାରା ଚଷୀର ପାରମ୍ପରିକ ବିହନ ସବୁ ଲୋପ ପାଇଯିବାକୁ ବସିଲାଣି । କପାର ଉଦାହରଣ ନିଆଯାଉ । ଏବେ ବିଟି କଟନ୍ ଦ୍ୱାରା ଏ ଦେଶରୁ ସର୍ବଶ୍ରେଷ୍ଠ ଓ ସର୍ବୋତ୍ତମ ଦେଶୀ କପା ବିହନ ଲୋପ ପାଇସାରିଲାଣି । ଇତିହାସର

Digitized by srujanika@gmail.com

ପୃଷ୍ଠା ଉନ୍ମୋଚନ କଲେ ଜଣା ପଡେ ଯେ, ଏକଦା ଏ ଦେଶର କପା ସାରାବିଶ୍ୱର ସବୁଠାରୁ ବେଶୀ ଗୁଣାତ୍ମକ ଥିଲା । ଏବେ ସବୁକିଛି ଓଲଟ ପାଲଟ ହୋଇଯାଇଛି ।

ଆଜିର କୃଷି ଓ କୃଷକ ସମସ୍ୟାର ଜାଲ ଭିତରେ ପଡିଛନ୍ତି ବୋଲି କେବଳ ପ୍ରଧାନମନ୍ତ୍ରୀ କହୁ ନାହାନ୍ତି । ସାଧାରଣ ଜନତା ମଧ୍ୟ ଏହ ଉପଲବ୍ଧି କରିବାକୁ ଆରମ୍ଭ କରୁଛି । କାରଣ ସାଧାରଣ ଲୋକଙ୍କ ଖାଦ୍ୟ ନିରାପତ୍ତା ଓ ସ୍ୱାସ୍ଥ୍ୟ ଏ ଦେଶର କୃଷି ଓ କୃଷକ ଉପରେ ନିର୍ଭର କରୁଛି । କୃଷି ଓ କୃଷକର ଏକ ସାମଗ୍ରିକ ସତ୍ତା ରହିଛି । ଏହା ଏଦେଶର ପାଣି, ପବନ, ଜମି ଓ ଆକାଶ, ସଭ୍ୟତା ଓ ସଂସ୍କୃତି, ପରିବେଶ ଓ ପରମ୍ପରା ସହ ଓତପ୍ରୋତ ଭାବେ ଜଡିତ । ଏଦେଶ କ୍ଷୁଧା ଓ ଦୁର୍ଭିକ୍ଷର ଅନେକ କଳଙ୍କମୟ ଦୃଶ୍ୟ ଅଙ୍ଗେ ନିଭେଇଛି । କିନ୍ତୁ ଏଦେଶ ମଧ୍ୟ ସୁଜଳା ସୁଫଳା ଓ ଶସ୍ୟ ଶ୍ୟାମଳା । ଆମକୁ ନିଶ୍ଚିତ ଭାବେ ନିଷ୍ପତ୍ତି ନେବାକୁ ହେବ ଆମେ କେଉଁ ଦିଗରେ ଯିବା ।

□□□

Digitized by srujanika@gmail.com

ସ୍ୱପ୍ନ ଦେଖିଥିବା ଜଣେ ସରପଞ୍ଚ

ଏବେ ଗତ ସପ୍ତାହରେ ମୟୂରଭଞ୍ଜ ଜିଲ୍ଲାର ସୁକୁଳି ବ୍ଲକ୍‌ର ଗାଲୁସାହି ପଞ୍ଚାୟତର ଯୁବ ସରପଞ୍ଚ ଶ୍ରୀ ଜୟପାଲ୍ ସିଂ ତିଉଙ୍କ ସହ ଦେଖାହେଲା । ଆଗରୁ ଜଣେ ଦକ୍ଷ ଓ ଉତ୍ସର୍ଗୀକୃତ ସ୍ୱେଚ୍ଛାସେବୀ ହିସାବରେ ତାଙ୍କୁ ମୁଁ ଜାଣିଥିଲି । 'ପେସା' ଆଇନ୍ ଉପରେ ସଚେତନତା କାର୍ଯ୍ୟକ୍ରମ ବ୍ୟାପକ କରିବା ଉଦ୍ଦେଶ୍ୟରେ ଆମେ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଥିଲୁ ସେଥିରେ ସେ ସାମିଲ୍ ହୋଇଥିଲେ । ଜଣେ କୋହ୍ଲ ଆଦିବାସୀ ଯୁବକ । ବୟସ ୨୮ବର୍ଷ । ଶିକ୍ଷାଗତ ଯୋଗ୍ୟତା ଦଶମ ଫେଲ୍ । ବିବାହିତ ଓ ଦୁଇଟି ସନ୍ତାନର ଜନକ । ନିଜ ଗାଁକୁ ଛାଡି ଆଖପାଖ ଗାଁରେ ଶିକ୍ଷା, ବୃକ୍ଷରୋପଣ, ଜଳସେଚନ କାର୍ଯ୍ୟକ୍ରମ, ସ୍ୱୟଂ ସହାୟକ ଦଳ ଗଠନ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଆଦି ଗାଁକୁ ଆଣିବା ହେଲା ତାଙ୍କର ମୁଖ୍ୟ କାମ । ମୟୂରଭଞ୍ଜର ଆଦିବାସୀ ଅଞ୍ଚଳରେ ବିଭିନ୍ନ ରାଜନୈତିକ ଦଳଙ୍କ ଭିତରେ ତୀବ୍ର ପ୍ରତିଯୋଗିତା । କେଉଁ ପଞ୍ଚାୟତରେ କିଏ ବିଜୟଲାଭ କରିବ ସେଥିପାଇଁ ବଳ କଷାକଷି । ଜୟପାଲ୍ କିନ୍ତୁ ଏତେ ଲୋକପ୍ରିୟ ଯେ ଜଣେ ନିର୍ଦ୍ଦଳୀୟ ପ୍ରାର୍ଥୀ ଭାବେ ଅନ୍ୟ ଦଳୀୟ ପ୍ରାର୍ଥୀମାନଙ୍କୁ ବହୁ ପଛରେ ପକାଇ, ସେ ୫୦୦ରୁ ଅଧିକ ଭୋଟ ବ୍ୟବଧାନରେ ନିର୍ବାଚନରେ ଜିତି ସ୍ୱାଧୀନ ସରପଞ୍ଚ ହୋଇ ପାରିଲେ । ଅନ୍ୟ ପ୍ରାର୍ଥୀମାନେ ଯେତେ ପ୍ରଚାର କରିଥିଲେ ମଧ୍ୟ ତାହାର ପ୍ରଭାବ କିଛି ପଡିନଥିଲା । ରାଜନୈତିକ ଦଳମାନଙ୍କର ଭୋଟ କିଣିବା ପ୍ରକ୍ରିୟା ଖୁବ୍ ଜୋରରେ ଚାଲିଥିଲା । ଟଙ୍କା, ମଦ ଓ ଅନ୍ୟ ପ୍ରଲୋଭନ ସବୁ ଦିଆଯାଇଥିଲା । କିନ୍ତୁ ଗାଲୁସାହି ପଞ୍ଚାୟତର ଶ୍ରୀ ଜୟପାଲ ସିଂ ତିଉ ଏକ ଅଭିନବ ବିଜୟରେ ଗୌର ବାନ୍ୱିତ ହୋଇ ସରପଞ୍ଚ ପଦରେ ଅଧିଷ୍ଠିତ ହେଲେ । କିନ୍ତୁ ଲୋକେ କାହିଁକି ତାଙ୍କୁ ଏତେ ସଂଖ୍ୟାରେ ଭୋଟ୍ ଦେଲେ ? ମୁଁ ଏକଥା ତାଙ୍କୁ ପଚାରିଥିଲି । ସେ କହିଥିଲେ, ତାଙ୍କର ଜମି ଜମା ଅଛି ଦେଢ଼ ଏକର ଏବଂ ଗାଲୁ ସାହି ପଞ୍ଚାୟତରେ କେତେ ପରିବାରଙ୍କୁ ଛାଡି ଦେଲେ, ସମସ୍ତେ ତାଙ୍କ ଭଳି ଛୋଟ ଓ ନାମ ମାତ୍ର ଚାଷୀ । ବର୍ଷସାରା ଖାଇବାକୁ ମିଳେ ନାହିଁ । ଜମିରୁ ଉତ୍ପାଦିତ ଫସଲ ମଧ୍ୟ ଯଥେଷ୍ଟ ନୁହେଁ । କାମ ଧନ୍ଦା ମିଳେ ନାହିଁ । ସରକାରୀ କାର୍ଯ୍ୟକ୍ରମ ଗାଁ ଭିତରକୁ ଆସେ ନାହିଁ । ଗାଁର ଗରିବ

Digitized by srujanika@gmail.com

ପରିବାରମାନେ ନାଲ୍‌କୋ ବା ଭୁବନେଶ୍ୱରକୁ ଜୀବିକା ଅନ୍ୱେଷଣରେ କେତେମାସ ପାଇଁ ଯାଆନ୍ତି । ଜୟପାଲ୍ କିନ୍ତୁ ଗରିବ ଆଦିବାସୀଙ୍କ ପଛରେ ଛିଡ଼ା ହୋଇଥାଏ । କାହାର ଡାକ୍ତରଖାନା ଯିବା ଦରକାର, କାହାର ପେନ୍‌ସନ୍ ଆଣିବା ଦରକାର, କାହା ପିଲାର ଆଶ୍ରମ ସ୍କୁଲରେ ନାଁ ଲେଖା ହୋଇପାରୁନାହିଁ ଆଦି ଅନେକ କାମରେ ଜୟପାଲ୍ ତତ୍‌କ୍ଷଣାତ୍ ହସ ହସ ମୁହଁରେ ନିଜର ସାହାଯ୍ୟଭରା ହାତଟିକୁ ବଢ଼ାଇ ଦେଇଥାନ୍ତି । ଲୋକେ ଏଥିପାଇଁ ତାଙ୍କୁ ଚିହ୍ନିଥିଲେ । ତେଣୁ ଟଙ୍କା ପଇସା ଖର୍ଚ୍ଚ ନକରି, ମଦ ଓ କୁକୁଡ଼ା ଲାଞ୍ଚ ନଦେଇ ସେ ସମସ୍ତଙ୍କର ମନ କିଣିଥିଲେ । ଅନ୍ୟ ସରପଞ୍ଚ ପ୍ରାର୍ଥୀମାନେ ଦଳରୁ ଆର୍ଥିକ ସାହାଯ୍ୟ ଅପର୍ଯ୍ୟାପ୍ତ ପାଇ ମଧ୍ୟ ତାଙ୍କ ଆଗରେ ହାର ମାନିଥିଲେ ।

ମୋ ମନରେ ଅନେକ କୌତୂହଳ ସୃଷ୍ଟି ହୋଇଥିଲା ଶ୍ରୀ ଜୟପାଲ୍ ସିଂ ତିଉଙ୍କ ବିଷୟରେ ବେଶି କିଛି ଜାଣିବା ପାଇଁ । ଜଣେ ଯୁବକ ଓ ସଚ୍ଚୋଟ ବ୍ୟକ୍ତିତ୍ୱର କିଛି ସ୍ୱପ୍ନ ଅଛି କି ? ସରପଞ୍ଚ ହେବା ପରେ ଜୟପାଲଙ୍କ ସହ ମୋର ପ୍ରଥମ ଦେଖାରେ ମୁଁ କିଛି ପରିବର୍ତ୍ତନର ସଙ୍କେତ ପାଇଲି ନାହିଁ । ପୂର୍ବଭଳି ସାଇକେଲ ଚଲାଇ ସେ ମୋପାଖକୁ ଦେଖା କରିବାକୁ ଆସିଥିଲେ । ଅନ୍ୟ ସରପଞ୍ଚମାନେ କ୍ଷମତାକୁ ଆସିଲା ମାତ୍ରେ ତାଙ୍କର ବେଶ ପୋଷାକରେ ପରିବର୍ତ୍ତନ ଆସିଯାଏ । ଆହୁରି ଆସେ ଚାଲି ଚଳଣିରେ । ମଟର ସାଇକେଲ୍ କିଣିବାକୁ ବେଶୀ ସମୟ ଲାଗେ ନାହିଁ । ସବୁ ମିଟିଂ ପାଇଁ ସମୟ ଥାଏ ଅଥଚ ପଞ୍ଚାୟତର ଯେଉଁ ଲୋକମାନେ ତାଙ୍କୁ ଭୋଟ୍ ଦେଇଥାଆନ୍ତି, ସେମାନଙ୍କୁ ସେ ସର୍ବଦା ଭୁଲିଯାଏ । ସରପଞ୍ଚ ବେଶି ମିଳାମିଶା କରେ ଠିକାଦାର, ଜେ.ଇ. ଆଦିଙ୍କ ସହ । ଜୟପାଲ କିନ୍ତୁ ବେଶି ସମୟ ପଞ୍ଚାୟତ ଭିତରେ କଟାନ୍ତି ଓ ସବୁ ଲୋକଙ୍କ ସହ ବ୍ୟକ୍ତିଗତ ସମ୍ବନ୍ଧ ରଖିଥାଆନ୍ତି । କାହାର ଦେହ ଖରାପ ହେଲେ ଡାକ୍ତରଖାନା ନେବା, କାହାର ବି.ପି.ଏଲ୍ କାର୍ଡ଼ ମିଳିନାହିଁ, ଏ ସବୁକାମ କରିବାରେ ବହୁ ସମୟ ଲାଗେ । ବ୍ଲକ୍ ସ୍ତରୀୟ ସରକାରୀ କର୍ମଚାରୀମାନେ ବେଳେବେଳେ ସହଯୋଗ କରନ୍ତି, କିନ୍ତୁ ଯେତିକି ସହଯୋଗ ମିଳୁଛି ଜୟପାଲ ସେଥିରେ ସନ୍ତୁଷ୍ଟ ନୁହଁନ୍ତି । କାରଣ ତାଙ୍କର ଏକ ସ୍ୱପ୍ନ ଅଛି ବୋଲି ସେ କହୁଥିଲେ । ପଞ୍ଚାୟତରେ ଜଳସେଚନର ବ୍ୟବସ୍ଥା ନାହିଁ । ୫୦ଟି ଛୋଟଛୋଟ ପୋଖରୀ ଖୋଳିବାର ଯୋଜନା କରିଛନ୍ତି । ପଞ୍ଚାୟତରେ ଜମି ଅଛି । କିନ୍ତୁ ଏଥର ବ୍ଲକ୍ ତରଫରୁ ଅନ୍ୟ ପଞ୍ଚାୟତରେ ବୃକ୍ଷରୋପଣ ହେଲା । 'ଗାଲୁସାହି' ପଞ୍ଚାୟତକୁ ବି.ଡି.ଓଙ୍କର ଦୃଷ୍ଟି ପଡିଲା ନାହିଁ । 'ଜଳ, ଜମି, ଜଙ୍ଗଲ' ଓ ଏହାର ମୂଲ୍ୟ ଜୟପାଳ ବୁଝିଥିବାରୁ ତାଙ୍କର ଲକ୍ଷ୍ୟ ରହିଛି ଯେ, ପଞ୍ଚାୟତରେ କେମିତି ଏଗୁଡ଼ିକର ସଂରକ୍ଷଣ ହେବ । ଗାଁରେ ରାସ୍ତା, ବିଜୁଳି, ପିଇବା ପାଣିର ବ୍ୟବସ୍ଥା ବ୍ୟାପକ କରିବାକୁ ସେ ଉଦ୍ୟମ କରୁଛନ୍ତି । ଏସବୁପାଇଁ ବିଧାୟକ ଓ ସାଂସଦଙ୍କ ସହ ଯୋଗାଯୋଗ କରିଛନ୍ତି । ଜିଲ୍ଲାପାଳ ଓ ପଦସ୍ଥ ଅଫିସରମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ

Digitized by srujanika@gmail.com

ଚେଷ୍ଟା କରୁଛନ୍ତି । ନିଜ ପଞ୍ଚାୟତରେ କୃଷିର ଉନ୍ନତି ସହ ସାମୂହିକ ଭାବେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ, ସାମାଜିକ ସୁରକ୍ଷା ଆଦିର କିପରି ଉନ୍ନତି ହେବ ସେଥିପାଇଁ ସେ ସବୁବେଳେ ଚେଷ୍ଟିତ । ସବୁପିଲା ପାଠ ପଢ଼ିବେ ଓ ଉଚ୍ଚଶିକ୍ଷା ପ୍ରତି ଆଗ୍ରହୀ ହେବେ, ଏକଥା ପ୍ରତି ସେ ବିଶେଷ ଧ୍ୟାନ ଦେଉଛନ୍ତି । ପ୍ରତ୍ୟେକ ଶିଶୁର ଟିକାକରଣ ପାଇଁ ସେ ଖୁବ୍ ଯତ୍ନଶୀଳ ଅଛନ୍ତି । ମାଆମାନେ କେମିତି ଆଗକୁ ଆସିବେ ସେଥିପାଇଁ ସ୍ୱୟଂସହାୟକ ଦଳ ସବୁ ଖୁବ୍ ସକ୍ରିୟ ଅଛନ୍ତି । ଗାଲୁସାହି ଗାଁର ସ୍ୱୟଂ ସହାୟିକାଦଳ ସୁଦୃଢ଼ ଓ ସୁପ୍ରିୟ ହୋଇ ପାରିଛି ସେ ଅଞ୍ଚଳରେ । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଛି ମଧ୍ୟ । ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ 'ଉଦୟନ'ର ସେ ଜଣେ ସକ୍ରିୟ ସଦସ୍ୟ । ଏଣୁ ଏ ଅଞ୍ଚଳରେ ଜୟପାଲ୍ ଖାଲି ସରପଞ୍ଚ ନୁହନ୍ତି; ଜଣେ ବିକାଶର ସହାୟକ ଓ ସଚେତକ ମଧ୍ୟ । ଗ୍ରାମବାସୀ, ପଞ୍ଚାୟତ, ସ୍ୱେଚ୍ଛାସେବୀ ସଂଗଠନ ଓ ସରକାରଙ୍କ ମିଳିତ ଉଦ୍ୟମରେ ପଞ୍ଚାୟତ ପ୍ରଗତିପଥରେ ଅଗ୍ରସର ହେବା ଅବଶ୍ୟମ୍ଭାବୀ । ଏହା ଗାଲୁସାହି ପଞ୍ଚାୟତରୁ ସ୍ପଷ୍ଟ ବୁଝା ପଡୁଛି ।

ଶ୍ରୀ ଜୟପାଲ ସିଂ ତିଉଙ୍କୁ ଅନେକ ବାଟ ଯିବାକୁ ହେବ । ଅନେକ ପ୍ରକ୍ରିୟାକୁ ବୁଝିବାକୁ ହେବ । ବିକାଶର ଧାରାକୁ ଜାଣିବାକୁ ହେବ । ବିକାଶର ବାଟ ଏତେ ସହଜ ନୁହେଁ । ରାଜନୀତି ଓ ଲୋକନୀତି ମଧ୍ୟ ଖୁବ୍ ଜଟିଳ । ଏପରି ପରିସ୍ଥିତିରେ ଭାରତରେ ଜଣେ ସରପଞ୍ଚ ଏବେ ଅନେକ ଆଶା ସଂଞ୍ଚର କରିବାରେ ସଫଳ ହୋଇଛନ୍ତି । ତାଙ୍କର ନାମ ହେଉଛି ଶ୍ରୀ ପପଟ୍‌ରାଓ ପାୱାର । ମୁଁ ଯେତେଥର ଜାତୀୟ ସ୍ତରରେ ବିକାଶମୂଳକ ଆଲୋଚନାରେ ଭାଗ ନେଇଛି ଶ୍ରୀ ପପଟ୍‌ରାଓ ପାୱାରଙ୍କ ସହ ଦେଖା ସାକ୍ଷାତ ଓ ଆଲୋଚନା ହୋଇଛି । ସେ ମହାରାଷ୍ଟ୍ରର ଅହମ୍ମଦନଗର ଜିଲ୍ଲାର ହିୱାରେ ବଜାର ପଞ୍ଚାୟତର ସରପଞ୍ଚ । ଏମ୍.କମ୍. ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ବିଭିନ୍ନ ପ୍ରକାରର ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଏବେ ଗତ ସେପ୍ଟେମ୍ବର ୧୦ ତାରିଖରେ ଭାରତର ରାଷ୍ଟ୍ରପତି ତାଙ୍କ ପଞ୍ଚାୟତକୁ ଦଶଲକ୍ଷ ଟଙ୍କାର ଏକ ପୁରସ୍କାର ଦେଇଛନ୍ତି । ସେ ତାଙ୍କ ପଞ୍ଚାୟତରେ ଭୂଜଳର ସଂରକ୍ଷଣ ଓ ବିନିଯୋଗ କରି ଜଳସେଚନ ଓ ପଢ଼ିବାପାଣିର ସମସ୍ୟା ଦୂର କରିପାରିଛନ୍ତି । ତାଙ୍କର ପଞ୍ଚାୟତକୁ ଦେଶ ବିଦେଶର ବହୁଲୋକ ବିକାଶ ପ୍ରକ୍ରିୟା ଅଧ୍ୟୟନ କରିବାକୁ ଆସୁଛନ୍ତି । ହିୱାରେ ବଜାର ଭାରତର ବିକାଶ ମାନଚିତ୍ରରେ ଏକ ମାଇଲ୍‌ଖୁଣ୍ଟ ହୋଇ ସାରିଛି । ଏ ଲେଖକ ନିଜେ ଏ ପଞ୍ଚାୟତରୁ କିଛି ଶିଖିବା ପାଇଁ ଯୋଜନା କରିଛି । ଏହାଛଡ଼ା ଅନେକ ସରପଞ୍ଚ ଓ ପଞ୍ଚାୟତ ପ୍ରତିନିଧି ମଧ୍ୟ ସେଠାକୁ ପଠାଇବାକୁ ଚେଷ୍ଟା ଚାଲିଛି । ଏବେ ଏ ପଞ୍ଚାୟତ ଓ ଶ୍ରୀ ପପଟ୍‌ରାଓ ପାୱାରଙ୍କ କଥା ଆଲୋଚନା କରି ପାଠକମାନଙ୍କୁ ଗୋଟିଏ ସଫଳକାହାଣୀର ଝଲକ ଦେବା ମୁଁ ଆବଶ୍ୟକ ମନେ କରୁଛି ।

Digitized by srujanika@gmail.com

ସତୁରୀ ଦଶକରେ ହିୱ୍ରେ ବଜାରରେ ଜଳକଷ୍ଟ ଏତେ ବେଶୀଥିଲା ଯେ, ଗାଁର ଅନେକ ପରିବାର ଦେଶାନ୍ତରୀ ହୋଇଥିଲେ । କୃଷି କାର୍ଯ୍ୟ କରିବା ଅସମ୍ଭବ ହେଉଥିଲା । ଶ୍ରୀ ପପଟ୍ ରାଓ ପାୱାରଙ୍କ ପିତାମାତା ପାଠ ପଢ଼ିବା ପାଇଁ ଆଉ ଗୋଟିଏ ଗାଁକୁ ପଠାଇ ଦେଇଥିଲେ ଏଇ କାରଣ ଯୋଗୁଁ । ୧୯୭୨ ମସିହାରେ ମରୁଡି ଗାଁର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଥିଲା । ୧୯୮୯-୯୦ ମସିହାରେ ଶତକଡ଼ା ୧୨ଭାଗ ଜମି କେବଳ ଚାଷ ହେଉଥିଲା । ଗାଁର କୂଅଗୁଡିକ ବର୍ଷାଦିନ ଛଡା ଅନ୍ୟ ଦିନେ ଶୁଖିଲା ରହୁଥିଲା । ଅହମ୍ମଦ ନଗର ଏକ ମରୁଡି ପ୍ରବଣ ଜିଲ୍ଲା । ହିୱ୍ରେ ବଜାର ପ୍ରତିବର୍ଷ ପ୍ରଭାବିତ ହେଉଥିଲା ମରୁଡ଼ି ଓ ସ୍ୱଳ୍ପ ବୃଷ୍ଟି ହେତୁ । ୧୯୮୦ ମସିହାରେ ପଞ୍ଚାୟତ ନିର୍ବାଚନରେ ଗାଁର ଯୁବଗୋଷ୍ଠୀ ଶ୍ରୀ ପପଟ୍‌ରାଓ ପାୱାରଙ୍କୁ ଏକ ସର୍ବସମ୍ମତ ପ୍ରାର୍ଥୀ ରୂପେ ସରପଞ୍ଚ କରିଥିଲେ । ଶ୍ରୀ ପାୱାର ବିଖ୍ୟାତ ସମାଜସେବୀ ଓ ସଂସ୍କାରକ ଶ୍ରୀ ଆନ୍ନା ହଜାରେଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ଓ ଶ୍ରୀ ହଜାରେଙ୍କ ରାଲେ ଗାଓଁ ସିଦ୍ଧି ଗାଁର ଢ଼ାଞ୍ଚାରେ ଜଳସଂରକ୍ଷଣ କାର୍ଯ୍ୟ ଆରମ୍ଭ କରିଥିଲେ । ଆରମ୍ଭ ହୋଇଥିଲା ଏକ ସମନ୍ୱିତ ବିକାଶ କାର୍ଯ୍ୟକ୍ରମ । ମହାରାଷ୍ଟ୍ରର ସାମାଜିକ ବନୀକରଣ ବିଭାଗ ୧୯୯୩ ମସିହାରେ ହିୱ୍ରେ ବଜାରରେ ୭୦ ହେକ୍ଟର ଜମିରେ ବୃକ୍ଷରୋପଣ କରିଥିଲା । ଶ୍ରମଦାନ ଜରିଆରେ ଜଳ ବିଭାଜିକାରେ ୪୨୦୦୦ଟ୍ରେଞ୍ଚ (Contour trench) ଖୋଳିବା ଦ୍ୱାରା ଜଳ ସଂରକ୍ଷଣ ତ୍ୱରାନ୍ୱିତ ଓ ଫଳପ୍ରଦ ହୋଇଥିଲା । ବନୀକରଣ ଓ ଟ୍ରେଞ୍ଚର ଜଳସ୍ତର ବଢ଼ିଥିଲା । ଆଶାତୀତ ଭାବେ ହଠାତ୍ ବର୍ଷକ ଭିତରେ ଚାଷ ଜମି ୨୦ହେକ୍ଟରରୁ ୭୦ହେକ୍ଟରକୁ ବୃଦ୍ଧି ପାଇଥିଲା । ମହାରାଷ୍ଟ୍ର ସରକାରଙ୍କ ଆଦର୍ଶ ଗ୍ରାମ ଯୋଜନାରେ ହିୱ୍ରେ ବଜାରକୁ ଅନ୍ତର୍ଭୁକ୍ତ କରାଯାଇଥିଲା ୧୯୯୪ ମସିହାରେ ଓ ଆନ୍ନା ହଜାରେଙ୍କ ରାଲେଗାଓଁ ସିଦ୍ଧିର ମଡେଲରେ ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଯଶୋବନ୍ତ କୃଷି ଗ୍ରାମ ଓ ପାନ୍‌ଲୋଟ୍ ବିକାଶ ସଂସ୍ଥା ନାମରେ ଏକ ସଂସ୍ଥା ସେଠାରେ ଗଢି ଉଠି ଜଳବିଭାଜିକା କାର୍ଯ୍ୟକ୍ରମର ସଫଳ ରୂପାୟନ କରାଗଲା । ସରକାରଙ୍କ ସାହାଯ୍ୟ ଆସିଲା ସତ, କିନ୍ତୁ ଗ୍ରାମବାସୀମାନେ ମୁଖ୍ୟ ପରିଚାଳନାରେ ରହିଥିଲେ । ଗ୍ରାମସଭା ସବୁ ନିଷ୍ପତ୍ତି ନେଇଥିଲା ଓ ବିକାଶର ନକ୍‌ସା ତିଆରି କରିଥିଲା । ୧୯୯୫-୨୦୦୫ ଭିତରେ ଗାଁରେ ମୁଖ୍ୟ କାର୍ଯ୍ୟକ୍ରମ ଥିଲା ଜଳସଂରକ୍ଷଣ । କେଉଁ ପ୍ରକାର ଫସଲ କରି ଭୂଜଳର ପ୍ରକୃତ ବିନିଯୋଗ କରାଯିବ ତାହା ମଧ୍ୟ ସ୍ଥିର କରାଯାଇଥିଲା । ବର୍ଷାଜଳ ମଧ୍ୟ ସଂରକ୍ଷଣ କରାଗଲା ଏବଂ ଛଅଶହରୁ ଉର୍ଦ୍ଧ୍ୱ ଜଳ ଅମଳ ପ୍ରକଳ୍ପ କାର୍ଯ୍ୟକାରୀ କରାଗଲା । ଏହା ନାଟକୀୟ ଭାବେ ଜଳସେଚନର ଏରିଆ ବଢ଼ାଇ ଦେଇଥିଲା । ୨୦୦୪ ମସିହାରୁ ହିୱ୍ରେ ବଜାରରେ ଜଳ (ଭୂଜଳ ଏବଂ ବର୍ଷାଜଳ)ର ବାର୍ଷିକ ଅଟକଳ କରାଯାଉଛି ଓ ଗ୍ରାମସଭାର ନିଷ୍ପତ୍ତି ଅନୁସାରେ ଜଳର ବ୍ୟବହାର କରାଯାଉଛି । ଏହା ହିଁ ହେଉଛି ପଞ୍ଚାୟତ ସ୍ତରୀୟ ନିଷ୍ପତ୍ତିର ଏକ ବଳିଷ୍ଠ ଉଦାହରଣ ।

Digitized by srujanika@gmail.com

ଆର୍ଥିକ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆସିଛି ଏ ପଞ୍ଚାୟତରେ । କୃଷିଜାତ ଦ୍ରବ୍ୟ ଦଶଗୁଣକୁ ବୃଦ୍ଧି ପାଇ ଏକ ହଜାର ମେଟ୍ରିକ୍ ଟନରେ ପହଞ୍ଚିଛି । ଦୁଗ୍ଧ ଉତ୍ପାଦନ ୧୯୯୫ ମସିହାରେ ଥିଲା ଦୈନିକ ୧୫୦ଲିଟର । ବର୍ତ୍ତମାନ ତାହା ଦୈନିକ ୨୨୦୦ଲିଟରରେ ପହଞ୍ଚିଛି । ଦଶବର୍ଷ ଭିତରେ କୂଅ ସଂଖ୍ୟା ୯୭ରୁ ବଢ଼ି ୨୧୭ରେ ପହଞ୍ଚିଛି । କୃଷିର ଆୟ ୨୦୦୬ମସିହାରେ ଥିଲା ଟ.୨୪୭,୮୪,୦୦୦ଙ୍କା । ୧୯୯୨ ମସିହାରେ ମୋଟ୍ ୨୨୬ ପରିବାରରୁ ୧୬୮ ପରିବାର ଦାରିଦ୍ର୍ୟର ସୀମାରେଖା ତଳେ ଥିଲେ । ଏବେ ଏ ପଞ୍ଚାୟତରେ ମାତ୍ର ତିନି ଜଣ ବି.ପି.ଏଲ୍. ତାଲିକାରେ ଅଛନ୍ତି । ଗାଁରୁ ଯେଉଁ ପରିବାରମାନେ ଦେଶାନ୍ତରୀ ହୋଇଥିଲେ, ଏବେ ସେମାନେ ଗାଁକୁ ବାହୁଡ଼ି ଆସିଛନ୍ତି । ହିୱ୍ରେ ବଜାର ଏ ଦେଶର ଅଗଣିତ ଗ୍ରାମମାନଙ୍କ ପାଇଁ ଏକ ଆଲୋକ ବର୍ତ୍ତିକା ପାଲଟିଛି ।

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଗାଲୁସାହି ପଞ୍ଚାୟତ, ମହାରାଷ୍ଟ୍ରର ଅହମ୍ମଦ ନଗର ଜିଲ୍ଲାର ହିୱ୍ରେ ବଜାର ଭଳି ବିକାଶ ପଥରେ ଆଗେଇବକି ନାହିଁ ଦୁଇଟି ଉପାଦାନ ଉପରେ ନିର୍ଭର କରିବ । ପ୍ରଥମଟି ହେଲା ନେତୃତ୍ୱ । ଅର୍ଥାତ୍ ଶ୍ରୀ ଜୟପାଲ୍ ସିଂ ତିଉ, ଶ୍ରୀ ପପଟ୍‌ରାଓ ପାୱାରଙ୍କ ଭଳି ଚମତ୍କାର ବ୍ୟକ୍ତିତ୍ୱ ରୂପେ ମୁଣ୍ଡଟେକିବକି ନାହିଁ ସମୟ କହିବ । ଦ୍ୱିତୀୟଟି ହେଲା, ପଞ୍ଚାୟତିରାଜ ବ୍ୟବସ୍ଥା ଓ ଗ୍ରାମସଭା । ଗାଲୁସାହିରେ ସମସ୍ତେ ଗୋଟିଏ କୁଟୁମ୍ବ ଭଳି ଏକାଠି ବସିବେ ଓ ଗ୍ରାମସଭାକୁ ସକ୍ରିୟ ଓ ଗତିଶୀଳ କରିବେ ତାହା ମଧ୍ୟ ଏକାନ୍ତ ଆବଶ୍ୟକ । ସରକାରଙ୍କ ଅନେକ ଯୋଜନା ଅଛି ଆଦିବାସୀମାନଙ୍କ ପାଇଁ । ତାହାର ସଫଳ ରୂପାୟନ ପାଇଁ ଗ୍ରାମସଭା ଓ ସରପଞ୍ଚ ମାଧ୍ୟମ ହେବେ ।

□□□

Digitized by srujanika@gmail.com

"ଭୋକିଲା ମଣିଷଙ୍କ ପାଇଁ ଖାଦ୍ୟ ହିଁ ଭଗବାନ"

ଗାନ୍ଧୀଜୀଙ୍କ ଅନେକ ବକ୍ତବ୍ୟ ଭିତରୁ ଯାହାକୁ ଅନେକବାର ଉଦ୍ଧାର କରାଯାଏ ତା' ଭିତରେ ଅନ୍ୟତମ ହେଉଛି- 'ଭୋକିଲା ମଣିଷଙ୍କ ପାଇଁ ଖାଦ୍ୟ ହିଁ ଭଗବାନ' (ଟୁ ଏ ମ୍ୟାନ୍ ଉଇଥ୍ ଏମ୍ଟି ଷ୍ଟୋମାକ୍, ଫୁଡ୍ ଇଜ୍ ଗଡ୍ - To a man with empty stomach, Food is God) ଏକଥାର ସତ୍ୟତାରେ କାହାର ଦ୍ୱିମତ ଅଛି କି ? ନଗ୍ନ, ନିଛକ ସତ୍ୟ କଥା । କିନ୍ତୁ ଏ ଲେଖକ ଏହି ଗାନ୍ଧୀବାଦୀ ଚିନ୍ତାଧାରା ସହ ଏକଦା ସହମତ ନଥିଲା । ମଣିଷର ବଞ୍ଚିବା ପାଇଁ ଖାଦ୍ୟ ନିତାନ୍ତ ଆବଶ୍ୟକ । ମଣିଷ ଗୋଟାଏ ପ୍ରାଣୀ ହୋଇଥିବା ହେତୁ ଖାଦ୍ୟ ଗ୍ରହଣ ଓ ବର୍ଜ୍ୟବସ୍ତୁ ପରିତ୍ୟାଗ ଏକ ପ୍ରକ୍ରିୟା । ଏହା ନହେଲେ ସେ ବଞ୍ଚିପାରିବ ନାହିଁ । ମଣିଷ ଖାଦ୍ୟ ସଂଗ୍ରହ କରିବାକୁ ଜୀବନର ସିଂହଭାଗ ସମୟ ଅତିବାହିତ କରୁଛି । ଭଲ ଖାଦ୍ୟ ଖାଇବା ପାଇଁ ପାଟିରୁ ସର୍ବଦା ଲାଳ ବୋହୁଛି । ଚୈବ୍ୟ, ଚୈଷ୍ୟ, ଲେହ୍ୟର ମାତ୍ରାଧିକ ଆକର୍ଷଣ କମିବାର ଦେଖା ଯାଉନାହିଁ । ଖାଦ୍ୟାଭାବ ହେଲେ ଅନେକ ଯନ୍ତ୍ରଣା ଭୋଗିବାକୁ ପଡୁଛି ତା'କୁ । ସମ୍ଭବତଃ ଖାଦ୍ୟଭାବ ଓ ଅନାହାରରେ ମରୁଛି । କିନ୍ତୁ ଗାନ୍ଧୀଙ୍କ ଭାଷାରେ ଖାଦ୍ୟ ହିଁ ଭଗବାନ ଏହା ମାନିବା କେତେଦୂର ଯଥାର୍ଥ । ମୁଁ ଅନେକ ବର୍ଷଧରି ଏହା ବିରୁଦ୍ଧରେ ଅନେକ ଯୁକ୍ତି ବାଢି ବସିଥିଲି ।

ମଣିଷ କାହିଁକି ବଞ୍ଚି ରହିଛି ? କେବଳ ଖାଦ୍ୟ ପାଇଁ ? ନା ଆଉ କିଛି କାରଣ ରହିଛି ? ମଣିଷର ଚରମ ଆବଶ୍ୟକତା ରହିଛି ମୁକ୍ତି ଓ ସ୍ୱାଧୀନତା । ଆହୁରି ଏକ ଆବଶ୍ୟକତା ହେଉଛି ବଞ୍ଚିବାର ପରିବେଶ । ମଣିଷ ସୁଲଭ ସମ୍ବନ୍ଧ ଓ ମୂଲ୍ୟବୋଧ ଅର୍ଥପୂର୍ଣ୍ଣ ଜୀବନର ଏକ ଉପାଦାନ । ମଣିଷ ଖାଦ୍ୟ ପାଇଁ ଯେତିକି ସଂଗ୍ରାମ କରି ଆସିଛି, ନିଜର ମୁକ୍ତି ଓ ସ୍ୱାଧୀନତା ପାଇଁ ତା'ଠାରୁ ଅଧିକ ସଂଗ୍ରାମ କରିଛି । ଖାଦ୍ୟ ପାଇଁ ଯୁଦ୍ଧ କରି ଏ ପୃଥିବୀରେ ଯେତିକି ମୃତ୍ୟୁ ହୋଇଛି, ତାହାଠାରୁ ଅଧିକ ମୃତ୍ୟୁ ହୋଇଛି ମଣିଷର ମୁକ୍ତି, ସ୍ୱାଧୀନତା ଓ ଆତ୍ମସମ୍ମାନ ରକ୍ଷା ପାଇଁ । ମଣିଷ ବନ୍ୟପ୍ରାଣୀ ଭଳି କେବେହେଲେ ରହିବାକୁ ଚାହିଁ ନାହିଁ । ସେ ଚାହିଁଛି ଏକ ସାମାଜିକ ପ୍ରାଣୀ ହେବାକୁ । ତାହାର ବିବେକ ବୋଲି କିଛି ଅଛି । ଅଛି ଆବେଗ ଓ ଉତ୍ତେଜନା । ଅଛି ସଂସ୍କୃତି, ସାହିତ୍ୟ ଓ ସଂଗୀତ । ସୃଷ୍ଟି କରିଛି ଧର୍ମ ଓ

Digitized by srujanika@gmail.com

ଆଧ୍ୟାତ୍ମିକ ଚିନ୍ତନ । କିନ୍ତୁ ଖାଦ୍ୟକୁ ସେ ଭଗବାନ ବୋଲି ଭାବି ପୂଜା ଅର୍ଚ୍ଚନା କରିଛି କି ? ମହାତ୍ମା ଗାନ୍ଧୀ କ'ଣ ଭାବି ଖାଦ୍ୟକୁ ଭଗବାନ ସହ ତୁଳନା କରିଛନ୍ତି ? ଭାବି ବସିଲେ ଖୁବ୍ ଗୋଳମାଳ ଲାଗୁଛି ସବୁ ବିଚାର ବୋଧ ।

ଖାଦ୍ୟ ଯଦି ଭଗବାନ, ତେବେ ଖାଦ୍ୟ ଯୋଗାଇ ଥିବା ବ୍ୟକ୍ତିକୁ କ'ଣ କୁହାଯିବ ? ଏଇ କଥାକୁ ନେଇ ଖୁବ୍ ଚର୍ଚ୍ଚା ହୋଇଛି ଅନେକ ଯୁଗଧରି । ବିଖ୍ୟାତ ଋଷୀୟ ଔପନ୍ୟାସିକ ଦସ୍ତୋଭସ୍କି ଏକ ଚମତ୍କାର ଆଲୋଚନା କରିଛନ୍ତି ତାଙ୍କର ସର୍ବଶ୍ରେଷ୍ଠ ଉପନ୍ୟାସ 'ବ୍ରଦର୍ସ କାରାମାଜୋଭ' (The Brothers Karamazov)ରେ । ଏ ବହିରେ ଗୋଟିଏ ଅଧ୍ୟାୟର ନାମ ହେଉଛି 'ଦି ଗ୍ରାଣ୍ଡ ଇନ୍‌କ୍ୱିଜିସନ୍' (The Grand Inquistion) । ବିଶ୍ୱ ସାହିତ୍ୟରେ ଏସବୁର ମହାନତା ଯୁଗାନ୍ତକାରୀ ହୋଇ ପାରିଛି । ଏ ଧରାପୃଷ୍ଠରେ ଅନ୍ୟାୟ ଅତ୍ୟାଚାର ଖୁବ୍ ବଢ଼ିଗଲା ଏକଦା । ମଣିଷମାନେ ଅତିଷ୍ଠ ହେଲେ । ସବୁ ଅଧର୍ମ ଓ ଅନୀତିର ସୃଷ୍ଟିକର୍ତ୍ତା ଥିଲେ ସର୍ବୋଚ୍ଚ ଶାସନକର୍ତ୍ତା ଖୋଦ୍ ସମ୍ରାଟ । ସେ ପରାକ୍ରମୀ ଥିଲେ ଓ ନିଜକୁ ହର୍ତ୍ତାକର୍ତ୍ତା ଦୈବବିଧାତା ବୋଲି ଘୋଷଣା କରିଥିଲେ । ସେ ଦାବି କରୁଥିଲେ ଯେ ତାଙ୍କ ନିର୍ଦ୍ଦେଶରେ ସୂର୍ଯ୍ୟ, ଚନ୍ଦ୍ର ଆତଯାତ ହେଉଛନ୍ତି । ପୃଥିବୀରେ ଯାହାକିଛି ହେଉଛି ସେ ଚାହିଁବା ଦ୍ୱାରା ହେଉଛି । ତାଙ୍କର ଏକଛତ୍ରବାଦୀ ଶାସନ ଏ ପୃଥିବୀରେ ଶାନ୍ତି ଶୃଙ୍ଖଳା ରଖିଛି । ପ୍ରଜାମାନଙ୍କୁ ସେ ଦେଇଛନ୍ତି ଖାଦ୍ୟ, ବସ୍ତ୍ର, ବାସଗୃହ ଓ ନିରାପତ୍ତା । କିନ୍ତୁ ମଣିଷମାନେ ଏ ଅସହ୍ୟ ଶାସନରୁ ରକ୍ଷା ପାଇବା ପାଇଁ ପ୍ରାର୍ଥନା କରୁଥାଆନ୍ତି ଭଗବାନଙ୍କ ଦ୍ୱିତୀୟ ଅବତାର ପାଇଁ । ଯାହାକୁ 'ଦି ସେକେଣ୍ଡ କମିଙ୍ଗ' (The second coming) ବୋଲି ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି । ଭଗବାନ ଶେଷରେ ଯନ୍ତ୍ରଣା ଓ ଅନ୍ୟାୟ ଅତ୍ୟାଚାରର ଶିକାର ହୋଇଥିବା ମଣିଷଙ୍କ କଥା ଶୁଣିଲେ ଓ ଏ ପୃଥିବୀକୁ ଗୋଟାଏ ସନ୍ଧ୍ୟାରେ ଆସିଲେ । ଏହାକୁ ଲକ୍ଷ୍ୟକରି ଏକଛତ୍ରପତି ଶାସକ ତାଙ୍କୁ ଗିରଫ କରି କାରାଗାରର ଅନ୍ଧାର ଭିତରେ ନିକ୍ଷେପ କରିଲେ । ରାତ୍ରର ଶେଷ ପ୍ରହରରେ କାରାଗାରରେ ଯାଇ ଭଗବାନଙ୍କୁ ଏ ଶାସକ ଭେଟି ପଚାରିଲେ କାହିଁକି ସେ ଆଉଥରେ ଆସିଛନ୍ତି ଏ ପୃଥିବୀକୁ । ତାଙ୍କର ଶାସନ କାଳରେ ଏ ରାଜ୍ୟରେ ପ୍ରଜାମାନେ ବେଶ ଖୁସୀରେ ଅଛନ୍ତି । ସେମାନଙ୍କର ଖାଦ୍ୟ ଆଦି ସର୍ବନିମ୍ନ ଆବଶ୍ୟକତା ସେ ଯୋଗାଇ ଦେଇଛନ୍ତି । ଅଭାବ କିଛି ନାହିଁ । ପ୍ରଜାମାନେ ଯାହା ଚାହିଁଛନ୍ତି, ପାଇଛନ୍ତି । ତେଣୁ ଭଗବାନଙ୍କ ଆବଶ୍ୟକତା ନାହିଁ । ଭାଗବାନଙ୍କୁ ସେ ଏବେ କାରାଗାରରୁ ମୁକ୍ତି କରିଦେବେ । ସେ ଯେଉଁ ବାଟରେ ଆସିଛନ୍ତି, ସେଇବାଟେ ଫେରି ଯାଆନ୍ତୁ । ଭଗବାନ ସବୁକଥା ଶୁଣି ସାରି କାରାଗାରରୁ ପୁଣି ତାଙ୍କର ବାସସ୍ଥାନକୁ ଫେରି ଯାଇଛନ୍ତି । ଏକଛତ୍ରବାଦୀ ଶାସକ ତାଙ୍କର ଶାସନ ନିରବଚ୍ଛିନ୍ନ ଭାବେ ଓ ନିରଙ୍କୁଶ ଭାବେ ଜାହିର କରିଛନ୍ତି । ମଣିଷ ଶାସିତ ହେବା ଅପରିବର୍ତ୍ତିତ ରହିଛି । ଏ ପୃଥିବୀରେ ସ୍ୱେଚ୍ଛାଚାରୀ ମତାନ୍ଧ ଶାସକମାନେ ବାରମ୍ବାର ଜନ୍ମ ନେଇଛନ୍ତି ।

Digitized by srujanika@gmail.com

ତେଣୁ ଖାଦ୍ୟକୁ ଭଗବାନ ବୋଲି ଭାବି ନିଜକୁ ଆତ୍ମ ସମର୍ପଣ କରିବା କେତେଦୂର ଶ୍ରେୟସ୍କର ? ଜଣେ ଏକଛତ୍ରବାଦୀ ଅତ୍ୟାଚାରୀ ଶାସକର ବାହୁଛାୟା ତଳେ ଜୀବନଯାପନ କରିବା କେତେ ଦୂର ଯଥାର୍ଥ ? ଏ ପ୍ରଶ୍ନ ମୋତେ ଆନ୍ଦୋଳିତ କରିଥିଲା ଅନେକ ବର୍ଷ ଧରି । ଗାନ୍ଧୀଜୀଙ୍କର ଚିନ୍ତାଧାରା ପ୍ରତି ମୁଁ କେତେକାଂଶରେ ବୀତସ୍ପୃହ ହୋଇଥିଲି ମଧ୍ୟ । ଆମେ ସମସ୍ତେ ଖାଦ୍ୟ ଛଡ଼ା ଅନ୍ୟ କିଛି ପାଇଁ ନିଶ୍ଚିତ ବଞ୍ଚି ରହିଛେ, ଏହା ମୁଁ ବାରମ୍ବାର ହୃଦବୋଧ କରିଥିଲି ।

ଗାଁ ଗହଳିରେ ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କର୍ମରତ ରହି, ମୁଁ କିନ୍ତୁ ଆଜି ଗାନ୍ଧୀଜୀଙ୍କର 'ଖାଦ୍ୟ ହିଁ ଭଗବାନ' ବୋଲି ବିବେଚନା କରିବାର ମହତ୍ତ୍ୱ ଉପଲବ୍‌ଧି କରୁଛି । ସାରା ପୃଥିବୀରେ ଆଦିବାସୀ ଅଞ୍ଚଳରେ ଖାଦ୍ୟ ସଙ୍କଟ ଲାଗି ରହିଛି । ଖାଦ୍ୟ ଅନ୍ୱେଷଣରେ ଆଦିବାସୀ ସକାଳୁ ସଞ୍ଜଯାଏ ବ୍ୟସ୍ତ ରହୁଛି ପିଲାଛୁଆଙ୍କୁ ଧରି । ଖାଲି ପରିବାର ନୁହେଁ, ସାରା କୁଟୁମ୍ବ ମଧ୍ୟ ଖାଦ୍ୟ ଚିନ୍ତାରେ ବୁଡ଼ି ରହୁଛି । ଆଫ୍ରିକାର ପିଗ୍‌ମୀମାନେ ହୁଅନ୍ତୁ କି ଦକ୍ଷିଣ ଆମେରିକାର ଆଦିମ ଅଧିବାସୀ ହୁଅନ୍ତୁ, ଉତ୍ତର ମେରୁର ଏସ୍କିମୋମାନେ ହୁଅନ୍ତୁ କି ଭାରତର ଅସଂଖ୍ୟ ଆଦିବାସୀ ହୁଅନ୍ତୁ, ସମସ୍ତେ ଖାଦ୍ୟାଭାବ ଭିତରେ ଜୀବନ କାଟୁଛନ୍ତି । ସେମାନଙ୍କର ଏକଦା ରହି ଆସିଥିବା ସ୍ୱାବଲମ୍ବୀ ସମାଜ ଏବେ ଏତେ ଦୁର୍ବଳ ହୋଇପଡିଛି ଯେ ଅନାହାର, ଦୁର୍ଭିକ୍ଷ, ମହାମାରୀ ଲକ୍ଷ, ଲକ୍ଷ ଆଦିବାସୀଙ୍କ ଜୀବନ ନେଉଛି । କଙ୍କାଳସାର ମଣିଷ ଓ ବୁଭୁକ୍ଷିତ ଜନସଂଖ୍ୟା ସବୁଆଡେ ବ୍ୟାପି ଯାଇଛନ୍ତି ଏବେ ଏହି ଏକବିଂଶ ଶତାବ୍ଦୀରେ । ଯେଉଁଠି ଜଙ୍ଗଲ ଅଛି, ସେଇଠି ମଧ୍ୟ ଖାଦ୍ୟାଭାବ ଦେଖାଦେଇଛି । ଯେଉଁଠି ଜଙ୍ଗଲ କାଟି ସଫା ହୋଇଛି, ସେଠି ଅବଶ୍ୟ ଖାଦ୍ୟାଭାବ ଆହୁରି ଉତ୍କଟତର ହୋଇସାରିଛି । ଖାଦ୍ୟ ପାଇଁ ଜଙ୍ଗଲର ଆଦିବାସୀକୁ ଜଙ୍ଗଲର ପଶୁପକ୍ଷୀଙ୍କ ସହ ପ୍ରତିଯୋଗିତା କରିବାକୁ ପଡୁଛି । ଯେଉଁମାନେ ଜଙ୍ଗଲରୁ ବାସଚ୍ୟୁତ ହୋଇଛନ୍ତି ସେମାନଙ୍କର ଅବସ୍ଥା କହିଲେ ନସରେ । କିନ୍ତୁ ଖାଦ୍ୟ ହିଁ ଭୋକିଲା ମଣିଷଙ୍କ ଭଗବାନ କି ନୁହେଁ ତାହା ତର୍କର ପରିସର ଭିତରକୁ ଆସିଛି । ଖାଦ୍ୟ ଉତ୍ପାଦନ ସହ ଜଳ, ଜମି, ଜଙ୍ଗଲ, କୃଷି ବିଜ୍ଞାନ, ଧର୍ମ, ସଂସ୍କୃତି ଓ ମାନବିକ ମୂଲ୍ୟବୋଧ ଓତଃପ୍ରୋତ ଭାବେ ଜଡିତ । ଖାଦ୍ୟ ଉତ୍ପାଦନ ପଛରେ ନିଶ୍ଚିତ ଭାବେ ଏକ ଅଧ୍ୟାତ୍ମିକ, ନୈତିକ ଭାବନା ଭରି ରହିଛି । ଏଇଥିପାଇଁ ଯୁଗେ ଯୁଗେ ବିଭିନ୍ନ ସଭ୍ୟତାରେ ଖାଦ୍ୟ ଉତ୍ପାଦନକୁ ପ୍ରାଥମିକତା ଦିଆଯାଇଛି । ମଣିଷର ପେଟରେ ଭୋକ ଥାଉ କି ନଥାଉ, ଖାଦ୍ୟର ମହତ୍ତ୍ୱକୁ ସମସ୍ତେ ଉପଲବ୍‌ଧି କରୁଛନ୍ତି । ମଣିଷ ରାଜପ୍ରାସାଦରେ ରହୁ ଅଥବା ରାଜରାସ୍ତା କଡ଼ରେ ଶୋଇଥାଉ, ଖାଦ୍ୟ ଆବଶ୍ୟକ କରୁଅଛି । ଗାନ୍ଧୀଜୀ ୟଙ୍ଗ ଇଣ୍ଡିଆ (୧୫-୧୦-୧୯୩୧)ରେ ଲେଖିଛନ୍ତି-

Digitized by srujanika@gmail.com

'ସେମାନଙ୍କ (ଭୋକିଲା ମଣିଷ) ପାଖକୁ ମୁଁ ଭଗବାନଙ୍କ ବାର୍ତ୍ତା ନେବାକୁ ସାହସ କରୁନାହିଁ । କୁକୁର ଆଗରେ ଈଶ୍ୱରଙ୍କ ବାର୍ତ୍ତା ପଢ଼ିବା ଯାହା, ଅଗଣିତ ଭୋକିଲା ମଣିଷଙ୍କ ଆଗରେ ବି ଏ ବାର୍ତ୍ତାର ଫଳାଫଳ ସେଇଆ । କାରଣ ଭୋକିଲା ମଣିଷଙ୍କ ପାଇଁ ରୋଟି ହେଉଛି ଭଗବାନ । ମୁଁ ଈଶ୍ୱରଙ୍କ ବାର୍ତ୍ତା ଭଲକାମ ସହ ସେମାନଙ୍କ ପାଖକୁ ନେଇପାରେ । ସକାଳର ଭଲ ଜଳଖିଆ, ଉତ୍ତମ ଦ୍ୱିପହର ଭୋଜନ ସମାପ୍ତ ପରେ ଭଗବାନଙ୍କ କଥା କହିବା ସହଜ । କିନ୍ତୁ ଯେଉଁମାନଙ୍କ ପେଟରେ ଭୋକ ରହିଛି, ସେମାନଙ୍କ ପାଖରେ ଭଗବାନଙ୍କ କଥା କେଉଁ ମୁହଁରେ ମୁଁ କହିବି ? ଭଗବାନ ଖାଦ୍ୟ ରୂପରେ ଆସି ସେମାନଙ୍କ ସାମ୍ନାରେ ଉଭା ହେଉଛନ୍ତି । ଭାରତର ଅଗଣିତ କୃଷକମାନେ ମାଟିର ଖାଦ୍ୟ ଉତ୍ପାଦନ କରି ପେଟ ଭରୁଛନ୍ତି । ସେମାନଙ୍କୁ ମୁଁ ଚରଖା ଚଳାଇ ଅନ୍ୟ ଖାଦ୍ୟ ସାମଗ୍ରୀ ସଂଗ୍ରହ କରିବା ପାଇଁ ଆହ୍ୱାନ କରୁଛି । ଅଗଣିତ ଅଧାପେଟ, ଲଙ୍ଗଳା ଓ ମୂକ ମଣିଷଙ୍କ ପ୍ରତିନିଧି ହିସାବରେ ମୁଁ ଆଣ୍ଠୁ ନଲୁଚୁଥିବା ଲୁଗା ପିନ୍ଧୁଛି ।

ଏସବୁ ଖୁବ୍ ଆନ୍ତରିକ ଓ ମର୍ମଭେଦୀ କଥା ଗାନ୍ଧୀଜୀ କହିଛନ୍ତି ଓ ଲେଖିଛନ୍ତି । ଏହାକୁ ବହୁ ସ୍ଥାନରେ ଦୋହରାଇଛନ୍ତି ମଧ୍ୟ । ଗାଁରେ ଚାଷୀ ଭାଇମାନେ ଅଛନ୍ତି । ସେମାନେ ଅନାହାର ଓ ଅର୍ଦ୍ଧାହାରରେ ରହୁଛନ୍ତି । ଏଇଥିପାଇଁ ତାଙ୍କର ଗାଁ ଉପରେ ବେଶୀ ଦୃଷ୍ଟି ପଡିଛି । ମୋଟା ଅଗଡ ବଗଡ଼ ଚାଉଳରୁ ଭାତ, ପୋକଖିଆ ଗହମରୁ ରୋଟି ସହ ଟିକିଏ ଲୁଣ ଓ ଲଙ୍କା ଦେଇ ଖାଉଥିବା କୋଟି କୋଟି ଗ୍ରାମବାସୀଙ୍କ ଦୁରାବସ୍ଥା କାହାର ନଜରରେ ପଡୁନାହିଁ ବୋଲି, ସେ ବାରମ୍ବାର ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ, ସହରରେ ରହୁଥିବା ମଣିଷମାନେ ଗ୍ରାମବାସୀ ଖାଉଥିବା ଖାଦ୍ୟ ଖାଇ ଗୋଟାଏ ସପ୍ତାହ ବା ଅତିବେଶିରେ ଗୋଟାଏ ମାସ ବଞ୍ଚି ପାରିବେ କି ନାହିଁ, କିନ୍ତୁ ଜୀବନସାରା ଗାଁର ଅଗଣିତ ଲୋକ ଏଇ ଖାଦ୍ୟ ଖାଇ ବଞ୍ଚିଛନ୍ତି । ସହରର ଲୋକେ ଗାଁ ଲୋକଙ୍କ ଉତ୍ପାଦନରୁ ଖାଇ ବେଶ ସୁସ୍ଥ ଅଛନ୍ତି । ଗାଁ ଲୋକଙ୍କ ଶ୍ରମରେ ସହରର ଲୋକେ ବେଶ୍ ଆରାମ କରୁଛନ୍ତି । ଗାଁର ଲୋକମାନଙ୍କ ଗହଣରେ ରହି ସେମାନଙ୍କୁ ଏକ ଆଦର୍ଶ ଜୀବନର ଉଦାହରଣ ଦେବାକୁ ହେବ ବୋଲି ସେ ଆହ୍ୱାନ ଦେଇଛନ୍ତି । ସେମାନେ ଯେଉଁ ପୋଖରୀରେ ଗାଧୋଉଛନ୍ତି, ଲୁଗାପଟା ବାସନ କୁସନ ସଫା କରୁଛନ୍ତି, ଗାଈଗୋରୁଙ୍କୁ ପାଣି ପିଆଉଛନ୍ତି ଓ ନିଜେ ମଧ୍ୟ ପିଉଛନ୍ତି, ଆମ ଭଳି ସହରବାସୀ ଯଦି ସେଇ ପୋଖରୀରୁ ପାଣି ପିଅନ୍ତେ, ସେମାନଙ୍କର ନିଜ ମଣିଷ ହୋଇପାରନ୍ତେ ।

ସେମାନଙ୍କ ଗହଣରେ ରହି ଶାକ୍-ସବଜୀ ଉତ୍ପାଦନ ଦେଖାଇବାକୁ ହେବ ଓ ପୁଷ୍ଟିକର ଖାଦ୍ୟ ଖାଇବା ସହ ସ୍ୱାସ୍ଥ୍ୟର କେମିତି ସମ୍ପର୍କ ରହିଛି ସୂଚନା ଦେବାକୁ ହେବ । ସେମାନଙ୍କୁ ସମୟର ସଦ୍‌ବ୍ୟବହାର ବୁଝାଇବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ ଏବଂ ଅର୍ଥର ରକ୍ଷଣାବେକ୍ଷଣ ମଧ୍ୟ

Digitized by srujanika@gmail.com

ବଢ଼ାଇବାକୁ ପଡ଼ିବ । ଗାଁରେ ଗୋବର ଓ ମଣିଷ ମଳର ଗନ୍ଧଯୁକ୍ତ ପରିବେଶକୁ ସଫା କରିବାକୁ ହେବ । ପ୍ରତି ଗାଁକୁ ଆଦର୍ଶ ଗ୍ରାମରେ ପରିଣତ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମର ଆବଶ୍ୟକତା ଅଛି । ଗାଁରେ ବିଶୁଦ୍ଧ ଓ ମୁକ୍ତ ପବନ ଅଛି, ଅଥଚ ଗ୍ରାମବାସୀ ତାହା ପାଉ ନାହାନ୍ତି । ଗାଁରେ ସଜ ଖାଦ୍ୟ ମିଳୁଛି ଅଥଚ ଗ୍ରାମବାସୀ ସେଥିରୁ ବଞ୍ଚିତ ହେଉଛନ୍ତି । ଗାଁ ସର୍ବାଙ୍ଗ ସୁନ୍ଦର ହେବା ଆମ ସମସ୍ତଙ୍କର ଅଭିପ୍ରାୟ ହେଉ ବୋଲି ଗାନ୍ଧୀଜୀ ବାରମ୍ବାର କହିଛନ୍ତି । ଗାଁରେ ତିନୋଟି ମୁଖ୍ୟ ଅଭାବ ରହିଛି ବୋଲି ଗାନ୍ଧୀ ତାଙ୍କ ହରିଜନ ପତ୍ରିକା (୧୬-୫୩)ରେ ଦର୍ଶାଇଛନ୍ତି । ସେଗୁଡ଼ିକ ହେଲା, (କ) ପରିମଳ (ଖ) ସୁଷମ ଖାଦ୍ୟର ଅଭାବ ଏବଂ (ଗ) ନିଷ୍କ୍ରିୟତା । ସେଇଥିପାଇଁ ଗାଁରେ କାମ କରୁଥିବା କର୍ମୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଏଇ ତିନୋଟି ଅଭାବକୁ ବିଶେଷ ଧ୍ୟାନ ଦେବାକୁ ହେବ । ଗାଁର ଚାଷୀ ପାଖରେ ଅଗାଧଜ୍ଞାନ ଓ ଅନୁଭୂତି ଅଛି, କିନ୍ତୁ ତାହା ଏକ ଦାରିଦ୍ର୍ୟ ଓ ନିରକ୍ଷରତାର ଆବରଣ ତଳେ ଲୁଚି ରହିଛି । ଏ ଆବରଣକୁ ହଟାଇ ପାରିଲେ ଅନେକ ସଚ୍ଚା ଓ ଉତ୍ତମ ମଣିଷ ଏ ଦେଶରେ ଭରି ଯିବେ ବୋଲି, ଗାନ୍ଧୀଜୀ ତାଙ୍କ ହରିଜନ ପତ୍ରିକାରେ ସ୍ପଷ୍ଟ ଲେଖିଛନ୍ତି । (୧୫-୧-୩୯)

'ଗାଁର ଗରିବଙ୍କ କଥା କହିଲେ ପ୍ରତ୍ୟେକ ଗାଁକୁ ଏକ ରିପବ୍ଲିକ୍ ବା ସ୍ୱୟଂଶାସିତ ଇଲାକାରେ ପରିଣତ କରିବାର ସ୍ୱପ୍ନ ଗାନ୍ଧିଜୀ ଦେଖିଛନ୍ତି । ଏଇ ସ୍ୱୟଂଶାସିତ ଓ ସ୍ୱେଚ୍ଛାସେବୀ ଗାଁମାନଙ୍କରେ ଲୋକେ ସେମାନଙ୍କର ଆବଶ୍ୟକ ଖାଦ୍ୟ ଉତ୍ପାଦନ କରିବେ ଓ ଲୁଗା ପାଇଁ ଆବଶ୍ୟକ କପା ଚାଷ କରିବେ । ଗାଁରେ ସମସ୍ତେ ଦୁଗ୍ଧ ପିଇବା ପାଇଁ ଗାଈ, ମଇଁଷି ରଖିବେ । ପିଲାଙ୍କ ପାଇଁ ସ୍କୁଲ ଓ ଖେଳ ପଡ଼ିଆ ଥିବ । ବେଶି ଅଧିକ ଜମି ଥିଲେ ଅର୍ଥକାରୀ ଫସଲ ଉତ୍ପାଦନ କରିବେ । ଗାଁରେ ନାଚ, ଗୀତ, ଥିଏଟର ଆଦି ସାଂସ୍କୃତିକ ସହଯୋଗ ଓ ସମଭାବାପନ୍ନ ଚିନ୍ତାରେ ସବୁକାର୍ଯ୍ୟ ସମ୍ପାଦିତ ହେଉଥିବ । ଗାଁରେ ଛୁଆଁ ଅଛୁଆଁ ଭେଦଭାବ କେବେ ବି ନଥିବ ।' (ହରିଜନ ୨୬-୭-୧୯୪୬)

ଏ ଲେଖକ ଏଇ ଗ୍ରାମଶାସନ ବା ଭିଲେଜ୍ ରିପବ୍ଲିକ୍‌ରେ ବିଶ୍ୱାସ କରେ ବୋଲି ଦୁର୍ଗମ ଆଦିବାସୀ ଅଞ୍ଚଳରେ କାର୍ଯ୍ୟରତ । ଏବଂ ସବୁବେଳେ ଆଶା କରିଛି ସେ ସହରୀ ସଭ୍ୟତାରେ ପ୍ରଭାବିତ ହୋଇ ନଥିବା ଲୋକମାନେ ଗାଁ ଆଡ଼କୁ ନିଶ୍ଚିତ ନଜର ପକାଇବେ ଓ ଏ ଦେଶର ଅଗଣଇତ ଗାଁକୁ ସମୃଦ୍ଧ କରି ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବେ । ଏହା ହେଲେ ଗାନ୍ଧୀଜୀଙ୍କ ଉକ୍ତି ଖାଦ୍ୟ ହିଁ ଭଗବାନ ଭୂଲ ବୋଲି ପ୍ରମାଣିତ ହେବ ।

□□□

Digitized by srujanika@gmail.com

ବଲିଭିଆ : ଏକ ଅଭୂତପୂର୍ବ ଉଦାହରଣ

ସାରାପୃଥିବୀର ନଜର ଆଜି ବଲିଭିଆ ଉପରେ ପଡିଛି । ଭେନେଜୁଏଲା ପରେ ଦକ୍ଷିଣ ଆମେରିକାର ଏ ଛୋଟ ଦେଶଟି ବିଶ୍ୱରଙ୍ଗମଞ୍ଚରେ ଦୃଢ଼ଭାବରେ ଛିଡା କରାଇ ନିଜକୁ ପ୍ରତିଷ୍ଠା କରିପାରିଛି ସବୁଦିଗରେ । ଏକଦା ପୃଥିବୀର ଅନ୍ୟତମ ଗରିବତମ ରାଷ୍ଟ୍ରଭାବରେ ଗଣାଯାଉଥିବା ବଲିଭିଆ ଆଜି ବିକାଶ ଓ ପ୍ରଗତି ଦିଗରେ ଦ୍ରୁତ ଆଗେଇ ଚାଲିଛି । ଏବେ ବଲିଭିଆକୁ ଯୁକ୍ତରାଷ୍ଟ୍ର ଆମେରିକା ବା ଅନ୍ୟ ପଶ୍ଚିମ ଦେଶମାନଙ୍କର ଅଘୋଷିତ ଉପନିବେଶ ବୋଲି କେହି ଭାବୁ ନାହାନ୍ତି । ଏଦେଶ ଗର୍ବରେ ମୁଣ୍ଡଟେକି ଛିଡ଼ା ହୋଇଛି ବୋଲି ସମସ୍ତେ ଆଜି ସ୍ୱୀକାର କରୁଛନ୍ତି । ବଲିଭିଆର ଆଦିମ ଅଧିବାସୀମାନଙ୍କ ଭିତରୁ ନେତୃତ୍ୱ ନେବାକୁ ଆଗକୁ ଆସିଥିବା ଇଭୋ ମୋରାଲେସ୍ (Evo Morales) ଆଜି ଶାସନର ଡୋର ଧରିଛନ୍ତି ଓ ରାଷ୍ଟ୍ରପତି ହିସାବରେ ନିର୍ବାଚନ ଜିଣିଛନ୍ତି । ଏବର୍ଷ ଡିସେମ୍ବର ମାସରେ ତାଙ୍କର ଶାସନର କାର୍ଯ୍ୟକ୍ରମ ଦୁଇବର୍ଷ ପୂରିଯିବ । ସ୍ୱଳ୍ପ ସମୟ ଭିତରେ ସେ ଦେଶରେ କ'ଣ ସବୁ ପରିବର୍ତ୍ତନ ହୋଇଛି ତାହା ପୃଥିବୀସାରା ଚର୍ଚ୍ଚାର ବିଷୟ ବସ୍ତୁ ହୋଇଛି । ପୃଥିବୀରେ ଅନେକ ଦେଶ ଅଛି ଯେଉଁଠି ଆଦିବାସୀ, ଦଳିତ, ଗରିବ ବର୍ଗର ଲୋକମାନେ ସମଗ୍ର ଜନସଂଖ୍ୟାର ବଡ ଅଂଶ । କିନ୍ତୁ ଏଇ ଦେଶମାନଙ୍କରେ କ୍ଷମତା, ସମ୍ବଳ, ସାମଗ୍ରିକ ସତ୍ତା କେତେକ ଅଳ୍ପ ସଂଖ୍ୟକ ପରିବାର ଭିତରେ ସୀମିତ ରହି ଏକ ମସ୍ତବଡ଼ ଖାଇ ସୃଷ୍ଟି କରିଛି । ସେମାନେ ବଲିଭିଆରୁ ଦିନେ ନା ଦିନେ ଶିକ୍ଷାଲାଭ କରିବେ, ଏ ଲେଖକ ବିଶ୍ୱାସ ରଖିଛି ।

୨୦୦୫ ମସିହା ଡିସେମ୍ବର ୧୮ ତାରିଖ । ବଲିଭିଆର ଜାତୀୟ ନିର୍ବାଚନ ହେଲା । ମୂଳ ଅଧିବାସୀ ବର୍ଗରୁ ଆସିଥିବା ଇଭୋ ମୋରାଲେସ୍ ଓ ତାଙ୍କ ଦଳ ଏ ନିର୍ବାଚନରେ ଜୟଯୁକ୍ତ ହୋଇ କ୍ଷମତାକୁ ଆସିଥିଲେ । ସାରା ଦକ୍ଷିଣ ଆମେରିକାର ଗତ ପାଞ୍ଚଶହ ବର୍ଷର ଯେଉଁ ପାଶ୍ଚାତ୍ୟଧର୍ମୀ ଓ ଉପନିବେଶବାଦୀ ଶାସନ ଚାଲି ଆସିଥିଲା, ତାହା ଅନ୍ତତଃ ଗୋଟିଏ ଦେଶରେ ଶେଷ ହୋଇ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା ବୋଲି ପୃଥିବୀରେ ଖୁବ୍ ଚହଳ ପକାଇଥିଲା । ପ୍ରଥମେ ଅନେକ ବର୍ଷର ଏକଛତ୍ରବାଦୀ ଶାସନ ଶେଷ ହୋଇଥିଲା ୧୯୮୨ ମସିହାରେ ଓ ଗଣତନ୍ତ୍ର ପ୍ରତିଷ୍ଠା ହୋଇଥିଲା ବଲିଭିଆରେ । କିନ୍ତୁ ଏ ଗଣତନ୍ତ୍ର

Digitized by srujanika@gmail.com

ପ୍ରତିଷ୍ଠା ପରେ ଦକ୍ଷିଣପନ୍ଥୀ ଦଳମାନେ ଶାସନକୁ ଆସିଥିଲେ । ସେମାନେ ସମସ୍ତ ନବ ଉଦାରୀକରଣରେ ବିଶ୍ୱାସ ରଖିଥିଲେ । ବଲିଭିଆରେ ଭରି ରହିଛି ପ୍ରଚୁର ଖଣିଜଦ୍ରବ୍ୟ ଓ ପ୍ରାକୃତିକ ଗ୍ୟାସ । ତେଣୁ ଶାସକ ଦଳମାନେ ବିଭିନ୍ନ ମାଇନିଂ କମ୍ପାନୀମାନଙ୍କ ଦ୍ୱାରା ସବୁବେଳେ ପ୍ରଭାବିତ ଓ ନିୟନ୍ତ୍ରିତ ହେଉଥିଲେ । ପ୍ରାକୃତିକ ସମ୍ପଦ ଭିତରେ ଅଛି ତୈଳ ଓ ପ୍ରାକୃତିକ ଗ୍ୟାସର ବିଶାଳ ଭଣ୍ଡାର । ଏହା ସହିତ ଖଣିଜଦ୍ରବ୍ୟ ହିସାବରେ ଟିଣ, ଜିଙ୍କ୍, ରୂପା, ସୁନା, ଲୁହାପଥର, ସିସା ଆଦି ଅନେକ କିଛି ସେ ଦେଶରେ ଗଚ୍ଛିତ ଅଛି । ଏହା ସହିତ ଜଳ ବିଦ୍ୟୁତ ଉତ୍ପାଦିତ ହେବାର ଅପୂର୍ବ ସୁଯୋଗ ମଧ୍ୟ ରହିଛି । ଶାସକ ଦଳମାନେ କ୍ରମାଗତ ଭାବେ ଏସବୁ ପ୍ରାକୃତିକ ସମ୍ପଦକୁ ପୁଞ୍ଜିପତିଙ୍କ ହାତକୁ ଶାଗମାଛ ଦରରେ ବିକ୍ରୟ କରିବାକୁ ଆଗ୍ରହ ପ୍ରକାଶ କରୁଥିଲେ । ବଲିଭିଆକୁ ଘେରି ରହିଥିଲେ ବ୍ରାଜିଲ, ପେରୁ, ଚିଲି, ଆର୍ଜେଣ୍ଟିନା ଓ ପାରାଗୁଏ । ସମୁଦ୍ରକୁ ଯିବାପାଇଁ ରାସ୍ତା ନାହିଁ । ଏଣ୍ଡିଜ୍ ପର୍ବତମାଳା ଉପରେ 'ଆଲ୍ଟିପ୍ଲାନୋ'(Altiplano) 'ପ୍ଲାଟ୍ୟୁ'(Plateau) । ଉଚ୍ଚତାପ୍ରାୟ ବାରହଜାର ଫୁଟ । ବଲିଭିଆର ରାଜଧାନୀ 'ଲା ପାଜ୍' (La Paz) ପୃଥିବୀର ରାଜଧାନୀମାନଙ୍କ ଭିତରେ ସର୍ବୋଚ୍ଚ ସ୍ଥାନରେ ପ୍ରତିଷ୍ଠିତ । ସ୍ପେନୀୟ ଉପନିବେଶବାଦୀମାନେ ବଲିଭିଆର ଖଣିଜ ଭଣ୍ଡାର ପାଇଁ ଲୋଲୁପ ଦୃଷ୍ଟି ପକାଇଥିଲେ । ଆରମ୍ଭ ହୋଇଥିଲା ଦାସତ୍ୱ ଓ ଦାରିଦ୍ର୍ୟର ଏକ ଅଧ୍ୟାୟ । ବଲିଭିଆର ମୂଳ ଅଧିବାସୀମାନେ ନିହାତି ଅପହଞ୍ଚ ଇଲାକାରେ ରହୁଥିବାରୁ ଇୟୁରୋପରୁ ଆସିଥିବା ରୋଗମାନଙ୍କରୁ ପ୍ରାୟ ମୁକ୍ତ ଥିଲେ, କିନ୍ତୁ ସ୍ପେନୀୟମାନଙ୍କର କଳ, ବଳ, କୌଶଳ ଦ୍ୱାରା ସମ୍ପୂର୍ଣ୍ଣ କବଳିତ ହୋଇଥିଲେ । ସୃଷ୍ଟି ହୋଇଥିଲା ଥିଲାବାଲା ଓ ନଥିଲାବାଲାଙ୍କ ସମାଜ । ଆଦିମ ଅଧିବାସୀମାନେ ଦାରିଦ୍ର୍ୟ ଓ ଅନାହାରରେ ଦିନ କାଟୁଥିବା ବେଳେ ଇୟୁରୋପୀୟ ଅଧିବାସୀମାନେ ସ୍ୱଚ୍ଛଳ ଓ ଆଭିଜାତ୍ୟର ସମାଜ ପ୍ରତିଷ୍ଠା କରିଥିଲେ । ଆଦିବାସୀ ଓ ଅଣଆଦିବାସୀମାନଙ୍କୁ ସହଜରେ ଚିହ୍ନି ହେଉଥିଲା ବଲିଭିଆରେ । ୧୮୨୫ ମସିହାରେ ଦେଶ ଉପନିବେଶବାଦୀଙ୍କଠାରୁ ମୁକ୍ତ ହୋଇ ସ୍ୱାଧୀନ ହେଲା ଓ ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ସେନାପତି 'ସାଇମନ୍ ବଲିଭାର୍'ଙ୍କ ନାମରେ ଏ ଦେଶର ନାମ ହେଲା ବଲିଭିଆ । ପଡ଼ୋଶୀ ଦେଶମାନେ ବଲିଭିଆର ବିଭିନ୍ନ ଅଞ୍ଚଳ ଦଖଲ କରିଥିଲେ ସମୟ କ୍ରମେ । ଚିଲି ୧୮୭୯ର ଯୁଦ୍ଧରେ, ବ୍ରାଜିଲ୍ ୧୯୦୩ ମସିହାରେ ଓ ପାରାଗୁଏ ୧୯୩୮ ମସିହାରେ ଯୁଦ୍ଧରେ ବଲିଭିଆର କେତେକାଂଶ ଦଖଲ କରି ନେଇଥିଲେ । ୧୯୬୫ ମସିହାରେ ବିଖ୍ୟାତ 'ଚେ ଗୁଏଭେରା' (Che Guevera) ଏକ ଗରିଲା ଯୁଦ୍ଧ ଆରମ୍ଭ କରିଥିଲେ । ଯୁକ୍ତରାଷ୍ଟ୍ର ଆମେରିକା ମିଲିଟାରୀ ଉପଦେଷ୍ଟାମାନଙ୍କ ସହାୟତାରେ ବଲିଭିଆର ସାମରିକ ବାହିନୀ ଏ ଗରିଲା ଯୁଦ୍ଧକୁ ପ୍ରତିହତ କରିଥିଲେ । ୧୯୬୭ ମସିହାରେ ଚେ ଗୁଏଭେରାଙ୍କୁ ବଲିଭିଆର ସାମରିକ ବାହିନୀ କାବୁ କରି ଅତ୍ୟାଚାର କରିବା ପରେ ହତ୍ୟା

Digitized by srujanika@gmail.com

କରିଥିଲେ । କିନ୍ତୁ ଆଦିମ ଅଧିବାସୀଙ୍କ ଭିତରେ ସ୍ୱାଧୀନତାର ଝଲକ ଦେଖା ଦେଇଥିଲା ଓ ତାହା ବିଭିନ୍ନ ବାଟରେ ପରିପ୍ରକାଶ ହୋଇଥିଲା । ଯେଉଁମାନେ ଶାସନ ଗାଦୀକୁ ଆସୁଥିଲେ, ସେମାନେ ବିଶ୍ୱପୁଞ୍ଜି ଦ୍ୱାରା ସହଜରେ ନିୟନ୍ତ୍ରିତ ହେଉଥିଲେ । କିନ୍ତୁ ବଲିଭିଆରେ ସାଧାରଣ ଜନତାଙ୍କ ଷ୍ଟ୍ରାଇକ୍ ଓ ଆନ୍ଦୋଳନ ସଦା ସର୍ବଦା ଲାଗି ରହୁଥିଲା । ଦେଶର ଅର୍ଥନୀତି ଓ ଦାରିଦ୍ର୍ୟର କଷାଘାତ ସାଧାରଣ ଲୋକଙ୍କୁ ଆକ୍ରାନ୍ତ କରିଥିଲା । ବାହାରର ବହୁରାଷ୍ଟ୍ରୀୟ କର୍ପୋରେସନ୍‌ମାନେ ବଲିଭିଆକୁ ବିଶ୍ୱ ବଜାରରେ ବିକ୍ରୟ କରିବାକୁ ସଦାସର୍ବଦା ଚେଷ୍ଟା କରୁଥିଲେ, କିନ୍ତୁ ଦେଶବାସୀ ଘରୋଇକରଣ ଅର୍ଥନୀତିକୁ ପ୍ରବଳ ବିରୋଧ କରୁଥିଲେ । ଏହା ୨୦୦୪-୦୫ ମସିହାରେ ଦେଶବ୍ୟାପୀ ନିର୍ବାଚନରେ ମୂଳଆଦିମ ଅଧିବାସୀ ପରିବାରରୁ ଆସିଥିବା ଇଭୋ ମୋରାଲେସ୍ ଜୟଲାଭ କରିଥିଲେ ଓ ତାଙ୍କର ଦଳ ମାସ୍ 'ମୁଭ୍‌ମେଣ୍ଟ ଟୁଆର୍ଡ଼ ସୋସିଆଲିଜିମ୍'(Movement Toward Socialism) କ୍ଷମତାସୀନ ହୋଇଥିଲା । ଇଭୋ ମୋରାଲେସ୍ ଶାସନ କ୍ଷମତାକୁ ଆସିବା ମାତ୍ରକେ ତିନୋଟି ବିଷୟ ଉପରେ ବିଶେଷ ଗରୁତ୍ୱ ଦେଇଥିଲେ । ପ୍ରଥମଟି ହେଉଛି, ପ୍ରାକୃତିକ ସମ୍ପଦ ଉପରେ ନିୟନ୍ତ୍ରଣ । ଦ୍ୱିତୀୟଟି ହେଉଛି, ଭୂସଂସ୍କାର ଓ ତୃତୀୟଟି ହେଉଛି, ସାମ୍ବିଧାନିକ ସଂସ୍କାର । ପ୍ରତ୍ୟେକଟି ପାଠକଙ୍କ ପାଇଁ ଚର୍ଚ୍ଚାର ବିଷୟ । ଏହାଛଡ଼ା ଅନ୍ୟ ଏକ ବିଷୟ ହେଉଛି କୋକା, ଯାହା ସମସ୍ତେ ଅବଗତ ହେବା ନିତାନ୍ତ ଆବଶ୍ୟକ । କୋକା ଗଛରୁ ହୁଏ କୋକେନ୍, ଯାହା ଏକ ମାଦକଦ୍ରବ୍ୟ ଓ ହଜାର ହଜାର କୋଟିର ବ୍ୟବସାୟ ଏଥିରେ ଚଳେ । ହିଂସା ଓ ପ୍ରତିହିଂସା ଲାଗି ରହିଥାଏ ଏ ବେପାରକୁ ନିୟନ୍ତ୍ରଣ କରିବା ପାଇଁ ।

ବଲିଭିଆରେ ପ୍ରାକୃତିକ ସମ୍ପଦକୁ ନିୟନ୍ତ୍ରଣ କରିବା ପାଇଁ ଅନେକ ବର୍ଷଧରି ଆନ୍ଦୋଳନ ଲାଗି ରହିଛି । ଗୋଟାଏ ପାର୍ଶ୍ୱରେ ଲାଭଖୋର ତୈଳ ଓ ମାଇନିଂ କମ୍ପାନୀମାନେ ଓ ଅନ୍ୟପକ୍ଷରେ ଦେଶବାସୀଙ୍କ ହିତ ଓ ସ୍ୱାର୍ଥକୁ ନେଇ ଲଢ଼େଇ ଚାଲି ଆସିଛି । ଗୋଟାଏ ପଟେ ଲୁଣ୍ଠନ ଓ ଅନ୍ୟପଟେ ମୂଳ ଆଦିବାସୀଙ୍କ ଜୀବନ ଜୀବିକା ପ୍ରଶ୍ନ । ଇଭୋ ମୋରାଲେସ୍‌ଙ୍କ ପ୍ରଥମବର୍ଷର ଶାସନ କାଳରେ କାହାକୁ ପ୍ରାଥମିକତା ଦିଆଯିବ ସ୍ପଷ୍ଟ ହୋଇଯାଇଥିଲା । ପ୍ରାକୃତିକ ସମ୍ପଦ ଉପରେ ସ୍ଥାନୀୟ ଲୋକଙ୍କର ସାମଗ୍ରିକ ଅଧିକାର ରହିଛି ତାହାକୁ ସାମ୍ବିଧାନିକ ଅଧିକାର ହିସାବରେ ଗ୍ରହଣ କରାଗଲା । ଏହା ସହିତ ପ୍ରାକୃତିକ ସମ୍ପଦର ନିରନ୍ତର ବିନିଯୋଗ ଉପରେ ପ୍ରାଧାନ୍ୟ ଦିଆଗଲା । ଏଥିରେ ସ୍ଥାନୀୟ ଲୋକଙ୍କ ସ୍ଥିତି, ମୂଲ୍ୟବୋଧ, ଭାଷା, ପରମ୍ପରା ଏବଂ ସଂଗଠନ କିପରି ଓତପ୍ରୋତ ଭାବେ ସଂଶ୍ଳିଷ୍ଟ ତାହାର ବିଶ୍ଳେଷଣ କରାଗଲା । ପ୍ରାକୃତିକ ସମ୍ବଳର କିପରି ଲୁଣ୍ଠନ କରାଯାଇଛି ତାହାର ଇତିହାସକୁ ନେଇ ଦେଶରେ ଆଲୋଚନା କରାଗଲା । ୧୮୨୫ ମସିହାରେ ଉପନିବେଶବାଦୀ ଚିନ୍ତାଧାରାଠାରୁ ଆରମ୍ଭ କରି ୨୦୦୫ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ପ୍ରଚଳିତ

Digitized by srujanika@gmail.com

ମଡେଲ୍‌କୁ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନା କରାଗଲା । ଏହି ସବୁ ମଡେଲ୍ କିପରି ସ୍ଥାନୀୟ ଆଦିବାସୀମାନଙ୍କର ଜଳ, ଜମି, ଜଙ୍ଗଲ ଓ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ ଉପରେ ଥିବା ପାରମ୍ପରିକ ଅଧିକାରକୁ କ୍ଷୁର୍ଣ୍ଣ କରିଛି ଓ ଜନଆନ୍ଦୋଳନ ବିଭିନ୍ନ ପ୍ରକାରରେ ଓ ବିଭିନ୍ନ ଆକାରରେ ମୁଣ୍ଡ ଟେକିଛି ତାହା ମଧ୍ୟ ଜନତାଙ୍କୁ ସଚେତନ କରାଗଲା । ଇଭୋ ମୋରାଲେସ୍ ପ୍ରାକୃତିକ ସମ୍ପଦ ଉପରେ ସ୍ଥାନୀୟ ଆଦିବାସୀଙ୍କ ଅଧିକାର ଅଛି ବୋଲି ଦୃଢ଼ଭାବେ ଘୋଷଣା କରି ସାମ୍ବିଧାନିକ ପରିବର୍ତ୍ତନ ଆଣିବାକୁ ପ୍ରସ୍ତାବ ଦେଇଥିଲେ । ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ ପରିଚାଳନା ଉପରେ ପ୍ରାଧାନ୍ୟ ଦେଇ କେତୋଟି ପ୍ରସ୍ତାବ ଦିଆଗଲା । ସେଗୁଡିକ ହେଲା-

କ) ପ୍ରାକୃତିକ ସମ୍ପଦ ଉପରେ ସ୍ଥାନୀୟ ଆଦିବାସୀଙ୍କ ସତ୍ତ୍ୱାଧିକାର ଓ ନିୟନ୍ତ୍ରଣ ।

ଖ) ପ୍ରାକୃତିକ ସମ୍ପଦର ପରିଚାଳନା କ୍ଷେତ୍ରରେ ସ୍ଥାନୀୟ ଆଦିବାସୀଙ୍କ ସହଭାଗିତା

ଗ) ପ୍ରାକୃତିକ ସମ୍ପଦରୁ ମିଳୁଥିବା ଲାଭର ଯଥାର୍ଥ ବଣ୍ଟନ ଏବଂ ସ୍ଥାନୀୟ ଆଦିବାସୀଙ୍କ ପାଇଁ ଲାଭାଂଶ

ଘ) ପରିବେଶର ସୁରକ୍ଷା ଏବଂ ନୂତନ ବିକାଶର ପରିକଳ୍ପନା

ଙ) ପ୍ରାକୃତିକ ସମ୍ପଦର ବିନିଯୋଗର ସାମାଜିକ ନିୟନ୍ତ୍ରଣ ।

ଇଭୋ ମୋରାଲେସ୍‌ଙ୍କ ନେତୃତ୍ୱରେ ଏ ସବୁ ସାମ୍ବିଧାନିକ ପରିବର୍ତ୍ତନ ଆଜି ଯୁଗାନ୍ତକାରୀ ହୋଇପାରିଛି । ଭୂ-ସଂସ୍କାର ଦିଗରେ ମଧ୍ୟ ଇଭୋ ମୋରାଲେସ୍ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ବଲିଭିଆରେ ଜମିର ସତ୍ତ୍ୱ ଓ ବ୍ୟବହାରର ଏକ ଐତିହାସିକ ଢାଞ୍ଚା ରହିଛି । ୧୯୫୩ ମସିହାରେ ଲାଗୁ ହୋଇଥିବା ଭୂସଂସ୍କାରର ବିଫଳତା ପରେ ୨୦୦୬ ମସିହା ନଭେମ୍ବର ମାସରେ ଇଭୋ ମୋରାଲେସ୍ ଭୂସଂସ୍କାର ତ୍ୱରାନ୍ୱିତ କରିବା ପାଇଁ ଏକ ନୂତନ ଆଇନ୍ କରାଯାଇଛି । ଭୂସଂସ୍କାର ଓ ଗ୍ରାମ୍ୟବିକାଶ ଯେ ଓତପ୍ରୋତ ଭାବେ ସଂଶ୍ଳିଷ୍ଟ ମୋରାଲେସ୍ ଅନୁଭବ କରିଛନ୍ତି । ନୂତନ ଆଇନ୍‌ର କେତୋଟି ଦିଗ ଉପରେ ଆଲୋକପାତ କରିବା ଉଚିତ ବୋଲି ଏ ଲେଖକ ମନେ କରୁଛି । ପ୍ରଥମ କଥା ହେଲା ଯେ, ଯିଏ ଚାଷ କରୁଛି ତାହାର ଜମି ଉପରେ କେବଳ ଅଧିକାର ରହିବ । ଜମିର ଏ ସାମାଜିକ ଓ ଅର୍ଥନୈତିକ ଉପଯୋଗିତା ଉପରେ ପ୍ରାଧାନ୍ୟ ଦିଆଯିବ । ଯେଉଁ ଜମି ସାମାଜିକ ଓ ଅର୍ଥନୈତିକ ଉପଯୋଗିତା ସମ୍ବନ୍ଧୀୟ ବ୍ୟବସ୍ଥାରେ ପଡୁନାହିଁ, ତାହା ରାଷ୍ଟ୍ରର ହାତକୁ ଚାଲିଯିବ । ଅର୍ଥାତ୍ ଯେଉଁ ଜମିରେ ଚାଷ ହେଉନାହିଁ, ତାହାର ମାଲିକାନା ରାଷ୍ଟ୍ର ହାତରେ ରହିବ । ଦ୍ୱିତୀୟରେ ହେଲା ଯେ, ସ୍ଥାନୀୟ ଆଦିବାସୀଙ୍କର ଜମି ଉପରେ ଅଧିକାର ସାବ୍ୟସ୍ତ କରିବାକୁ ରାଷ୍ଟ୍ର ଘରୋଇ ଜମିମାଲିକଙ୍କଠାରୁ ଜମି କିଣି ଜମିହୀନ ଆଦିବାସୀଙ୍କୁ ବାଣ୍ଟିବ । ତୃତୀୟରେ, ଆଦିବାସୀ ଓ ଗ୍ରାମ୍ୟ ଶ୍ରମଜୀବୀଙ୍କ ସଂଗଠନକୁ ମାନ୍ୟତା ଦିଆଯିବ । ଚତୁର୍ଥରେ,

Digitized by srujanika@gmail.com

ସ୍ଥାନୀୟ ଆଦିବାସୀଙ୍କ ସରକାରୀ ବା ସାମୂହିକ ଜମି ଉପରେ ମଧ୍ୟ ଅଧିକାର ରହିବ । ଆଇନ୍ ଅଦାଲତ ମଧ୍ୟ ଏହି ଅଧିକାରକୁ ମାନ୍ୟତା ଦେବେ । ଏଇସବୁ ଆଇନ୍ ପାସ୍ କରିବା ସମୟରେ ଅନ୍ୟ କେତେ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ସେଗୁଡିକ ମଧ୍ୟରୁ ଜଳକୁ ଏକ ମୌଳିକ ମାନବିକ ଅଧିକାର ହିସାବରେ ମାନ୍ୟତା ଦିଆଯିବା ଅନ୍ୟତମ । ସରକାରୀ ଓ ସାର୍ବଜନୀନ ଜମିର ଘରୋଇକରଣକୁ ନିଷିଦ୍ଧ କରାଯାଇଥିଲା । ବୌଦ୍ଧିକ ସମ୍ପତ୍ତି ଉପରେ ଅଧିକାରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା ଆଇନ୍‌ରେ । କୃଷିରେ ବିଭିନ୍ନ କିସମର ଜି.ଏମ୍. ବିହନକୁ ମଧ୍ୟ ନିଷିଦ୍ଧ କରାଯାଇଥିଲା ।

ସାମ୍ବିଧାନିକ ପରିବର୍ତ୍ତନ କରାଯାଇ ନୂତନ ଆଇନ୍ ପ୍ରଣୟନ କରିବା ଦିଗରେ ଇଭୋ ମୋରାଲେସ୍ ତତ୍‌ପର ଥିଲେ । ଏଥିପାଇଁ କନ୍‌ଷ୍ଟିଚୁଏଣ୍ଟ ଆସେମ୍ବ୍ଲି (Constituent Assembly) ସବୁ ସୃଷ୍ଟି କରାଯାଇଥିଲା ଓ ସବୁ ଆଇନ୍ ଓ ସଂସ୍କାରର ଯୁକ୍ତିଯୁକ୍ତ ଆଲୋଚନା କରାଯାଇଥିଲା । ଏ ଢ଼ାଞ୍ଚାରେ ମଧ୍ୟ ଅନେକ କମିଟି ଗଢ଼ାଯାଇଥିଲା ଓ ବିଚାରବିମର୍ଷ ଜାରି ରହିଥିଲା । ଗୋଟାଏ ଗଣତନ୍ତ୍ର ଦେଶରେ ଥାଇ, ସବୁ ଗରିବ ଓ ଆଦିବାସୀଙ୍କ ସୁରକ୍ଷା ଓ ହିତକୁ ଦୃଷ୍ଟିରେ ରଖି ଗଢ଼ାଯିବାକୁ ବଲିଭିଆ ଅଗ୍ରଣୀ ରାଷ୍ଟ୍ର ହୋଇ ପାରିଛି ଏବେ । ବଲିଭିଆରେ କୋକା ପତ୍ର ଖାଇବା ଏକ ପରମ୍ପରା । ଇଭୋ ମୋରାଲେସ୍ ଏହାକୁ ଚାଷକରିବାକୁ ଅନୁମତି ଦେଇଛନ୍ତି । କିନ୍ତୁ କୋକେନ୍ ତିଆରି କରି ନିଶାଦ୍ରବ୍ୟର ବେପାର କରିବାକୁ ବଲିଭିଆ ସମ୍ପୂର୍ଣ୍ଣ ନିଷିଦ୍ଧ କରିଛି ।

ଅନ୍ୟପକ୍ଷରେ ଯୁକ୍ତରାଷ୍ଟ୍ର ଆମେରିକା ଓ ଅନ୍ୟାନ୍ୟ ଦେଶମାନେ ଦାବୀ କରିଛନ୍ତି ଯେ ବଲିଭିଆ କୋକାଚାଷ ବନ୍ଦ କରୁ । କିନ୍ତୁ ବଲିଭିଆ କୋକାପତ୍ର ଖାଇବା ଆଦିବାସୀଙ୍କ ହଜାର ହଜାର ବର୍ଷର ସାଂସ୍କୃତିକ ମୂଲ୍ୟବୋଧ । ଏହାର ଯଥାର୍ଥତା ଇଭୋ ମୋରାଲେସ୍ ସ୍ପଷ୍ଟ କରିଦେଇଛନ୍ତି ।

ବଲିଭିଆକୁ ଆଖିରେ ରଖି ପ୍ରାକୃତିକ ସମ୍ବଳରେ ଭରପୂର ତଥା ଆଦିବାସୀ, ଗରିବଙ୍କ ଦ୍ୱାରା ବସବାସ ରାଜ୍ୟ ଓଡ଼ିଶାକୁ ବିଚାରକୁ ନେବେ ବୋଲି ପାଠକମାନଙ୍କୁ ଏ ଲେଖକ ଅନୁରୋଧ କରିବ । ଓଡ଼ିଶାରେ ପ୍ରାକୃତିକ ସମ୍ବଳର ଲୁଣ୍ଠନ ଓ ଆଦିବାସୀ ଗରିବଙ୍କ ଉପରେ ଅତ୍ୟାଚାର ଦେଖିଲେ, ଯେକୌଣସି ସମ୍ବେଦନଶୀଳ ବ୍ୟକ୍ତି ଦୁଃଖ ପ୍ରକାଶ କରିବ । ଓଡ଼ିଶାର ଆଦିବାସୀ ଅଞ୍ଚଳରେ ଶାସନ ବ୍ୟବସ୍ଥା, ବିଧାନସଭାରେ ଆଦିବାସୀ ଓ ଦଳିତ ବିଧାୟକଙ୍କ ସଂଖ୍ୟା ଓ ସେମାନଙ୍କ ଭୂମିକା, ଓଡ଼ିଶାବାସୀଙ୍କ ମାନସିକତାକୁ ଟିକିଏ ଗଭୀର ଭାବେ ବିଶ୍ଳେଷଣ କରିଲେ ପାଠକମାନେ ସ୍ପଷ୍ଟ ବୁଝିପାରିବେ ଯେ, ଏ ରାଜ୍ୟ କେତେ ପଛରେ ପଡିଛି ଓ ଆଗକୁ ଯିବାକୁ କାହିଁକି ସମ୍ଭବ ହେଉନାହିଁ ।

□□□

Digitized by srujanika@gmail.com

ବିଶ୍ୱ ଖାଦ୍ୟ ଦିବସର ଅନୁଚିନ୍ତା

ଅକ୍ଟୋବର ୧୬ତାରିଖ । ଆଜି ବିଶ୍ୱ ଖାଦ୍ୟ ଦିବସ ବୋଲି ଅନେକ ପାଠକ ଜାଣି ନଥିବେ । ଆଜି ଦିନରେ ଆମକୁ ମନେ ପକାଇବାକୁ ହେବ ଯେ ଏବେ ସୁଦ୍ଧା ପୃଥିବୀରେ ୮୫କୋଟି ଲୋକ ଅଛନ୍ତି ଯେଉଁମାନଙ୍କୁ ଦିନରେ ଦୁଇବେଳା ଖାଇବାକୁ ମିଳୁନାହିଁ ବର୍ଷସାରା । ଏଭିତରୁ ବହୁଭାଗ ଲୋକ ଭାରତରେ ଅଛନ୍ତି । ଭାରତ ଭିତରୁ ଓଡ଼ିଶା ରାଜ୍ୟ ମଧ୍ୟ କ୍ଷୁଧା, ଅନାହାର ଓ ପୁଷ୍ଟିହୀନତା ପାଇଁ ମଧ୍ୟ ସର୍ବତ୍ର ପରିଚିତ ହୋଇ ସାରିଛି । ଗୋଟାଏ ପାର୍ଶ୍ୱରେ କ୍ଷୁଧା ଜର୍ଜରିତ ମଣିଷ ଓ ଅନ୍ୟପକ୍ଷରେ ଖାଦ୍ୟ ଅଧିକାରରକୁ ନେଇ ପୃଥିବୀବ୍ୟାପୀ ଜନ ସଚେତନତା ଏସବୁକୁ ବିଚାରକୁ ନେବାର ଅଛି ଆଜି ଦିନରେ । ୧୯୪୮ ମସିହାରେ ସାର୍ବଜନୀନ ମାନବିକ ଅଧିକାର ଘୋଷଣା ନାମ ବା ୟୁନିଭର୍ସାଲ ଡେକ୍ଲାରେସନ୍ ଅଫ ହ୍ୟୁମାନ ରାଇଟ୍ସ (The Universal Declaration of Human Rights) ଗୃହୀତ ହୋଇଥିଲା ଜାତି ସଂଘରେ । ଏଥିରେ ଖାଦ୍ୟ ଅଧିକାର ବା ରାଇଟ୍ ଟୁ ଫୁଡ୍ ଏକ ମୌଳିକ ମାନବିକ ଅଧିକାର ବୋଲି ସ୍ୱୀକାର କରାଯାଇଥିଲା । ୧୯୬୬ ମସିହାରେ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ଉପରେ ଆନ୍ତର୍ଜାତିକ ବୁଝାମଣା ହୋଇଥିଲା ଓ ଏଥିରେ ୧୫୬ଟି ଦେଶ ସ୍ୱାକ୍ଷର କରିଥିଲେ । ଖାଦ୍ୟ ଅଧିକାରକୁ ଏ ବୁଝାମଣାରେ ମଧ୍ୟ ସ୍ଥାନ ଦିଆଯାଇଥିଲା । ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ବା ଏଫ.ଏ.ଓ (FAO) ଦେଶମାନଙ୍କର ଖାଦ୍ୟ ନିରାପତ୍ତା ପାଇଁ ନିର୍ଦ୍ଦେଶନାମା ସବୁ ଜାରି କରିଥିଲା ୨୦୦୪ ମସିହାରେ । ଏଥିରେ 'ଖାଦ୍ୟ ଅଧିକାର'କୁ ମାନ୍ୟତା ଦିଆଯାଇଥିଲା । ସମସ୍ତେ ସ୍ୱୀକାର କରିଥିଲେ ଯେ ପୁରୁଷ ଓ ସ୍ତ୍ରୀ, ପୁଅ ଓ ଝିଅ ସମସ୍ତଙ୍କର ଯଥେଷ୍ଟ ଓ ଆବଶ୍ୟକୀୟ ପୁଷ୍ଟିସାର ଖାଦ୍ୟ ପାଇବାର ଅଧିକାର ରହିଛି । ସବୁଦେଶ ସହମତ ହୋଇଥିଲେ ଯେ, ଯେତେବେଳେ ଜଣେ ବ୍ୟକ୍ତି ବା ନାଗରିକ ବାର୍ଦ୍ଧକ୍ୟ, ଶାରିରୀକ ଅକ୍ଷମତା, ଦାରିଦ୍ର୍ୟ, ଦୁର୍ଭିକ୍ଷ, ପ୍ରାକୃତିକ ଦୁର୍ବିପାକ, ସାମାଜିକ ଭେଦଭାବ ଆଦିର କାରଣ ଯୋଗୁଁ ଖାଦ୍ୟ ପାଇବାରୁ ବଞ୍ଚିତ ହେବ, ସେତେବେଳେ ରାଷ୍ଟ୍ର ସେଇ ବ୍ୟକ୍ତିକୁ ଖାଦ୍ୟ ଯୋଗାଇବାର ଦାୟିତ୍ୱ ବହନ କରିବ । ପ୍ରତ୍ୟେକ ରାଷ୍ଟ୍ର ନିଜ ନିଜର ଖାଦ୍ୟ ନୀତି ଘୋଷଣା କରି ଏଇ ବିଷୟରେ ସେମାନଙ୍କର ଅଙ୍ଗୀକାରବଦ୍ଧତା ସ୍ପଷ୍ଟ କରିଛନ୍ତି । ଏହା ସାରା ବିଶ୍ୱରେ ଖାଦ୍ୟ ଅଧିକାରର ମାନ୍ୟତା ନୁହେଁତ ଆଉ କ'ଣ ?

Digitized by srujanika@gmail.com

କିନ୍ତୁ ଖାଦ୍ୟ ଅଧିକାର ପ୍ରତ୍ୟେକ ମଣିଷର ରହିଛି କି ? ଗରିବ ମଣିଷମାନେ ଆଜି ଦିନରେ କେବଳ ଖାଦ୍ୟାଭାବର ସମ୍ମୁଖୀନ ହୋଇନାହାନ୍ତି । ସେମାନଙ୍କର ଜୀବନ ଜୀବିକା ଆଜି ବିପଦଗ୍ରସ୍ତ । ରୋଜଗାରର ପନ୍ଥା ନାହିଁ । ମିଳୁ ନାହିଁ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ପାନୀୟ ଜଳ, ପରିମଳ ବ୍ୟବସ୍ଥା, ବାସଗୃହ । ଏଣୁ ଖାଦ୍ୟ ଅଧିକାରର ଯେଉଁ ଅନ୍ୟ ମାନବିକ ଅଧିକାର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ସେ ଗୁଡ଼ିକ ହେଲା ଶିକ୍ଷା ଅଧିକାର, ଶ୍ରମ ଅଧିକାର, ସ୍ୱାସ୍ଥ୍ୟ ଅଧିକାର, ଜଳଅଧିକାର ଆଦି ଅନେକ କିଛି । ୧୯୪୮ ମସିହାଠାରୁ ଆଜି ପର୍ଯ୍ୟନ୍ତ ୫୯ ବର୍ଷ ବିତି ଗଲାଣି । ମାନବିକ ଅଧିକାର କେବଳ ଉଲ୍ଲଙ୍ଘନ ହେବାରେ ଲାଗିଛି । ଏ ସ୍ତମ୍ଭରେ ଏ ଲେଖକ ଖାଦ୍ୟକୁ ନେଇ ଯେଉଁ ରଜାନୀତି ଚାଲିଛି ତାହାର ବହୁବାର ଆଲୋଚନା କରିଛି । କିପରି ଗୋଟିଏ ପ୍ରତାପଶାଳୀ ଗୋଷ୍ଠୀ ପୃଥିବୀର ଖାଦ୍ୟଦ୍ରବ୍ୟର ବଜାର ଓ ବେପାରକୁ ନିୟନ୍ତ୍ରଣ କରିଛନ୍ତି କେବଳ ଲାଭ ପାଇଁ ଓ ଏ ପୃଥିବୀର ଅର୍ଦ୍ଧାଧିକ ଲୋକେ ବାଧ୍ୟ ହେଉଛନ୍ତି ଭୋକ ଉପାସରେ ରହିବା ପାଇଁ । ଆମର ଖାଦ୍ୟ ନୀତି, ଆଇନ୍ ଗତ ବ୍ୟବସ୍ଥା ଓ ରାଜନୈତିକ ଇଚ୍ଛାଶକ୍ତି ସବୁକୁ ତନ୍ନତନ୍ନକରି ବିଶ୍ଳେଷଣ କରିବାର ପ୍ରକ୍ରିୟା ଶେଷ ହୋଇନାହିଁ । ଏବେ ମଧ୍ୟ ପ୍ରଶ୍ନ ଉଠୁଛି ଯେ, ଖାଦ୍ୟାଭାବ କାହିଁକି ? ଆମ ଦେଶରେ କ'ଣ ଖାଦ୍ୟ ଉତ୍ପାଦନ ଯଥେଷ୍ଟ ହେଉନାହିଁ ? ଅଥବା ଗରିବଙ୍କ ଖାଦ୍ୟ ଅଧିକାର ପ୍ରତି ସମ୍ମାନ ନାହିଁ ? ନା ଆଉ କିଛି କାରଣ ରହିଛି ? ଏକଥା ନିଶ୍ଚିତ ଯେ, ଖାଦ୍ୟ ନିରାପତ୍ତା ସହ ଜୀବନ ଜୀବିକାର ନିରାପତ୍ତା ଅଙ୍ଗାଙ୍ଗୀ ଭାବେ ସଂଶ୍ଳିଷ୍ଟ । ବର୍ତ୍ତମାନ ଆମ ଦେଶରେ, ଆମ ରାଜ୍ୟରେ ଗରିବଙ୍କ ଜୀବନ ଜୀବିକା ଆଉ ନିରାପଦ ନୁହେଁ । କେତେକ ତ୍ରୁଟିପୂର୍ଣ୍ଣ ନୀତି ଏଥିପାଇଁ ସମ୍ପୂର୍ଣ୍ଣଦାୟୀ । ଜଳ, ଜମି, ଜଙ୍ଗଲ ପରିବେଶକୁ ନେଇ ଯେଉଁ ନୀତି ପ୍ରଣୟନ ଚାଲିଛି, ସେଥିରେ ଏବେ ଅନେକ ପ୍ରଶ୍ନଉଠୁଛି । ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣ ପ୍ରକ୍ରିୟା ଏସବୁ ନୀତି ପ୍ରଣୟନରେ ହସ୍ତକ୍ଷେପ କରୁଛି । ଆମର କୃଷି ଏବେ ବଜାରୀକରଣ ପ୍ରକ୍ରିୟାରେ ପୂରା ବୁଡ଼ି ଯାଇଛି । ସେଇଥିପାଇଁ ନିରନ୍ତର କୃଷି ବଦଳରେ ବଜାର ଦ୍ୱାରା ନିୟନ୍ତ୍ରଣ କୃଷିକୁ ପ୍ରୋତ୍ସାହନ ମିଳୁଛି । ରାଷ୍ଟ୍ରର କୃଷିନୀତି ସ୍ପଷ୍ଟଭାବେ ପ୍ରଣୟନ କରାଯାଉନାହିଁ । ବଜାରରେ ଖାଦ୍ୟଦ୍ରବ୍ୟ ମିଳୁଛି ସତ, ଗରିବଙ୍କ ପାଖରେ ପଇସା ନାହିଁ କିଣିବାକୁ । ଅର୍ଥନୈତିକ ସଂସ୍କାରର ଏହା ଭୟାନକ ଫଳାଫଳ ନୁହେଁ କି ? ଏ ଦେଶରେ ରିହାତି ଦରରେ ଖାଦ୍ୟ ଯୋଗାଣ ପରମ୍ପରା କ୍ରମଶଃ ହ୍ରାସ ପାଉଛି । ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଦୁର୍ବଳ କରାଯାଉଛି । ଅନ୍ତ୍ୟୋଦୟ, ଅନ୍ନପୂର୍ଣ୍ଣା ଆଦି ଯୋଜନା ଠିକ୍‌ଭାବେ ଲାଗୁ କରାଯାଉ ନାହିଁ । ବିଭିନ୍ନ ଖାଉଟିଦ୍ରବ୍ୟ ଆଇନ୍ ମଧ୍ୟ ଆଉ କଡ଼ାକଡ଼ି ଭାବେ ପ୍ରୟୋଗ କରାଯାଉନାହିଁ । ଖାଦ୍ୟଦ୍ରବ୍ୟମାନଙ୍କର ବ୍ୟବସାୟୀକରଣ ହେତୁ ଖାଦ୍ୟର ସର୍ବନିମ୍ନ ଆବଶ୍ୟକତା ସାଧାରଣ ଲୋକଙ୍କ ପାଇଁ ଅପହଞ୍ଚ ହୋଇଯାଇଛି । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଚାଉଳ, ଗହମକୁ ଛାଡ଼ି ଦେଲେ ମାଣ୍ଡିଆ, ମକା, ବାଜରା

Digitized by srujanika@gmail.com

ଆଦି ଖାଦ୍ୟ ଶସ୍ୟକୁ ଅନ୍ତର୍ଭୁକ୍ତ କରାଯାଉନାହିଁ । ସାଧାରଣ ଲୋକେ ଏଇ ଖାଦ୍ୟକୁ ପସନ୍ଦ କରିଥାଆନ୍ତି । ସାରା ପୃଥିବୀର ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ଦେଖିଲେ ଜଣାପଡେ ଯେ, ମାଣ୍ଡିଆ, ମକା ଓ ବାଜରା ଜାତୀୟ ଖାଦ୍ୟଶସ୍ୟ ଗରିବଙ୍କ ଖୁବ୍ ପ୍ରିୟ । ସେମାନେ ଏହାକୁ ମଧ୍ୟ ଉତ୍ପାଦନ କରିଥାଆନ୍ତି, ଆଦିବାସୀ ଅଞ୍ଚଳରେ । ମରୁଡି ପ୍ରବଣ ଅଞ୍ଚଳରେ, ବୃଷ୍ଟିପୁଷ୍ଟ ଅଞ୍ଚଳରେ ଏଇ ଫସଲ ସବୁ ବେଶୀ ଉତ୍ପାଦିତ ହୁଏ । କିନ୍ତୁ ସରକାରୀ କୃଷିନୀତି ଓ ଖାଦ୍ୟ ନୀତିରେ ଜଳସେଚିତ ଅଞ୍ଚଳରୁ ଚାଉଳ ଓ ଗହମ କିଣାଯାଇ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମୁଖ୍ୟ ଖାଦ୍ୟ ଦ୍ରବ୍ୟ ରୂପେ ବଣ୍ଟା ଚାଲିଛି ବର୍ଷ ବର୍ଷ ଧରି । ଏହାଛଡ଼ା ଚାଉଳ ଓ ଗହମର ବ୍ୟାପକ କଳାବଜାରି ହେଉଛି ଓ ଘରୋଇ ବଜାରରେ ଏହାର ବିକାକିଣା ଚାଲିଛି । ଗରିବ ଜନସାଧାରଣ ବହୁ କ୍ଷେତ୍ରରେ ସାଧାରଣ ବଣ୍ଟନ ବ୍ୟବସ୍ଥାରୁ ଲାଭାନ୍ୱିତ ହୋଇ ପାରୁନାହାନ୍ତି ବୋଲି ଅଧ୍ୟୟନରୁ ଜଣାପଡିଛି । ସାଧାରଣ ବଣ୍ଟନ ବ୍ୟବସ୍ଥାର ଅନେକ ରୂପାନ୍ତର ହୋଇସାରିଛି । ଲକ୍ଷ୍ୟ ଗୋଷ୍ଠୀଙ୍କୁ ପହଞ୍ଚାଇବା ତଥାପି ସମ୍ଭବ ହୋଇନାହିଁ । ପ୍ରତିଗ୍ରାମରେ ଶସ୍ୟ ପାଣ୍ଠି ପ୍ରତିଷ୍ଠା କରିବାକୁ ସରକାର ତତ୍ପର ନୁହନ୍ତି ।

ଆମର କୃଷିନୀତି ଅନେକ ସମାଲୋଚନାର ବିଷୟ ବସ୍ତୁ ହୋଇସାରିଛି । ନିରନ୍ତର କୃଷି ଯେମିତି କୃଷି ବିକାଶର ମୁଖ୍ୟ ଧାରାକୁ ପ୍ରବେଶ କରିପାରୁନାହିଁ । ରାସାୟନିକ ସାର ଓ କୀଟନାଶକ ଔଷଧର ପ୍ରୟୋଗ ମାତ୍ରାଧିକ ହୋଇସାରିଛି । ଏହା ସହିତ ଶଙ୍କର ବୀଜ ଓ ଜି.ଏମ୍. ବିହନ ମଧ୍ୟ କୃଷିକ୍ଷେତ୍ରରେ ବ୍ୟାପକ ବ୍ୟବହାର ହେଉଛି । କୃଷି ଉତ୍ପାଦନକୁ ବଜାର ନିୟନ୍ତ୍ରଣ କରୁଛି । ଖାଦ୍ୟଶସ୍ୟ ବଦଳରେ ଖାଦ୍ୟର ଶିଳ୍ପୀକରଣ ଓ ପ୍ରକ୍ରିୟାକରଣ ପାଇଁ କଞ୍ଚାମାଲ ଉତ୍ପାଦନକୁ ପ୍ରାଥମିକତା ଦିଆଯାଉଛି । ରପ୍ତାନୀ ଭିତ୍ତିକ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଉଛି । ବିଶ୍ୱ ବ୍ୟାଙ୍କ ଓ ବିଶ୍ୱ ବାଣିଜ୍ୟ ସଂଗଠନ ଭାରତର କୃଷିନୀତି ସ୍ଥିର କରୁଛନ୍ତି । ଏଇଥିପାଇଁ କୃଷି ଆଜି କୃଷକ ହାତରେ ନାହିଁ । ଏହା ଶିଳ୍ପପତି ଓ କର୍ପୋରେଟ୍‌ମାନଙ୍କ ହାତକୁ ଚାଲିଯାଇଛି । କର୍ପୋରେଟ୍ ଫାର୍ମିଂ, କଣ୍ଟ୍ରାକ୍ଟ ଫାର୍ମି ବା ଠିକାଚାଷ ଏବେ ସବୁ ଅଞ୍ଚଳରେ ପ୍ରବେଶ କରିସାରିଛି । କୃଷକଙ୍କୁ ରିହାତି ଦେବା କମୁଛି ବିଶ୍ୱବ୍ୟାଙ୍କର ଇଙ୍ଗିତରେ । କୃଷିଜୀବୀଙ୍କୁ କୁହାଯାଉଛି ଯେ, ସେ ଜମି, ଜଳ ଓ ଅନ୍ୟ ସମ୍ବଳର ଠିକ୍ ବିନିଯୋଗ କରିପାରୁନାହିଁ । ଛୋଟ ଓ ନାମମାତ୍ର ଚାଷୀଙ୍କୁ କୁହାଯାଉଛି ଯେ କ୍ରମେ ସେ କୃଷିରୁ ନିଜର ଜୀବିକା ଉପାର୍ଜନ କରିପାରିବ ନାହିଁ । ସେଥିପାଇଁ ତା'ର ଜମିକୁ ସେ ଅନ୍ୟହାତରେ ଅର୍ପଣ କରି ସହରାଞ୍ଚଳକୁ ଯାଉ ବୋଲି ପ୍ରବର୍ତ୍ତାଇବା ପାଇଁ ଅନେକ ଚେଷ୍ଟା ଚାଲିଛି । କିନ୍ତୁ ଏ ଦେଶର ଛୋଟ ଚାଷୀ ଓ ତାହାର ଉତ୍ପାଦନ ଏ ଦେଶର ଖାଦ୍ୟ ନିରାପତ୍ତା । ତାହାକୁ ଧ୍ୱଂସ କରିବା ପାଇଁ ଏଇଭଳିନୀତି ଗ୍ରହଣ କରାଯାଉଛି । କୃଷି ଯୋଗ୍ୟଜମିକୁ ଅଧିଗ୍ରହଣ କରି ବର୍ତ୍ତମାନ ସେଠାରେ ଶିଳ୍ପ ପ୍ରତିଷ୍ଠା କରାଯାଉଛି । ସ୍ୱତନ୍ତ୍ର ଆର୍ଥିକ ଜୋନ୍ ବା ସେଜ୍ ଏବେ

Digitized by srujanika@gmail.com

ବହୁମାତ୍ରାରେ କୃଷି ଜମି ଅକ୍ତିଆର କରିବ । ଏହାଦ୍ୱାରା ସାଧାରଣ ଚାଷୀଙ୍କ ଉତ୍ପାଦନ ବହୁମାତ୍ରାରେ ବିପନ୍ନ ହେବ ବୋଲି ଆଶଙ୍କା ଦେଖା ଦେଇଛି । କୃଷକ ଆତ୍ମହତ୍ୟା ଆମର ଭୁଲ୍ କୃଷୀନୀତିର ସୂଚନା ନୁହେଁତ ଆଉ କ'ଣ ?

ସବୁଜ ବିପ୍ଳବର ସଫଳତା ପରେବି ଏବେ ଆମଦେଶରେ ଯେମିତି ଖାଦ୍ୟଶସ୍ୟର ଅଭାବ ଦେଖାଦେଇଛି । ତାହା ନହେଲେ ଆମେ କାହିଁକି ଖାଦ୍ୟଶସ୍ୟ ଆମଦାନୀ କରନ୍ତେ ? ଏବର୍ଷ ୫ଲକ୍ଷ ଟନ୍ ଗହମ ଆମ ଦେଶ ଆମଦାନୀ କରୁଛି । ଆମ ଦେଶର ଚାଷୀ କିନ୍ତୁ ଦୁସ୍ଥ ହୋଇ ରହୁଛି । ଚଢ଼ାଦରରେ ଖାଦ୍ୟ ଶସ୍ୟ ବିଶ୍ୱର ମୁକ୍ତ ବଜାରରୁ କିଣିବା ଫଳରେ ଅନ୍ୟଦେଶର ଚାଷୀ ଲାଭ ପାଉଛନ୍ତି । ଏସବୁ ନୀତି କେତେ ଯୁକ୍ତିଯୁକ୍ତ ତାହା ପାଠକମାନେ ବିଚାର କରିବେ । ଆଜିର ବିଶ୍ୱଖାଦ୍ୟ ଦିବସରେ ଏହା ସମସ୍ତେ ବିଚାର କରିବା ଉଚିତ ବୋଲି ଏ ଲେଖକ ସମସ୍ତଙ୍କୁ ଅନୁରୋଧ କରୁଛି । 'ଖାଦ୍ୟ ନିରାପତ୍ତା' 'ଖାଦ୍ୟ ସୁରକ୍ଷା' ଓ 'ଖାଦ୍ୟ ସାର୍ବଭୌମତ୍ୱ' ସବୁ ଯୋଡ଼ାଯୋଡି ହୋଇ ଅଛନ୍ତି । ଗୋଟିଏ ବିପନ୍ନ ହେଲେ ଅନ୍ୟଟି ବିପନ୍ନ ହେଉଛି । ଭାରତକୁ ବାହାରୁ ଯେଉଁ ଖାଦ୍ୟ ସାମଗ୍ରୀ ଆସୁଛି ତାହା କେତେ ସୁରକ୍ଷିତ ସେଥିପ୍ରତି ସଚେତନ ନାଗରିକ ନଜର ପକାଇବା ନିତାନ୍ତ ଆବଶ୍ୟକ । ସବୁଠାରୁ ଭୟାନକ ଜିନିଷ ହେଉଛି ଜି.ଏମ୍. ଫୁଡ । ନୂତନ ଜେନେଟିକ୍ ଜ୍ଞାନ କୌଶଳର ସହାୟତାରେ ଉତ୍ପାଦିତ ହେଉଥିବା ଖାଦ୍ୟଦ୍ରବ୍ୟ ମଣିଷର ସ୍ୱାସ୍ଥ୍ୟ ପ୍ରତି ଖୁବ୍ ବିପଦ ସୃଷ୍ଟି କରିଛି । ଭାରତ ବର୍ଷକୁ ୨୦ଲକ୍ଷ ଟନ ସୋୟାତେଲ ଆର୍ଜେଣ୍ଟିନା, ବ୍ରାଜିଲ୍ ଓ ଯୁକ୍ତରାଷ୍ଟ୍ର ଆମେରିକାରରୁ ଆମଦାନୀ କରୁଛି । ଏ ତେଲରେ ଜି.ଏମ.(G. M) ଜ୍ଞାନକୌଶଳ ଭରି ରହିଛି ଓ ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟି କରିଛି । ଭାରତ ମଧ୍ୟ ପ୍ରଚୁର କାନୋଲା ତେଲ ଆମଦାନୀ କରୁଛି କାନାଡାରୁ । ଏ ତେଲରେ ମଧ୍ୟ ଜେନେଟିକ୍ ଇଞ୍ଜିନିୟରିଙ୍ଗ ସଂଶ୍ଳିଷ୍ଟ ଅଛି । ବିଟି କପା, ବିଟି ବାଇଗଣ ଆଦି ଟେକ୍ନୋଲୋଜି ମଧ୍ୟ ଏ ଦେଶର ଖାଦ୍ୟ ନିରାପତ୍ତା ଓ ସୁରକ୍ଷା ଉପରେ ଘୋର ପ୍ରଭାବ ପକାଉଛି ।

ଆଜି ଦିନରେ ଏ ଦେଶର ନାଗରିକମାନେ ଖାଦ୍ୟ ଅଧିକାରକୁ ମାନ୍ୟତା ଦେଇ କେତୋଟି ଦାବି ଉପସ୍ଥାପନା କରିବା ନିହାତି ଆବଶ୍ୟକ ହୋଇପଡିଛି । ସର୍ବପ୍ରଥମେ ଏ ଦେଶ ସମସ୍ତଙ୍କର ଖାଦ୍ୟ ଅଧିକାରକୁ ସ୍ୱୀକାର କରି ଯଥାଯଥ ମାନ୍ୟତା ପ୍ରଦାନ କରୁ । କେହି ଜଣେ ଯଦି ଖାଦ୍ୟ ଅଧିକାରରୁ ବଞ୍ଚିତ ରହୁଛି, ଦେଶ ଓ ସମାଜ ସେଥିପାଇଁ ଦାୟୀରହୁ । ଏ ଦେଶ ଏପରି କୌଣସି ନୀତି ଗ୍ରହଣ ନକରୁ, ଯାହାକି ନାଗରିକମାନଙ୍କୁ ଭୋକିଲା ରଖିବ । ପ୍ରତ୍ୟେକ ଗରିବ ପରିବାର, କୃଷିଜୀବୀ ଓ ଶ୍ରମଜୀବୀ, ସମସ୍ତେ ନିଜ ପାଇଁ ଖାଦ୍ୟ ନିରାପତ୍ତା ଯୋଗାଇବାକୁ ଉଦ୍ୟମରତ । ଏହାକୁ ସରକାର ମାନ୍ୟତା ଦିଅନ୍ତୁ । ଏପରି କୌଣସି ପଦକ୍ଷେପ ନିଆନଯାଉ ଯାହା ଦ୍ୱାରା ଗରିବଙ୍କୁ ତାଙ୍କର ଖାଦ୍ୟ ନିରାପତ୍ତା ହରାଇବାକୁ ପଡିବ ।

Digitized by srujanika@gmail.com

ସରକାରଙ୍କୁ ମୁଖ୍ୟତଃ ଦୁଇଟି ପଦକ୍ଷେପ ନେବାକୁ ହେବ । ଛୋଟ ଓ ନାମମାତ୍ର ଚାଷୀ କିପରି ବେଶୀ ଉତ୍ପାଦନ କରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉ । ଅନ୍ୟଟି ହେଲା, ଯେଉଁମାନେ ଖାଦ୍ୟ ନିରାପତ୍ତା ହାସଲ କରିବାକୁ ଅକ୍ଷମ ସେମାନଙ୍କୁ ସରକାରୀ କାର୍ଯ୍ୟକ୍ରମ ଜରିଆରେ ସାହାଯ୍ୟ ଦିଆଯାଉ । 'ଖାଦ୍ୟ ବଦଳରେ କାମ' ଯୋଜନାକୁ ବ୍ୟାପକ କରାଯାଉ । ଖାଦ୍ୟ ବଣ୍ଟନ ପ୍ରଣାଳୀକୁ ସମ୍ପୂର୍ଣ୍ଣ ବିକେନ୍ଦ୍ରୀକରଣ କରାଯାଉ । ପ୍ରତି ପଞ୍ଚାୟତକୁ ଏକ ୟୁନିଟ୍ ହିସାବରେ ନିଆଯାଉ । ସେଠାକାର ଆବାଳ ବୃଦ୍ଧବନିତାଙ୍କର ଖାଦ୍ୟ ନିରାପତ୍ତାର ଏକମାନଚିତ୍ର ଅଙ୍କାଯାଉ । ପାଞ୍ଚବର୍ଷରୁ କମ୍ ଛୋଟ ପିଲାଙ୍କ ପାଇଁ ଅଙ୍ଗନବାଡ଼ି, ସ୍କୁଲ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ, ସାଧାରଣ ଗରିବ ପରିବାରଙ୍କ ପାଇଁ ରିହାତି ଦରରେ ଖାଦ୍ୟ ଦ୍ରବ୍ୟ ଯୋଗାଣ ଆଦି କାର୍ଯ୍ୟକ୍ରମ ଭିତରେ ସମନ୍ୱୟ ରକ୍ଷା କରାଯିବାକୁ ପଦକ୍ଷେପ ନିଆଯାଉ । ପଞ୍ଚାୟତ ସ୍ତରୀୟ ଶସ୍ୟପାଣ୍ଠି ପ୍ରତିଷ୍ଠା କରାଯାଉ । ଗୋଟାଏ ପଞ୍ଚାୟତରେ ଯେଉଁ ଖାଦ୍ୟ ଦ୍ରବ୍ୟର ଉତ୍ପାଦନ ହେଉଛି ତାହା ପ୍ରଥମେ ସେଠାକାର ଅଧିବାସୀ ବ୍ୟବହାର କରନ୍ତୁ । ଯାହା ବଜାରକୁ ଯିବା ସମ୍ଭବ ତାହା କେବଳ ବିକାକିଣା କରାଯାଉ ।

ବିଶ୍ୱଖାଦ୍ୟ ଦିବସରେ କେହି ଭୋକିଲା ରହନ୍ତୁ ବୋଲି ଆମେ ଭାବିବା କି ? ଗାଁରେ ହେଉ କି ସହରରେ ହେଉ, ନାଗରିକ ସମାଜ ଆଦି ଶପଥ ନେଉ ଯେ କେହି ଯେମିତି ଭୋକିଲା ନରହନ୍ତୁ । ଭାରତରେ ଖାଦ୍ୟ ନିରାପତ୍ତା ନଥିବା ମଣିଷ ଓ ଅଞ୍ଚଳମାନଙ୍କୁ ନେଇ ଏକ ମାନଚିତ୍ର ତିଆରି କରାଯାଇଛି । ସେ ମାନଚିତ୍ରର ରୂପରେଖ ଓ ରଙ୍ଗ ବଦଳିବା ପାଇଁ ଆଜି ଶପଥ ନିଆଯାଉ । ଦେଶରେ ଯେଉଁମାନେ ମୁରବି ବୋଲି ଗଣାଯାଇଛନ୍ତି, ଯେଉଁମାନେ ନୀତି ନିର୍ଦ୍ଧାରଣ କରୁଛନ୍ତି, ସେମାନେ ସମୟ ଦେଖି ଭୋକିଲା ପରିବାରମାନଙ୍କ ଗହଣରେ କିଛି ସମୟ କଟାନ୍ତୁ । ଖାଦ୍ୟାଭାବ କୃତ୍ରିମ କି ପ୍ରାକୃତିକ ତାହା ଉପଲବ୍ଧି କରନ୍ତୁ । ଆମ୍ବଟାକୁଆ ଓ ତେନ୍ତୁଳି ମଞ୍ଜି ଖାଉଥିବା ମଣିଷମାନଙ୍କୁ ଆଶ୍ୱାସନା ଦିଅନ୍ତୁ ଯେ ସମୟ ବଦଳିବା ଆରମ୍ଭ କରିଛି । ଖାଦ୍ୟ ଅଧିକାର ଯେ ମୌଳିକ ମାନବିକ ଅଧିକାର ଏହାକୁ ପ୍ରମାଣିତ କରନ୍ତୁ ।

□□□

Digitized by srujanika@gmail.com

ନାଗରିକ ସମାଜର ଦାୟିତ୍ୱ ଏବଂ ଆତ୍ମସମୀକ୍ଷା

କାଶୀପୁର, ଦଶମନ୍ତପୁର, ଥୁଆମୂଳ ରାମପୁର ଅଞ୍ଚଳରେ ଏଇ ଦୁଇ ତିନିମାସ ତଳେ ହୋଇଥିବା ହଇଜା ମୃତ୍ୟୁରେ ତିନିଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ । ବେସରକାରୀ ସୂତ୍ରରୁ ଏହା ପାଞ୍ଚଶହରୁ ଅଧିକ ଟପିଛି ବୋଲି ବିଭିନ୍ନ ସମ୍ବାଦ ପତ୍ରରେ ପ୍ରକାଶ ପାଇଥିଲା । ଦୋଷକାହାକୁ ଦିଆଗଲା କି ? ସରକାର ହେଉ କି ରାଜନୈତିକ ଦଳମାନେ ହୁଅନ୍ତୁ, ମିଡିଆ ହୁଅନ୍ତୁ କି ନାଗରିକ ସମାଜ ହୁଅନ୍ତୁ, କେହି ଜଣେ ହେଲେ ଦୋଷ ମାନିଲେ ନାହିଁ । ନାଗରିକ ସମାଜମାନେ କାହିଁକି କିଛି କରୁନାହାନ୍ତି ବୋଲି ମଧ୍ୟ ପ୍ରଶ୍ନ ଉଠିଥିଲା । ସ୍ୱେଚ୍ଛାସେବୀ ସଂଗଠନ, ବେସରକାରୀ ସଂଗଠନ ଓ ନାଗରିକ ସମାଜ ସବୁ ଗୋଟିଏ ବର୍ଗର ନୁହଁନ୍ତି ବା ଗୋଟିଏ ଶ୍ରେଣୀ ଭିତରେ ସବୁବେଳେ ଅର୍ନ୍ତଭୁକ୍ତ ହୁଅନ୍ତି ନାହିଁ । ସ୍ୱେଚ୍ଛାସେବୀ ସଂଗଠନମାନେ ବିଭିନ୍ନ ଦାତବ୍ୟ ଓ ସେବାମୂଳକ କାମରେ ଲାଗିଥାଆନ୍ତି । ବେସରକାରୀ ସଂଗଠନମାନେ ବିକାଶ କାର୍ଯ୍ୟକ୍ରମ ହାତକୁ ନେଇ ଦାରିଦ୍ର୍ୟ ଦୂରୀକରଣ କରିବାକୁ ଉଦ୍ୟମ କରିଥାଆନ୍ତି । ନାଗରିକ ସମାଜ କିନ୍ତୁ ଭିନ୍ନ ଧରଣର ଓ ସ୍ୱତନ୍ତ୍ର । ଯିଏ ରାଷ୍ଟ୍ର ଓ ବଜାରର ଗରିବମାରଣ ନୀତିକୁ ବିରୋଧ କରେ, ସେ ହିଁ ହେଉଛି ନାଗରିକ ସମାଜ । କାଶୀପୁର, ଦଶମନ୍ତପୁର, ଥୁଆମୂଳ ରାମପୁରରେ ଛୋଟ ବଡ଼ ଶହେଟି ସଂସ୍ଥା ଥିବେ । ଏଥିରେ କର୍ପୋରେଟ ଦ୍ୱାରା ସଂଚାଳିତ ସଂସ୍ଥା ମଧ୍ୟ ଅଛନ୍ତି ଏବଂ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ସହାୟତା ପାଇଥିବା ସଂସ୍ଥାମାନେ ଅଛନ୍ତି । ଥୁଆମୂଳ ରାମପୁରର ଦୁର୍ଗମ କେରପାଇଠାରେ ପ୍ରଧାନମନ୍ତ୍ରୀଙ୍କ ରିଲିଫପାଣ୍ଠିରୁ ସହାୟତା ପାଇ ସଂସ୍ଥାଟିଏ କାମ କରୁଛି ବୋଲି ଦାବୀ କରୁଛି ଅଥଚ ସେଠାରେ ହଇଜାର ମରିଥିବା ଲୋକଙ୍କ ସମ୍ବାଦ ଖବରକାଗଜମାନଙ୍କରେ ସମ୍ପୂର୍ଣ୍ଣ ପ୍ରକାଶିତ ହୋଇନାହିଁ । ଥୁଆମୂଳ ରାମପୁରଠାରେ କାର୍ଯ୍ୟରତ ଏକ ବୃହତ୍ ସଂସ୍ଥା ପାନୀୟଜଳ ଓ ପରିମଳ କାର୍ଯ୍ୟକ୍ରମ ପାଇଁ ଆନ୍ତର୍ଜାତିକ ସ୍ତରରେ ପୁରସ୍କୃତ ହୋଇଛି । କାଶୀପୁରରେ 'ଅଗ୍ରଗାମୀ' କାର୍ଯ୍ୟ କରିଆସୁଛି ଅନେକ ଦିନରୁ କିନ୍ତୁ ସରକାରଙ୍କ ଶୁଭଦୃଷ୍ଟିରେ ନଥିବାରୁ ଏ ସଂସ୍ଥା ଆରମ୍ଭ କରିଥିବା ଶସ୍ୟ ପାଣ୍ଠି ଓ ଅନ୍ୟ ବିକାଶ କାର୍ଯ୍ୟକ୍ରମର ପ୍ରଭାବ ସିମୀତ ଓ ସଙ୍କୁଚିତ ହୋଇଛି । ଦଶମନ୍ତପୁରରେ ଛୋଟବଡ଼ ଅନେକ ସଂସ୍ଥା କାମ କରୁଛନ୍ତି । ସେ ଭିତରେ ଆମ ସଂଗଠନ, ଉଇଡ଼ା (WIDA)ଙ୍କ କାର୍ଯ୍ୟକ୍ରମ ଉଲ୍ଲେଖନୀୟ । ଏହାଛଡ଼ା ଆକ୍‌ସନ ଏଡ୍, କେୟାର, ୟୁନିସେଫ୍

Digitized by srujanika@gmail.com

ଆଦି ଆନ୍ତର୍ଜାତିକ ସଂସ୍ଥା ମଧ୍ୟ ଗୁରୁତ୍ୱର ସହ ଅନେକ କାର୍ଯ୍ୟକ୍ରମ ନିଜେ ବା ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା କରୁଛନ୍ତି । ସମସ୍ତେ ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ ଓ ପରିମଳ ଯୋଜନା କରୁନାହାନ୍ତି । ସମସ୍ତେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇନାହାଁନ୍ତି । ସଚେତନତା କହିଲେ କେବଳ ସ୍ୱାସ୍ଥ୍ୟ ବା ପରିମଳର ସଚେତନତା ନୁହେଁ । 'ସଚେତନତା'ର ଅର୍ଥ ଅନେକ କ୍ଷେତ୍ରରେ ସାମାଜିକ, ଆର୍ଥିକ ଓ ରାଜନୈତିକ ସଚେତନତା । ଏ ଅଞ୍ଚଳରେ କାର୍ଯ୍ୟରତ ସ୍ୱୟଂସେବୀ ସଂସ୍ଥାମାନେ କେଉଁଭଳି ସଚେତନତା ସୃଷ୍ଟି କରୁଛନ୍ତି ତାହା ନିଜେ ସମୀକ୍ଷା କରିଲେ ଜାଣିପାରିବେ । କେଉଁ ସଂସ୍ଥାର କେଉଁଭଳି ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ରଣନୀତି ଅଛି ତାହା ସ୍ୱତନ୍ତ୍ର ଓ ଅଭିନବ । ସମସ୍ତେ ସମାନ କାର୍ଯ୍ୟକ୍ରମ ହାତକୁ ନେଇ ନାହାନ୍ତି ଓ ସମସ୍ତେ ନାଗରିକ ସମାଜର ପଦବାଚ୍ୟ ନୁହନ୍ତି । ସେ ଭିତରୁ ଅନେକ ଠିକାଦାର ଭଳି କାମ କରିଥାଆନ୍ତି ଅଥଚ ଠିକାଦାରର ମାନ୍ୟତା ଅସ୍ୱୀକାର କରିଥାଆନ୍ତି । ଅନେକ ସରକାରୀ କଳର ସାହାଯ୍ୟ ଓ ସହାନୁଭୂତିକୁ ନେଇ ଅସ୍ତିତ୍ୱ ବଜାୟ ରଖିଥାଆନ୍ତି ଏଥିପାଇଁ ସରକାରଙ୍କ ଗୋଡାଣିଆ ହୋଇଥାଆନ୍ତି । କିଏ ଗୋଡାଣିଆ ଓ ସରକାରଙ୍କ କାନକୁହା, ତାହା ମଧ୍ୟ ଆତ୍ମସମୀକ୍ଷା ମାଧ୍ୟମରେ ସ୍ପଷ୍ଟ ହୋଇପାରିବ ।

ବିଶ୍ୱବ୍ୟାଙ୍କ, ଡି.ଏଫ.ଆଇ.ଡି, ବିଶ୍ୱ ଆର୍ଥିକ ସଂଗଠନ ବା ୱାର୍ଲ୍ଡ ଇକୋନୋମିକ ଫୋରମ୍, ଏସିଆନ୍ ଡେଭେଲପମେଣ୍ଟ ବ୍ୟାଙ୍କ ଆଦି ସଂସ୍ଥାମାନଙ୍କ ସହ ମିଶିଛନ୍ତି ବିଶ୍ୱର ବିଭିନ୍ନ କର୍ପୋରେଟ୍‌ମାନେ । ବେସରକାରୀ ସଂଗଠନ ଅବା ନାଗରିକ ସମାଜ ଯାହାକୁ 'ସିଭିଲ ସୋସାଇଟି' ବୋଲି କୁହାଯାଏ ଏମାନଙ୍କର ରୂପରେଖ ନିର୍ଦ୍ଧାରଣ କରିବା ପଛରେ ଉପରୋକ୍ତ ସଂସ୍ଥାମାନେ ନିର୍ଦ୍ଦିଷ୍ଟ ଭୂମିକା ଗ୍ରହଣ କରିଥାଆନ୍ତି । କର୍ପୋରେଟ ସୋସିଆଲ ରେସ୍ପନ୍‌ସିବିଲିଟିକୁ ସମର୍ଥନ କରନ୍ତି ଅନେକ ବେସକରାରୀ ସଂଗଠନ ଓ ସହାୟତା ଆଣିବାକୁ ସବୁପ୍ରକାର ଅଭିନୟ କରନ୍ତି । ଭୁବନେଶ୍ୱରର ଅନେକ ସଂସ୍ଥା ଏଇ କାର୍ଯ୍ୟକ୍ରମରେ ଲାଗି ପଡିଛନ୍ତି । ସେମାନଙ୍କୁ ଚିହ୍ନିବା ବିଶେଷ କଷ୍ଟ ହୁଏନାହିଁ । ଏହାଛଡ଼ା ସରକାରଙ୍କ ଗେହ୍ଲାପୁଅ ହେବା ପାଇଁ ବିଭିନ୍ନ ଘରୋଇ ସଂଗଠନ ଖୁବ୍ ପ୍ରତିଯୋଗୀତା କରୁଛନ୍ତି । ଏମାରେ ରାଷ୍ଟ୍ର ଓ ବଜାର ସହ ସାମିଲ୍ ହୁଅନ୍ତି । ଏମାନେ କଦାପି ନାଗରିକ ସମାଜ ପଦବାଚ୍ୟ ନୁହନ୍ତି । ବେଳେବେଳେ ହସଲାଗେ ଯେ ଏଇ ସଂସ୍ଥାମାନେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱତା ଉପରେ ଖୁବ୍ ପାଟି କରି କହିଥାଆନ୍ତି କିନ୍ତୁ ଅସଲ କ୍ଷେତ୍ରରେ ଏମାନଙ୍କ ପରିଚୟ ପାଇବା ଖୁବ୍ କଷ୍ଟକର ବ୍ୟାପାର । ଅନୁଦାନ ଦେଉଥିବା ସଂସ୍ଥାମାନେ ତଥାକଥିତ ଏନ.ଜି.ଓ(NGO)ମାନଙ୍କ ନାକରେ ଦଉଡି ଦେଇ ଘୋସାରିବାବେଳେ ମଧ୍ୟ ପ୍ରତିବାଦର ସ୍ୱର ଶୁଭେ ନାହିଁ । ଭୁବନେଶ୍ୱର ହେଉ ବା ଦିଲ୍ଲୀ ହେଉ, ଆଜିକାଲି ଖଣି କମ୍ପାନୀମାନେ ବେଶ୍ ଆଲୋଚନା ଚକ୍ର, ସେମିନାର ଆଦି ଆୟୋଜନ କରିଥାଆନ୍ତି ଓ ସେଥିରେ ଆମର ବେସରକାରୀ ସଂସ୍ଥାମାନେ ଖୁବ୍ ଉତ୍ସୁକତା ଏବଂ ଉତ୍ସାହର ସହ ଅଂଶଗ୍ରହଣ କରିଥାଆନ୍ତି ।

Digitized by srujanika@gmail.com

ଏ ବର୍ଷ ନୋବେଲ ପୁରସ୍କାର ପ୍ରାପ୍ତ 'ଟେରି' (TERI) ଏବଂ ଏହାର ଚେୟାରମ୍ୟାନ୍ ଡକ୍ଟର ଆର.କେ. ପାଚୋଡି (R.K. Pachauri) ଆଜି ଅନେକ ସମାଲୋଚନାର ଶରବ୍ୟ ହୋଇ ସାରିଛନ୍ତି । 'ଜଳବାୟୁ ପରିବର୍ତ୍ତନ' ଉପରେ ଗଢ଼ା ଯାଇଥିବା ଆନ୍ତର୍ଜାତିକ କମିଟିର ଅଧକ୍ଷ ସେ ହୋଇ ଭାରତର ଗର୍ବ ବଢ଼ାଇଛନ୍ତି ସତ । ମାତ୍ର କେଉଁଭଳି ସଂସ୍ଥାମାନଙ୍କଠାରୁ ସେ ସାହାଯ୍ୟ ନେଇଛନ୍ତି ତାହା ଯଦି ଜଣେ ଜାଣିବ ସମାଲୋଚନା ନ କରି ରହିପାରିବ ନାହିଁ । ତାହାର ଏକ ତାଲିକା ଦେବା ମୁଁ ଉଚିତ୍ ମନେ କରିବି ।

ଭାରତ ନାଗରିକ ସମାଜ ଯେଉଁ ଜନବିରୋଧୀ ନୀତିଗୁଡ଼ିକୁ ସମର୍ଥନ କରିନାହିଁ, 'ଟେରି' ସଂସ୍ଥା ତାହାକୁ ବିନା ପ୍ରତିବାଦରେ ଆପଣାର କରିଛି । ସେଗୁଡିକ ହେଲା ଦିଲ୍ଲୀରେ ମୋଟରଗାଡିରେ ବ୍ୟବହୃତ ହେଉଥିବ ସି.ଏନ.ଜି ନୀତି, କାର୍ବନ ଟ୍ରେଡ୍ ନୀତି, ଶିଳ୍ପକୁ ସୁହାଉଥିବା ପରିବେଶନୀତି ବୃହତ ଡ୍ୟାମକୁ ସମର୍ଥନ କରୁଥିବା ଜଳନୀତି ଆଦି ଅନେକ । 'ଟେରି' ବିଶ୍ୱରେ ଅନେକ ପ୍ରଶ୍ନ ଉଠାଇଥିବା ବେଦାନ୍ତ ରିସୋର୍ସେଶ୍ (Vedanta Resources)କୁ ସମର୍ଥନ କରି ଆସିଛି । 'ଟେରି' ସଂସ୍ଥା ଯେଉଁମାନଙ୍କଠାରୁ ସାହାଯ୍ୟ ନେଇଛି, ସେଗୁଡ଼ିକ ହେଲା ବିଶ୍ୱବ୍ୟାଙ୍କ, ଡି.ଏଫ.ଆଇ.ଡ଼ି , ବ୍ରିଟିଶ ପେଟ୍ରୋଲିୟମ୍, ପେପ୍‌ସୀ, କୋକାକୋଲା, ଟୟୋଟା, ହିରୋହୋଣ୍ଡା, ଟି.ଭି.ଏସ୍., ଫୋର୍ଡ଼ ଏବଂ ରକେଫେଲର୍ ଫାଉଣ୍ଡେସନ୍ । ପାଠକଗଣ 'ଟେରି' ସଂସ୍ଥା ନୋବେଲ୍ ପୁରସ୍କାର ପାଇଲା ବୋଲି ଗର୍ବ କରିବେ କି ବିଭିନ୍ନ ସନ୍ଦେହଜନକ ସଂସ୍ଥାମାନଙ୍କ ଠାରୁ ସାହାଯ୍ୟ ନେଇଛି ବୋଲି ସମାଲୋଚନା କରିବେ ତାହା ବିଚାର କରିଦେଖିବେ । ସବୁବେଳେ 'ଏଣ୍ଡସ୍ ଆଣ୍ଡ ମିନ୍‌ସ'(Ends and Means)ର ପ୍ରଶ୍ନ ଉଠୁଛି ଓ ଉତ୍ତର ମିଳୁନାହିଁ । କେ.ବି.କେ ଅଞ୍ଚଳରେ ସରକାର ପ୍ରାୟ ତିନିହଜାର କୋଟି ଟଙ୍କା ବିଭିନ୍ନ କାର୍ଯ୍ୟକ୍ରମରେ ଖର୍ଚ୍ଚ କରିଛନ୍ତି । ଏହାଛଡ଼ା ଅନ୍ୟ କାର୍ଯ୍ୟକ୍ରମରେ ମଧ୍ୟ ଗତ କେତେ ଦଶକ ଧରି ବିଭିନ୍ନ କାର୍ଯ୍ୟକ୍ରମ ହୋଇ ଆସିଛି ଓ ବିଭିନ୍ନ ବିଭାଗଦ୍ୱାରା ତାହାର ମଧ୍ୟ ହିସାବ କରିବାର ଅଛି । ସ୍ୱେଚ୍ଛାସେବୀ ସଂଗଠନମାନେ ମଧ୍ୟ ବିଭିନ୍ନ ସରକାରୀ ଓ ବେସରକାରୀ ସାହାଯ୍ୟ ନେଇ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇଛନ୍ତି । ଏ ଅଞ୍ଚଳର ଅନାହାର ମୃତ୍ୟୁ, ହଇଜା ମୃତ୍ୟୁ, ଦେଶାନ୍ତରୀହୋଇ ପଳାୟନ, ଆମ୍ବଟାକୁଆ ଓ ତେନ୍ତୁଳି ମଞ୍ଜି ଭଳି ଅଖାଦ୍ୟ ଖାଇବା, ସାମଗ୍ରିକ ଦାରିଦ୍ର୍ୟ ଓ ଅବହେଳିତ ସ୍ଥିତି କାହିଁକି ଯେ ଲାଗି ରହିଛି ତାହା ଯଦି ଜଣେ ଜାଣିବାକୁ ଚାହିଁବ, ତେବେ ସରକାର ଓ ବେସରକାରୀ ସଂଗଠନମାନେ କାହିଁକି ସଫଳ ହୋଇପାରୁନାହାନ୍ତି ତାହା ମଧ୍ୟ ଜାଣିବାକୁ ପଡିବ । ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ତାହା ନିଶ୍ଚିତ ବାଟମାରଣା ହେଉଛି । ଶହ ଶହ ସଂଖ୍ୟାରେ ସ୍ୱେଚ୍ଛାସେବୀ ଓ ବେସରକାରୀ ସଂଗଠନ ଅଛନ୍ତି ଅଥଚ ସେମାନଙ୍କର ଯଥେଷ୍ଟ ପ୍ରଭାବ ନାହିଁ । ଏବେ କର୍ପୋରେଟ୍‌ମାନେ ଆସି ହାତୀ ଦେବେ ଘୋଡା ଦେବେ କହି ଚାଲିଛନ୍ତି । ଧାର୍ମିକ ଅନୁଷ୍ଠାନମାନେ ମଧ୍ୟ ଧର୍ମ ନାଁରେ ବ୍ୟବସାୟ

Digitized by srujanika@gmail.com

ବଢ଼ାଇବାରେ ଲାଗିଛନ୍ତି । ମୁଁ କିନ୍ତୁ ଦୃଢ ସ୍ୱରରେ କହିପାରେ ଯେ ପ୍ରଚଳିତ ବ୍ୟବସ୍ଥା ଲାଗୁ ରହିଲେ କେ.ବି.କେ ଅଞ୍ଚଳରେ ଦାରିଦ୍ର୍ୟ ଓ ଅନାହାର ବଢ଼ିବ ସିନା କମି ବ ନାହିଁ ।

ମୋତେ ଯଦି କେହି ପଚାରିବ ଯେ କେ.ବି.କେ ଅଞ୍ଚଳର ବିକାଶ ପାଇଁ ମୋର କ'ଣ ପ୍ରସ୍ତାବ ଅଛି । ମୁଁ କେତୋଟି ବୈପ୍ଳବିକ ପ୍ରସ୍ତାବ ଦେବାକୁ ନିଶ୍ଚିତ ଚାହିଁବି । ପ୍ରଥମେ ଏ ଅଞ୍ଚଳରେ ବିସ୍ଥାପିତ, ଗରିବ ଆଦିବାସୀ ଦଳିତଙ୍କୁ ନେଇ ଏକ 'ଟାସ୍କ ଫୋର୍ସ' ଗଢ଼ାଯାଉ । ସେମାନେ ପ୍ରସ୍ତାବ ଦିଅନ୍ତୁ ଯେ କେଉଁ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇ ଢ଼ାଞ୍ଚାଗତ ପରିବର୍ତ୍ତନ କରାଯିବ । ଦ୍ୱିତୀୟରେ ଏ 'ଟାସ୍କ ଫୋର୍ସ'କୁ ସହାୟତା କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ, ନାଗରିକ ସମାଜ, ଅଭିଜ୍ଞ ସରକାରୀ କର୍ମଚାରୀ, ଗବେଷଣା ପ୍ରତିଷ୍ଠାନ ବିଧାୟକ ଓ ସାଂସଦମାନେ ଏକ ଗୋଷ୍ଠୀ ଗଢ଼ିବେ । ତୃତୀୟରେ ସବୁଠାରୁ ଯେଉଁ ଅଞ୍ଚଳ ଗୁଡିକ ସବୁଠାରୁ ପଛୁଆବୋଲି ଚିହ୍ନଟ ହୋଇଛି, ସେଠାରେ ଢ଼ାଞ୍ଚଗତ ପରିବର୍ତ୍ତନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ଏକଦା ଓଡ଼ିଶାର ବିଖ୍ୟାତ ଅର୍ଥନୀତିଜ୍ଞ ପ୍ରଫେସର ନୀଳକଣ୍ଠ ରଥ ପ୍ରସ୍ତାବ ଦେଇଥିଲେ ଯେ ଯେଉଁ ଅଞ୍ଚଳ ଗୁଡିକ ପଛୁଆ ଓ ଅବହେଳିତ ସେଠାରେ ପ୍ରଥମେ ସମସ୍ତ ପ୍ରକାର ଗୁରୁତ୍ୱ ଦେଇ ବିକାଶ ଯୋଜନା ଆରମ୍ଭ କରାଯାଉ ଏବଂ ସେଗୁଡିକ ଏକ ନିର୍ଦ୍ଦିଷ୍ଟ ସ୍ତରରେ ପହଞ୍ଚିଲା ପର୍ଯ୍ୟନ୍ତ ଅନ୍ୟ ଅଞ୍ଚଳରୁ ବିକାଶ କାର୍ଯ୍ୟକ୍ରମକୁ ଶିଥିଳ କରାଯାଉ । ଏହାଦ୍ୱାରା ଯେଉଁ ଆଞ୍ଚଳିକ ଅସମତା ରହିଛି ତାହା ଦୂର ହୋଇପାରିବ । ପ୍ରଫେସର ରଥଙ୍କ ଯୁକ୍ତିସହ ମୁଁ ଏକମତ ହେଉଥିଲି ଯଦିଓ ରାଜ୍ୟ ଯୋଜନା ବୋର୍ଡ଼ ତାହା ସ୍ୱୀକାର କରିନଥିଲା ନବେ ଦଶକରେ । ଚତୁର୍ଥରେ ସାମାଜିକ ସମୀକ୍ଷା ଓ ସହଭାଗିତା ପ୍ରକ୍ରିୟାକୁ ସୁଦୃଢ଼ କରାଯାଉ । ପଞ୍ଚମରେ ମହିଳା ବର୍ଗମାନଙ୍କୁ କେନ୍ଦ୍ରକରି ସବୁ ଯୋଜନାର ଢ଼ାଞ୍ଚାଗତ ପ୍ରକ୍ରିୟାର ଆମୂଳଚୂଳ ପରିବର୍ତ୍ତନ କରାଯାଉ । ଯଦି ଏହାଛଡ଼ା ଅନ୍ୟକିଛି ପ୍ରସ୍ତାବ ପାଠକମାନଙ୍କ ପାଖରେ ରହିଛି, ତାହା ମଧ୍ୟ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଉ ।

କେ.ବି.କେ. ଅଞ୍ଚଳରେ ସବୁଠାରେ ଦୁର୍ବଳ ବ୍ୟବସ୍ଥା ହେଉଛି ଜନସହଯୋଗର ସମ୍ପୃକ୍ତି ଓ ସହଭାଗିତା । ଏହାଛଡ଼ା ସରକାର ଓ ନାଗରିକ ସମାଜଙ୍କ ଭିତରେ ସମନ୍ୱୟର ଅଭାବ । ପଞ୍ଚାୟତ ସ୍ତରରେ ପ୍ରଶାସନିକ ବିଶୃଙ୍ଖଳା ମଧ୍ୟ ଆଉଏକ କାରଣ । ଏ ବର୍ଷର ହଇଜା ମୃତ୍ୟୁ ଏଡାଇ ଦିଆଯାଇ ପାରିଥାଆନ୍ତା ଯଦି ସରକାର ଓ ସ୍ୱେଚ୍ଛାସେବୀ ସଂଗଠନ ଏବଂ ନାଗରିକ ସମାଜ ଭିତରେ ଉଚିତ୍ ସମନ୍ୱୟ ରହିଥାଆନ୍ତା । ଏ ଲେଖକ ଅଗ୍ରଗାମୀ ଜରିଆରେ ସ୍ଥାନୀୟ ପ୍ରଶାସନକୁ ସହଯୋଗ କରିବାର ହସ୍ତ ବଢ଼ାଇଥିଲେ ମଧ୍ୟ ଦୂରଦୃଷ୍ଟି ଅଭାବରୁ ତାହା ସମ୍ଭବ ହେଲାନାହିଁ । ଜଣେ ଜିଲ୍ଲାପାଳ ବା ଜଣେ ମୁଖ୍ୟ ଶାସନ ସଚୀବ ଯଦି କେ.ବି.କେ. ଜିଲ୍ଲାମାନଙ୍କର ସମସ୍ୟାକୁ ସମାଧାନ କରି ପାରୁଥାଆନ୍ତେ, ତାହା ହେଲେ ଓଡ଼ିଶା କେଉଁଦିନରୁ ସର୍ବସମୃଦ୍ଧ ଓଡ଼ିଶା ହୋଇଥାଆନ୍ତା । ମାନସିକତାରେ କେତେ ଯେ ପରିବର୍ତ୍ତନର ଆବଶ୍ୟକତା ଅଛି ତାହା ମୁଁ ନିମ୍ନରେ ଅଙ୍ଗେ ନିଭାଉଥିବା ଏକ ସତ୍ୟ ଘଟଣା ଜରିଆରେ ଉଲ୍ଲେଖ କରିବି ।

Digitized by srujanika@gmail.com

ବିଶ୍ୱବ୍ୟାଙ୍କ ନାଗରିକ ସମାଜକୁ ବିଶେଷ ସମ୍ମାନ ଦେଇ ଆସିଛି । ଓଡ଼ିଶାରେ ନାଗରିକ ସମାଜ ଓ ବେସରକାରୀ ସଂଗଠନମାନଙ୍କ ଭିତରେ ମତାନୈକ୍ୟ ଓ ଦୃଢ଼ ବୁଝାମଣା ନଥିବାରୁ, ସେମାନେ ଓଡ଼ିଶା ସରକାରଙ୍କୁ ଏକ ଆଲୋଚନା ଚକ୍ର ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ । ସରକାର କେଉଁ ପଦସ୍ଥ ଅଫିସର ଓ ବିଶିଷ୍ଟ ବେସରକାରୀ ସଂଗଠନ ଓ ନାଗରିକ ସମାଜର କର୍ମକର୍ତ୍ତା ଭାଗ ନେବେ ତାହାର ତାଲିକା ପ୍ରସ୍ତୁତ କରିଥିଲେ । ମୁଁ ବିଶ୍ୱ ବ୍ୟାଙ୍କ ଓ ସରକାରଙ୍କ ନୀତିଗୁଡିକୁ ସମାଲୋଚନା କରୁଥିବାରୁ ମୋର ନାମ ସେ ତାଲିକା ଭିତରେ ନଥିଲା । 'ବିଶ୍ୱବ୍ୟାଙ୍କ'ର ବନ୍ଧୁମାନେ ମୋର ନାମ କାହିଁକି ନାହିଁ ବୋଲି କୁଆଡେ ପ୍ରଶ୍ନ କରିଥିଲେ । ଉତ୍ତର ଆସିଥିଲା ଯେ ଅଗ୍ରଗାମୀର ନାମରେ ଅନେକ ଅଭିଯୋଗ । ମୁଁ ଭାଗନେଲେ କୁଆଡେ ରାଜନୈତିକ ପ୍ରଶ୍ନସବୁ ଉଠିବ । କିନ୍ତୁ ବିଶ୍ୱବ୍ୟାଙ୍କ ମୋର ସହଭାଗିତା ଉପରେ ପ୍ରାଧାନ୍ୟ ଦେଇଥିବାରୁ, ସେମାନେ କହିଥିଲେ ଯେ ମୁଁ ବିଶ୍ୱବ୍ୟାଙ୍କ ତରଫରୁ ନିମନ୍ତ୍ରିତ ହେଲେ ସରକାରଙ୍କ କିଛି ଆପତ୍ତି ଅଛିକି । ସରକାର ଏଥିରେ କିଛି ବିରୋଧାଭାସ ଦେଖାଇନଥିଲେ । ମୁଁ ନିଜେ ବିଶ୍ୱବ୍ୟାଙ୍କର କଠୋର ସମାଲୋଚକ କିନ୍ତୁ ପୁରୀଠାରେ ଆୟୋଜିତ ଏ ଆଲୋଚନା ଚକ୍ରରେ ମୁଁ ଏକମାତ୍ର ବ୍ୟକ୍ତିଥିଲି ଯିଏକି ବିଶ୍ୱବ୍ୟାଙ୍କ ଦ୍ୱାରା ନିମନ୍ତ୍ରିତ ହୋଇଥିଲି । ଏ ଆଲୋଚନା ଖୁବ୍ ଉଚ୍ଚକୋଟୀର ହୋଇଥିଲା । ଏବେ ଯେଉଁମାନେ ଶାସନକଳର ସର୍ବୋଚ୍ଚ ପଦବୀରେ ଅଛନ୍ତି, ସେମାନେ ଖୋଲା ବିଚାର ସବୁ ଉପସ୍ଥାପିତ କରିଥିଲେ । ଯୁକ୍ତିତର୍କ ଅବଶ୍ୟ ହୋଇଥିଲା । ସମ୍ପୂର୍ଣ୍ଣ ସାକ୍ଷରତା, ସ୍ୱାସ୍ଥ୍ୟସେବା, ପାନୀୟଜଳ ଯୋଗାଣ, ପରିମଳ ବ୍ୟବସ୍ଥା ଆଦି କ୍ଷେତ୍ରରେ ସରକାର ଓ ବେସରକାରୀ ଅନୁଷ୍ଠାନମାନେ କିପରି ଦୃଢ଼ ସମନ୍ୱୟ ପ୍ରତିଷ୍ଠା କରିପାରିବେ ଓ ଉଲ୍ଲେଖନୀୟ ସଫଳତା ହାସଲ କରିବେ, ସେ କଥା ମଧ୍ୟ ଆଲୋଚିତ ହୋଇଥିଲା । ଯେଉଁସବୁ ପ୍ରସ୍ତାବମାନ ଦିଆଯାଇଥିଲା ଓ ସହମତି ପ୍ରକାଶ ପାଇଥିଲା, ତାହା କାର୍ଯ୍ୟକାରୀ ହୋଇଥିଲେ ଏବର୍ଷର ହଇଜା ଜନିତ ମୃତ୍ୟୁ ନିଶ୍ଚିତ ରୋକାଯାଇ ପାରିଥାଆନ୍ତା ।

ସରକାରୀ କଳରେ ଯୋଜନା ଓ ସମନ୍ୱୟ ବିଭାଗରେ ଜଣେ ଦି'ଜଣ ଏପରି ପଦସ୍ଥ ଅଫିସର ଅଛନ୍ତି, ସେମାନଙ୍କର ଅଜ୍ଞାନ ଓ ଅପରିପକ୍ୱତା ବିଶ୍ୱ ବ୍ୟାଙ୍କର ଏ ଉଦ୍ୟମକୁ ପଣ୍ଡକରି ଦେଇଥିଲା । ପୁରୀରେ ହୋଇଥିବା ଆଲୋଚନାଚକ୍ରର ବିବରଣୀ ଦଶମାସ ପରେ ବାହାରିଲା । ଅବଶ୍ୟ ବିଶ୍ୱବ୍ୟାଙ୍କ ଅନେକ ଥର ତାଗିଦ୍ କରିଥିଲା । ବିବରଣୀ ବାହାରିବା ପରେ ଉପରୋକ୍ତ ଅଫିସରମାନେ ତାହାକୁ ଡଷ୍ଟବିନ୍‌କୁ ଫୋପାଡି ଦେଲେ ବୋଧେ । ପାଠକମାନେ ପଚାରିପାରନ୍ତି ସରକାରଙ୍କୁ ଓ ବିଶ୍ୱବ୍ୟାଙ୍କକୁ ।

□□□

Digitized by srujanika@gmail.com

ବିସ୍ଥାପିତ ଓ ବାସଚ୍ୟୁତଙ୍କ କଥା

ଦିଓତୁ ଜାନୀ । ଏତିକି ବକଟେ ଆଦିବାସୀ ପିଲା । ଘର ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ହିରୁଗୁଡ଼ା ଗାଁ । ପ୍ରଥମ ଦେଖାରେ ମୋର ସେ ଗୁରୁ ହୋଇଗଲା । ବାପାମାଆ ଇନ୍ଦ୍ରାବତୀ ବହୁମୁଖୀ ଜଳବିଦ୍ୟୁତ ପ୍ରକଳ୍ପଦ୍ୱାରା ବିସ୍ଥାପିତ ହୋଇଥିଲେ କେତେବର୍ଷ ତଳେ । ଦୁଃଖ ଓ ଦାରିଦ୍ର୍ୟରେ ସେମାନେ ମରିଗଲେ । ଦିଓତୁ ଛେଉଣ୍ଡ ହୋଇଗଲା । କାକା ତାହାର ଦାୟିତ୍ୱ ନେଲା ସତ,.କିନ୍ତୁ ତାକୁ ଗୋତିଭଳି ରଖିଲା ଓ ବିଭିନ୍ନ କାମରେ ଖଟାଇଲା । ଜମି ଚାଷ କରିବା, କାଠ ଆଣିବା, ଗାଈ ଛେଳି ଚରାଇବା, ଘରେ କାକାର ସାନ ପୁଅ ଝିଅର ଯତ୍ନ ନେବା ଆଦି ତାହାର ଦାୟିତ୍ୱ ଥିଲା । ସମୟ ଦେଖି ସେ ଅଗ୍ରଗାମୀର ରାତି ସ୍କୁଲକୁ ପାଠ ପଢ଼ିବାକୁ ଆସୁଥିଲା । ସେଇଠି ଦେଖା ତା'ସହ । ତା'ଭିତରେ ଥିବା ଚରମ ଆତ୍ମବିଶ୍ୱାସ ମୋତେ ଆକର୍ଷିତ କରିଥିଲା । ସେ ଗୀତ ଗାଇଲା ଆମ ପାଇଁ । ଗପ କହି ସମସ୍ତଙ୍କୁ ହସେଇଲା । ପାଠ ପଢ଼ିବାରେ ଧୂରନ୍ଧର । ମୁଁ ଇନ୍ଦ୍ରାବତୀ ପ୍ରକଳ୍ପ ବିଷୟରେ ଜାଣିଛୁ କି ନାହିଁ ପଚାରୁଥିଲି । ସେ ସ୍ପଷ୍ଟ ଆଲୋଚନା କରିଥିଲା ଯେ ପାଣି କେମିତି ମହୁଲପାଟଣାରୁ ଟନେଲ୍ ଯୋଗେ ଯାଇ ମୁଖିଗୁଡ଼ାରେ ବିଜୁଳି ବାହାରୁଛି । ସେ ଏତେ ପାଣି ଦେଖିନଥିଲା କେବେ । ଏବେ ସେ ଡଙ୍ଗା ଚଲାଇ ପାରୁଛି ଏକଲା । ଜାଲ ବିଛାଇ ମାଛ ଧରୁଛି । ସାଙ୍ଗ ସାଥୀ ନେଇ ଜଙ୍ଗଲକୁ ଯାଉଛି । ଯେକୌଣସି କାମଧନ୍ଦା କରିବାକୁ ତାହର ଦ୍ୱିଧା ନାହିଁ । ଦିଓତୁ କିପରି ତାହାର କକା ଠାରୁ ମୁକ୍ତି ପାଇ ଆଶ୍ରମ ସ୍କୁଲକୁ ଯିବ, ଆମେ ସମସ୍ତେ ତତ୍ପର ହୋଇଥିଲୁ । ଗାଁରେ ମିଟିଂ ହେଲା । ଦିଓତୁ କକା ଘର ଛାଡି ଆଶ୍ରମ ଯିବା ପ୍ରସ୍ତାବରେ ରାଜି ହେଲେ ଗାଁ ସାରା । ଆମ ତରଫରୁ ସବୁପ୍ରକାର ସାହାଯ୍ୟ ଦିଆଗଲା । ଦିଓତୁ କିନ୍ତୁ ଆଶ୍ରମ ସ୍କୁଲରେ ବେଶି ଦିନ ରହି ପାରିଲା ନାହିଁ । କକା ଯାଇ ତାକୁ ଘରକୁ ଫେରାଇ ଆଣିଲା ଓ ପୁଣି ଘର କାମରେ ଲଗାଇଲା । ଆମର କେତେ ଚେଷ୍ଟା ପରେ ବି ଦିଓତୁର ପାଠପଢ଼ା ଆଗେଇ ପାରିଲା ନାହିଁ । କିନ୍ତୁ ଇନ୍ଦ୍ରାବତୀ ମୁଁ ଯେତେଥର ଯାଇଛି, ଦିଓତୁ କଥା ପଚାରିଛି ଓ ଭଲମନ୍ଦ ଜାଣିବାକୁ ଚାହିଁଛି । କ୍ରମେ ଆଉ ତା'ର ଖବର କିଛି ମିଳିନାହିଁ

Digitized by srujanika@gmail.com

ମୋତେ । ଅତି ପିଲାଦିନରୁ ଜଣେ ସାହସର ସହିତ ବିସ୍ଥାପନ ଓ ଜଗତୀକରଣର ମୁକାବିଲା କରିବାକୁ ଅଣ୍ଟା ଭିଡ଼ିଛି । ସେଇଥିପାଇଁ ମୁଁ ତାକୁ ଗୁରୁ ବୋଲି ମାନୁଛି ।

ସରକାର କିଛି କରିବେ ନାହିଁ ଏମାନଙ୍କ ପାଇଁ । ବିଶ୍ୱବ୍ୟାଙ୍କ ବା ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ ଆଦି ଏମାନଙ୍କ ପାଇଁ ନୀତି ନିର୍ଦ୍ଧାରଣ କରିବା ଛଡ଼ା ଅନ୍ୟ କିଛିରେ ହାତ ଦେବେ ନାହିଁ । ବିଖ୍ୟାତ ପ୍ରଫେସର୍ ମାଇକେଲ୍ ଚର୍ଣ୍ଣିଆଙ୍କ ଭଳି ବିଶେଷଜ୍ଞ ବିସ୍ଥାପନ ଉପରେ ଗବେଷଣା କରି କେବଳ ବିସ୍ଥାପନ ପ୍ରକ୍ରିୟାକୁ ବ୍ୟାପକ ଓ ବଳିଷ୍ଠ କରିବେ ସିନା, ଗୋଟିଏ ବିସ୍ଥାପିତ ବ୍ୟକ୍ତିକୁ ଠିକ୍ ଭାବେ ଥଇଥାନ କରିବାକୁ ସକ୍ଷମ ହେବେ ନାହିଁ । ଏସବୁ କଥା ଦେଖି ଦେଖି ଥଇଥାନ ନୀତି ପ୍ରତି ମୁଁ ଖୁବ୍ ଉଦାସୀନ ଓ ବୀତସ୍ପୃହ ଅନେକ ଦିନରୁ ହୋଇସାରିଛି । ବିଶ୍ୱବ୍ୟାଙ୍କ ଭଳି ଅନୁଷ୍ଠାନର ପ୍ରୋତ୍ସାହନାରେ ପ୍ରଫେସର ମାଇକେଲ୍ ଚର୍ଣ୍ଣିଆଙ୍କ ଭଳି ଭାରତରେ ଆଉଜଣେ ବିଶେଷଜ୍ଞ ଆବିର୍ଭାବ ହୋଇଛନ୍ତି । ତାଙ୍କର ନାମ ଡକ୍ଟର ଜାମ୍‌ଦାର । ସେ କର୍ଣ୍ଣାଟକ ସରକାରଙ୍କର ଜଣେ ପଦସ୍ଥ ଆଇ.ଏ.ଏସ୍. ଅଫିସର । କର୍ଣ୍ଣାଟକର ଉପର କୃଷ୍ଣା ନଦୀ ପ୍ରକଳ୍ପରେ ପ୍ରାୟ ଦେଢ଼ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି । ଡକ୍ଟର ଜାମ୍‌ଦାରଙ୍କ କୃତିତ୍ୱ ଯେ ବିନା ପୋଲିସ ସହାୟତାରେ ସେମାନଙ୍କୁ ବାସଚ୍ୟୁତ କରି ଖୁବ୍ ସନ୍ତୋଷ ଜନକ ଭାବେ ଥଇଥାନ କରିଛନ୍ତି । ସେ ଆଜି ବିସ୍ଥାପନ ପ୍ରକ୍ରିୟାର ଜଣେ ବଡ଼ ସମର୍ଥକ । ତାଙ୍କର କହିବା କଥା ଯେ, ବିସ୍ଥାପିତ ହେବା ଗରିବଙ୍କ ପାଇଁ ଏକ ସୁଯୋଗ ଏବଂ ଏଇ ସୁଯୋଗରୁ ସୃଷ୍ଟି ହୁଏ ନୂତନ ବିକାଶ ପ୍ରକ୍ରିୟା । ଗରିବଙ୍କ ଭାଗ୍ୟ ବଦଳିଯାଏ । ସେ ନିଜେ ଉପର କୃଷ୍ଣା ନଦୀବନ୍ଧ ଯୋଜନାରେ ଏହା ଦେଖାଇଛନ୍ତି । ଯେଉଁମାନେ ସେ ଅଞ୍ଚଳ ଦେଖିଛନ୍ତି, ସେମାନେ ଗରିବଙ୍କ ଆର୍ଥିକ ଥଇଥାନ ଦେଖି ପ୍ରଭାବିତ ହୋଇଛନ୍ତି । ଓଡ଼ିଶା ସରକାର ନୂତନ ଥଇଥାନ ନୀତି ପ୍ରଣୟନ ବେଳେ ତାଙ୍କୁ ଉପଦେଷ୍ଟା ହିସାବରେ ମାନ୍ୟତା ଦେଇଛନ୍ତି । ତାଙ୍କର ପ୍ରକଳ୍ପକୁ ମନ୍ତ୍ରୀ, ବିଧାୟକ ଓ ଅଫିସରମାନେ ମଧ୍ୟ ବୁଲିଯାଇଛନ୍ତି କିଛି ଶିଖିବାକୁ । ବିଶ୍ୱ ବ୍ୟାଙ୍କ ଓ ଅନ୍ୟ ଅନୁଷ୍ଠାନ, ଭାରତ ସରକାର, ଓ କର୍ପୋରେଟ୍‌ମାନଙ୍କୁ ସୁହାଇଲା ଭଳି କଥା କହୁଛନ୍ତି ଡକ୍ଟର ଜାମ୍‌ଦାର ଓ ସେମାନଙ୍କର ପ୍ରିୟ ହୋଇଛନ୍ତି ଆଜି । ଯଦି ଦିଓଡୁ ଜାନୀ ଭଳି ବାଳକକୁ ଭେଟିବାକୁ ସେ ସୁଯୋଗ ପାଇଥାଆନ୍ତେ, ଆଜି ଏପରି ବକ୍ତବ୍ୟ ସେ ଦେଇ ଯୁକ୍ତି ବାଢି ନଥାନ୍ତେ ଯେ, ବିସ୍ଥାପନ ହେଉଛି ଗରିବଙ୍କ ବିକାଶ ପାଇଁ ଏକ ସୁଯୋଗ । ଯଦି ଏ ଥିଓରୀ ଉପାଦେୟ ଓ କ୍ରିୟାନ୍ୱିତ ହେବା ସମ୍ଭବ ତେବେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ବନ୍ଦ କରି ସରକାର ସମସ୍ତଙ୍କୁ ବିସ୍ଥାପିତ ଓ ବାସଚ୍ୟୁତ କରିଦିଅନ୍ତୁ । ଧନ୍ୟ ଡକ୍ଟର ଜାମ୍‌ଦାର । ତାଙ୍କୁ ଭାରତରତ୍ନ ଦେବା ପାଇଁ ମୁଁ ସୁପାରିସ୍ କରୁଛି ।

ଓଡ଼ିଶାର ନୂତନ ଥଇଥାନ ନୀତିର ଯେତିକି ସମର୍ଥକ ଅଛନ୍ତି, ସେତିକି ସମାଲୋଚକ ଅଛନ୍ତି । ଯେଉଁମାନେ ଏହାକୁ ପ୍ରଣୟନ କରିଛନ୍ତି, ସେମାନେ କେବେ ବିସ୍ଥାପିତ ହୋଇ

Digitized by srujanika@gmail.com

ନାହାନ୍ତି କି ବିସ୍ଥାପନ ଯନ୍ତ୍ରଣାର ଶରବ୍ୟ ହୋଇନାହାନ୍ତି । ଏ ନୀତି ପ୍ରଣୟନରେ ହୀରାକୁଦ, ରାଉରକେଲା ଠାରୁ ଆରମ୍ଭ କରି କାଶୀପୁର, କଳିଙ୍ଗନଗର ଓ ଗଡ଼କୁଜଙ୍ଗ ପର୍ଯ୍ୟନ୍ତ ବିସ୍ଥାପିତ ହୋଇଥିବା ଓ ହେବାକୁ ଯାଉଥିବା ବ୍ୟକ୍ତିମାନଙ୍କ ସହ କୌଣସି ପରାମର୍ଶ କରାଯାଇନାହିଁ । ଏ ନୀତିର ବିକଳ୍ପ ଉପରେ ତାର୍କିକ ଓ ତାତ୍ତ୍ୱିକ ଆଲୋଚନା ହୋଇନାହିଁ । ଯେଉଁମାନଙ୍କୁ ସଂପୃକ୍ତ କରାଯାଇଛି, ସେମାନଙ୍କୁ ଏ ନୀତିର ସପକ୍ଷରେ କହିବାକୁ ପ୍ରବର୍ତ୍ତାଯାଇଛି । ଆଦିବାସୀମାନେ ବିସ୍ଥାପିତ ପ୍ରକ୍ରିୟାରେ ବେଶୀ କ୍ଷତିଗ୍ରସ୍ତ । ସେମାନଙ୍କ ଭିତରୁ ଥଇଥାନ ସମ୍ପର୍କରେ କହୁଥିବା ମହିଳା ହେଲେ ପଦ୍ମଶ୍ରୀ ଶ୍ରୀମତୀ ତୁଳସୀ ମୁଣ୍ଡା । ତାଙ୍କ ଜିଲ୍ଲା କେଉଁଝରରେ ବିସ୍ଥାପିତଙ୍କ କରୁଣ କାହାଣୀ ଶୁଣିବାକୁ ମିଳୁଛି ସାଳନ୍ଦୀ ନଦୀବନ୍ଧ ଯୋଜନାରେ ଓ ବିଭିନ୍ନ ମାଇନିଂ ଅଞ୍ଚଳରେ । ଶ୍ରୀମତୀ ମୁଣ୍ଡା ସରକାରୀ ନୀତିକୁ ବିରୋଧ କରିବା ପରିବର୍ତ୍ତେ ସବୁକଥାରେ ହଁ ଭରି ଚାଲିଛନ୍ତି । ଏବେ ଆଦିବାସୀମାନେ ମଧ୍ୟ ତାଙ୍କୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି । ଶୁଣିବାକୁ ମିଳେ ଯେ ତାଙ୍କୁ କିଣିବା ପାଇଁ ସରକାର ପଦ୍ମଶ୍ରୀ ପୁରସ୍କାର ଦେବାକୁ ସମସ୍ତ ପ୍ରକାର ପଦକ୍ଷେପ ନେଇଛନ୍ତି । ଶ୍ରୀମତୀ ତୁଳସୀ ମୁଣ୍ଡା ଯାହାଙ୍କୁ ଆମେ ସ୍ନେହରେ ତୁଳସୀ ଅପା ବୋଲି ଡାକୁ, ସେ କେତୋଟି ମୁଖ୍ୟକଥା ଭୁଲିଯାଇଛନ୍ତି ସମ୍ଭବତଃ । ବିସ୍ଥାପିତ ପରିବାରମାନେ ମାଟିକାଦୁଅର ମଣିଷଙ୍କ ଶ୍ରେଣୀରେ ସବା ତଳଧାଡିରେ ଅଛନ୍ତି । ଭୋକିଲା ମଣିଷଙ୍କ ତାଲିକାରେ ସେମାନେ ଆଗରେ ଅଛନ୍ତି । ବିସ୍ଥାପିତ ମଣିଷଟି ଜୀବନ ଜୀବିକା, ଭିଟାମାଟି, ସାମାଜିକ, ଆର୍ଥିକ, ସାଂସ୍କୃତିକ, ରାଜନୈତିକ ନିରାପତ୍ତା ସବୁ ହରାଇଥାଏ । 'ଏହାଦ୍ୱାରା' ଯେଉଁଭଳି କ୍ଷତିଗ୍ରସ୍ତ ସେ ହୁଏ, ତାହା ଅପୂରଣୀୟ କ୍ଷତି ଓ କ୍ଷତ ସୃଷ୍ଟି କରିଥାଏ । ସମସ୍ତ ପ୍ରକାର ମାନବିକ ଅଧିକାର ସେ ହରାଇ ବସେ । ତାହାର ସାମଗ୍ରିକ ମାନବିକ ସ୍ଥିତି ଭୁଶୁଡିପଡ଼େ । ଏଇ ପରିପ୍ରେକ୍ଷୀରେ ଥଇଥାନ ନୀତି ସବୁ ନିର୍ଦ୍ଧାରଣ କରାଯାଇଛି କି ?

ଥଇଥାନ ପ୍ରକ୍ରିୟାରେ ଇତିହାସକୁ ଦେଖିଲେ ନୀତି ଓ ଏହାର ବାସ୍ତବ ରୂପାୟନ ଭିତରେ ଅନେକ ଫାଙ୍କ ଦେଖାଦିଏ । ଥଇଥାନ ପ୍ରକ୍ରିୟା ପୁଞ୍ଜିନିବେଶ ବା ଆର୍ଥିକ ଯୋଜନା ବା ଏହାର ପରିଚାଳନାକୁ ନେଇ କଳ୍ପନା କରାଯାଇ ନପାରେ । ବିସ୍ଥାପିତ ଲୋକମାନଙ୍କର ସର୍ବସ୍ୱ ହଜିଗଲା ପରେ, ସେମାନଙ୍କର ସବୁକିଛି ପୁଣିଥରେ ପୁନର୍ନିର୍ମାଣ ଏବଂ ପୁନର୍ବାସ କରିବା ସହଜ କଥା ନୁହେଁ । କଲୋନିଟିଏ ଗଢ଼ିଦେଇ, କେତେ ଗୁଡିଏ ଟଙ୍କା ଗଣିଦେଇ, କେତେ ପ୍ରକାରର ମିଛ ଆଶ୍ୱାସନା ଦେଇ ଯଦି ଜଣେ ଭାବୁଥାଏ ଯେ ଥଇଥାନ ପ୍ରକ୍ରିୟାର ସଫଳ ରୂପାୟନ କରିଦେଲା, ତାହାଠାରୁ ଭଳି ଭଣ୍ଡ ପ୍ରତାରକ ଆଉ କେହି ନାହାନ୍ତି । ସରକାର ଏବେ କହୁଛନ୍ତି ଯେ, ଜମି ବଦଳରେ ଜମି ଦେବେ । ଜୀବିକା ବଦଳରେ ବିକଳ୍ପ ଜୀବିକା ଦେବେ । ବିସ୍ଥାପିତ ଲୋକଙ୍କର ପରିବେଶ ଫେରାଇ ଆଣିବେ । ସବୁ ପ୍ରକାର

Digitized by srujanika@gmail.com

ଖାଦ୍ୟ, ଜଳ, ପରିବେଶର ନିରାପତ୍ତା ଗ୍ୟାରେଣ୍ଟି ଦେବେ । କର୍ପୋରେଟ୍‌ମାନେ କହୁଛନ୍ତି ଯେ ସେମାନେ ବିସ୍ଥାପିତଙ୍କ ଥଇଥାନ କରିବା ପାଇଁ ଅଙ୍ଗୀକାରବଦ୍ଧ । ଏ ଲେଖକ ଆଜିପର୍ଯ୍ୟନ୍ତ କେଉଁଠି ଆଦିବାସୀଙ୍କ ସଫଳ ଥଇଥାନ ଦେଖିନାହିଁ । ଡକ୍ଟର ଜାମ୍‌ଦାରଙ୍କ ଥଇଥାନ ପ୍ରକ୍ରିୟା ମୁଁ ଦେଖିନାହିଁ । ତାଙ୍କ ଅଞ୍ଚଳ ଆଦିବାସୀ ଅଞ୍ଚଳ ନୁହେଁ ଯେ ଲୋକଙ୍କର ଆର୍ଥିକ ଥଇଥାନ ସବୁକିଛି । ଓଡ଼ିଶାର ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ ମୁଖ୍ୟତଃ ଆଦିବାସୀ ଅଞ୍ଚଳ । ସେଠାରେ ସମସ୍ୟା ଗୁଡିକ ଅଲଗା । କେବଳ ଆର୍ଥିକ ଥଇଥାନ ଯଥେଷ୍ଟ ନୁହେଁ । ଏଇଥିପାଇଁ ଓଡ଼ିଶାର ଥଇଥାନ ନୀତିକୁ ସମାଲୋଚନାତ୍ମକ ଦୃଷ୍ଟିକୋଣରୁ ବିଚାର କରିବାର ଅଛି । ଏବେ ଭାରତ ସରକାରଙ୍କ ଥଇଥାନ ନୀତି ମନ୍ତ୍ରୀମଣ୍ଡଳର ଅନୁମୋଦନ ଲାଭ କରିଛି । ସେଥିରେ ପ୍ରଥମେ ବିସ୍ଥାପନ ଥଇଥାନ ଓ ପରେ ପ୍ରକଳ୍ପର ଆରମ୍ଭ ଉପରେ ପ୍ରାଧାନ୍ୟ ଦିଆଯାଇଛି । ଆହୁରି ମଧ୍ୟ ପ୍ରଭାବିତ ଲୋକଙ୍କ ସହ କେବଳ ପରାମର୍ଶ କରିବା ଯଥେଷ୍ଟ ନୁହେଁ ବୋଲି କୁହାଯାଇଛି । ଓଡ଼ିଶାର ନୂତନ ଥଇଥାନ ନୀତି ଏପର୍ଯ୍ୟନ୍ତ ବାସ୍ତବ କ୍ଷେତ୍ରରେ ଲାଗୁ ହୋଇନାହିଁ । କିନ୍ତୁ ଓଡ଼ିଶାରେ ବିସ୍ଥାପନର ବ୍ୟାପକତା ସମସ୍ତେ ଅନୁଭବ କରିପାରୁଛନ୍ତି । ଯେତେବେଳେ ଅପରିମିତ ପରିମାଣର ପ୍ରାକୃତିକ ସମ୍ବଳ ଓଡ଼ିଶାରେ ଭରି ରହିଛି ଏବଂ ତାର ବିନିଯୋଗ କରିବା ପାଇଁ ବିଶ୍ୱପୁଞ୍ଜି ଖୁବ୍ ଆଗ୍ରହ ଦେଖାଉଛି, ସେତେବେଳେ ବିସ୍ଥାପନ ହେବ ହିଁ ହେବ ଏହା ଅସ୍ୱୀକାର କରିହେବନାହିଁ । ଏହାକୁ ଏଡାଇ ଦିଆଯାଇପାରିବ ନାହିଁ । କିନ୍ତୁ ବିସ୍ଥାପନକୁ ରୋକାଯାଇ ପାରିବ କି ? ସୀମିତ କରାଯାଇ ପାରିବ କି ? ମୋ ଦୃଷ୍ଟିରେ ବିସ୍ଥାପନକୁ ରୋକାଯାଇ ପାରିବ, ଯଦି ଆମର ରାଜନୈତିକ ଇଚ୍ଛାଶକ୍ତି ଥାଏ । ଏବେ ଚୀନ ଦେଶରେ ବିଶ୍ୱବ୍ୟାଙ୍କ ସହାୟତାରେ ନିର୍ମିତ ଥ୍ରୀ ଗର୍ଜ ଡ୍ୟାମ୍ (Three Gorge Dam)ର ପ୍ରତିକୂଳ ପରିବେଶ ଅବସ୍ଥା ସମସ୍ତେ ଅନୁଭବ କରୁଛନ୍ତି । ଏହି ବନ୍ଧ ଯୋଗୁଁ ପ୍ରାୟ ପନ୍ଦର ଲକ୍ଷ ଲୋକ ବାସଚ୍ୟୁତ ହେଲେ । କମ୍ୟୁନିଷ୍ଟ ଦେଶ ହେତୁ କେହି ପ୍ରତିବାଦ କରିପାରିଲେ ନାହିଁ ବା ଜନଆନ୍ଦୋଳନ ସୃଷ୍ଟି ହେଲାନାହିଁ । ଏବେ ଚୀନ୍‌ର ପ୍ରଧାନମନ୍ତ୍ରୀ ଏଇଭଳି ବୃହତ୍ ପ୍ରକଳ୍ପର ସାମାଜିକ ଓ ପାରିବେଶିକ ପ୍ରଭାବ ଭୟାଭୟ ହୋଇଛି ବୋଲି ଖୋଲାଖୋଲି କହୁଛନ୍ତି । କିନ୍ତୁ ଆମ ଦେଶରେ ନେତୃବର୍ଗଙ୍କର ସତ୍‌ସାହସ ନାହିଁ ଏପରି କହିବାକୁ ।

ସାହୁକାରମାନେ ଆଦିବାସୀ ଅଞ୍ଚଳକୁ ଆଗରୁ ଆସୁଥିଲେ । ଏବେ ସାହୁକାରମାନଙ୍କର ନବ ଓ ଅତ୍ୟାଧୁନିକ ଅବତାର 'ବହୁରାଷ୍ଟ୍ରୀୟ କମ୍ପାନୀମାନେ' ଆସୁଛନ୍ତି । ବ୍ୟବସ୍ଥା ଆହୁରି ଜଟିଳ ହୋଇଛି । ବିଖ୍ୟାତ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ବହି 'ଅମୃତର ସନ୍ତାନ' ଏକ ମାଳିକା ଭଳି ଭବିଷ୍ୟତବାଣୀ ଶୁଣାଇଛି ଯାହା ମୁଁ ନିମ୍ନରେ ଉଲ୍ଲେଖ କଲି । ୧୯୪୯ ମସିହାରେ ପ୍ରକାଶିତ ଗୋପୀନାଥ ମହାନ୍ତିଙ୍କ ବକ୍ତବ୍ୟ ଆଜି ଗୋଟା ପଣେ ସତ ହୋଇଛି:-

Digitized by srujanika@gmail.com

"ପର୍ବତ ଉପରେ କନ୍ଧର ଚାଷ, ତଳେ ସେ ଯେଉଁ କ୍ଷେତକୁ ସବୁଦିନିଆଁ କରି ଛାଡି ଦେଇଯାଇଛି ସେସବୁ ପରର, ଧୀରେ ଧୀରେ ସାହୁକାର ଆସୁଛନ୍ତି, କ୍ଷେତ ବଢ଼ୋଉଛନ୍ତି, କନ୍ଧିଆ ଦେଶରେ ଚେର ମଡୋଉଛନ୍ତି । ଯେଉଁଠି ଆଖି ଦରଶିଆ ଧାନଗହୀର କୋଣ କୋଣକୁ ଲମ୍ବିଯାଇଛି ସେଠି ସାହୁକାର ଶୁଣ୍ଢି, ବ୍ରାହ୍ମଣ, ତେଲେଙ୍ଗା । ସେମାନେ ବାହାର ସଭ୍ୟତାର ଉତୁରା ପେଜପରି ଫୋପାଡି ହୋଇ ବଣକୁ ଆସିଥିଲେ ଲୋଟା, କମ୍ବଳ ଧରି; ବର୍ତ୍ତମାନ ସେମାନେ ମହାଜନ । ଶୁଣ୍ଢି ମଦ ବିକି ବିକି ଜମି କଲେ । ବ୍ରାହ୍ମଣମାନେ କୁଆଡ଼େ ଭିକମଗା ଚାଉଳ ଏକାଠି ଜମେଇ ଛାଡିଦେଇ ଯାଆନ୍ତି ଗାଁ ମୁଣ୍ଡିଆଳ ଘରେ, ସେହି ଚାଉଳକୁ ଦେଢ଼ୀ ଲଗାନ୍ତି, କ୍ରମେ ଅଧମର୍ଣ୍ଣଠାରୁ ଜମି ନିଅନ୍ତି । ତେଲେଙ୍ଗାମାନେ ସବୁ ଉପାୟ କରନ୍ତି କିଏ ଦେଢ଼ୀ ମହାଜନୀ, କିଏ ବା ତୁଚ୍ଛାକୁ ନଫରନଫର ହୋଇ କୌଶଳ ଲଗେଇ ଜମି ମାରିନିଏ, କେତେ ଉପାୟରେ । ବନ୍ଧୁ ହୋଇ ଆସି, ସଙ୍ଗାତ ମୈତ୍ର ବସି, ମଦପାଣି ଦେଇ ଧୀରେ ଧୀରେ ଚେକା ମାଡି ବସନ୍ତି । ଅଧିକାରୀଙ୍କ ଶରଣିଆଁ ଯେଉଁମାନେ ତାଙ୍କର ତ ସାତ ଖୁଣ ମାଫ୍ । କାଗଜ ଆଉ ବଟୁ (ଟିପ) ଚିହ୍ନ, ବଟୁ ଚିହ୍ନ ଆଉ କାଗଜ, ଜମି ହାସଲ । କିଏ ବନ୍ଧା ବୋଲି କହି ବିକ୍ରି ଲେଖେଇ ନେଇ ଛୁ, କିଏ ରସିଦ ବୋଲି ନା-ଦାର (ତ୍ୟାଗପତ୍ର) ଲେଖେଇ ନେଉଛି । ବନ୍ଦୋବସ୍ତ ନାହିଁ, ଖତିଆନ ନାହିଁ, ସ୍ୱତ୍ୱ ବିଷୟରେ ସଂପୂର୍ଣ୍ଣ ଧାରଣା ନାହିଁ, ଜୋର ଯାହାର ମୂଲକ ତାର, ପୋଷାକ ଯାହାର ଜୋର୍ ତାହାର । କାଗଜ ଉପରେ ବଟୁ ଚିହ୍ନ ମାରିଦେଇ କନ୍ଧିଆ ଭାଇ ନୂଆ ଜମି ଖୋଜିବାକୁ ଚାଲିଯିବ ପର୍ବତ ଉପରକୁ ।

ଅନ୍ଧାରି ବଣ, ତାହିଁକି ବାଟ ନାହିଁ । ଚାରି ପାଖରୁ ଧୀରେ ଧୀରେ ସାହୁକାର ଆସୁଛନ୍ତି, ଧୀରେ ଧୀରେ ତାଙ୍କର ବେପାର ବଢୁଛି, ତାଙ୍କର ସହର ବସୁଛି, ଗାଁ ବସୁଛି । ଦେଶୀଆର ଧନ ଦେଶୀଆକୁ କରଜ ଲଗେଇ ସେମାନେ ସୁଧ ଖାଇବେ, ଦେଶୀଆ ତାଙ୍କର ଗୋତି ହେବ, ତାର ପୁରୁଣା କ୍ଷେତ ତଷିବ, କିନ୍ତୁ ତାଙ୍କର ଚାକର ହୋଇ । ତେଣୁ ଫସଲ ଉପୁଜେଇବା ତାର କାମ, ଫସଲର ମାଲିକ ସାହୁକାର, ଫସଲ ପାଚିବା ଆଗରୁ କିଛି କିଛି ଟଙ୍କା ପକେଇ ଦେଇ ପାରିଲେ ସେମାନେ ଦଶଗୁଣ ଶସ୍ତାରେ କିଣି ନେଇଯିବେ, ତାକୁ କହନ୍ତି "ଗଡମ୍" । ଫୁ ଆଉ ତାଳି, ଦେଶୀଆ ଖତମ୍ । ବଣ ଭିତରେ ଉଡି ଉଡି ଚାଲିଛି ସାହୁକାର ତନ୍ତ୍ରର ଗୁଣ୍ଠୁରି ଜାଲ, ତାହାରି ନାଁ ସଭ୍ୟତା ।"

× × × × × × × × × × × × × ×

"ଏମାନେ ସାହୁକାର । ଯାଙ୍କ ଜାତିରେ ଯାଙ୍କ ଦେଶରେ ବି ଚାଷୀ ମଜୁରିଆ ବେଶୀ । ଦରିଦ୍ର ବେଶୀ । କିନ୍ତୁ ଏମାନେ ସାହୁକାର । ଶଗଡ଼ ଆସିଛି, ବାଟରେ ଅଛି । ଟଙ୍କାଥଳୀ ଆସିଛି । ମାପିବାକୁ 'ମାଣ' ଆସିଛି, ପୋଡି ଆସିଛି । ବଡ଼ ମାଣ, ସାନ ମାଣ, ବଡ଼ ପୋଡ଼ି ସାନ ପୋଡ଼ି । କିଣିଲାବେଳକୁ ବଡଟିରେ, ବିକିଲାବେଳକୁ ସାନଟାରେ । ବରଗଛ ମୂଳେ ପର୍ବତ ପ୍ରମାଣ କଳା ମିଶ୍ ମିଶ୍ ଗେଣ୍ଡୁମଞ୍ଜି ପରି ଅଳସି ଗଦା ହୋଇ ରହିଛି,

Digitized by srujanika@gmail.com

ପଡ଼ି ରହିଛି ମାଣ୍ଡିଆ, ଧାନ ହଳଦୀ, କାନ୍ଦୁଲ, ରାଶି, ଜଡ଼ା, କନ୍ଧିଆ ଭାଇର ସର୍ବସ୍ୱ । ନିର୍ବୋଧ ଦେଶିଆପଲ ସିଝା କନ୍ଦମୂଳ ବଜାରରେ ବ୍ୟସ୍ତ । ରଙ୍ଗ କରିଆ କାଚମାଳି ଦୋକାନରେ ଭିଡ ଲାଗିଛି । ଶସ୍ତାରେ ସୁଲଭରେ ମାଲ୍ ନେଇଯିବାକୁ ପଥଶ୍ରମ କରି ହଡ଼ା ଘୋଡା ଉପରେ ସବାର ହୋଇ ସାହୁକାର ଆସିଛନ୍ତି । ବୋହି ନେଇଯିବେ ଏକା କ୍ଷେପାକେ ଦୁଲଭ ଶୁଣି ଘରକୁ; ଚମ୍ପିଆ ଶୁଣି ଘରକୁ, ସେଠୁ ସବୁ ଚାଲିଯିବ ଶାଗିସେଠି ଗୋଦାମକୁ କି ଚିଟିବାବୁ ଗୋଦାମକୁ, ତାପରେ ଆଲୋକକୁ । ଫସଲ ଯିବ । ଆସିଯିବ କିଛି ଟଙ୍କା । ଦେଶୀଆ ସେତକ ବାଉଁଶ ନଳୀରେ ପୂରେଇ ମାଟି ଭିତରେ ପୋତି ଦେଇଥିବ । ଦେଖୁ ଦେଖୁ ସେହି ସାହୁକାରର ସୁଧ ଗଣୁ ଗଣୁ ଶିସ୍ତୁ (ଖଜଣା) ଦେଉ ଦେଉ ସେତକ ବି କୁଆଡେ ଉଡିଯିବ, ତା'ପରେ ଠ ଠା ଠି, ନଖରେ ଆଞ୍ଚୁଡି, ଶାବଳରେ ତାଡି ପର୍ବତ ଉପରେ ପଥର ସନ୍ଧିରେ ଆହୁରି ତାଷ ଆଉ ରାତିରେ ମଦପିଆ, ନାଚ; ଡୁଗୁଡୁଙ୍ଗା ବାଜା, ବଇଁଶୀ । ହାଟକୁ ପଶିବା ବାଟରେ ହାଟ କଣ୍ଟ୍ରାକ୍‌ଟରର ଲୋକ ପାନୁ (ହାଟ ଟିକସ) ଅସୁଲ କରୁଛନ୍ତି । ମୁଣ୍ଡରୁ ପସରା ଟଣା ଓଟରା, ହାତ ମୋଡ଼ା ମୋଡି । କିଏ ବାଉଁଶିଆଏ କରଡି ଘେନି ଆସିଛି, ପକା ଦି ପଇସା । ଫାରାଷ୍ଟି ଗାର୍ଡ଼ ବଣଦ୍ରବ୍ୟକୁ ଟିକସ ଅସୁଲ କରୁଛି । ନାଲି ପଗଡିଆ ଜଣେ ଦିଜଣ ଟହଲ ମାରୁଛନ୍ତି ଛାତି ଫୁଲେଇ । ହାତରେ ସାନ ସାନ ବାଡ଼ି । କାଲି କିଏ ଥିଲା ଦେଶୀଆ; ଆଜି ତା'ର ନାଲିଆ ମୁଣ୍ଡ । ଲୋକେ ଦେଖି ବାଟ ଛାଡୁଛନ୍ତି; ଗହଳି ଆପେ ଚହଲି ଯାଉଛି ତା'ର ଆଗକୁ ପଛକୁ । ପାଖେ ସାହୁକାର ଦଳ ବସିଛନ୍ତି । ସାମ୍ନାରେ ଖଣ୍ଡେ ଖଣ୍ଡେ କାଠବାକୁ । ଫସଲ ମାପ ଲାଗିଛି । ମୁଣ୍ଡରେ ଠେକା, ତୁଣ୍ଡରେ କାଳିଆ କାଳିଆ ଆଇଁଷିଣିଆ ଗନ୍ଧ ଲମ୍ବ ଲମ୍ବ ପିକା (ସୁଠା), କାନରେ କୁଣ୍ଡଳ; ହାତରେ ପିଟା ସୁନା ବାଲା । ଚେକା ଚଉଧୁରୀ ସାହୁକାର ।"

ସାହୁକାରମାନେ ଆଦିବାସୀ ଅଞ୍ଚଳକୁ ଆସିବାକୁ ମନା କରିବ କିଏ ? ଆଦିବାସୀ ନା ସମ୍ବିଧାନ ଜରିଆରେ ସେମାନଙ୍କୁ ସୁରକ୍ଷା ଦେଇଥିବା ସରକାର ?

□□□

Digitized by srujanika@gmail.com

ଜାତୀୟ ଆଦିବାସୀ ନୀତି: ଏକ ସମୀକ୍ଷା

ଆଜିର ୟୁପା ସରକାର ଏବଂ ଏହା ପୂର୍ବରୁ ଏନ୍.ଡି.ଏ: ସରକାର ଏକ ବିଧିବଦ୍ଧ ଜାତୀୟ ଆଦିବାସୀ ନୀତି ଘୋଷଣା କରିବାକୁ ଉଦ୍ୟମ କରିଛନ୍ତି । ଏହା ଆଲୋଚନା ଓ ସମାଲୋଚନା ଭିତରେ ସୀମିତ ରହିଛି । ଏବେ ସୁଦ୍ଧା ଗୃହୀତ ହୋଇନାହିଁ । ଓଡ଼ିଶାର ଜନସଂଖ୍ୟାର ପ୍ରାୟ ଶତକଡ଼ା ୨୩ଭାଗ ହେଉଛନ୍ତି ଆଦିବାସୀ । ଭାରତର ଜନସଂଖ୍ୟାର ପ୍ରାୟ ଶତକଡ଼ା ଆଠ ଭାଗ ଆଦିବାସୀ ବୋଲି ଜନଗଣନାରୁ ଜଣା ପଡିଛି । ପଞ୍ଜାବ, ହରିୟାନା, ଦିଲ୍ଲୀ, ଚଣ୍ଡିଗଡ଼ ଆଦି କେତେକ ଅଞ୍ଚଳକୁ ଛାଡିଦେଲେ ପ୍ରାୟ ପ୍ରତ୍ୟେକ ରାଜ୍ୟରେ ଆଦିବାସୀ ଅଛନ୍ତି । କେତେକ ରାଜ୍ୟରେ ଠାଏ ଠାଏ ଖୁବ୍ ପଛୁଆ ଆଦିମ ଆଦିବାସୀ ବା ପ୍ରିମିଟିଭ୍ ଟ୍ରାଇବାଲ୍ ଗ୍ରୁପ୍ (Primitive Tribal Group) ଅଛନ୍ତି । ଆମ ଓଡ଼ିଶାରେ ବଣ୍ଡା ଆଦିମ ଆଦିବାସୀ ଏମାନଙ୍କ ଭିତରେ ଅନ୍ୟତମ । ଆଦିବାସୀମାନଙ୍କୁ ସମ୍ବିଧାନରେ ଅନୁସୂଚୀତ ଜନଜାତି ବା ସିଡ୍ୟୁଲ୍‌ଡ ଟ୍ରାଇବ(Schedule Tribe) ବୋଲି ନାମିତ କରାଯାଇଛି । କେତେକ ଆଦିବାସୀ ଉପଜାତି ଏବେ ସୁଦ୍ଧା ଅନୁସୂଚୀତ ଜନଜାତି ତାଲିକାରେ ସ୍ଥାନ ପାଇବାକୁ ଆନ୍ଦୋଳନ କରୁଛନ୍ତି ।

ଆମେ କାହାକୁ ଆଦିବାସୀ କହିବା ? ନୃତତ୍ତ୍ୱବିତ୍ ବା ଆନ୍ଥ୍ରୋପୋଲୋଜିଷ୍ଟମାନେ ବିଭିନ୍ନ ସଂଜ୍ଞା ନିରୂପଣ କରିଛନ୍ତି । କିନ୍ତୁ ମୋଟାମୋଟି କହିବାକୁ ଗଲେ, ଗୋଟିଏ ଦୁଇଟି କଥା ଆଦିବାସୀମାନଙ୍କ ଭିତରେ ଦେଖାଯାଏ ଓ ସେମାନଙ୍କୁ ଚିହ୍ନଟ କରାଯାଏ । ସେମାନେ ବଣଜଙ୍ଗଲରେ ନିର୍ଦ୍ଦିଷ୍ଟ ଇଲାକାରେ ବସବାସ କରନ୍ତି । ସମାଜ ସେମାନଙ୍କର ଅଦ୍ୱିତୀୟ ଓ ସଂସ୍କୃତି ସ୍ୱତନ୍ତ୍ର । ପ୍ରକୃତି କୋଳର ପରମ୍ପରା ସେମାନଙ୍କର ଅଣଆଦିବାସୀଙ୍କଠାରୁ ଭିନ୍ନ ଓ ଆଦିମ । ଜାତୀୟ ମୁଖ୍ୟଧାରାରେ ସାମିଲ ନହେଉଥିବା ଏଇ ମଣିଷମାନେ ଖୁବ୍ ଅବହେଳିତ ଓ ଅସହାୟ । ଆଦିବାସୀଙ୍କ ସଂଖ୍ୟା ଏ ଦେଶରେ ପ୍ରାୟ ୮୪ ଲକ୍ଷ ଓ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ରହୁଥିବା ଗ୍ରେଟ୍ ଆଣ୍ଡାମାନିଜ୍ ଏବଂ ଓଙ୍ଗ୍ ଆଦିବାସୀମାନଙ୍କ ସଂଖ୍ୟା ହାତଗଣତିରେ ଶହେରୁ କମ୍ । ପାଠକମାନେ ଜାଣିଥାଇପାରନ୍ତି ଯେ ଜନସଂଖ୍ୟା ହିସାବରେ ଓଙ୍ଗ୍‌ମାନଙ୍କ ସଂଖ୍ୟା ୯୮ । ଗ୍ରେଟ୍ ଆଣ୍ଡାମାନିଜ୍‌ଙ୍କ ସଂଖ୍ୟା ୩୬, ଜରାଓ୍ୱା ଆଦିବାସୀଙ୍କ

Digitized by srujanika@gmail.com

ସଂଖ୍ୟା ପ୍ରାୟ ୨୦୦ । ସେଣ୍ଟିନେଲିଜ୍‌ମାନଙ୍କ ସଂଖ୍ୟା ପ୍ରାୟ ୨୫୦ । ବିଭିନ୍ନ ରୋଗବ୍ୟାଧି ଓ ସାମାଜିକ ଏବଂ ଅର୍ଥନୈତିକ କାରଣ ହେତୁ ଏମାନଙ୍କ ସଂଖ୍ୟା ପ୍ରତିବର୍ଷ କମିବାରେ ଲାଗିଛି ଓ ଲୁପ୍ତପ୍ରାୟ ଅବସ୍ଥାକୁ ଆସିଯାଇଛି ଓ ସବୁ ପ୍ରକାର ପ୍ରଚେଷ୍ଟା ସତ୍ତ୍ୱେ ଏମାନଙ୍କର ସଂଖ୍ୟା ବଢୁ ନାହିଁ । ପ୍ରତି ଦଶବର୍ଷରେ ଯେଉଁ ଜନଗଣନା ହୁଏ, ସେଥିରେ ଆଦିବାସୀମାନଙ୍କ ସଂଖ୍ୟା ବିପଦ୍‌ଜନକ ଭାବେ କମୁଛି ବୋଲି ଜଣାପଡିଲେ ମଧ୍ୟ ସାଧାରଣଭାବେ ଏହାକୁ ଗୋପନୀୟ ରଖାଯାଏ । ଆନ୍ଥ୍ରୋପୋଲୋଜିକାଲ୍ ସର୍ଭେ ଅଫ ଇଣ୍ଡିଆ (Anthropological Survey of India) ୬୩୫ ପ୍ରକାର ଆଦିବାସୀଙ୍କ ଏକ ତାଲିକା ପ୍ରସ୍ତୁତ କରିଛି ଓ ବିଭିନ୍ନ ପ୍ରକାର ସର୍ଭେକ୍ଷଣ ଓ ଗବେଷଣା ମଧ୍ୟ କରିସାରିଛି । ଏହା ଅଧ୍ୟୟନ କଲେ ଆଦିବାସୀମାନଙ୍କୁ ବୁଝିବା ସହଜ ।

କିନ୍ତୁ ଆଦିବାସୀମାନଙ୍କ ମୁଖ୍ୟ ସମସ୍ୟା କ'ଣ ? ସମ୍ବିଧାନରେ ପଞ୍ଚମ ଓ ଷଷ୍ଠ ଅନୁସୂଚୀରେ ଆଦିବାସୀଙ୍କ ସୁରକ୍ଷା ପାଇଁ ଅନେକ କିଛି ବ୍ୟବସ୍ଥା କରାଯାଇଛି । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଆଦିବାସୀଙ୍କ ସୁରକ୍ଷା ପାଇଁ ଏକ ପଞ୍ଚଶୀଳ ନୀତି ମଧ୍ୟ ପ୍ରସ୍ତୁତ କରିଥିଲେ ଯାହା ଆଜି ଇତିହାସରେ ପରିଣତ ହୋଇଛି । ସ୍ୱାଧୀନତା ପରଠାରୁ ବିଭିନ୍ନ ବିକାଶ ଯୋଜନାରେ ଆଦିବାସୀମାନଙ୍କୁ ସାମିଲ କରିବାକୁ ବିଭିନ୍ନ ଯୋଜନା ଓ ନୀତି ନିୟମ ମଧ୍ୟ ଏ ଦେଶରେ ପ୍ରସ୍ତୁତ କରାଯାଇଛି । ସାମାଜିକ, ଆର୍ଥିକ ଓ ରାଜନୈତିକ ସ୍ଥିରତା ପ୍ରତିଷ୍ଠା ପାଇଁ ଅନେକ କିଛି ପଦକ୍ଷେପ ମଧ୍ୟ ନିଆଯାଇଛି । ଆଦିବାସୀ ଅଞ୍ଚଳରେ ପ୍ରଶାସନ ଓ ବିକାଶକୁ ସମ୍ବେଦନଶୀଳ କରିବା ପାଇଁ ବିଭିନ୍ନ ଟ୍ରାଇବାଲ୍ ସବ୍ ପ୍ଲାନ୍ (Tribel Sub plan) ୧୯୭୪ ମସିହାରୁ କାର୍ଯ୍ୟକାରୀ ହୋଇଆସୁଛି । ୧୯୯୬ ମସିହାରେ ଆଦିବାସୀ ଅଞ୍ଚଳରେ 'ପେସା' ବା ସ୍ୱତନ୍ତ୍ର ପଞ୍ଚାୟତିରାଜ ବ୍ୟବସ୍ଥା ମଧ୍ୟ ଲାଗୁ କରାଯାଇଛି । ଏସବୁ ସତ୍ତ୍ୱେ ଆଦିବାସୀମାନଙ୍କ ଦୁରବସ୍ଥା କହିଲେ ନସରେ । ଗତ ୬୦ବର୍ଷର ସ୍ୱାଧୀନତା ପରେ ମଧ୍ୟ ଆଜିର ଆଦିବାସୀ, ଜୀବନ ଜୀବିକା ପାଇଁ ସଂଘର୍ଷ କରୁଛି । ତାହାର ଜମି, ଜଳ, ଜଙ୍ଗଲ ଉପରେ ଅଧିକାର ନାହିଁ । ସେ ଭିଟାମାଟିରୁ ବାସଚ୍ୟୁତ ହୋଇଛି ଲକ୍ଷ ଲକ୍ଷ ସଂଖ୍ୟାରେ । ଆଦିବାସୀ ଅଞ୍ଚଳରେ ବୃହତ୍ ଶିଳ୍ପ, ଖଣି ଖାଦାନ, ନଦୀବନ୍ଧ ଯୋଜନା ସବୁ କାର୍ଯ୍ୟକାରୀ ହୋଇଛି ଓ ଏହା ଫଳରେ ଆଦିବାସୀମାନଙ୍କ ସାମଗ୍ରିକ ସ୍ଥିତି ସଂକଟମୟ ପରିସ୍ଥିତିରେ ପହଞ୍ଚିଛି । ଏସବୁ ପ୍ରକଳ୍ପରୁ ସ୍ଥାନୀୟ ଆଦିବାସୀମାନେ କୌଣସି ପ୍ରକାରରେ ବା ଉଲ୍ଲେଖନୀୟ ଭାବେ ଲାଭାନ୍ୱିତ ହୋଇ ନାହାନ୍ତି । ବିଭିନ୍ନ ସର୍ଭେକ୍ଷଣରୁ ଜଣା ପଡିଛି ଯେ, ଆଦିବାସୀ ଅଞ୍ଚଳରେ ମାନବ ବିକାଶ ପରିମାପକ (Human-Development Index) ସବୁଠାରୁ କମ୍ । ଏଠାରେ ସାକ୍ଷରତା ହାର ଜାତୀୟ ହାରଠାରୁ ଢେର୍ ପଛରେ । ଶିଶୁମୃତ୍ୟୁ ହାର ସବୁଠାରୁ ଅଧିକ ଏ ଅଞ୍ଚଳରେ । ଖାଦ୍ୟ ଓ ପୌଷ୍ଟିକତାର ନିରାପତ୍ତା ସମ୍ପୂର୍ଣ୍ଣ ବିପନ୍ନ ।

Digitized by srujanika@gmail.com

ଆଦିବାସୀ ଆଜି ଦାରିଦ୍ର୍ୟର ସୀମାରେଖାର ଅନେକ ତଳେ । ଗୋଟାଏ ପଟେ ଦାରିଦ୍ର୍ୟ, ଅନାହାର ଏବଂ ଅବହେଳା ଓ ଅନ୍ୟପକ୍ଷରେ ପ୍ରଶାସନିକ ଓ ଆଇନଗତ ଶୋଷଣ ଓ ଅବ୍ୟବସ୍ଥା ଆଜି ଆଦିବାସୀଙ୍କୁ ନିଶ୍ଚିହ୍ନ ହେବାର ରାସ୍ତାକୁ ଠେଲି ଦେଇଛି । ଅଣଆଦିବାସୀଙ୍କ ମନରେ ଦୃଢ଼ ଧାରଣା ସୃଷ୍ଟି ହୋଇଛି ଯେ ଜାତୀୟ ପ୍ରଗତି ଓ ଅଭିବୃଦ୍ଧି ପାଇଁ କିଛି ଲୋକଙ୍କୁ ତ୍ୟାଗ ସ୍ୱୀକାର କରିବାକୁ ପଡିବ । ଆଦିବାସୀ ପ୍ରଗତିର ବେଦୀରେ ବଳି ପଡିବ, ଏହା ଯେମିତି ସ୍ପଷ୍ଟ ହୋଇଯାଇଛି । ଏବେ ଜଙ୍ଗଲ କଥା ଦେଖାଯାଉ । ଆଦିବାସୀର ଜଙ୍ଗଲ ସହ ଅନ୍ତରଙ୍ଗ ଓ ଅଭିନ୍ନ ସମ୍ପର୍କ ରହିଛି । କିନ୍ତୁ ଜଙ୍ଗଲର ନୀତି ନିୟମକୁ ଲକ୍ଷ୍ୟ କଲେ ଜଣାପଡେ ଯେ ତାହାର ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଯେମିତି କୌଣସି ଅଧିକାର ନାହିଁ । ଜଙ୍ଗଲ ଇଲାକାରେ ପ୍ରବେଶ କରିବା ଯେମିତି ତାହା ପାଇଁ ଆଇନ ହୋଇଯାଇଛି । ଏବେ ସେ ଯିବ କୁଆଡେ ? ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀର ଅବଦାନ କମ୍ ନୁହେଁ । କିନ୍ତୁ ବର୍ତ୍ତମାନର ସ୍ଥିତିରେ ସେ ଦେଶର ପ୍ରଗତି ଓ ବିକାଶ ପ୍ରକ୍ରିୟାରୁ ଯେତେବେଳେ ଛିଟିକି ପଡିଛି, ସେ ଉଗ୍ରବାଦୀମାନଙ୍କ ସହ ସାମିଲ ହେବାକୁ ପଛାଉ ନାହିଁ । ଏସବୁକୁ ବିଚାରକୁ ନେଇ ଆଦିବାସୀମାନଙ୍କ ହିତରେ ଜାତୀୟ ଆଦିବାସୀ ନୀତି ପ୍ରସ୍ତୁତ ହୋଇଛି ।

ଜାତୀୟ ଆଦିବାସୀ ନୀତିରେ ଅନେକ କଥା ଆଲୋଚନା କରାଯାଇ ତାହାର ସୁରକ୍ଷା ଓ ବିକାଶ ପାଇଁ ଅନେକ ପ୍ରସ୍ତାବ ରଖାଯାଇଛି । ଆଦିବାସୀମାନେ କିପରି ଜାତୀୟ ବିକାଶର ମୁଖ୍ୟଧାରାରେ ସାମିଲ୍ ହେବେ, ସେଥିପାଇଁ ସାମାଜିକ ଓ ଆର୍ଥିକ ସଶକ୍ତିକରଣ ସହ ଜମି, ଜଳ ଓ ଜଙ୍ଗଲ ଉପରେ କିପରି ସେମାନଙ୍କର ଅଧିକାର ରହିବ ତାହା ମଧ୍ୟ ବିଚାରକୁ ନିଆଯାଇଛି । ଯେଉଁ ଆଦିବାସୀମାନେ ପାରମ୍ପରିକଭାବେ ଜଙ୍ଗଲ ଭିତରେ ବସବାସ କରୁଛନ୍ତି ଓ ଜମି ଦଖଲ କରି ଚାଷବାସ କରୁଛନ୍ତି, ସେମାନଙ୍କୁ କିପରି ଜମିର ଅଧିକାର ମିଳିବ ସେଥିପାଇଁ ଆଇନ୍ ତିଆରି କରାଯାଇଛି । ଆଦିବାସୀ ହାତରୁ କେମିତି ଜମି ହସ୍ତାନ୍ତର ହୋଇ ଅଣଆଦିବାସୀଙ୍କ ପାଖକୁ ନଯାଏ, ସେଥିପ୍ରତି ଦୃଷ୍ଟି ଦେଇ କଡ଼ା ଆଇନ୍ ସବୁ ପ୍ରଣୟନ କରାଯାଇଛି । ଆଦିବାସୀ ଅଞ୍ଚଳକୁ ଅଣଆଦିବାସୀମାନେ ମାଡି ଆସୁଛନ୍ତି ଓ ଆଦିବାସୀମାନଙ୍କର ଭଲ ଜମି କଳେବଳେ କୌଶଳେ ଦଖଲ କରୁଛନ୍ତି । ଏହା ଯେମିତି ସମ୍ପୂର୍ଣ୍ଣ ବନ୍ଦ ହୁଏ, ସେଥିପ୍ରତି ଦୃଷ୍ଟି ଦିଆଯାଉଛି । ପ୍ରତ୍ୟେକ ଆଦିବାସୀ ଅଧ୍ୟୁଷିତ ରାଜ୍ୟମାନଙ୍କରେ ପ୍ରଚଳିତ ଆଇନ୍ ବ୍ୟବସ୍ଥାରେ ଯେଉଁ ଦୋଷତ୍ରୁଟି ରହିଛି ଓ ଜମିଜମା ହସ୍ତାନ୍ତରୀକରଣ ପ୍ରକ୍ରିୟାର ଯେଉଁ କୋହଳ ନିୟମ ରହିଛି ତାହର ସମୀକ୍ଷା କରିବାର ପ୍ରସ୍ତାବ ରହିଛି । ଆଦିବାସୀ ଜମିର ବିକାକିଣା ଓ ପଞ୍ଜୀକରଣ ପ୍ରକ୍ରିୟା ଉପରେ କଟକଣା ଲାଗୁ କରିବାକୁ କୁହାଯାଇଛି । ଆଦିବାସୀ ଯେଉଁ ଜମି ବେଆଇନ୍‌ଭାବେ ହରାଇଛି ତାହା କିପରି ସେ ଫେରିପାଇବ, ତାହାର ପ୍ରଶାସନିକ ବ୍ୟବସ୍ଥା ମଧ୍ୟ ଜାତୀୟ ଆଦିବାସୀ ନୀତିରେ ଉଲ୍ଲେଖ

Digitized by srujanika@gmail.com

କରାଯାଇଛି । ଏଥିପାଇଁ ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାର ଯୋଜନା ରହିଛି । ଜଙ୍ଗଲ ହେଉ କି ଜମି ହେଉ, ଆଦିବାସୀର ଜୀବନ ଜୀବିକାର ସୁରକ୍ଷା ନୂତନ ଆଦିବାସୀ ନୀତିର ମୂଳ ଲକ୍ଷ୍ୟ ବୋଲି ଦୃଢ଼ଭାବରେ ଉପସ୍ଥାପନା କରାଯାଇଛି । ବିସ୍ଥାପନ ଓ ଥଇଥାନକୁ ଆଖି ଆଗରେ ରଖି, ନୂତନ ଥଇଥାନ ନୀତି ସରକାର ପ୍ରସ୍ତୁତ କରିବାକୁ କେତେବର୍ଷ ହେଲା ଉଦ୍ୟମ କରିଆସୁଛନ୍ତି । ଲକ୍ଷ ଲକ୍ଷ ଆଦିବାସୀ ବାସଚ୍ୟୁତ ଓ ବିସ୍ଥାପିତ ହୋଇ ମରିହଜି ଗଲେଣି । ଆଉ ଯେଉଁମାନେ ଅଛନ୍ତି, ସେମାନଙ୍କର ଭବିଷ୍ୟତ ଯେ କ'ଣ ହେବ ତାହା କହି ହେଉନାହିଁ । ଆଦିବାସୀ ଯେଉଁ ଅଞ୍ଚଳରେ ରହୁଛନ୍ତି, ସେ ଅଞ୍ଚଳ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓ ସେ ସମ୍ପଦକୁ ଲୁଣ୍ଠନ କରିବାକୁ ଆଜି ପ୍ରତ୍ୟେକ ବହୁରାଷ୍ଟ୍ରୀୟ କମ୍ପାନୀ ଓ ପୁଞ୍ଜିପତି ଆଗ୍ରହୀ । ସରକାର ବିକାଶ ନାମରେ ଏଇ ଲୁଣ୍ଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛନ୍ତି । ଉଦାରୀକରଣ, ଜଗତୀକରଣ ଓ ଘରୋଇକରଣ ପ୍ରକ୍ରିୟା ଆଦି ଆଦିବାସୀ ଅଞ୍ଚଳରେ ବେଶ୍ ସକ୍ରିୟ । ଏହାକୁ ଆଦିବାସୀ ନୀତିରେ ଅତି ସତର୍କତାର ସହ ଉଲ୍ଲେଖ କରାଯାଇଛି । ଜମି ଅଧିଗ୍ରହଣ ବେଳେ ଆଦିବାସୀକୁ କେବଳ ସୂଚନା ଦିଆଯିବ ନା ସମ୍ମତି ଅଣାଯିବ, ଏହା ଏବେ ମଧ୍ୟ ନିଷ୍ପତ୍ତି ହୋଇ ନାହିଁ । ରାଷ୍ଟ୍ର ଭାବୁଛି ଯେ ଜମିର ମାଲିକାନା ତାହାର ହାତରେ । ତେଣୁ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ମତାମତ ନେବାର ଆବଶ୍ୟକତା ଜରୁରୀ ନୁହେଁ । ଆଦିବାସୀ କିନ୍ତୁ ସହମତି ପ୍ରକାଶ ନକଲେ ଜମି ଅଧିଗ୍ରହଣ ହୋଇପାରିବ ନାହିଁ । ଏହା ପେସା ଆଇନ୍‌ରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି ।

ଆଦିବାସୀ ଅଞ୍ଚଳରେ ଜୀବନର ମାନ ବୃଦ୍ଧି ପାଇଁ ଅନେକ ପ୍ରସ୍ତାବ ରଖାଯାଇଛି । ସେଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ, ଜୀବନ ଜୀବିକା, କୃଷି ବ୍ୟବସ୍ଥା, ଋଣ ବ୍ୟବସ୍ଥା ଆଦି ଅନ୍ତର୍ଗତ । ବିଭିନ୍ନ ଯୋଜନା ଓ ପ୍ରକଳ୍ପମାନଙ୍କୁ ବିଚାରକୁ ନିଆଯାଇଛି । ଯେଉଁ ଆଦିମ ଆଦିବାସୀମାନେ ଲୁପ୍ତପ୍ରାୟ ଅବସ୍ଥାରେ ପହଞ୍ଚିଛନ୍ତି ସେମାନଙ୍କୁ ସ୍ୱତନ୍ତ୍ର ଗୋଷ୍ଠୀ ହିସାବରେ ଗ୍ରହଣ କରାଯାଇଛି । ଗୋଟାଏ ପାର୍ଶ୍ୱରେ ପରିବେଶ ଓ ଜଙ୍ଗଲର ସଂରକ୍ଷଣ ଓ ଅନ୍ୟପାର୍ଶ୍ୱରେ ବିକାଶ ଓ ପ୍ରଗତିର ଚାପ । ଏସବୁ ଭିତରେ ସନ୍ତୁଳନ ରକ୍ଷା କରିବାକୁ ଆହ୍ୱାନ ଦିଆଯାଇଛି । ଆଦିବାସୀ ଅଞ୍ଚଳରେ ଅସନ୍ତୋଷର ବହ୍ନି ଜଳୁଛି ଓ ହିଂସକ ଉଗ୍ରବାଦ ମୁଣ୍ଡ ଟେକିଛି । ଏହାକୁ ଆଇନ୍ ଶୃଙ୍ଖଳାର ପ୍ରଶ୍ନ ବୋଲି ନଗଣି ସାମାଜିକ, ଆର୍ଥିକ ଓ ରାଜନୈତିକ ପ୍ରଶ୍ନ ବୋଲି ବିଚାର କିରବାକୁ ଆହ୍ୱାନ ଦିଆଯାଇଛି । ଆଦିବାସୀ ଅଞ୍ଚଳରେ ପ୍ରଶାସନିକ ବ୍ୟବସ୍ଥାରେ ସଂସ୍କାର ଅଣାଯିବାକୁ କୁହାଯାଇଛି । ଆନ୍ଧ୍ରପ୍ରଦେଶରେ ଆଦିବାସୀ ଅଞ୍ଚଳରେ ସିଙ୍ଗଲ୍ ଲାଇନ୍ ଆଡ୍‌ମିନିଷ୍ଟ୍ରେସନ୍(Single line Administration) ଲାଗୁ କରାଯିବା ଫଳରେ ଆଦିବାସୀଙ୍କର ଉଲ୍ଲେଖନୀୟ ବିକାଶ ହୋଇପାରିଛି ଓ ଉଗ୍ରବାଦ କେତେକାଂଶରେ କମିଛି । ଏଇ ପ୍ରଶାସନିକ ବ୍ୟବସ୍ଥାକୁ ଦେଶସାରା ଲାଗୁ କରାଯିବାର ପ୍ରସ୍ତାବ ରହିଛି । ଆଦିବାସୀ

Digitized by srujanika@gmail.com

ମହିଳାମାନେ ସବୁଠାରୁ କର୍ମଠ ଓ ଜୀବନ ଜୀବିକାର ମୂଳ ସ୍ରୋତ । କିନ୍ତୁ ସେମାନଙ୍କ ପ୍ରତି ଅବିଚାର, ଅନ୍ୟାୟ ଓ ଅତ୍ୟାଚାର ଲାଗି ରହିଛି । ଯେଉଁଠାରେ କିଛି ବିକାଶ ହୋଇଛି, ସେଠାରେ ଆଦିବାସୀ ମହିଳାଙ୍କ ସଶକ୍ତିକରଣ ପ୍ରକ୍ରିୟାରେ ସମ୍ଭବ ହୋଇଛି । ଏହାକୁ ବିଚାରକୁ ନେଇ ଆଦିବାସୀ ମହିଳାଙ୍କ ସାକ୍ଷରତା ଓ ସଚେତନତା, ଜୀବିକା ଓ ସମ୍ପତ୍ତିର ମାଲିକାନା ଉପରେ ଗୁରୁତ୍ୱ ଦିଆଯାଇଛି । ଆଦିବାସୀ ଅଞ୍ଚଳରେ ଅନେକ ସ୍ୱେଚ୍ଛାସେବୀ ସଂଗଠନ କର୍ମରତ ଅଛନ୍ତି । ସେମାନଙ୍କ ଭିତରୁ ଅନେକ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟରତ ଥିବାବେଳେ, ଅନେକ ବ୍ୟବସାୟ କରିଲା ଭଳି କାର୍ଯ୍ୟରେ ଲିପ୍ତ ଅଛନ୍ତି । ତେଣୁ ଆଦିବାସୀ ଅଞ୍ଚଳରେ ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ଭୂମିକାକୁ ଗୁରୁତ୍ୱ ଦିଆଯାଉଛି । ଆଦିବାସୀମାନଙ୍କ ସଂସ୍କୃତି, ପରମ୍ପରା ଓ ମୂଲ୍ୟବୋଧ କିପରି ମାନ୍ୟତା ପାଇବ ଓ ସୁରକ୍ଷିତ ରହିବ ତାହା ପ୍ରତି ଦୃଷ୍ଟି ଦିଆଯିବାକୁ ଜାତୀୟ ନୀତି କେତୋଟି ପ୍ରସ୍ତାବ ରଖିଛି । ଏଇଭଳି ଅନେକ କିଛି ପ୍ରସ୍ତାବକୁ ବିଚାରକୁ ନେଲେ ଜାତୀୟ ଆଦିବାସୀ ନୀତି ଆଦିବାସୀମାନଙ୍କ ହିତରେ କରାଯାଇଛି ବୋଲି ମନେ ହେଉଛି ।

କିନ୍ତୁ ସତରେ ଏ ନୀତି କ'ଣ ସ୍ୱୀକାର କରାଯାଇ ଲାଗୁ କରାଯିବ ? ଏଥିରେ ଘୋର ସନ୍ଦେହ ଅଛି । 'ପେସା' ଆଇନ୍ ପର୍ଯ୍ୟନ୍ତ କାୟମନବାକ୍ୟରେ ଲାଗୁ କରାଯାଇ ନାହିଁ । ସରକାରଙ୍କ ଜମି ଅଧିଗ୍ରହଣ ଆଇନ୍, ଥଇଥାନ୍ ନୀତି, କୋଇଲା ନୀତି, ଖଣିଜଦ୍ରବ୍ୟ ନୀତି, ଜଙ୍ଗଲ ନୀତି, ପରିବେଶ ନୀତି ଆଦି ଅନେକ ଆଇନ୍‌ରେ ଆଦିବାସୀ ମାରଣ ବ୍ୟବସ୍ଥା ଓତପ୍ରୋତ ଭାବେ ସଂଶ୍ଳିଷ୍ଟ ଅଛି । ଏସବୁର ସଂଶୋଧନ କରାଯାଇ ପାରିବ କି ନାହିଁ ଆଜି ପ୍ରଶ୍ନ ଉଠୁଛି । ପୃଥିବୀର ଇତିହାସରେ ଅତ୍ୟାଚାରକୁ ମୁଣ୍ଡ ପାତି ସହିନେବାର ଅନେକ ଉଦାହରଣ ଅଛି । ଇହୁଦୀମାନଙ୍କର ଗଣହତ୍ୟା, କାମ୍ବୋଡିଆ ଓ ରୁଆଣ୍ଡାର ଗଣହତ୍ୟାର ପ୍ରତିବାଦ ଭୁକ୍ତଭୋଗୀମାନେ କରିନାହାନ୍ତି । ଆଦିବାସୀମାନେ ସେମାନଙ୍କର ବିଲୁପ୍ତି ଅଟକେଇ ପାରିବେ କି ?

□□□

Digitized by srujanika@gmail.com

ଭାରତର ଆଦିବାସୀ: ଦାରିଦ୍ର୍ୟ ଓ ବିକାଶ

କିଛିଦିନ ତଳେ ମୋତେ ଝାଡଖଣ୍ଡ ଓ ଛତିଶଗଡ଼ର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କିଛି ସମୟ କାଟିବାକୁ ସୁଯୋଗ ମିଳିଥିଲା । ଓଡ଼ିଶା ସୀମାକୁ ଲାଗି ଏ ଅଞ୍ଚଳ ଦୁଇଟି । ଝାଡଖଣ୍ଡରେ ଆଦିବାସୀ ହେଲେ ମୁଣ୍ଡା, ହୋ ଏବଂ ଓରାଓଂ । ଛତିଶଗଡ଼ରେ ଆଦିବାସୀ ହେଲେ ଗଣ୍ଡ, ଓରାଓଂ, ନଗେଶିଆ, ବନକୁରୁଆ, ବିରହୋର୍ । କେତେକ ଜାଗାରେ ଆଦିବାସୀମାନେ ଓଡ଼ିଆ ବୁଝିପାରୁଛନ୍ତି । ବାର୍ତ୍ତାଳାପ କରିବା କଷ୍ଟକର ହୋଇନଥିଲା । ଓଡ଼ିଶା, ଝାଡଖଣ୍ଡ ଏବଂ ଛତିଶଗଡ଼ର ଏ ଆଦିବାସୀ ଅଧ୍ୟୁଷିତ ଇଲାକା ଏବଂ ସେଠାରେ ବାସକରୁଥିବା ଆଦିବାସୀଙ୍କ ଭିତରେ ଅନେକ ସାମଞ୍ଜସ୍ୟ ରହିଥିବା ବେଶ୍ ଲକ୍ଷ୍ୟ କରି ହେଉଥିଲା । ପ୍ରାକୃତିକ ସମ୍ପଦରେ ଭରପୂର ଏ ଅଞ୍ଚଳର ସମସ୍ୟା ଏତେ ଗୁରୁତର ଏବେ ହୋଇଛି ଯେ ତାହା ନିଜେ ସ୍ୱଚକ୍ଷୁରେ ନଦେଖିଲେ ବିଶ୍ୱାସ କରି ହେବନାହିଁ । ଗୋଟାଏ ପଟେ ଖଣି, ଖାଦାନ ଓ ଶିଳ୍ପାୟନ ଏବଂ ଅନ୍ୟ ପକ୍ଷରେ ମାଓବାଦୀଙ୍କ ହିଂସାକାଣ୍ଡ ଦ୍ୱାରା ସାଧାରଣ ଲୋକେ ଯେମିତି ଭୟଭୀତ ଓ ଅସହାୟ । ହତ୍ୟା, ଲୁଟ୍‌ପାଟ, ଅପହରଣ ନିତିଦିନିଆ କଥା ହୋଇଛି ସେଠାରେ । ମୁଁ ଜାମ୍‌ସେଦ୍‌ପୁର ଠାରେ ଅବସ୍ଥିତ ଥିଲାବେଳେ ଏକ ରାଜନୈତିକ ହତ୍ୟାକାଣ୍ଡକୁ ନେଇ ଝାଡଖଣ୍ଡ ବନ୍ଦ ତିନିଦିନ ପାଇଁ ପାଳନ କରାଯାଇଥିଲା ଓ ଜନଜୀବନ ଖୁବ୍ ଅସ୍ତବ୍ୟସ୍ତ ହୋଇ ପଡିଥିଲା । ଏ ଅଞ୍ଚଳରେ ଏକ ଅପ୍ରାକୃତିକ ବାତାବରଣ ବିରାଜମାନ କରୁଛି । ଛତିଶଗଡ଼ରେ 'ସଲ୍‌ୱାଜୁଡୁମ୍' ନାଁରେ ଆଦିବାସୀଙ୍କ ଭିତରେ ଦଳ ସୃଷ୍ଟି ହୋଇଛି । ଗୋଟିଏ ଦଳ ମାଓବାଦୀଙ୍କୁ ସମର୍ଥନ କରୁଛନ୍ତି ଏବଂ ଅନ୍ୟ ଗୋଟିଏ ଦଳ ସରକାର ଓ ପୋଲିସର ସମର୍ଥନରେ ଅଛନ୍ତି । ଅନେକ ଗାଁରେ ମତବାଦର ସଂଗ୍ରାମ ହିଂସାରେ ପରିଣତ ହୋଇଛି । ଏଇସବୁ ଅଞ୍ଚଳରେ ରାଜ୍ୟ ସରକାରଙ୍କର ବିକାଶ ନୀତିକୁ ଅଧ୍ୟୟନ କରିବା ଖୁବ୍ ଜରୁରୀ ହୋଇ ପଡିଛି । ପ୍ରଶାସନିକ ଢାଞ୍ଚା ଓ ବିଭିନ୍ନ ବିକାଶ କାର୍ଯ୍ୟକ୍ରମ ଗୁଡିକୁ ମଧ୍ୟ ଆଲୋଚନା କରିବାକୁ ଆହ୍ୱାନ ଆସିଛି ।

ନୂଆ ଦିଲ୍ଲୀସ୍ଥ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ଡେଭେଲପମେଣ୍ଟ' (Institute of Human Development) ଗୋଟିଏ ସଂକ୍ଷିପ୍ତ ପୁସ୍ତିକା ପ୍ରକାର କରି ଏ ଦେଶର ଆଦିବାସୀଙ୍କ ଉପରେ

Digitized by srujanika@gmail.com

ବିଭିନ୍ନ ପରିସଂଖ୍ୟାନ ଉପସ୍ଥାପନ କରିଛି । ମାନବ ବିକାଶ ଉପରେ ବର୍ତ୍ତମାନ ଚାରୋଟି ମାପକ ବା ସୂଚକାଙ୍କକୁ ଗୁରୁତ୍ୱ ଦେଇ ବିଚାର କରାଯାଉଛି । ଗୋଟିଏ ହେଲା, "ମାନବବିକାଶ ସୂଚକାଙ୍କ" ବା ହ୍ୟୁମାନ୍ ଡେଭେଲପମେଣ୍ଟ ଇଣ୍ଡେକ୍ସ (Human Development Index - HDI) ଦ୍ୱିତୀୟଟି ହେଲା, "ମଣିଷର ଦାରିଦ୍ର୍ୟ ସୂଚକାଙ୍କ" ବା ହ୍ୟୁମାନ ପୋଭର୍ଟି (Human Poverty Index - HPI) ତୃତୀୟଟି ହେଲା, "ଲିଙ୍ଗଗତ ବିକାଶ ସୂଚକାଙ୍କ"(Gender Development Index-GDI) ଏବଂ ଚତୁର୍ଥଟି ହେଲା, "ଲିଙ୍ଗଗତ ସଶକ୍ତିକରଣ ମାପକ" (Gender Empowerment Measures- GEM) । ଭାରତର ଆଦିବାସୀମାନଙ୍କ ସାମାଜିକ ଓ ଆର୍ଥିକ ବ୍ୟବସ୍ଥା ଏଇ ସବୁ ସୂଚକାଙ୍କକୁ ବ୍ୟବହାର କରି ସହଜରେ ମପାଯାଇଛି । ଏହାର କେତୋଟି ଉଦାହରଣ ଦିଆଯାଇପାରେ । ମାନବ ବିକାଶ ସୂଚକାଙ୍କ ସର୍ବ ଭାରତୀୟ ସ୍ତରରେ ୦.୫୦୪ ଥିଲାବେଳେ ଆଦିବାସୀଙ୍କର ଅଛି ୦.୩୮୩ । ଓଡ଼ିଶା, ଝାଡଖଣ୍ଡ ଏବଂ ଛତିଶଗଡ଼ରେ ଏହା ସର୍ବଭାରତୀୟ ସୂଚାଙ୍କଙ୍କଠାରୁ ଢ଼େର୍ କମ୍ । ଓଡ଼ିଶାରେ ଆଦିବାସୀଙ୍କ ଏ ସୂଚକାଙ୍କ ହେଉଛି ୦.୨୬୦ । ମଣିଷର ଦାରିଦ୍ର୍ୟ ସୂଚକାଙ୍କ ଦୃଷ୍ଟିରୁ ସର୍ବଭାରତୀୟ ସ୍ତରରେ ଏହା ହେଉଛି ୩୬.୯୪ ଏବଂ ଆଦିବାସୀଙ୍କର ହେଉଛି ୪୭.୫୫ । ଓଡ଼ିଶାରେ ଏହା ହେଉଛି ୫୭.୪୭ । ଶିଶୁ ମୃତ୍ୟୁହାର ସର୍ବଭାରତୀୟ ସ୍ତରରେ ୬୭.୬ ଥିଲାବେଳେ ଆଦିବାସୀ ଅଞ୍ଚଳରେ ଏହା ହେଉଛି ୮୪.୨ । ସାକ୍ଷରତା ହାର ଆଦିବାସୀଙ୍କ ୪୭.୧ ଥିଲାବେଳେ ଅଣଆଦିବାସୀଙ୍କର ଅଛି ୬୮.୮୧ । ପାନୀୟ ଜଳ ଶତକଡ଼ା ୬୧.୭ ଆଦିବାସୀଙ୍କୁ ମିଳୁଛି । କେତେକ ଆଦିବାସୀ ଅଞ୍ଚଳର ଅବସ୍ଥା ସବ୍-ସାହାରା ଆଫ୍ରିକା ଅଞ୍ଚଳର କେତେକ ଦେଶ ଠାରୁ ଖରାପ ବୋଲି ବିଭିନ୍ନ ସୂଚକାଙ୍କୁ ତୁଳନା କରାଯାଇ କୁହାଯାଇଛି । ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳରେ ଏହା ସ୍ପଷ୍ଟ ପରିଲକ୍ଷିତ ହେଉଛି । ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ୍ ଡେଭେଲପ୍‌ମେଣ୍ଟ(Institute of Human Development) ବିଭିନ୍ନ ସୂଚକାଙ୍କ ଗୁଡ଼ିକୁ ବିଶ୍ଳେଷଣ କରି ଆଦିବାସୀ ଅଞ୍ଚଳରେ ଦାରିଦ୍ର୍ୟର ୭ଟି କାରଣ ଅଛି ବୋଲି ଦର୍ଶାଇଛି । ସେଗୁଡ଼ିକ ହେଲା

୧) ଆଦିବାସୀ ଅଞ୍ଚଳରେ କମ୍ କୃଷି ଉତ୍ପାଦନ

୨) ଆଦିବାସୀମାନଙ୍କର ଅଣକୃଷି କ୍ଷେତ୍ରରେ ସୀମିତ ପ୍ରବେଶ ଓ ଶ୍ରମ ବଜାରରେ ବୈଷମ୍ୟତା

୩) ଆଦିବାସୀ ପୁରୁଷ ଓ ସ୍ତ୍ରୀଙ୍କ ଭିତରେ ବିଭିନ୍ନ ବିଷୟରେ ଅସମାନତା

୪) ଆଦିବାସୀ ଅଞ୍ଚଳରେ ରାଷ୍ଟ୍ର ପକ୍ଷରୁ ସ୍ୱଳ୍ପ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସେବା ବ୍ୟବସ୍ଥା

୫) ଆଦିବାସୀମାନଙ୍କ ଉପରେ ପ୍ରାକୃତିକ ସମ୍ପଦ ବିନିଯୋଗ ପାଇଁ କଟକଣା

Digitized by srujanika@gmail.com

୬)   ଲଘୁବନଜାତ ଦ୍ରବ୍ୟମାନଙ୍କର ଉଚିତ ଦରଦାମ ନମିଳିବା

୭)   ଖଣି, ଖାଦାନ, ଡ୍ୟାମ୍, ବୃହତ୍ ଶିଳ୍ପ ଦ୍ୱାରା ଆଦିବାସୀମାନଙ୍କର ବାସଚ୍ୟୁତ ହେବା ଓ ଜଳ, ଜମି, ଜଙ୍ଗଲ ସମ୍ପଦ ହରାଇବା ।

ଆଦିବାସୀ ଅଞ୍ଚଳରେ ଦୁର୍ବଳ ସ୍ୱାୟତ୍ତଶାସନ ମଧ୍ୟ ଦାରିଦ୍ର୍ୟ ପାଇଁ ଅନେକାଂଶରେ ଦାୟୀ । ପରିସଂଖ୍ୟାନରୁ ଜଣାଯାଇଛି ଯେ, ଉତ୍ତର-ପୂର୍ବ ରାଜ୍ୟମାନଙ୍କରେ ସ୍ୱାୟତ୍ତଶାସନ ଦୃଢ଼ ହୋଇଥିବାରୁ ସେଠାରେ ବିକାଶର ସୂଚକାଙ୍କ ଯଥେଷ୍ଟ ଭଲ ଓ ଦାରିଦ୍ର୍ୟର ସୀମାରେଖା ଦେଶର ଅନ୍ୟ ଆଦିବାସୀ ଅଞ୍ଚଳରୁ ନିମ୍ନରେ ରହିଛି । ଉଦାହରଣ ସ୍ୱରୂପ ଓଡ଼ିଶା ଓ ଝାଡଖଣ୍ଡ ଆଦି ଅଞ୍ଚଳରେ ଦାରିଦ୍ର୍ୟର ହାର ଶତକଡ଼ା ୫୦ରୁ ବେଶି ଥିବାବେଳେ, ଉତ୍ତର-ପୂର୍ବ ରାଜ୍ୟମାନଙ୍କରେ ଏହା ଶତକଡ଼ା ୨୦ରୁ କମ୍ ରହିଛି । ମୋଟାମୋଟି ଭାବେ କହିବାକୁ ହେଲେ, ମାନବ ବିକାଶ ସୂଚକାଙ୍କ ଆଦିବାସୀ ଅଞ୍ଚଳରେ ଦେଶର ଅନ୍ୟ ଅଞ୍ଚଳଠାରୁ ପ୍ରାୟ ଶତକଡ଼ା ୩୦କମ୍ ରହିଛି । ୨୦୧୫ ମସିହା ଭିତରେ ସହସ୍ରାବ୍ଦ ବିକାଶ ଲକ୍ଷ୍ୟ ବା ମିଲିୟନ ଡେଭେଲପମେଣ୍ଟ ଗୋଲ(Million Development Goal) ରହିଛି ଯେ, ଦାରିଦ୍ର୍ୟ ଅଧା କମିଯିବ । ସବୁକଥା ବିଚାରକୁ ନେଲେ ସ୍ପଷ୍ଟ ଜଣା ପଡୁଛି ଯେ, ଭାରତର ଆଦିବାସୀ ଅଞ୍ଚଳରେ ଏହା ସମ୍ଭବ ହେବ ନାହିଁ । ଅର୍ଥାତ୍ ଆଦିବାସୀ ଅଞ୍ଚଳରେ ଦାରିଦ୍ର୍ୟ ଲାଗି ରହିବ । ବର୍ତ୍ତମାନ ଯେଉଁଭଳି ନୀତି ଲାଗି ରହିଛି ଓ ଆଦିବାସୀ ଅଞ୍ଚଳରେ ବିକାଶ ପ୍ରକ୍ରିୟା ଜାରି ରହିଛି ଅବସ୍ଥା ଆହୁରି ଶୋଚନୀୟ ହେବ ବୋଲି ଆଶଙ୍କା କରାଯାଉଛି । କିନ୍ତୁ ଆଦିବାସୀ ଅଞ୍ଚଳରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ଓ ଦାରିଦ୍ର୍ୟ କମିବ ଏହାର ରାସ୍ତା କ'ଣ ? କେଉଁଭଳି ରଣନୀତିର ଆବଶ୍ୟକତା ରହିଛି ? ଏହା ସବୁସ୍ତରରେ ଆଲୋଚନା କରିବାର ଆବଶ୍ୟକତା ଦେଖା ଦେଇଛି । ମୋର ଆଦିବାସୀ ଅଞ୍ଚଳର ବିକାଶ ଓ ରଚନାତ୍ମକ କାର୍ଯ୍ୟକ୍ରମରେ ଭାଗନେବାର ଅନୁଭୂତି ଅଛି । ସମସ୍ୟାଗୁଡିକୁ ବିଶ୍ଳେଷଣ କରିବାର ସୁଯୋଗ ପାଇଛି । ଆଦିବାସୀମାନଙ୍କ ସହ ଆଲୋଚନା ଓ ଭାବର ଆଦାନ ପ୍ରଦାନ କରିବାର ଅବସର ମଧ୍ୟ ମିଳିଛି । ଆଦିବାସୀ ଅଞ୍ଚଳରେ ରାଷ୍ଟ୍ର ଏବଂ ସ୍ୱେଚ୍ଛାସେବୀ ସଂଗଠନମାନେ ଯେଉଁ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ସହ ସଂଶ୍ଳିଷ୍ଟ ମଧ୍ୟ ହୋଇଛି । କିନ୍ତୁ ଅବସ୍ଥାରେ ଉନ୍ନତି କାହିଁକି ହେଉନାହିଁ ?

ଆଦିବାସୀମାନଙ୍କର ପ୍ରଥମ ସମସ୍ୟା ହେଲା ଅସୁରକ୍ଷିତ ଜୀବନ ଜୀବିକା । ସେମାନଙ୍କର ଯେତେବେଳେ ଜଳ, ଜମି, ଜଙ୍ଗଲ ଉପରେ ଅଧିକାର ନାହିଁ ସେମାନେ ସ୍ଥାୟୀ ଜୀବିକା ପାଇ ପାରୁନାହାନ୍ତି । ଏଥିପାଇଁ ଖାଦ୍ୟାଭାବର ସମ୍ମୁଖୀନ ହେଉଛନ୍ତି । ଅର୍ଥାଭାବଜନିତ ସମସ୍ୟାର ସମାଧାନ ରାସ୍ତା ଯେତେବେଳେ ଦେଖାଯାଉନାହିଁ, ସାହୁକାରର ଦ୍ୱାରସ୍ଥ ହେଉଛନ୍ତି । ଥରେ ସାହୁକାରର ଋଣଯନ୍ତାରେ ପଡିଗଲେ, ସେଠାରୁ ଉଦ୍ଧାର ପାଇବା

Digitized by srujanika@gmail.com

ଖୁବ୍ କଷ୍ଟ ହେଉଛି । ସାହୁକାରର ବିକଳ୍ପ ବ୍ୟବସ୍ଥା ସହଜରେ ସୃଷ୍ଟି ହୋଇପାରୁ ନାହିଁ । ଏଇ ସବୁକଥା ଲକ୍ଷ୍ୟ କରି ଆଦିବାସୀ ଅଞ୍ଚଳରେ ଅଣୁଯୋଜନା କରାଯାଇ, ଜୀବନ ଜୀବିକାର ସମାଧାନ ରାସ୍ତା ଖୋଲିବାର ଆବଶ୍ୟକତା ଏବେ ଅପରିହାର୍ଯ୍ୟ ହୋଇପଡିଛି । କୃଷି ଉତ୍ପାଦନ ବଢ଼ାଇବାକୁ ହେଲେ ଜମି ସହ ଜଳ, ବିହନ, ବୈଷୟିକ ଜ୍ଞାନ, ଅନ୍ୟାନ୍ୟ ଉପକରଣ, ବଜାର ଆଦିକୁ ମଧ୍ୟ ଧ୍ୟାନ ଦେବାକୁ ହେବ । କୃଷି କ୍ଷେତ୍ରରେ ଆଦିବାସୀର ଯେଉଁ ପାରମ୍ପରିକ ଜ୍ଞାନ ରହିଛି ତାହାର ଅଭିବୃଦ୍ଧି ସହ ସଦୁପଯୋଗ କେମିତି ହେବ, ସେଥିପ୍ରତି ନଜର ଦେବାକୁ ହେବ । 'ପୋଡୁ ଚାଷ' ଆଦିବାସୀ ବନ୍ଦ କରିବା ସମ୍ଭବ ନୁହେଁ । କିନ୍ତୁ 'ପୋଡୁ ଚାଷ'କୁ ଏକ ବ୍ୟବସ୍ଥିତ ଢଙ୍ଗରେ କରି ତାହାର ଫାଇଦା କିପରି ପାଇ ହେବ, ତାହାକୁ ଦେଖାଇବାକୁ ହେବ । 'ପୋଡୁ ଚାଷ' ଅଞ୍ଚଳରେ କୃଷିଭିତ୍ତିକ ଜଙ୍ଗଲ ସୃଷ୍ଟି କରିବାକୁ ହେବ । ଏଥିପାଇଁ ବିକଶିତ ଚେତନାର ଆବଶ୍ୟକତା ରହିଛି ।

ଆଦିବାସୀ ଅଞ୍ଚଳରେ ଦ୍ୱିତୀୟ ସମସ୍ୟା ହେଉଛି ପ୍ରଶାସନର । ଯେତେ ନୀତିନିୟମ ରହିଛି ତାହା କେତେ ଦୂର କାର୍ଯ୍ୟକାରୀ ହେଉଛି ତା'ର ସମୀକ୍ଷା କରିବା ନିତାନ୍ତ ଆବଶ୍ୟକ । ଯେଉଁ ନୀତିସବୁ ଆଦିବାସୀଙ୍କ ବିରୋଧୀ ତାହାକୁ ବହିଷ୍କାର କରିବାକୁ ପଦକ୍ଷେପ ନିଆଯିବା ଉଚିତ୍ । ପ୍ରାକୃତିକ ସମ୍ପଦର ବିନିଯୋଗ ପାଇଁ ଯେତିକି ନୀତି ରହିଛି ତାହା ଆଦିବାସୀ ହିତରେ ଯାଉଛି କି ନାହିଁ, ତାହାର ପରୀକ୍ଷା କରିବା ଆବଶ୍ୟକ ହୋଇଛି । ସୁଶାସନ ଓ ସ୍ୱାୟତ୍ତଶାସନ ମୁଦ୍ରାର ଦୁଇପାର୍ଶ୍ୱ । ଆଦିବାସୀମାନେ ନିଜ ଅଞ୍ଚଳର ଶାସନ ଭାର ନିଜେ ବହନ କରିବେ । ଏଥିପାଇଁ 'ପେସା' ଆଇନ ସମ୍ବିଧାନର ଅନ୍ତର୍ଭୁକ୍ତ ହୋଇଛି । ଗ୍ରାମସଭାରେ ସବୁକଥା ଆଲୋଚିତ ହେବ ଏବଂ ନିଷ୍ପତ୍ତି ନିଆଯିବ, ଏହା ସବୁଠାରୁ ଦୃଢ଼ ଗଣତାନ୍ତ୍ରିକ ପଦ୍ଧତି । କିନ୍ତୁ ଗ୍ରାମସଭାରେ ରାଜନୀତି ନପଶୁ ଏଥିପ୍ରତି ଦୃଷ୍ଟି ଦେବାକୁ ହେବ । ବିକାଶର ଧାରା ଗ୍ରାମସଭା ଦ୍ୱାରା ନିର୍ଦ୍ଧାରିତ ହେବା ନିତାନ୍ତ ଜରୁରୀ । ଗ୍ରାମସଭା ନାମକୁ ମାତ୍ର ନରହି କେମିତି ସକ୍ରିୟ ହେବ ତାହାର ବାସ୍ତବତା ପ୍ରତି ଲକ୍ଷ୍ୟ ଦେବାକୁ ହେବ । ଗ୍ରାମବାସୀଙ୍କ ହାତରେ ଆଦିବାସୀ ଅଞ୍ଚଳରେ ନେତୃତ୍ୱର ବିକାଶ ହିଁ ଅସଲ ବିକାଶର ଅନ୍ୟ ଏକ ଦିଗ । ଏଥିପାଇଁ ସଶକ୍ତିକରଣ ପ୍ରକ୍ରିୟା କିପରି ତ୍ୱରାନ୍ୱିତ ହୋଇପାରିବ, ସେଥିପାଇଁ ଆଦିବାସୀମାନେ ନିଜର ଶିକ୍ଷା ଓ ସଚେତନତା ବଢ଼ାଇବାର ରାସ୍ତା ବାହାର କରିବାର ଅଛି । ଆଦିବାସୀ ଅଞ୍ଚଳରେ ଶିକ୍ଷା ବହୁତ ପଛରେ ପଡିଛି ଓ ଆଦିବାସୀ ଚାହୁଁଥିବା ଶିକ୍ଷା ଦୁର୍ଲଭ ହୋଇ ପଡୁଛି । ଆଦିବାସୀମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷାନୀତି ପ୍ରଣୟନ କରିବାକୁ ହେବ ଏଥିରେ ଦ୍ୱିମତ କେହି ହେବେ କି ? ଅଣଆଦିବାସୀଙ୍କ ପ୍ରତି ପ୍ରଯୁଜ୍ୟ ଶିକ୍ଷା ଆଦିବାସୀଙ୍କ ଉପରେ ଲଦି ଦେବା ଠିକ୍ ନୁହେଁ । କିନ୍ତୁ ସର୍ବନିମ୍ନ ଶିକ୍ଷା ସୁଯୋଗ ଆଦିବାସୀ ଅଞ୍ଚଳରେ ସୃଷ୍ଟି କରିବାକୁ ହେବ । ଆଦିବାସୀମାନେ ସ୍ୱୟଂ ନିର୍ଦ୍ଧାରଣ କରନ୍ତୁ, ସେମାନେ କେଉଁ ଶିକ୍ଷା ବ୍ୟବସ୍ଥା ଚାହାନ୍ତି ।

Digitized by srujanika@gmail.com

ପ୍ରତ୍ୟେକ ଆଦିବାସୀ ପିଲା ପୁଅ ହେଉ କି ଝିଅ ହେଉ ନିଶ୍ଚିତ ଭାବେ ସ୍କୁଲକୁ ଯାଆନ୍ତୁ, ସେଥିପ୍ରତି ଦୃଷ୍ଟି ଦେବାର ଅଛି । ଶିକ୍ଷାର ଭିତ୍ତିଭୂମି ଆଦିବାସୀ ଅଞ୍ଚଳରେ ଖୁବ୍ ଦୁର୍ବଳ ବୋଲି ସମସ୍ତେ ଜାଣନ୍ତି । ଏହାର ପ୍ରତିକାର ବ୍ୟବସ୍ଥା ମଧ୍ୟ ସ୍ଥିର କରିବାକୁ ହେବ ।

ଆଦିବାସୀମାନେ ବିସ୍ଥାପିତ ହେଉଛନ୍ତି ନିଜ ଭିଟାମାଟିରୁ । ଅନେକ କ୍ଷେତ୍ରରେ ମଧ୍ୟ ଗାଁ ଛାଡି ଦୂର ସହରାଞ୍ଚଳକୁ ପଳାୟନ କରୁଛନ୍ତି । ଝାଡଖଣ୍ଡ ଓ ଛତିଶଗଡ଼ରୁ ବହୁ ସଂଖ୍ୟାରେ ଯୁବକ ଯୁବତୀ ଏବେ ଜୀବନ ଜୀବିକା ପାଇଁ ଦେଶାନ୍ତରୀ ହେଉଛନ୍ତି । ଖଣି, ଖାଦାନ, ଶିଳ୍ପ ପ୍ରତିଷ୍ଠା ଓ ନଦୀବନ୍ଧ ଯୋଜନା ଦ୍ୱାରା ଆଦିବାସୀମାନେ ଖୁବ୍ ପ୍ରଭାବିତ ହେଉଛନ୍ତି । ସ୍ୱାଧୀନତା ପରଠାରୁ ଲକ୍ଷ ଲକ୍ଷ ଆଦିବାସୀ ବାସଚ୍ୟୁତ ହୋଇ ବଡ଼ ଅସହାୟ ପରିସ୍ଥିତିରେ ପଡିଛନ୍ତି । ସେମାନଙ୍କର ଥଇଥାନ ପ୍ରତି କେହି ଗୁରୁତ୍ୱ ଦେଇନାହାନ୍ତି । ଆଗାମୀ ଦିନମାନଙ୍କରେ ବିସ୍ଥାପନ ଅସଂଖ୍ୟ ସମସ୍ୟା ସୃଷ୍ଟି କରିବ ବୋଲି ସ୍ପଷ୍ଟ ଜାଣି ହେଉଛି । ଆଦିବାସୀ ଅଞ୍ଚଳରେ ଏସବୁ ପୁଞ୍ଜିଭୂତ ସମସ୍ୟାକୁ ଦେଖି ଉଗ୍ରବାଦ ମୁଣ୍ଡଟେକୁଛି । ଏ ଉଗ୍ରବାଦ ଆଜି ସବୁ ସ୍ତରରେ ମୁଣ୍ଡ ବ୍ୟଥାର କାରଣ ହୋଇଛି ।

କିନ୍ତୁ ଆଦିବାସୀମାନେ ଏ ଦେଶର ନାଗରିକ, ଅଣଆଦିବାସୀଙ୍କ ଭଳି ସମାନ ଅଧିକାର ଅଛି ସେମାନଙ୍କର । ସେମାନଙ୍କର ଦାରିଦ୍ର୍ୟ ଦୂରୀକରଣ ଓ ବିକାଶ ପାଇଁ ରାଷ୍ଟ୍ରର ଯେତିକି ଦାୟିତ୍ୱ, ସେମାନେ ନିଜର ସାମ୍ବିଧାନିକ ଅଧିକାର ଜାହିର କରିବା ମଧ୍ୟ ସେତିକି ଗୁରୁତର । ମୋଟାମୋଟି କହିବାକୁ ଗଲେ ଆଦିବାସୀ ସମୁଦାୟ ନିଜକୁ ସବୁଦିଗରେ ସଚେତନ କରିବା ଓ ସଶକ୍ତିକରଣ କରିବାକୁ ପଦକ୍ଷେପ ନେବା ଅପରିହାର୍ଯ୍ୟ ହୋଇପଡିଛି । ଏହା ନହେଲେ ଆଦିବାସୀର ବିକାଶ ଅସମ୍ଭବ ।

□□□

Digitized by srujanika@gmail.com

ଜଳସମ୍ପଦ ଓ କୃଷକଙ୍କ ଅଧିକାର

ହୀରାକୁଦ ଜଳଭଣ୍ଡାରରୁ ଶିଳ୍ପମାନଙ୍କୁ ପାଣି ଯୋଗାଇବା ବିରୋଧରେ ଆଜି ଏକ ଜନଆନ୍ଦୋଳନ ତେଜୀୟାନ ହୋଇ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଛି । ଏ ଆନ୍ଦୋଳନ ଏକ ନୂତନ ସଙ୍କେତ ଓ ସାରା ଓଡ଼ିଶାରେ ନିଶ୍ଚିତ ଏକ ନୂତନ ଅଧ୍ୟାୟ । ଆଜି ଯଦି ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବୀର ସୁରେନ୍ଦ୍ର ସାଏ ବଞ୍ଚିଥାଆନ୍ତେ, ତେବେ ଏ ଆନ୍ଦୋଳନର ନେତୃତ୍ୱ ନେଇଥାଆନ୍ତେ । ଯଦି ମହାତ୍ମା ଗାନ୍ଧୀ ବଞ୍ଚିଥାଆନ୍ତେ, ଲବଣ ସତ୍ୟାଗ୍ରହ ଭଳି ଏ ଆନ୍ଦୋଳନକୁ ଆଗେଇ ନେବାକୁ ଆସିଥାଆନ୍ତେ । ଜଳ ଉପରେ କୃଷକର ଅଧିକାର ରହିଛି ବୋଲି ଦୃଢ଼ ଭାବରେ ପ୍ରମାଣିତ କରିଥାଆନ୍ତେ । ଏ ରାଜ୍ୟରେ ଯେତେବେଳେ ଏକ ନବ ଉପନିବେଶବାଦୀ ଚିନ୍ତାଧାରା ରାଜତ୍ୱ କରିବା ଆରମ୍ଭ କରିଛି, ଆମେ ସମସ୍ତେ ଶହ ଶହ ଜନଆନ୍ଦୋଳନକୁ ଅପେକ୍ଷା କରିବସିଛେ ।

ଆମେ ପିଲାଦିନେ ଭୂଗୋଳ ଓ ସାଧାରଣଜ୍ଞାନ ବିଷୟ ପଢ଼ିବା ବେଳେ ହୀରାକୁଦ ବୃହତ ଏବଂ ବହୁମୁଖୀ ଜଳ ଭଣ୍ଡାରର ଉପକାରିତା ବିଷୟରେ ପଢ଼ିଥିଲୁ । ଓଡ଼ିଶାରେ ମହାନଦୀର ବନ୍ୟା ପ୍ରକୋପ କମିବ, ଜଳବିଦ୍ୟୁତ ଉତ୍ପାଦିତ ହେବ, କୃଷି ପାଇଁ ଜଳସେଚନ ହେବ, ମାଛ ଚାଷ ହେବ ଇତ୍ୟାଦି ସବୁ ଉପକାରିତାର ତାଲିକା ସେଥିରେ ଅନ୍ତର୍ଭୁକ୍ତ ହୋଇଥିଲା । ହୀରାକୁଦ ନଦୀବନ୍ଧ ପୃଥିବୀର ସବୁଠାରୁ ଦୀର୍ଘତମ ମାଟିବନ୍ଧ ବୋଲି ଆମକୁ ମନେରଖିବାକୁ ପଡୁଥିଲା । ହୀରାକୁଦ ଜଳବିଦ୍ୟୁତ ପ୍ରକଳ୍ପ ଆଧୁନିକ ଭାରତର ନୂତନ ମନ୍ଦିର ବୋଲି ମଧ୍ୟ ଆଖ୍ୟାୟିତ ହୋଇଥିଲା । ଏହା ଓଡ଼ିଶାର ପ୍ରଗତି ଓ ବିକାଶର ଏକ ମାଇଲଖୁଣ୍ଟ ବୋଲି ପରିଗଣିତ ହୋଇଥିଲା । ହୀରାକୁଦ ଜଳ ଭଣ୍ଡାରର ଲାଭ, କ୍ଷତିକୁ ବିଚାର କରି ଗତ ପଚାଶବର୍ଷ ଧରି ଅନେକ ପ୍ରଶ୍ନ ଉଠିଛି । ଦୟନୀୟ ଅବସ୍ଥାରେ ରହୁଥିବା ବିସ୍ଥାପିତ ପରିବାରଙ୍କ ଥଇଥାନ ଏବେ ସୁଦ୍ଧା ହୋଇନାହିଁ, ତାହା ବର୍ତ୍ତମାନ ମଧ୍ୟ ଆଲୋଚିତ ଓ ସମାଲୋଚିତ ହେଉଛି । ଅବହେଳାର ଏହା ଏକ ଚରମ ଉଦାହରଣ ନୁହେଁତ ଆଉ କ'ଣ ? ହୀରାକୁଦରୁ ଉତ୍ପାଦିତ ଜଳବିଦ୍ୟୁତ କିପରି ବିନିଯୋଗ ହେଉଛି, ତାହାକୁ ନେଇ ଅନେକ ପ୍ରଶ୍ନ ଉଠିଛି ।

Digitized by srujanika@gmail.com

ହୀରାକୁଦ ଜଳଭଣ୍ଡାର ସହ ସଂଶ୍ଳିଷ୍ଟ ଜଳସେଚନ ବ୍ୟବସ୍ଥା ଓ କୃଷି ଉତ୍ପାଦନ ଉପରେ ଅନେକ ପ୍ରଶ୍ନ ଉଠିଛି । ହୀରାକୁଦ ଜଳ ଭଣ୍ଡାର ବନ୍ୟା ନିୟନ୍ତ୍ରଣ କରିପାରୁନାହିଁ ବୋଲି ସ୍ପଷ୍ଟମତ ପ୍ରକାଶ ପାଇଛି । ଏସବୁକୁ ଦେଖିଲେ ହୀରାକୁଦ ଭଳି ବୃହତ୍ ଜଳସେଚନ ପ୍ରକଳ୍ପ ବା ବୃହତ୍ ଡ୍ୟାମ୍‌ର ଉପାଦେୟତା ପ୍ରଶ୍ନବାଚକ ଚିହ୍ନ ହୋଇସାରିଛି । ଏବେ ହୀରାକୁଦ ଜଳଭଣ୍ଡାରରୁ ଶିଳ୍ପମାନଙ୍କୁ ଜଳଯୋଗାଇ ଦେବା ପାଇଁ ସରକାର ଶିଳ୍ପମାନଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏଥିରେ ଦଶଟି ବୃହତ ଶିଳ୍ପ ସଂଶ୍ଳିଷ୍ଟ ଅଛନ୍ତି । ସେଗୁଡିକ ମଧ୍ୟରେ ଭୂଷଣ ଷ୍ଟିଲ, ବେଦାନ୍ତ ଆଲୁମିନିୟମ୍, ମହାନଦୀ କୋଲଫିଲ୍‌ଡ୍ ଓ ବିଭିନ୍ନ ତାପଜ ବିଦ୍ୟୁତ ଶକ୍ତି ପ୍ରକଳ୍ପ ଅନ୍ତର୍ଗତ । ଏମାନଙ୍କୁ ଜଳ ଯୋଗାଇ ଦିଆଗଲେ ହଜାର ହଜାର ହେକ୍ଟର ଜମି ଜଳସେଚନରୁ ବଞ୍ଚିତ ହେବେ ବୋଲି ପ୍ରବଳ ଆଶଙ୍କା ପ୍ରକାଶ ପାଇଛି । ଏଇଥିପାଇଁ ପଶ୍ଚିମ ଓଡ଼ିଶାର କୃଷକମାନେ ବହୁସଂଖ୍ୟାରେ ଆନ୍ଦୋଳନ ଆରମ୍ଭ କରିଛନ୍ତି ଓ ଏହି ଆନ୍ଦୋଳନ ଏକ ବଳିଷ୍ଠ ଜନମତ ଭାବେ ପ୍ରକାଶିତ ହୋଇଛି । କୃଷକମାନେ ଶିଳ୍ପକୁ ଜଳଯୋଗାଣ ବନ୍ଦ କରିବା ପାଇଁ 'ଚାଷୀ ରେଖା' ଟାଣି କାନ୍ଥ ନିର୍ମାଣ କରିଛନ୍ତି । ଏ କୃଷକ ଆନ୍ଦୋଳନ ସାରା ଓଡ଼ିଶାରେ ଚହଳ ପକାଇଛି ଓ ସରକାରଙ୍କ ଶିଳ୍ପନୀତି କିପରି କୃଷି ବିରୋଧୀ ତାହା ପ୍ରମାଣିତ ହୋଇଛି । ହୀରାକୁଦ ପାଣିକୁ ନେଇ ରାଜନୈତିକ ଉଷ୍ମତା ବଢ଼ିଛି । ସରକାର ଖୁବ୍ ବିବ୍ରତ ହୋଇପଡିଛନ୍ତି । ବିରୋଧୀ ଦଳମାନେ ସରକାରଙ୍କ ନୀତିକୁ ଆକ୍ରମଣ କରିଛନ୍ତି । ନିର୍ବାଚନ ଯେତେବେଳେ ବେଶୀ ଦୂରରେ ନାହିଁ, ହୀରାକୁଦ ଜଳ ସମସ୍ୟା ଓଡ଼ିଶାର ରାଜନୈତିକ ପ୍ରକ୍ରିୟା ଓ ବିଚାର ଶକ୍ତିକୁ ଆଲୋଚନାର ପରିଧି ଭିତରକୁ ଟାଣି ଆଣିଛି । ରାଜନୀତି ଯାହା ହେଉନା କାହିଁକି, ଆଜି ପ୍ରତ୍ୟେକ ସଚେତନ ଓ ସ୍ୱାଭିମାନୀ ଓଡ଼ିଆ ଏ କୃଷକ ଆନ୍ଦୋଳନକୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରିବା ଜରୁରୀ ହୋଇଛି । ସାରା ପୃଥିବୀରେ ଯେତେବେଳେ କୃଷକମାନେ ଜଗତୀକରଣ ଓ ଉଦାରୀକରଣ ବିରୋଧରେ ସଂଗ୍ରାମ କରୁଛନ୍ତି, ଓଡ଼ିଶା କାହିଁକି ପଛରେ ରହିବ ?

ଏବେ ଜାତୀୟ ଜଳନୀତି ଓ ଓଡ଼ିଶାର ରାଜ୍ୟ ଜଳନୀତି ଉପରେ ସମ୍ୟକ ଦୃଷ୍ଟିପାତ କରିବା ଜରୁରୀ ହୋଇପଡିଛି । ଜାତୀୟ ଜଳନୀତି ପ୍ରଣୟନ ବେଳେ ଏକ ନାଗରିକ ସମାଜର ଅଙ୍ଗ ବିଶେଷ ହିସାବରେ ବିଭିନ୍ନ ଆଲୋଚନାରେ ମୁଁ ଅଂଶ ଗ୍ରହଣ କରିଥିଲି । ସେତେବେଳେ ଦୃଢ଼ ଭାବରେ ଜଣା ପଡୁଥିଲା ଯେ ଜାତୀୟ ଜଳନୀତି ୨୦୦୭ ଜନବିରୋଧୀ ନୀତି ରୂପେ ସରକାର ପ୍ରଣୟନ କରୁଛନ୍ତି । ସେତେବେଳେ ଜଳର ଘରୋଇକରଣ ଉପରେ ପ୍ରାଧାନ୍ୟ ଦେବାର ଆଶଙ୍କା ପ୍ରକାଶ ପାଇଥିଲା । ଶିଳ୍ପମାନେ ଆବଶ୍ୟକ ପରିମାଣରେ ଜଳ ଯେମିତି ପାଇବେ ସେଥିପ୍ରତି ଦୃଷ୍ଟି ଦିଆଯାଇ ଜଳର ବ୍ୟବସାୟୀକରଣ କଥା ମଧ୍ୟ କୁହାଯାଇଥିଲା । ଅବଶ୍ୟ ପାନୀୟ ଜଳ ଓ ଜଳସେଚନକୁ ପ୍ରାଥମିକତା ଦିଆଯାଇଛି ବୋଲି ସରକାରଙ୍କ

Digitized by srujanika@gmail.com

ତରଫରୁ ସଫେଇ ଦିଆଯାଇଥିଲା । ଓଡ଼ିଶା ସରକାର ମଧ୍ୟ ଜାତୀୟ ଜଳନୀତିକୁ ପୁଞ୍ଜିକରି ରାଜ୍ୟ ଜଳନୀତି ୨୦୦୭ ପ୍ରଣୟନ କରିଛନ୍ତି । ଏହା ମଧ୍ୟ ବିଭିନ୍ନ ସ୍ତରରେ ଅନୁମୋଦନ ଲାଭ କରି କାର୍ଯ୍ୟକାରୀ ହେବା ସ୍ତରରେ ପହଞ୍ଚିଛି । ଏ ଜଳନୀତିରେ ପାନୀୟ ଜଳ ଓ ଜଳସେଚନକୁ ମଧ୍ୟ ପ୍ରାଥମିକତା ଦିଆଯାଇଛି । କିନ୍ତୁ ବିଭିନ୍ନ ବାଟରେ ଶିଳ୍ପ ଏବଂ ଘରୋଇ ପ୍ରତିଷ୍ଠାନମାନଙ୍କୁ ଜଳଯୋଗାଣର ବାଟ ସଫା କରାଯାଇଛି । ହୀରାକୁଦ କ୍ଷେତ୍ରରେ ସରକାର ଓ ତାଙ୍କର ବିଶେଷଜ୍ଞମାନେ କହୁଛନ୍ତି ଯେ କୃଷି କ୍ଷେତ୍ରରେ ଯେତିକି ପାଣି ଆବଶ୍ୟକ, ତାହା ପୂରଣ ହେଲା ପରେ ଶିଳ୍ପାନୁଷ୍ଠାନମାନଙ୍କୁ ଜଳ ଯୋଗାଇବାରେ କୌଣସି ନୀତିର ବ୍ୟତିକ୍ରମ ହେବ ନାହିଁ । କହିବାର ଅର୍ଥ ହେଲା ଯେ ହୀରାକୁଦରେ ବଳକା ଜଳ ଅଛି ଯାହା ଶିଳ୍ପମାନଙ୍କୁ ଦିଆଯାଇପାରେ ଏବଂ ଏ ପ୍ରକ୍ରିୟାରେ କୃଷି କୌଣସି ବାଟରେ କ୍ଷତିଗ୍ରସ୍ତ ହେବନାହିଁ । ଏହାକୁ ଆଧାର କରି ସରକାର ବିଭିନ୍ନ ଶିଳ୍ପମାନଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଇବ୍ ଉପତ୍ୟକାରେ ପ୍ରଚୁର କୋଇଲା ଅଛି । ଏଥିପାଇଁ ଏ ଅଞ୍ଚଳରେ ତାପଜ ବିଦ୍ୟୁତ ଉତ୍ପାଦନ କରିବା ପାଇଁ ପ୍ରତ୍ୟେକ ଶିଳ୍ପପତି ଆଗ୍ରହୀ ଅଛନ୍ତି । ତାପଜ ବିଦ୍ୟୁତକୁ ଖୋଲା ବଜାରରେ ବିକ୍ରୀ କରାଯାଇପାରିବ । ଆଲୁମିନିୟମ୍ ଶିଳ୍ପ ବିଦ୍ୟୁତ ଶକ୍ତି ଦ୍ୱାରା ଗଢ଼ି ଉଠିବ । ସ୍ପଞ୍ଜ ଆଇରନ୍ ଶିଳ୍ପ ଓ ଲୌହ ଏବଂ ଇସ୍ପାତ କାରଖାନା ମୁଣ୍ଡ ଟେକିବ । ସରକାର ଓ ଲାଭଖୋର ଶିଳ୍ପପତିମାନଙ୍କର ନଜର ଏ ଅଞ୍ଚଳରେ ପଡିବା ସ୍ୱାଭାବିକ । ତାପଜ ବିଦ୍ୟୁତ ଉତ୍ପାଦନର ଅନ୍ୟ ଏକ ଉପାଦାନ ହେଲା ଜଳ, ଯାହା ହୀରାକୁଦ ଜଳ ଭଣ୍ଡାରରେ ରହିଅଛି । ଏଣୁ କଳେବଳେ କୌଶଳେ ଏ ଜଳଭଣ୍ଡାରରୁ ଜଳ ପାଇବା ପାଇଁ ଶିଳ୍ପପତି ଏବଂ କର୍ପୋରେଟ୍‌ମାନେ ସରକାରଙ୍କୁ ପ୍ରଭାବିତ କରିଛନ୍ତି । ସରକାର ମଧ୍ୟ ସହଜରେ ପ୍ରଭାବିତ ହୋଇଛନ୍ତି । ଏଠାରେ ତିନୋଟି ପ୍ରଶ୍ନ ଉଠୁଛି । ପ୍ରଥମଟି ହେଲା ଯେ ରାଜ୍ୟ ଜଳନୀତି ୨୦୦୭ରେ ସ୍ପଷ୍ଟ କୁହାଯାଇଛି ଯେ, ଶିଳ୍ପମାନଙ୍କୁ ରାଜ୍ୟ ଜଳ ଯୋଜନା ମୁତାବକ ଜଳ ଯୋଗାଣ କରାଯିବ । ଏହି ରାଜ୍ୟ ଜଳଯୋଜନା କ'ଣ ? ଏହାର ରୂପରେଖ କ'ଣ ? ସମ୍ଭବତଃ ଏଇ ଜଳ ଯୋଜନା ପ୍ରଣୟନ କରାଯାଇ ନାହିଁ । ଦ୍ୱିତୀୟ ପ୍ରଶ୍ନଟି ହେଲା ଯେ, ଅଗ୍ରାଧିକାର ଭିତ୍ତିରେ ପାନୀୟ ଜଳ ସମସ୍ତଙ୍କୁ ମିଳିବ କି ନାହିଁ ? ହୀରାକୁଦ ଜଳ ଭଣ୍ଡାର ଥାଇ ମଧ୍ୟ, ଏ ଅଞ୍ଚଳର ପାନୀୟ ଜଳ ସମସ୍ୟା ସମାଧାନ କରିବାରେ ସହାୟକ ହୋଇଛି କି ? ଖରାଦିନ ଆସିଗଲେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ସମସ୍ତ ଅଞ୍ଚଳରେ ଘୋର ଜଳ ସଙ୍କଟ ଦେଖାଦିଏ । ଲୋକମାନଙ୍କୁ ପାଣି ମାଠିଆ ହିସାବରେ କିଣିବାକୁ ପଡେ । ଏ ପାନୀୟ ଜଳ ହୀରାକୁଦ ଜଳଭଣ୍ଡାରରୁ ଓ କେନାଲମାନଙ୍କରୁ କାହିଁକି ପାଇପ୍ ଯୋଗେ ଯୋଗାଇ ଦିଆଯାଉ ନାହିଁ ? ତୃତୀୟ ପ୍ରଶ୍ନ ହେଲା ଯେ, ହୀରାକୁଦ ଥାଇ ମଧ୍ୟ କୃଷି ପାଇଁ ଏ ଅଞ୍ଚଳରେ ଯଥେଷ୍ଟ ଜଳ ମିଳୁଛି କି ? ରବି ଚାଷ ପାଇଁ ଯେତେବେଳେ ଚାଷୀ ପାଣି

Digitized by srujanika@gmail.com

ଲୋଡ଼ୁଛି, ସେ ଆବଶ୍ୟକ ପରିମାଣର ପାଣି ପାଇ ପାରୁଛି କି ? ଜଳ ବିଦ୍ୟୁତ ଉତ୍ପାଦନ ପାଇଁ ଜଳର ଆବଶ୍ୟକତା ଥିବାରୁ, ଜଳସେଚନ ପାଇଁ ପାଣି ଜଳଭଣ୍ଡାରରେ ମହଜୁଦ୍ ରହିପାରୁନାହିଁ ଓ ବହୁଜମି ପଡିଆ ପଡୁଛି । ପଶ୍ଚିମ ଓଡ଼ିଶାରେ ଅନେକ ଅଞ୍ଚଳ ଜଳସେଚିତ ନୁହେଁ ଓ ଖୁବ୍ ମରୁଡି ପ୍ରବଣ । ସେ ଅଞ୍ଚଳକୁ ହୀରାକୁଦ ଜଳଭଣ୍ଡାରରୁ ଉଠା ଜଳସେଚନ କରିଆରେ ପାଣି ପହଞ୍ଚାଇ ହେବ କି ନାହିଁ ବିଚାର କରାଯାଇଛି କି ? ଜଳ ଭଣ୍ଡାରର ଜଳ ଧାରଣ କ୍ଷମତା କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି ଓ ଯେତିକି ପରିମାଣରେ ଜଳ ରହୁଛି ତାହାର ସଠିକ୍ ଏବଂ ଉଚିତ ବ୍ୟବହାର କରାଯିବା ପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ଯୋଜନା କରାଯାଇଛି କି ?

ଜାତୀୟ ଜଳନୀତି ହେଉ ବା ରାଜ୍ୟ ଜଳନୀତି ହେଉ, ଏଥିରେ ସ୍ପଷ୍ଟ କୁହାଯାଇଛି ଯେ ମଣିଷର ଜୀବନଧାରଣ ପାଇଁ ଆବଶ୍ୟକ ହେଉଥିବା ଜଳ ଯୋଗାଣ ମଣିଷଙ୍କର ସର୍ବବିଧ କଲ୍ୟାଣ ଏବଂ ସନ୍ତୁଳିତ ବିକାଶ ଓ ଅଭିବୃଦ୍ଧି ପାଇଁ ଉଦ୍ଦିଷ୍ଟ । ଏଥିପାଇଁ ଜଳର ସମବଣ୍ଟନ ଓ ନ୍ୟାୟୋଚିତ ବ୍ୟବହାର ଅପରିହାର୍ଯ୍ୟ । ବର୍ତ୍ତମାନ କିନ୍ତୁ, ସରକାରଙ୍କ ଶିଳ୍ପ ପ୍ରତି ଅନୁଗ୍ରହ ଦେଖାଇ ଜଳଯୋଗାଣ କରିବାର ଯୋଜନା ଝିଙ୍କିକା ମାରି ବଣି ପୋଷିବା ତୁଲ୍ୟ ହେଉଛି । କୃଷକ ମରନ୍ତୁ ପଛକେ ଓଡ଼ିଶା ଶିଳ୍ପକ୍ଷେତ୍ରରେ ଅଗ୍ରଗତି କରୁ, ଏହା କେତେଦୂର ଯୁକ୍ତିଯୁକ୍ତ ? ମୁଁ ଯୁକ୍ତି ବାଢ଼ିବି ଯେ, ଶିଳ୍ପକୁ ହୀରାକୁଦ ବା ଅନ୍ୟ ଜଳ ଭଣ୍ଡାରରୁ ପାଣି ଦିଆଯିବ କି ନାହିଁ, ଗଣ ଭୋଟ କରାଯାଉ । ଜନମତ ଏଥିପ୍ରତି ଅଛି କି ନାହିଁ ସ୍ପଷ୍ଟ ହୋଇଯାଉ ।

ରାଜ୍ୟର ଜଳ ସମ୍ପଦ ଏକ ଇଶ୍ୱରଦତ୍ତ ସମ୍ପତ୍ତି । ଏହାର ଅଧିକାରୀ ହେଉଛନ୍ତି ଓଡ଼ିଶାର ଜନ ସାଧାରଣ, ଯାହାଙ୍କ ଭିତରେ ଅଛନ୍ତି ଗରିବ ଓ ଧନୀ, ଚାଷୀ ଓ ମୂଲିଆ, ଆଦିବାସୀ ଓ ଦଳିତ । ଓଡ଼ିଶାର ଜନସାଧାରଣଙ୍କ ମୁଖ୍ୟ ଜୀବିକା ହେଉଛି କୃଷି । କୃଷି ଜଳ ଉପରେ ଆଧାରିତ । ଏଣୁ ଓଡ଼ିଶାର ବହୁଭାଗ ଲୋକଙ୍କର ଜୀବନ ଜୀବିକା ଜଳ ସମ୍ପଦ ସହ ସଂଶ୍ଳିଷ୍ଟ । ଆମେ କେବେହେଲେ ଭାବିବା ନାହିଁ ଯେ, ଶିଳ୍ପ ବିକାଶ ଦ୍ୱାରା ଏ ରାଜ୍ୟର ଅଗଣିତ ଗରିବ ଓ ଅସହାୟ ପରିବାର ନିଜର ଜୀବିକା ସୁରକ୍ଷିତ ରଖି ପାରିବେ ବା ପେଟପୂରା ଖାଇବାକୁ ପାଇବେ । ଆମେ କେବେହେଲେ ବିଶ୍ୱାସ କରିବା ନାହିଁ ଯେ ଶିଳ୍ପ ପ୍ରତିଷ୍ଠା ଉପରେ ଅଧିକ ଗୁରୁତ୍ୱ ଦେବା ଦ୍ୱାରା ହିଁ ଦାରିଦ୍ର୍ୟ ଦୂରୀକରଣ ସମ୍ଭବ । କିନ୍ତୁ ଆମେ ବିଶ୍ୱାସ କରିବା ଯେ ସାଧାରଣ ଲୋକଙ୍କର ଜଳ ସମ୍ପଦ ଉପରେ ସମ୍ପୂର୍ଣ୍ଣ ଅଧିକାର ଅଛି ଏବଂ କୌଣସି ବାଟରେ ଏ ଅଧିକାର ଉଲଂଘନ ହୋଇପାରିବ ନାହିଁ । ସରକାର ଯଦି ଚେଷ୍ଟା କରିବେ, ତେବେ ସାଧାରଣ ମଣିଷ ରାଜ ରାସ୍ତାକୁ ଓହ୍ଲାଇ ଆସିବ ଏବଂ ହୀରାକୁଦରେ କୃଷକ ଆନ୍ଦୋଳନ ମୁଣ୍ଡଟେକିବା ଭଳି ସବୁଆଡେ ଜନଆନ୍ଦୋଳନ ବ୍ୟାପିଯିବ ।

Digitized by srujanika@gmail.com

ଏ ଦେଶରେ ତଥା ଏ ରାଜ୍ୟରେ କୃଷକଙ୍କୁ ଅନେକ ବାଟରେ ଅବହେଳା କରାଯାଉଛି । କୃଷିଜାତ ପଦାର୍ଥର ବିକାକିଣାରେ ଶୋଷଣ ଚାଲିଛି । କୃଷି ପାଇଁ ଉଦ୍ଦିଷ୍ଟ ଉର୍ବର ଜମି ଶିଳ୍ପ ଏବଂ ଅଣକୃଷି ପାଇଁ ଅଧିଗ୍ରହଣ କରାଯାଉଛି । କୃଷିର ବ୍ୟବସାୟୀକରଣ ଦ୍ରୁତଗତିରେ ଆଗେଇ ଚାଲିଛି ଓ ଅନେକ ଛୋଟ ଚାଷୀ ସେମାନଙ୍କ ଜମି ହରାଇ ବସୁଛନ୍ତି । ଜି.ଏମ୍. ବିହନ ଓ ଅନ୍ୟାନ୍ୟ ଉପାଦାନ ବିଶ୍ୱ ପୁଞ୍ଜି ଦ୍ୱାରା ନିୟନ୍ତ୍ରଣ ହେଉଛି । ଏବେ ଜଳ ଉପରେ ଯଦି କୃଷକର ଅଧିକାର ନରହିବ, ତେବେ ସେ ଯିବ କୁଆଡେ ? ଏଇଥିପାଇଁ ପୃଥିବୀସାରା କୃଷକ ଆନ୍ଦୋଳନ ତେଜୁଛି । ହୀରାକୁଦର ଜନଆନ୍ଦୋଳନ କିଛି ନୂଆ କଥା ନୁହେଁ । ଯେତେବେଳେ 'ଜଳପାଇଁ ଯୁଦ୍ଧ' ହେବ ବୋଲି ଭବିଷ୍ୟତ ବାଣୀ ଦିଆଯାଇଛି, ତେବେ ହୀରାକୁଦ ଆନ୍ଦୋଳନରେ କିଏ ଆଶ୍ଚର୍ଯ୍ୟ ହେଉଛି କି ?

□□□

Digitized by srujanika@gmail.com

ଜଳସମ୍ପଦ ଓ କୃଷକଙ୍କ ଦାୟିତ୍ୱ

ହୀରାକୁଦ ଜଳଭଣ୍ଡାରରୁ ଶିଳ୍ପମାନଙ୍କୁ ଜଳ ଦେବାକୁ କୃଷକମାନେ ଆନ୍ଦୋଳନ ଜରିଆରେ ଦୃଢ଼ ବିରୋଧାଭାସ ପ୍ରକାଶ କରିଛନ୍ତି । ଏହାପ୍ରତି ରାଜ୍ୟସାରା ସବୁବର୍ଗର ଜନସାଧାରଣଙ୍କ ବଳିଷ୍ଠ ସମର୍ଥନ ପ୍ରକାଶ ପାଇବାରେ ଲାଗିଛି । ଓଡ଼ିଶାରେ ଦ୍ରୁତ ଶିଳ୍ପ ବିକାଶ ସପକ୍ଷରେ ଯୁକ୍ତି କରୁଥିବା କତିପୟ ବ୍ୟକ୍ତି ଓ ଅନୁଷ୍ଠାନ ଏବେ ଚିନ୍ତାରେ ପଡିଯାଇଛନ୍ତି । ଓଡ଼ିଶାର ଶାସକ ଦଳ ଭିତରେ ମଧ୍ୟ ଶିଳ୍ପମାନଙ୍କୁ ଜଳଯୋଗାଣ କରିବାକୁ ଯେଉଁ ନିଷ୍ପତ୍ତି ନିଆଯାଇଛି ତାହାପ୍ରତି ଅନେକ ପ୍ରଶ୍ନ କରାଯାଇଛି । ଆଗକୁ ନିର୍ବାଚନ, ପଶ୍ଚିମ ଓଡ଼ିଶାରେ ଏକ ରାଜନୈତିକ ବିପର୍ଯ୍ୟୟ ହେବ ବୋଲି ରାଜନୈତିକ ଦଳ ଭିତରେ ଆତଙ୍କ ଖେଳିଯାଇଛି । ଓଡ଼ିଶାର ରାଜନୈତିକ ଦିଗ୍‌ବଳୟରେ ନୂତନ ତାରକାମାନେ ଉଦୟ ହେବାର ସଙ୍କେତ ଦେଖାଦେଇଛି । କିନ୍ତୁ ଏହି କୃଷକ ଆନ୍ଦୋଳନ ଦୀର୍ଘସ୍ଥାୟୀ ହେବା ସମ୍ଭବ କି ? ଏହି ଆନ୍ଦୋଳନ ସହ ସମ୍ପୃକ୍ତ ନେତୃବର୍ଗ ସତରେ ସଂକୀର୍ଣ୍ଣ ରାଜନୈତିକ ଅଭିଳାଷ ଓ ସ୍ୱାର୍ଥର ଉପରକୁ ଉଠି ପାରିବେ କି ?

କିନ୍ତୁ ଜଳସେଚନରୁ ଲାଭାନ୍ୱିତ କୃଷକ ସମାଜ ଓ ସେମାନଙ୍କର ବିକାଶ ତଥା ଆର୍ଥିକ ଅଭିବୃଦ୍ଧି ଏବେ ଅନେକ ପ୍ରଶ୍ନ ଉଠାଇଛି । ଗତ ଷାଠିଏ ବର୍ଷ ଧରି ଜଳସେଚନ ପାଇଁ ହଜାର ହଜାର କୋଟି ଖର୍ଚ୍ଚ ହୋଇଛି । ଏଥିପାଇଁ ଏକ ଅନ୍ଧନୀତି ଏବଂ ରାଜନୈତିକ ଚାପ ଏକାନ୍ତ ଦାୟୀ । ବୃଷ୍ଟିପୁଷ୍ଟ ଅଞ୍ଚଳ ଏଦେଶରେ ଜଳସେଚିତ ଅଞ୍ଚଳରୁ ଅନେକ ଗୁଣରେ ବେଶୀ । ଅଥଚ ସେ ଅଞ୍ଚଳରେ ଯେଉଁ ପୁଞ୍ଜିନିବେଶ କରାଯାଇଛି, ତାହା ବେଶ୍ ନଗଣ୍ୟ । ଜଳସେଚନରେ ଯେଉଁ ରିହାତି ଦିଆଯାଇଛି ତାହା ମଧ୍ୟ ଅନେକ ପ୍ରକାରର । ସାର, ବଜାର ଭିତ୍ତିଭୂମି, ପ୍ରଶିକ୍ଷଣ, କୃଷି ଭିତ୍ତିକ ଶିଳ୍ପ, ବିଦ୍ୟୁତ ଶକ୍ତି ଏସବୁର ଅନ୍ତର୍ଗତ । ଏ ରିହାତି ପରିମାଣ ମଧ୍ୟ ହଜାର ହଜାର କୋଟି ଟଙ୍କା । 'ସବୁଜ ବିପ୍ଳବ' ନାଁରେ ଏକ ଅସମାନ ଓ ଅଯୌକ୍ତିକ କୃଷି ବିକାଶ ପ୍ରକ୍ରିୟା ଏଦେଶରେ ଆରମ୍ଭ ହୋଇଛି । 'ସବୁଜ ବିପ୍ଳବ'ର ଭୟାଭୟ ପରିଣାମ ଏ ଦେଶକୁ ନିଶ୍ଚିତ ଭୋଗିବାକୁ ହେବ ବୋଲି ଭବିଷ୍ୟତ ବାଣୀ ଶୁଣାଯାଇଛି । ଖାଦ୍ୟଶସ୍ୟ ଉତ୍ପାଦନ ବଢ଼ିଛି ସତ, ଏ ଦେଶରୁ ବା ଏ ରାଜ୍ୟରୁ କ୍ଷୁଧାର୍ତ୍ତ ଓ ଅନାହାର

Digitized by srujanika@gmail.com

ପୀଡ଼ିତଙ୍କ ସଂଖ୍ୟା କମିନାହିଁ । ଏଇ ପରିପ୍ରେକ୍ଷୀରେ ହୀରାକୁଦର ଜଳସେଚିତ ଅଞ୍ଚଳରେ ପ୍ରକୃତରେ କେଉଁଭଳି ବିକାଶ ହୋଇଛି, ସାମାଜିକ ଏବଂ ଆର୍ଥିକ ଅଭିବୃଦ୍ଧି କେତେଦୂର ସୁଦୂରପ୍ରସାରୀ ହୋଇପାରିଛି, ତାହା ମଧ୍ୟ ସମୀକ୍ଷା କରିବାର ବେଳ ଆସିଛି । ହୀରାକୁଦର ଜଳସେଚନ ଓ କୃଷିବିକାଶ ଆଖପାଖ ଅଞ୍ଚଳରେ ଦାରିଦ୍ର୍ୟ ସୃଷ୍ଟି କରି ନାହିଁ କି ? ହଜାର ହଜାର କୃଷି ଶ୍ରମିକ ଅଣ ଜଳସେଚିତ ଅଞ୍ଚଳରୁ ଆସି ଏ ଅଞ୍ଚଳରେ ଶୋଷିତ ହେଉନାହାଁନ୍ତି କି ? ଧାନକଳ ମାଲିକମାନେ ନିଜର ଆସ୍ଥାନ ସୁଦୃଢ଼ କରି ନାହାନ୍ତି କି ? ଜମିମାଲିକମାନେ ବେଶି ଲାଭବାନ ହୋଇନାହାନ୍ତି କି ? ଏହାର ଗଭୀର ସମୀକ୍ଷା ଏଯାବତ୍ ହୋଇନାହିଁ ।

ହୀରାକୁଦ ଜଳଭଣ୍ଡାରକୁ ନେଇ ସରକାର ଓ ଶିଳ୍ପମାନଙ୍କର ଯେଉଁ ଶିଳ୍ପାୟନର ନକ୍ସା ରହିଛି, ତାହା ବୁଝିବାକୁ ଆମେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ । ବିଶ୍ୱ ବ୍ୟାଙ୍କ, ଡି.ଏଫ.ଆଇ.ଡି, ଏ.ଡି.ବି., ୟୁ.ଏନ୍.ଡି.ପି, ୟୁନିଡ଼ୋ(UNIDO) ଆଦି ସଂସ୍ଥାମାନେ ଏ ନକ୍ସା ଶିଳ୍ପପତି ଓ କର୍ପୋରେଟ୍‌ମାନଙ୍କ ସହ ମିଶି ଆଙ୍କିଛନ୍ତି । କୋଇଲାଖଣି, ତାପଜ ବିଦ୍ୟୁତ କେନ୍ଦ୍ର, ସ୍ପଞ୍ଜ ଆଇରନ୍, ଇସ୍ପାତ ଶିଳ୍ପ, ଆଲୁମିନିୟମ ଶିଳ୍ପ ଓ ଆହୁରି ଅନେକ ପ୍ରକାରର ଶିଳ୍ପ କାରଖାନା ଆଉ କେତେବର୍ଷ ମଧ୍ୟରେ ଏ ଅଞ୍ଚଳରେ ପ୍ରତିଷ୍ଠା ହେବ । ଏଥିପାଇଁ କେତେ ଲକ୍ଷ କୋଟିର ପୁଞ୍ଜିନିବେଶ କରାଯିବ । ଏସବୁଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ କୋଇଲା, ବିଦ୍ୟୁତଶକ୍ତି ଓ ଜଳ ଆଦି ଉପାଦାନ ସହଜରେ ଓ ସୁଲଭରେ ମିଳିଯିବ । ପରିବେଶ ଓ ଜଳ, ଜମି, ଜଙ୍ଗଲ ସହ ସଂଶ୍ଳିଷ୍ଟ ନୀତି ସବୁ ବଦଳିଯିବ । ଏଣୁ ଏବେ କୃଷକ ଏବଂ ସାଧାରଣ ଜନତାଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି ଯେ ସେମାନଙ୍କୁ ବାସଚ୍ୟୁତ, ବିସ୍ଥାପିତ ଓ ନିଃସ୍ୱ କରିବାକୁ ଏକ 'ମାଷ୍ଟରପ୍ଲାନ୍' ଯେମିତି ତିଆରି ହୋଇଛି । ଏ ଦିଗରେ ଶିଳ୍ପମାନଙ୍କୁ ଜଳ ଯୋଗାଣ ଏହାର ଆରମ୍ଭ ଅୟଂମାରମ୍ଭ । ଅନେକ କିଛି ଆଗରେ ଘଟିବାକୁ ଯାଉଛି ।

ଜଳସମ୍ପଦକୁ ମୂଳକରି ଏବେ କୃଷକମାନେ ଏକ ନୂତନ କର୍ମଚିନ୍ତନ ଯଦି ଆରମ୍ଭ ନକରିବେ, ତେବେ ସେମାନଙ୍କର ଏ ଆନ୍ଦୋଳନ ବେଶୀଦୂର ଆଗେଇ ପାରିବ ନାହିଁ । ପ୍ରଥମେ କୃଷକମାନେ ପଚାରିବା କଥା ଯେ ସେମାନେ ଜଳ ସଂରକ୍ଷଣକୁ ମାନ୍ୟତା ଦେଉଛନ୍ତି କି ? ଜଳକୁ ଠିକ୍ ବ୍ୟବହାର କରିବାକୁ ଗଲାବେଳେ, ଜଳସମ୍ପଦର ଅସଲ ମୂଲ୍ୟ ବୁଝିଛନ୍ତି କି ? ମୁଁ ନବେ ଦଶକରେ ଯୋଜନା ବୋର୍ଡର ସଦସ୍ୟ ଥିଲାବେଳେ ଡେପୁଟି ଚେୟାରମ୍ୟାନ୍ ସ୍ୱର୍ଗତ ଶିବରମଣଙ୍କ ସହ ବିଚାର ବିମର୍ଷ କରିଥିଲି । ସେ ଅତି ଦୁଃଖର ସହ କହୁଥିଲେ ଯେ ହୀରାକୁଦ 'କମାଣ୍ଡ ଏରିଆ'କୁ ଜାଣିଶୁଣି ଧ୍ୱଂସ କରି ଦିଆଯାଇଛି । ଏଥିପାଇଁ କେନାଲର ଶେଷ ଭାଗରେ ବା 'ଟେଲଏଣ୍ଡ'ରେ ଥିବା କୃଷକମାନଙ୍କ ପାଖକୁ ପାଣି ପହଞ୍ଚି ପାରୁନାହିଁ । ବିଦ୍ୟୁତ ଶକ୍ତି ଉତ୍ପାଦନ ଓ କୃଷି ଉତ୍ପାଦନ ଭିତରେ କିପରି ସମନ୍ୱୟ ରହିବ ସେଇଥିପାଇଁ କାହାର ଦୃଷ୍ଟି ନାହିଁ । ଜଳ ବଣ୍ଟନ ବ୍ୟବସ୍ଥା ଭୁଷୁଡ଼ି ପଡିଛି । ସର୍ବଶେଷରେ କୃଷି ଉତ୍ପାଦନ

Digitized by srujanika@gmail.com

ଢ଼ାଞ୍ଚା ବଦଳି ନାହିଁ । 'କମାଣ୍ଡ ଏରିଆ'ରେ କେବଳ ଧାନ ଚାଷ ହିଁ ହେଉଛି । ନୂତନ କୃଷି ଓ ବୈଷୟିକ ଜ୍ଞାନ କୌଶଳ, ଏ ଅଞ୍ଚଳକୁ ପ୍ରବେଶ କରୁନାହିଁ । ଧାନ ଚାଷ ଯେତିକି ଜଳ ଦରକାର କରେ, ଅନ୍ୟ ଚାଷ ତା'ଠାରୁ ଅନେକ କମ୍ ଜଳ ମାଗିଥାଏ । ଏଣୁ କୃଷି ଉତ୍ପାଦନରେ ବାସ୍ତବବାଦୀ ପରିବର୍ତ୍ତନ ଅଣାଗଲେ ଜଳ ସଂରକ୍ଷଣ ହୋଇପାରିବ ଓ ଜଳର ସର୍ବୋତ୍ତମ ବିନିଯୋଗ କରାଯାଇ ପାରିବ । କିନ୍ତୁ କୃଷକମାନେ ଧାନ ଉତ୍ପାଦନ କରି କ୍ଷତିଗ୍ରସ୍ତ ହେଉଛନ୍ତି ବର୍ଷ ବର୍ଷ ଧରି, ଏଣେ ଚାଉଳ କଳମାନେ ବ୍ୟାଙ୍କ ବାଲାନ୍ସ ବଢ଼ାଇବାରେ ଲାଗିଛନ୍ତି । ବ୍ୟବସାୟିକ ଦୃଷ୍ଟିକୋଣରୁ ଧାନ ଚାଷ କରିଲେ ଯେଉଁ ପ୍ରକାର ବିହନ, ସାର, କୀଟନାଶକ ଔଷଧ ଓ ଶ୍ରମର ଆବଶ୍ୟକତା ରହିଛି ଓ ଏହାର ଯେଉଁ ପ୍ରତିକୂଳ ପ୍ରଭାବ ପରିବେଶ ଉପରେ ପଡିଛି ତାହା ଆଜି କୃଷକକୁ ଅଛପା ନାହିଁ । ତଥାପି ସେ ପାରମ୍ପରିକ ଧାନ ଚାଷର ପରିବର୍ତ୍ତନ କରୁନାହିଁ । ଓଡ଼ିଶାର ବିଶିଷ୍ଟ ଅର୍ଥନୈତିଜ୍ଞ ପ୍ରଫେସର ନୀଳକଣ୍ଠ ରଥ ଧାନ ଚାଷ ପରିବର୍ତ୍ତେ ଅନ୍ୟ ଅର୍ଥକାରୀ ଫସଲ କରି କିପରି ସଫଳ ଉଦାହରଣ ସୃଷ୍ଟି କରାଯାଇଛି, ତାହା ମୋତେ କେତେଥର କହିଛନ୍ତି । ଆନ୍ଧ୍ରର ଡେଲଟା ଏରିଆରେ ଚାଷୀମାନେ ଧାନ ଚାଷ ପରିବର୍ତ୍ତେ ଅନ୍ୟଚାଷ କରି ଏକର ପିଛା ଲକ୍ଷେରୁ ବେଶି ଆୟ କରିବାର ସଫଳ ଉଦାହରଣ ଦେଖାଇ ସାରିଛନ୍ତି । ହୀରାକୁଦର କମାଣ୍ଡ ଏରିଆରେ ଏଇଭଳି ପରୀକ୍ଷା ନିରୀକ୍ଷା ସମ୍ଭବତଃ ଯଥେଷ୍ଟ କରାଯାଇନାହିଁ । ଏଇ ପରିପ୍ରେକ୍ଷୀରେ ଜଳର ସଠିକ ବିନିଯୋଗ ପାଇଁ ଦାବି କରୁଥିବା କୃଷକମାନଙ୍କୁ ଜଳ ସଂରକ୍ଷଣ ଶିଖିବାକୁ ପଡିବ । ଏହା ନକରିଲେ ଜଳ ଅଧିକାର ପାଇଁ ତାଙ୍କର ଦାବିର କୌଣସି ମାନ୍ୟତା ରହିବ ନାହିଁ ।

ସାରାପୃଥିବୀରେ ଏବେ ଅଧ୍ୟୟନ ଚାଲିଛି ଜଳ ସଂରକ୍ଷଣ ଏବଂ ଏହାର ଉଚିତ୍ ବ୍ୟବହାର ଉପରେ । ଜୈବିକ ଚାଷ କରିଲେ ଜଳର ଆବଶ୍ୟକତା କମିଯାଏ ବୋଲି ଗବେଷଣାରୁ ଜଣା ପଡିଛି । ମାଡାଗାସ୍କର ଦ୍ୱୀପରେ ପରୀକ୍ଷିତ ହୋଇଥିବା ଏସ.ଆର.ଆଇ (SRI) ବା ସିଷ୍ଟମ୍ ଅଫ ରାଇସ୍ ଇଣ୍ଟେନ୍‌ସିଫିକେଶନ୍ (System of Rice Intensification) ଜଳ ଓ ବିହନର ଆବଶ୍ୟକତା କମାଇ ଦିଏ ଓ ଶସ୍ୟଉତ୍ପାଦନ ବଢ଼ାଇ ଦିଏ ବୋଲି ପ୍ରମାଣିତ ହୋଇସାରିଛି ।

ଜଳର ରାଜନୀତି ସଂଶ୍ଳିଷ୍ଟ ଅର୍ଥନୀତି ସର୍ବବ୍ୟାପୀ । ହୀରାକୁଦ ଜଳଭଣ୍ଡାରର ସକ୍ଷମତା ଅନେକ କାରଣ ଉପରେ ନିର୍ଭର କରେ । ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ରେ ଜଳକୁ ଅଟକାଇବାର ଅନେକ ପ୍ରୟାସ ଜାରି ରହିଛି । ମହାନଦୀର ଶାଖା ପ୍ରଶାଖାମାନଙ୍କରେ ଛୋଟ ଛୋଟ ପ୍ରକଳ୍ପ ଜରିଆରେ ଜଳ ଅମଳ କରିବାର ଯୋଜନା ସବୁବେଳେ ରହିଆସିଛି । ଏବେ ଇବ୍‌ନଦୀରେ ଏକ ଜଳଭଣ୍ଡାର କରିବାର ଯୋଜନା ରହିଛି । ହୀରାକୁଦ ଜଳଭଣ୍ଡାରରୁ ଚାପ କମେଇବା ପାଇଁ ଇବ୍ ନଦୀ ପ୍ରକଳ୍ପ ସମ୍ଭବତଃ ତ୍ୱରାନ୍ୱିତ କରାଯିବ । ଏଠାରେ

Digitized by srujanika@gmail.com

ଆଦିବାସୀମାନେ ବାସଚ୍ୟୁତ ହେବେ ଏବଂ ଘଞ୍ଚ ଜଙ୍ଗଲ ନଷ୍ଟ ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି । ହୀରାକୁଦ ଆନ୍ଦୋଳନକାରୀ କୃଷକମାନେ ଏ ପ୍ରକଳ୍ପକୁ ସ୍ୱାଗତ କରିବେ କି ବିରୋଧକରିବେ, ତାହା ସମୟ କହିବ ।

ଜଳସେଚିତ ଅଞ୍ଚଳର କୃଷକ ସହ ଅଣଜଳସେଚିତ ଓ ବୃଷ୍ଟିପୁଷ୍ଟ ଅଞ୍ଚଳର କୃଷକମାନଙ୍କର ସମ୍ପର୍କ ପ୍ରତିଷ୍ଠା କୃଷକ ଆନ୍ଦୋଳନର ଭବିଷ୍ୟତ ନିର୍ଦ୍ଧାରଣ କରିବ । ଏହା ଏକ ରଣନୀତିର ପ୍ରଶ୍ନ । ଏହା ମଧ୍ୟ ସାମାଜିକ ଓ ଅର୍ଥନୈତିକ ପ୍ରଶ୍ନ । ଏଣୁ ଆନ୍ଦୋଳନରତ କୃଷକମାନେ କେବଳ ହୀରାକୁଦ ପାଣି ପାଇଁ ନୁହେଁ, ସାରା ଓଡ଼ିଶାର କୃଷକମାନଙ୍କର ସମସ୍ୟା ପ୍ରତି ସମ୍ବେଦନଶୀଳ ହେବାର ଆବଶ୍ୟକତା ରହିଛି । ହୀରାକୁଦ ଜଳଭଣ୍ଡାର ସହ ମହାନଦୀ ଡେଲ୍‌ଟାର ସମ୍ପର୍କ ଅଛି । ପଶ୍ଚିମ ଓଡ଼ିଶା ସହ ଉପକୂଳ ଓଡ଼ିଶାର ସମ୍ବନ୍ଧ ଓ ସଂଘର୍ଷର ଇତିହାସ ଅଛି । ଓଡ଼ିଶାର ସମୃଦ୍ଧି ଓ କଲ୍ୟାଣ ବିଶେଷ ଭାବେ ମହାନଦୀ ସହ ସଂଶ୍ଳିଷ୍ଟ । ଗୋଟିଏ ଅଞ୍ଚଳରେ ବୈଷମ୍ୟ ଓ ବିଶୃଙ୍ଖଳା ଦେଖାଦେଲେ, ଅନ୍ୟ ଅଞ୍ଚଳ ପ୍ରଭାବିତ ହେବା ସ୍ୱାଭାବିକ । କାରଣ ମରୁଡି ଓ ବନ୍ୟା ମୁଦ୍ରାର ଉଭୟପାର୍ଶ୍ୱ । ପଶ୍ଚିମ ଓଡ଼ିଶାରେ ମରୁଡି ଓ ଉପକୂଳରେ ବନ୍ୟା, ପଶ୍ଚିମ ଓଡ଼ିଶାରେ ଶିଳ୍ପଜନିତ ପ୍ରଦୂଷଣ ଓ ଉପକୂଳ ଅଞ୍ଚଳର ରୋଗ ବଇରାଗ ଓତଃପ୍ରୋତ ଭାବେ ଜଡିତ । ମହାନଦୀ ଏବେ ପ୍ରଦୂଷିତ ବୋଲି ରାଜ୍ୟ ପ୍ରଦୂଷଣ ବୋର୍ଡ଼ ଘୋଷଣା କରିଛି । ଏଣୁ ମହାନଦୀକୁ ବଞ୍ଚାଇବା ଜରୁରୀ ହୋଇ ପଡିଛି । କୃଷକମାନେ କେବଳ ଜଳ ପାଇଁ ଦାବି କରିବା ଯଥେଷ୍ଟ ନୁହେଁ । ଏହା ପ୍ରଦୂଷଣ ମୁକ୍ତ ଜଳ ହେବା ଉଚିତ୍ । ଆନ୍ଦୋଳନରତ କୃଷକମାନଙ୍କର ଦାବି ତାଲିକାରେ ଏହା ଅନ୍ତର୍ଭୁକ୍ତ ହେବାର ଗୁରୁତ୍ୱ ମୁଁ ଅନୁଭବ କରୁଛି । ପଶ୍ଚିମ ଓଡ଼ିଶାର କୃଷକ ସଂଗଠନ ମହାନଦୀ ବଞ୍ଚାଓ ଆନ୍ଦୋଳନ ଭଳି ଏକ ବୃହତ୍ତର ଓ ସମ୍ଭାବ୍ୟ ଆନ୍ଦୋଳନର କର୍ଣ୍ଣଧାର ହେବା, ଅନ୍ୟ ଏକ ସମ୍ଭାବ୍ୟ ଦାୟିତ୍ୱ ବୋଲି ମୁଁ ଆଶା ରଖିଛି । ଜଗତୀକରଣ ବିରୋଧରେ ସାରା ପୃଥିବୀରେ କୃଷକମାନଙ୍କର ମହାମେଣ୍ଟ ସୃଷ୍ଟି ହୋଇସାରିଛି । ଏହାକୁ 'ଲା କାମ୍ପେସିନା' ନାମରେ ଅଭିହିତ କରାଯାଇଛି । ଦକ୍ଷିଣ ଆମେରିକାରେ ଏହା ଆରମ୍ଭ ହୋଇଛି ସତ, କିନ୍ତୁ ଇୟୁରୋପ, ଆଫ୍ରିକା ଓ ଏସିଆକୁ ଏ ଆନ୍ଦୋଳନ ସମ୍ପ୍ରସାରିତ ହୋଇସାରିଛି । ଏଣୁ ହୀରାକୁଦ କୃଷକ ଆନ୍ଦୋଳନ କେବଳ ହୀରାକୁଦର ଆଞ୍ଚଳିକ ଶକ୍ତି ରୂପେ ସୀମିତ ନରହି, ଏହା ଜଗତୀକରଣ ବିରୋଧରେ ମୁଣ୍ଡ ଟେକିଥିବା ଏକ ବିଶାଳ ଶକ୍ତିରେ ସାମିଲ ହେବ ବୋଲି ଯୋଜନା କରିବା ଯୁକ୍ତିଯୁକ୍ତ ।

ସାରା ଓଡ଼ିଶାରେ କୃଷିପ୍ରତି ଯେଉଁ ଉଦାସୀନ ଭାବ ଦେଖାଦେଇଛି ତାହା ପ୍ରତ୍ୟେକ କ୍ଷେତ୍ରରେ ଅନୁଭବ କରିହେଉଛି । ଗାଁର ଯୁବକମାନେ ସାମାନ୍ୟ ଶିକ୍ଷିତ ହେଲେ କୃଷିକୁ ଜୀବିକାରୂପେ ଅବଲମ୍ବନ କରିବାକୁ କୁଣ୍ଠା ପ୍ରକାଶ କରୁଛନ୍ତି । ସମସ୍ତେ କାମଧନ୍ଦା ଅନ୍ୱେଷଣରେ ସହରାଭିମୁଖୀ ହେଉଛନ୍ତି ଅଥବା ଦେଶାନ୍ତରୀ ହେଉଛନ୍ତି । ବଡ଼ ବଡ଼ କୃଷକ ଓ ଜମି

Digitized by srujanika@gmail.com

ମାଲିକମାନଙ୍କ ବଶଂଜମାନେ ଏବେ ଘକିରିଆ ହୋଇ ସାରିଲେଣି । ଜଳସେଚିତ ଅଞ୍ଚଳରେ ଏବେ ମଧ୍ୟ ଚାଷ ଜମି ପଡିଆ ରହୁଥିବା ଚିନ୍ତାର ବିଷୟ ହୋଇଛି । କୃଷକରୁ ଅଣକୃଷକ ହେବା ସହଜ, କିନ୍ତୁ ଥରେ ଜଣେ ଅଣକୃଷକ ହେଲେ ପୁନର୍ବାର କୃଷଜୀବୀ ହେବା ସମ୍ଭବ ନୁହେଁ । ଏଣୁ କୃଷକ ସ୍ୱାଭିମାନର ସହ ନିଜର ଜୀବନ ଓ ଜୀବିକା, ବିକାଶ ଓ ଅଭିବୃଦ୍ଧିର ପଥ ନିର୍ଣ୍ଣୟ କରିବା ଏକ ଦାୟିତ୍ୱବୋଧ ବୋଲି କୁହାଯାଉଛି ।

ଆଜିର ସମୟ ଓ ସମସ୍ୟାର ଆବର୍ତ୍ତ ଭିତରେ ପଡିଯାଇଥିବା କୃଷକ ସମାଜର ଦାୟିତ୍ୱ କ'ଣ ? ଆନ୍ଦୋଳନ ସହ ସମତାଳ ରଖି ଜଳ, ଜମି ଓ ମାନବସମ୍ବଳର ବିକାଶ କିପରି ନିରନ୍ତର ଧର୍ମୀ ହୋଇପାରିବ, ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେବାର ଅଛି । ହୀରାକୁଦର କୃଷକ ଯଦି ୨୫କି.ମି. ଦୀର୍ଘ ମାନବ-ଶୃଙ୍ଖଳ ସୃଷ୍ଟି କରିପାରୁଛି, ହଜାର ହଜାର ସଂଖ୍ୟାରେ ଏକାଠି ହୋଇପାରିଛି ଏବଂ ପୋଲିସ୍‌ର ଲାଠିମାଡ଼ ଖାଇପାରୁଛି, ଏହି ଅସାଧାରଣ ସାହସ ସର୍ବଦିଗବ୍ୟାପୀ ହେବାର ଆବଶ୍ୟକତା ରହିଛି । ପଶ୍ଚିମ ଓଡ଼ିଶା ଓ ଉପକୂଳ ଓଡ଼ିଶା ଭିତରେ ମାନବ ବିକାଶ ସୂଚକାଙ୍କ ତୁଳନା ଯୋଗ୍ୟ । ଆଞ୍ଚଳିକ ବୈଷମ୍ୟ ଏହା ନଗ୍ନ ଉଦାହରଣ । ଦକ୍ଷିଣ ଓଡ଼ିଶାରୁ ଲୁଣ୍ଠନ କରିବାପରେ ପଶ୍ଚିମ ଓଡ଼ିଶାରେ ଲୁଣ୍ଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାର ଷଡ଼ଯନ୍ତ୍ର ଚାଲିଛି । ହୀରାକୁଦର କୃଷକ ଆନ୍ଦୋଳନ ସମସ୍ତ ସଂକୀର୍ଣ୍ଣ ଭାବନାରୁ ଊର୍ଦ୍ଧ୍ୱରେ ରହି, ଆଞ୍ଚଳିକ ସ୍ତରରେ, ରାଜ୍ୟ ସ୍ତରରେ ତଥା ଜାତୀୟ ସ୍ତରରେ ଯେଉଁ ଗରିବମାରଣ ନୀତି ପ୍ରଣୟନ କରାଯାଉଛି ତାହାର ବିରୋଧ କରିବାକୁ ପଦକ୍ଷେପ ନେବ କି ?

□□□

Digitized by srujanika@gmail.com

ଆଦିବାସୀଙ୍କ ଅଧିକାର ଓ ଜାତିସଂଘ ଘୋଷଣାନାମା

ଗତବର୍ଷ ଡିସେମ୍ବର ମାସ ଶେଷବେଳକୁ ମୁଁ ଅରୁଣାଚଳ ପ୍ରଦେଶରେ ତାୱାଙ୍ଗ୍ ମୋନଷ୍ଟେରି (Tawang Monastery) ଯାଇ ନବବର୍ଷ ଛୁଟି କାଟିଥିଲି । ବମ୍‌ଡିଲା ଓ ତା'ପରେ ସେଲାପାସ୍ ବରଫାବୃତ୍ତ ଏବଂ ଦୁର୍ଗମ ରାସ୍ତା । ଆମର ଟାକ୍‌ସି ଡ୍ରାଇଭର ଥିଲା ନିକୋଲାସ୍ ନାମକ ଆଦିବାସୀ ଯୁବକ । ଘର ଝାଡ଼ଖଣ୍ଡ । ଗତ ତିନି ପୁରୁଷ ଧରି ତାର ପୂର୍ବଜମାନେ ଆସାମରେ ଆସି ବସବାସ କରୁଛନ୍ତି । ବାପା ଅଜା ଚା' ବଗିଚାରେ ଶ୍ରମିକ । ସେ କିଛି ପାଠ ପଢ଼ିଛି । କଲେଜ ମାଡିଛି । କିନ୍ତୁ ଆସାମରେ ତା'ପାଇଁ ଚାକିରୀ ନାହିଁ । ସେ ଉଲ୍‌ଫା ଉଗ୍ରପନ୍ଥୀମାନଙ୍କ ସହ ମିଶିଛି । ବଡ଼ୋ ଉଗ୍ରପନ୍ଥୀମାନଙ୍କ ସହ ହାତ ମିଳାଇଛି । ସେନାବାହିନୀ ହାତରେ ଧରାପଡି ନିର୍ଯ୍ୟାତିତ ହୋଇଛି । ଏବେ ସବୁ ଛାଡି ସେ ଅରୁଣାଚଳ ପ୍ରଦେଶରେ ଗାଡି ଡ୍ରାଇଭିଂ କରୁଛି । ୧୩ହଜାର ଫୁଟରୁ ଉର୍ଦ୍ଧ୍ୱ ସେଲାପାସ୍‌ର ବରଫାବୃତ ଘଟି ତଳକୁ ଗାଡି ଯଦି ଗଡିଯିବ, ଶବବି ମିଳିବ ନାହିଁ । ଆମକୁ ସମସ୍ତେ ଯିବା ପାଇଁ ମନାକରୁଥିଲେ । ନିକୋଲାସ୍ କିନ୍ତୁ ସାହସର ସହ ଆମକୁ ସେ ଦୁର୍ଗମ ରାସ୍ତାରେ ନେଇ ତାୱାଙ୍ଗଠାରେ ପହଞ୍ଚାଇଥିଲା । ବାଟସାରା ମୁଁ ତା'କୁ ଆସାମଠାରୁ ଆରମ୍ଭ କରି ଉତ୍ତରପୂର୍ବ ଅଞ୍ଚଳର ସମସ୍ତ ବିଷୟ ପଚାରୁଥିଲି । ଜାତୀୟ ରାଜପଥରେ କାମ କରୁଥିବା ଠିକା ଶ୍ରମିକ ଅଥବା ଚା' ବଗିଚାରେ ପୁରୁଷାନୁକ୍ରମେ କର୍ମରତ ଶ୍ରମିକ ସବୁ ଝାଡଖଣ୍ଡ ଅଞ୍ଚଳରୁ ଆସିଛନ୍ତି । ସାମାନ୍ୟ କେତେଟଙ୍କା ମଜୁରୀ ପାଇଁ ବର୍ଷା ଶୀତ କାକରରେ ପଡିରହିଛନ୍ତି । ସେମାନଙ୍କର ନିଜସ୍ୱ ଘରଦ୍ୱାର ନାହିଁ । ସେମାନଙ୍କୁ ଉତ୍ତରପୂର୍ବ ରାଜ୍ୟ ମାନଙ୍କରେ ସ୍ଥାୟୀ ବସବାସ କରିବାକୁ ଅନୁମତି ମିଳୁନାହିଁ । ସେମାନେ 'କୁଲି' ବୋଲି କେବଳ ନାମ ପାଇଛନ୍ତି । ଏହାଛଡ଼ା ଅନ୍ୟ କିଛି ପରିଚୟ ନାହିଁ । 'ନିକୋଲାସ୍' ଭଳି ଶିକ୍ଷିତ ଶହ ଶହ ଆଦିବାସୀ ଯୁବକଙ୍କ ଅବସ୍ଥା ଏଇଆ ।

ପାଞ୍ଚବର୍ଷ ତଳେ ଡିବ୍ରୁଗଡଠାରେ ମୋର କେତେ ଜଣ ଯୁବକଙ୍କ ସହ କଥାବାର୍ତ୍ତା ହୋଇଥିଲା । ସେମାନେ ମୁଁ ଓଡ଼ିଶାରୁ ଆସିଛି ବୋଲି ଜାଣି ବାର୍ତ୍ତାଳାପ କରିବାକୁ ଆସିଥିଲେ ।

Digitized by srujanika@gmail.com

ଡିବ୍ରୁଗଡ଼ ଅପର ଆସାମର ପ୍ରତିଷ୍ଠିତ ସହର । ସବୁଆଡେ ଚା'ବଗିଚା । ଏକଦା ବ୍ରିଟିଶମାନେ ଏଠାରେ ଆସ୍ଥାନ ଜମାଇ ରହିଥିଲେ ଓ ସବୁ ଚା'ବଗିଚାର ଏକଚାଟିଆ ମାଲିକ ଥିଲେ । ଏବେ ଚା' ବଗିଚାର ମାଲିକମାନେ କଲିକତାର ପୁଞ୍ଜିପତିମାନେ । କେଉଁଠି କେଉଁଠି ସ୍ଥାନୀୟ ଶ୍ରମିକମାନେ ମଧ୍ୟ ଅଳ୍ପ ଅଳ୍ପ ଚା'ବଗିଚାର ମାଲିକ ହୋଇ ପାରିଛନ୍ତି । ପ୍ରାୟ ଶହେବର୍ଷ ତଳେ ବ୍ରିଟିଶ ପୁଞ୍ଜିପତିମାନେ ଦେଶର ବିଭିନ୍ନ ଅଞ୍ଚଳରୁ ଶ୍ରମିକମାନଙ୍କୁ ଏଠାକୁ ଆଣିଥିଲେ ଚା'ବଗିଚାରେ କାମ କରିବା ପାଇଁ । ଓଡ଼ିଶାର କୋରାପୁଟ, ଗଞ୍ଜାମ, ମୟୁରଭଞ୍ଜ ଆଦିରୁ ଅନେକ ଶ୍ରମିକ ଆସିଥିଲେ । କୋରାପୁଟରୁ ଯେଉଁମାନେ ଆସିଥିଲେ ସେମାନେ ହେଲେ କୋରାପୁଟିଆ । ଯେଉଁମାନେ ଗଞ୍ଜାମର ମାଳଅଞ୍ଚଳରୁ ଆସିଥିଲେ ସେମାନେ ନାହାକ ହୋଇ ଏବେ ମଧ୍ୟ ଅଛନ୍ତି । ଏଇଭଳି ଓଡ଼ିଶା ଓ ଝାଡଖଣ୍ଡରୁ ଆସିଥିବା ଆଦିବାସୀମାନେ ଅନେକ ବର୍ଷ ଧରି ଆସାମରେ ବସବାସ କରୁଛନ୍ତି । କିନ୍ତୁ ସେମାନଙ୍କୁ ସ୍ଥାନୀୟ ଲୋକମାନେ 'ଟି ଟ୍ରାଇବ୍' ବୋଲି କହୁଛନ୍ତି । ସେମାନଙ୍କର ସଂଖ୍ୟା ଲକ୍ଷ ଲକ୍ଷ ହୋଇ ସାରିଲାଣି । ସେମାନଙ୍କ ଭିତରୁ ନିର୍ବାଚିତ ହୋଇ କେତେକ ବିଧାୟକ, ସାଂସଦ ଓ ମନ୍ତ୍ରୀ ହେଲେଣି । କିନ୍ତୁ ଏମାନଙ୍କୁ ଏ ପର୍ଯ୍ୟନ୍ତ ଅନୁସୂଚୀତ ଆଦିବାସୀର ମାନ୍ୟତ୍ୟ ଦିଆଯାଇ ନାହିଁ । ଏଥିପାଇଁ ସଂଘର୍ଷ ସେମାନେ କରୁଛନ୍ତି । ଅନେକ ପ୍ରକାରର ଦାବୀ କରି ଆସୁଛନ୍ତି । କିନ୍ତୁ ଏମାନଙ୍କୁ କେହି ଆଦିବାସୀ ବୋଲି ସ୍ୱୀକାର କରୁନାହାନ୍ତି । ଏମାନଙ୍କର ବଂଶଜମାନେ ଓଡ଼ିଶା ଓ ଝାଡଖଣ୍ଡରେ ଅନୁସୂଚୀତ ଆଦିବାସୀ ହିସାବରେ ବିଭିନ୍ନ ସୁବିଧା ଓ ସୁଯୋଗ ପାଉଥିବା ବେଳେ, ଏମାନେ ସବୁକ୍ଷେତ୍ରରେ ବଞ୍ଚିତ ହୋଇ ରହିଛନ୍ତି ।

ଏଇଗତ ନଭେମ୍ବର ୨୪ତାରିଖରେ ଆସାମର ଗୌହାଟି ସହରରେ ଆଦିବାସୀ ଛାତ୍ରମାନେ ଆଦିବାସୀ ହିସାବରେ ଘୋଷିତ ହେବା ଦାବି କରି ଆନ୍ଦୋଳନ କରୁଥିବାବେଳେ ହିଂସା ସୃଷ୍ଟି ହୋଇଥିଲା । ସ୍ଥାନୀୟ ଆସାମବାସୀମାନେ ମଧ୍ୟ ହିଂସାରେ ଲିପ୍ତ ହୋଇ ଆଦିବାସୀ ଆନ୍ଦୋଳନକାରୀଙ୍କୁ ବର୍ବର ଆକ୍ରମଣ କରିଥିଲେ । ଏଥିରେ ମୃତାହତଙ୍କ ସଂଖ୍ୟା ଥିଲା ଅନେକ । ସବୁଠାରୁ ଦୁଃଖଦ ଓ ଲଜ୍ୟାକର ଘଟଣାଥିଲା ଯେ ଗୋଟିଏ ଅସହାୟା ଆଦିବାସୀ ଝିଅକୁ ଉଲଗ୍ନ କରି ଆକ୍ରମଣ କରାଯାଇଥିଲା । ଏହି ଦୃଶ୍ୟ ଗଣମାଧ୍ୟମରେ ପ୍ରଚାରିତ ହେବାପରେ ଦେଶବ୍ୟାପୀ ଭୀଷଣ କ୍ଷୋଭ ପ୍ରକାଶ କରାଯାଇଥିଲା । ଆସାମ ସାରାଦେଶରେ ନିନ୍ଦିତ ହୋଇଥିଲା । ଏ ଦେଶରେ ଆଦିବାସୀମାନଙ୍କ ଉପରେ ଅଣଆଦିବାସୀଙ୍କ ଆକ୍ରମଣ ଓ ଅତ୍ୟାଚାରର ଏହା ଏକ ନମୂନା ବୋଲି କୁହାଯାଇପାରେ । ଆଦିବାସୀମାନଙ୍କୁ ଅସଲ ଅଧିକାର କେମିତି ମିଳିବ, ସେ ପ୍ରଶ୍ନ ବାରମ୍ବାର ଉଠୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି । କାଶୀପୁରରେ ଏକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଚକ୍ରାନ୍ତ ଫଳରେ ଝୋଡିଆ ଆଦିବାସୀମାନେ ଆଜି ଆଦିବାସୀ ତାଲିକାରୁ ବାଦ ପଡିଛନ୍ତି । ଝୋଡିଆମାନେ ପରଜା ସମ୍ପ୍ରଦାୟର ।

Digitized by srujanika@gmail.com

ସେମାନଙ୍କର ସମ୍ପର୍କୀୟମାନେ କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲାମାନଙ୍କରେ ଆଦିବାସୀ ବୋଲି ବିବେଚିତ ହେଉଥିଲା ବେଳେ, ଏମାନଙ୍କୁ ଅଯଥା ଭାବେ ଆଦିବାସୀ ନୁହଁନ୍ତି ବୋଲି କୁହାଯାଉଛି । ଏଥିପାଇଁ ଅସନ୍ତୋଷ ବଢିଛି । ଅନ୍ୟପକ୍ଷରେ ଗୁଜ୍ଜରମାନେ ଆଦିବାସୀଭାବେ ଘୋଷିତ ହେବାକୁ ଆନ୍ଦୋଳନ କରୁଛନ୍ତି ରାଜସ୍ଥାନରେ । ଏଥିପାଇଁ ସେମାନଙ୍କର ଆଗରୁ ଘୋଷିତ ହୋଇଥିବା ମିଣ୍ଣା(Meena) ସମ୍ପ୍ରଦାୟଙ୍କ ସହ ଗୁଜ୍ଜରମାନଙ୍କର ସଂଘର୍ଷ ଲାଗିଛି । କିଏ ପ୍ରକୃତରେ ଆଦିବାସୀ ଓ କିଏ ଆଦିବାସୀ ନୁହେଁ? ଏସବୁ ଜଟିଳ ପ୍ରଶ୍ନ । ବାସ୍ତବ ଦୃଷ୍ଟିରୁ ଦେଖିଲେ ଅନେକ ଆଦିବାସୀ ସମ୍ପ୍ରଦାୟର ହୋଇ ମଧ୍ୟ ଆଦିବାସୀର ମାନ୍ୟତା ପାଇ ନାହାନ୍ତି । ଅନ୍ୟପକ୍ଷରେ କେତେକ ଆଦିବାସୀ ନହୋଇ ମଧ୍ୟ, ଆଦିବାସୀ ବୋଲି ଘୋଷିତ ହେବାକୁ ଦାବୀ କରୁଛନ୍ତି ।

ଏବେ ୨୦୦୭ ମସିହା ସେପ୍ଟେମ୍ବର ୧୩ତାରିଖ ଦିନ ଜାତିସଂଘର ସାଧାରଣ ପରିଷଦରେ ଆଦିବାସୀ ଓ ମୂଳବାସିନ୍ଦାଙ୍କ ଅଧିକାର ରୂପେ ଏକ ଘୋଷଣାନାମା ସ୍ୱୀକୃତ ହୋଇଛି । ଏହା ଜାତିସଂଘରେ ଚର୍ଚ୍ଚାର ବିଷୟବସ୍ତୁ ଥିଲା । ୧୪୩ଟି ଦେଶ ମଧ୍ୟରୁ ସର୍ବାଧିକ ୧୨୮ଟି ଦେଶ ଘୋଷଣା ସପକ୍ଷରେ ଭୋଟ ଦେଇଥିଲେ । ଯେଉଁ ୪ଟି ଦେଶ ବିରୋଧ କରିଥିଲେ ସେଗୁଡିକ ହେଲା କାନାଡା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ଯୁକ୍ତରାଷ୍ଟ୍ର ଆମେରିକା । ଯେଉଁ ୧୧ଟି ଦେଶ ଭୋଟବେଳେ ଅନୁପସ୍ଥିତ ଥିଲେ ସେ ମଧ୍ୟରେ ଆଜରବାଇଜାନ୍, ବଙ୍ଗଳାଦେଶ, ଭୁଟାନ୍, ବୁରୁଣ୍ଡି, କଲମ୍ବିଆ, ଜର୍ଜିୟା, କେନିଆ, ନାଇଜେରିଆ, ଋଷିଆ, ସାମୋଆ, ୟୁକ୍ରେନ୍ ଅନ୍ତର୍ଭୁକ୍ତ । ଏଇ ଦେଶମାନଙ୍କ ନକରାତ୍ମକ ମତାମତ ବୁଝିବାକୁ ହେଲେ ସେଠାକାର ଆଦିମ ଅଧିବାସୀମାନଙ୍କର ସ୍ଥିତି ବୁଝିବା ନିତାନ୍ତ ଆବଶ୍ୟକ । କିନ୍ତୁ ଏକଥା ସତ ଯେ, ଗତ କୋଡିଏ ବର୍ଷଧରି ବିଭିନ୍ନ ରାଷ୍ଟ୍ରର ପ୍ରତିନିଧି ଓ ଆଦିବାସୀମାନଙ୍କର ମୁଖିଆମାନଙ୍କ ମଧ୍ୟରେ ଆଲୋଚନା, ବିଚାର ବିନିମୟ ଓ ବୁଝାମଣା ଲାଗି ରହିଥିଲା । ଏଥିରେ ଯେଉଁମାନେ ମୁଖ୍ୟଭୂମିକା ଗ୍ରହଣ କରିଥିଲେ, ସେଥିରେ ଥିଲେ ଶ୍ରୀଯୁକ୍ତ ଲେ ମାଲେଜର୍ । ସେ ଗ୍ଲୋବାଲ୍ ଇଣ୍ଡିଜେନସ୍ ପିପୁଲସ୍ କକସ୍ ନାମକ ସଂସ୍ଥାର ମୁଖ୍ୟ ଥିଲେ । ତାଙ୍କ ଭାଷାରେ,

"ଏ ଜାତିସଂଘ ଘୋଷଣାନାମା ଜାତିସଂଘ ବା ଆଦିବାସୀଙ୍କ ମତାମତ ନୁହେଁ ।
ଏହା ଆମ ସମସ୍ତଙ୍କର ସାମୂହିକ ମତାମତ ଓ ଭବିଷ୍ୟତ ପାଇଁ ଏକ ପଥ ପ୍ରଦର୍ଶକ ।
ଏହା ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ପାଇଁ ଏକ ଅସ୍ତ୍ର, ଯାହା ପାରସ୍ପରିକ ସ୍ୱୀକୃତି ଓ ସମ୍ମାନ ଉପରେ ପର୍ଯ୍ୟବେସିତ ।"

ଏ ଘୋଷଣାନାମର କେତେକ ମୁଖ୍ୟାଂଶ ପାଠକମାନେ ନିହାତି ଜାଣିବା ଆବଶ୍ୟକ । ଆମ ଦେଶରେ ଆଦିବାସୀମାନଙ୍କୁ ସୁରକ୍ଷା ପାଇଁ ଓ ସେମାନଙ୍କର ସ୍ୱତନ୍ତ୍ରତା ବଜାୟ ରଖିବା

Digitized by srujanika@gmail.com

ପାଇଁ ଅନେକ ସାମ୍ବିଧାନିକ ଉପାୟମାନ ସୃଷ୍ଟି କରାଯାଇଛି । ଜାତିସଂଘରେ ଏବେ ଯେଉଁ ଜାତିସଂଘ ଘୋଷଣାନାମା ସ୍ୱୀକୃତ ହୋଇଛି, ତାହା ଆମ ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସହାୟକ ହୋଇଛି । ଭାରତ ଏ ଜାତିସଂଘ ଘୋଷଣାନାମା ପ୍ରସ୍ତୁତିରେ ଖୁବ୍ ସକ୍ରିୟ ଭୂମିକା ଗ୍ରହଣ କରିଛି । କିନ୍ତୁ ଜାତିସଂଘର ଏ ଘୋଷଣାନାମାରେ ଖାସ୍ କି ବ୍ୟବସ୍ଥା ଅଛି ? ତାହା ପାଠକମାନଙ୍କର ଅବଗତି ନିମନ୍ତେ ମୁଁ କିୟଦଂଶ ଉପସ୍ଥାପନା କରୁଛି । ଏଥିରେ ୪୬ଟି ମୁଖ୍ୟଧାରା ବା ଆର୍ଟିକ୍‌ଲ(Article) ରହିଛି । ପ୍ରଥମେ ସ୍ୱୀକାର କରାଯାଇଛି ଯେ, ଆଦିବାସୀମାନେ ଅଣଆଦିବାସୀଙ୍କ ସହ ସମତୁଲ୍ୟ ଏବଂ ସମଅଧିକାର ପ୍ରାପ୍ତ । ଏମାନଙ୍କ ଦ୍ୱାରା ମଧ୍ୟ ଏ ସଭ୍ୟତା ଓ ସଂସ୍କୃତିରେ ବିବିଧତା ଓ ପରିପୂର୍ଣ୍ଣତା ଭରି ରହିଛି । ଆଦିବାସୀମାନଙ୍କ ପ୍ରତି ବୈଷମ୍ୟ ପ୍ରଦର୍ଶନ ଉଚିତ୍ ନୁହେଁ । ସେମାନଙ୍କ ପ୍ରତି ଯେଉଁ ଐତିହାସିକ ଅନ୍ୟାୟ ପ୍ରଦର୍ଶନ କରାଯାଇଛି, ସେମାନଙ୍କ ପୃଥିବୀକୁ କବଳିତ କରି ଉପନିବେଶ ସ୍ଥାପନ କରାଯାଇଛି, ସେମାନଙ୍କୁ ବହୁସଂଖ୍ୟାରେ ସ୍ଥାନଚ୍ୟୁତ ଓ ବାସଚ୍ୟୁତ କରାଯାଇଛି ଓ ସେମାନଙ୍କୁ ନିଜ ଢ଼ଙ୍ଗରେ ବିକଶିତ ହେବାରୁ ବଞ୍ଚିତ କରାଯାଇଛି, ତାହା ଘୋର ଉଦ୍‌ବେଗର କାରଣ । ସେମାନଙ୍କର ଯେଉଁ ସାମାଜିକ, ଆର୍ଥିକ, ରାଜନୈତିକ ତଥା ସଂସ୍କୃତିକ ଢ଼ାଞ୍ଚା ଅଛି ତାହାକୁ ଅବିଳମ୍ବେ ସ୍ୱୀକୃତି ଦିଆଯାଇ ସେମାନଙ୍କର ଜମି ଏବଂ ଅନ୍ୟ ସମ୍ବଳ ଉପରେ ଅଧିକାରକୁ ମାନ୍ୟତା ଦିଆଯିବା ଉଚିତ୍ ।

ସେମାନଙ୍କର ରାଜନୈତିକ ସ୍ଥିତି, ସାମାଜିକ, ଆର୍ଥିକ ଓ ସଂସ୍କୃତିକ ଅଭିବୃଦ୍ଧି ପାଇଁ ଯେଉଁ ଆନ୍ଦୋଳନ ଜାରି ରହିଛି ତାହାକୁ ମଧ୍ୟ ମାନ୍ୟତା ଦିଆଯିବା ଆବଶ୍ୟକ ହୋଇପଡିଛି । ସମସ୍ତଙ୍କୁ ମାନିବାକୁ ହେବ ଯେ, ଆଦିବାସୀମାନଙ୍କର ନିଜସ୍ୱ ଜ୍ଞାନ କୌଶଳ, ପାରମ୍ପରିକ କାର୍ଯ୍ୟପ୍ରଣାଳୀ ସହାୟତାରେ ନିରନ୍ତର ଓ ସ୍ଥାୟୀ ବିକାଶ ସମ୍ଭବ । ଏହା ସେମାନଙ୍କର ସମ୍ବଳ ଓ ପରିବେଶ ସୁରକ୍ଷା କରିବାରେ ସହାୟକ ହେବ । ଆଦିବାସୀ ଅଞ୍ଚଳରେ ବିଭିନ୍ନ ପ୍ରକାରର ସଂଘର୍ଷ ଓ ଯୁଦ୍ଧ ଲାଗି ରହିଛି । ତାହା ବନ୍ଦ ହେବା ଆବଶ୍ୟକ, ଆଦିବାସୀମାନଙ୍କ ସ୍ୱାଧୀନତା ଓ ଅଧିକାରକୁ ସବୁକ୍ଷେତ୍ରରେ ମାନ୍ୟତା ଦେବା ଆବଶ୍ୟକ ବୋଲି ଘୋଷଣା ନାମାରେ ସ୍ପଷ୍ଟ କୁହାଯାଇଛି । ରାଷ୍ଟ୍ର ସହ ଆଦିବାସୀଙ୍କ ସଂଘର୍ଷ ଓ ଦ୍ୱନ୍ଦକୁ ଦୂର କରିବା ପାଇଁ ଆହ୍ୱାନ ଦିଆଯାଇଛି । ଯେଉଁ ସବୁ କାର୍ଯ୍ୟକ୍ରମ ବା ପ୍ରକଳ୍ପ ଆଦିବାସୀ ଜୀବନକୁ ପ୍ରଭାବିତ କରିବ, ତାହାର ଆରମ୍ଭ ହେବା ପୂର୍ବରୁ ବିଚାର ବିମର୍ଷ ଓ ସହମତି ଲୋଡାଯିବାକୁ ପ୍ରସ୍ତାବ ଦିଆଯାଇଛି ।

ଏ ପୃଥିବୀରେ ପ୍ରାୟ ୩୮ କୋଟି ଆଦିବାସୀ ବିଭିନ୍ନ (୭୦ଟି) ଦେଶରେ ଅଛନ୍ତି । ସେମାନଙ୍କର ସ୍ଥିତି ଓ ପ୍ରଗତି ବିପଦ୍‌ଜନକ ଅବସ୍ଥାରେ ପହଞ୍ଚିଛି । ଜଗତୀକରଣ ପ୍ରକ୍ରିୟାରେ ସେମାନେ ଧ୍ୱଂସ ପାଇଯିବେ ବୋଲି ଆଶଙ୍କା କରାଯାଉଛି । ଗୋଟାଏ ସମ୍ପ୍ରଦାୟର ସଂସ୍କୃତି ଓ ପରମ୍ପରା, ମୂଲ୍ୟବୋଧ ଓ ସ୍ୱତନ୍ତ୍ରତା ଲୋପ ପାଇଯିବ ବୋଲି ସ୍ପଷ୍ଟ ଦେଖାଯାଉଛି ।

Digitized by srujanika@gmail.com

ଏସିଆ, ଆଫ୍ରିକା, ଆମେରିକା, ଅଷ୍ଟ୍ରେଲିଆ ଆଦି ମହାଦେଶମାନଙ୍କରେ ଆଦିବାସୀମାନେ ବିଭିନ୍ନ ପ୍ରକାରର ଅବହେଳାର ଶିକାର ହୋଇ ସାରିଛନ୍ତି । ଆମେରିକାର 'ମୂଳ ଇଣ୍ଡିଆନ୍' ଆଦିବାସୀ ହୁଅନ୍ତୁ, ଉତ୍ତରମେରୁ ଅଞ୍ଚଳର ଇନ୍ୟୁଟ୍, ଅଷ୍ଟ୍ରେଲିଆର 'ଆବଅରିଜିନ୍' ବା ନ୍ୟୁଜିଲାଣ୍ଡର ମାଓରୀମାନେ ହୁଅନ୍ତୁ, ସମସ୍ତେ ଯେମିତି ସେମାନଙ୍କର ଦେଶ ଭିତରେ ଦ୍ୱିତୀୟ ଶ୍ରେଣୀର ନାଗରିକ ହୋଇ ବସବାସ କରୁଛନ୍ତି । ଚୀନ୍, ଭାରତ ଓ ବର୍ମାରେ ଆଦିବାସୀଙ୍କ ଅବସ୍ଥା ବିଶେଷ ଭଲ ନୁହେଁ । ସମସ୍ତ ପ୍ରକାରର ଶୋଷଣ ଓ ଅତ୍ୟାଚାର ଲାଗି ରହିଛି । ପୃଥିବୀର ସବୁ ଆଦିବାସୀଙ୍କ ସମସ୍ୟାକୁ ତାଲିକାଭୁକ୍ତ କରିଲେ ସେଥିରେ ମୁଖ୍ୟ ସମସ୍ୟାଗୁଡ଼ିକ ହେବ ଜମି ଓ ପ୍ରାକୃତିକ ସମ୍ପଦ ଉପରେ ଅଧିକାର ନରହିବା, ମାନବାଧିକାର ଉଲଂଘନ, ସ୍ୱାୟତ ଶାସନର ଶୂନ୍ୟତା, ଶିକ୍ଷା ଓ ସ୍ୱାସ୍ଥ୍ୟର ଅଭାବ, ପରିବେଶର ବିନାଶ, ସଂସ୍କୃତି ଓ ପରମ୍ପରା ଉପରେ ଆକ୍ରମଣ, ବୈଷମ୍ୟତା ଆଦି ଅନେକ କିଛି । ଜଙ୍ଗଲ ସମ୍ପଦର ବିନାଶ ଆଦିବାସୀ ପାଇଁ ଆଜି ମୁଣ୍ଡ ବ୍ୟଥାର କାରଣ । ବର୍ଷା ଅରଣ୍ୟ ବା ରେନ୍‌ଫରେଷ୍ଟ ଯେଉଁଭଳି ନଷ୍ଟ ହେଉଛି ତାହା ଏ ପୃଥିବୀର ଜଳବାୟୁ ପରିବର୍ତ୍ତନର ଅନ୍ୟ ଏକ କାରଣ । ଆଦିବାସୀ ଅଞ୍ଚଳର ବନୌଷଧି ଆଜି ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଦ୍ୱାରା କବଳିତ । ଏହାର ପ୍ରଭାବରେ କମ୍ପାନୀମାନେ ହଜାର ହଜାର କୋଟି ଟଙ୍କା ଲାଭ ଉଠାଉଥିବା ବେଳେ, ଏହାକୁ ଆଦିବାସୀଙ୍କ ସହ ଅଂଶୀଦାର କରିବାକୁ ସମ୍ପୂର୍ଣ୍ଣ ନାରାଜ । ଆଦିବାସୀଙ୍କ ସାଂସ୍କୃତିକ ଓ ବୌଦ୍ଧିକ ସମ୍ପତ୍ତି ଖୁବ୍ କ୍ଷତିଗ୍ରସ୍ତ । ପୃଥିବୀସାରା ଆଦିବାସୀମାନେ ସୁରକ୍ଷିତ ନୁହଁନ୍ତି । ବଲିଭିଆରେ ମୂଳ ଆଦିବାସୀମାନେ ଶାସନ କ୍ଷମତାକୁ ଆସିଛନ୍ତି ସତ, ହେଲେ କେତେଦିନ ଏ ସୁଯୋଗକୁ ଉପଭୋଗ କରିବେ ଦେଖିବାର ଅଛି । ୧୯୯୩ ମସିହାରେ ଜାତିସଂଘ ଆଦିବାସୀମାନଙ୍କୁ ସମ୍ମାନ ଦେଇ ଘୋଷଣା କରିଥିଲା ଯେ, ସେ ବର୍ଷଟିକୁ 'ଆନ୍ତର୍ଜାତିକ ଆଦିବାସୀ ବର୍ଷ' ରୂପେ ପାଳନ କରାଯିବ । ଏହାକୁ ସମ୍ମାନ ଦେଇ ସେ ବର୍ଷ ଗୁଏଟମାଲାର ଆଦିବାସୀ ନେତ୍ରୀ ଶ୍ରୀମତୀ ରିଗୋବେର୍ଟା ମେଞ୍ଚୁଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ଦିଆଯାଇଥିଲା । ତାଙ୍କର ସଂଘର୍ଷର କାହାଣୀ ଯେ କୌଣସି ବ୍ୟକ୍ତିଙ୍କୁ ଅଭିଭୂତ କରିବ । ପୃଥିବୀସାରା ଆଦିବାସୀଙ୍କ ଅଧିକାର ଓ ସୁରକ୍ଷା ନେଇ ସଂଗଠନମାନ ଗଢ଼ି ଉଠିଛି । ୨୦୦୭ ମସିହାରେ ଜାତିସଂଘର ଏ ଐତିହାସିକ ଘୋଷଣାନାମା ଏହି ସବୁ ସଂଗଠନମାନଙ୍କର ମିଳିତ ଉଦ୍ୟମର ସୁଫଳ ବୋଲି ମାନିବାକୁ ହେବ । ଭାରତ ଏ ଘୋଷଣାନାମାର ଏକ ବଳିଷ୍ଠ ସମର୍ଥକ । ଏସବୁକୁ ଦେଖିଲେ ଏଦେଶରେ ଆଦିବାସୀଙ୍କ ଉପରେ କ୍ରମବର୍ଦ୍ଧିଷ୍ଣୁ ଅତ୍ୟାଚାର ଓ ଶୋଷଣ କେତେଦୂର ଗ୍ରହଣଯୋଗ୍ୟ ତାହା ବିଚାରକରିବାର ଅଛି । ଏ ଦେଶର ନାଗରିକ ସମାଜର ଦାୟିତ୍ୱ ହେଉଛି ଆଦିବାସୀମାନଙ୍କୁ ଏ ଦେଶର ସାମ୍ବିଧାନିକ ଅଧିକାର ଓ ଜାତିଂସଘର ଘୋଷଣାନାମା ସହ ପରିଚିତ କରିବା । ଆଦିବାସୀମାନଙ୍କର ଏକାନ୍ତ ଦାୟିତ୍ୱ ହେଉଛି ଯେ, ସେମାନଙ୍କର ସ୍ୱାଧିକାର ଓ ସ୍ୱବିକାଶ ପାଇଁ ନିଜକୁ ପ୍ରସ୍ତୁତ କରିବା । ଏହା ଆମ ସମସ୍ତଙ୍କର ସ୍ୱପ୍ନ ।

□□□

Digitized by srujanika@gmail.com

ଗ୍ରାମର ନାମ ହାଟସିଲ୍

ଧୂଳି ଧୂସରିତ ପାହାଡିଆ ରାସ୍ତା ଅତିକ୍ରମ କରିଲା ପରେ ହାଟସିଲ୍ ଗାଁରେ ପହଞ୍ଚ ହୁଏ । କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ୍‌ର ଅପହଞ୍ଚ ଗ୍ରାମ । ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବେଶି ଦୂର ନୁହେଁ । ବ୍ଲକ୍ ଓ ଜିଲ୍ଲା ସଦର ମହକୁମା କାହିଁ କେତେ ଦୂର । ଗାଁର ଜଣେ ଦୁଇଜଣ କେବେ କେମିତି ଥୁଆମୂଳରାମପୁର ବା ଭବାନୀପାଟଣା ଯାଇଛନ୍ତି । ବ୍ଲକ୍ ଅଫିସ ବା ଜିଲ୍ଲା କାର୍ଯ୍ୟାଳୟରୁ କେହି ସରକାରୀ କର୍ମଚାରୀ ଆସିଥିବା କଥା ଲୋକେ ମନେ ପକେଇ ପାରୁନାହାନ୍ତି । ଏପରିକି ମହୁଲପାଟଣା ସ୍ଥିତ ପଞ୍ଚାୟତ ଅଫିସରୁ କେହି ଆସୁନଥିଲେ କିଛି ବର୍ଷ ପୂର୍ବେ । ଏବେ ମହୁଲପାଟଣା ପଞ୍ଚାୟତ ଭାଗ ଭାଗ ହୋଇ ଯିବାପରେ ତାଙ୍କର ପଞ୍ଚାୟତର ନାମ ପାଡେପଦର । ଦୂରତା କମିଛି ସତ, କିନ୍ତୁ ସେମାନଙ୍କର ସମସ୍ୟାର ସମାଧାନ ହୋଇନାହିଁ । ଇନ୍ଦ୍ରାବତୀ ଡ୍ୟାମ୍ ତିଆରି ହୋଇଯିବା ଦ୍ୱାରା ସେମାନଙ୍କର ଥୁଆମୂଳରାମପୁର ଓ ଭବାନୀପାଟଣା ସହ ସମ୍ପର୍କ ବିଛିନ୍ନ ହୋଇଯାଇଛି କହିଲେ ସତ ହେବ । ଏବେ ସେମାନେ ନବରଙ୍ଗପୁର ତେନ୍ତୁଳିଖୁଣ୍ଟି ବା ଖାତିଗୁଡା ସହ ବେଶି ସମ୍ପର୍କ ରଖୁଛନ୍ତି । ହାଟବଜାର ସେଠାରେ ଅଛି । ଡାକ୍ତରଖାନା ମଧ୍ୟ ଅଛି । ଯିବା ଆସିବାକୁ ପାଦଚଲା ରାସ୍ତା ଅଛି । ଗାଁଟି ନାମକୁ ମାତ୍ର କଳାହାଣ୍ଡିରେ ଅଛି । ଗାଁଲୋକେ କୁହନ୍ତି ଯେ ପ୍ରାୟ ନବେବର୍ଷ ତଳେ ଗାଁଟିର ବସତି ସ୍ଥାପନ ହୋଇଥିଲା । ଘରିଆଡେ ଜଙ୍ଗଲ । ନବରଙ୍ଗପୁରର ଗୋଡି ଗାଁରୁ ଲଛିମ ମାଝୀ, ସୁନ୍ଦର ମାଝୀ, ବେଣୁ ମାଝୀ ଓ କାରୁମ ଜାନୀ ଆସି ବସତି ଆରମ୍ଭ କରିଲେ । ଡଙ୍ଗର, ପାହାଡ, ଜଙ୍ଗଲ ସବୁଆଡେ ଘେରି ରହିଥିଲା । ପୋଡୁ ଚାଷରୁ ହିଁ ଗାଁର ଆରମ୍ଭ । ଲଛିମ ମାଝୀ ମରିଗଲାଣି ସତ, ତା' କଥା ଗାଁ ଲୋକେ ମନେ ରଖିଛନ୍ତି । ସେ ଥିଲା ଗାଁର ମୁଖିଆ ଓ ଅନ୍ୟମାନଙ୍କୁ ସବୁ କଥାରେ ସାହାଯ୍ୟ କରୁଥିଲା । ଲଛିମ ମାଝୀର ବଂଶଧରମାନେ ଗାଁରେ ସ୍ୱତନ୍ତ୍ର । ଏବେ ତାର ପୁଅ ଆଶୁ ମାଝୀ ଗାଁର ଜାନୀ ଭାବେ କାର୍ଯ୍ୟ କରୁଛି । ପାଖ ଗାଁ ମୁଣ୍ଡାଗୁଡା ସହ ସବୁବେଳେ କଳିଗୋଳ ଲାଗି ରହିଛି । କେତେବେଳେ ଜମିକୁ ନେଇ ତ କେତେବେଳେ ଜଙ୍ଗଲକୁ ନେଇ । ହାଟସିଲ୍ ଗାଁର ଲୋକେ ପ୍ରାୟ ୫୦ ଏକର ଜଙ୍ଗଲ ସୁରକ୍ଷା କରିଛନ୍ତି । ମୁଣ୍ଡାଗୁଡା ଲୋକେ କିନ୍ତୁ ଜଙ୍ଗଲରୁ ଗଛ କାଟି ନେବାକୁ

Digitized by srujanika@gmail.com

ସବୁବେଳେ ଚେଷ୍ଟା କରୁଥାଆନ୍ତି । କିଛି ବର୍ଷ ପୂର୍ବେ ନିକଟସ୍ଥ ବେଣାଖମାର ରିଜର୍ଭ ଜଙ୍ଗଲ ଥିଲା । ବାଘ ଭାଲୁ ଡୁରୁକା(ଚିତା ବାଘ) ଆଦି ଭରପୂର ଥିଲେ । ଇନ୍ଦ୍ରାବତୀ ଡ୍ୟାମ୍ ଯୋଗୁ ଏ ବଡ଼ ଜଙ୍ଗଲ କାଟି ସଫା ହୋଇଗଲା । ସେଥିପାଇଁ ହାଟିସିଲ୍ ଜଙ୍ଗଲ ଉପରେ କାଠଚୋରଙ୍କ ଆଖି । ଗାଁବାଲା ଜଙ୍ଗଲ ସୁରକ୍ଷା କଲେବି କୋଠଚୋରଙ୍କୁ ଜବତ କରିବା କାଠିକର ପାଠ । ଏଇଥିପାଇଁ ଗଣ୍ଡଗୋଳ ଲାଗି ରହିଛି ।

ଗାଁ ଲୋକମାନଙ୍କ ମିଳିତ ଉଦ୍ୟମରେ ଜଳ, ଜମି ଓ ଜଙ୍ଗଲର ବିକାଶ ପାଇଁ ଉଦ୍ୟମ ହୋଇଛି । ଗ୍ରାମରେ ପ୍ରଥମେ ୪ଟି ପରିବାର ଥିଲେ । ଏବେ ତାହା ବଢ଼ି ୪୧ରେ ପହଞ୍ଚିଛି । ସମସ୍ତଙ୍କ ପାଇଁ ଲୋଡା ଜମି, ବାସଗୃହ, ପଇବା ପାଣି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ । ଗାଁଟି ତିନୋଟି ପଡାରେ ବିଭକ୍ତ ହୋଇଛି । ପ୍ରତ୍ୟେକ ପଡାର ସ୍ୱାତନ୍ତ୍ର୍ୟ ରହିଛି । ପୋଡୁ ଚାଷ କ୍ରମାଗତ ଭାବେ କିରି ଏବେ ସବୁ ପରିବାରଙ୍କ ହାତରେ କିଛି କିଛି ଜମି ଅଛି । କିନ୍ତୁ ୪ଟି ପରିବାର ଏବେ ସୁଦ୍ଧା ଜମିହୀନ । ବେଳେବେଳେ ବର୍ଷା ଠିକ୍ ନହେଲେ ମରୁଡି ବି ପଡୁଛି ଓ ଶସ୍ୟହାନୀ ଗ୍ରାମକୁ କ୍ଷତି ପହଞ୍ଚାଉଛି । ଲୋକେ ୧୯୯୫ ମସିହା ମରୁଡି କଥା ଭୁଲି ନାହାଁନ୍ତି । ଫସଲ ସେବର୍ଷ ହେଲା ନାହିଁ । ଗାଁରେ କିଛି କୁଲିଭୂତି ବି ମିଳିଲା ନାହିଁ । କେବଳ କାଠ ବିକ୍ରୟ କରି ଚଳିବା ସମ୍ଭବ ନୁହେଁ । ସେ ବର୍ଷ ଅନାହାରରେ ଦୁଇଜଣ ମରିଯାଇଥିଲେ ।

ସରକାର ସେବର୍ଷ ମରୁଡିର ଦୂରବସ୍ଥା ଜାଣି ପାରିନଥିଲେ କି କିଛି ବି ସାହାଯ୍ୟ ଦେଇନଥିଲେ । ଯେତେବେଳେ ଗାଁର ଧାନ, ମାଣ୍ଡିଆ, କୋଶଲା ଆଦି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା, ଲୋକଙ୍କ ଅବସ୍ଥା କହିଲେ ନସରେ । ତା'ପରେ ସେଠାରେ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ କୁଟୁମ୍ବ ପାଣ୍ଠି ବା ଗ୍ରାମ୍ୟଶସ୍ୟ ପାଣ୍ଠି ପ୍ରତିଷ୍ଠା କରାଯାଇଛି ଓ ଲୋକମାନେ ଆବଶ୍ୟକ ସମୟରେ ସେଠାରୁ ଋଣ ନେଉଛନ୍ତି ଓ ଅମଳ ସମୟରେ ଶୁଝୁଛନ୍ତି । ଗାଁରେ ଜଳସେଚନର କୌଣସି ବ୍ୟବସ୍ଥା ନାହିଁ । କେବଳ ଟିକିଏ ଝୋଲାଜମି ଅଛି । ସେ ଜାଗାରେ ଦୁଇଥର ଫସଲ ହେବାର ସୁବିଧା ଅଛି । ଘର ପଛ ପଟେ ଟିକିଏ ଟିକିଏ ବାରି ଅଛି ଓ ସେଥିରେ ମକା, ଶିମ୍ବ, କାକୁଡି କଖାରୁ ମଧ୍ୟ ଲୋକମାନେ ଚାଷ କରୁଛନ୍ତି । ଯେତେ ଫସଲ ହେଲେ ବି ଗାଁରେ ଅଭାବ ଲାଗି ରହିଛି । ଘରଡିହ ପଟ୍ଟା ଅଛି ସମସ୍ତଙ୍କର । କିନ୍ତୁ ଚାଷ ଜମିର ପଟ୍ଟା ନାହିଁ ସମସ୍ତଙ୍କର । ଗାଁରେ ଖାଦ୍ୟ ନିରାପତ୍ତା ଓ ଜୀବନ ଜୀବିକାର ସୁରକ୍ଷା ଘୋର ଅଭାବ । ଏକଥା ଗାଁ ଭିତରେ ପଶିଲା କ୍ଷଣି ସ୍ପଷ୍ଟ ଦେଖି ହେଉଛି ।

ସେ ଦିନ ସନ୍ଧ୍ୟାରେ ଆମେ ହାଟସିଲ ଗାଁରେ ପହଞ୍ଚି ଯାଇଥିଲୁ । ପାହାଡ ସେପାଖରୁ ଜହ୍ନ ଉଠି ସାରିଥିଲା ଓ ଗାଁର ଛବି ସ୍ପଷ୍ଟ ଦେଖି ହେଉଥିଲା । ଲୋକେ କାମ ଧନ୍ଦାରୁ ଫେରିଥିଲେ । ଆଦିବାସୀ ମାଆମାନେ ରୋଷେଇରେ ବ୍ୟସ୍ତ ଥିଲେ । ଶୀତ ଜଙ୍ଗଲରୁ ମାଡି

Digitized by srujanika@gmail.com

ଆସୁଥିଲା । କିଛି ଲୋକ ନିଆଁ ଲଗାଇ ବସିଥିଲେ । ସେମାନଙ୍କର ନୁଖୁରା ଚେହେରା ନିଆଁ ଆଲୁଅରେ ବାରି ହେଉଥିଲା । ଆମେ ସେମାନଙ୍କ ପାଖରେ ବସିଗଲୁ । ଗାଁ ସାରା ସବୁ ଲୋକ ଆସିବାକୁ କିଛି ସମୟ ଲାଗିବ । ମାଆମାନେ ଏକାଠି ହେବାକୁ ବିଳମ୍ବ ହେବ । ମୁଁ ଗାଁର ଇତିହାସ ଭୂଗୋଳ ଜାଣିବାକୁ ଚେଷ୍ଟା କରୁଥିଲି । ହାଟସିଲ୍ ଗାଁରେ ବିକାଶ ପ୍ରକ୍ରିୟାର ସ୍ରୋତ ବୁଝିବାକୁ ଚେଷ୍ଟା କରୁଥିଲି । ପରେ ଗାଁର ମିଟିଂରେ ଅନେକ କଥା ଆଲୋଚନା ହେଲା । କିନ୍ତୁ ସମସ୍ୟାର ତାଲିକା ଅସରନ୍ତି । ମାଆମାନେ କହିଲେ ଖରାଦିନେ ବହୁତ ପାଣି କଷ୍ଟ ହେଉଛି । ଝରଣା ଓ ନଳକୂଅ ଶୁଖିଯାଉଛି । ସ୍ୱାସ୍ଥ୍ୟକର୍ମୀ ଆସୁ ନାହିଁ । ଅଙ୍ଗନବାଡି ନାହିଁ । ଗାଁରେ ସ୍କୁଲ ନାହିଁ । ଜମିର ପଟ୍ଟା ହୋଇନାହିଁ । ରୋଗ ବେମାରି ବର୍ଷ ସାରା ଲାଗି ରହିଛି । ମା'ମାନଙ୍କ ସହ ତାଳ ମିଳାଇ ବାପାମାନେ ମଧ୍ୟ ସବୁ ସମସ୍ୟାକୁ ଆଲୋଚନା କରିଲେ । ହାଟସିଲ୍ ଭଳି ଗାଁମାନଙ୍କର ବିକାଶ କେବେ ସମ୍ଭବ ହେବ, ମୁଁ ସେ କଥା ମନେ ମନେ ଭାବୁଥିଲି । ଗାଁର ଲୋକେ ପଲ୍ଲୀସଭା ହୋଇଥିଲା ଓ ଯାହାକିଛି ନିଷ୍ପତ୍ତି ନିଆଯାଇଥିଲା, ସେଥିରୁ ଗୋଟାଏ ହେଲେ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ ବୋଲି କହିଲେ । ୨୦୦୬ ମସିହାରେ ଗ୍ରାମସଭାରେ ତାଙ୍କ ଗାଁରେ ରାସ୍ତାକାମ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଗ୍ରାମ କମିଟିର ଜୟ ମାଝୀଙ୍କ ନାମରେ କାମ ଆସିଥିଲା, କିନ୍ତୁ ଜୟପାଟଣାର ଜଣେ ବଡ଼ ଠିକାଦାର ସେ ସବୁ କାମ ଜବରଦସ୍ତି କଲା ଓ ଲୋକମାନଙ୍କୁ କିଛି କିଛି ମଜୁରି ଦେଇ ବାକି ସବୁ ଅର୍ଥ ହଡପ କରିନେଲା । ପ୍ରଶାସନର ତଳଠୁ ଉପର ଯାଏଁ ସମସ୍ତେ ଏଇ ଠିକାଦାରର ହାତ ମୁଠାରେ । ସେଇ ଅଞ୍ଚଳର ପ୍ରତ୍ୟେକ ଗାଁ ଏହିପରି ଜଣେ ଜଣେ ଠିକାଦାରର ହାତ ମୁଠାରେ । କୌଣସି କାମ ଗାଁ କମିଟି ବା ଗାଁ ମୁଖିଆଙ୍କ ପାଖକୁ ଆସେ ନାହିଁ । ହାଟସିଲ୍ ଗାଁ ଥୁଆମୂଳ ରାମପୁରଠାରୁ ପ୍ରାୟ ୪୦କି.ମି. ଓ ଭବାନୀପାଟଣାଠାରୁ ପ୍ରାୟ ୧୫୦କି.ମି. । ଏଣୁ ଏପ୍ରକାର ଦୁର୍ଗମ ଅଞ୍ଚଳରେ ପ୍ରଶାସନିକ ଢାଞ୍ଚା ପୂରା ଭୁଶୁଡି ପଡିଛି । ଠିକାଦାର ଓ ଦଲାଲ୍‌ମାନଙ୍କ ହାତରେ ଗାଁର ବିକାଶ ଯୋଜନା କବଳିତ ହୋଇ ସାରିଛି । ସେଦିନ ସନ୍ଧ୍ୟାରେ ଗାଁ ଲୋକ ସବୁ ନିଜର ଅଙ୍ଗେନିଭା କଥା କହୁଥିଲେ । ଠିକାଦାର କେମିତି ସ୍ୱଳ୍ପ ମଜୁରି ନେବାକୁ ବାଧ୍ୟ କରୁଥିଲା, ତାହାର କରୁଣ କାହାଣୀ ବର୍ଣ୍ଣନା କରୁଥିଲେ । ଲୋକେ କାହାକୁ ଅଭିଯୋଗ କରିବେ ? କିଏ ତାଙ୍କ କଥା ଶୁଣିବ ? ଭାଗ୍ୟକୁ ଏବେ ସରପଞ୍ଚ ଜଣେ ଭଲ ଲୋକ ନିର୍ବାଚିତ ହୋଇଛି । ଗାଁକୁ କେବେ କେମିତି ଆସୁଛି । କିନ୍ତୁ ଏପର୍ଯ୍ୟନ୍ତ କୁଲିକାର୍ଡ଼ର ସଦୁପଯୋଗ ହୋଇନାହିଁ । ଲୋକମାନେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ପୋଖରୀ ଖୋଳା ହୋଇପାରନ୍ତା । କେନାଲ ହୋଇପାରନ୍ତା । ସବୁଯୋଜନା କେବଳ କାଗଜପତ୍ରରେ ରହୁଛି ।

ହାଟସିଲ୍ ଗାଁରେ ମୁଁ ବେଶୀ ସମୟ ରହିପାରି ନଥିଲି । ଲୋକମାନେ ଅସୁବିଧା କଥା କହି କହି ଥକିଗଲେ । ମୁଁ ଯେଉଁଭଳି ନିରୁପାୟ ଅବସ୍ଥାରେ ଥିଲି, ସେଠାରେ କୁଲିକାର୍ଡ

Digitized by srujanika@gmail.com

ଜରିଆରେ କାମ ପାଇଁ ଦାବି କରିବା ଛଡା ଅନ୍ୟ କୌଣସି ପ୍ରସ୍ତାବ ଦେଇପାରି ନଥିଲି । ମୁଁ ଯେଉଁଭଳି ନିରୁପାୟ ଆବସ୍ଥାରେ ଥିଲି, ସେଠି କୁଲି କାମ କରିବା ଛଡା ଅନ୍ୟ କିଛି ପ୍ରସ୍ତାବ ଦେଇ ପାରିନଥିଲି । ତେନ୍ତୁଳିଖୁଣ୍ଟି ଓ ଖାଡିଗୁଡା ହାଟରେ ପନିପରିବା ବେଶ୍ ବିକ୍ରୟ ହେଉଛି । ତେଣୁ ଜଳସେଚନ ବ୍ୟବସ୍ଥା କିପରି କରି ପନିପରିବା ଚାଷ କରିପାରିଲେ ଏହା ଲାଭଜନକ ହେବ ବୋଲି ସମସ୍ତେ ଅନୁଭବ କରୁଥିଲେ । ଇନ୍ଦ୍ରାବତୀ ଡ୍ୟାମ୍ କଥା ମଧ୍ୟ ଆଲୋଚନା ହେଲା ଏବଂ ଏହି ନଦୀବନ୍ଧ ଦ୍ୱାରା ଆଖପାଖ ଗାଁମାନଙ୍କରେ କିଭଳି କ୍ଷତି ହୋଇଛି ତାହା ଅନୁମାନ କରି ହେଉଥିଲା । ହାଟସିଲ୍ ଗାଁକୁ ଆସନ୍ତା ୫୦ବର୍ଷରେ ବିଜୁଳି ଆଲୁଅ ଯିବକି ନାହିଁ, ତାହା ଲୋକମାନେ ସନ୍ଦେହ କରୁଥିଲେ । ଗାଁ ନବେବର୍ଷ ହେଲା ଦୁଃଖ ସୁଖକୁ ନେଇ ତିଷ୍ଠି ରହିଛି । ଭବିଷ୍ୟତରେ ରହିପାରିବ । କେହି ସାହାଯ୍ୟ କରନ୍ତୁ ବା ନ କରନ୍ତୁ ଯାଏ ଆସେ ନାହିଁ ।

ମୁଁ ଗତ କେତେ ଦିନ ଧରି ପଲ୍ କଲିଏର(Paul Collier) ବୋଲି ଜଣେ ଅର୍ଥନୀତି ବିଶାରଦଙ୍କ ବହି 'The Bottom Billion' ପଢୁଥିଲି । ପୃଥିବୀରେ ପ୍ରାୟ କେତୋଟି ଦେଶ ଓ ସେ ଦେଶରେ ଦାରିଦ୍ର୍ୟରେ ସଢୁଥିବା ଲୋକଙ୍କୁ ନେଇ ଏଇ ବଟମ୍ ବିଲିୟନ ବହି ରଚନା କରାଯାଇଛି । ଏମାନେ ପୃଥିବୀର ବିଭିନ୍ନ ମହାଦେଶରେ, ବିଭିନ୍ନ ଦେଶରେ ଓ ବିଭିନ୍ନ ପ୍ରାନ୍ତରେ ଅଛନ୍ତି । ସେମାନଙ୍କର ଦାରିଦ୍ର୍ୟର କାରଣ କ'ଣ ? ସେମାନଙ୍କର ଦାରିଦ୍ର୍ୟ ଦୂରୀକରଣର ଉପାୟ କ'ଣ ? ପଲ୍ କଲିଏର୍ ଜଣେ ଉଦାରୀକରଣ ସପକ୍ଷବାଦୀ ଅର୍ଥଶାସ୍ତ୍ରୀ । ଷ୍ଟିଗଲିଜ୍, ସାକ୍ସ, ଅମର୍ତ୍ତ୍ୟସେନ୍, ଆଦି ଅର୍ଥନୀତିଜ୍ଞଙ୍କ ସହ ପ୍ରାୟ ସେ ଏକମତ । ତାଙ୍କର ବିଶ୍ଳେଷଣ ହେଲା ଯେ ଆଭ୍ୟନ୍ତରୀଣ ସଂଘର୍ଷ, ଶିଳ୍ପ ଓ ଖଣିଖାଦାନକୁ ପ୍ରାଧାନ୍ୟ ଦେବା, ଦୁର୍ନୀତିଗ୍ରସ୍ତ ପ୍ରଶାସନ ଆଦି ଅନେକ କାରଣ ଦ୍ୱାରା ଏ ପୃଥିବୀରେ ଦାରିଦ୍ର୍ୟ ସୃଷ୍ଟି ହୋଇଛି ଏବଂ ଏଥିରୁ ନିସ୍ତାର ପାଇବାକୁ ରାସ୍ତା କିଛି ଦେଖାଯାଉନାହିଁ । ଜଗତୀକରଣ ପ୍ରକ୍ରିୟାରେ 'ଦି ବଟମ୍ ବିଲିୟନ' ଆଜି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ । ଯେତେବେଳେ ଏମାନଙ୍କୁ କ୍ଷତିଗ୍ରସ୍ତ କରାଇ କେତେକ ରାଷ୍ଟ୍ର ବେଶି ବିକଶିତ ହେଉଛନ୍ତି, ସେତେବେଳେ କେତେକ ସାହସିକ ପଦକ୍ଷେପ ନେବାକୁ ହେବ । ପଲ୍ କଲିଏରଙ୍କ ମତରେ କେବଳ ଜି-୮(G-8)ଦେଶମାନେ ଏହି କୋଟି କୋଟି ଗରିବଙ୍କୁ ଦାରିଦ୍ର୍ୟର ଜାଲରୁ ମୁକ୍ତ କରିପାରିବେ । ଏହି ସମ୍ପୂର୍ଣ୍ଣ ବିକଶିତ ଆଠଟି ଦେଶର ମୂଳ କର୍ତ୍ତବ୍ୟ ହେଲା ଦରିଦ୍ରତମ ଦେଶମାନଙ୍କ ସହ ବେପାର ବାଣିଜ୍ୟ ବଢ଼ାଇବା, ଦୁର୍ନୀତି ବିରୁଦ୍ଧରେ ନୂଆ ଆଇନ କାନୁନ୍ ଲାଗୁ କରାଇବା ଓ ଆବଶ୍ୟକ ହେଲେ ସାମରିକ ଶାସନକୁ ପ୍ରୋତ୍ସାହନ ଦେବା ଇତ୍ୟାଦି । କଲିଏର ବିଭିନ୍ନ ଉଦାହରଣ ଦେଇ ଯୁକ୍ତି ବାଢ଼ିଛନ୍ତି । ସେ ବିଶ୍ୱ ବ୍ୟାଙ୍କରେ କାମ କରିଛନ୍ତି ଜଣେ ଗବେଷକ ହିସାବରେ । ଜୋସେଫ ଷ୍ଟିଗ୍ଲିଜ୍‌ଙ୍କ ସହ ହାତ ମିଳାଇଛନ୍ତି । ଆଫ୍ରିକାର ଗରିବତମ ଦେଶମାନଙ୍କ ଉପରେ ଅନେକ

Digitized by srujanika@gmail.com

ତଥ୍ୟମୂଳକ ପ୍ରବନ୍ଧ ଲେଖିଛନ୍ତି । ଅକ୍ସଫୋର୍ଡ ବିଶ୍ୱ ବିଦ୍ୟାଳୟରେ ଅର୍ଥନୀତି ଅଧ୍ୟାପନା କରିଛନ୍ତି । ବିଶ୍ୱର ଦାରିଦ୍ର୍ୟକୁ ନିକଟତମ ସ୍ଥାନରୁ ଅନୁଭବ କରିବାକୁ ଚାହିଁଛନ୍ତି । ଏଥିପାଇଁ ସାହସିକ ପଦକ୍ଷେପ ହିସାବରେ ସାମରିକ ହସ୍ତକ୍ଷେପ କରିବାକୁ ସେ ଯେଉଁ ପ୍ରସ୍ତାବ ଦେଇଛନ୍ତି ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ବାଣିଜ୍ୟ ବେପାରର ଆନ୍ତର୍ଜାତିକ ନୀତି ନିୟମ ଅଲଗା କଥା । ବିଶ୍ୱ ଅନୁଦାନ ଓ ରାଜନୀତି ଆଉ ଏକ ବିଷୟ । ବିକାଶ ବିଷୟରେ ବାମପନ୍ଥୀ ଚିନ୍ତାଧାରା ବା ଦକ୍ଷିଣପନ୍ଥୀ ମତବାଦର ସୀମିତ ଦୃଷ୍ଟିକୋଣ ରହିଛି ବୋଲି ସେ ଦୃଢ଼ ଯୁକ୍ତି କରିଛନ୍ତି । ଏଥିପାଇଁ ବିଶ୍ୱରେ ଏକ ମିଳିତ ମତାମତ ସୃଷ୍ଟି ହେଉ ବୋଲି ସେ ଆଶା କରିଛନ୍ତି । ସାରା ବିଶ୍ୱର ଅଭିବୃଦ୍ଧି ହେଲେ ଏ ପୃଥିବୀର କୋଟି କୋଟି ଲୋକଙ୍କ ଦାରିଦ୍ର୍ୟ ଦୂର ହେବ ଏହା ବିଶ୍ୱସନୀୟ ନୁହେଁ । ଏଥିପାଇଁ ଯେଉଁ ସ୍ୱତନ୍ତ୍ର ରଣନୀତିର ଆବଶ୍ୟକତା ରହିଛି ତାହା ଉପରେ ସେ ଆଲୋକପାତ କରିଛନ୍ତି । ମୋ ଭଳି ଏଇ ସ୍ତମ୍ଭର ପାଠକମାନେ ପଲ କଲିଏରଙ୍କ ସହ ଏକମତ ହେବେ ନାହିଁ । ସାରା ପୃଥିବୀର ଦାରିଦ୍ର୍ୟ ଆଠଟି ବିକଶିତ ଦେଶଙ୍କ ହସ୍ତକ୍ଷେପ ଦ୍ୱାରା ଦୂର ହୋଇପାରିବ ନାହିଁ । ହାଟିସିଲ୍ ଗାଁକୁ ସରକାରୀ ସାହାଯ୍ୟ ଆସୁ କି ନ ଆସୁ, ବେସରକାରୀ ସଂଗଠନର ପ୍ରତ୍ୟକ୍ଷ ହସ୍ତକ୍ଷେପ ଥାଉ କି ନଥାଉ ଏ ଗାଁ ଯେ ବିକାଶୋନ୍ମୁଖୀ ଏଥିରେ ସନ୍ଦେହ କରିବାର ଅବକାଶ ନାହିଁ । ଗତ ନବେ ବର୍ଷ ଧରି ଏ ଗାଁ ପ୍ରତିଷ୍ଠିତ ହୋଇଛି । କେତେ ଝଡଝଞ୍ଜା, ମରୁଡ଼ି ଓ ଅନାହାର ରୋଗ ଓ ବେମାରିର ମୁକାବିଲା କରିଛି । ଗାଁର କେହି ଜଣେ ହେଲେ ଆଜି ପର୍ଯ୍ୟନ୍ତ ପଳାୟନ କରିନାହିଁ ବା ଦେଶାନ୍ତରୀ ହୋଇନାହିଁ । ଲୋକେ ଗାଁରେ ନୂତନ ଯୋଜନା ତିଆରି କରିଛନ୍ତି । ଜମି, ଜଳ, ଜଙ୍ଗଲର ବିକାଶ ହେବା ପାଇଁ ନୂତନ ମାନଚିତ୍ର ତିଆରି କରିଛନ୍ତି । ଗାଁରେ ଅନାହାର ନରହିବା ପାଇଁ କୁଟୁମ୍ବ ପାଣ୍ଠି ପ୍ରତିଷ୍ଠା କରିଛନ୍ତି । ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇଁ ସେମାନେ ସରକାରଙ୍କ ଠାରୁ ଦାବୀ କରୁଛନ୍ତି । ଦୁର୍ନୀତି ଓ ଶୋଷଣ ବିରୁଦ୍ଧରେ ଲଢ଼ିବାକୁ ଅଣ୍ଟା ଭିଡିଛନ୍ତି । ସେଦିନ ମୁଁ ସେମାନଙ୍କ ସହ ଆଲୋଚନା କରୁଥିବା ବେଳେ ଗାଁର ମାଆ ବାପାମାନେ ମଧ୍ୟ ସମାଧାନର ଅନେକ ସଙ୍କେତ ଦେଇଥିଲେ । ପ୍ରଶାସନ ଆଜି ନହେଲେ ଆସନ୍ତାକାଲି ସେମାନଙ୍କର ସମସ୍ୟା ପ୍ରତି ଦୃଷ୍ଟି ଦେବ ନିଶ୍ଚିତ । ପଲ୍ଲୀ ସଭା ହେଉକି ଗ୍ରାମ ସଭା ହେଉ ସେମାନଙ୍କର ଦାବୀ ନିଶ୍ଚୟ କିଏ ନା କିଏ ଶୁଣିବ । ଏସବୁ ଆସ୍ଥାସୂଚକ ସଙ୍କେତ ମୁଁ ସେଦିନ ଶୀତ ସନ୍ଧ୍ୟାରେ ହାଟସିଲ୍ ଗାଁରେ ପାଇ ଏକ ଅଜଣା ଉଷ୍ମତାରେ ପୁଲକିତ ହୋଇଥିଲି ।

□□□

Digitized by srujanika@gmail.com

ଦେଶାନ୍ତରୀକରଣ ଓ ପଳାୟନ

ଗତ ସପ୍ତାହରେ ମୁଁ ଓଡ଼ିଶାର ଉପାନ୍ତସହର ଖରିଆର ରୋଡରେ ପହଞ୍ଚିଥିଲି ବିଶାଖାପାଟଣା- କୋର୍ବା ଏକ୍ସପ୍ରେସ୍ ଟ୍ରେନରେ । ଟ୍ରେନ୍ ବିଳମ୍ବ ଥିଲା । ଶୀତରାତି ସରିନଥିଲା । ଷ୍ଟେସନ ଆଖପାଖରେ କୁହୁଡିର ଏକ ପତଳା ଆସ୍ତରଣ କିନ୍ତୁ ଏକ ଅହେତୁକ ନିସ୍ତବ୍ଧତା ସୃଷ୍ଟିକରୁଥିଲା । ଷ୍ଟେସନ୍‌ରେ ଟ୍ରେନ୍ ମାତ୍ର ଦୁଇମିନିଟ୍ ରହିବ । ଶୀଘ୍ର ଓହ୍ଲାଇବାକୁ ହେବ । କିନ୍ତୁ ଷ୍ଟେସନ ସାରା ମଣିଷମାନେ ଭରି ରହିଛନ୍ତି । ପୂରା ପରିବାରକୁ ଧରି ମଣିଷମାନେ ଜେନେରାଲ୍ କମ୍ପାର୍ଟମେଣ୍ଟରେ ଭିଡ ଲଗାଇଛନ୍ତି । ମୁଣ୍ଡରେ ବସ୍ତାଟିଏ । କିଏ ହାତରେ ବ୍ୟାଗଟିଏ ଧରିଛି । ଠେଲାପେଲା ଭିତରେ ଟ୍ରେନ୍ ଚାଲିବାକୁ ଆରମ୍ଭ କଲା । ଅଳ୍ପକିଛି ବ୍ୟକ୍ତି ଟ୍ରେନ୍‌ରେ ପଶି ପାରିଲେ । ଅନେକ ଦୌଡାଦୌଡି କରିଲେ ସତ, କିନ୍ତୁ ଟ୍ରେନ୍ ଭିତରେ ପଶିବା ସମ୍ଭବ ହେଲା ନାହିଁ । ରାୟପୁର ଅଭିମୁଖେ ପାସେଞ୍ଜର ଟ୍ରେନ୍ ଅନେକ ବିଳମ୍ବରେ ଆସିବ । ସେମାନଙ୍କର ନୈରାଶ୍ୟ ସାରାଷ୍ଟେସନ୍‌କୁ ଭାରାକ୍ରାନ୍ତ କରିରଖିଥିଲା । ଖରିଆର୍ ରୋଡରେ ଲଜିଂମାନେ ଖୁବ୍ ବ୍ୟସ୍ତ । ବିଭିନ୍ନ ଅଞ୍ଚଳରୁ ସର୍ଦ୍ଦାରମାନେ ଆସି ଆଡା ଜମାଇଛନ୍ତି ଗତ କେତେ ଦିନ ଧରି । ରୁମ୍‌ଟିଏ ପାଇବା ସହଜ କଥା ନୁହେଁ । ପଚାରିବାରୁ ଜଣା ପଡିଲା ଯେ ଗତ ମାସ ସାରା ସର୍ଦ୍ଦାରମାନେ ପ୍ରତିଯୋଗିତା କରୁଛନ୍ତି କିଏ କେତେ କୁଲି ସଂଗ୍ରହ କରିବେ । ଦେଶାନ୍ତରୀ ହେବା ସମୟ ଆସିଯାଇଛି । ଯଦି ଖରିଆର ରୋଡରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି, ତେବେ ଦେଶାନ୍ତରୀ ହେବାର ମୁଖ୍ୟ ଦ୍ୱାର ଭାବେ ନାମିତ ହୋଇଥିବ । କଣ୍ଟାବାଞ୍ଜି ଓ ଟିଟିଲାଗଡ଼ ଷ୍ଟେସନ୍‌ର ଅବସ୍ଥା କ'ଣ ହୋଇଥିବ ଜଣେ ସହଜରେ ଅନୁମାନ କରିପାରୁଥିବ । ପଶ୍ଚିମ ଓଡିଶାରେ ଗାଁ ଗଣ୍ଡାରୁ ଲୋକମାନଙ୍କର ପଳାୟନ କିଛି ନୂଆକଥା ନୁହେଁ । ଏହା ଆମ ସମସ୍ତଙ୍କର ଦେହସୁହା ହୋଇଗଲାଣି । ଆମମାନଙ୍କର ଦେଶାନ୍ତରଙ୍କ ପାଇଁ ବୋହୁ ଥିବା ଛଳନାର ଲୁହ କେତେଥର ବୋହି ଶୁଖିଗଲାଣି । ଦେଶାନ୍ତରୀ ହେବାଟା ବର୍ତ୍ତମାନ ସର୍ବବ୍ୟାପୀ ହୋଇସାରିଲାଣି ଓଡ଼ିଶାରେ ଏଇଗତ କେତେବର୍ଷ ଧରି । ଏହା ଗୋଟାଏ ଗ୍ରାମ ବା ଅଞ୍ଚଳ ଭିତରେ ସୀମିତ ହୋଇ ରହିନାହିଁ । ସେଦିନ କାଶୀପୁରର ରାଣିଝିରି ଗାଁର ମାଆମାନେ

Digitized by srujanika@gmail.com

ମୋ ପାଖକୁ ଆସି କାନ୍ଦିବାରେ ଲାଗିଲେ ତାଙ୍କର ପୁଅମାନେ ବାଙ୍ଗାଲୋର ଯାଇଛନ୍ତି ଯେ, ଆଉ ଫେରୁ ନାହାନ୍ତି । ଫୋନ୍ କରିଲେ ବି କିଛି ଜଣାପଡୁନି । କିଏ ତାଙ୍କୁ ସେଠାରେ ଭୟଭୀତ କରି ଜୋର ଜବରଦସ୍ତ ବାନ୍ଧି ରଖିଛି । ମାଡମାରି ଦିନ ରାତି କାମ କରାଉଛି । କିଛି ଦିନ ତଳେ ସେମାନଙ୍କ ସହ ଯୋଗାଯୋଗ ଥିଲା । ଏବେ ତାହା ବିଛିନ୍ନ ହୋଇଛି । ପୁଅ ମରିଛି କି ବଞ୍ଚିଛି ତାହା ନଜାଣିପାରି ସେମାନେ କାନ୍ଦୁଛନ୍ତି । ପ୍ରଗତି ଓ ଅଭିବୃଦ୍ଧି ପାଇଁ ଏତେ ସଂଖ୍ୟକ ଯୋଜନା କିନ୍ତୁ ତା'ର ଫଳାଫଳ ଓ ପ୍ରଭାବ ବୁଝି ହେଉନାହିଁ । ଓଡ଼ିଶାର ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ସବୁ ଦିଗରୁ ଏ ପଳାୟନ ବ୍ୟାପକ ହୋଇଛି । ଅଥଚ ଓଡ଼ିଶାରେ ଶିଳ୍ପାୟନ ହେଉ କି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ହେଉ, ସଫଳତାର ଗୁଣଗାନ କରିବାକୁ ସରକାର ଓ କିଛି ପେଶାଦାର ବ୍ୟକ୍ତି ଉଦ୍ୟମରତ ଅଛନ୍ତି । ଏଇ ଗୋଷ୍ଠୀ ଯଦି ପଳାୟନ କରୁଥିବା ପରିବାରଙ୍କୁ ଦେଖନ୍ତେ ବା ସେମାନଙ୍କ ସହ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସନ୍ତେ, ତେବେ ଜାଣନ୍ତେ ଯେ ଦେଶାନ୍ତରୀ ହେବାଟାରେ କିଛିଟା ବାଧ୍ୟବାଧକତା ଅଛି ଓ ଏଥିରେ ସରକାରଙ୍କ ଚରମ ବିଫଳତା ପ୍ରମାଣିତ ହେଉଛି । ଓଡ଼ିଶାରୁ କେତେ ଲୋକ ଏଇଭଳି ସାମୟିକ ଭାବେ ଦେଶାନ୍ତରୀ ହେଉଛନ୍ତି ତାହା ଉପରେ କିଛି ଅଧ୍ୟୟନ କରାଯାଇଛି ସତ, ସମ୍ପୂର୍ଣ୍ଣ ଚିତ୍ର ଏପର୍ଯ୍ୟନ୍ତ କାହାକୁ ମିଳିନାହିଁ । କିଏ ଷ୍ଟେସନ୍‌ମାନଙ୍କରେ ଟିକଟ ବିକ୍ରୀକୁ ବିଶ୍ଳେଷଣ କରିଛି ତ ଆଉକିଏ ପାରିବାରିକ ସର୍ଭେକ୍ଷଣ କରିଛି । ସରକାରଙ୍କ ଶ୍ରମ ବିଭାଗ କିନ୍ତୁ ବେଶ୍ ଶୋଇ ପଡିଛି । ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଏଇଭଳି ଦେଶାନ୍ତରୀ ହେଉଛନ୍ତି । କିନ୍ତୁ କାହାର ଦୃଷ୍ଟି ନାହିଁ । ସେମାନଙ୍କର କର୍ମସ୍ଥଳକୁ ଯାଇ ଅସଲ ପରସ୍ଥିତି ଜାଣିବା ଲାଗି କାହାର ଆଗ୍ରହ ନାହିଁ । ଗବେଷକ ହୁଅନ୍ତୁ ବା ସାମାଜିକ କର୍ମୀ ହୁଅନ୍ତୁ, ସମସ୍ତଙ୍କର ଦୃଷ୍ଟିକୋଣ ପ୍ରତି ଅନେକ ପ୍ରଶ୍ନ ଉଠାଯାଇଛି । ଏହା ଖାଲି ଓଡ଼ିଶାରେ ନୁହେଁ । ଝାଡଖଣ୍ଡ ଓ ଛତିଶଗଡ଼ ଭଳି ପ୍ରଦେଶମାନଙ୍କରେ ବିରାଟ ପ୍ରଶ୍ନ ହୋଇସାରିଛି । ଗତ ନଭେମ୍ବର ମାସରେ ମୁଁ ସେ ଅଞ୍ଚଳକୁ ଯାଇଥିବା ବେଳେ ଏ କଥା ଲକ୍ଷ୍ୟକରି ଆଶ୍ଚର୍ଯ୍ୟ ହୋଇନଥିଲି । ଜିଲ୍ଲା-ଜିଲ୍ଲା ଭିତରେ, ପ୍ରଦେଶ-ପ୍ରଦେଶ ମଧ୍ୟରେ ଏପରିକି ଦେଶ ଦେଶ ମଧ୍ୟରେ ଦେଶାନ୍ତରୀ ହେବା ଏବେ ନିତିଦିନିଆ ଘଟଣା ହୋଇଯାଇଛି ।

ଆନ୍ତର୍ଜାତିକ କ୍ଷେତ୍ରରେ ଦେଶାନ୍ତରୀ ହେବା ମଧ୍ୟ କିଛି ନୂଆକଥା ନୁହେଁ । ଆଦିବାସୀମାନଙ୍କ ଭିତରେ ଏହା ବଢ଼ିବାରେ ଲାଗିଛି ବୋଲି ଏକ ଆନ୍ତର୍ଜାତିକ ଗବେଷଣା ସଂସ୍ଥା ଉଲ୍ଲେଖ କରିସାରିଛି । ବିଭିନ୍ନ ଦେଶରେ ଅଧ୍ୟୟନ ମାଧ୍ୟମରେ ପ୍ରମାଣିତ ହୋଇଛି ଯେ ଦେଶାନ୍ତରୀ ହେବାର ମୁଖ୍ୟ କାରଣ ହେଲା (କ) ଦାରିଦ୍ର୍ୟ (ଖ) ଚାଷ ଜମିର ଅଭାବ ଓ କୃଷି ପ୍ରତି ଅବହେଳା ପ୍ରଦର୍ଶନ (ଗ) ଜନସଂଖ୍ୟା ବୃଦ୍ଧି (ଘ) ପ୍ରାକୃତିକ ସମ୍ବଳର ଲୁଣ୍ଠନ(ଙ)

Digitized by srujanika@gmail.com

ପ୍ରାକୃତିକ ବିପର୍ଯ୍ୟୟ (ଚ) ସାମରିକ କାର୍ଯ୍ୟାନୁଷ୍ଠାନ ଓ ହିଂସାର ବାତାବରଣ (ଛ) ବଳ ପ୍ରୟୋଗ ଦ୍ୱାରା ବିସ୍ଥାପନ (ଜ) ଜୀବନ ଜୀବିକା ପାଇଁ ଅନ୍ୱେଷଣ ଇତ୍ୟାଦି । ପ୍ରତ୍ୟେକ ଦେଶ ବା ଅଞ୍ଚଳର ନିର୍ଦ୍ଦିଷ୍ଟ କାରଣ ଅଛି ବୋଲି ବିଭିନ୍ନ ଅଧ୍ୟୟନରୁ ସ୍ପଷ୍ଟ ପରିଲିକ୍ଷିତ ହୋଇଛି । ଏସବୁର ସଂକ୍ଷିପ୍ତ ବର୍ଣ୍ଣନା ଏସ୍ତମ୍ଭରେ ପ୍ରକାଶିତ ହେବାର ଆବଶ୍ୟକତା ଅଛି ବୋଲି ମୁଁ କେତେ ଦିନ ହେବ ଉପଲବ୍ଧି କରି ଆସୁଛି । ଯେଉଁ ଆଦିବାସୀମାନେ ଦେଶାନ୍ତରୀ ହେଉଛନ୍ତି, ସେମାନଙ୍କୁ ଏକ ସ୍ୱତନ୍ତ୍ର ଗୋଷ୍ଠୀର ମାଟି କାଦୁଅର ମଣିଷ ବୋଲି ବିବେଚନା କରିବା ଯଥାର୍ଥ ବୋଲି ମନେ କରିବାରେ କାହାର ଆପତ୍ତି ଅଛି କି ?

ପ୍ରଥମେ ଆମେ ଦକ୍ଷିଣ ଆମେରିକାର ଚିଲି କଥା ବିଚାର କରିବା । ଏ ଦେଶରେ ଦେଶାନ୍ତରୀ ହେବାଟା ଏକ ଐତିହାସିକ ଘଟଣାପ୍ରବାହ ନୁହେଁତ ଆଉ କ'ଣ ? ମୂଳ ଆଦିବାସୀମାନେ ଜଙ୍ଗଲରେ ରହିଆସୁଛନ୍ତି, କିନ୍ତୁ ଲକ୍ଷ ଲକ୍ଷ ଏକର ଜଙ୍ଗଲ ନଷ୍ଟ କରାଯାଉଛି ସେଲୁଲୋଜ୍ ତିଆରି ପାଇଁ । ସେଲୁଲୋଜ୍‌ରୁ ତିଆରି ହୁଏ କାଗଜ । କାଗଜ ମଧ୍ୟ ଏକ ରପ୍ତାନିକାରୀ ଓ ଲାଭଜନକ ଶିଳ୍ପ । ଚିଲିର ଦକ୍ଷିଣରେ ଖଣି ଖାଦାନ ମଧ୍ୟ ଅନେକଙ୍କୁ ବିସ୍ଥାପିତ କରିଛି । ବିଶେଷ କରି ମାପୁଚେ ଆଦିବାସୀମାନେ କ୍ଷତିଗ୍ରସ୍ତ ହୋଇ ସାରିଛନ୍ତି । ଗୋପାଳନ କରିବାକୁ ଜଙ୍ଗଲ ସଫାକରିବାକୁ ପଡୁଛି । ଏଥିରେ ଅଣଆଦିବାସୀ ଓ ଶ୍ୱେତାଙ୍ଗମାନେ ଧସେଇ ପଶୁଛନ୍ତି ମାପୁଚେମାନଙ୍କର ବସବାସ କରୁଥିବା ଇଲାକାକୁ । ଫଳତଃ ଚିଲିର ଆଦିବାସୀମାନେ ଆର୍ଜେଣ୍ଟିନା ଭିତରକୁ ପଳାୟନ କରୁଛନ୍ତି । ମାପୁଚେମାନଙ୍କର ଜନସଂଖ୍ୟା ସର୍ବେରୁ ସେମାନଙ୍କର ସଂଖ୍ୟା କିପରି ଦ୍ରୁତଭାବେ ହ୍ରାସ ପାଇଛି, ତାହା ଜଣାପଡୁଛି ।

ଏବେ ଗୁଏତ୍‌ମାଲାର ମାୟାଜାତିର ମୂଳ ଆଦିବାସୀମାନେ ମେକ୍ସିକୋକୁ ପଳାୟନ କରୁଛନ୍ତି । କଫି ବଗିଚାରେ କାମ କରିବାକୁ ଶସ୍ତାଶ୍ରମର ବ୍ୟାପକ ଆବଶ୍ୟକତା ରହିଛି । ଏହାଛଡ଼ା ଗୁଏତ୍‌ମାଲାରେ ମାୟାମାନଙ୍କ ଉପରେ ହିଂସକ ଆକ୍ରମଣ ମଧ୍ୟ ପଳାୟନର ଅନ୍ୟ ଏକ କାରଣ ହୋଇଛି । ସାମରିକବାହିନୀର ଅଭିଯୋଗ ଯେ, ମାୟାମାନେ ସମସ୍ତ ଗରିଲାମାନଙ୍କୁ ଆଶ୍ରୟ ଦେଉଛନ୍ତି । ଏଥିପାଇଁ ମାୟାମାନଙ୍କର ଗଣହତ୍ୟା ଲାଗି ରହିଛି । ସେମାନଙ୍କର ଦୁଃଖଦ କାହାଣୀ ଯେକୌଣସି ହୃଦୟକୁ ତରଳାଇ ଦେଇପାରିବ । ମେକ୍ସିକୋରେ ମାୟାମାନେ କିପରି ଅତ୍ୟାଚରିତ ଓ ନିର୍ଯ୍ୟାତିତ, ଏହା ଏବେ ଅନେକ ସହାନୁଭୂତି ସୃଷ୍ଟି କରିଛି । ଗୁଏତ୍‌ମାଲାକୁ ପୁଣି ମାୟାମାନେ ଫେରିବାକୁ ଏକ ଉଦ୍ୟମ ଆରମ୍ଭ ହୋଇଛି । କିନ୍ତୁ ଏହା କେତେ ସଫଳ ହେବ, ଦେଖିବାର ଅଛି । ଦେଶାନ୍ତରୀ ହେଉଥିବା ପରିବାର ପୁଣିଥରେ ତା'ର ସାମାଜିକ, ଆର୍ଥିକ, ସାଂସ୍କୃତିକ ଜୀବନ ପୁନଃପ୍ରତିଷ୍ଠା କରିପାରିବ ଏହା ଏକ ବଡ ପ୍ରଶ୍ନ ସୃଷ୍ଟି କରିଛି ।

Digitized by srujanika@gmail.com

ଆଜି ଗ୍ରୀନ୍‌ଲ୍ୟାଣ୍ଡର ଇନ୍ୟୁଇଟ୍ ଇଣ୍ଡିଆନ୍‌ମାନେ ଦେଶାନ୍ତରୀ ହେବାରେ ଲାଗିଛନ୍ତି । ଗ୍ରୀନ୍‌ଲ୍ୟାଣ୍ଡ ଅଞ୍ଚଳ ଡେନ୍‌ମାର୍କର ଏକ ଉପନିବେଶ ହୋଇ ସବୁବେଳେ ରହିଆସିଛି । ଏଣୁ ସେ ଅଞ୍ଚଳରେ ସହରୀକରଣ ପ୍ରକ୍ରିୟା ଦ୍ରୁତଭାବେ ଆଗେଇ ଚାଲିଛି । ସହର ଗଢ଼ି ଉଠିବା ଫଳରେ ଇନ୍ୟୁଇଟ୍ ଇଣ୍ଡିଆନ୍‌ମାନେ ନିଜର ପାରମ୍ପରିକ ଶିକାର ଓ ସାଂସ୍କୃତିକ ପରମ୍ପରା ହରାଇ ବସୁଛନ୍ତି । ସହରୀ ସଭ୍ୟତା ସେମାନଙ୍କୁ ଗ୍ରାସ କରୁଛି । ସହରୀ ସଭ୍ୟତା ଦ୍ୱାରା ଆକର୍ଷିତ ହେବା ଠିକ୍ କି ଭୁଲ ? ଏହା ଏପର୍ଯ୍ୟନ୍ତ ଏକ ତର୍କରେ ରହିଛି । କିନ୍ତୁ ଇନ୍ୟୁଇଟ୍ ଇଣ୍ଡିଆନ୍‌ମାନେ ଅନେକ କିଛି ହରାଇ ସାରିଛନ୍ତି ।

ଏସିଆର ଫିଲିପାଇନ୍‌ସର କାର୍ଡିଲେରା ଆଦିବାସୀ ସମୂହ ଏବେ ଶସ୍ତା ଶ୍ରମିକ ଭାବେ ନିଜର ଭିଟାମାଟି ଛାଡି ପଳାୟନ କରିବାରେ ଲାଗିଛନ୍ତି । ଦାରିଦ୍ର୍ୟ ଏହାର ମୁଖ୍ୟ କାରଣ । ନିକଟସ୍ଥ ବାଗ୍ୟୁଇଓ ସହର ସେମାନଙ୍କର ଲକ୍ଷ୍ୟସ୍ଥଳ । ଅନାହାର ଓ ବେରୋଜଗାରୀ/ବେକାରୀକୁ କେତେଦିନ ସହିହେବ ? ଅନେକ କ୍ଷେତ୍ରରେ ଦେଖାଯାଇଛି ଯେ ଋଣଗ୍ରସ୍ତ ହୋଇ ଆଦିବାସୀମାନେ ଜେଲ ଯାଉଛନ୍ତି । ଏହାକୁ ଏଡାଇବା ପାଇଁ ସେମାନେ ସହରକୁ ପଳାୟନ କରୁଛନ୍ତି । ଫିଲିପାଇନ୍‌ସ ତାର ବିକାଶଧାରାରେ ଏଇ ଆଦିବାସୀ ଗୋଷ୍ଠୀକୁ ଏପର୍ଯ୍ୟନ୍ତ ସାମିଲ୍ କରିପାରିନାହିଁ । ଫିଲିପାଇନ୍‌ସରୁ ଅନେକ ମଧ୍ୟପ୍ରାଚ୍ୟ ବା ଆମେରିକାକୁ ଶସ୍ତା ଶ୍ରମିକ ଭାବେ କାମ କରିବାକୁ ଯାଇ ଅନେକ ଅର୍ଥ ବୈଦେଶିକ ମୁଦ୍ରା ହିସାବରେ ଅର୍ଜନ କରୁଛନ୍ତି । ସାରାଦେଶ ଏମାନଙ୍କୁ ସମ୍ମାନ ଦେଉଛି । କିନ୍ତୁ କାର୍ଡିଲେରା ଆଦିବାସୀଙ୍କୁ ଅତ୍ୟାଚାର କରିବାକୁ ସାରାଦେଶ ଯେମିତି ପ୍ରସ୍ତୁତ ହୋଇଛି ।

ଆଫ୍ରିକାର କେନିଆର ଗ୍ରାମାଞ୍ଚଳରୁ ହଜାର ହଜାର ଆଦିବାସୀ ସହରାଞ୍ଚଳକୁ ପଳାୟନ କରୁଛନ୍ତି । ଏହାର ମୁଖ୍ୟ କାରଣ ହେଲା ସହର ଓ ଗ୍ରାମାଞ୍ଚଳ ଭିତରେ ପ୍ରଭେଦ । ଗ୍ରାମାଞ୍ଚଳର ଆଦିବାସୀମାନେ ମୁଖ୍ୟତଃ ଚାଷ କରନ୍ତି ବା ପଶୁପାଳନ କରନ୍ତି । ନହେଲେ ଶିକାର କରନ୍ତି, କିନ୍ତୁ ଯେଉଁମାନେ ସହରକୁ ଯାଆନ୍ତି ଓ ସେଠାରେ କିଛି କିଛି ଆୟ କରନ୍ତି ସେମାନଙ୍କର ଜୀବନଧାରା ବଦଳିଯାଏ । ବେଶଭୂଷା, ଚାଲିଚଳନ ମଧ୍ୟ ପରିବର୍ତ୍ତନ ହୁଏ । ଏହି ଆକର୍ଷଣ ସବୁ ଏଇ ଆଦିବାସୀମାନଙ୍କୁ ଦେଶାନ୍ତରୀ ହେବାକୁ ବାଧ୍ୟ କରିଥାଏ ।

ଏ ସ୍ତମ୍ଭରେ ଦେଶାନ୍ତରୀ ହେବାର ପ୍ରକ୍ରିୟାକୁ ଭିତ୍ତି କରି ଅନେକ କିଛି ଲେଖିବା ସମ୍ଭବ ବୋଲି ମୁଁ ମନେ କରୁଛି । ଏକଥା ନେଇ ଏକଦା ଛତିଶଗଡର ମୁଖ୍ୟସଚିବଙ୍କ ସହ ମୋର ଯୁକ୍ତିତର୍କ ହୋଇଥିଲା । ସେ ପ୍ରଦେଶରେ ଗୁରୁତର ପଳାୟନ ପ୍ରକ୍ରିୟାକୁ ସେ ସମର୍ଥନ କରି କହୁଥିଲେ ଯେ ଯେଉଁମାନେ ଘରଦ୍ୱାର ଗାଁଗଣ୍ଡା ଛାଡି ଅନ୍ୟତ୍ର ପଳାୟନ କରୁଛନ୍ତି, ସେମାନେ ବେଶୀ ମଜୁରି ପାଇବା ଉଦ୍ଦେଶ୍ୟରେ ହିଁ ଯାଉଛନ୍ତି । ଅଧିକ ରୋଜଗାର ଓ ଆର୍ଥିକ ନିରାପତ୍ତା ପାଇଁ ଏମାନଙ୍କୁ ଦେଶାନ୍ତରୀ ହେବାକୁ ଏହା ଏକ

Digitized by srujanika@gmail.com

ସୁଯୋଗ । ଆମ ଓଡ଼ିଶା ରାଜ୍ୟରେ ସରକାରୀଙ୍କର ଅଫିସରଙ୍କ ମତାମତ ଛତିଶଗଡ଼ ଅଫିସରଙ୍କ ଠାରୁ ଭିନ୍ନ ନୁହେଁ । ଏସବୁ ଯୁକ୍ତି ଯଦି ଯଥାର୍ଥ ହୁଏ, ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ତେବେ କାହିଁକି ? ଏତେ ଆର୍ଥିକ ବିକାଶ କାର୍ଯ୍ୟକ୍ରମର ଯଥାର୍ଥତା କେଉଁଠି ? ମୋର ଏକ ତୀବ୍ର ଇଚ୍ଛା ଅଛି ଯେ ଏକ ଦେଶାନ୍ତରୀ ଗୋଷ୍ଠୀଙ୍କ ସହ ଯାତ୍ରା କରି ସେମାନଙ୍କର କର୍ମମୂଳର ଦୁଃଖ, ଯନ୍ତ୍ରଣା, ଅତ୍ୟାଚାରକୁ ଅଙ୍ଗେ ନିଭାଇବା ପାଇଁ । ଏହା ଏ ଜୀବନରେ ଏକ ସ୍ମରଣୀୟ ଅଧ୍ୟାୟ ହେବ ନିଶ୍ଚିତ । ରାଜସ୍ଥାନରେ ଖେମ୍‌ରାଜ ନାମରେ ଜଣେ ଆକ୍ଟିଭିଷ୍ଟ ଏକଦା ଶ୍ରମିକମାନଙ୍କ ସହ ଶ୍ରମିକ ହିସାବରେ ମିଶି କାମ କରିଥିଲେ ଓ ଶ୍ରମିକମାନଙ୍କୁ ଯେଉଁଭଳି ଶୋଷଣ ଓ ନିର୍ଯ୍ୟାତନା ଦିଆଯାଉଛି ତାହା ଅଙ୍ଗେ ନିଭାଇଥିଲେ । ଶ୍ରମିକ ସଂଗଠନ ଗଢ଼ିବା ତାଙ୍କ ଜୀବନର ଆଜି ମିଶନ୍ ହୋଇଯାଇଛି । ଦେଶାନ୍ତରୀ ହେବା ଏକ ଅଭିଶାପ । ଏମାନଙ୍କୁ ବାସଚ୍ୟୁତଙ୍କ ସହ ତୁଳନା କରାଯାଇ ପାରେ ।

□□□

Digitized by srujanika@gmail.com

ଜାତୀୟ କୃଷକନୀତି ୨୦୦୭: ଏକ ସମୀକ୍ଷା

୨୦୦୬ ଅକ୍ଟୋବର ମାସରେ ପ୍ରଫେସର ସ୍ୱାମୀନାଥନଙ୍କ ଅଧ୍ୟକ୍ଷତାରେ ଜାତୀୟ କୃଷକ କମିଶନ ସେମାନଙ୍କର ଯେଉଁ ରିପୋର୍ଟ ସରକାରଙ୍କୁ ଦେଇଥିଲେ ତାହା ଏବର୍ଷ ସେପ୍ଟେମ୍ବର ମାସରେ ସରକାରଙ୍କ ସ୍ୱୀକୃତି ଲାଭ କରିଛି ବୋଲି କୃଷି ମନ୍ତ୍ରଣାଳୟର ଘୋଷଣାନାମାରେ ପ୍ରକାଶ ପାଇଛି । ଜାତୀୟ କୃଷକ ନୀତି ୨୦୦୭ ଜାତୀୟ କୃଷି ନୀତି ନୁହେଁ ବୋଲି ସାଧାରଣରେ ସମାଲୋଚନା କରାଯାଉଛି । କିନ୍ତୁ ଟିକିଏ ଗହିରେଇ ଦେଖିଲେ ଏହା ଆହୁରି ଅନେକ କିଛି । ଏ ଦେଶରେ କୃଷି ପ୍ରତି ଅବହେଳା, କୃଷକଙ୍କ ଆତ୍ମହତ୍ୟା, କୃଷିକ୍ଷେତ୍ରରେ ସୀମିତ ଅଭିବୃଦ୍ଧି ଓ ଅନେକ କିଛି ଜାତୀୟ ଓ ଆନ୍ତର୍ଜାତିକ ସମସ୍ୟାକୁ ବିଚାରକୁ ନେଇ ଜାତୀୟ କୃଷକ ନୀତି ପ୍ରଣୟନ କରାଯାଇଛି । ରାଜ୍ୟ ସରକାର ଓ ବିଭିନ୍ନ ମନ୍ତ୍ରଣାଳୟମାନଙ୍କୁ ପରାମର୍ଶ ଦିଆଯାଇଛି ଓ ଏଥିରେ ଅନେକ କିଛି ସ୍ୱତନ୍ତ୍ରତା ଅଛି ବୋଲି ଦାବି କରାଯାଇଛି । ଜାତୀୟ କୃଷକ କମିଶନ ଯେଉଁ ରିପୋର୍ଟ ପ୍ରସ୍ତୁତ କରିଥିଲେ ତାହାର ସମାଲୋଚନା ଓ ପର୍ଯ୍ୟାଲୋଚନା ଏ ନୀତି ପ୍ରସ୍ତୁତ କରିବାରେ ଯଥେଷ୍ଟ ସାହାଯ୍ୟ କରିଛି । କୃଷି ଉତ୍ପାଦନର ଅଭିବୃଦ୍ଧି, କୃଷିକୁ ଲାଭଜନକ କରିବା ଓ କୃଷି ବ୍ୟବସ୍ଥାକୁ ନିରନ୍ତର କରିବା, କୃଷିକ୍ଷେତ୍ରକୁ ଯୁବଗୋଷ୍ଠୀଙ୍କୁ ଆକର୍ଷିତ କରିବା ଆଦିକୁ ମୂଳଲକ୍ଷ୍ୟ ରଖାଯାଇଛି । କିନ୍ତୁ ସର୍ବପ୍ରଥମ ଲକ୍ଷ୍ୟ ହେଉଛି ଦେଶ ପାଇଁ ଖାଦ୍ୟ ଓ ପୁଷ୍ଟିସାର ନିରାପତ୍ତା ହାସଲ କରିବା । ବିଭିନ୍ନ ବିଚାର ଓ ପରାମର୍ଶ ଜରିଆରେ ଏ ନୀତିକୁ ଆହୁରି ଋଦ୍ଧିମନ୍ତ କରାଯାଇଛି ।

କିନ୍ତୁ ଏ ନୀତିର ମୂଳ ଉପାଦାନ ଗୁଡ଼ିକୁ ସମସ୍ତେ ଜାଣିବା ଓ ହୃଦୟଙ୍ଗମ କରିବା ଆବଶ୍ୟକ । ତା'ପରେ ଏହାର ଏକ ବାସ୍ତବବାଦୀ ଓ ବ୍ୟାପକ ସମାଲୋଚନା ମଧ୍ୟ ହେବାର ଆବଶ୍ୟକତା ରହିଛି । ଏ ଦସ୍ତାବିଜ୍ ମଧ୍ୟ ସର୍ବସାଧାରଣ ଜାଣିବା ପାଇଁ ପଦକ୍ଷେପ ନେବା ଜରୁରୀ ମନେ କରାଯାଇଛି । ଏ ଲେଖକ ଯେଉଁ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉଲ୍ଲେଖ କରିବା ଉଚିତ ମନେ କରୁଛି ତାହା ନିମ୍ନରେ ଦିଆଗଲା ।

୧) କୃଷକଙ୍କ ଆର୍ଥିକ ବିକାଶ ଜାତୀୟ କୃଷକ ନୀତି ୨୦୦୭ର ସର୍ବପ୍ରଥମ ଲକ୍ଷ୍ୟ । ଏହା କୃଷି ଉତ୍ପାଦନ ବୃଦ୍ଧିରେ ସୀମିତ ହୋଇ ରହିନାହିଁ ।

Digitized by srujanika@gmail.com

୨) କୃଷକ କିଏ ତାହା ଏ ନୀତି ସ୍ପଷ୍ଟ କରିଛି । କୃଷକର ସଂଜ୍ଞା ନୂତନ ଭାବେ ନିରୂପଣ କରାଯାଇଛି । ଯିଏ କୃଷି ଉତ୍ପାଦନକୁ ଜୀବିକାରୂପେ ଗ୍ରହଣ କରିଛି, ସିଏ ହେଉଛି କୃଷକ । ଏଥିରେ, ସବୁପ୍ରକାର କୃଷକ, କୃଷିଜୀବୀ, କୃଷି ଶ୍ରମିକ ଅନ୍ତର୍ଭୁକ୍ତ । ଏଥିରେ ଭାଗଚାଷୀ ଓ ରୟତ ମଧ୍ୟ ସ୍ଥାନ ପାଇଛନ୍ତି । ଆହୁରି ଅଛନ୍ତି ଯିଏ ପଶୁପାଳନ କରୁଛି ଅଥବା ମତ୍ସ୍ୟଚାଷରେ ନିଜକୁ ନିୟୋଜିତ କରିଛି । କୃଷକ ଗୋଷ୍ଠିରେ ମହୁମାଛି ପାଳନ କରୁଥିବା ବ୍ୟକ୍ତି, ରେଶମ ଚାଷ କରୁଥିବା ବ୍ୟକ୍ତି, ପୋଡୁଚାଷ କରୁଥିବା ଆଦିବାସୀ, ଜଙ୍ଗଲରୁ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ବନବାସୀ ଓ ଜିଆଖତ ଉତ୍ପାଦନ କରୁଥିବା ପରିବାରମାନଙ୍କୁ କୃଷକର ମାନ୍ୟତା ଦିଆଯାଇଛି ।

୩) ଗାଁରେ ରହୁଥିବା ଗରିବ ପରିବାରମାନେ ଉତ୍ପାଦନକ୍ଷମ ସମ୍ପତ୍ତି ଓ ସମ୍ବଳର ଅଧିକାରୀ ହେବେ ବୋଲି ପ୍ରସ୍ତାବ ଦିଆଯାଇଛି । ଏହାର ଅର୍ଥ ହେଲା ଯେ କୃଷିଜୀବୀମାନେ ଜମି, ପଶୁସମ୍ପଦ, ପୋଖରୀ ଏବଂ ବାଡ଼ି ବଗିଚାର ଅଧିକାରୀ ହେବେ ଓ ବିଭିନ୍ନ ବଜାର ଭିତ୍ତିକ ଚାଷବାସ ଦ୍ୱାରା ପାରିବାରିକ ଆୟ ବଢ଼ାଇବେ । ଜାତୀୟ କୃଷକ ନୀତିରେ ଜମି ଓ ଭୂସଂସ୍କାରକୁ ପ୍ରାଧାନ୍ୟ ଦିଆଯାଇଛି । ମହିଳାମାନେ ମଧ୍ୟ ଜମିର ଅଧିକାର ପାଇବେ ଓ ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ନାମରେ ପଟ୍ଟା ଦେବାକୁ ପ୍ରସ୍ତାବ ଦିଆଯାଇଛି । ଭୂଅର୍ଜନ ଆଇନକୁ ସମୀକ୍ଷା କରାଯିବାକୁ କୁହାଯାଇଛି । କୃଷିପୋଯୋଗୀ ଜମିକୁ ଅଣକୃଷିରେ ବିନିଯୋଗନକରିବାକୁ ପ୍ରସ୍ତାବ ମଧ୍ୟ ଦିଆଯାଇଛି । କୃଷି ପାଇଁ ଯେଉଁ ଜମି ଅନୁପଯୁକ୍ତ ସେଥିରେ ଶିଳ୍ପାୟନ କରାଯାଉ ବୋଲି ମତାମତ ପ୍ରକାଶ ପାଇଛି । ଜଳ ସେଚନ ବ୍ୟବସ୍ଥାର ବିଧିବଦ୍ଧ ଉନ୍ନତି କିପରି ହୋଇପାରିବ ଓ କୃଷକମାନଙ୍କୁ ନିଶ୍ଚିତ ଭାବରେ କିପରି ଜଳ ଯୋଗାଇ ଦିଆଯିବ ତାହା ପାଇଁ ଅନେକଗୁଡ଼ିଏ ପ୍ରସ୍ତାବ ଦିଆଯାଇଛି । ବର୍ଷାଜଳ ହେଉ ବା ଭୂଜଳ ହେଉ ତାହାର ଉତ୍ତମ ବିନିଯୋଗ କିପରି ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବାକୁ କୁହାଯାଇଛି । ଜଳର ନ୍ୟାୟୋଚିତ ବଣ୍ଟନ ବ୍ୟବସ୍ଥା କିପରି ହୋଇପାରିବ ଓ ଜଳ ସମ୍ପଦର ଉତ୍ତମ ପରିଚାଳନା ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଏହାର ଆନୁସଙ୍ଗିକ ଭାବେ ପଶୁପାଳନ, ମତ୍ସ୍ୟଚାଷ ଓ ଜୀବସମ୍ପଦର କୃଷିକ୍ଷେତ୍ରରେ ଭୂମିକାକୁ ମଧ୍ୟ ଆଲୋଚନା କରାଯାଇ ଅନେକଗୁଡ଼ିଏ ପ୍ରସ୍ତାବ ଦିଆଯାଇଛି । ଏସବୁ ଅନେକ ପରିବାରର ଜୀବନ ଜୀବିକା ସହ ସମ୍ପୃକ୍ତ । ଏ ଦେଶର ଜୈବବିବିଧତାକୁ କିପରି ସୁରକ୍ଷା ଦିଆଯାଇପାରିବ ସେଥିପ୍ରତି ସମସ୍ତଙ୍କର ଧ୍ୟାନ ଆକର୍ଷଣ କରାଯାଇଛି । ସ୍ଥାନୀୟ ଜ୍ଞାନ କୌଶଳର ଭୂମିକା ଓ ଉପାଦେୟତାକୁ ହୃଦଗତ ଭାବରେ ସ୍ୱୀକାର କରାଯାଇଛି । ଆଦିବାସୀ ଅଞ୍ଚଳରେ ଥିବା ବନମହୋଷଧିକୁ ଅମୂଲ୍ୟସମ୍ପଦ ହିସାବରେ ଗ୍ରହଣ କରାଯାଇଛି । ଏସବୁର ସଂରକ୍ଷଣ ଏ ଦେଶର କୃଷିର ଭବିଷ୍ୟତ ନିର୍ଦ୍ଧାରଣ କରିବାରେ ବିଶେଷ ସହାୟକ ହେବ ବୋଲି କୁହାଯାଇଛି ।

Digitized by srujanika@gmail.com

୪) ଜଳସେଚନ କିପରି ହେବା ଦରକାର ଯେଉଁଥିରେ ଫସଲରୁ ସର୍ବାଧିକ ଆୟ ହେବା ସମ୍ଭବ ହେବ । ଅଳ୍ପ ଜଳ ବିନିଯୋଗ କରି ବେଶୀ ଉତ୍ପାଦନ ଓ ଆୟ କରିବା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ।

୫) ଯେଉଁ ଅଞ୍ଚଳ ମରୁଡ଼ି ପ୍ରବଣ ଅଥବା ବନ୍ୟା ପ୍ରପୀଡ଼ିତ ସେ ଅଞ୍ଚଳରେ କିପରି ମୌସୁମୀ ବର୍ଷାର ସର୍ବୋତ୍ତମ ବିନିଯୋଗ କରାଯିବ ସଥିପ୍ରତି ଧ୍ୟାନ ଦିଆଯିବା ଉଚିତ । ପାଣିପାଗରେ ବିଭିନ୍ନ ଅନିଶ୍ଚିତତା ରହିବା ସତ୍ତ୍ୱେ ସବୁ ବିଷମ ସଙ୍କଟ ପାଇଁ ପ୍ରସ୍ତୁତ ହେବାକୁ ଏ ନୀତିରେ ପ୍ରସ୍ତାବ ଦିଆଯାଇଛି ।

୬) କୃଷି ଉତ୍ପାଦନରେ ଯଥାର୍ଥ ବୈଷୟିକ ଜ୍ଞାନକୌଶଳର ବିନିଯୋଗ କିପରି ସର୍ବବ୍ୟାପୀ ହୋଇପାରିବ, ତାହା ମଧ୍ୟ ଆଲୋଚନା କରାଯାଇଛି । ନିର୍ଦ୍ଦିଷ୍ଟ ଜମି ଓ ନିର୍ଦ୍ଦିଷ୍ଟ ଜଳସେଚନକୁ ମାଧ୍ୟମ କରି କିପରି ଉତ୍ପାଦନ ସବୁଠାରୁ ବେଶୀ ହେବ ଏବଂ ଏଥିରେ କେଉଁ ବୈଷୟିକ ଜ୍ଞାନ କୌଶଳ ଲାଗୁ ହେବ ତାହା ନିର୍ଦ୍ଧାରଣ କରିବା ନିତାନ୍ତ ଆବଶ୍ୟକ । ବାଇୟୋଟେକ୍ନୋଲୋଜି, ଇନ୍‌ଫରମେସନ୍ କମ୍ୟୁନିକେଶନ ଟେକ୍ନୋଲୋଜି ବା ଆଇ.ସି.ଟି., ଅକ୍ଷୟ ଶକ୍ତି, ମହାକାଶ ବିଜ୍ଞାନ ଓ 'ନାନୋ' ଟେକ୍ନୋଲୋଜିର ବ୍ୟବହାର ଦ୍ୱାରା କୃଷିକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସମ୍ଭବ ବୋଲି କଳ୍ପନା କରାଯାଇଛି । "ଚିର ସବୁଜ ବିପ୍ଳବ" ବା ଏଭରଗ୍ରୀନ ରିଭୋଲ୍ୟୁସନ୍ (Evergreen Revolution)ର ପରିକଳ୍ପନା କରାଯାଇଛି ।

୭) କୃଷିକ୍ଷେତ୍ରରେ ଜୈବ ନିରାପତ୍ତାର ପ୍ରଶ୍ନ ଉପସ୍ଥାପିତ କରି କୁହାଯାଇଛି ଯେ ଗୋଟାଏ ପାର୍ଶ୍ୱରେ ଆୟର ନିରାପତ୍ତା ଓ ଅନ୍ୟ ପାର୍ଶ୍ୱରେ ଖାଦ୍ୟ ନିରାପତ୍ତାକୁ ଯଦି ଗୁରୁତ୍ୱ ଦିଆଯାଏ ତେବେ ଜୈବ ନିରାପତ୍ତାକୁ ପ୍ରାଧାନ୍ୟ ଦିଆଯିବା ଉଚିତ । ଏହାର ଅର୍ଥ ହେଲା ଯେ ବାହାରୁ ଆସୁଥିବା ବିଭିନ୍ନ ପ୍ରକାର ରୋଗଜୀବାଣୁ, କୀଟପତଙ୍ଗ କିପରି ଏଦେଶର କୃଷିକୁ ଆକ୍ରମଣ ନକରୁ ତାହା ପ୍ରତି ଯଥେଷ୍ଟ ଧ୍ୟାନ ଦେବା । ଏହାପାଇଁ ଏକ ନିରାପତ୍ତା ବ୍ୟବସ୍ଥା ଲାଗୁ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି ।

୮) ଜଳବାୟୁର ପରିବର୍ତ୍ତନ ଏଦେଶର କୃଷିକୁ ଧ୍ୱଂସ କରିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି । କେଉଁଠି ଝଡ଼ବର୍ଷା, ଘୂର୍ଣ୍ଣିବାତ୍ୟାତ ଆଉ କେଉଁଠି ସ୍ୱଳ୍ପ ବୃଷ୍ଟି ଏବଂ ମରୁଡ଼ି । ଏସବୁ କୃଷି ବ୍ୟବସ୍ଥାକୁ ଭାଙ୍ଗି ଚୁରମାର୍ କରିଦେଇପାରେ ବୋଲି ଆଶଙ୍କା କରାଯାଇଛି । ଜଳବାୟୁ ପରିବର୍ତ୍ତନ ଦ୍ୱାରା ଯେଉଁସବୁ ପ୍ରତିକୂଳ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି ତାହା ପ୍ରତି ଦୃଷ୍ଟି ଦେବାକୁ ନୀତିରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି ।

୯) ମାଟିର ସ୍ୱାସ୍ଥ୍ୟ ଏ ଦେଶ କୃଷିର ଭବିଷ୍ୟତକୁ ନିର୍ଦ୍ଧାରଣ କରିବ ବୋଲି ସ୍ପଷ୍ଟ କୁହାଯାଇଛି । ମାଟିର କିପରି ଉତ୍ତମ ସ୍ୱାସ୍ଥ୍ୟ ରହିବ ଓ ସେଥିରେ କିପରି ମାକ୍ରୋନ୍ୟୁଟ୍ରିଏଣ୍ଟ (Micro-

Digitized by srujanika@gmail.com

nutrient) ଯଥେଷ୍ଟ ରହିବ, ସେଥିପ୍ରତି ସମସ୍ତେ ସଜାଗ ରହିବାକୁ ଅନୁରୋଧ କରାଯାଇଛି । ରାସାୟନିକ ସାରର ବହୁଳ ବ୍ୟବହାର ଉପରେ ମନ୍ତବ୍ୟ ଦିଆଯାଇ କୁହାଯାଇଛି ଯେ ଖତ, କମ୍ପୋଷ୍ଟ ଆଦି ବ୍ୟବହାର କରି ଏକ ସନ୍ତୁଳିତ ବ୍ୟବସ୍ଥା ଲାଗୁ କରାଯିବା କୃଷି ଉତ୍ପାଦନ ପାଇଁ ଅନୁକୂଳ ହେବ ।

୧୦) କୃଷକମାନେ କିପରି ଋଣଗ୍ରସ୍ତ ନହେବେ ଓ ଋଣ ଯନ୍ତାରୁ ମୁକୁଳିବେ ତାହାର ଯଥାବିଧି ଉପାୟ କରିବାକୁ ପ୍ରସ୍ତାବ ଦିଆଯାଇଛି । ଗ୍ରାମ୍ୟବ୍ୟାଙ୍କ୍ ବ୍ୟବସ୍ଥାକୁ ସୁଦୃଢ଼ କରାଗଲେ କୃଷକମାନେ ଆଉ ଋଣଗ୍ରସ୍ତ ହେବେନାହିଁ । କିଷାନ କ୍ରେଡ଼ିଟ୍ କାର୍ଡ଼ ଯୋଜନାର ଅନେକ ଉପାଦେୟତା ରହିଛି । କୃଷି ଋଣ ପାଇଁ ସମବାୟ ବ୍ୟାଙ୍କ୍ ପ୍ରତିଷ୍ଠାର ଆବଶ୍ୟକତା ଅଛି । କୃଷିବୀମାକୁ ଏକ ଅପରିହାର୍ଯ୍ୟ ବ୍ୟବସ୍ଥା ହିସାବରେ ଲାଗୁ କରାଯିବା ଉଚିତ । କୃଷି ଋଣ ଓ କୃଷିବୀମା ବ୍ୟବସ୍ଥା କିପରି ସମସ୍ତେ ଜାଣିବେ ସେଥିପାଇଁ ଜ୍ଞାନଚୋପାଲ ବା ଗ୍ରାମ୍ୟ ଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ପ୍ରସ୍ତାବ ଦିଆଯାଇଛି ।

୧୧) କୃଷି ଫାର୍ମ ସ୍କୁଲ ପ୍ରତିଷ୍ଠା କରିବାକୁ ପରିକଳ୍ପନା କରାଯାଇଛି । ଯେଉଁମାନେ ଆଦର୍ଶ ଓ ସଫଳ କୃଷକ, ସେମାନଙ୍କର ଉତ୍ତମ କୃଷି ବ୍ୟବସ୍ଥା ଏକ ଶିକ୍ଷଣୀୟ କ୍ଷେତ୍ର ବୋଲି ବିବେଚନା କରାଯିବ । ଏହା ଏକ ସ୍କୁଲ ଭାବେ ପରିଗଣିତ ହେବ ଓ ଆଖ ପାଖର ଅନ୍ୟ ଚାଷୀ ଏହି ସଫଳତାରୁ ଶିକ୍ଷାଲାଭ କରିବେ । ଜ୍ଞାନଚୌପାଲ ବା ଗ୍ରାମ୍ୟ ଜ୍ଞାନ କେନ୍ଦ୍ର ବ୍ୟାପକ ଭାବେ ପ୍ରତିଷ୍ଠା କରାଯିବ ବୋଲି ଯୋଜନା ରହିଛି ।

୧୨) ବିଭିନ୍ନ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ଦର ନିର୍ଦ୍ଧାରଣ କରି କୃଷକମାନଙ୍କୁ ବିକାକିଣାରେ ସାହାଯ୍ୟ କରିବାର ପ୍ରସ୍ତାବ ଦିଆଯାଇଛି ।

୧୩) ଖାଦ୍ୟ ନିରାପତ୍ତା ହାସଲ ପାଇଁ ଅନେକ ଗୁଡ଼ିଏ ପ୍ରସ୍ତାବ ଦିଆଯାଇଛି । ସାମୂହିକ ଶସ୍ୟପାଣ୍ଠି ବା କମ୍ୟୁନିଟି ଫୁଡ୍ ବ୍ୟାଙ୍କ୍ (Community Food Bank) ପ୍ରତିଷ୍ଠା କରିବାକୁ କୁହାଯାଇଛି । ଖାଦ୍ୟ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ବାଜରା, ମାଣ୍ଡିଆ ଆଦି ଶସ୍ୟର ବହୁଳ ଚାଷ ପାଇଁ ପ୍ରସ୍ତାବ ଦିଆଯାଇଛି । ଖାଦ୍ୟ ସୁରକ୍ଷା ଉପରେ କାବିନେଟ୍ ସ୍ତରରେ ଏକ କମିଟି ଗଠନ କରିବାର ଆବଶ୍ୟକତା କରାଯାଇଛି ।

୧୪) କୃଷିବଜାରକୁ ଏକ ସୁଦୃଢ଼ ଓ ବିସ୍ତୃତ ଜାତୀୟ ବଜାରରେ ପରିଣତ କରିବାର ସୂଚନା ଦିଆଯାଇଛି ।

କୃଷିକ୍ଷେତ୍ରରେ ସର୍ବବିଧ ଉନ୍ନତି ପାଇଁ ଏକ ଜାତୀୟ କୃଷିନୀତି ସର୍ବପ୍ରଥମେ ଆବଶ୍ୟକ ଥିଲା କିନ୍ତୁ ଏହା ପରିବର୍ତ୍ତେ ଏକ ଜାତୀୟ କୃଷକ ନୀତି ପ୍ରସ୍ତୁତ କରାଗଲା । ଏହାର ଉଦ୍ଦେଶ୍ୟ କ'ଣ ବୁଝିବା ସମସ୍ତଙ୍କ ପାଇଁ ଦରକାର । ଏକ ଲକ୍ଷରୁ ଅଧିକ କୃଷକ ବର୍ତ୍ତମାନ ଆତ୍ମହତ୍ୟା

Digitized by srujanika@gmail.com

କରିସାରିଲେଣି ଓ ଏଥିପାଇଁ ଆମ ଦେଶର ମାନସମ୍ମାନ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଏଇ ପରିପ୍ରେକ୍ଷୀରେ କୃଷକନୀତି ବେଶି ପ୍ରଯୁକ୍ତ୍ୟବୋଲି ସମ୍ଭବତଃ ହୃଦୟଙ୍ଗମ କରାଯାଇଛି । ଗୋଟାଏ ପାର୍ଶ୍ୱରେ ଶତକଡ଼ା ୧୦ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଛି କିନ୍ତୁ ଅନ୍ୟପାର୍ଶ୍ୱରେ ଗତ କେତେ ବର୍ଷ ଧରି କୃଷିକ୍ଷେତ୍ରରେ ଅଭିବୃଦ୍ଧି ଶତକଡ଼ା ୩ରୁ ଅଧିକ ହେଉନାହିଁ । ଏ ଦେଶର ଶତକଡ଼ା ୬୦ରୁ ଊର୍ଦ୍ଧ୍ୱ ଭାଗ ଲୋକ କୃଷିଜୀବୀ । ସେମାନେ ଯଦି ପଛରେ ପଡ଼ିବେ, ଏ ଦେଶ ଅଗ୍ରଗତି କରିପାରିବ ନାହିଁ । ସେଥିପାଇଁ କୃଷକକୁ ସବୁ ବିକାଶ ଓ ଅଭିବୃଦ୍ଧିର ମୂଳକେନ୍ଦ୍ର କରିବାକୁ ଏ ଜାତୀୟ ନୀତି ଉଦ୍ୟମ କରିଛି । ଖାଲି ଭାରତ ନୁହେଁ ସାରା ପୃଥିବୀରେ କୃଷି ଆଜି ବିଭିନ୍ନ ଆକ୍ରମଣର ସମ୍ମୁଖୀନ ହୋଇଛି ଓ ତୃତୀୟ ବିଶ୍ୱର କୃଷକ ବିଶ୍ୱ ବଜାରରେ ଅନେକ ହନ୍ତସନ୍ତ ହେଉଛି । ବିଶ୍ୱ ବାଣିଜ୍ୟ ସଂଗଠନ ଦ୍ୱାରା ଯେଉଁ ନୀତି ପ୍ରଣୟନ କରାଯାଇଛି, ଭାରତର ଅଗଣିତ ଛୋଟ ଓ ନାମମାତ୍ର ଚାଷୀ ନିଜ ଜମିରୁ ବାସଚ୍ୟୁତ ହେବାକୁ ଲାଗିଛନ୍ତି । ଗ୍ରାମାଞ୍ଚଳର ବହୁଭାଗ ଲୋକ ଆଜି କର୍ମ ଅନ୍ୱେଷଣରେ ଦେଶାନ୍ତରୀ ହେଉଛନ୍ତି ବା ସହରକୁ ପଳାୟନ କରୁଛନ୍ତି ସମ୍ଭବତଃ । ସ୍ୱତନ୍ତ୍ର ଆର୍ଥିକ ଜୋନ୍ ବା (ସେଜ୍) ଯୋଜନାରେ ସର୍ବୋତ୍କୃଷ୍ଟ ଜମିକୁ ପୁଞ୍ଜିବାଦୀମାନେ ଅକ୍ତିଆର କରୁଛନ୍ତି । ଏସବୁକୁ ଧ୍ୟାନକୁ ନେଇ କୃଷକ ନୀତି ୨୦୦୭ ପ୍ରଣୟନ କରାଯାଇଛି । ଏ ଦେଶର କୃଷି ଆଜି ଚୌମୁହାଣୀରେ ଉପସ୍ଥିତ ହୋଇଛି । କେଉଁ ଦିଗରେ ଏହା ଯିବ ନିର୍ଣ୍ଣୟ କରିବା ସମ୍ଭବ ନୁହେଁ । ଖାଦ୍ୟ ଉତ୍ପାଦନରେ ସ୍ୱାବଲମ୍ବି ହେବ କି ନାହିଁ ପ୍ରଶ୍ନ ଉଠୁଛି । ଅନାହାରରେ ସଢୁଥିବା ବ୍ୟକ୍ତିଙ୍କ ସଂଖ୍ୟା ବଢୁଛି । କୃଷିକ୍ଷେତ୍ରରେ ଆବଶ୍ୟକ ପୁଞ୍ଜି ଖଟାଯାଇ ପାରୁନାହିଁ । ତଥାପି ପ୍ରଚଳିତ କୃଷକ ନୀତି ଏ ଦେଶର ଅଗଣିତ କୃଷକ ଓ କୃଷିଜୀବୀମାନଙ୍କୁ କିଛି ନିର୍ଦ୍ଦିଷ୍ଟ ଓ ସ୍ଥାୟୀ ରାସ୍ତା ଦେଖାଇବ, ଏହାର ସୂଚନା ମିଳୁଛି । କୃଷକମାନେ ଆଉ ଆତ୍ମହତ୍ୟା କରିବେ କି ନାହିଁ ତାହା ଦେଖିବାର ଅଛି ।

□□□

Digitized by srujanika@gmail.com

ନଦୀର ନାମ ବଂଶଧାରା : ଗ୍ରାମର ନାମ ଡ଼ିମିରିଗୁଡ଼ା

ଏବର୍ଷ ବଂଶଧାରାରେ ଭୟାନକ ବନ୍ୟା ଆସିଥିଲା । ଗୁମୁଡ଼ାଠାରେ ପୋଲ ପୁଣି ଭାଙ୍ଗିଗଲା । ଅନେକ ଗ୍ରାମ ଜଳମଗ୍ନ ହେଲା । ନଦୀକୂଳ ଖାଇଗଲା । ବାଲିଚର ଜମିର ଆୟତନ ବଢ଼ିଲା । ଏ ନଦୀଟି ଦକ୍ଷିଣ ଓଡ଼ିଶାର ଦୁଃଖ ବୋଲି ପୁଣି ଥରେ ପ୍ରମାଣିତ ହେଲା । ବଂଶଧାରା ନଦୀରେ ପ୍ରତିବର୍ଷ ବନ୍ୟା ଆସୁଛି । ବିଭିନ୍ନ ମାତ୍ରାରେ କ୍ଷୟକ୍ଷତି ହେଉଛି । ବିପଦ ସଂକେତର ରେଖା ଅତିକ୍ରମ କରିଲା ମାତ୍ରେକେ ଜନସାଧାରଣ ଓ ପ୍ରଶାସନ ସଜାଗ ହେଉଛନ୍ତି । ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଓ ଆନ୍ତର୍ଜାତିକ ସେବାସଂସ୍ଥାମାନେ ସକ୍ରିୟ ହେଉଛନ୍ତି । କିନ୍ତୁ, ସମସ୍ତଙ୍କ ମନରେ ଗୋଟିଏ କଥା - ୧୯୮୦ ମସିହା ବଢ଼ିର ପୁନରାବୃତ୍ତି ହେବକି ? ଲୋକେ ଭୁଲିନାହାନ୍ତି ସେବର୍ଷର ବନ୍ୟାକୁ ଓ ତାହାର କରାଳ ରୂପକୁ । ଗାଁସବୁ ପାଣି ଘେରରେ ଅଚାନକ ବିଛିନ୍ନ ହୋଇଗଲା । ରାତ୍ରିର ଅନ୍ଧକାର ଭିତରେ ଅନେକ ଲୋକ ମରିଗଲେ ଓ ଅନେକ ନିଖୋଜ ହୋଇଗଲେ । ଶହ ଶହ ସଂଖ୍ୟାରେ ବାସଗୃହ ଭାଙ୍ଗିଗଲା । ଜଙ୍ଗଲର ଅନେକ ଜୀବଜନ୍ତୁ ବନ୍ୟା ଜଳରେ ଭାସିଯାଇ ମରିଗଲେ । କ୍ଷୟକ୍ଷତି ଏତେ ବିସ୍ତୃତ ଓ କଳ୍ପନାତୀତ ଥିଲା ଯେ ତାହାର ଚିହ୍ନ ଆଜିପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏବେ ମଧ୍ୟ ରହିଛି । ସେସମୟରେ ଗୁଣୁପୁରର ସବ୍‌କଲେକ୍ଟର ଶ୍ରୀଯୁକ୍ତ ଚିନ୍ମୟ ବସୁଙ୍କ ଦୁଃସାହସିକ ରିଲିଫ୍ ଓ ଥଇଥାନ ପଦକ୍ଷେପକୁ ଏବେସୁଦ୍ଧା ଜନସାଧାରଣ ମନେ ପକାଉଛନ୍ତି । ବନ୍ୟାଞ୍ଚଳ ବାହାର ଜଗତରୁ ସମ୍ପୂର୍ଣ୍ଣ ବିଛିନ୍ନ ହୋଇ ପଡିଥିଲା ଓ ଅବିଭକ୍ତ କୋରାପୁଟର ପ୍ରଶାସନ ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଦୁଃଖଦୁର୍ଦ୍ଦଶା ଜାଣିବା ଉପାୟ ନଥିଲା । ଭୁବନେଶ୍ୱର ସରକାରୀ କଳ ସମ୍ଭବତଃ ସକ୍ରିୟ ନଥିଲା । ଉପକୂଳ ଅଞ୍ଚଳରେ ସାମାନ୍ୟ ବନ୍ୟା ଆସିଲେ ପ୍ରଶାସନ ଓ ରାଜନୈତିକ ଦଳମାନେ ଯେମିତି ତତ୍‌ପର ହୋଇପଡନ୍ତି । ତାହାର ଆଭାସ ମଧ୍ୟ ଗୁଡାରି, ଗୁଣପୁର ଓ କାଶୀନଗରରେ ନଥିଲା । ତେଣୁ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ପଦସ୍ଥ ଅଫିସରମାନେ ପହଞ୍ଚିବା କ୍ଷଣି ଉତ୍‌କ୍ଷିପ୍ତ ଜନତା ସେମାନଙ୍କୁ ଅପମାନିତ କରିବାକୁ ପଛେଇ ନଥିଲେ । ଆଜି

Digitized by srujanika@gmail.com

ଏକଥା କାହାଣୀ ହୋଇ ଯାଇଛି ଓ ଶ୍ରୀଚିନ୍ମୟ ବସୁଙ୍କୁ ଜଣେ ଲୋକକଥାର ନାୟକ ଭଳି ସମ୍ମାନ ଦିଆଯାଉଛି । ଏ ବନ୍ୟାର କିଛି ଦିନ ପୂର୍ବରୁ ମୁଁ ପ୍ରଥମ ଥର ପାଇଁ କାଶୀପୁର ଆସିଥିଲି ସର୍ଭେ କରିବା ପାଇଁ । ବଂଶଧାରା ନଦୀର କଥା ଡିଷ୍ଟ୍ରିକ୍ଟ ଗେଜେଟିୟରରୁ ପଢ଼ିଥିଲି । ନିୟମଗିରି ପର୍ବତମାଳାରୁ ଜନ୍ମ ନେଇଥିବା ଏ ନଦୀର ଅଙ୍କାବଙ୍କା ଗତି ପଥ ମୁଁ ଜାଣିବାକୁ ଚାହିଁଥିଲି । ବିଭିନ୍ନ ସ୍ଥାନରେ ମୁନିଗୁଡା, ଚନ୍ଦ୍ରପୁର, ଗୁଡାରି, ଗୁଣପୁର ଆଦି ସ୍ଥାନରେ ତାହାର ଖରାଦିନର ରୂପରେଖ ନେଇ କଳ୍ପନା କରିଥିଲି ଅନେକ କଥା । ଡଙ୍ଗର ଉପରେ ଡଙ୍ଗରିଆ କନ୍ଧ, ଚନ୍ଦ୍ରପୁରର କନ୍ଧ, ଗୁଣପୁରର ସଉରା ଆଦିଙ୍କ ଇତିହାସ, ସଂସ୍କୃତି ଓ ନୃତତ୍ତ୍ୱ ପଢ଼ିବାକୁ ମୁଁ ଚେଷ୍ଟା କରିଥିଲି ୧୯୮୦ ମସିହାର ଅପ୍ରେଲ୍ ମାସରେ । ବଂଶଧାରା ନଦୀର ବଢ଼ି ଜାତୀୟ ସ୍ତରର ସମ୍ବାଦ ପତ୍ରରେ ମୁଖ୍ୟ ସମ୍ବାଦ ଭାବେ ପ୍ରକାଶିତ ହୋଇଥିଲା ଓ ରାଜସ୍ଥାନରେ ମୋର ବନ୍ଧୁମାନେ କାଶୀନଗରକୁ କାଶୀପୁର ବୋଲି ଧାରଣା କରି କହୁଥିଲେ ଯେ ମୋର ପ୍ରକଳ୍ପ ଭାସିଗଲା । ୧୯୮୧ ମସିହାରେ ବଂଶଧାରାର କ୍ଷୟକ୍ଷତି ଦେଖିବାକୁ ଆସିଥିଲି ଓ ମୋର ବନ୍ଧୁମାନେ ଅକ୍ସଫାମ୍‌ରୁ ସହାୟତା ଆଣି ବନ୍ୟା ପ୍ରପୀଡିତଙ୍କ ପାଇଁ ଥଇଥାନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ । ବଂଶଧାର କେତେ ଯେ କ୍ଷତି କରିପାରେ ମୁଁ ଅନାୟାସରେ ଏକ ଅଟକଳ କରି ପାରୁଥିଲି ।

ଓଡ଼ିଶାରେ ନଦୀମାନଙ୍କ ଉପରେ ଯଥେଷ୍ଟ ଗବେଷଣା ହୋଇନାହିଁ । ଆମ ଭିତରୁ କେହି ନଦୀର ଉତ୍‌ପତିସ୍ଥାନରୁ ସମୁଦ୍ରପର୍ଯ୍ୟନ୍ତ ଏକ ଦୁଃସାହସିକ ଯାତ୍ରା କରି ନଦୀ ଓ ତାହାର କୂଳରେ ବାସ କରୁଥିବା ମଣିଷ, ଗ୍ରାମ ଓ ସହରମାନଙ୍କୁ ଅଧ୍ୟୟନ କରିବା ଓ ଅନୁଭୂତିକୁ ଲିପିବଦ୍ଧ କରିବାକୁ ଆଗ୍ରହ ପ୍ରକାଶ କରିନାହାନ୍ତି । ଆମର ଐତିହାସିକମାନଙ୍କର ଅନ୍ୱେଷା ସମ୍ଭବତଃ କେଉଁଠି ଲକ୍ଷ୍ୟଭ୍ରଷ୍ଟ ହୋଇଯାଇଛି । ନଦୀକୂଳର ସଭ୍ୟତା ଓ ସଂସ୍କୃତି, ଜୀବନ ଓ ଜୀବିକା, ଲୋକ ଗୀତ ଓ କିମ୍ବଦନ୍ତୀ ସବିଶେଷ ଲେଖାଯାଇନାହିଁ । ମହାନଦୀରେ ଜ୍ୟୋସ୍ନା ବିହାର ହୋଇଛି ସତ ନାଉରିଆର ଜୀବନ ସଂଘର୍ଷକୁ କେହି ଅଙ୍ଗେ ନିଭାଇ ନାହାନ୍ତି । ଯେତିକି ଯେତିକି ବିକାଶର ଦିଗ ଉନ୍ମୋଚିତ ହେଉଛି, ଆମର ନଦୀମାନେ ସେମାନଙ୍କର ସ୍ଥିତି ଓ ସାମଗ୍ରିକ ପରିପ୍ରକାଶ ହରାଇ ବସୁଛନ୍ତି । ଶିଳ୍ପାୟନ, ଡ୍ୟାମ୍ ଓ ନଦୀବନ୍ଧ ଯୋଜନା ସହରରେ ବର୍ଜ୍ୟବସ୍ତୁ ନିଷ୍କାସନ ଏବଂ ଅନ୍ୟ ପ୍ରଦୂଷଣ ଆଜି ଓଡ଼ିଶାର ବଡ଼ ନଦୀମାନଙ୍କୁ ବ୍ୟବହାର ପଦବାଚ୍ୟ କରିବାରେ ଅନେକ ପ୍ରଶ୍ନ ଉଠାଇଛି । ଏବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତାଙ୍କର ଏକ ପ୍ରକାଶିତ ପୁସ୍ତକରେ ଆମର ନଦୀମାନଙ୍କର ପାରିବେଶିକ ଅବସ୍ଥା ବିଷୟରେ ସମ୍ୟକ ଧାରଣା ଦେଇଛନ୍ତି । ଯଦି ଏକ ସରକାରୀ ସଂସ୍ଥା ନଦୀମାନଙ୍କର ପ୍ରଦୂଷଣର ମାତ୍ରାଧିକ ସ୍ତର ଉଲ୍ଲେଖ କରୁଛି, ବେସରକାରୀ ସ୍ତରରେ ଯଦି ଏହା ଉଲ୍ଲେଖ କରାଯାଇ ପାରନ୍ତା, ତାହା ପାଠକମାନେ କଳ୍ପନା କରିପାରୁଥିବେ । ବ୍ରାହ୍ମଣୀ, ବୈତରଣୀ, ମହାନଦୀ, ଋଷିକୂଲ୍ୟା ଆଦି ନଦୀମାନେ

Digitized by srujanika@gmail.com

ମୃତ୍ୟୁଦ୍ୱାରରେ ପହଞ୍ଚୁଛନ୍ତି କି ? ଏହା ଜାଣିବାକୁ ପ୍ରଦୂଷଣ ନିୟନ୍ତ୍ରଣବୋର୍ଡର ପୁସ୍ତକରୁ ପାଠକମାନେ ଅବଗତ ହୋଇପାରିବେ ।

ଗୋଟିଏ ନଦୀକୁ ନେଇ ଏକ ନାଟକ ଲେଖିବାକୁ ଯଦି କେହି ମନେ କରେ ତେବେ ବଂଶଧାରା ନଦୀ ଏକ ସହଜ ବିଷୟବସ୍ତୁ ହୋଇପାରିବ । ନିୟମଗିରି ପର୍ବତରେ ବେଦାନ୍ତ ବା ଷ୍ଟେରଲାଇଟ୍ ଏବେ ବକ୍ସାଇଟ୍ ଖଣି ଆରମ୍ଭ କରିବାକୁ ଚେଷ୍ଟା କରୁଛି । ଗୋଟାଏ ବହୁରାଷ୍ଟ୍ରୀୟ କମ୍ପାନୀ ପଛରେ ରାଜନୈତିକ ଦଳ, ସରକାର, ଗଣମାଧ୍ୟମ, ବିଜ୍ଞ ବିଭାଗ ଓ ପେଶାଦର ଗୋଷ୍ଠୀଙ୍କ ଅହେତୁକ ସମର୍ଥନ ଅନେକ ପ୍ରଶ୍ନ ଓ ସଂଶୟ ସୃଷ୍ଟି କରିଛି । ବକ୍ସାଇଟରୁ ଆଲୁମିନା କରିବାର ବିଶୋଧନ ପ୍ରକ୍ରିୟାରେ ଉଦ୍‌ଗତ ବର୍ଜ୍ୟବସ୍ତୁ ଖାଲି ନିୟମଗିରିର ଶୁଦ୍ଧ ବାତାବରଣକୁ ନଷ୍ଟ କରିବ ନାହିଁ । ଏହା ବଂଶଧାରା ନଦୀକୁ ଗୋଟାପଣେ ପ୍ରଦୂଷିତ କରିବ । ଯେତେବେଳେ ମାଟି, ପବନ, ଭୂଜଳ ଓ ପ୍ରବାହିତ ଜଳ ପ୍ରଦୂଷିତ ହୋଇ ବଂଶଧାରା ନଦୀକୁ ପ୍ରଭାବିତ କରିବ, ନଦୀକୂଳର ଶହ ଶହ ଗାଁର ଜନସାଧାରଣ, ପଶୁ ପକ୍ଷୀ, ବୃକ୍ଷଲତାର ଅବସ୍ଥା କ'ଣ ହେବ କିଏ କହିବ ?

ବଂଶଧାରା ନଦୀକୁ ନେଇ ଯେଉଁ ନାଟକ ଚାଲିଛି ତାହାର ଅନ୍ୟ ଏକ ଦୃଶ୍ୟ ହେବ ନଦୀଜଳର ବଣ୍ଟନ ନେଇ ଆନ୍ଧ୍ର-ଓଡ଼ିଶା ବିବାଦ । କାଟ୍ରାଗଡ଼ା ଠାରେ ଆନ୍ଧ୍ର ସରକାର ନଦୀଜଳକୁ କେନାଲ୍ ଯୋଗେ ନେବାକୁ ପ୍ରୟାସ କରୁଛନ୍ତି । ନଦୀ କୂଳରେ ଆଡିବନ୍ଧ ବା ସ୍ପର୍ ସବୁ ତିଆରି କରିଛି । ଆନ୍ଧ୍ର ସରକାର ଚାଲାକ ଓ ଦକ୍ଷ ହୋଇଥିବାରୁ ତାଙ୍କ ସୀମାରେ ନଦୀକୂଳ ବେଶ୍ ଭଲ ଅଛି । ଓଡ଼ିଶା ସରକାର ଓ ଓଡ଼ିଆମାନେ ସବୁ ଦିଗରେ ପଛରେ ଥିବାରୁ ଆବଶ୍ୟକ ସ୍ପର୍ ତିଆରି ହୋଇ ପାରୁନାହିଁ ଓ ପ୍ରତିବର୍ଷ ଶହ ଶହ ଏକର କୂଳ ଖାଇ ଯାଉଛି ଓ ବନ୍ୟାଜଳ ଜମିରେ ପଶି ବାଲିଚର କରି ଦେଉଛି । ଏ ଲେଖକ କାଶୀନଗର ଠାରୁ ଗୁଡାରୀ ପର୍ଯ୍ୟନ୍ତ ଏହା ହିଁ ଲକ୍ଷ୍ୟ କରିଛି । ବଂଶଧାରା କୂଳରେ ଥିବା କ୍ଷତିଗ୍ରସ୍ତ ଗାଁମାନଙ୍କର ତାଲିକାରେ କଡି ଗାଁ, କାଶୀନଗର, ବୋଦରା, ବୋତବା, ପୁରୁଟିଗୁଡା, ସାରା, ବାଡିଗାଁ, ପାଲସିଂ, ବଇନାଗୁଡା, ପାଣି ଡଙ୍ଗର, ଉପର ଖେତାଗୁଡା ଡିମିରିଗୁଡ଼ା ଆଦି ବିଶେଷ ଉଲ୍ଲେଖନୀୟ ସ୍ଥାନ ଗ୍ରହଣ କରିଛନ୍ତି । ସବୁ ଗାଁମାନଙ୍କରେ ଗ୍ରାମବାସୀ ସବିଶେଷ ଧାରଣା ଦେଉଥିଲେ କୂଳ ସବୁ ଧୋଇ ନେଇଛି । ଜମି ବାଲିଚର ହୋଇଯାଉଛି । ଗାଁରେ ପାଣି ପଶି ଘରଦ୍ୱାର ଧୋଇ ନେଉଛି । କେଉଁଠି କେଉଁଠି ବସ୍ତି ସବୁ ଉଚ୍ଚ ଯାଗାକୁ ଉଠି ଗଲାଣି । କେଉଁଠି ଗାଁ ସବୁ ବିପଦସଙ୍କୁଳ ସ୍ଥିତିରେ ଅଛନ୍ତି । ଆସନ୍ତା ବଢ଼ିରେ କ'ଣ ଘଟିବ ଲୋକେ ଭୀତତ୍ରସ୍ତ ଅବସ୍ଥାରେ ଅଛନ୍ତି । ସରକାରଙ୍କ ଜଳସେଚନ ବା ରେଭେନ୍ୟୁ ବିଭାଗର କର୍ମକର୍ତ୍ତା କିଏ କେବେ ଆସୁଛନ୍ତି ଆଶ୍ୱାସନା ଦେବାକୁ । ମୁଖ୍ୟମନ୍ତ୍ରୀ ବଂଶଧାରା ନଦୀ ସହ ଋଷିକୁଲ୍ୟାକୁ ସଂଯୋଗୀକରଣ ପ୍ରସ୍ତାବ ଦେଇଛନ୍ତି । ଆନ୍ଧ୍ରକୁ ପାଣି ଯିବା ପୂର୍ବରୁ ଓଡ଼ିଶାର ପାଣି ଓଡିଶାରେ ରହିବା ଏକ ରାଜନୈତିକ ପ୍ରଶ୍ନ ହୋଇସାରିଛି ।

Digitized by srujanika@gmail.com

ଗୁଡାରି ପାଖରୁ ଚନ୍ଦ୍ରପୁର ପଟକୁ ବଂଶଧାରା ନଦୀ ଏକ ଅଶାନ୍ତ ଇଲାକା ଦେଇ ବୋହି ଆସୁଛି । ଏପାଖେ ପୋଲିସ ଓ ସେ ପାଖେ ଘଞ୍ଚ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି । ଗୁଡାରି ପଟେ ସାହୁକାରମାନଙ୍କ ରାଜତ୍ୱ ଓ ସେପାଖେ ଶୋଷିତ ଆଦିବାସୀମାନଙ୍କ ରାଇଜ । ସେ ବାଟେ ଗଲାବେଳେ ଏକ ସଂଘର୍ଷମୟ ବାତାବରଣ ବିରାଜମାନ କରୁଛି ବୋଲି ବେଶ୍ ଅନୁମାନ କରିହୁଏ । ସାହୁକାରମାନେ ପୋଲିସର ଶରଣାପନ୍ନ । ଆଦିବାସୀମାନେ ମାଓବାଦୀଙ୍କ ସହ କେତେକାଂଶରେ ହାତ ମିଳାଇଛନ୍ତି । ଜମି ଦଖଲ କରିବା ଓ ଫସଲ କାଟି ନେବା ପାଇଁ ଛକାପଞ୍ଝାରେ ସେସମସ୍ତେ ଅଛନ୍ତି । କେତେ ସାହୁକାର ଗୁଡାରି ଅଞ୍ଚଳରୁ ଯାଇଛନ୍ତି ଓ ଜମିସବୁ ପଡିଆ ପକାଇଛନ୍ତି । ଆଦିବାସୀମାନଙ୍କ ଭିତରେ କେତେ ଜେଲ୍ ଯାଇଛନ୍ତି । କେତେକ ଏନ୍‌କାଉଣ୍ଟରରେ ମୃତ୍ୟୁବରଣ କରିଛନ୍ତି । ପୋଲିସ୍ ଓ ମାଓବାଦୀଙ୍କ ସଂଘର୍ଷରେ ସାଧାରଣ ଜନଜୀବନ ଗୁରୁତର ବ୍ୟାହତ ହୋଇଛି । ଏଇ ସବୁ ଭିତରେ ମାଓବାଦୀ ନଥିବା ଅଥଚ ମାଓବାଦୀ ବୋଲି ସନ୍ଦେହ ତାଲିକାରେ ଥିବା ଡିମିରିଗୁଡା ଗାଁର ସଂଘର୍ଷ ମୁଁ ମୋର ଜୀବନର ଶେଷ ସମୟ ପର୍ଯ୍ୟନ୍ତ ମନେରଖିଥିବି । ମୂଳ ଗାଁଟି ୧୯୮୦ ମସିହାରେ ବଂଶଧାରା ନଦୀର ପ୍ରବଳବନ୍ୟାରେ ବେଶ୍ ପ୍ରଭାବିତ ହୋଇଥିଲା । ସେ ଗାଁଟିର ନାମ ଥିଲା ପଣସଗୁଡା । ୧୯ଟି ପରିବାର ଘରଦ୍ୱାର ଓ ଜମିସବୁ ବନ୍ୟାରେ ହରାଇ ବାସଚ୍ୟୁତ ହୋଇଥିଲେ । ନୂଆ ବସ୍ତି ଯେତେବେଳେ ସ୍ଥାପିତ ହେଲା ଲୋକେ ଶ୍ରଦ୍ଧାରେ ନାମ ଦେଲେ ଡିମିରିଗୁଡା । ସଉରା ଆଦିବାସୀ ଏମାନେ । ଚଷ ହେଉ ବା ପୋଡୁ ଚଷ ହେଉ, ସେମାନେ କୃଷିଜୀବୀ । ବସ୍ତିର ପରିବାର ସଂଖ୍ୟା ବଢ଼ି କ୍ରମଶଃ ପଚାଶ ଟପିଲା । ଲୋକମାନେ ଅନାବାଦୀ ଜମି ଚଷ କରିବାକୁ ଆରମ୍ଭ କଲେ । ଯେଉଁ ଜମିରେ ଚଷ କରିଲେ, ଗୁଡାରିର ସାହୁକାର ତାହାର ଦଖଲ ଅଛି ବୋଲି ଦର୍ଶାଇ ଫସଲ ନେଉଥିଲା । ନହେଲେ ପୋଲିସ୍‌କୁ ଧରି ଆଦିବାସୀଙ୍କୁ ଥାନାକୁ ଆଣି ନିର୍ଯ୍ୟାତନା ଦେଉଥିଲା । ଲୋକମାନେ ଗାଁ ଠାରୁ ଆଉ ଟିକିଏ ଦୂରରେ ପୁଣି ଅନାବାଦୀ ଜମି ଚଷ କରିବା ମାତ୍ରକେ, ତାହା ସାହୁକାରମାନେ ଦଖଲ କରୁଥିଲେ । ଡିମିରିଗୁଡାର ଆଦିବାସୀମାନେ ଶେଷରେ ବାଧ୍ୟ ହୋଇ ଡଙ୍ଗର ପାହାଡରେ ପୋଡୁ ଚଷ କରିଲେ । ସେ ଜମିକୁ ମଧ୍ୟ ସାହୁକାରମାନେ ପଟ୍ଟା ଜମି ବୋଲି କହି ଆଦିବାସୀମାନଙ୍କୁ ଘଉଡାଇ ଦେଲେ । ଏଇଭଳି ଅତ୍ୟାଚରିତ ହୋଇଥିବା ଆଦିବାସୀମାନେ ସହିବାର ସୀମା ଅତିକ୍ରମ କରିଥିଲେ । ୧୯୯୦ ମସିହାରେ ସଉରା ଆଦିବାସୀମାନେ ଏକାଠି ହୋଇ ସାହୁକାରମାନଙ୍କର ତଥାକଥିତ ୩୬ଏକର ଜମି ତାଙ୍କର ପୂର୍ବ ପୁରୁଷଙ୍କ ଜମି ବୋଲି ଦଖଲ କରିଲେ । ଏଥିରେ ଆଖପାଖ ଗାଁର ଆଦିବାସୀମାନେ ମଧ୍ୟ ବାସ୍ତବ ସମର୍ଥନ ଯୋଗାଇଥିଲେ । ସାହୁକାରମାନେ ପୋଲିସକୁ ପ୍ରଭାବିତ କରି ପ୍ରାୟ ୭୦ଜଣ ଆସିବାସୀ ମହିଳା ଓ ପୁରୁଷମାନଙ୍କୁ ମିଥ୍ୟା କେସ୍‌ରେ ପକାଇଥିଲେ ଓ ସେମାନଙ୍କୁ ଜେଲ୍ ଯିବାକୁ

Digitized by srujanika@gmail.com

ପଡିଥିଲା । ଏ ଭିତରେ ଦୁଇଜଣ ଗର୍ଭବତୀ ମହିଳା ଥିଲେ ଓ ସେମାନଙ୍କୁ ଜେଲ୍‌ରେ ହିଁ ପ୍ରସବ କରିବାକୁ ପଡିଥିଲା । ଏ ଲେଖକ ସେ ମାଆମାନଙ୍କୁ ଭେଟି ଏ ସଂଘର୍ଷରୁ ବିଭିନ୍ନ ଦିଗ ଜାଣି ପାରିଥିଲା । ଏସବୁ ଜମି ଅଧିକାରକୁ ନେଇ ଗୁଡାରି ଅଞ୍ଚଳରେ ବେଶ୍ ଆଲୋଡନ ସୃଷ୍ଟି ହୋଇଥିଲା । ତତ୍‌କାଳୀନ ରାୟଗଡ଼ା ଜିଲ୍ଲାପାଳ ଶ୍ରୀ ବିଷ୍ଣୁପଦ ସେଠୀ ମଧ୍ୟ ଡିମିରିଗୁଡା ଗାଁକୁ ସରଜମିନ ତଦନ୍ତରେ ଯାଇ ଆଦିବାସୀମାନଙ୍କର ସଂଘର୍ଷ ପ୍ରତି ସମବେଦନା ପ୍ରକାଶ କରିଥିଲେ । ପ୍ରତ୍ୟେକ ପରିବାରକୁ ଇନ୍ଦିରାଆୱାସ ବାସଗୃହ ଓ ଘର ଡିହ ଯୋଗାଇ ଦେବାକୁ ବ୍ୟବସ୍ଥା କରିଥିଲେ । ଏବେ ଗାଁଟି ଦୃଢ଼ଭାବରେ ଆସ୍ଥାନ ପ୍ରତିଷ୍ଠା କରିଛି ବୋଲି ଜଣା ପଡୁଛି । ଗାଁର ଏକତା ମନୋବଳ ଦେଖି, ଗୁଡାରୀର ସାହୁକାରମାନେ ଏବେ ସ୍ୱେଚ୍ଛାକୃତ ଭାବେ ଆଦିବାସୀମାନଙ୍କୁ ଜମି ଅଧିକାର ଦେବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଆଦିବାସୀମାନେ ପଟ୍ଟା ପାଇବା ପାଇଁ ଦରଖାସ୍ତ କରିଛନ୍ତି କିନ୍ତୁ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନାହାନ୍ତି । 'ମୋ ଜମି, ମୋ ଘର ଡିହ' ଯୋଜନାରେ ଏମାନଙ୍କୁ ଜମି ପଟ୍ଟା ମିଳିବାରେ ବିଳମ୍ବ ହେବା କଥା ନୁହେଁ । ସାହୁକାର ଛାଡି ଦେଇଥିବା ଜମି କିପରି ଜଳସେଚିତ ହୋଇ ପାରିବ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଜାଗରଣ ଆଗ୍ରହ ଦେଖାଇଛି । ସରକାରଙ୍କ ବିଭିନ୍ନ ଯୋଜନା ଅଛି ଓ ବଂଶଧାରା ନଦୀରୁ ଉଠାଜଳସେଚନ ଜରିଆରେ ଜଳସେଚନ ବ୍ୟବସ୍ଥା ସହଜରେ କରାଯାଇପାରିବ । ଏବେ ଋଷବାସ ସରିଗଲେ ସଉରାମାନେ ଯେମିତି ସାହୁକାରଙ୍କ ଦ୍ୱାରସ୍ଥ ହେଉଛନ୍ତି ତାହାର ସମାପ୍ତି ହେବ । 'ଡିମିରିଗୁଡ଼ା' ଗାଁଟି ଗ୍ରାମ୍ୟ ବିକାଶ ଓ ଗ୍ରାମ୍ୟ ଗରିବଙ୍କ ସଂଗଠନର ଏକ ବଳିଷ୍ଠ ଉଦାହରଣ । ଅସଲ ବିକାଶ ଓ ଅସଲ ସଂଗଠନ ଭିତରେ ଯେ କିଛି ପାର୍ଥକ୍ୟ ନାହିଁ ଏ ଉଦାହରଣରୁ ସ୍ପଷ୍ଟ ଅନୁଭବ କରିହେଉଛି । ବଂଶଧାରା ନଦୀକୂଳର ପ୍ରତ୍ୟେକ ଗାଁରେ ଏଇଭଳି ବିକାଶ ଓ ସଂଗଠନ ସମ୍ଭବ ବୋଲି ମୋର ହୃଦ୍‌ବୋଧ ହୋଇଛି ।

□□□

Digitized by srujanika@gmail.com

ସାମାଜିକ ଆନ୍ଦୋଳନ ଓ ସମତାର ପ୍ରଶ୍ନ

ସାରା ପୃଥିବୀରେ ଗୋଟିଏ କଥା ଐତିହାସିକ ସତ୍ୟ ବୋଲି ପ୍ରମାଣିତ ହୋଇସାରିଛି । ତାହା ହେଉଛି ଯେ ସାଧାରଣ ମଣିଷ ସମାଜ ପରିବର୍ତ୍ତନ ପାଇଁ ସଦାସର୍ବଦା ଆନ୍ଦୋଳନ କରିଆସିଛି । ସମାଜ ଯେତେବେଳେ ଅନ୍ଧାର ଆଡ଼କୁ ଗତିକରେ, ସାମାଜିକ ଆନ୍ଦୋଳନସବୁ ଆଶାର ଆଲୋକ ହିସାବରେ ମୁଣ୍ଡଟେକେ । ସମାଜର ଗତିପଥ ବଦଳିଯାଏ । ଆଉ ବଦଳେ ମୂଲ୍ୟବୋଧ । ସମାଜର ମଣିଷ ସାମୟିକଭାବେ ଆଶ୍ୱସ୍ତ ହୁଏ । ପରିଚୟରେ ନୂତନତ୍ୱ ଆସେ । ନେତୃତ୍ୱରେ ଗତିଶୀଳତା ପ୍ରତିଫଳିତ ହୁଏ । ନୂତନ ସମାଜ ଗଢ଼ିବାକୁ ଅନେକ ପରିକଳ୍ପନା ଅଙ୍କୁରିତ ହୁଏ । ସାମାଜିକ ଆନ୍ଦୋଳନ କେଉଁଠି କେବଳ ଅଗ୍ନିକଣିକାରେ ସିମୀତ ରହେନାହିଁ । ତାହା ଆଗ୍ନେୟଗିରିର ଉଦ୍‌ଗୀରଣ ଭଳି ବିସ୍ଫୋରିତ ହୋଇଯାଏ । ସାମାଜିକ ଆନ୍ଦୋଳନଗୁଡ଼ିକ ଆରମ୍ଭ ହୁଏ ପରିବର୍ତ୍ତନ ପାଇଁ ଏକ ଆହ୍ୱାନ ହିସାବରେ । କିନ୍ତୁ, ବହୁସମୟରେ ପରିଣତ ହୋଇଯାଏ ପ୍ରତିବାଦ, ମୁକାବିଲା, ବିଦ୍ରୋହ ଓ ବେଳେବେଳେ ରୂପାନ୍ତରିତ ହୋଇଯାଏ ବିପ୍ଳବରେ । ଏ ପୃଥିବୀର ସମସ୍ତ ବିପ୍ଳବ ପଛରେ କିଛି ନା କିଛି ସାମାଜିକ ଆନ୍ଦୋଳନର ଭୂମିକା ରହିଛି ବୋଲି ଇତିହାସର ପୃଷ୍ଠା ଉନ୍ମୋଚନ କଲେ ସ୍ପଷ୍ଟ ଦେଖିହୁଏ । ହିଂସା ହେଉ ଅବା ଅହିଂସା ହେଉ, ସ୍ଥାନୀୟ ହେଉ ବା ବୃହତ୍ତର ପରିସର ସହ ସଂଶ୍ଲିଷ୍ଟ ହୋଇଥାଉ, ସାମାଜିକ ଆନ୍ଦୋଳନର ପ୍ରଭାବ ଓ ପ୍ରତିଷ୍ଠା ଫଳରେ ସମାଜରେ ଗୁଣାତ୍ମକମାନର ଅଭିବୃଦ୍ଧିଘଟେ । ଢ଼ାଞ୍ଚା ବଦଳେ । ସାମାଜିକ ସଂପର୍କରେ କେତେ ଯେ ଜୁଆର ଭଟ୍ଟା ଆସିଯାଏ ତାହା କଳ୍ପନା କରିବା ସମ୍ଭବ ହୁଏନାହିଁ । ଏ ପୃଥିବୀର ଇତିହାସରେ ସାମାଜିକ ଆନ୍ଦୋଳନକାରୀମାନେ ମାଇଲଖୁଣ୍ଟ ଭଳି ଛିଡ଼ା ହୋଇଛନ୍ତି । ସମତା ଓ ନ୍ୟାୟ ପାଇଁ, ଆଦର୍ଶବାଦ ଓ ଆଶାବାଦ ପାଇଁ, ଭଲ ମଣିଷଙ୍କ ସମାଜ ଗଢ଼ିବା ପାଇଁ ଯୁଗେ ଯୁଗେ ସାମାଜିକ ଆନ୍ଦୋଳନକାରୀମାନେ ଏ ପୃଥିବୀ ଓ ଏ ସଭ୍ୟତାକୁ ଅଳଙ୍କୃତ କରିଛନ୍ତି । ମାଟିକାଦୁଅର ମଣିଷମାନେ ଏ ସାମାଜିକ ଆନ୍ଦୋଳନମାନଙ୍କ ସହ ଅଙ୍ଗାଙ୍ଗୀଭାବେ ସଂଶ୍ଲିଷ୍ଟ ହୋଇଆସିଛନ୍ତି । ସାମାଜିକ ଆନ୍ଦୋଳନ ପାଇଁ ଅନେକ କିଛି ତ୍ୟାଗ ମଧ୍ୟ କରିଛନ୍ତି । ଆମର ସମାଜଶାସ୍ତ୍ରୀମାନେ ସାମାଜିକ ଆନ୍ଦୋଳନକୁ ବ୍ୟାପକଭାବେ ଅଧ୍ୟୟନ କରିଛନ୍ତି । ସମୀକ୍ଷା ଓ ସମାଲୋଚନା

Digitized by srujanika@gmail.com

କରିଛନ୍ତି । ବିଭିନ୍ନ ତତ୍ତ୍ୱ ମଧ୍ୟ ବାହାର କରିଛନ୍ତି । ସଫଳତା ଓ ବିଫଳତାକୁ ବିଶ୍ଳେଷଣ କରିବାକୁ ଯାଇ ଭବିଷ୍ୟତର ସାମାଜିକ ଆନ୍ଦୋଳନମାନଙ୍କର ରୂପରେଖ ବର୍ଣ୍ଣନା କରିଛନ୍ତି । ଆଗାମୀ ଦିନର ସଂସ୍କାର, ପରିବର୍ତ୍ତନ ଓ ବିପ୍ଳବର ସଙ୍କେତ ଦେଇଛନ୍ତି । ଜ୍ଞାନ ଓ ବିଜ୍ଞାନ ସମାହିତ ପୃଥିବୀ ଏବଂ ଆବେଗ ଓ କ୍ରିୟାପ୍ରକ୍ରିୟାର ମଣିଷ ସବୁବେଳେ ଆଶା କରିଛି ଯେ ଏ ପୃଥିବୀରୁ ଶୋଷଣ, ଅନ୍ୟାୟ, ଅତ୍ୟାଚାରସବୁ ଦିନେନା ଦିନେ ଦୂର ହେବ ଓ ଏକ ନୂତନ ସଭ୍ୟତା ଓ ସଂପ୍ରୀତି ପ୍ରତିଷ୍ଠିତ ହେବ । ଏ ଲେଖକର ବିଶ୍ୱାସ ଓ ଆତ୍ମବିଶ୍ୱାସ ଏ ଦିଗରେ କ୍ରମଶଃ ଦୃଢ଼ୀଭୂତ ହେବାରେ ଲାଗିଛି ।

ଆମେ ଭାରତବର୍ଷରେ ଚାଲିଆସିଥିବା ଆନ୍ଦୋଳନମାନଙ୍କୁ ଐତିହାସିକ ଦୃଷ୍ଟିକୋଣରୁ ପ୍ରଥମେ ଆଲୋଚନା କରିବା ଓ ଏହାକୁ ଆଧାର କରି ସାମ୍ପ୍ରତିକ ସାମାଜିକ ଆନ୍ଦୋଳନମାନଙ୍କର ଏକ ଝଲକ ଦେଖିବା । ସମ୍ବାଦପତ୍ରର ଏକ ସ୍ତମ୍ଭର ସୀମୀତ ପରିସର ଭିତରେ ସାମାଜିକ ଆନ୍ଦୋଳନମାନଙ୍କର ଏକ ଚିତ୍ର ଓ ମାନଚିତ୍ର ପ୍ରଦାନ କରିବା ଏକ ଅସମ୍ଭବ ଉଦ୍ୟମ । ଏବେ ଜଗତୀକରଣ ପ୍ରକ୍ରିୟାରେ ସାମାଜିକ ଆନ୍ଦୋଳନମାନଙ୍କର ସଂଖ୍ୟା ଓ ଗଭୀରତା ଏତେ ବ୍ୟାପକ ହୋଇଛି ଯେ ତାହାର ଉପସ୍ଥାପନା ହେବା ନିତାନ୍ତ ଜରୁରୀ । ସମାଜ ଏତେ ଜଟିଳତା ଭିତରକୁ ପଶିଯାଇଛି ଯେ ତା'ଭିତରେ ବିକଳ୍ପ ସମାଜର ପରିକଳ୍ପନା ଆମ ସମସ୍ତଙ୍କର ଏକ ନୈତିକ ଓ ରାଜନୈତିକ ଦାୟିତ୍ୱ ।

ଏ ଲେଖକ କାଶୀପୁର ଆସିବା ପୂର୍ବରୁ ବିଭିନ୍ନ ସାମାଜିକ ଆନ୍ଦୋଳନ ଓ ସମସାମୟିକ ଜନଆନ୍ଦୋଳନମାନଙ୍କୁ ପଢ଼ିବା, ବୁଝିବାକୁ ଓ ପ୍ରତ୍ୟକ୍ଷଭାବେ ମିଶିବାକୁ ଉଦ୍ୟମ କରିଥିଲା । ଏ ଦେଶର ସାମାଜିକ ଆନ୍ଦୋଳନମାନଙ୍କୁ ଚାରୋଟି ବିଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମଟି ହେଲା କୃଷକ ଆନ୍ଦୋଳନ । ଦ୍ୱିତୀୟଟି ହେଲା ଧର୍ମ ଆନ୍ଦୋଳନ । ତୃତୀୟଟି ହେଲା ମହିଳା ଆନ୍ଦୋଳନ ଓ ଚତୁର୍ଥଟି ହେଲା ଆଦିବାସୀ ଓ ଦଳିତଙ୍କ ଆନ୍ଦୋଳନ । ଅବଶ୍ୟ ଆଦିବାସୀଙ୍କ ଆନ୍ଦୋଳନର ଏକ ନିଜସ୍ୱ ପରିଚୟ ଅଛି ଏବଂ ନିର୍ଦ୍ଦିଷ୍ଟ ପ୍ରରିପ୍ରେକ୍ଷୀ ଅଛି ତାହା ହୃଦୟଙ୍ଗମ କରିବାକୁ ହେବ । ଅବଶ୍ୟ ଏବେ ସାମାଜିକ ଆନ୍ଦୋଳନମାନଙ୍କର ସଂଜ୍ଞା ଓ ଗତିଶୀଳତା ଅନେକ କ୍ଷେତ୍ରରେ ବଦଳି ଯାଇଛି । ମହିଳାମାନଙ୍କ ଏକ ବଳିଷ୍ଠ ଆନ୍ଦୋଳନ ସର୍ବବ୍ୟାପୀ ହୋଇଛି । ଜଗତୀକରଣର ବିପରୀତ ପ୍ରଭାବ ବିରୁଦ୍ଧରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଜନଆନ୍ଦୋଳନ ମୁଣ୍ଡଟେକିଛି ଏବଂ ବିଶ୍ୱରେ କେତେକ ସାମାଜିକ ଆନ୍ଦୋଳନ ମଧ୍ୟ ସ୍ଥାନୀୟ ଆନ୍ଦୋଳନମାନଙ୍କ ସହ ସାମିଲ୍ ହୋଇପାରିଛି । ଉଦାହରଣ ସ୍ୱରୂପ ପରିବେଶ ଆନ୍ଦୋଳନ ଏବେ ବିଶ୍ୱବ୍ୟାପୀ ହୋଇପାରିଛି । ସେସବୁର ସମ୍ୟକ ଆଲୋଚନା କରିବାର ଯଥେଷ୍ଟ ଆବଶ୍ୟକତା ଏ ଲେଖକ ଅନୁଭବ କରୁଛି ।

କିନ୍ତୁ ସର୍ବପ୍ରଥମେ କୃଷକ ଆନ୍ଦୋଳନକୁ ପ୍ରାଧାନ୍ୟ ଦିଆଯିବ ଆଲୋଚନାରେ । କାର୍ଲମାର୍କସ ଯଦିଓ ଶ୍ରମିକମାନଙ୍କୁ ଆନ୍ଦୋଳନର ନାୟକ କରିଥିଲେ ଲେନିନ୍, ମାଓସେତୁଂ,

Digitized by srujanika@gmail.com

ଫ୍ରାନ ଫାନନ୍ (Franz Fanon)କୃଷକମାନଙ୍କୁ ମହାନ୍ ବିପ୍ଳବମାନଙ୍କରେ ମୁଖ୍ୟ ଭୂମିକା ଦେଇଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ କୃଷକ ଆନ୍ଦୋଳନମାନଙ୍କର ତାଲିକାରେ ବର୍ଦ୍ଦଲୋଇ ଓ ଚମ୍ପାରଣ ଆଦି ଆଗରେ ରହିବେ । ଏ ଦେଶର ଲକ୍ଷ ଲକ୍ଷ କୃଷକ ସ୍ୱାଧୀନତା ସହଗ୍ରାମରେ ଝାସଦେଇଥିଲେ । ସ୍ୱାଧୀନତାର ପରବର୍ତ୍ତୀ ସମୟରେ ବିନୋବାଭାବେ ଓ ଜୟପ୍ରକାଶ ନାରାୟଣ କୃଷକ ଆନ୍ଦୋଳନର ଗତି ବଦଳାଇ ଦେଇଥିଲେ । କମ୍ୟୁନିଷ୍ଟମାନେ ତେଭାଗା, ତେଲେଙ୍ଗାନା, ନକ୍‌ସାଲ୍‌ବାରୀ ଭଳି ତିନୋଟି ଗୁରୁତ୍ୱପୂର୍ଣ୍ଣ କୃଷକ ଆନ୍ଦୋଳନ ଆରମ୍ଭ କରିଥିଲେ ଯାହାର ପ୍ରଭାବ ଏପର୍ଯ୍ୟନ୍ତ କମିନାହିଁ । ମାର୍କସିଷ୍ଟ-ଲେନିନିଷ୍ଟ-ମାଓଇଷ୍ଟ (ମାର୍କସ୍‌ବାଦୀ-ଲେନିନ୍‌ବାଦୀ-ମାଓବାଦୀ) କମ୍ୟୁନିଷ୍ଟମାନଙ୍କର ଆଦର୍ଶବାଦୀ ଚିନ୍ତାଧାରା ସାମାଜିକ ଆନ୍ଦୋଳନର ଗତିପଥ ବଦଳେଇ ଦେଇଛି । କୃଷକମାନଙ୍କର ସମସ୍ତ ସମସ୍ୟା ଯେ ବିଭିନ୍ନ ସମୟର କୃଷକ ଆନ୍ଦୋଳନ ଦ୍ୱାରା ସମାଧାନ ହୋଇଗଲା ତାହା କହିବା ଅତିରଞ୍ଜିତ ହେବ । ଏବେ କୃଷକମାନଙ୍କର ଐତିହାସିକ ପୃଷ୍ଠଭୂମିରୁ କ'ଣ ଶିକ୍ଷା ମିଳିଲା ? ଏହା ଆଲୋଚନାର ବିଷୟବସ୍ତୁ ନିଶ୍ଚୟ ।

ଦ୍ୱିତୀୟରେ ଧର୍ମ ସମ୍ବନ୍ଧିତ ଆନ୍ଦୋଳନ ମଧ୍ୟ ଏ ଦେଶରେ ବ୍ୟାପକ ହୋଇଛି । ହିନ୍ଦୁ, ମୁସଲ୍‌ମାନ ଓ ଖ୍ରୀଷ୍ଟିଆନ୍ ଏବଂ ଶିଖ୍‌ଧର୍ମ ଭିତରେ ବିଭିନ୍ନ ସମୟରେ ପ୍ରତିବାଦ ସ୍ୱରୂପ ଆନ୍ଦୋଳନ ମୁଣ୍ଡଟେକିଛି । ଆର୍ଯ୍ୟସମାଜ, ସନାତନଧର୍ମ, ଅହମ୍ମଦିୟା, ସିଂସଭା ଆଦି ବିଭିନ୍ନ ଧର୍ମ ଆନ୍ଦୋଳନ ପାରମ୍ପରିକ ଧର୍ମମାନଙ୍କର ସଂକୀର୍ଣ୍ଣ ଓ ଅନ୍ଧ ମତବାଦକୁ ବଦଳେଇବାକୁ ଚେଷ୍ଟା କରିଛି । ଭାରତର ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଭାଗରେ ବିଭିନ୍ନ ସମୟରେ ବିଶିଷ୍ଟ ଯୋଗୀ ଓ ମହାପୁରୁଷମାନେ ବିଭିନ୍ନ ଧର୍ମ ଆନ୍ଦୋଳନ ଆରମ୍ଭ କରି ବିଭିନ୍ନ ଧର୍ମରେ ସଂସ୍କାର ଆଣିବାକୁ ଚେଷ୍ଟା କରିଛନ୍ତି ଓ ଅନେକାଂଶରେ ସଫଳ ହୋଇଛନ୍ତି । ମଠ ଓ ମଠାଧୀଶମାନଙ୍କର ପ୍ରଭାବକୁ ପ୍ରତିହତ କରି ଧର୍ମଆନ୍ଦୋଳନ ପ୍ରତିଷ୍ଠିତ ହୋଇଛି । ଭାରତୀୟମାନଙ୍କ ମତରେ ଧର୍ମ ହେଉଛି ଏକ ଅପ୍ରତିହତ ଶକ୍ତି । ସମାଜର ଗତି ଓ ପ୍ରଗତିରେ ଧର୍ମ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଧର୍ମ ଓ ଧର୍ମାନ୍ଧତାକୁ ବୁଝିବାକୁ ଚେଷ୍ଟାକରି ଆନ୍ଦୋଳନମାନ ସୃଷ୍ଟି ହୋଇଛି । ଧାର୍ମିକ କଠୋରପନ୍ଥୀମାନଙ୍କର ଯେ ସବୁଦିନ ପାଇଁ ଭୂମିକାନାହିଁ ତାହା ବାରମ୍ବାର ପ୍ରମାଣିତ କରାଯାଇଛି । ହିନ୍ଦୁଧର୍ମରେ ବ୍ରାହ୍ମଣମାନଙ୍କ ଆଧିପତ୍ୟ ନ୍ୟୁନ କରିବା ପାଇଁ ବିଭିନ୍ନ ସମୟରେ ମଧ୍ୟ ଆନ୍ଦୋଳନ ମୁଣ୍ଡଟେକିଛି । ଦକ୍ଷିଣ ଭାରତରେ "ବୀରଶୈବ" ଆନ୍ଦୋଳନ ବିଶେଷ ଉଲ୍ଲେଖନୀୟ । ବ୍ରାହ୍ମଣମାନଙ୍କର ଶ୍ରେଷ୍ଠତ୍ୱ ଓ ସଂସ୍କୃତ ଭାଷାର ବିଶେଷତାକୁ ପ୍ରଶ୍ନ ପଚାରିବାକୁ "ବୀରଶୈବ"ମାନେ ପଛଘୁଞ୍ଚା ଦେଇନାହାନ୍ତି । ମୁସଲ୍‌ମାନମାନଙ୍କ ଭିତରେ ଯେଉଁ ଧର୍ମାନ୍ଧତା ରହିଛି ତାହା ବିରୁଦ୍ଧରେ ତାବ୍‌ଲିଗ୍ (Tabligh) ଆନ୍ଦୋଳନ ମୁଣ୍ଡ ଟେକିଥିଲା ୧୯୨୦ ମସିହା ବେଳକୁ । ଏହାର ନେତୃତ୍ୱ ନେଇଥିଲେ ମୌଲାନା ଇଲ୍ୟାସ୍ । ମୁସଲ୍‌ମାନମାନଙ୍କର ସ୍ୱତନ୍ତ୍ର ପରିଚୟ ପାଇଁ ଏ ଆନ୍ଦୋଳନ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।

Digitized by srujanika@gmail.com

ତୃତୀୟରେ ମହିଳାମାନଙ୍କ ଉତ୍‌ଥାନ ପାଇଁ ଆନ୍ଦୋଳନର ସବୁବେଳେ ଆବଶ୍ୟକତା ରହିଆସିଛି ବୋଲି ଉପଲବ୍ଧି କରାଯାଉଛି । ମହିଳାମାନଙ୍କର ସ୍ଥିତିକୁ ବିଭିନ୍ନ ଧାର୍ମିକ, ସାମାଜିକ, ସାଂସ୍କୃତିକ ଓ ଦୈହିକ କାରଣ ଦର୍ଶାଇ ଦୁର୍ବଳ କରାଯାଇଛି । ପୁରାଣ ହେଉ ବା ଶାସ୍ତ୍ର ହେଉ, ମହିଳାମାନଙ୍କୁ ସବୁକ୍ଷେତ୍ରରେ ନ୍ୟୂନଦୃଷ୍ଟିରେ ଦେଖାଯାଇଛି । କୁସଂସ୍କାରମୟ ଓ ପୁରୁଷ ପ୍ରଧାନ ସମାଜରେ ନାରୀମାନଙ୍କର ସ୍ଥାନ କେଉଁଠି ତାହା ସମସ୍ତେ ଜାଣନ୍ତି । କିନ୍ତୁ ପରିବାର ହେଉ ବା ଅନୁଷ୍ଠାନ ହେଉ, ନାରୀମାନଙ୍କୁ ଗୌଣ କରାଯାଇଛି । ଏଣୁ ଊନବିଂଶ ଶତାବ୍ଦୀରେ ବ୍ରାହ୍ମୋ ସମାଜ (Brahmo Samaj) ଏବଂ ବିଂଶ ଶତାବ୍ଦୀରେ ଆର୍ଯ୍ୟସମାଜ ମହିଳାମାନଙ୍କ ଅଭ୍ୟୁଦୟ ଓ ନାରୀମାନଙ୍କ ପ୍ରଗତି ପାଇଁ ଉଦ୍ଦିଷ୍ଟ । ସତୀପ୍ରଥା ହେଉ ଅଥବା ବିଧବା ବିବାହ ହେଉ, ମହିଳାମାନଙ୍କ ଶିକ୍ଷା ହେଉ ବା ଜୀବନଜୀବିକା ହେଉ, ପୁନର୍ବିବାହ ହେଉ ବା ବହୁବିବାହ ହେଉ, ପରଦା ପ୍ରଥା ହେଉ ଅଥବା ଯୌତୁକ ପ୍ରଥା ହେଉ, ମହିଳାମାନଙ୍କର ଦୁଃଖ ଓ ଯନ୍ତ୍ରଣା ଦୂର କରିବା ପାଇଁ ବିଭିନ୍ନ ସମୟରେ ସାମାଜିକ ଆନ୍ଦୋଳନ ଲାଗି ରହିଛି । ସ୍ୱାଧୀନତା ସଂଗ୍ରାମରେ ମହାତ୍ମା ଗାନ୍ଧୀଙ୍କର ମହିଳାମାନଙ୍କୁ ମାନ୍ୟତା ଦେବା ଅନ୍ୟ ଏକ ସାମାଜିକ ଆନ୍ଦୋଳନ ଥିଲା । କସ୍ତୁରବା ହୁଅନ୍ତୁ ବା ସରୋଜିନୀ ନାଇଡୁ ହୁଅନ୍ତୁ, ମାତଙ୍ଗିନୀ ଦେବୀ ହୁଅନ୍ତୁ ବା ସିଷ୍ଟର ନିବେଦିତା ହୁଅନ୍ତୁ, ସ୍ୱାଧୀନତା ସଂଗ୍ରାମରେ ଏମାନଙ୍କର ଅବଦାନ ଅସାଧାରଣ । ବ୍ରିଟିଶ ଶାସନ ସମୟରେ ମହିଳା ଶିକ୍ଷା ଓ ଉଦାର ମୂଲ୍ୟବୋଧ ମହିଳାମାନଙ୍କୁ ଘରପରିବାରର ସଂକୀର୍ଣ୍ଣ ପ୍ରାଚୀରକୁ ଅତିକ୍ରମ କରିବାକୁ ସାହାଯ୍ୟ କରିଥିଲା ।

ଚତୁର୍ଥରେ ଆଦିବାସୀ ଓ ଦଳିତଙ୍କ ଉପରେ ଅତ୍ୟାଚାର ଯେତେବେଳେ ସୀମା ଅତିକ୍ରମ କରିଛି, ସେତେବେଳେ ମଧ୍ୟ ବିଭିନ୍ନ ପରିପ୍ରେକ୍ଷୀରେ ସାମାଜିକ ଆନ୍ଦୋଳନ ତେଜୀୟାନ ହୋଇଛି । ଆଦିବାସୀଙ୍କ ଆନ୍ଦୋଳନ ଓ ଦଳିତଙ୍କ ଆନ୍ଦୋଳନରେ ଅନେକ ଫରକ ଅଛି । ଆଦିବାସୀ ଆନ୍ଦୋଳନ ଅନେକ ଯୁଗରୁ ଚାଲିଆସିଛି । କିନ୍ତୁ ସେମାନଙ୍କୁ ଦମନ କରିବାକୁ ଶାସକବର୍ଗ ବିଭିନ୍ନ ରଣକୌଶଳ ଅବଲମ୍ବନ କରିଛନ୍ତି । ଆଦିବାସୀମାନେ ପାରମ୍ପରିକ ଅସ୍ତ୍ର ଶସ୍ତ୍ର ଧରି ବିଦ୍ରୋହ କଲେ, ଶାସକଗୋଷ୍ଠି ଉନ୍ନତ ଅସ୍ତ୍ର ଶସ୍ତ୍ର ବ୍ୟବହାର କରିଛନ୍ତି । ରାଜା ମହାରାଜା ହୁଅନ୍ତୁ ବା ଉପନିବେଶବାଦୀ ବ୍ରିଟିଶ ହୁଅନ୍ତୁ, ସମସ୍ତେ ଆଦିବାସୀମାନଙ୍କୁ ବଶତା ସ୍ୱୀକାର କରିବାକୁ ବାଧ୍ୟ କରିଛନ୍ତି । ଏଥିପାଇଁ ଅନେକ ରକ୍ତପାତ ହୋଇଛି ଓ ଇତିହାସ ଏହାକୁ ଲିପିବଦ୍ଧ କରିଛି । ଆଦିବାସୀ ଆନ୍ଦୋଳନ ପଛରେ ଆଠୋଟି ମୁଖ୍ୟ କାରଣ ରହିଛି ବୋଲି ଜଣେ ସମାଜ ବିଜ୍ଞାନୀ କହିଛନ୍ତି । ସେଗୁଡ଼ିକ ହେଲା ଆଦିବାସୀ ଆନ୍ଦୋଳନ କରିଆସିଛି ଯଦି ତାହାର ବସବାସ ଉପରେ ଆକ୍ରମଣ ହୋଇଛି । ଦ୍ୱିତୀୟତଃ ଯଦି ଆଦିବାସୀର ଅଧିକାରରେ ଥିବା ପ୍ରାକୃତିକ ସମ୍ପଦ ଉପରେ କାହାର ନଜର ଥାଏ ତେବେ ସେ ବିରୋଧ କରିଆସିଛି । ସେ ଚାହିଁଛି ତାହାର ଅଦ୍ୱିତୀୟ ପରିଚୟ, ପ୍ରକୃତି ସହ ସମ୍ବନ୍ଧ, ନିଜସ୍ୱ ପ୍ରଶାସନ ଆଦି ଅନେକ କିଛି ଅକ୍ଷୁର୍ଣ୍ଣ ରହୁ । ଯଦି ଏସବୁ ବିପନ୍ନ ହୁଏ, ତେବେ ସେ ବିରୋଧାଭାସ ପ୍ରଦର୍ଶନ

Digitized by srujanika@gmail.com

କରିବା ସାଧାରଣ କଥା । ବେଳେବେଳେ ବାହାରର ପ୍ରଭାବ ଓ ଚାପ ଗୋଟିଏ ପ୍ରକାରର ନୁହଁ, ଅନେକ ପ୍ରକାରର ଆଶଙ୍କା ଆଦିବାସୀର ମନରେ ସୃଷ୍ଟି କରିଥାଏ । ବ୍ରିଟିଶ ଶାସନ ବିଶେଷକରି ଆଦିବାସୀର ଜଳ, ଜମି ଓ ଜଙ୍ଗଲ ଉପରେ ଅଧିକାର ନାହିଁ ବୋଲି ବିଭିନ୍ନ ଆଇନ୍‌ସବୁ ପ୍ରଣୟନ କରିଥିଲା । ବ୍ରିଟିଶ ଶାସନ ମଧ୍ୟ ଆଦିବାସୀମାନଙ୍କର ଆଶା ଓ ଆକାଂକ୍ଷା ଓ ପାରମ୍ପରିକ ନୀତିନିୟମକୁ ସମ୍ପୂର୍ଣ୍ଣ ବେଖାତିର କରିଥିଲା । ସାନ୍ତାଳ, ଓରାଓଁ, ମୁଣ୍ଡା, ଭୂମିଜ ଆଦି ଆଦିବାସୀମାନେ ସଶସ୍ତ୍ର ବିରୋଧ କରିଥିଲେ । ଓଡ଼ିଶାରେ କନ୍ଧମେଳି କଥା ସମସ୍ତେ ଜାଣନ୍ତି । ଛୋଟନାଗପୁର ହେଉ ବା ବସ୍ତର ହେଉ, ଆଦିବାସୀ ଆନ୍ଦୋଳନ ବ୍ୟାପକ ହୋଇଥିଲା ବ୍ରିଟିଶ ଶାସନ ସମୟରେ । ଉତ୍ତର-ପୂର୍ବ ରାଜ୍ୟମାନଙ୍କରେ ଆଦିବାସୀମାନଙ୍କର ସଶସ୍ତ୍ର ବିଦ୍ରୋହର ଏକ ଇତିହାସ ଅଛି । ଏଇ ବିଦ୍ରୋହ ଏବେ ମଧ୍ୟ ଲାଗି ରହିଛି ବିଭିନ୍ନ ସ୍ତରରେ । ଭିଲ୍ ହୁଅନ୍ତୁ ଅଥବା ଚେଞ୍ଚୁ ହୁଅନ୍ତୁ, ଯେତେବେଳେ ବାହାରର ସଭ୍ୟତା ଓ ମୂଲ୍ୟବୋଧ ସେମାନଙ୍କ ଉପରେ ଆକ୍ରମଣ କରିଛି, ତାହାକୁ ସେମାନେ ବରଦାସ୍ତ କରିନାହାନ୍ତି । ଆଦିବାସୀମାନଙ୍କର ବିଦ୍ରୋହ ଓ ବିପ୍ଳବର ଝଲକ ଭାରତର ସ୍ୱାଧୀନତା ସଂଗ୍ରାମରେ ଦେଖିବାକୁ ମିଳିଛି ।

ଅନ୍ୟପକ୍ଷରେ ଦଳିତ ଓ ପଛୁଆ ଜାତିମାନଙ୍କର ଉଚ୍ଚଜାତି ବିରୋଧରେ କ୍ରମାଗତ ଭାବେ ଆନ୍ଦୋଳନ ଲାଗି ରହିଛି । ଜାତିପ୍ରଥା ଏକ କଳଙ୍କମୟ ଓ ଦୁଃଖଦ ବ୍ୟବସ୍ଥା ଯାହାକୁ ଆମ ସମାଜରେ ଗୋଟାଏ ଗୋଷ୍ଠି ଅନ୍ୟପକ୍ଷରେ ଲଦିଦେବାକୁ ଚେଷ୍ଟା କରିଛି । ଦକ୍ଷିଣ ଭାରତରେ ଏବଂ ମହାରାଷ୍ଟ୍ରରେ ଦଳିତମାନେ ବହୁବର୍ଷ ଧରି ନିଜର ସମାନ ଅଧିକାର ପାଇଁ ଲଢ଼ିଛନ୍ତି ଓ କେତେକାଂଶରେ ସଫଳ ହୋଇଛନ୍ତି । କିନ୍ତୁ ଉତ୍ତର ଭାରତରେ ଜାତିପ୍ରଥା ଲାଗି ରହିଛି । ପରିବର୍ତ୍ତନର ସଙ୍କେତ ଦେଖାଯାଇନାହିଁ । ଜାତିପ୍ରଥା ଏତେ ମାରାତ୍ମକ ହୋଇଛି ଯେ ଖାଲି ହିନ୍ଦୁମାନେ ନୁହେଁ, ମୁସଲମାନ ଓ ଖ୍ରୀଷ୍ଟିଆନ୍ ଧର୍ମରେ ଏହା ଦୃଢ଼ଭାବରେ ପ୍ରବେଶ କରିଛି । ଦଳିତମାନେ ବୌଦ୍ଧଧର୍ମରେ ଦୀକ୍ଷିତ ହେଲେ ମଧ୍ୟ ଜାତିଭାବ କମୁନାହିଁ । ମହାରାଷ୍ଟ୍ରରେ "ଦଳିତ ପାନ୍ଥର" ବୋଲି ଏକ ଗୋଷ୍ଠି ଏକଦା ସାମାଜିକ ନ୍ୟାୟ ଓ ସମତା ପାଇଁ ଆନ୍ଦୋଳନ କରିଥିଲେ ଓ ତାହାର ପ୍ରଭାବରେ ଜାତିଆଣ ମନୋଭାବ ଅନେକ କମିଥିଲା । ଆମେରିକାର କଳାବ୍ୟକ୍ତିମାନଙ୍କର ବର୍ଣ୍ଣବୈଷମ୍ୟ ବିରୋଧରେ ଆନ୍ଦୋଳନ ସହ ଏ ଆନ୍ଦୋଳନକୁ ତୁଳନା କରାଯାଇପାରେ । ସାମାଜିକ ଆନ୍ଦୋଳନର ଅନ୍ୟ ଏକ ପରିପ୍ରକାଶ ହୋଇସାରିଛି ଦଳିତମାନଙ୍କର ଆନ୍ଦୋଳନ । ଯଦିଓ ଜାତିବାଦ ହଟିନାହିଁ, ଦଳିତ ଓ ପଛୁଆ ଜାତିମାନଙ୍କର ସାମାଜିକ ସ୍ଥିତିରେ କିଛିଟା ସମ୍ମାନ ଆସିଛି ।

କିନ୍ତୁ ଶିଳ୍ପାୟନ, ଉଦାରୀକରଣ ଓ ଜଗତୀକରଣ ପ୍ରକ୍ରିୟା ଓ ନବଉପନିବେଶବାଦର ଅନୁପ୍ରବେଶ ଦ୍ୱାରା ଏବେ ସାମାଜିକ ଆନ୍ଦୋଳନର ଭୂମିକା ସମ୍ପୂର୍ଣ୍ଣ ବଦଳିଯାଇଛି । ସାମାଜିକ ଆନ୍ଦୋଳନ ଏବେ ଜନଆନ୍ଦୋଳନରେ ପରିଣତ ହୋଇଛି । ଜଗତୀକରଣ ବିରୁଦ୍ଧରେ ବିଭିନ୍ନ ଧରଣର ଆନ୍ଦୋଳନ ଦାନା ବାନ୍ଧିଛି ।

□□□

Digitized by srujanika@gmail.com

ସାମାଜିକ ଆନ୍ଦୋଳନ, ସଂଘର୍ଷ ଓ ନିର୍ମାଣ

ସାମାଜିକ ଆନ୍ଦୋଳନ ଓ ଏହାର ନେତୃବର୍ଗଙ୍କ ସହ ସମ୍ପର୍କ ରଖିବାକୁ ଏ ଲେଖକ ସବୁବେଳେ ପ୍ରୟାସ ଜାରିରଖିଛି । ଆଦର୍ଶ ଓ ମୂଲ୍ୟବୋଧ ଆଧାରିତ ଆନ୍ଦୋଳନମାନଙ୍କୁ ବହି ପଢ଼ି ବା ଗବେଷଣା କରି ଆପଣାର କରିହେବ ନାହିଁ । ସେମାନଙ୍କ ସହ ସାମିଲ୍ ହୋଇ ପାରିଲେ ଅସଲ ଆଦର୍ଶ, ନୀତି ଓ ମୂଲ୍ୟବୋଧମାନଙ୍କର ଗଭୀରତା ଜାଣିହେବ । ଅଶୀଦଶକ ବେଳକୁ ଏ ଦେଶରେ ଯେଉଁ କେତୋଟି ଆନ୍ଦୋଳନ ଐତିହାସିକ ଆନ୍ଦୋଳନ ହିସାବରେ ପ୍ରତିଷ୍ଠା ଲାଭ କରିଥିଲା, ସେଗୁଡ଼ିକ ଥିଲା ମହାରାଷ୍ଟ୍ରର 'ଭୂମିସେନା', 'ଶ୍ରମିକ ସଂଗଠନ', 'କାସ୍ତକାରୀ ସଂଗଠନ', ମଧ୍ୟପ୍ରଦେଶର 'ଛତିଶଗଡ଼ ମୁକ୍ତି ମୋର୍ଚ୍ଚା', ଉତ୍ତରାଖଣ୍ଡର 'ଚିପ୍‌କୋ' ଆନ୍ଦୋଳନ, ଝାଡଖଣ୍ଡର 'ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା' ଓ କର୍ଣ୍ଣାଟକର 'ଆପିକୋ' ଆନ୍ଦୋଳନ, ଓଡ଼ିଶାର 'ବାଲ୍‌କୋ ହଟାଓ' ଆନ୍ଦୋଳନ । ପ୍ରତ୍ୟେକ ଆନ୍ଦୋଳନ ପଛରେ ଏକ ନିର୍ଦ୍ଦିଷ୍ଟ କାରଣ ଥିଲା । ଜଳ, ଜମି, ଜଙ୍ଗଲ ଆଦି ପ୍ରାକୃତିକ ସମ୍ବଳ ଉପରେ ସାଧାରଣ ମଣିଷଙ୍କର ଅଧିକାର ସାବ୍ୟସ୍ତ କରିବାକୁ ଏଇ ସବୁ ଆନ୍ଦୋଳନ ଜନ୍ମ ନେଇଥିଲା । କେଉଁଠି କେଉଁଠି ଗାନ୍ଧୀବାଦ ଆନ୍ଦୋଳନକୁ ପ୍ରଭାବିତ କରିଥିଲା ତ ଆଉ କେଉଁଠି ବାମପନ୍ଥୀ ଚିନ୍ତାଧାରା ପ୍ରେରଣାର ଆଧାର ଥିଲା । ଏସବୁ ଆନ୍ଦୋଳନ ଜନ ଆନ୍ଦୋଳନରେ ପରିଣତ ହେବାକୁ ବେଶି ସମୟ ଲାଗିନଥିଲା । ସମାଜର ସବୁବର୍ଗର ମଣିଷମାନେ ଏଥିରେ ସାମିଲ୍ ହୋଇଥିଲେ । ଆଦିବାସୀ ହୁଅନ୍ତୁ କି ଦଳିତ ହୁଅନ୍ତୁ, ମହିଳା ହୁଅନ୍ତୁ କି ପୁରୁଷ ହୁଅନ୍ତୁ, ସମସ୍ତେ ଆନ୍ଦୋଳନକୁ ନେତୃତ୍ୱ ଦେଇଥିଲେ ଓ ସଂଚାଳିତ କରୁଥିଲେ । ନୂତନ ସମାଜ, ପରିବେଶ ଓ ବ୍ୟବସ୍ଥା ପାଇଁ ଆନ୍ଦୋଳନଗୁଡ଼ିକ ଅଭିପ୍ରେତ ହୋଇଥିଲେ । 'ଛତିଶଗଡ଼ ମୁକ୍ତି ମୋର୍ଚ୍ଚା' ସଂଘର୍ଷ ଓ ନିର୍ମାଣର ଏକ ସମନ୍ୱୟ ହୋଇଥିବାରୁ ଏହା ଆମ ସମସ୍ତଙ୍କ ପାଇଁ ଅଦ୍ୱିତୀୟ ଜଣା ପଡୁଥିଲା । ଏହାର ନେତୃତ୍ୱ ନେଇଥିଲେ ସ୍ୱର୍ଗତ ଶଙ୍କର ଗୁହା ନିୟୋଗୀ । ସେ ଜଣେ କିମ୍ବଦନ୍ତୀ ପୁରୁଷ ଥିଲେ । ତାଙ୍କର ଖଣି ଶ୍ରମିକମାନଙ୍କୁ ନେଇ ଯେଉଁ ସଂଗଠନ ଥିଲା ତାହା କୌଣସି ଶ୍ରମିକ ୟୁନିଅନ ଭଳି ପାରମ୍ପରିକ ଢାଞ୍ଚାରେ ଗଢା ହୋଇନଥିଲା । ଯଦିଓ ବାମପନ୍ଥୀ ଚିନ୍ତାଧାରାର ଛିଟା ଏଥିରେ ଲାଗିଥିଲା, ସେଥିରେ ବେଶୀ ଥିଲା ନିର୍ମାଣର

Digitized by srujanika@gmail.com

ପ୍ରତିଫଳନ । ଯଦି ଖଣିଖାଦାନର ଶ୍ରମିକମାନେ ସଂଗଠନ ବଳରେ ବେଶୀ ମଜୁରି ଓ ସୁବିଧା ପାଇଲେ, ତାହାର ଏକ ଅଂଶବିଶେଷ ଶ୍ରମିକମାନଙ୍କର ବିକାଶ ପାଇଁ ଉଦ୍ଦିଷ୍ଟ ଥିଲା । ସ୍ୱାସ୍ଥ୍ୟ ସେବା, ଶିକ୍ଷା ଆଦି ସର୍ବନିମ୍ନ ସୁବିଧା ଶ୍ରମିକମାନେ ନିଜ ମଜୁରିରୁ ଗଢ଼ା ଯାଇଥିବା ପାଣ୍ଠି ଦ୍ୱାରା ବ୍ୟବସ୍ଥା କରି ପାରୁଥିଲେ ସହଜରେ । ଶ୍ରୀ ଶଙ୍କର ଗୁହା ନିୟୋଗୀ ଥିଲେ ଦୂରଦ୍ରଷ୍ଟା ଓ ଜଣେ ଅସାଧାରଣ ପୁରୁଷ । 'ଚିପ୍‌କୋ' ଆନ୍ଦୋଳନ ଥିଲା ପରିବେଶର ସୁରକ୍ଷା ପାଇଁ ଏକ ଯୁଗାନ୍ତକାରୀ ଐତିହାସିକ ଆନ୍ଦୋଳନ । ସାଧାରଣ ମହିଳାମାନେ ଏହାର ମୂଳନେତୃତ୍ୱ ନେଇଥିଲେ । ଜଙ୍ଗଲରୁ ଗଛ କଟାଯିବା ବିରୋଧରେ ଓ ଜଙ୍ଗଲ ବିଭାଗର ବିଭିନ୍ନ ଜନବିରୋଧୀ ନୀତି ବିରୋଧରେ ଏ ଆନ୍ଦୋଳନ ସାରା ପୃଥିବୀରେ ଖ୍ୟାତି ଲାଭ କରିଥିଲା । 'ପରିବେଶ ଆନ୍ଦୋଳନ'ର ତାଲିକା କରାଗଲେ 'ଚିପ୍‌କୋ ଆନ୍ଦୋଳନ' ସର୍ବପ୍ରଥମେ ରହିବ । ଏହାକୁ ନେତୃତ୍ୱ ଦେଇଥିଲେ ଦୁଇଜଣ ବିଶିଷ୍ଟ ଗାନ୍ଧୀବାଦୀ ମଣିଷ ଶ୍ରୀ ସୁନ୍ଦରଲାଲ୍ ବହୁଗୁଣା ଓ ଶ୍ରୀ ଚଣ୍ଡି ପ୍ରସାଦ ଭଟ୍ଟ । ଆନ୍ଦୋଳନର ସ୍ଲୋଗାନ୍ ଥିଲା- ଜଙ୍ଗଲ ଦିଏ ମାଟି, ପାଣି ଓ ପବନ । ଭାରତ ବର୍ଷରେ 'ଚିପ୍‌କୋ ଆନ୍ଦୋଳନ' ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସୃଷ୍ଟି କରିଥିଲା ଏକ ନୂତନ ଅଧ୍ୟାୟ । ଏଇ ଢାଞ୍ଚାରେ ଇୟୁକାଲିପ୍‌ଟସ୍ ଗଛ ଲଗାଇବା ବିରୋଧରେ କର୍ଣ୍ଣାଟକରେ ଆରମ୍ଭ ହୋଇଥିଲା 'ଆପିକୋ' ଆନ୍ଦୋଳନ ।

ଓଡ଼ିଶାରେ ପଶ୍ଚିମ ଓଡ଼ିଶାରେ ପାଇକମାଳ ଠାରେ 'ଗନ୍ଧମାର୍ଦ୍ଦନ' ପର୍ବତରୁ ନାଲ୍କୋ କମ୍ପାନୀ ବକ୍‌ସାଇଟ୍ ଉତ୍ତୋଳନ କରିବାକୁ ପ୍ରୟାସ କରିଥିଲା । ପରିବେଶ ଓ ଧର୍ମର ଏକ ସୁରକ୍ଷା ପାଇଁ ଏକ ମିଶାମିଶି ଚିନ୍ତାଧାରା ଲକ୍ଷ ଲକ୍ଷ ଲୋକଙ୍କୁ ଆନ୍ଦୋଳିତ କରିଥିଲା । ଗନ୍ଧମାର୍ଦ୍ଦନ ପର୍ବତ, ସେଥିରେ ଜୈବ ବିବିଧତା ଓ ଔଷଧୀୟ ବନସ୍ପତି, ନୃସିଂହନାଥ ମନ୍ଦିର ଆଦି ପଶ୍ଚିମ ଓଡ଼ିଶାର ସମାଜ, ସଂସ୍କୃତି ଓ ଧର୍ମ ଚେତନାର ଅଂଶ ବିଶେଷଥିଲା । ଏ ବିଷୟରେ ଅନେକ କିଛି ଲେଖାଯାଇପାରେ ଓଡ଼ିଶା ପରିପ୍ରେକ୍ଷୀରେ । ଏଇଭଳି ସ୍ଥାନୀୟ କାରଣକୁ ନେଇ ଅନେକ ଜନ ଆନ୍ଦୋଳନ ମୁଣ୍ଡ ଟେକିଥିଲା ଦେଶସାରା । ସମସାମୟିକ ବିକାଶ ଧାରାକୁ ବିଚାରକୁ ନେଇ ପ୍ରଶ୍ନ ଉଠିଥିଲା ଯେ ବିକାଶ କେଉଁ ଓ କାହା ମୂଲ୍ୟରେ ? ବିକାଶ ପରିବର୍ତ୍ତିତ ସଂଜ୍ଞା ଗ୍ରହଣଯୋଗ୍ୟ ନଥିଲା ଅନେକଙ୍କ ପାଇଁ- ବିଶେଷ କରି ମାଟି କାଦୁଅର ମଣିଷଙ୍କ ପାଇଁ । ଏଇସବୁ ଆନ୍ଦୋଳନ ସହ କ୍ରମାଗତ ଭାବେ ନୂତନ ଆନ୍ଦୋଳନ ସାମିଲ୍ ହୋଇଥିଲେ । 'ନର୍ମଦା ବଞ୍ଚାଓ ଆନ୍ଦୋଳନ' ଥିଲା ସବୁଠାରୁ ଶକ୍ତିଶାଳୀ ପ୍ରତିରୋଧର ଉଦାହରଣ । ବିସ୍ଥାପନ ଓ ପରିବେଶର ଅବକ୍ଷୟ, ଜୀବନ ଓ ଜୀବିକାର ପ୍ରତି ଆକ୍ରମଣ ଆଦି କାରଣକୁ ନେଇ ଏ ଆନ୍ଦୋଳନ ମୁଣ୍ଡଟେକିଥିଲା । ଏହାକୁ ନେତୃତ୍ୱ ଦେଇଥିଲେ ଶ୍ରୀମତୀ ମେଧା ପାଟକର । ଅନ୍ୟଦିଗରେ ରାଜସ୍ଥାନରେ ଶ୍ରମିକଙ୍କ ଅଧିକାର ଓ ସୂଚନାର ଅଧିକାରକୁ ନେଇ ଆରମ୍ଭ ହୋଇଥିଲା 'ମଜଦୂର୍ କିଷାନ ଶକ୍ତି ସଂଗଠନ' ଯାହାକୁ ନେତୃତ୍ୱ ଦେଇଥିଲେ

Digitized by srujanika@gmail.com

ଶ୍ରୀମତୀ ଅରୁଣା ରାୟ । ସାଧାରଣ ନାଗରିକର ଅଧିକାର ଅଛି ସୂଚନା ପାଇବାକୁ ଓ ସୂଚନା ପାଇ ତାକୁ ନିଜର ସଶକ୍ତିକରଣ ପ୍ରକ୍ରିୟାକୁ ମଜଭୁତ କରିବାକୁ । 'ଜାଣିଲେ ଜିଣିବା' ଥିଲା 'ମଜଦୂର୍ କିଷାନ ଶକ୍ତି ସଂଗଠନ'ର ମୂଳ ସ୍ଲୋଗାନ । 'ଜନଶୁଣାଣି', 'ପଦଯାତ୍ରା' ଆଦିକୁ ମାଧ୍ୟମ କରି ଏ ଆନ୍ଦୋଳନ ସାରା ଦେଶକୁ ବିଭିନ୍ନ ମାଧ୍ୟମରେ ପ୍ରସାରିତ ହୋଇଥିଲା । ସେଇଭଳି ଲକ୍ଷ ଲକ୍ଷ ମତ୍ସ୍ୟଜୀବୀଙ୍କର ବିଭିନ୍ନ ଅଧିକାର ଓ ଟ୍ରଲରମାନଙ୍କର ଅନୁପ୍ରବେଶ ବିରୋଧରେ ଜାତୀୟ ମତ୍ସ୍ୟଜୀବୀ ଫୋରମ୍ ଗଢ଼ି ଉଠିଥିଲା । ଏହାର ନେତୃତ୍ୱ ନେଇଥିଲେ ଫାଦର୍ ଥୋମାସ୍ କୋଚେରୀ । 'ଭୋପାଳ ଗ୍ୟାସ କାଣ୍ଡ'ରେ ହଜାର ହଜାର ଲୋକ ମରିଥିଲେ ଓ ପ୍ରଭାବିତ ହୋଇଥିଲେ ଓ ତାହା ବିରୁଦ୍ଧରେ ଗ୍ୟାସ ପୀଡିତମାନେ ଆନ୍ଦୋଳନ ଜାରିରଖିଥିଲେ । କ୍ଷତିକାରକ ଟେକ୍ନୋଲୋଜି ବିରୁଦ୍ଧରେ ଏ ଆନ୍ଦୋଳନ ପ୍ରବଳଭାବେ ଜନମତକୁ ଆନ୍ଦୋଳିତ କରିଥିଲା । ଦେଶସାରା ଏଇଭଳି ଛୋଟବଡ଼ ଆନ୍ଦୋଳନମାନ ୧୯୮୯ ମସିହା ସେପ୍ଟେମ୍ବର ମାସରେ 'ହରସୁଦ୍' ବୋଲି ମଧ୍ୟପ୍ରଦେଶର ନର୍ମଦାକୂଳରେ ଏକ ସ୍ଥାନରେ ଏକତ୍ରିତ ହୋଇ ବିକାଶ ଓ ବିନାଶର ସମ୍ପର୍କ, ବିସ୍ଥାପନ ଓ ଅସମତାର ପରିବେଶ ବିରୋଧରେ 'ହରସୁଦ୍' ର୍ୟାଲିରେ ପ୍ରାୟ ୩୫୦ଟି ସଂଗଠନ ଭାଗ ନେଇଥିଲେ ଓ ବିକଳ୍ପ ବିକାଶ ପ୍ରକ୍ରିୟାର ଚିନ୍ତନ ଆରମ୍ଭ କରିଥିଲେ । ଏହା ଏ ଦେଶର ବିକାଶର ଇତିହାସରେ ଏକ ଐତିହାସିକ ଘଟଣା ବୋଲି ସ୍ୱୀକାର କରାଯାଇଛି । ଏବେ ସୁଦ୍ଧା 'ହରସୁଦ୍ ର୍ୟାଲି'ର ଚିନ୍ତା ଓ ଚେତନା ପ୍ରତିଫଳିତ ହେବାରେ ଲାଗିଛି । ତିନିଶହରୁ ଊର୍ଦ୍ଧ୍ୱ ତୃଣମୂଳ ସଂଗଠନ ଓ ହଜାର ହଜାର ସଂଘର୍ଷରତ ମଣିଷ ଏକାଠି ହେବା କିଛି କମ୍ କଥା ନୁହେଁ । ତଥାକଥିତ ବିକାଶ ନୀତିକୁ ଆଲୋଚନା କରିବା ଓ ସରକାର ତଥା କର୍ପୋରେଟ୍‌ମାନଙ୍କର ମାନସିକତାକୁ ପ୍ରଶ୍ନ କରିବା ସହ ସାଧାରଣ ଲୋକଙ୍କୁ ମୁଖ୍ୟକେନ୍ଦ୍ର କରି ଏକ ନୂତନ ବିକାଶର ଦିଗ ଉନ୍ମୋଚନ କରିବା । 'ହରସୁଦ୍ ର୍ୟାଲି'କୁ ଏ ଦେଶର ସମସ୍ତ ଆକ୍ଟିଭିଷ୍ଟ ଓ ସଚେତନ ଗୋଷ୍ଠୀ ମନେ ରଖିଛନ୍ତି । ଏହା ଆଜି ଜୀବନ୍ତ ଇତିହାସ ହୋଇଯାଇଛି । 'ନର୍ମଦା ପ୍ରକଳ୍ପ' ଗର୍ଭରେ ହରସୁଦ୍ ବିଲୁପ୍ତ ହୋଇଯାଇଛି ସତ କିନ୍ତୁ ଜନମାନସରେ ଏହା ଉଦ୍‌ଜୀବୀତ ହୋଇ ରହିଛି ?

ଜନ ଆନ୍ଦୋଳନମାନଙ୍କର ଏକ ସମନ୍ୱୟର ଆବଶ୍ୟକତା ସବୁବେଳେ ରହିଆସିଛି । ନେତୃତ୍ୱ ମଧ୍ୟ ପରିସରମାନଙ୍କ ଭଳି ସ୍ୱତନ୍ତ୍ର ଓ ଅଭିନବ । ସବୁ ନେତୃତ୍ୱମାନେ ଏକାଠି ହେବା ଏକ ବିଶାଳ ଆହ୍ୱାନ । ତଥାପି ନବେଦଶକରେ ଯେତେବେଳେ ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣ ପ୍ରକ୍ରିୟା ଏଦେଶରେ ପ୍ରଭାବ ବିସ୍ତାର କରିବାକୁ ଆରମ୍ଭ କରିଲା ଓ କୋଟି କୋଟି ଲୋକଙ୍କ ଜୀବନ ଜୀବିକାକୁ ଆକ୍ରମଣ କରିଲା, ସବୁ ସାମାଜିକ ଓ ଜନଆନ୍ଦୋଳନମାନେ ଏକାଠି ହୋଇ ପ୍ରତିରୋଧ କରିବାର ମାନସିକତା ଦୃଢ଼ କରିଥିଲେ ।

Digitized by srujanika@gmail.com

ଠିକ୍ ଏତିକିବେଳେ ପୃଥିବୀର ବିଭିନ୍ନ ଦେଶରେ ମଧ୍ୟ ଜଗତୀକରଣ ବିରୋଧରେ ଆନ୍ଦୋଳନର ମୁଖ୍ୟ ପ୍ରତିଫଳନ ହିସାବରେ ବିଶ୍ୱ ସାମାଜିକ ଫୋରମ୍ ଜନ୍ମଲାଭ କରୁଥିଲା । ଭାରତରେ ମଧ୍ୟ ଅହିଂସା, ଗଣତନ୍ତ୍ର, ମାନବବାଦ ତଥା ସାମାଜିକ ନ୍ୟାୟକୁ ଅସ୍ତ୍ରକରି ଲଢୁଥିବା ସଂଗଠନମାନେ ନ୍ୟାସ୍‌ନାଲ୍ ଆଲାୟନ୍‌ସ୍ ଫର୍ ପିପୁଲ୍‌ସ୍ ମୁଭ୍‌ମେଣ୍ଟ (National Allianes for People's movement) ବା ସଂକ୍ଷେପରେ ଏନ୍.ଏ.ପି.ଏମ୍.(NAPM) ବୋଲି ମହାସଂଗଠନଟିଏ ଗଢିଥିଲେ । ଏହା ଏକ ଐତିହାସିକ ନିଷ୍ପତ୍ତି ଥିଲା । ଏହାର ମୂଳ ଉଦ୍ଦେଶ୍ୟ ଥିଲା ଅନ୍ୟାୟ, ଶୋଷଣ, ଧର୍ମ, ଜାତି ଓ ବର୍ଣ୍ଣଗତ ବୈଷମ୍ୟତା ବିରୋଧରେ ସଂଗ୍ରାମ କରିବା । ଏଥିରେ ନର୍ମଦା ବଞ୍ଚାଓ ଆନ୍ଦୋଳନ, ଜାତୀୟ ମତ୍ସଜୀବୀ ଫୋରମ୍, ସମାଜବାଦୀ ଜନ ପରିଷଦ, ଗଙ୍ଗା ଆକ୍‌ସନ୍ ପ୍ଲାନ୍, ଶୋଷିତ ଜନ ଆନ୍ଦୋଳନ, ସର୍ବସେବା ସଂଘ ଆଦି ମୁଖ୍ୟ ସଂଗଠନମାନେ ପ୍ରଧାନ ଭୂମିକା ଗ୍ରହଣ କରିଥିଲେ । ୧୯୯୨ ମସିହାରେ ପ୍ରତିଷ୍ଠିତ ଏଇ ମହାସଂଘ ଅନେକ ନୂତନ ଜନଆନ୍ଦୋଳନ ସୃଷ୍ଟି କରିବାରେ ପ୍ରେରଣାର ଉତ୍ସ ହୋଇଛି । ଏହାର ବିଶେଷତ୍ୱ ହେଲା ଯେ ଏଥିରେ ଗାନ୍ଧୀବାଦୀ, ଆମ୍ବେଦକର ପନ୍ଥୀ, ଲୋହିଆ ପନ୍ଥୀ, ମହିଳା ଅଧିକାର ପାଇଁ ଲଢୁଥିବା ଆକ୍ଟିଭିଷ୍ଟ ଏବଂ ଫେମିନିଷ୍ଟ ତଥା ମାର୍କସବାଦୀମାନେ ସାମିଲ୍ ହୋଇଥିଲେ । ବିଶ୍ୱ ବ୍ୟାଙ୍କ ଓ ବିଶ୍ୱ ବାଣିଜ୍ୟ ସଂଗଠନ ଆଦି ସଂସ୍ଥାମାନେ ଏ ଦେଶର ଅର୍ଥନୀତି, ବାଣିଜ୍ୟ ଓ ବିକାଶକୁ ନିୟନ୍ତ୍ରଣ କରିବାର ଯେଉଁ ଷଡଯନ୍ତ୍ର ଜାରି ରଖିଛନ୍ତି, ତାହା ବିରୁଦ୍ଧରେ ଜନମତ ସୃଷ୍ଟି କରିବା ଓ ଦେଶସାରା ବିରୋଧାଭାସ ସମାହିତ ଆନ୍ଦୋଳନକୁ ସମର୍ଥନ ଦେବା ଏ ମହାସଂଘର ଅନ୍ୟତମ ଉଦ୍ଦେଶ୍ୟ । ବିକଳ୍ପ ଚିନ୍ତା, ଚିନ୍ତନ ଓ କାର୍ଯ୍ୟକ୍ରମ ଆରମ୍ଭ କରି ଜଗତୀକରଣ ପ୍ରକ୍ରିୟାକୁ ବିରୁଦ୍ଧ କରିବା ମଧ୍ୟ ଏକ ଉଦ୍ଦେଶ୍ୟ ରହିଥିଲା ଓ ଆଜି ପର୍ଯ୍ୟନ୍ତ ତାହା ବଳବତ୍ତର ରହିଛି । ଏ ଦେଶର ସାମାଜିକ, ଆର୍ଥିକ, ରାଜନୈତିକ ଓ ସାଂସ୍କୃତିକ ସ୍ୱାଧୀନତା ବିପନ୍ନ ହୋଇଯିବାର ଆଶଙ୍କା ଦେଖାଦେଇଛି । ଏହା ପଛରେ ବିଶ୍ୱବ୍ୟାଙ୍କ, ଆଇ.ଏମ୍.ଏଫ୍, ବିଶ୍ୱ ବାଣିଜ୍ୟ ସଂଗଠନ, ବିଶ୍ୱ ପୁଞ୍ଜି, କର୍ପୋରେଟ୍ ଏବଂ ବହୁରାଷ୍ଟ୍ରୀୟ କର୍ପୋରେସନ୍‌ମାନଙ୍କର ପ୍ରଚ୍ଛନ୍ନ ହାତ ରହିଛି । ଏହା ବିରୁଦ୍ଧରେ ଏନ୍.ଏ.ପି.ଏମ୍ (NAPM) ସ୍ୱର ଉତ୍ତୋଳନ କରିବାକୁ ପଛଘୁଞ୍ଚା ଦେଇନାହିଁ । କେତେଗୁଡିଏ ନିର୍ଦ୍ଦିଷ୍ଟ ଉଦାହରଣ ଦିଆଯାଇପାରେ । ମହାରାଷ୍ଟ୍ରରେ ଆମେରିକୀୟ କମ୍ପାନୀ ଏନ୍‌ରନ୍ ଯେଉଁଭଳି ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ଓ ଲାଭ ଖୋର ମନୋବୃତ୍ତି ବିରୁଦ୍ଧରେ ଖାଲି ମହାରାଷ୍ଟ୍ରରେ ନୁହେଁ, ସାରା ଦେଶରେ ଜନମତ ସୃଷ୍ଟି କରିଥିଲା ଜନ ଆନ୍ଦୋଳନଙ୍କ ମହାସଂଘ । ୧୯୯୮ ମସିହାରେ ପୋଖାରନ୍(Pokharon) ଠାରେ ଯେଉଁ ଆଣବିକ ପରୀକ୍ଷା କରାଯାଇଥିଲା, ଏ ମହାସଂଘ ବିରୋଧ କରିଥିଲା ଦୃଢ଼ଭାବେ । ୨୦୦୩ ମସିହାରେ 'ଦେଶବଞ୍ଚାଓ ଦେଶ ବନାଅ' ଆନ୍ଦୋଳନ ଜରିଆରେ ବହୁରାଷ୍ଟ୍ରୀୟ କମ୍ପାନୀ ଓ ଆର୍ଥିକ ଉଦାରୀକରଣ ନୀତିକୁ ବିରୋଧ

Digitized by srujanika@gmail.com

କରାଯାଇଥିଲା । ୨୦୦୪ ମସିହାରେ ଜନରାଜନୀତି ସାମ୍ମୁଖ୍ୟ ଗଢାଯାଇ ନିର୍ବାଚନରେ ପ୍ରତ୍ୟକ୍ଷଭାବେ ଲଢିବାକୁ ଏନ୍.ଏ.ପି.ଏମ୍. ନିଷ୍ପତ୍ତି ନେଇଥିଲା । ରାଜନୀତି କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଥିଲା । ୨୦୦୫ ମସିହାରେ ମୁମ୍ବାଇରେ ବସ୍ତିବାସିନ୍ଦାଙ୍କ ଉଚ୍ଛେଦ ବିରୁଦ୍ଧରେ ଏ ମହାସଂଘ ଏକ ଆନ୍ଦୋଳନ ଆରମ୍ଭ କରିଥିଲା । ୨୦୦୭ ମସିହାରେ ପଶ୍ଚିମବଙ୍ଗର ନନ୍ଦିଗ୍ରାମଠାରେ ସ୍ୱତନ୍ତ୍ର ଆର୍ଥିକ ଜୋନ୍ ବା ସେଜ୍ ବିରୁଦ୍ଧର ଚାଲିଥିବା ଆନ୍ଦୋଳନକୁ ମେଧା ପାଟ୍କରଙ୍କ ନେତୃତ୍ୱରେ ସମର୍ଥନ ଦିଆଯାଇଥିଲା ।

ଏକଥା ସତଯେ ଏନ୍.ଏ.ପି.ଏମ୍ ଭଳି ଜାତୀୟ ସାମ୍ମୁଖ୍ୟରେ ଅନେକ ଫାଙ୍କ ଦେଖା ଦେଉଛି । କେତେକ ବିଶିଷ୍ଟ ବ୍ୟକ୍ତି ଏଥିରୁ ଓହରି ଯାଇଛନ୍ତି ଆଦର୍ଶବାଦୀ ପ୍ରଶ୍ନ ଉପରେ । କିନ୍ତୁ ସଂଘର୍ଷ ଓ ନିର୍ମାଣ ଉପରେ ବିଶ୍ୱାସ ରଖୁଥିବା ବ୍ୟକ୍ତି ଓ ସଂଗଠନମାନେ ଏବେ ମଧ୍ୟ ନିରାଶ ହୋଇ ଯାଇନାହାନ୍ତି ବା ଥକି ଯାଇନାହାନ୍ତି ।

ସାମାଜିକ ଓ ଜନଆନ୍ଦୋଳନମାନେ ନୂତନ ଭାବେ ନିଜର ଭୂମିକା ନିର୍ଣ୍ଣୟ କରୁଛନ୍ତି । ଏବେ ଏ ଦେଶରେ ଯେଉଁଭଳି ଗରିବ ମାରଣ ନୀତି ଅବଲମ୍ବନ କରାଯାଉଛି, ବିଭିନ୍ନ ବାଟରେ ଏଦେଶର ମୁକ୍ତି ଓ ସ୍ୱାଧୀନତା ଉପରେ ଆଞ୍ଚ ଆସୁଛି, ଯେଉଁଭଳି ବିକାଶ ଓ ପରିବେଶ ସଙ୍କଟମୟ ପରିସ୍ଥିତି ଦେଇ ଗତି କରୁଛି, ସେତେବେଳେ ନିରବଚ୍ଛିନ୍ନ ଭାବେ କିଛି ବ୍ୟକ୍ତି ଓ ସଂଗଠନ ଜନମତ ସୃଷ୍ଟି କରିବା ଓ ଲୋକ କାର୍ଯ୍ୟକ୍ରମକୁ ବଳିଷ୍ଠ କରୁଛନ୍ତି, ତାହାକୁ ମାନ୍ୟତା ଦେବା ଛଡା ଅନ୍ୟକିଛି ବାଟ ନାହିଁ ।

□□□

Digitized by srujanika@gmail.com

ସାମାଜିକ ଆନ୍ଦୋଳନ ଓ ବନ୍ଧୁକ ମୁନରେ ବିକାଶ

ଯଦି ଏସ୍ତରର ପାଠକ ବର୍ଗ ସାମ୍ପ୍ରତିକ ସାମାଜିକ ଆନ୍ଦୋଳନମାନଙ୍କ ସହ ରାଷ୍ଟ୍ର ଓ କ୍ଷମତାଶାଳୀ ଗୋଷ୍ଠିର କେଉଁ ସମ୍ପର୍କ ରହିଛି ଜାଣିବାକୁ ଚାହାନ୍ତି ତାହାହେଲେ ଝାଡ଼ଖଣ୍ଡର ଖ୍ୟାତନାମା ପ୍ରାମାଣିକ ଚଳଚିତ୍ର ନିର୍ଦ୍ଦେଶକ ମେଘନାଥଙ୍କ ଫିଲ୍ମ "ବିକାଶ ବନ୍ଧୁକ ମୁନରେ ବା ଡ଼େଭେଲେପମେଣ୍ଟ ଫ୍ଲୋଜ୍ ଫ୍ରମ୍ ଦି ବାରେଲ୍ ଅଫ ଏ ଗନ୍" (Development Flows from the Barral of a Gun) ଦେଖିବାକୁ ସୁପାରିଶ କରିବି । ଏ ଫିଲ୍ମଟି ପୁରସ୍କାର ପାଇଛି ଯେତିକି, ଅବାଂଛିତ ଘୋଷିତ ହୋଇଛି ସେତିକି । ମାଟିକାଦୁଅର ମଣିଷ ଓ ଶୋଷିତ ଅବହେଳିତ ସମାଜ ଏ ଫିଲ୍ମ ଦେଖି ଯେତିକି ଆନ୍ଦୋଳିତ ହୋଇଛନ୍ତି, ଏକ ପରାକ୍ରମଶାଳୀ ଗୋଷ୍ଠି ସେତିକି ରାଗ ଜର୍ଜରିତ ହୋଇଛନ୍ତି । ସାଧାରଣଭାବେ କହିଲେ ଏହା ବୁଝିବାକୁ ହେବ ଯେ ତଥାକଥିତ ଗରିବ ବିରୋଧୀ ବିକାଶ ନୀତି ଯେହେତୁ ଆଉ ଗ୍ରହଣଯୋଗ୍ୟ ହେଉନାହିଁ, ସାଧାରଣଲୋକେ ଆନ୍ଦୋଳନରେ ଝାସ ଦେଇଛନ୍ତି । ରାଷ୍ଟ୍ର ଏ ସାମାଜିକ ଆନ୍ଦୋଳନଗୁଡ଼ିକୁ ସମ୍ଭବତଃ ସ୍ୱୀକାର କରୁନାହିଁ ବା ମାନ୍ୟତା ଦେଉନାହିଁ । ଅନ୍ୟପକ୍ଷରେ ଏହି ଅହିଂସ ଆନ୍ଦୋଳନକୁ ଦମନ କରିବାକୁଯାଇ ପୋଲିସ୍ ବା ସୈନ୍ୟବାହିନୀକୁ ବ୍ୟବହାର କରିବାକୁ ପଛାଉନାହିଁ । ଦମନଲୀଳା ଖାଲି ଆନ୍ଦୋଳନକାରୀଙ୍କୁ ଲାଠିମାଡ଼ ଦେବା ବା ଜେଲ୍ ପଠାଇବାରେ ସୀମୀତ ହୋଇ ରହିନାହିଁ । ଏହା ମଧ୍ୟ ବିଭିନ୍ନ ସ୍ଥାନରେ ଗୁଳିକାଣ୍ଡ ଭଳି ମର୍ମନ୍ତୁଦ ଘଟଣା ସୃଷ୍ଟି କରିଛି ଓ ଆନ୍ଦୋଳନକାରୀମାନେ ମୃତାହତ ହୋଇଛନ୍ତି । ଏଇଭଳି ଗୁଳିକାଣ୍ଡ ବା ପୋଲିସ୍ ଅତ୍ୟାଚାର, ମିଥ୍ୟା କେଶ୍ ଏ ଦେଶର ବିଭିନ୍ନ ସ୍ଥାନରେ ଘଟିଛି, ବର୍ତ୍ତମାନ ଘଟୁଛି ଓ ଭବିଷ୍ୟତରେ ଘଟିବ ବୋଲି ସ୍ପଷ୍ଟ ଦେଖାଯାଉଛି । ସାମାଜିକ ଆନ୍ଦୋଳନକୁ ବ୍ୟର୍ଥ କରିବାକୁ ରାଷ୍ଟ୍ର, ବହୁରାଷ୍ଟ୍ରୀୟ କର୍ପୋରେସନ, ପୁଞ୍ଜିପତି, ଶାସକଗୋଷ୍ଠୀ, ବିଭିନ୍ନ ସ୍ୱାର୍ଥନ୍ୱେଷୀମାନେ ସ୍ୱାଭାବିକ ଢ଼ଙ୍ଗରେ ରଣନୀତି ନିର୍ଣ୍ଣୟ କରୁଛନ୍ତି । ସଂଘର୍ଷ ଓ ଦ୍ୱନ୍ଦମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଆଜିକାଲି ମ୍ୟାନେଜ୍‌ମେଣ୍ଟ ଗୁରୁମାନେ ବିଭିନ୍ନ ଗବେଷଣା କରୁଛନ୍ତି । କେତେକ ପେଶାଦାର ବ୍ୟକ୍ତି ମଧ୍ୟ ସଂଘର୍ଷମାନଙ୍କୁ ପରିଚାଳନା କରିବାକୁ ପୁଞ୍ଜି ଖଟାଉଛନ୍ତି ଓ ଅର୍ଥ ଉପାର୍ଜନ କରୁଛନ୍ତି । ଅଥଚ ସଂଘର୍ଷରେ ମଣିଷମାନେ ମରିହଜି ଗଲେ କେହି ଚିନ୍ତିତ ବା ଅନୁତପ୍ତ ନୁହନ୍ତି ।

Digitized by srujanika@gmail.com

ମେଘନାଥଙ୍କ ଚଳଚିତ୍ର 'ବିକାଶ ବନ୍ଧୁକ ମୁନରେ' କେତୋଟି ସଂଘର୍ଷର କାହାଣୀ ଉପରେ ଆଧାରିତ । ରାଷ୍ଟ୍ର ଏ ଦେଶର ପୋଲିସ୍ ବାହିନୀକୁ ଅତି ଜଘନ୍ୟଭାବେ ବ୍ୟବହାର କରିଛି ଜନତାର ବିରୋଧରେ । ପୋଲିସ୍ ବାହିନୀ ବର୍ବରୋଚିତ ବ୍ୟବହାର ପ୍ରଦର୍ଶନ କରିବା ସହ ଅନେକ କ୍ଷେତ୍ରରେ ବଳପ୍ରୟୋଗ କରିବାକୁ ପଛେଇନାହିଁ । କାଶୀପୁର, ଦେଓ୍ୱାସ୍, କୋଏଲ୍-କାରୋରେ ଗୁଳିକାଣ୍ଡ କରାଯାଇଛି ଓ ନୀରିହ ମଣିଷମାନେ ମରିଛନ୍ତି । ନଗରନାର ଓ ଉମେରଗାଁଓରେ ପୋଲିସ୍ ଅତ୍ୟାଚାର ସୀମାଟପିଛି । ଏସବୁ ସଂଘର୍ଷର କାହାଣୀଗୁଡ଼ିକୁ ସବିଶେଷ ଆଲୋଚନା କରିବା ଓ ଆଲୋଚିତ ହେବାକୁ ଏ ଲେଖକ ପାଠକମାନଙ୍କୁ ଅନୁରୋଧ କରିବ । ପ୍ରଥମେ କାଶୀପୁର କଥା ବିଚାରକୁ ନିଆଯାଉ । ବହୁରାଷ୍ଟ୍ରୀୟ କମ୍ପାନୀମାନେ କାଶୀପୁରରେ ପାହାଡ଼ ଭିତରେ ଗଚ୍ଛିତ ଥିବା ବକ୍ସାଇଟ୍‌କୁ ଖନନ କରି ତାକୁ ପ୍ରକ୍ରିୟାକରଣ ବା ବିଶୋଧନ ଦ୍ୱାରା ଆଲୁମିନା ପ୍ରସ୍ତୁତ କରିବେ । ବାହାରର ଅଞ୍ଚଳକୁ ଏ ଆଲୁମିନା ଯିବ ଆଲୁମିନିୟମ ତିଆରି ପାଇଁ । /କାଶୀପୁରରେ ବ୍ୟାପକ ବିସ୍ଥାପନ ହେବ ଆଦିବାସୀଙ୍କର । ପ୍ରଦୂଷିତ ହେବ ସେଠାକାର ପରିବେଶ । ଭୂଜଳ ବିଷାକ୍ତ ହେବ । ଆଉ ବିଷାକ୍ତ ହେବ କାଶୀପୁର ଅଞ୍ଚଳର ପାଣି, ପବନ, ମୃତ୍ତିକା ଓ ଜୀବନଜୀବିକା ସହ ଜଡ଼ିତ ସମ୍ବଳ । ଏଥିପାଇଁ କାଶୀପୁରରେ ଆଦିବାସୀ ଓ ଗରିବମାନେ "ପ୍ରାକୃତିକ ସମ୍ପଦ ସୁରକ୍ଷା ସମିତି" ନାମରେ ଏକ ଜନ ସଂଗଠନ ଗଢ଼ି ଆନ୍ଦୋଳନ କରି ଆସୁଥିଲେ ୧୯୯୫ ମସିହାରୁ । କାଶୀପୁରର ସ୍ୱାର୍ଥାନ୍ୱେଷୀ ସାହୁକାର ଗୋଷ୍ଠି ଖଣିଖାଦାନ ଓ ଶିଳ୍ପାୟନର ସପକ୍ଷରେ ଥିଲେ । ଏଥିପାଇଁ ସଂଘର୍ଷ ଲାଗିରହୁଥିଲା । ସରକାର ଓ ପୋଲିସ୍ ମଧ୍ୟ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ପ୍ରୋତ୍ସାହନ ଦେଉଥିଲେ ହିଂସାର ମଞ୍ଜି ପୋତିବା ପାଇଁ । ସବୁ ରାଜନୈତିକ ଦଳ ଏକାଠି ହୋଇ କମ୍ପାନୀମାନଙ୍କ ସପକ୍ଷରେ ଗଢ଼ିଥିଲେ ସର୍ବଦଳୀୟ କମିଟି । ଏହି ସଂଘର୍ଷ ୨୦୦୦ ମସିହା ଡ଼ିସେମ୍ବର ୧୬ ତାରିଖରେ ଏପରି ରୂପ ନେଇଥିଲା ଯେ ପୋଲିସ୍ ଗୁଳିକାଣ୍ଡରେ ତିନିଜଣ ଆଦିବାସୀ ଓ ସଂଗ୍ରାମରତ ମଣିଷକୁ ଅମାନୁଷିକଭାବେ ଗୁଳିକରି ମାରିବା ସାମାଜିକ ଆନ୍ଦୋଳନମାନଙ୍କ ପ୍ରତି କ୍ଷମତାସୀନ ବ୍ୟକ୍ତିମାନଙ୍କ ଆଭିମୁଖ୍ୟର ଏକ ଉଦାହରଣ ନୁହେଁତ ଆଉ କ'ଣ ?

ଛତିଶଗଡ଼ର ବସ୍ତର ଜିଲ୍ଲାର ନଗରନାର୍‌ଠାରେ ଜିନ୍ଦଲ କମ୍ପାନୀ ଏକ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ଉଦ୍ୟମରତ । ଏଠାରେ ସରକାର ଆଦିବାସୀମାନଙ୍କୁ ବିସ୍ଥାପିତ କରି କମ୍ପାନୀକୁ ଜମି ଦେବାପାଇଁ ବଳ ପ୍ରୟୋଗ କରିଛି । ନଗରନାର୍ ଏକ ଅନୁସୂଚିତ ଅଞ୍ଚଳ ହୋଇଥିବାରୁ ଗ୍ରାମସଭାରେ ଏ ଶିଳ୍ପ ପ୍ରତିଷ୍ଠା ବିରୋଧରେ ପ୍ରସ୍ତାବମାନ ଗୃହୀତ ହୋଇଥିଲା । ଗ୍ରାମସଭାର ନିଷ୍ପତ୍ତିକୁ ସମସ୍ତେ ମାନ୍ୟତା ଦେବା କଥା କିନ୍ତୁ କେହି ଏକଥା ଗୁଣିନଥିଲେ । ଏଥିପାଇଁ ଜନଆନ୍ଦୋଳନ ସେଠାରେ ମୁଣ୍ଡ ଟେକିଥିଲା ଓ ୨୦୦୧ ମସିହା ଅକ୍ଟୋବର

Digitized by srujanika@gmail.com

ମାସରେ ଏ ଆନ୍ଦୋଳନକୁ ଦବାଇଦେବା ପାଇଁ ପୋଲିସ୍ ଗୁଳିଚାଳନା କରିଥିଲା । ଯଦିଓ କେହି ମରିନଥିଲେ ଏଥିରେ, ବହୁ ବ୍ୟକ୍ତି ଆହତ ହୋଇଥିଲେ । ଅହିଂସ ଆନ୍ଦୋଳନ କରୁଥିବା ନିରୀହ ଆଦିବାସୀମାନଙ୍କ ଉପରେ ଏପରି ଅମାନୁଷିକ ଆକ୍ରମଣକୁ ସର୍ବତ୍ର ନିନ୍ଦା କରାଯାଇଥିଲା । ଆଦିବାସୀମାନଙ୍କୁ ବିସ୍ଥାପିତ କରି ଜମି ଅଧିଗ୍ରହଣ କରିବାରେ ସରକାର ସକ୍ଷମ ହେଲେ ସତ, ଏହା ଛତିଶଗଡ଼ ସରକାରଙ୍କୁ ନିନ୍ଦିତ କରିଥିଲା । ବନ୍ଧୁକ ମୁନରେ ବିକାଶ ଆଣିବାକୁ ତତ୍ପର ହେଉଥିବା ଗୋଷ୍ଠିଙ୍କୁ ଚିହ୍ନିବା ଏବେ ଦୁଃସାଧଜନକ ନଥିଲା ।

ମଧ୍ୟପ୍ରଦେଶର ଦେୱାସ୍ ଜିଲ୍ଲାରେ ଭିଲ୍ ଆଦିବାସୀମାନେ ଜଙ୍ଗଲ ଉପରେ ଜୀବନ ଜୀବିକା ପାଇଁ ସମ୍ପୂର୍ଣ୍ଣ ନିର୍ଭରଶୀଳ । କିନ୍ତୁ ମଧ୍ୟପ୍ରଦେଶ ସରକାରଙ୍କ ଜଙ୍ଗଲ ବିଭାଗର ବହୁଦିନରୁ ଉଦ୍ୟମ ରହିଆସିଥିଲା ଯେ ଆଦିବାସୀ ଓ ବନବାସୀମାନଙ୍କୁ ଜଙ୍ଗଲ ଭିତରୁ ଉଚ୍ଛେଦ କରି ସମ୍ପୂର୍ଣ୍ଣ ଅଧିକାର ସାବ୍ୟସ୍ତ କରିବା । ଏଥିପାଇଁ ଏକ ଜନଆନ୍ଦୋଳନ ଲାଗିରହିଥିଲା । ଆଦିବାସୀମାନେ ଜଙ୍ଗଲ ଉପରେ ଅଧିକାର ଦାବିକରି ଆସୁଥିଲେ ଓ ଲଘୁଜଙ୍ଗଲଜାତ ଦ୍ରବ୍ୟ, କାଠ ଓ ବାଉଁଶ ଆଦି ସଂଗ୍ରହ କରିବାକୁ ଅବାଧ ପ୍ରବେଶ ଚାହୁଁଥିଲେ । ଏଥିପାଇଁ ସଂଘର୍ଷ ଜାରି ରହିଥିଲା । ମେହେନ୍ଦିଖେଡ଼ା (Mehendikheda) ବିନ୍ଧ୍ୟ ପର୍ବତମାଳା ଭିତରେ ଏକ ଛୋଟିଆ ଆଦିବାସୀ ପଲ୍ଲୀ । ୨୦୦୧ ମସିହା ମାର୍ଚ୍ଚରୁ ଅପ୍ରେଲ୍ ମାସ ଭିତରେ ପୋଲିସ୍ ବାହିନୀ ୧୬ଟି ଆଦିବାସୀ ବସ୍ତି ଉପରେ ଘନଘନ ଆକ୍ରମଣ କରିଥିଲା ଓ ମେହେନ୍ଦିଖେଡ଼ା ଗ୍ରାମରେ ଗୁଳିଚାଳନା କରି ୪ଜଣ ଆଦିବାସୀଙ୍କୁ ହତ୍ୟା କରିଥିଲେ । ରାଜ୍ୟସରକାରଙ୍କ ସର୍ବୋଚ୍ଚ ନେତୃତ୍ୱ ଏ ଗୁଳିଚାଳନା କରିବାକୁ ଆଦେଶ ଦେଇଥିଲା ଓ ଅଭିଯୋଗ ହୋଇଥିଲା ଯେ ଖୋଦ୍ ମୁଖ୍ୟମନ୍ତ୍ରୀ ଏଥିରେ ସମ୍ପୃକ୍ତ ଥିଲେ । ରାଜ୍ୟସରକାରଙ୍କ ସନ୍ଦେହ ହୋଇଥିଲା ଯେ ଆଦିବାସୀମାନେ ମେଳି ହୋଇଛନ୍ତି ଓ ବିଭିନ୍ନ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖି ଏକ ନକ୍ସାଲ ଆନ୍ଦୋଳନ ଆରମ୍ଭ କରିବାକୁ ଯୋଜନା କରିଛନ୍ତି । ଏହାଛଡ଼ା ବହୁପରିମାଣରେ ଜଙ୍ଗଲ ଧ୍ୱଂସ କରି କାଠର ଚୋରା ବେପାରରେ ଲିପ୍ତ ଅଛନ୍ତି । ସରକାର ସେ ଅଞ୍ଚଳରେ ମୁଣ୍ଡ ଟେକିଥିବା ଆଦିବାସୀ ମୋର୍ଚ୍ଚା ସଂଗଠନ କିପରି ଆଇନକାନୁନ୍‌କୁ ଧ୍ୱଂସ କରିଛି ଓ ଭୟର ଏକ ବାତାବରଣ ସୃଷ୍ଟି କରିଛି, ତାହାକୁ ବାହାନା କରି ନିରୀହ ଆଦିବାସୀମାନଙ୍କ ଉପରେ ବଳ ପ୍ରୟୋଗ କରିଛନ୍ତି ବୋଲି ସମସ୍ତେ ଅନୁଭବ କରିଛନ୍ତି । ବିଶ୍ୱବ୍ୟାଙ୍କ୍ ଦ୍ୱାରା ପ୍ରଭାବିତ ହୋଇ ମଧ୍ୟପ୍ରଦେଶ ସରକାର ତାଙ୍କର ଜଙ୍ଗଲ ନୀତି ବଦଳେଇଛନ୍ତି ଓ ଜଙ୍ଗଲର ବ୍ୟବସାୟିକ ପରିଚାଳନାର ନିଷ୍ପତି ନେଇଛନ୍ତି । ଏଥିରେ ଜଙ୍ଗଲରେ ବସବାସ କରୁଥିବା ଆଦିବାସୀ ଓ ବନବାସୀମାନେ ଖୁବ୍ କ୍ଷତିଗ୍ରସ୍ତ ହୋଇଛନ୍ତି । ଯୌଥ ଜଙ୍ଗଲ ପରିଚାଳନା ବା ବନ ସୁରକ୍ଷା ସମିତିମାନ ଯେଉଁଭଳି ଗଢ଼ାଯାଇଛି, ତାହା ସ୍ଥାନୀୟ ଆଦିବାସୀମାନଙ୍କୁ ଖୁବ୍ କ୍ଷତି କରିଛି । କାରଣ ଏଥିରେ ଫରେଷ୍ଟ ଗାର୍ଡ଼ ହେଉଛି ସର୍ବେସର୍ବା । ଆଦିବାସୀମାନଙ୍କର ଏକତା ଓ ସଂହତି ଭାଙ୍ଗିବାରେ ବନ ସୁରକ୍ଷା

Digitized by srujanika@gmail.com

ସମିତିଗୁଡ଼ିକୁ ବ୍ୟବହାର କରାଯାଇଛି । ଜଙ୍ଗଲ କାହାର - ଆଦିବାସୀଙ୍କର ନା ସରକାରଙ୍କର ? ଏହାହିଁ ସଂଘର୍ଷର ମୂଳ କାରଣ ଓ ମେହେନ୍ଦିଖେଡ଼ା ଗାଁ'ର ଗୁଳିକାଣ୍ଡ ଏହାର ଏକ ପରିଣାମ । ଆଜି ଦେଓ୍ୱାସ୍‌ର ଜନଆନ୍ଦୋଳନ ଆଦିବାସୀଙ୍କ ଏକ ଐତିହାସିକ ଲଢ଼ାଇ ବୋଲି ଗଣାଯାଉଛି ।

ଝାଡ଼ଖଣ୍ଡର କୋଏଲ୍-କାରୋ ଜନଆନ୍ଦୋଳନ ଏକ ଐତିହାସିକ ଆନ୍ଦୋଳନ ହିସାବରେ ପ୍ରତିଷ୍ଠାଲାଭ କରିଛି । ଗତ ୩୦ବର୍ଷର ସଂଘର୍ଷ ଆଜି ଏକ ଲୋକକଥାରେ ପରିଣତ ହୋଇଛି । ୨୦୦୧ ମସିହା ଫେବୃୟାରୀ ୨ ତାରିଖ ଦିନ ପ୍ରାୟ ୫୦୦୦ ହଜାର ଆଦିବାସୀ ର୍ୟାଲି କରୁଥିଲେ ରାଞ୍ଚି ଜିଲ୍ଲାର ଟପକରା ଥାନା ଫାଣ୍ଡି ପାଖରେ । ସେମାନଙ୍କର ଆନ୍ଦୋଳନ କୋଏଲ୍-କାରୋ ନଦୀବନ୍ଧ ଯୋଜନା ଓ ଜଳବିଦ୍ୟୁତ୍ ପରିଯୋଜନା ବିରୁଦ୍ଧରେ । ସେମାନଙ୍କର ବିରୋଧାଭାସ ଥିଲା ବିସ୍ଥାପନ ବିରୋଧରେ । ପ୍ରକଳ୍ପରେ ବସିଆ (ଗୁମ୍‌ଲା ଜିଲ୍ଲା) ଏବଂ ଲୋହା ଜିମି (ରାଞ୍ଚି ଜିଲ୍ଲା) ଠାରେ ଦୁଇଟି ଡ୍ୟାମ ତିଆରି କରାଯିବାର ଯୋଜନା ଅଛି ଓ ରାଞ୍ଚି, ଗୁମ୍‌ଲା ଓ ପୂର୍ବସିଂହଭୂମ ଜିଲ୍ଲାର ଏଥିରେ ୧୧୫ଟି ଗାଁର ପ୍ରାୟ ୪୦୦୦ରୁ ଉର୍ଦ୍ଧ୍ୱ ପରିବାର ବାସଚ୍ୟୁତ ହେବେ ବୋଲି ସରକାରୀ ସୂତ୍ରରୁ କୁହାଯିବା ବେଳେ ବେସରକାରୀ ସୂତ୍ରରୁ ୨୫୬ଟି ଗାଁର ପ୍ରାୟ ୨ଲକ୍ଷ ଲୋକ ବାସଚ୍ୟୁତ ହେବେ । ଏହାକୁ ଆଖି ଆଗରେ ରଖି ଗଢ଼ିଉଠଇଥିଲା କୋଏଲ୍-କାରୋ ଜନସଂଗଠନ ଓ ଏହା ଗତ ୩୦ବର୍ଷ ଧରି ଆନ୍ଦୋଳନ ଜାରି ରଖିଛି ଓ ପ୍ରକଳ୍ପ ଆରମ୍ଭ କରିବାକୁ ସୁଯୋଗ ଦେଉନାହିଁ । ଲୋକେ ସଂଘର୍ଷର ସଙ୍କେତ ରୂପେ ବିଭିନ୍ନ ସ୍ଥାନରେ ଗେଟ୍‌ସବୁ ତିଆରି କରି ପ୍ରକଳ୍ପ ଅଧିକାରୀଙ୍କୁ ଡ୍ୟାମ ସ୍ଥାନକୁ ଯିବାକୁ ଦେଉନାହାନ୍ତି । ସଂଗଠନ ଦାବି କରିଛି ସୂଚନା ଓ ଗଣତାନ୍ତ୍ରିକ ଉପାୟରେ ବିଚାର ଆଲୋଚନା । ସ୍ଥାନୀୟ ଲୋକଙ୍କ ନିଷ୍ପତିକୁ ସମ୍ମାନ ଦେବାକୁ ମଧ୍ୟ ଦାବି କରାଯାଇଛି । ୨୦୦୧ ମସିହା ଫେବୃୟାରୀ ୨ ତାରିଖରେ ଏହିସବୁ ଦାବିକୁ ସମର୍ଥନ କରି ଟପକରାଠାରେ ୫୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜନସମାଗମ ହୋଇଥିଲା । ଏହା ପୂର୍ବଦିନ ପୋଲିସ୍ ସହାୟତାରେ ଗେଟ୍‌ଗୁଡ଼ିକୁ ଭଙ୍ଗାଯାଇଥିଲା । ବଳ ପ୍ରୟୋଗ କରିବା ସରକାରଙ୍କ ଉଦ୍ଦେଶ୍ୟ ବୋଲି ସୂଚନା ମିଳିଥିଲା । ଏଇସବୁ ଅଞ୍ଚଳ ଏକଦା କିମ୍ବଦନ୍ତୀ ପୁରୁଷ ବିର୍ସା ମୁଣ୍ଡାଙ୍କ ଇଲାକା ଓ ବିର୍ସା ଉଲ୍‌ଗୁଲନ୍ (Ulgulan) ଦ୍ୱାରା ପ୍ରଭାବିତ । ପୋଲିସ୍ ପ୍ରାୟ ୧୫୦ ରାଉଣ୍ଡ ଗୁଳି ଚଳାଇଥିଲା ଓ ଏଥିରେ ୯ଜଣ ଶହିଦ୍ ହୋଇଥିଲେ ଓ ୨୬ଜଣ ଆହତ ହୋଇଥିଲେ । ଗୁଳିକାଣ୍ଡ ପରେ ଝାଡ଼ଖଣ୍ଡ ସରକାର ଅନେକ କିଛି ସଫେଇ ଦେଇଥିଲେ ଓ ନକ୍‌ସାଲପନ୍ଥୀଙ୍କ ଏ ସଂଘର୍ଷ ପଛରେ ହାତ ଅଛି ବୋଲି ଘୋଷଣା କରିଥିଲେ । ଏ ସଂଘର୍ଷ ସରକାରଙ୍କୁ ପଦାରେ ପକାଇ ଦେଇଥିଲା ଓ ଆଦିବାସୀଙ୍କ ଜଳ, ଜମି, ଜଙ୍ଗଲ ଏବଂ ଜୀବନ ଜୀବିକା ଉପରେ ଅଧିକାରର ଦାବି ଯଥାର୍ଥ ବୋଲି ପ୍ରମାଣିତ ହୋଇଥିଲା ।

Digitized by srujanika@gmail.com

ଗୁଜୁରାଟର ଉମ୍ବେରଗାଉଁ ଠାରେ ସେନାବାହିନୀର ବୀର ସୈନିକ କର୍ଣ୍ଣେଲ ସାଭେ ପୋଲିସ୍ ହାଜତରେ ଅତ୍ୟାଚାରିତ ହୋଇ ମରିଥିଲେ । ସରକାର ଲୋକଙ୍କୁ ବିସ୍ଥାପିତ କରି ୧୨ଶହ କୋଟି ଟଙ୍କା ବ୍ୟୟରେ ବନ୍ଦର ନିର୍ମାଣ କରିବା ନିଷ୍ପତି ଅଗଣତାନ୍ତ୍ରିକ ବୋଲି ସେ ଲଢୁଥିଲେ । ଏ ବନ୍ଦରର ନାମଥିଲା ମରୋଲି । ସ୍ଥାନୀୟ ଲୋକମାନେ ଏ ବନ୍ଦର ନିର୍ମାଣ ବିରୋଧରେ ଏକ ବଳିଷ୍ଠ ଆନ୍ଦୋଳନ ଆରମ୍ଭ କରିଥିଲେ । ଉମ୍ବେରଗାଉଁ ୨୫ହଜାର ମତ୍ସ୍ୟଜୀବିଙ୍କ ଗାଁ । ସମୁଦ୍ରର ମାଛ ଧରି ଜୀବିକା ନିର୍ବାହ କରିବା ଏ ଲୋକଙ୍କ ମୁଖ୍ୟ କାମ ଥିଲା । ଏଥିପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହାର ନେତୃତ୍ୱ ନେଇଥିଲେ ଅବସରପ୍ରାପ୍ତ କର୍ଣ୍ଣେଲ୍ ପ୍ରତାପ ସାଭେ । ୩୩ବର୍ଷ ସେନାବାହିନୀରେ ଦାୟିତ୍ୱ ନେଇ ସେ ବିଭିନ୍ନ ପଦକ ମଧ୍ୟ ପାଇଥିଲେ । ଆନ୍ଦୋଳନର ନେତାଭାବେ ପୋଲିସ୍ ତାଙ୍କୁ ଗିରଫ କରି ହାଜତକୁ ନେଇ ମାଡ଼ ମାରିଥିଲା । ଗୁରୁତର ଆହତ କର୍ଣ୍ଣେଲ୍ ସାଭେଙ୍କ ଚିକିତ୍ସା ପାଇଁ କିଛି ବନ୍ଦୋବସ୍ତ କରାଯାଇନଥିଲା । ଫଳରେ ସେ ହିଁ ହାଜତରେ ମରିଯାଇଥିଲେ । ଲୋକଙ୍କ ଆନ୍ଦୋଳନ ଅବଶ୍ୟ ଜାରି ରହିଥିଲା ଓ କର୍ଣ୍ଣେଲ୍ ସାଭେ ଅମର ହୋଇଯାଇଥିଲେ ଏ ସଂଘର୍ଷରେ ପ୍ରାଣ ଦେଇ ।

"ବିକାଶ ବନ୍ଧୁକ ମୁନରେ" ପ୍ରାମାଣିକ ଚଳଚିତ୍ର ହୋଇପାରେ କିନ୍ତୁ ସଂଘର୍ଷ ଓ ବଳିଦାନର ଏହା ଏକ ଚରମ ଅଭିବ୍ୟକ୍ତି । ଏହାକୁ ଦେଖିଲା ପରେ ଜଣେ ଏତେ ଆନ୍ଦୋଳିତ ଓ ବିଚଳିତ ହେବ ଯେ ଆମ ସମୟର ସାମାଜିକ ଜନଆନ୍ଦୋଳନଗୁଡ଼ିକରେ ଝାସ ଦେବାକୁ ପଛଘୁଞ୍ଚା ଦେବନାହିଁ । ଏ ଚଳଚିତ୍ର ଯଦି ଶ୍ରୀ ମେଘନାଥ ଏବେ ଆଉ ଥରେ ଆରମ୍ଭ କରନ୍ତେ, ତେବେ ଆଉ ଅନେକ ବିଷୟବସ୍ତୁ ଉନ୍ମୋଚିତ ହୋଇପାରନ୍ତା । ଉଦାହରଣ ସ୍ୱରୂପ ଓଡ଼ିଶାର କଳିଙ୍ଗ ନଗର ଜନଆନ୍ଦୋଳନ ଯେଉଁଠି ୧୩ଜଣ ପୋଲିସ୍ ଗୁଳିରେ ଶହିଦ୍ ହୋଇଛନ୍ତି । ଏହାଛଡ଼ା ପଶ୍ଚିମବଙ୍ଗର 'ସିଙ୍ଗୁର' ଓ 'ନନ୍ଦିଗ୍ରାମ'ଠାରେ ଜନଆନ୍ଦୋଳନକୁ ସରକାର ଓ ମାର୍କସ୍‌ବାଦୀ କମ୍ୟୁନିଷ୍ଟ ପାର୍ଟିଙ୍କ ମିଳିତ ଉଦ୍ୟମରେ ଯେପରି ଆକ୍ରମଣ କରାଯାଇଛି, ଆଧୁନିକ ଗଣତନ୍ତ୍ରରେ ତାହା ଅଦ୍ୱିତୀୟ । କଳିଙ୍ଗନଗର ହେଉ ଅଥବା ନନ୍ଦିଗ୍ରାମ ହେଉ ସବୁଠାରେ ଲୋକେ ନିଜର ଭିଟାମାଟି ତଥା ଜୀବନଜୀବିକା ଉପରେ ଅଧିକାର ପାଇଁ ଲଢ଼ାଇ କରୁଛନ୍ତି । ଏବେ ଦେଶର ବିଭିନ୍ନ ସ୍ଥାନ କର୍ପୋରେଟ୍‌ମାନଙ୍କ ହାତକୁ ଟେକିଦିଆଯାଉଛି ସ୍ୱତନ୍ତ୍ର ଆର୍ଥିକ ଜୋନ୍ ବା ସେଜ୍ ନାମରେ । ବିସ୍ଥାପନ ଆଜି ସର୍ବବ୍ୟାପୀ ହୋଇଯାଇଛି । ଏସବୁ କେଉଁଭଳି ବିକାଶ ବୋଲି ପ୍ରଶ୍ନ ଉଠିଛି । ଏସବୁ ବିକାଶର ମୂଲ୍ୟ କ'ଣ ଓ ଏହାର ଲାଭ କାହାକୁ ମିଳିବ ? ଦେଶରେ ପ୍ରସ୍ତାବିତ ଶତକଡ଼ା ଦଶ ଅଭିବୃଦ୍ଧି କାହା ହିତରେ ? ଏ ଦେଶର କୋଟି କୋଟି ଲୋକ ଦାରିଦ୍ର୍ୟ ଓ ଅନାହାରରେ ପୀଡ଼ିତ ଥିବାବେଳେ, ପୃଥିବୀର ରାଜନୀତିରେ 'ସୁପର ପାୱାର' ହେବାର ଅର୍ଥ କ'ଣ ? ଭାରତ ଅଭିବୃଦ୍ଧିରେ ଚୀନ୍ ସହ ପ୍ରତିଯୋଗୀତା

Digitized by srujanika@gmail.com

କରିବାର ଉଦ୍ଦେଶ୍ୟ କ'ଣ ? ଆମେ ସମସ୍ତେ ଆଜି ବିକଳ୍ପର ସନ୍ଧାନରେ ରହିବାକୁ ଚାହିଁବା । "ବିକାଶ ବନ୍ଧୁକ ମୁନରେ" ଆମ ପାଇଁ ଗ୍ରହଣଯୋଗ୍ୟ ନୁହେଁ । ଆମ ଦେଶ ଏକ ପୋଲିସ୍ ରାଜ୍ୟ ହେବନାହିଁ ବୋଲି ସ୍ୱପ୍ନ ଦେଖିବା । ଆମ ଗାଁ ଓ ସହରରେ ରହୁଥିବା ସବୁ ନାଗରିକ ଯେମିତି ସମାନ ଅଧିକାରରେ ଗୌରବାନ୍ୱିତ ହେବେ, ଏହା ଆମ ବିକାଶର ଆଭିମୁଖ୍ୟ ହେବ ବୋଲି ଆମେ ଯୋଜନା କରିବା । ଆମ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧ ଅଦ୍ୱିତୀୟ । ଆମର ସାର୍ବଭୌମତ୍ୱ ଆମର ନିଜସ୍ୱ । ଆମ ଦେଶ କାହା ପାଖରେ ବିକ୍ରୟ ହୋଇ ନଯାଉ ଆମେ ଆଶା କରିବା । ଆମେ ଯଦି ପୃଥିବୀର ରଙ୍ଗମଞ୍ଚରେ ମୁଣ୍ଡଟେକି ଚାଲିବାକୁ ଭାବିବା, ତେବେ ଆମର ବିକାଶ ନୀତି ଆମର ନିର୍ଦ୍ଦିଷ୍ଟ ମୂଲ୍ୟବୋଧ ଉପରେ ଆଧାରିତ ହେବ । ଗାନ୍ଧୀଜୀଙ୍କ ଦୁଇଟି ବହି - "ହିନ୍ଦ୍‌ସ୍ୱରାଜ" ଓ "ଗ୍ରାମସ୍ୱରାଜ" ଆମ ବିକାଶ ଧାରାର ମୁଖ୍ୟସ୍ତମ୍ଭ ହେବ । ସବୁ ଲୋକଙ୍କ ସାମାଜିକ, ଆର୍ଥିକ, ସାଂସ୍କୃତିକ, ରାଜନୈତିକ ଓ ଆଧ୍ୟାତ୍ମିକ ଅଭ୍ୟୁଦୟ ହେବ । ଏଥିରେ "ବନ୍ଧୁକ ଓ ଲାଠି"ର ଭୂମିକା କେଉଁଠି । ମୋର ବନ୍ଧୁ ମେଘନାଥ ଭବିଷ୍ୟତରେ ଯଦି ଏକ ଚଳଚିତ୍ର ନିର୍ମାଣ କରନ୍ତି ତାହାର ନାମ ହେବ "ବିକଳ୍ପ ବିକାଶ ଆମ ସମସ୍ତଙ୍କ ସହଭାଗୀତାରେ" ।

□□□

Digitized by srujanika@gmail.com

ଏବେ ବି ବଞ୍ଚିଛି ସେବେ ବି ବଞ୍ଚିବ

ଶୋଷିତ, ଅତ୍ୟାଚାରିତ ଓ ଅବହେଳିତ ମଣିଷମାନଙ୍କ ଜୀବନକାହାଣୀ ସବୁବେଳେ ବିଶ୍ୱ ସାହିତ୍ୟକୁ ସମୃଦ୍ଧ କରିଛି । ଏସିଆ ହେଉ ବା ଆଫ୍ରିକା ହେଉ, ଇୟୁରୋପ ହେଉ ବା ଆମେରିକା ହେଉ, କବି, ଔପନ୍ୟାସିକ, ପ୍ରାବନ୍ଧିକମାନେ ଏମାନଙ୍କର ସ୍ଥିତି ଓ ଜୀବନଯନ୍ତ୍ରଣା ଦ୍ୱାରା ଆନ୍ଦୋଳିତ ହୋଇଛନ୍ତି । କେତେ ଲେଖକ ମଧ୍ୟ ନିଜେ ଶୋଷଣ ଓ ଅତ୍ୟାଚାରର ଭୁକ୍ତଭୋଗୀ ହୋଇଛନ୍ତି । ଆଉ କେତେ ଲେଖକ ନିଜ ଦେଶରୁ ନିର୍ବାସିତ ହୋଇଛନ୍ତି ନିଜର ମୂଲ୍ୟବୋଧ ନହରାଇବା ପାଇଁ । କେତେକ ଲେଖକ ଓ ବୁଦ୍ଧିଜୀବୀଙ୍କୁ ଜୀବନ ଦେବାକୁ ପଡିଛି । ବିଶ୍ୱ ସାହିତ୍ୟ ଏମାନଙ୍କର ଲେଖନୀ ମୁନରେ ହିଁ ବିକଶିତ ହୋଇଛି । ଏଇମାନଙ୍କ କଳାକୃତି ଓ ସୃଜନିଶକ୍ତିରେ ସାହିତ୍ୟ କଳ୍ପନାବିଳାସର ପରିସୀମା ଅତିକ୍ରମ କରି ସାର୍ବଜନୀନ ହୋଇପାରିଛି । ଏଇ ଲେଖକମାନଙ୍କର ସ୍ୱର ଦବିଯାଇନାହିଁ । ଏମାନଙ୍କର ପ୍ରତିବେଦନ ଓ ବିରୋଧାଭାସ ଯୁଗଯୁଗ ଧରି ହଜାର ହଜାର ମଣିଷଙ୍କୁ ଆକର୍ଷିତ କରିଛି । ଯେତେବେଳେ ଏ ପୃଥିବୀରେ ବିପ୍ଳବ ଓ ବିଦ୍ରୋହ ମୁଣ୍ଡ ଟେକିଛି, ଅଭିନବ ସାହିତ୍ୟ ସୃଷ୍ଟି ହୋଇଛି ସେ ସମୟରେ । ଯେ କୌଣସି ଦେଶ ଓ ଭାଷାକୁ ଅବଲୋକନ କରିଲେ ଏହା ସ୍ପଷ୍ଟ ଜଣାପଡେ । ଇଂରେଜ ସାହିତ୍ୟରେ ଚାର୍ଲସ୍‌ଡିକେନ୍‌ସ ଏବଂ ଉଇଲିଅମ୍ ବ୍ଲେକ୍, ଫରାସୀ ସାହିତ୍ୟରେ ଭିକ୍‌ଟର ହ୍ୟୁଗୋ ଏବଂ ମୋପାସାଁ, ରୁଷୀୟ ସାହିତ୍ୟରେ ଡଷ୍ଟୋଭସ୍କି, ଟଲଷ୍ଟୟ, ଗର୍କି, ଓଷ୍ଟ୍ରୋଭସ୍କି, ମାୟାକୋଭସ୍କି, ଆଫ୍ରିକାରେ ସୋୟିଙ୍କା, ନୁଗି, କେଟ୍‌ସାରୋବିବା, ଆମେରିକାରେ ଷ୍ଟେଇନ୍‌ବେକ୍, ଟୋନି ମରିସନ୍, ଦକ୍ଷିଣ ଆମେରିକାରେ ନେରୁଦା, ଦକ୍ଷିଣ ଆଫ୍ରିକାରେ କୋଏଜି ଏବଂ ନାଦିମ୍ ଗୋଡିମର ଆଦି ଅନେକ ଲେଖକଙ୍କ ଭାଷା ଓ ବିଷୟବସ୍ତୁରେ ଗରିବ ଲୋକମାନେ ଭରି ରହିଛନ୍ତି । ସେସବୁ ପଢିଲେ ଅବାକ୍ ଲାଗେ ଜଣେ ମଣିଷର ଅନ୍ୟଜଣେ ମଣିଷ ପ୍ରତି ସ୍ନେହ ଓ ସମ୍ବେଦନଶୀଳତା । ଆମଦେଶରେ ବିଭିନ୍ନ ଭାଷାରେ ମଧ୍ୟ ଏଇଭଳି ଅନେକ ଲେଖକ ଅଛନ୍ତି । ହିନ୍ଦିରେ ପ୍ରେମଚାନ୍ଦ, ଯଶପାଲ ବଙ୍ଗଳାରେ ବିଭୂତି ବନ୍ଦୋପାଧ୍ୟାୟ ଓ କାଜିନଜ୍‌ରୁଲ୍ ଇସ୍‌ଲାମ, ମହାଶ୍ୱେତା ଦେବୀ, କନ୍ନଡରେ ଶିବରାମ କରନ୍ଥ ଆଦି ଅନେକ ବିଖ୍ୟାତ ଲେଖକଙ୍କ ଅମରକୃତି ପାଠକମାନଙ୍କୁ ଅଭିଭୂତ

Digitized by srujanika@gmail.com

କରିଛି । ଓଡ଼ିଶାରେ ଫକୀରମୋହନ ସେନାପତି, କାଳନ୍ଦୀ ଚରଣ ପାଣିଗ୍ରାହୀ ଏବଂ ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ ସବୁ ଏ ସ୍ତମ୍ଭର ପାଠକମାନେ ପଢ଼ିଥିବେ ବୋଲି ମୋର ବିଶ୍ୱାସ । ଆହୁରି ଅନେକ ଲେଖକଙ୍କର ଲେଖାରେ ସମାଜର ଅବହେଳିତ, ଗରିବବର୍ଗଙ୍କ ପ୍ରତି ସେମାନଙ୍କର ସହାନୁଭୂତି ଯେଉଁଭଳି ମର୍ମସ୍ପର୍ଶୀ ଭାବେ ଲେଖାଯାଇଛି ସେସବୁ ପଢିବା ସବୁବେଳେ ସମ୍ଭବ ହୋଇନାହିଁ ।

ଏ ସ୍ତମ୍ଭର ନିୟମିତ ପାଠକ ଓ ସମାଲୋଚକ ବନ୍ଧୁ ଶ୍ରୀ ପ୍ରଫୁଲ୍ଲ ବେହେରା ଏକଦା ଆଲୋଚନା କରିଥିଲେ ଯେ ଓଡ଼ିଶାର ଲେଖକମାନଙ୍କ ଭିତରେ କିଏ ଯଦି ଗରିବ ଓ ଶୋଷିତମାନଙ୍କ କଥା ଲେଖିଛି, ସେମାନଙ୍କର ତାଲିକାରେ ସର୍ବପ୍ରଥମେ ଗୋଦାବରୀଶ ମହାପାତ୍ର ରହିବେ । ମୁଁ ଦ୍ୱିମତ ହୋଇନାହିଁ । ସେ ତିନିଖଣ୍ଡ ଗୋଦାବରୀଶ ରଚନାବଳୀ ଉପହାର ଦେଇ ତାଙ୍କ ବିଷୟରେ ଲେଖିବାକୁ ଅନୁରୋଧ କରିଥିଲେ । ପିଲାଦିନେ ଛାତ୍ରାବସ୍ଥାରେ ଆମେ 'ଉଠ କଙ୍କାଳ' ଛିଡ଼ୁ ଶୃଙ୍ଖଳ...' କବିତା ପଢ଼ି ନୂତନ ଆବେଗରେ ଆନ୍ଦୋଳିତ ଓ ଉତ୍ତେଜିତ ହୋଇଥିଲୁ । ଆମେ ମଧ୍ୟ ପଢିଥିଲୁ ତାଙ୍କର ଲେଖନୀ ନିଃସୃତ ଗଳ୍ପ ସବୁ । 'ମାଗୁଣିର ଶଗଡ଼', 'ଦିନେ ମୁଁ ମନ୍ତ୍ରୀ ଥିଲି', 'ନୀଳ ମାଷ୍ଟ୍ରାଣୀ' ଆଦି ଅନେକ କିଛି । ସେତେବେଳେ ଯେଉଁ ଗଳ୍ପଟି ମୋତେ ବେଶୀ ପ୍ରଭାବିତ କରିଥିଲା ତାହା ଥିଲା 'ଏବେ ମଧ୍ୟ ବଞ୍ଚିଛି' ଆଜି ପ୍ରାୟ ଚାଳିଶବର୍ଷ ପରେ ଗୋଦାବରୀଶ ରଚନାବଳୀର ପୃଷ୍ଠା ଓଲଟାଇଲା ବେଳେ ଏଇ ଗପଟିକୁ ପଢି ମୁଁ ପ୍ରାୟ କାନ୍ଦି ପକାଇଥିଲି । ମୁଁ ଜାଣିଛି ଯେ 'ନିଆଁ ଖୁଣ୍ଟା' ପତ୍ରିକାର ଅଗ୍ନିକଣିକା ଆଉ ବିଚ୍ଛୁରିତ ହେଉନାହିଁ ଏବେ । କିନ୍ତୁ ବର୍ତ୍ତମାନ ଭ୍ରଷ୍ଟାଚାର ଓ ଦୁର୍ନୀତି, ସାମାଜିକ ବ୍ୟାଧି ଏବଂ ଅନୀତି, ରାଜନୈତିକ ପ୍ରଦୂଷଣ କଳ୍ପନାତୀତ ଭାବେ ସବୁଠାରୁ ନିମ୍ନ ସ୍ତରରେ ପହଞ୍ଚିଛି । ଯେତେବେଳେ ଅନେକ 'ଗୋଦାବରୀଶ ମହାପାତ୍ର'ର ଆବଶ୍ୟକତା ରହିଛି ଓ ଅନେକ 'ନିଆଖୁଣ୍ଟା' ପ୍ରକାଶନର ନିଶ୍ଚିତ ଭୂମିକା ରହିଛି ସେତେବେଳେ ସବୁ କେମିତି କେମିତି ଶୂନ୍ୟତା ଓ ନିଃସଙ୍ଗତାରେ ଭରି ରହିଛି । ଏ ସମାଜ ଏବେ ଅପେକ୍ଷା କରିଛି ଏକ ଅଭିନବ ସମାଲୋଚନା ଓ ସଂରଚନାର ଅଧ୍ୟାୟକୁ । କିନ୍ତୁ କେତେଦିନ, ଆଉ କେତେଦିନ ?

'ଏବେ ମଧ୍ୟ ବଞ୍ଚିଛି'ର ଏକ ସଂକ୍ଷିପ୍ତ ସାରାଂଶ ଉପସ୍ଥାପନା କରି ମୁଁ ଗୋଦାବରୀଶ ମହାପାତ୍ରଙ୍କୁ ପାଠକମାନଙ୍କୁ ମନେ ପକାଇଦେବାକୁ ଇଚ୍ଛା କରୁଛି ।

Digitized by srujanika@gmail.com

........ସମାଜର ନିତାନ୍ତ ନିମ୍ନସ୍ତରର ଲୋକର ଜୀବନରେ ମଧ୍ୟ ଉନ୍ନତ କୁଳାଗ୍ରର ଏବଂ ଜନ୍ମଗତ ସଂସ୍କାରର ସ୍ରୋତ କିପରି ବହୁଛି ଓ ବ୍ୟକ୍ତିର କାର୍ଯ୍ୟକଳାପରେ କିପରି ତାହା ପ୍ରକାଶ ପାଉଛି, ତାହା ସେ (ଶ୍ରୀ ଗୋଦାବରୀଶ ମହାପାତ୍ର) ବହୁ ସ୍ଥାନରେ ଦେଖାଇଛନ୍ତି । 'ଏବେ ମଧ୍ୟ ବଞ୍ଚିଛି' ଗଳ୍ପର ନାୟକ 'ବେଣୁଧର' ପେଟରେ ଚାରିଦିନ ଆହାର ପଡିନାହିଁ, ଘରେ ପାଞ୍ଚ ପ୍ରାଣୀ କୁଟୁମ୍ବ, ଯାଇଛି ସିରେଇ ଗାଁର ଦୁର୍ଭିକ୍ଷ କେନ୍ଦ୍ରକୁ- ଅଦୂରେ ଠିଆ ହୋଇ ସେ କେବଳ ଦେଖୁଛି- କାଙ୍ଗାଳ, ବୁଭୁକ୍ଷୁ, ନିରନ୍ନ ଲୋକ କେନ୍ଦ୍ର ଦୁଆରକୁ ଆସୁଛନ୍ତି, ସାହାଯ୍ୟ ନେଇ ଫେରୁଛନ୍ତି, ସାହାଯ୍ୟ ଚାଉଳ ଅଣ୍ଟିରେ ଧରି କେନ୍ଦ୍ର ଦୁଆରୁ ଫେରୁ ଫେରୁ କେହି ବା ଟଳି ପଡୁଛି, ନିଶ୍ୱାସ ଉଡି ଯାଉଛି- ବେଣୁଧର ଏସବୁ ଦେଖୁଛି- ସେ ଆସିଥିଲା ସାହାଯ୍ୟ ନେବ ବୋଲି, ନେଲେ ପାଞ୍ଚପ୍ରାଣୀ କୁଟୁମ୍ବ ତା'ର ଢୋକ ପାଇବେ- କିନ୍ତୁ କେନ୍ଦ୍ର ଦୁଆରକୁ ତା' ପାଦ ଗଲା ନାହିଁ, ଅଦୂରରେ ଅଟକି ଗଲା- କେମିତି ଯାଇ ସେ ସାହାଯ୍ୟ ମାଗିବ ? କାହାକୁ ମାଗିବ ? କେନ୍ଦ୍ର ଦୁଆରେ କେମିତି ଗୋଡ ଭାଙ୍ଗି ଠିଆ ହେବ ? – ତାର କୁଳାଗ୍ରର, ତାର ଜନ୍ମଗତ ସଂସ୍କାର ତାକୁ ସେଠି ବାଧା ଦେଲା- ଭୋକରେ ପେଟ ଜଳୁଛି, ଅଥଚ ମାଗିବାକୁ ହାତ ଯାଉ ନାହିଁ- ସେଠି ତା'ର ମନେ ପଡିଲା.

ଜୀବନ ଥିଲେ ଭାଇ ପାତିବା ନାହିଁ ହାତ,
ମଣିଷ ପରି ଦିନେ ମଣିଷ ହୋଇବା ତ ।"

(ଗୋଦାବରୀଶ ମହାପାତ୍ର ପରିକ୍ରମା)

ଏକଥାକୁ ପୁଞ୍ଜିକରି ଲେଖକ ଉଲ୍ଲେଖ କରିଛନ୍ତି ଯେ, ଏ ଜାତି ଏବେ ମଧ୍ୟ ବଞ୍ଚିଛି । ଅର୍ଥାତ୍ ଓଡ଼ିଆ ଜାତି ଏବେ ସୁଦ୍ଧା ନିଜର ସ୍ୱାଭିମାନ, ଆତ୍ମଚିନ୍ତନ, ପରିଚୟ ଓ ମୂଲ୍ୟବୋଧ ହରାଇ ନାହିଁ ।

Digitized by srujanika@gmail.com

ଆଜି ଓଡ଼ିଶା ଓ ଓଡ଼ିଆ ଜାତିର ପରିଚୟ କ'ଣ ? ସୌଭାଗ୍ୟବଶତଃ ମୁଁ ଏ ଦେଶ ସାରା ବୁଲୁଛି ଏବଂ ଓଡ଼ିଆ ମାନଙ୍କର ସ୍ଥିତି ଓ ପ୍ରଗତି ଦେଖି ଲଜ୍ଜାରେ ମ୍ରିୟମାଣ ହୋଇଯାଉଛି । ଓଡିଆ ବୀର ପୁରୁଷ ଥିଲା, ଏବଂ ରାଜ୍ୟ ବିଜୟ କରୁଥିଲା । ସାଧବ ଭାବେ ବେପାର ବଣିଜ କରୁଥିଲା । କଳାରେ ଉତ୍କର୍ଷତା ଦେଖାଇଥିଲା, ସାହିତ୍ୟରେ ଜୟଦେବ ସୃଷ୍ଟି କରିଥିଲା, ଜ୍ଞାନବିଜ୍ଞାନରେ ପାରଦର୍ଶିତା ପ୍ରଦର୍ଶନ କରିଥିଲା । ସେଇ ଓଡ଼ିଆ ଯେମିତି କ୍ରୀତଦାସ ହୋଇ ପଡିଛି । କେଉଁଠି ଦାଦନ ଶ୍ରମିକ ହୋଇ ନିର୍ଯ୍ୟାତିତ ହେଉଛିତ ଆଉ କେଉଁଠି ସୂତାକଳରେ ବାନ୍ଧି ହୋଇଛି । କେଉଁଠି ପାଇଖାନା ମିସ୍ତ୍ରୀ ହେଉଛି ତ ଆଉ କେଉଁଠି ରୋଷେଇଆ ହୋଇପଡିଛି । କ୍ରୀତଦାସତ୍ୱର ଆଉ ଏକ ପର୍ଯ୍ୟାୟ ଯେମିତି ଆରମ୍ଭ ହୋଇଛି । ଓଡ଼ିଶା ପ୍ରଦେଶ ଆଜି ବିଶ୍ୱ ବ୍ୟାଙ୍କ, ଡି.ଏଫ୍.ଆଇ.ଡି. ଏବଂ ଏ.ଡି.ବି. ଆଦି ବିଶ୍ୱ ସାହାଯ୍ୟକାରୀ ସଂସ୍ଥାଙ୍କ ପାଖରେ ନିଜକୁ ବିକି ଦେଇଛି । ଗରିବଙ୍କ ବିକାଶ ଓ ପରିବର୍ତ୍ତନ ପାଇଁ ଆସୁଥିବା ଅର୍ଥ ଲୁଟି ନେବାକୁ ସମସ୍ତେ ବ୍ୟଗ୍ର । ଓଡ଼ିଶାର ଅମୂଲ୍ୟ ପ୍ରାକୃତିକ ସମ୍ପଦକୁ ଲୁଟ୍ କରିବା ପାଇଁ ଶାଗୁଣା ପଲ ଭଳି ଅନେକ ବହୁରାଷ୍ଟ୍ରୀୟ କମ୍ପାନୀ ଛକି ବସିଛନ୍ତି । ଜଣେ ମୁଖ୍ୟମନ୍ତ୍ରୀ ବ୍ୟଭିଚାରରେ ଲିପ୍ତ ହୋଇ ଓଡିଆମାନଙ୍କର ବଦ୍‌ନାମ କରିଲା ବେଳେ ଆଉ ଜଣେ ମୁଖ୍ୟମନ୍ତ୍ରୀ ସମ୍ରାଟ ନିରୋ ଭଳି ବୀଣା ବାଦନ କରୁଛନ୍ତି । ଦୁର୍ନୀତିର ଚେର ସବୁଆଡକୁ ବ୍ୟାପିଛି । ଖାଲି ମନ୍ତ୍ରୀ ଓ ଅଫିସରମାନେ ନୁହଁ, ସମାଜର ସବୁଶ୍ରେଣୀ ଓ ବର୍ଗର ମଣିଷମାନେ ଅର୍ଥଲୋଭରେ ଭ୍ରଷ୍ଟାଚାରୀ ହୋଇ ସାରିଛନ୍ତି । ଅନେକ ସମାଜସେବୀ ସଂସ୍ଥା ମଧ୍ୟ ଏଇ ଭ୍ରଷ୍ଟାଚାରରୁ ଉପରକୁ ଉଠି ପାରିନାହାନ୍ତି । ଯେଉଁଆଡେ ଦେଖିବ, ସେଆଡେ ଏଇ ଭ୍ରଷ୍ଟାଚାର, ବ୍ୟଭିଚାର, ପାପାଚାରର ଅଶୁଭ ସଙ୍କେତ । କେବଳ ଖଟିଖିଆ, ଶୋଷିତ ଓ ଅତ୍ୟାଚାରିତ ମଣିଷମାନେ ଯେମିତି ଅବସ୍ଥା ଚକ୍ରରେ ପଡି ଭ୍ରଷ୍ଟାଚାରର ମୋହକୁ ଏଡାଇ ପାରିଛନ୍ତି ।

ଏଇ ସମୟରେ ଗୋଦାବରୀଶ ମହାପାତ୍ରଙ୍କ ଭଳି ଲେଖକ, ବୁଦ୍ଧିଜୀବୀ, ସମାଜ ସଚେତକ ଓ ସାମଗ୍ରିକ ଭାବେ ସମାଲୋଚକମାନଙ୍କର ଘୋର ଆବଶ୍ୟକତା ରହିଛି । ମୁଁ ନିଜେ ଶ୍ରୀ ମହାପାତ୍ରଙ୍କର ଜୀବନ କାହାଣୀ ପଢି ଖୁବ୍ ପ୍ରଭାବିତ ହୋଇଛି । ଲେଖନୀରେ ଶାଣିତର ଧାର ଓ ବିଚାରରେ ସଶକ୍ତ ଯୁକ୍ତି । ଏପରି ଲେଖକ ଓଡ଼ିଶାରେ ଏବେ ନାହାନ୍ତି ଯିଏ ଏକାକୀ ଏ ଭଷ୍ଟାଚାର ଓ ଦୁର୍ନୀତି ବିରୁଦ୍ଧରେ ଲଢି ପାରିବ । କଳ୍ପନା କରନ୍ତୁ ଯେ ଶ୍ରୀ ମହାପାତ୍ର ଏକୁଟିଆ 'ନିଆଁ ଖୁଣ୍ଟା' ପତ୍ରିକାଟିକୁ ଲେଖୁଥିଲେ ଓ ଛପାଉଥିଲେ । ଏପରିକି ବେଳେବେଳେ ନିଜ ସାଇକେଲରେ ବୁଲି ବୁଲି ବିକୁଥିଲେ । ଓଡ଼ିଶାରେ ବିଭିନ୍ନ ଅଞ୍ଚଳକୁ ଯାଇ ଗରିବମାନଙ୍କର ସମସ୍ୟା ଗୁଡିକୁ ଅନ୍ତଃସ୍ଥ କରି ଲେଖନୀ ଚାଳନା କରୁଥିଲେ । ଗୋଦାବରୀଶ ମହାପାତ୍ର ରଚନାବଳୀର ମୁଖବନ୍ଧରେ ତାଙ୍କୁ 'ଦୁର୍ନୀତିର ଧୂମକେତୁ' ବୋଲି ଆଖ୍ୟାୟିତ କରାଯାଇଛି ।

Digitized by srujanika@gmail.com

"....୧୯୩୮ରେ ଅର୍ଥାତ୍ ଊଳିଶବର୍ଷ ବିୟସରେ ସେ ଯେତେବେଳେ ରଣ ହୁଙ୍କାର ଦେଇ, ଜାତିର ସ୍ୱାର୍ଥ ସଂରକ୍ଷଣକାରୀ ଏବଂ ଜାତୀୟତା ବିରୋଧୀ କ୍ରିୟାକଳାପର ବିଧ୍ୱଂସକାରୀ, ବଜ୍ରବାଣତୁଲ୍ୟ 'ନିଆଁଖୁଣ୍ଟା' ପ୍ରକାଶ କଲେ, ସେତେବେଳେ ସମଗ୍ର ଓଡିଆ ଭାଷାଭାଷୀ ଜନସମାଜରେ ପ୍ରବଳ କମ୍ପନ ଅନୁଭୂତ ହୋଇଥିଲା ।"

(ଗୋଦାବରୀଶ ମହାପାତ୍ର, ରଚନାବଳୀ - ପ୍ରଥମ ଖଣ୍ଡ)

ଶ୍ରୀ ଗୋଦାବରୀଶ ମହାପାତ୍ରଙ୍କୁ 'ନିଆଁ ଖୁଣ୍ଟା' ମହାପାତ୍ର କୁହାଯାଇଥିଲା । ଅନୁମାନ କରାଯାଇ ପାରେ ଯେ ତାଙ୍କ ସମୟର ଦୁର୍ନୀତିଖୋର ରାଜନୈତିକ ନେତା, ଅଫିସର, ଠିକାଦାର ଗୋଷ୍ଠୀ ତାଙ୍କ ପ୍ରତି କେତେ ପ୍ରତିଆକ୍ରମଣ କରିନଥିବେ । ଯେଉଁଠି ସମାଲୋଚନାର ମହତ୍ୱ କେହି ବୁଝନ୍ତି ନାହିଁ, ସମସ୍ତ ଅସହିଷ୍ଣୁ ଭାବର ମୁକାବିଲା କରିବାକୁ କେତେ ସାହସ ଲୋଡା ହୋଇଥିବ କଳ୍ପନା କରିହେଉନାହିଁ । ଏକଦା ମୁଁ ସରକାର ଏବଂ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର ମୃଦୁ ସମାଲୋଚନା କରିଥିବାରୁ, ତୀବ୍ର ପ୍ରତିଆକ୍ରମଣର ସମ୍ମୁଖୀନ ହୋଇଥିଲି ଏବଂ ରାସ୍ତାରୁ ହଟାଇବା ପାଇଁ ବିଭିନ୍ନ ସ୍ତରରେ ଷଡଯନ୍ତ୍ର ହୋଇଥିଲା । କିନ୍ତୁ ଶ୍ରୀ ଗୋଦାବରୀଶ ମହାପାତ୍ରଙ୍କୁ The Havoc of Orissa (ଦି ହାଭକ୍ ଅଫ ଓଡ଼ିଶା) ବୋଲି କୁହାଯାଉଥିଲା । ଯଦି କାହାର କୁକର୍ମକୁ ସେ ପ୍ରକାଶ କରୁଥିଲେ, ତାଙ୍କୁ ପ୍ରାଣରେ ମାରିଦେବାକୁ ନିଶ୍ଚିତ ଅନେକ ଧମକ ଆସୁଥିଲା । ସେ କିନ୍ତୁ ନିରବଚ୍ଛିନ୍ନ ଭାବେ ସମାଲୋଚନା କରିଚାଲିଥିଲେ । ଆଜିର ପରିସ୍ଥିତିରେ ସେ ବଞ୍ଚିବା ସମ୍ଭବ ହୋଇଥାନ୍ତା କି ନାହିଁ ଓ 'ନିଆଁ ଖୁଣ୍ଟା' ପ୍ରକାଶନ ଉପରେ କଟକଣା ଜାରି କରାଯାଇଥାଆନ୍ତା କି ନାହିଁ, ରାଜ୍ୟର ପୋଲିସ ବାହିନୀ ତାଙ୍କୁ ଗିରଫ କରିବାକୁ ତତ୍ପର ହୋଇଥାଆନ୍ତେ କି ନାହିଁ, ଗୁପ୍ତରେ ବିଭାଗ ତାଙ୍କ ଉପରେ ନଜର ରଖି ଥାଆନ୍ତା କି ନାହିଁ, ତାହା ପାଠକମାନେ କଳ୍ପନା କରି ପାରୁଥିବେ । କିନ୍ତୁ ସେ ଆଜିର କବି ଓ ଲେଖକ ଠାରୁ ଭିନ୍ନ ହୋଇଥାଆନ୍ତେ । ସେ ସରକାର ବା ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ଅନୁଗ୍ରହ ଭିକ୍ଷା କରିନଥାନ୍ତେ । କାଶୀପୁର ବା କଳିଙ୍ଗନଗର ନ ଆସି କବିତା ଲେଖିଥାଆନ୍ତେ । ସେ କେବେହେଲେ ପଳାତକ ସାଜିନଥାନ୍ତେ । ସାହିତ୍ୟରେ ଅନେକ ପୁରସ୍କାର ଦିଆଯାଉଛି ଓଡ଼ିଶାରେ, ଭାରତରେ ଓ ସାରା ପୃଥିବୀରେ । ମୋତେ ଜଣେ ଯଦି କେହି ପଚାରନ୍ତା କାହାକୁ ସର୍ବୋଚ୍ଚ ପୁରସ୍କାର ଦିଆଯାଉ ବୋଲି, ମୁଁ ଶ୍ରୀ ଗୋଦାବରୀଶ ମହାପାତ୍ରଙ୍କୁ ମରଣୋତ୍ତର ପୁରସ୍କାର ଦେବାକୁ ବଳିଷ୍ଠ ଯୁକ୍ତି ବାଢ଼ନ୍ତି । ଗୋଟାଏ ଜାତି କାଙ୍ଗାଳ ନହେଉ ଓ ନିଜର ମାନ ଇଜ୍ଜତ ବଂଚାଇ ରହୁ ଓ କଙ୍କାଳ ହେଲେ ବି ଶୃଙ୍ଖଳ ଛିନ୍ନ କରିବାର ଶକ୍ତିର ଅଧିକାରୀ ହେଉ- ଏହା ତାଙ୍କର ଲେଖା ଗୁଡିକର ମୂଳତତ୍ତ୍ୱ ଥିଲା । ମୁଁ ଆଶା କରୁଛି ଯେ, ଏ ଜାତି ବନ୍ଧନ ଓ ଦାସତ୍ୱର ଶିଙ୍କୁଳି ଛିଡାଇ ଦେଇ ଭବିଷ୍ୟତ ପାଇଁ ବଞ୍ଚି ରହିବ ।

□□□

Digitized by srujanika@gmail.com

ଲେଖକ: ଅଚ୍ୟୁତ ଦାସ
ଅଗ୍ରଗାମୀ, କାଶୀପୁର,
ରାୟଗଡ଼ା, ଓଡ଼ିଶା

ଜଗତୀକରଣର ଘୂର୍ଣ୍ଣିବଳୟ ଭିତରେ ଏକ ଅବିଚଳିତ ଚରିତ୍ର । ଏକ ବହୁଚର୍ଚ୍ଚିତ ନାମ । ସ୍ୱାଧୀନୋତ୍ତର ନୂଆ ପିଢି ସମାଜ ସେବାର ମାଇଲଖୁଣ୍ଟ ପୋତିଥିବା ଜଣେ ବେସାଲିସ ଆକ୍ଟିଭିଷ୍ଟ । ରେଭେନ୍ସାରୁ ଗଣିତ ଶାସ୍ତ୍ରରେ ସ୍ନାତକୋତ୍ତର ଶିକ୍ଷା । ସେ ଅକ୍ସଫାମ ଇଣ୍ଡିଆ ଟ୍ରଷ୍ଟରେ ପ୍ରୋଗ୍ରାମ ଅଫିସର ଭାବେ ଯୋଗଦେବା ସହିତ ରାଜ୍ୟ ଓ ରାଜ୍ୟ ବାହାରର ଅନେକ ସମାଜସେବା ଅନୁଷ୍ଠାନ ସହିତ ଓତପ୍ରୋତ ଜଡିତ । ତାଙ୍କର ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ରାଜ୍ୟ ସରକାର ଓ ଭାରତ ସରକାର ତାଙ୍କୁ ଅନେକ ବିକାଶମୂଳକ ଅନୁଷ୍ଠାନରେ ସାମିଲ କରି ତାଙ୍କର ପରାମର୍ଶକୁ ଗ୍ରହଣ କରିଛନ୍ତି ।

ଭିନ୍ନ ଭିନ୍ନ ଅନୁଷ୍ଠାନରେ ସଂପୃକ୍ତି

SWRC ତିଲୋନିଆ ରାଜସ୍ଥାନ (୧୯୭୯-୮୬)
ଅଗ୍ରଗାମୀର ପ୍ରତିଷ୍ଠାତା ସଭ୍ୟ
ରାଜ୍ୟ ଯୋଜନା ବୋର୍ଡର ପୂର୍ବତନ ସଭ୍ୟ
ଯୋଜନା ଆୟୋଗ ଓ ଏନ୍‌ଜିଓମାନଙ୍କର ସମନ୍ୱୟ କମିଟିର ପୂର୍ବତନ ସଦସ୍ୟ
କାପାର୍ଟ ପୂର୍ବାଞ୍ଚଳର ପୂର୍ବତନ ସଦସ୍ୟ

ବିଦେଶରେ ଶିକ୍ଷା

- ନେଦରଲ୍ୟାଣ୍ଡ ସ୍ଥିତ 'ଦି ହେଗ୍' ସ୍ଥିତ ବିଶ୍ୱବିଦ୍ୟାଳୟରୁ ମାନବିକ ଅଧିକାର, ଆଇନ୍ ଏବଂ ସାମାଜିକ ନ୍ୟାୟ ଉପରେ ବିଦେଶ ପାଠ୍ୟକ୍ରମ।
- ନେଦରଲ୍ୟାଣ୍ଡ Enschede ବିଶ୍ୱବିଦ୍ୟାଳୟରୁ ଗ୍ରାମୀଣ ଶକ୍ତି, ଯୋଜନା ଓ ପରିବେଶ ବିକାଶ ଉପରେ ବିଦେଶ ପାଠ୍ୟକ୍ରମ ।
- ଗ୍ରେଟ୍ ବ୍ରିଟେନ ବର୍ମିଙ୍ଗହାମ୍ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ ଗ୍ରାମୀଣ ବିକାଶ ପାଠ୍ୟକ୍ରମ ।

ଲେଖକଙ୍କର ଅନ୍ୟାନ୍ୟ ରଚନା

- ଜଗତୀକରଣ ଓ ସଂଗ୍ରାମରତ ମଣିଷ
- କାଶୀପୁର ଏକ ସଂଘର୍ଷର କାହାଣୀ
- Chronicle of a Struggle

Digitized by srujanika@gmail.com

"ମାଟିକାଦୁଅର ମଣିଷ" ଲେଖାଗୁଡିକର ବୈଶିଷ୍ଟ୍ୟ- ଜଣେ ସମାଜସଚେତନ, ସମାଜକର୍ମୀ ତଥା ବୁଦ୍ଧିଜୀବୀଙ୍କର ଲେଖନୀ ଚାଳନା । ଓଡ଼ିଶାର ଜନସଂଖ୍ୟାରୁ ଅର୍ଦ୍ଧେକରୁ ଅଧିକ ମଣିଷ ବଣଜଙ୍ଗଲରେ ବସବାସ କରୁଛନ୍ତି । ସେମାନେ ଶ୍ରମଜୀବୀ, ପେଟ, ପାଟି, ପିଠିର ଦାଉ ସେମାନେ ଯୁଗଯୁଗଧରି ସହି ଆସୁଛନ୍ତି । ପାଟି ଫିଟାଉ ନାହାଁନ୍ତି- ଏକ ଅଜଣା ଭୟରେ- ତାଙ୍କ କଥା ମଧ୍ୟ ବିଶେଷ ଭାବରେ ଲେଖାଯାଉନାହିଁ । ସେମାନେ ଶୋଷିତ ଓ ଅତ୍ୟାଚରିତ ହୋଇ ରହିଛନ୍ତି । ସେମାନଙ୍କର ଦାରିଦ୍ର୍ୟ, ଅନାହାର କଥା ଆମେ ଖବରକାଗଜ ମାଧ୍ୟମରେ ଶୁଣିବାକୁ ହିଁ ପାଇଥାଉ !

ଶ୍ରୀ ଅଚ୍ୟୁତ ଦାସ ଜନୈକ ଅନୁଭୂତିସଂପନ୍ନ ଚିନ୍ତାଶୀଳ ବ୍ୟକ୍ତି । ଦୀର୍ଘ ୨୫ବର୍ଷଧରି ସେ ଓଡ଼ିଶାର ଅନୁନ୍ନତ ଆଦିବାସୀ ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି । ରାଜ୍ୟ, ଦେଶ, ବିଦେଶର ସାଂପ୍ରତିକ ସମସ୍ୟା, ପରିବର୍ତ୍ତନ ତଥା ସାଧାରଣ ମଣିଷଙ୍କ ଅସନ୍ତୋଷକୁ ଅନୁଭବ କରିଛନ୍ତି । ସେହି ଅସନ୍ତୋଷ, ବିରାଗ ତଥା ସଂପ୍ରୀତିରୁ ଜନ୍ମ ନେଇଛି ଏହି ଲେଖାଗୁଡିକ । ଲେଖକଙ୍କ ଭାଷାରେ ମଣିଷର ଚରମ ଆବଶ୍ୟକତା ହେଉଛି ମୁକ୍ତି ଓ ସ୍ୱାଧୀନତା । ଗରିବ ମଣିଷଙ୍କ ପେଟର ଭୋକ ମୁହଁରେ ଯନ୍ତ୍ରଣା ସ୍ପଷ୍ଟ ଛାପର ଚିତ୍ର ଅନୁଭବ କରିହେଉଛି । ସେହି ମାଟିର ମଣିଷଙ୍କ କଥା ହେଉଛି ଏ ବହିଟି । ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଅନୁରୂପ ଚିନ୍ତା,ଚିନ୍ତନ, ବିଶ୍ଳେଷଣ, ସମାଧାନ ମୂଳକ ବହିର ପ୍ରକାଶ ଅଗାମୀ ସମୟ ପାଇଁ ଜନଜାଗରଣର ଏକ ଆହ୍ୱାନ ହୋଇ ରହିବ ।

Digitized by srujanika@gmail.com